

ସ୍ମୃତିରେ ସ୍ମୃତିରେ ଯତୀନ୍ଦ୍ର ମୋହନ

History of Oriya Literature



Jatindra Mohan Mohanty

ସ୍ମୃତିରେ ସ୍ମୃତିରେ

ଯତୀନ୍ଦ୍ର ମୋହନ

ସ୍ମୃତିରେ ସ୍ମୃତିରେ
ଯତୀନ୍ଦ୍ର ମୋହନ

ସ୍ମରଣିକା

ବିଦ୍ୟା
ଭୁବନେଶ୍ୱର

ଦିବଂଗତ ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ୦୩-୦୯-୨୦୧୩ ଉପଲକ୍ଷେ
ଇଉନିଟ୍-୩, ଭୁବନେଶ୍ୱର, ରାମମନ୍ଦିର ପ୍ରାଙ୍ଗଣରେ ଉତ୍ସର୍ଗୀକୃତ

ଉପଦେଷ୍ଟା	**ସଂପାଦନା**
ଦେବୀ ପ୍ରସନ୍ନ ପଟ୍ଟନାୟକ	ଦିନନାଥ ପାଠୀ
ସୀତାକାନ୍ତ ମହାପାତ୍ର	ବିଷ୍ଣୁପ୍ରସାଦ ମହାପାତ୍ର
ଫନୀ ମହାନ୍ତି	ନଗେନ୍ଦ୍ର ମୋହନ ମହାନ୍ତି
ଶଶୀଭୂଷଣ ବିଶ୍ୱାଳ	ବସନ୍ତ କୁମାର ପଣ୍ଡା
ନାରାୟଣ ସାହୁ	

ପ୍ରକାଶକ : ବିଦ୍ୟା
୧୫୭୩, ଭକ୍ତମଧୁ ନଗର
ଭୁବନେଶ୍ୱର-୭୫୧୦୩୦
ଫୋନ୍ (୦୬୭୪) ୨୩୫୦୨୮୯

ପ୍ରଚ୍ଛଦ : ଜ୍ୟୋତିରଂଜନ ସ୍ୱାଇଁ
ଥାର୍ଡଆଇ କମ୍ୟୁନିକେସନ୍

ଅକ୍ଷର : ଶାରଳା ଗ୍ରାଫିକ୍ସ
ନିକୋପାର୍କ ରୋଡ, ଭୁବନେଶ୍ୱର-୧୨

ମୁଦ୍ରଣ : ପ୍ରିଣ୍ଟଟେକ୍ ଅଫ୍‌ସେଟ୍, ଭୁବନେଶ୍ୱର-୨୪

Clouds.

and the clouds twinkled on me,
grey, pink, orange clouds,
~~deep and da~~
dark, and deep dark clouds,;
clouds moving, whistling roaring
clouds pouring on me, - through trees,
and, through years.

when I looked up, it was cloud
and the sky,
and clouds gathered over distant
mountains;
and the children and the houses,
and all the yellow fields, and frogs,
vanished in the clouds.

across the seven seas and thirteen
rivers,
across the deep, dark river
the old, wrinkled clouds,
the soft, green clouds

and as I look up, the clouds gather,
roam me
the clouds move through me,
the dark, dying clouds
- perpetually.

30/9/83
Leeds

Morning

I wonder, why the morning comes!
It's dark, ugly, unnecessary.
You can't know the tree.
The hills at a distance merge in the sky
and the sky is just a part of the city —
colourless, repulsive

It was better yesterday-night;
the cold wind whistled,
the friendly fog crawled around me,
and tiny red lights moved swiftly
across the field of darkness.

Once I woke up from my dreams,
thought as if some one knocked;
But the ever-smiling eyes and the
soft warm hands pulled me back
to sleep

The sheep graze, as usual,
the house across the road is quiet,
the cars move swiftly
The dull morning gathers round me,
and as the traces of soft summer
dream vanish,
I feel ugly and bitter, just ~~[illegible]~~ like
the sky.

Leeds
3.11.63














ଭୁବନେଶ୍ୱର
ଷ୍ଟେଟ୍ ବ୍ୟାଙ୍କ, ଭୁବନେଶ୍ୱର


ORIYA
ERATURE



ଲୋକାର୍ପଣ
HISTORY OF ORIYA LITERATURE
9TH
006



ଲୋକାର୍ପଣ











ସୂର୍ଯ୍ୟସ୍ନାତ
ଓଡ଼ିଆ କବିତା ଆଲୋଚନା
ଯତୀନ୍ଦ୍ର ମୋହନ ମହାନ୍ତି



ଯତୀନ୍ଦ୍ର ମୋହନ ମହାନ୍ତି


ନୂତନ କବିତା



History of
Oriya Literature
Jatindra Mohan Mohanty


ଜନ୍ମାଷ୍ଟମୀ
ଯତୀନ୍ଦ୍ର ମୋହନ ମହାନ୍ତି



TRADITION
AND
CREATIVITY
Essays on Oriya Literature
Jatindra Mohan Mohanty


Madhusudan Rao


ALONG THE STREAM


LAST TWO DAYS
SPEECHES OF
INDIRA GANDHI


ଓଡ଼ିଆ
ତନ୍ତ୍ର ସାହିତ୍ୟ


ଆଧୁନିକ
ଓଡ଼ିଆ
ନାଟକ
ଯତୀନ୍ଦ୍ର ମୋହନ ମହାନ୍ତି


ପ୍ରାଚୀନ
ଓଡ଼ିଆ କବିତା
ସମ୍ଭାର


ଓଡ଼ିଆ
କାବ୍ୟ ସମ୍ଭାର



ଓଡ଼ିଆ
ଗଦ୍ୟ ସଂକଳନ


ଆଧୁନିକ
ଓଡ଼ିଆ କବିତା ସମ୍ଭାର


ଓଡ଼ିଆ
ଉପନ୍ୟାସ ସମ୍ଭାର


ଓଡ଼ିଆ
ଗଳ୍ପ
ସମ୍ଭାର


ପ୍ରାଚୀନ
ଓଡ଼ିଆ
ନାଟକ




Bhubaneswar
Review


Bhubaneswar
Review


Bhubaneswar
Review







ପ୍ରୟାସ


INDIAN LITERATURE
IN ENGLISH TRANSLATION
A BIBLIOGRAPHY







SUVARNAREKHA


Literary
Criticism
A READING
B. DAS
J.M. MOHANTY


ବଳରାମ ଦାସ
ରଚନା ଭଣ୍ଡାର


ସାରଳା ଦାସ ରଚନା ସମ୍ଭାର
ଯତୀନ୍ଦ୍ର ମୋହନ ମହାନ୍ତି



ଶ୍ରୀମଦ୍‌ଭାଗବତ





Two
Tales


ସମକାଳୀନ ଓଡ଼ିଆ ସାହିତ୍ୟ


ଗୋପୀନାଥ ମହାନ୍ତି
ଶ୍ରେଷ୍ଠ ଗଳ୍ପ


LAND
BEAUTIFUL
ON ORISSAN CULTURE
Editors
Jatindra Mohan Mohanty
Bimalendu Mohanty


There
where
trees flower
Essays on Modern Oriya Literature
J.M.Mohanty

ସୂଚୀପତ୍ର



ପିତା ଜଗମୋହନ ମହାନ୍ତି





ଜନ୍ମାଷ୍ଟମୀ

ଯତୀନ୍ଦ୍ର ମୋହନ ମହାନ୍ତି







ଯତୀନ୍ଦ୍ର ମୋହନ ଓ ବିଜୟଲକ୍ଷ୍ମୀ, ବାପା ଓ ପରିବାରର ସଦସ୍ୟଙ୍କ ସହିତ ଯତୀନ୍ଦ୍ର ମୋହନ, ପୂର୍ବାଞ୍ଚଳ ଭାଷାକେନ୍ଦ୍ରର ଅଧ୍ୟକ୍ଷ

Jatindra Mohan Mohanty

1932	Born at Shyama Sundarapur (Kendrapada, Cuttack) Father : Jagmohan Mohanty , Mother : Sradha Mohanty
1946	Matriculation
1953	MA in English Literature Revenshaw College, Cuttack Central Institute of English, Hyderabad Leeds University (U.K)
1953	Lecturer in English, Ravenshaw College, Cuttack
1963	
1965	Lecturer in English and later Reader, B.J.B College, Bhubaneswar
1970	
1970	Reader in English, Sambalpur University
1972	
1972	Principal, Eastern Regional Language Centre, Bhubaneswar
1973	
1973	Reader in English, Utkal University
1986	
1986	Professor in English, Utkal University
1992	

Awards and Fellowships :

Sahitya Akademi, Award, New Delhi, 2003

British Council Fellowship, 1963

Seninor Fellowship, University Grants Commission, New Delhi

Fellowship, Central Institute of Indian Languages, Mysore, 1977-1979

Suryaprava, Prajnapranam, Bhubaneswar,2011

Affiliations :

Member. U.G.C Appex Panel on English and Foreign Languages, New Delhi.

Member. Executive Board, Sahitya Akademi. New Delhi, 1982-1992.

Language Editor cum Advisor Board and Convenor, Sahitya Akademi, New Delhi, 1987-1994

Member, National Committee, Raja Ram Mohan Ray Foundation, New Delhi

Member, Adviosory Board. Central Institute of Indian Languages, Mysore 1993-1996

Member, Gyana Pitha Advisory Committee, 1987-1995

Member, CIEFL. Society Committee, Hyderabad, 1988

Member, U.P.S.C Examination and Evaluation Board, 1975-1999

Member. Orissa Sahitya Akademi, 1978-1986

Member. Lekhaka Samukhya Samiti, Bhubaneswar, 1984-2012

Member, Sarala Sahitya Samsad, Cuttack, 1992

Seminars and Lectures :

Delegation at the 1st Session of the All India English Teacher's Conference, Chandigarh, 1967

All India English Teachers' Conference. Cuttack, 1968

Translators' Conference. National Library, Culcutta, 1969

U.G.C Seminar on Comparative Indian Literature, Delhi University, New Delhi 1984

Oriya-Kannad Bilateral Seminar, Sampratika in, Bangalore, 1986

National Seminar on Tagore, Sahitya Akademi, New Delhi, 1986

Seminar on T.S.Eliot. Orissa Sahitya Akademi, 1989

National Seminar on Ramayana, Darbhanga, Bihar, 1989

International Seminar on Narratives, Sahitya Akademi, New Delhi, 1990

All Orissa English Teachers' Association, Cuttack, 1990

Writers' Meet Seminar, Sahitya Akademi New Delhi, 1992

Santha Literature Seminar, Sahitya Akademi, New Delhi, 1992

Vidya Sagar Centenary Calebrations, Calcutta, 1992

Women Writers' Meet at Gangtak, Sahitya Akademi, New Delhi, 1992

Seminar on Fakir Mohan Senapati, Sahitya Akademi, New Delhi, 1984

U.G.C Evaluation Workshop, Kurukshetra, New Delhi, 1994

Orissa Sahitya Akademi Seminar on Drama, Bhubaneswar, 1996

Associated as Subject Expert in the Compilation of National Bibliography (Oriya Section) Series-2, Sahitya Akademi, New Delhi, 2004

Edited Works : Magazines :

New life, Bilingual, English and Odia

Prajna, Odia, Irregular Issues, 1960, 1967, 1968, 1977

Bhubaneswar Review , English, Half Yearly, in Collaboration with Sitakant Mahapatra, 1968

Subarnarekha, Odia, An Annual Review, 2001-2004

Subarnarekha, English, 2005

Chitra, Odia, 1997-2001

Prayas, Odia, 2009

Shree, Odia, 2010-2012

Edited Works : Anthologies, Odia :

Prachin Odia Kavita Sambhar, Vidya, Bhubaneswar, 1989

Adhunik Odia Kavita Sambhar, Vidya, Bhubaneswar, 1998

Prachin Odia Natak, Vidya, Bhubaneswar, 2005

Adhunik Odia Natak , Central Sahitya Akademi, New Delhi, 2000

Odia Gadya Sambhar, Vidya, Bhubaneswar, 2004

Odia Galpa Sambhar, Vidya, Bhubaneswar, 2006

Samakalina Odia Sahitya, 1980-2005', Vidya, Bhubaneswar, 2007

Odia Tatwa Sahitya, Vidya, Bhubaneswar, 2007

Odia Kavya Sambhar, Vidya, Bhubaneswar, 2007

Odia Upanyasa Sambhar, Vidya, Bhubaneswar, 2008

Gopinath Mohanty Srestha Galpa, Chaturanga Prakashani, Bhubaneswar, 1996

Professor Krushna Charan Sahoo Rachana Sambhara, Professor Krushna Charan Sahoo Smruti Parishad, Bhubaneswar, 1998-2004

Nutana Kavita, Janashakti Pustakalaya, Cuttack, 1955

Edited Works : English :

Nobel Laureates All, (1990-1991) (Co.author) Panther Publishers, Bangalore, 1991

Literary Criticism- A Reading, Oxford University Press, Calcutta, 1985

Indian Literture in English Translation : A Bibliography, C.I.I.L, Mysore,1984

King Lear, Jaganath Rath, Cuttack, 1969

Last Two Days : Speeches of Indira Gandhi in Orissa, Dr. J.Mohapatra Bhubaneswar, 1996

Creative Writings :

Nutan Samalochana, Orissa Writers' Co-op. Society Ltd., Bhubaneswar, 1981

Suryasnata, Odia, Subarnarekha, Bhubaneswar, 1999

Premaspada, Odia, Subarnarekha, Bhubaneswar, 2002

Janmastami, Odia, Vidya, Bhubaneswar, 2012

Translation :

Itihasara Chakra, Janashakti Pustakalaya, Cuttack, 1970

Kavyatatwa, The Orissa State Bureau of Text Book preparation and Production, Bhubaneswar, 1976

Prakasanare Dusahasa, 2008

Books : English :

There Where Trees Flower, Book Land International, Bhubaneswar, 1980
Into Another Intensity, Into Another Intensity, P.G. Department of English, Utkal University, Bhubaneswar, 1989
Madhusudan Rao, Sahitya Akademi, New Delhi, 1996
Along the Stream, Subarnarekha , Bhubaneswar, 1999
Land Beautiful, Subarnarekha, Bhubaneswar, 2001
History of Oriya Literature, Vidya, Bhubaneswar, 2006
Tradition and Creativity, Vidya, Bhubaneswar, 2003/2012

Selected Articles : English :

'Essay on Raja Rao', in *Indian Literature,* Sahitya Akademi, New Delhi, 1966
'Essay on Story' in *Indian Writing To Day* 1968
'Neela Saila of Surendra Mohanty', in *Illustrated weekly of India,* 1978
'Modern Oriya Literature', in *Souvenir, Eastern Regional Conference,* 1976
'Critical Bibliography of Indian Literature', in C.I.I.L, Mysore 1979
'Modern Oriya Poets and Oriya Literatrary Movements' in *Kerala Sahitya Akademi,* 1982
'Abhisapta Gandhara', in *Indian Literature,* Sahitya Akademi, New Delhi, 1980
'Sarala Das and Oriya Literature, (Perspectives on Orissa Cultural-Intellectual Contribution), in *The History of Science, Philosophy and Culture in Indian Civilisation,* Volume VI, part 7, Centre for Studies in Civilization, New Delhi, 2009

ଯତୀନ୍ଦ୍ର ମୋହନ ମହାନ୍ତି
ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରମୁଖ ଭାଷ୍ୟକାର

ସୀତାକାନ୍ତ ମହାପାତ୍ର

୧୯୫୩ ମସିହା। ମୁଁ ମ୍ୟାଟ୍ରିକୁଲେସନ ପାସ୍ କରି ଗାଆଁରେ ଥାଏ। ମୋ ସ୍କୁଲ (କୋରୁଆ ହାଇସ୍କୁଲ) ହେଡମାଷ୍ଟର ଗତିକୃଷ୍ଣ ଭଂଜଙ୍କ ଠାରୁ ସଂବାଦ ପାଇଲି ଯେ ନାଗଣପୁରର ସୁପ୍ରସିଦ୍ଧ ସାହିତ୍ୟ-ସମାଲୋଚକ ଓ ଆମ ସ୍କୁଲର ପୃଷ୍ଠପୋଷକ ଆର୍ତ୍ତବାବୁ ମୋତେ ଭେଟିବାକୁ ଚାହୁଁଛନ୍ତି। ନାଗଣପୁର ଆମ ଗାଆଁ ମାହାଙ୍ଗାଠାରୁ ଦୂର ନୁହେଁ। ଗଲି, ତାଙ୍କ ଘରେ ତାଙ୍କୁ ଭେଟିଲି। ନାଗଣପୁରର ଶ୍ରୀ ବୈଷ୍ଣବ ମହାନ୍ତି (ଝଂକାରର ସରୋଜ ରଂଜନ ମହାନ୍ତିଙ୍କ ପିତା) ଆଗରୁ କୋରୁଆ ହାଇସ୍କୁଲ ହେଡମାଷ୍ଟର ଥିଲେ। ସେ ଆର୍ତ୍ତବାବୁଙ୍କ ସାହିର। ତାଙ୍କ ଘରେ ସେ ବି ଉପସ୍ଥିତ ଥିଲେ। ମୋ ପାଠ କଥା, ସାହିତ୍ୟରେ ଅଭିରୁଚି ଇତ୍ୟାଦି ପଚାରି ସାରି ଆର୍ତ୍ତବାବୁ ଓଡ଼ିଆ ପ୍ରାଚୀନ ସାହିତ୍ୟର ଗରିମାମୟ ଅତୀତ କଥା କହିଲେ ଏବଂ ସମ୍ଭବ ହେଲେ ମୁଁ ସାହିତ୍ୟ ଛାତ୍ର ହେବାକୁ ଉପଦେଶ ଦେଲେ।

ବହୁବର୍ଷ ପରେ ଓଡ଼ିଆ ସାହିତ୍ୟକୁ ତାଙ୍କ ଅବଦାନ କଥା ବୁଝିଲି ଓ ଭେଟିଲି ଯତୀନ୍ଦ୍ର ମୋହନ ମହାନ୍ତିଙ୍କୁ। ପରିବେଶ ଥିଲା ଅଧ୍ୟାପକ ବିଧୁଭୂଷଣ ଦାସଙ୍କ ପୂର୍ବଛାତ୍ରାବାସର ସୁପରିନ୍‌ଟେଣ୍ଡେଣ୍ଟଙ୍କ ଘର। ସେ ମୋତେ ଖୁବ୍ ଆଦର କରୁଥିଲେ। ପ୍ରଥମ ଥର ତାଙ୍କ ଘରେ ଚିହ୍ନାଇଦେଲେ ଶ୍ରୀ ଯତୀନ୍ଦ୍ର ମୋହନ ମହାନ୍ତିଙ୍କୁ। କହିଲେ, "ଇଏ ମୋର ଅତି ପ୍ରିୟ ଛାତ୍ର ଓ ଏବେ ସାହିତ୍ୟରେ ସହଯୋଗୀ ବଂଧୁ। ତାଙ୍କଠୁଁ ସାହିତ୍ୟ ସଂପର୍କରେ, ବିଶେଷ କରି ଓଡ଼ିଆ ସାହିତ୍ୟ ବିଷୟରେ ଅନେକ କିଛି ଶିଖିପାରିବ। ଆଉ ଆର୍ତ୍ତବାବୁଙ୍କୁ ଭେଟିଛ, ସେ ତ ଗୋଟିଏ ସାହିତ୍ୟ ଓ ଜ୍ଞାନର ଭଣ୍ଡାର"। ଆଉ ସେତିକିରେ ସଂପର୍କ ସ୍ଥାପିତ ହେଲା ୧୯୫୫ ମସିହାରେ। ଯାହାର ଅନ୍ତ ହେଲା ଯତୀନ୍ଦ୍ର ମୋହନଙ୍କ ଇହଧାମରୁ ବିଦାୟ ନେବାରେ। ସେ ସଂପର୍କର ପରିଧିକୁ ଆସିଲେ ତାଙ୍କର ଦୁଇବଂଧୁ, ଦିବଂଗତ ରାଜେନ୍ଦ୍ର ପ୍ରସାଦ ଦାସ (ସେ ପରେ ଇତିହାସ ଅନର୍ସରେ ମୋତେ ପଢ଼ାଇଲେ) ଓ ଦେବୀ ପ୍ରସନ୍ନ ପଟ୍ଟନାୟକ।

ସମୟ କ୍ରମେ ପ୍ରାଚୀ ସମିତି ୧୯୨୯ରେ ଆର୍ତ୍ତବାବୁ ପ୍ରତିଷ୍ଠା କରିଥିଲେ ଏବଂ ବହୁ ମଧ୍ୟଯୁଗୀୟ ଓ ପ୍ରାଚୀନ ସାହିତ୍ୟ ପୁସ୍ତକ ସଂପାଦନ କରିଥିଲେ। ସେଇ ସଂପାଦିତ ପୁସ୍ତକମାନଙ୍କର ମୁଖବଂଧ ଅତି ଉଚ୍ଚମାନର ଏବଂ ତଦ୍ୱାରା ଓଡ଼ିଆ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟକୁ ବୁଝିବାରେ ସାହିତ୍ୟ ଛାତ୍ରଙ୍କୁ ଓ ସାଧାରଣ ପାଠକଙ୍କୁ ସେ ବିରାଟ ଦାନ ଦେଇଗଲେ। ଯେତେବେଳେ ଶିଶୁଶଙ୍କରଙ୍କ 'ଉଷାଭିଲାଷ' କାବ୍ୟ ମୁଁ ଅନୁବାଦ କଲି ଆର୍ତ୍ତବାବୁଙ୍କ ବହିଟିର ମୁଖବଂଧ ମୋତେ ପ୍ରଭୂତ ସାହାଯ୍ୟ କରିଥିଲା।

ଆର୍ତ୍ତବାବୁ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ପାଇଁ ଯାହା କରିଥିଲେ ଶ୍ରୀ ଯତୀନ୍ଦ୍ର ମୋହନ ମହାନ୍ତି ଆଧୁନିକ ସାହିତ୍ୟ ପାଇଁ ସମାନ୍ତରାଳ ଅବଦାନ ଦେଇ ଯାଇଛନ୍ତି। ସେ ସଂକଳନ-ସଂପାଦନା କରିଛନ୍ତି ଦଶଟି ବହୁ ମୂଲ୍ୟବାନ ଗ୍ରନ୍ଥ। ସେଗୁଡ଼ିକ ହେଲା: ୧.ପ୍ରାଚୀନ ଓଡ଼ିଆ କବିତା ସମ୍ଭାର, ୨. ଆଧୁନିକ ଓଡ଼ିଆ କବିତା ୩.ପ୍ରାଚୀନ ଓଡ଼ିଆ ନାଟକ ୪. ଆଧୁନିକ ଓଡ଼ିଆ ନାଟକ ୫. ଓଡ଼ିଆ ଗଳ୍ପ ସଂକଳନ, ୬.ଓଡ଼ିଆ ଗଦ୍ୟ ସଂକଳନ , ୭.ସମକାଳୀନ ଓଡ଼ିଆ ସାହିତ୍ୟ (୧୯୮୦-୨୦୦୫) ୮.ଓଡ଼ିଆ ତତ୍ତ୍ୱ ସାହିତ୍ୟ ୯.ଓଡ଼ିଆ କାବ୍ୟ ସମ୍ଭାର ଏବଂ ୧୦. ଓଡ଼ିଆ

ଉପନ୍ୟାସ ସମ୍ଭାର।

କହିବା ନିଷ୍ପ୍ରୟୋଜନ ଏ ଦଶୋଟି ଅତି ମୂଲ୍ୟବାନ ସଂପାଦନ-ସଂକଳନ ଦ୍ୱାରା ସେ ସବୁଦିନ ପାଇଁ ଆଧୁନିକ ଓଡ଼ିଆ ସାହିତ୍ୟକୁ ସାମଗ୍ରିକ ସ୍ୱରୂପ ଦେଇଯାଇଛନ୍ତି। କେବଳ ସଂକଳନ ନୁହେଁ, ପ୍ରତ୍ୟେକ ଖଣ୍ଡରେ ତାଙ୍କର ବହୁମୂଲ୍ୟ ଭୂମିକାଗୁଡ଼ିକ ଅମୂଲ୍ୟସଂପଦ ଭାବେ ବିବେଚିତ ହେବ। ଆର୍ତ୍ତବାବୁ ପ୍ରାଚୀ ସମିତି ଦ୍ୱାରା ଯାହାସବୁ ସଂପାଦନ କରିଥିଲେ ତାଙ୍କର ଭୂମିକା ସମୂହ ତାଙ୍କର ବିଦ୍‌ବତ୍ତାର ସମ୍ୟକ ପରିଚୟ ଦିଅନ୍ତି। କିନ୍ତୁ ସେଇ ସାହିତ୍ୟର ଭୂମଣ୍ଡଳ ଥିଲା ସୀମିତ। ଓଡ଼ିଶାର ତଦାନୀନ୍ତନ ଇତିହାସ, ଦର୍ଶନ ପରଂପରା, ତତ୍ତ୍ୱ ଓ ଶୈଳୀର ପରିପ୍ରେକ୍ଷୀରେ ସେଗୁଡ଼ିକ ବିଶ୍ଳେଷିତ ହୋଇଥିଲେ। ଯତୀନ୍ ବାବୁଙ୍କ ସଂପାଦିତ ପୁସ୍ତକମାନଙ୍କୁ ଆଧୁନିକ ସାହିତ୍ୟର ବିଶାଳ ପରିବେଶରେ ତାଙ୍କୁ ଦେଖିବାକୁ ପଡିଥିଲା। କେବଳ ଭାରତୀୟ ଆଧୁନିକ ସାହିତ୍ୟ ନୁହେଁ, ବିଶ୍ୱ ସାହିତ୍ୟରେ ନୂଆ ନୂଆ ସାହିତ୍ୟିକ 'ବାଦ', ଶୈଳୀ ଓ ତାତ୍ତ୍ୱିକ ବିଶ୍ଳେଷଣ ଏ ସବୁର ଅଭ୍ୟୁଦୟ ସହ ସେ ଇଂରାଜୀ ସାହିତ୍ୟର ଅଧ୍ୟାପକ ଭାବେ ବେଶ୍ ପରିଚିତ ଥିଲେ। ଫଳତଃ ତାଙ୍କର ସଂପାଦିତ ବହିଗୁଡ଼ିକରେ ସେଇ ବିଶାଳ ଦିଗନ୍ତର ଅନୁଭବ, ମୂଲ୍ୟାୟନ ଓ ବିଶ୍ଳେଷଣ ପଦ୍ଧତିକୁ ସେ ନିଜର ସଂପାଦନା ପରିସରକୁ ଆଣିଥିଲେ। ସେ ଦୃଷ୍ଟିରୁ ଏ ସଂପାଦନା କାର୍ଯ୍ୟ ଅଧିକ ଶ୍ରମ-ସାପେକ୍ଷ ଥିଲା ଓ ବିଶାଳ ଜ୍ଞାନ ପରିସୀମାକୁ ଚିହ୍ନିତ କରିଛି।

ଏ ସଂପାଦନା କାର୍ଯ୍ୟଛଡ଼ା ଆଉ ଏକ ମୂଲ୍ୟବାନ ଆଲୋଚନା ଗ୍ରନ୍ଥ ସେ ରଚନା କରିଥିଲେ, ଯେଉଁଥିପାଇଁ ତାଙ୍କୁ କେନ୍ଦ୍ରସାହିତ୍ୟ ଏକାଡ଼େମୀ ପୁରସ୍କାର ମିଳିଥିଲା। ଏ ବହିଟି 'ସୂର୍ଯ୍ୟସ୍ନାତ'। ଆଧୁନିକ ଓଡ଼ିଆ ସାହିତ୍ୟର ନିର୍ଦ୍ଦିଷ୍ଟ ଭୂମି ଉପରେ ଆଲୋକପାତ କରି ତାଙ୍କର ବିଶ୍ଳେଷଣ କ୍ଷମତାର ସେ ସମ୍ୟକ୍ ପରିଚୟ ଦେଇଛନ୍ତି।

ବହୁ ବର୍ଷ ତଳେ ସୁବିଜ୍ଞ ସମାଲୋଚକ ଯତୀନ୍ଦ୍ର ମୋହନ ସୃଜନଶୀଳ ସାହିତ୍ୟରେ ମନ ଦେଇଥିଲେ। ଲେଖିଥିଲେ ଛୋଟ ଉପନ୍ୟାସଟିଏ। 'ପ୍ରେମାସ୍ପଦା'। ତା'ଠୁଁ ବହୁ ବର୍ଷ ପରେ ଏବଂ ଇହଧାମରୁ ବିଦାୟର କିଛି ବର୍ଷପୂର୍ବରୁ ସେ ଲେଖିଥିଲେ ଉଲ୍ଲେଖନୀୟ ଉପନ୍ୟାସ 'ଜନ୍ମାଷ୍ଟମୀ'। ଶ୍ରୀକୃଷ୍ଣଙ୍କ ଜନ୍ମ ଓ ସମସାମୟିକ ଇତିହାସ, ସମାଜ, ଧର୍ମଧାରା ଇତ୍ୟାଦି ଉପରେ ଆଧାରିତ ଏ ଉପନ୍ୟାସଟି ଆଧୁନିକ ଓଡ଼ିଆ ସାହିତ୍ୟକୁ ତାଙ୍କର ସୃଜନଶୀଳ ସାହିତ୍ୟିକର ଅବଦାନ ହୋଇ ରହିବ।

ତାଙ୍କର ସାମଗ୍ରିକ ଅବଦାନ ପାଇଁ ଓଡ଼ିଆ ସାହିତ୍ୟ ବହୁଭାବେ ତାଙ୍କଠିଁ ଚିରକାଳ ଋଣୀ ହୋଇ ରହିବ ଓ ସେ ଚିର-ସ୍ମରଣୀୟ ହୋଇ ରହିବେ।

ଶ୍ରଦ୍ଧା, ୨୧ ସତ୍ୟନଗର
ଭୁବନେଶ୍ୱର
ମୋ:୯୪୩୭୭୭୮୬୦୧

ଯତିଭାଇ

ଦେବୀ

(ଦେବୀ ପ୍ରସନ୍ନ ପଟ୍ଟନାୟକ)

ଗୋଟିଏ ଡେମ୍ଫରେ ଆମେ ତିନୋଟି କଢ଼ ଥିଲୁ- ରାଜେନ୍ଦ୍ର, ଯତିଭାଇ ଓ ମୁଁ। ରାଜେନ୍ଦ୍ର ଆଗେ ଗଲା। ତା ପରେ ଯତିଭାଇ। ମୁଁ ଡେମ୍ଫ ଛଡ଼ା ଶୁଖିଲା ଫୁଲ ଝଡିପଡିବାକୁ ଅପେକ୍ଷା କରି ରହିଚି।

ଆମେ ତିନିହେଁ ଏକାଠି ଅନେକ ସ୍ୱପ୍ନ ଦେଖିଛୁ। ସେଥିରୁ କେତେ ସତ ହୋଇଛି, କେତେ ହୋଇନି। ଚାକିରି ଛାଡିଲା ପରେ ଏକାଠି ରହିବାକୁ ଜମି କିଣିଲୁ। ରାଜେନ୍ଦ୍ର ଆଗ ଛାଡିଲା। ମୋ ଦେହ ଖରାପ ହେବାରୁ ମୁଁ ଯତିଭାଇଙ୍କ ପଡିଶା ହୋଇ ସାନଝିଅ ପାଖରେ ରହିଲି। ସେ ମଧ ଛାଡି ଚାଲିଗଲେ।

ମୋର ଅନ୍ତରଂଗଙ୍କ ବିଷୟରେ ଲେଖିବାକୁ ହାତ ଉଠେ ନାହିଁ। ରାଜେନ୍ଦ୍ର ଓ ଭାନୁଦାଙ୍କ ବିଷୟରେ ଲେଖିବାକୁ ହୋଇଥିଲା। ରାଜେନ୍ଦ୍ରର ବାପା ଓ ଶଶୁର ଉଭୟେ ମୋ ବାବାଙ୍କର ବନ୍ଧୁ ଥିଲେ। ତେଣୁ ରାଜେନ୍ଦ୍ର ସାଙ୍ଗରେ ସମ୍ପର୍କ ଟିକିଏ ଭିନ୍ନ। ମୁଁ ଆଠଗଡ ଢେଙ୍କାନାଳ ହାଇସ୍କୁଲରେ ପଢିଥିବାରୁ କଟକ ପିଲାଙ୍କ ପରିଚୟ ହେବା ଡେରି ହୋଇଗଲା। ରାଜେନ୍ଦ୍ର ହିଁ ପ୍ରଥମେ ମତେ ଯତିଭାଇଙ୍କ ସାଙ୍ଗେ ପରିଚୟ କରେଇ ଦେଇଥିଲା। କିନ୍ତୁ ସେଇ ପରିଚୟ ଘନିଷ୍ଠତା ହେବାକୁ ଡେରି ହେଲା ନାହିଁ। ମୁଁ ଖ୍ରୀଷ୍ଟ କଲେଜ ଛାଡି ରେଭେନ୍ସା ଆସିଲା ବେଳକୁ ଆମ ବନ୍ଧୁତା ଜଣା କଥା ହୋଇ ସାରିଥିଲା। ଆମେ ତିନିଜଣ ଏକାଠି ବାହାରିଲେ କିଛି ଗୋଟାଏ ନୂଆକଥାର ପରିକଳ୍ପନା ହେଉଚି ବୋଲି ପିଲାଏ ଧରି ନେଉଥିଲେ।

କେତେ ଯେ କଳ୍ପନା କାର୍ଯ୍ୟକାରୀ ହୋଇଚି ତାର ତାଲିକା ନାହିଁ। ସେଥିରୁ ଗୋଟିଏ ହେଉଛି ଦ୍ୱିଭାଷିକ ପତ୍ରିକା Newlifeର ପ୍ରକାଶ। ପତ୍ରିକାର ୩ୟ ସଂଖ୍ୟା ପ୍ରକାଶ ପାଇଥାଏ। ରାଜେନ୍ଦ୍ର ଓ ମୁଁ ରେଭେନ୍ସାର ଇତିହାସ ସେମିନାର ଘରେ ପଢୁଥାଉ। ହଠାତ୍ କୋଳାହଳ, କବାଟ ଫିଟେଇ ଦେଖୁ ଯେ ପଣ୍ଡିତ ନୀଳକଣ୍ଠ ଦାସ ଝାଳନାଳ ହୋଇ ଆମ ଆଡ଼କୁ ମୁହାଁଇଛନ୍ତି। କହିଲେ, ପିଲାଏ, ବୁଢ଼ାଟାକୁ ଭୁଲିଗଲ। ମତେ Newlifeର ସଭ୍ୟ କଲନାହିଁ କାହିଁକି ? ଆମ ସ୍ୱପ୍ନ ସାର୍ଥକ ହୋଇଗଲା। ମନ ଆନନ୍ଦ ଉଚ୍ଛ୍ୱାସରେ ଭରିଗଲା। କହିବା ବାହୁଲ୍ୟ ଯେ Newlifeର ପ୍ରାଣ ଥିଲେ ଯତିଭାଇ।

ସେଇ ଯତିଭାଇଙ୍କ ବାହାଘର। ସେତେବେଳେ ଆମେ ସମାଜବାଦୀ ଯୁବଜନ ସଭାର ସଭ୍ୟମାନେ ଶପଥ ନେଇଥାଉ ଯେ ଯୌତୁକ ଦିଆନିଆ ବାହାଘର ସାଙ୍ଗରେ ଆମର ସମ୍ପର୍କ ରହିବ ନାହିଁ। ଯତିଭାଇ କହିଲେ ଯେ ସେ ଏକଥା ତାଙ୍କ ଘରେ ପରିଷ୍କାର କହିଦେଇଛନ୍ତି। ସେ ଯାହା ହେଉ ତାଙ୍କ ଜେଜେବାପାଙ୍କର ସାଆନ୍ତିଆ ବ୍ୟବସ୍ଥା ମତେ ଭଲ ଲାଗିଲା ନାହିଁ। ବାହାଘରର ଦୁଇମାଇଲ ଆଗରୁ ପ୍ରସେସନ ବାହାରିବାର ସେମାନେ ସ୍ଥିର କରିଥିଲେ। ମୁଁ ଯେତେବେଳେ କହିଲି ଗାଁ ମୁଣ୍ଡରୁ ପ୍ରସେସନ ବାହାରୁ ତାହା ବୁଢ଼ାବାପା ନାପସନ୍ଦ କଲେ। ସେ ଯାହାହେଉ, ସେତିକିବେଳେ ପ୍ରଫେସର ବିଧୁଭୂଷଣ ଦାସ ପହଞ୍ଚିଲେ। ସେ କହିଲେ ମୁଁ ବରକୁ ନେଇଯିବି। ବରଯାତ୍ରୀମାନେ

ବସ୍‌ରେ ଆସନ୍ତୁ। ସମସ୍ତେ ରାଜି ହୋଇଗଲେ। ତାଙ୍କ ବୁଢ଼ାବାପା ମତେ ଆଉ ବିଧୁବାବୁଙ୍କୁ କହିଲେ ଆମ ବାଣ ରୋଶଣି ବାହାରି ରାସ୍ତା କଡ଼ରେ ଥିବେ। ତମେ ସେଇଠି ଅପେକ୍ଷା କରିଥିବ। ଆମ ବସ ତମ ପଛେ ପଛେ ଯିବ। ମୁଁ ବିଧୁବାବୁଙ୍କୁ କହିଲି, ସାର୍, ଗାଁର ପାଞ୍ଚମାଇଲ ଦୂରରୁ ଯେଉଁଠି ବାଜା ଆଲୁଅ ଥିବ ଆପଣ ଟିକିଏ ଗାଡ଼ି ଧୀର କରିଦେବେ। ମୁଁ ପଚାରିଦେବି। ସେତେବେଳେ ବାହାଘର ଋତୁ। ରାସ୍ତା କଡ଼ରେ ଦଳଦଳ ବାଜାବାଲା ଲାଇଟବାଲା। ଦି ତିନି ଜାଗାରେ ବିଧୁବାବୁ ଗାଡି ଅଟକେଇଲେ। ମୁଁ ପଚାରିଲି। ସେତେବେଳେକୁ ଦି କି ଅଢ଼େଇ କିଲୋମିଟର ଆଗରୁ ଟିକିଏ ଅନ୍ଧାରିଆ ଜାଗାରେ କେତେଜଣ ବାଜାବାଲା ଆଉ କେତେଜଣ ଆଲୁଅ ବାଲା ବସିଛନ୍ତି। ସେଇ ବିଶ୍ୱାସ ଥିଲା ସେମାନେ ଆମରି ଲୋକ। ତଥାପି ସାହାସ କରି ପଚାରିଲି, କାହାପାଇଁ ଅପେକ୍ଷା କରିଚ? ସେମାନେ କହିଲେ ଆମ ବରଯାତ୍ରୀ ଆସୁଛନ୍ତି। ମୁଁ କହିଲି ସାର୍ ଆଗକୁ ଚାଲନ୍ତୁ। ଆମେ ଗାଁ ମୁଣ୍ଡକୁ ଚାଲି ଆସିଲୁ। ସେଇଠି ଅପେକ୍ଷା କଲୁ। ଅଧଘଣ୍ଟା ପରେ ବରଯାତ୍ରୀ ବସ ପହଞ୍ଚିଲା। ବୁଢ଼ାବାପା ରାଗିମାଗି ଓହ୍ଲେଇଲେ। ତାଙ୍କ ପଛେ ପଛେ ବାଜା ବାଣ ଆଲୁଅ ବାଲା। ମୁଁ ତାଙ୍କ ଭିତରୁ ଦି'ଜଣଙ୍କୁ ପଚାରିଲି କିଓ ମୁଁ ତୁମକୁ ପଚାରି ନଥିଲି। ସେମାନେ କହିଲେ ଆମେ କି ଜାଣୁ? ଆମେ ତ ବସ୍‌କୁ ଅପେକ୍ଷା କରିଥିଲୁ। ବୁଢ଼ାବାପା କହିଲେ ହଉ, ଏଇଠୁ ପ୍ରସେସନ ଆରମ୍ଭ ହେଉ। ପ୍ରସେସନ ଯାଇ ବାହାଘର ପାଖରେ ପହଞ୍ଚିବାକୁ ପ୍ରାୟ ଘଣ୍ଟାଏ ଲାଗିଗଲା। ଆମେ ବସ୍‌କୁ ପଛରେ ରଖି ଆଗେଇଲୁ। କନ୍ୟାଘରର ଜଣେ ମୁରବି କହିଲେ ଏ ଡ୍ରାଇଭର ଗାଡିକୁ ବାଁ ହାତ ଗେଟ୍ ଭିତରକୁ ନିଅ। ମୋର ଦିହ ରାଗରେ ନିଆଁ ହୋଇଗଲା। ତେବେ ମୁଁ ନିଜକୁ ସମ୍ଭାଳି ନେଇ ବାଟବରଣ ପାଖରେ ଜ୍ୱାଇଁକି ଛାଡି ରହିବା ଜାଗାକୁ ବାହାରିଲି। ଜଣେ ଘରର ଗୋଟିଏ ଚୂନଘର ଦେଖେଇ କହିଲେ ସେଇ ଜମିଦାର ଘରେ ଆପଣଙ୍କ ରହିବା ବ୍ୟବସ୍ଥା ହୋଇଛି। ଯାଇ ପହଞ୍ଚିଲୁ। ଘରର ବଡ଼ କବାଟ ଖୋଲା। ତଳେ ଗାଲିଚା ବିଛା ହୋଇଚି। ଘରେ ଗମୁରିଆ ଗନ୍ଧ। ତଳେ ସାନ ସାନ ବେଙ୍ଗ ଡେଉଁଛନ୍ତି। ଗୋଟିଏ ଲୋକ ଏପଟସେପଟ ହେଉଥିଲା। କହିଲା, ଆଜ୍ଞା ଘରଟା ବହୁତ ଦିନ ବନ୍ଦଥିଲା। ତେଣୁ ଟିକିଏ ରହଣିଆ ବାସନା ଅଛି। ମୁଁ ବିଧୁବାବୁଙ୍କୁ ଡାକି କହିଲି ଆପଣ ଫେରିଯାଆନ୍ତୁ। ବିଧୁବାବୁ କୁଣ୍ଠିତ ହେଉଥିଲେ, ମୁଁ ବୁଝେଇ ସୁଝେଇ ପଠେଇ ଦେଇ ମୋର ଗୋଟିଏ ଚିହ୍ନାପିଲା ଘରେ ଶୋଇ ପଡିଲି। ବଡି ସକାଳୁ ଉଠି ବାହାଘର ଆଡ଼କୁ ଆସିଲାବେଳେ ୪/୫ଜଣ ପଚାରିଲେ ଦେବୀବାବୁଙ୍କୁ ଦେଖିଚ। ମୁଁ ବୁଝିଲି; ବାହାଘର ସରିଲାଣି ଠା ପିଢ଼ାକୁ ଅପେକ୍ଷା। ଜ୍ୱାଇଁ ପଚାରିଲେ ଦେବୀ ଖାଇଚି କି ନାଇଁ? ସିଏ କୁଆଡ଼େ ଗଲା? କେହି ଜାଣନ୍ତି ନାହିଁ। ସମସ୍ତେ ଖୋଜୁଛନ୍ତି। ମତେ ଦେଖି ଯତିଭାଇ ପଚାରିଲେ ତୁ ଖାଇଚୁ? ମୁଁ କହିଲି, ଯତିଭାଇ ତୁମେ ତ ଜାଣ ମୋର ରାତି ଦିଟା ତିନିଟାରେ ଖାଇବା ଅଭ୍ୟାସ ନାହିଁ। ମୁଁ ଶୋଇ ପଡିଥିଲି। ଯତିଭାଇ କହିଲେ ଦେବୀପାଇଁ ଖାଇବାକୁ ଆଣ। ମୁଁ କହିଲି ବାସି ଭୋଜି ଖାଇବାର ମୋର ଆଗ୍ରହ ନାହିଁ। ମତେ ଟିକିଏ ଦହିଭାତ ଆଉ ଭଜାଭଜି ଥିଲେ ଆଣ। ଯତିଭାଇ କହିଲେ ଆମେ ଦି'ଜଣ ଏକାଠି ଖାଇବୁ। ମୋ ପାଇଁ ସେଇଆ ଆଣ। ସମସ୍ତେ ଆପତ୍ତି କଲେ। ମୁଁ କହିଲି। ଠା ପିଢା ଏକା ଖାଇବାକୁ ହୁଏ। ମୁଁ ଖାଇଲେ ତମର ସବୁ ଅର୍ଜନରେ ମୋର ଭାଗ ରହିଯିବ। ଆମେ ପାଖାପାଖି ବସି ମୋ ବରାଦ ଖାଇବା ଖାଇଲୁ।

ବାହାଘର ସରିଗଲା। ମୁଁ ପୁନା ମହୀଶୁରରୁ ଭୁବନେଶ୍ୱର ବା କଟକ ଆସିଲେ ତାଙ୍କ ସୁଖୀ ଜୀବନର ଆନନ୍ଦରୁ ଟିକିଏ ଭାଗ ମିଳେ। ସେଇଥିରେ ମନ ପୂରିଯାଏ। ଦିନେ ଖବର ପାଇଲି ଯେ ଯତିଭାଇଙ୍କ ସ୍ତ୍ରୀ ଅସୁସ୍ଥ। ତାହା ଦୀର୍ଘରୁ

ଦୀର୍ଘତର ହେଲା । ଯତିଭାଇ ସେଇଦିନ ଗୁଡ଼ିକ ଯେପରି ସେବାକଲେ ତାହା ଆମ ସବୁ ବନ୍ଧୁଙ୍କ ପାଖରେ ଆଦର୍ଶ ହୋଇ ରହିଗଲା । ସବୁ ସତ୍ତ୍ୱେ ସେ ଚାଲିଗଲେ । ସ୍ତ୍ରୀ ଛଡ଼ା ସ୍ୱାମୀର ଦୁର୍ଦ୍ଦଶା ବାହାରୁ ଦେଖି କଳନା କରିବା ଅସମ୍ଭବ ।

ସମୟ ସବୁ ଲିଭେଇ ଦିଏ । ଏ ଭିତରେ ବେଶ କିଛି ଦିନ ବିତି ଯାଇଛି । ଖବର ପାଇଲି ଯେ ଯତିଭାଇ ଗୋଟିଏ ଝିଅକୁ ଭଲ ପାଇବାକୁ ଆରମ୍ଭ କରିଛନ୍ତି । ମୁଁ ଭୁବନେଶ୍ୱର ଆସି ତାଙ୍କୁ ପଚାରିଲି । ପ୍ରଥମେ ତ ସିଧାସଳଖ ପ୍ରଶ୍ନରେ ଚମକି ପଡିଲେ । ମୁଁ ଯେତେବେଳେ ପଚାରିଲି, ସେ ବାହାଘର କଥା ଝିଅକୁ ପଚାରିଛନ୍ତି କି ନାହିଁ ସେ ରାଗିଗଲେ । ମୁଁ ତାଙ୍କୁ ସଫା କହିଦେଲି ବିବାହ ନ କରି ଏପରି ଜଣେ ଝିଅକୁ ଭଲ ପାଇବା ନୀତି ବିରୁଦ୍ଧ । ମୁଁ ତାଙ୍କୁ ଦି ମାସ ସମୟ ଦେଉଛି । ତୃତୀୟ ମାସରେ ମୁଁ ଆସିଲେ ବାହାଘର ହେବ । ମୁଁ ଫେରିବାର ତୃତୀୟ ମାସରେ ଉତ୍ତର ପୂର୍ବାଞ୍ଚଳ ଗସ୍ତରେ ଯିବା ବାଟରେ କହିଲି ଯେ ଦଶଦିନ ପରେ ମୁଁ ଫେରିବି । ବାହାଘର ହେବ । ମୋ ବ୍ୟବସ୍ଥା ଅନୁସାରେ ବନ୍ଧୁମାନଙ୍କ ଗହଣରେ ବାହାଘର ହେଲା । ବିଜୟଲକ୍ଷ୍ମୀଙ୍କ ପରିବାର ଓ ବାପା ମାଙ୍କ ଅସମ୍ମତି ଓ ଅନୁପସ୍ଥିତିରେ ବିବାହ ସମ୍ପନ୍ନ ହୋଇଥିଲା । ପରେ ପରିବାର ସହିତ ମିଳାମିଶା ହୋଇଥିଲା ।

ମୋର ଯେତେବେଳେ ସାହାଯ୍ୟ ଦରକାର ମୁଁ ଯତିଭାଇଙ୍କ ଠାରୁ ଅକୁଣ୍ଠ ଚିତ୍ତରେ ପାଇଚି । ପୂର୍ବାଞ୍ଚଳ ଭାଷାକେନ୍ଦ୍ରର ଅଧ୍ୟକ୍ଷ ରୂପେ ବର୍ଷେ ଦି'ବର୍ଷ ଆସିବା ପାଇଁ ମୋ ଅନୁରୋଧ ସେ ଗ୍ରହଣ କଲେ । ଲାଇବ୍ରେରି ଓ ଭାଷା ପ୍ରୟୋଗଶାଳାର ସେ ଯେଉଁ ମୂଳଦୁଆ ପକେଇ ଥିଲେ, ସେଇଥିଯୋଗୁ ଭାଷାକେନ୍ଦ୍ର ବଞ୍ଚିଗଲା । ତା'ପରେ ବିଜୟଲକ୍ଷ୍ମୀ ଓଡ଼ିଆ ଅଧ୍ୟାପିକା ଭାବରେ ଯୋଗଦେଲେ । ଓଡ଼ିଆ ଭାଷାଶିକ୍ଷା ପାଇଁ ପଠନ ସାମଗ୍ରୀ ପ୍ରସ୍ତୁତ କରିବାରେ ତାଙ୍କର ଅବଦାନ ମହନୀୟ ।

ମୁଁ ସେବାନିବୃତ୍ତ ହେବାର ବର୍ଷେ ପରେ ଭୁବନେଶ୍ୱର ଫେରିଗଲି । ସୁଲକ୍ଷଣା ଚାଲିଗଲେ । ଅକ୍ଷୟ ଚାଲିଗଲା । ମୋର ଭୁବନେଶ୍ୱର ଆସିବାର ହେତୁ ଉଭେଇ ଗଲା । ଓଡ଼ିଶାରେ କେହି ମତେ ଜାଣନ୍ତି ନାହିଁ । ଅଧିକାଂଶଙ୍କର ଧାରଣା ଯେ ମୁଁ ଭାଷା କ୍ଷେତ୍ରରେ କିଛି କାମ କରିଛି । ପାରିବାରିକ ସମ୍ପର୍କ ସବୁ ସୁଲକ୍ଷଣା ଦେଖୁଥିଲେ । ସେଠି ମଧ ଗୋଟାଏ ବଡ଼ ଫାଙ୍କ ସୃଷ୍ଟି ହେଲା । ଏତିକିବେଳେ ଯତିଭାଇ ଓ ବିଜିଙ୍କର ମାନସିକ ସାହଚର୍ଯ୍ୟ ମତେ ବଡ଼ ଦମ୍ଭ ଦେଇଛି ।

ଅଗଷ୍ଟ ୧୪ରେ ହାର୍ପିସରେ ମୁଁ ଶଯ୍ୟାଶାୟୀ ଥିଲି, ତା'ର ତିନିମାସ ପରେ ହୃଦରୋଗ । ଆଞ୍ଜିଓପ୍ଲାଷ୍ଟି ହେଲା, ପଡିଶା ଘରେ ଥିଲେ ସୁଦ୍ଧା ସିଏ ଡାକ୍ତରଖାନା ଯିବାବେଳେ କିମ୍ବା ଚାଲିଗଲା ବେଳେ ଉଠି ଦେଖିଯିବାର ଶକ୍ତି ମୋର ନଥିଲା ।

ଯତିଭାଇ ଚାଲିଗଲେ । ଉପନ୍ୟାସ, ସମାଲୋଚନା କ୍ଷେତ୍ରରେ ଓଡ଼ିଆ ସାହିତ୍ୟରେ ଗୋଟିଏ ଯୁଗର ଅବସାନ ହେଲା । ଓଡ଼ିଆ ସାହିତ୍ୟର ବିଭିନ୍ନ ଉପବିଭାଗରେ ବହୁ ସଂକଳନ ଏହି ଯୁଗରେ ଏହି ଯୁଗର ବୈଶିଷ୍ଟ୍ୟ । 'ମୋର ସାହିତ୍ୟ ଦୀକ୍ଷା' ପ୍ରକାଶ ସମୟରେ ପ୍ରଜ୍ଞା ସାହିତ୍ୟ ଥିଲା ଆମ ମାର୍ମିକ ଓ ବୌଦ୍ଧିକ ସମ୍ପର୍କର ସୂଚକ ।

ଭକ୍ତମଧୁନଗର, ଭୁବନେଶ୍ୱର
ମୋ: ୯୪୩୭୫୬୫୦୬୨

କର୍ତ୍ତବ୍ୟନିଷ୍ଠ ଅଧ୍ୟାପକ ଯତୀନ ମହାନ୍ତି

ସାତକଡ଼ି ହୋତା

ମୁଁ ଓଡ଼ିଶାକୁ ଡେପୁଟେସନରେ ଆସି ସରକାରଙ୍କ ପରିବହନ ବିଭାଗର ରେଳ ସମନ୍ୱୟ କମିଶନର ଏବଂ ସ୍ୱତନ୍ତ୍ର ସଚିବ ଭାବେ ଯୋଗଦେବା ପରେ ଯତୀନ ବାବୁଙ୍କ ସହିତ ପରିଚିତ ହେଲି। ୧୯୮୦ର କଥା। ସେ ମୋ ସମସାମୟିକ ଥିଲେ ମଧ୍ୟ ତାଙ୍କ ସହିତ ମୋର ପରିଚୟ ନଥିଲା। କିନ୍ତୁ ତାଙ୍କୁ ସାହିତ୍ୟ ସହ ଓଡ଼ିଶା ଲେଖକ ସମବାୟ ସମିତି ଓ ଅନ୍ୟତ୍ର ଦେଖିବା ଓ ଶୁଣିବା ପରେ ମୋର ପ୍ରତ୍ୟୟ ହେଲା ଯେ ସେ ଜଣେ କର୍ତ୍ତବ୍ୟନିଷ୍ଠ ଲେଖକ। ଇଂରାଜୀ ସାହିତ୍ୟରେ ଅଧ୍ୟାପକ ହେଲେ ମଧ୍ୟ ସେ ଓଡ଼ିଆ ସାହିତ୍ୟର ଟିକିନିଖି ଖବର ରଖୁଥିଲେ।କ୍ରମଶଃ ତାଙ୍କ ସହିତ ବଂଧୁତ୍ୱ ବଢ଼ିଲା। ଆହୁରି ଜାଣି ଖୁସି ହେଲି ଯେ ତାଙ୍କ ସହଧର୍ମିଣୀ ବିଜୟଲକ୍ଷ୍ମୀ ମହାନ୍ତି ଆଞ୍ଚଳିକ ଭାଷା କେନ୍ଦ୍ରର ଅଧ୍ୟାପିକା ଏବଂ ଓଡ଼ିଆ ଭାଷା ଓ ସାହିତ୍ୟରେ ଜଣେ ଗବେଷିକା। ଉଭୟ ସ୍ୱାମୀ ସ୍ତ୍ରୀଙ୍କ ସହଯୋଗ ଓ ସାନ୍ନିଧ ମୁଁ ଓ ମୋ ସ୍ତ୍ରୀ ଗୀତା ପକ୍ଷରେ ସ୍ମରଣୀୟ ହୋଇ ରହିବ।

ଓଡ଼ିଶା ଲେଖକ ସମବାୟ ସଂସ୍ଥା ସହିତ ମୁଁ ସଂପୃକ୍ତ ହେବାପରେ ଯତୀନ ବାବୁଙ୍କ ସହିତ ମୋର ଦୈନନ୍ଦିନ ସଂପର୍କ ଆହୁରି ଦୃଢ଼ ହେଲା। ମୋର ଗଳ୍ପ ବହି 'ନୀଳାଚଳକୁ ରାସ୍ତା'ର ମୁଖବନ୍ଧ ସେ ଲେଖିଥିଲେ ଏବଂ ଏହାର ଉନ୍‌ମୋଚନ ବେଳେ ମଧ୍ୟ ବହିର ସମୀକ୍ଷା କରିଥିଲେ। ଲେଖକ ସମବାୟ ସମିତିର ସଭାପତି ଥିଲେ ଗୋପୀନାଥ ମହାନ୍ତି ଏବଂ ତାଙ୍କ ପରେ ସଭାପତି ଦାୟିତ୍ୱ ତୁଲାଇଲେ ଡ. ସୀତାକାନ୍ତ ମହାପାତ୍ର। ସୀତାକାନ୍ତ ବାବୁ ସଭାପତି ଥିଲାବେଳେ ମୁଁ ନିୟମିତ ଯାଉଥିଲି ସମବାୟ ସମିତିକୁ ଏବଂ ସେତିକି ବେଳେ ସମବାୟିକ ପ୍ରଚେଷ୍ଟା ଦ୍ୱାରା ଅନୁଷ୍ଠାନକୁ ଦୃଢ଼ ଓ ଶକ୍ତିଶାଳୀ କରିବା ପାଇଁ ଆମେ ଦୁହେଁ ଅନେକ ପଦକ୍ଷେପ ନେଇଥିଲୁ। ସୀତାକାନ୍ତ ବାବୁ ଆମେରିକା ଯିବା ପରେ ମୁଁ ସଭାପତି ଦାୟିତ୍ୱ ନେଲି ଏବଂ ଯତୀନ ବାବୁ ସେତେବେଳେ କାର୍ଯ୍ୟକାରୀ ପରିଷଦର ନିର୍ଦ୍ଦେଶକଥିଲେ। ଇଂରାଜୀ ସାହିତ୍ୟର ଜ୍ଞାନ ପରି ଓଡ଼ିଆ ସାହିତ୍ୟରେ ମଧ୍ୟ ତାଙ୍କ ପ୍ରବେଶ ଗଭୀର ଥିଲା ଏବଂ ସେ ଅନେକ ଓଡ଼ିଆ ଅଧ୍ୟାପକଙ୍କ ଠାରୁ ଜ୍ଞାନ ଓ ସାହିତ୍ୟ ଚର୍ଚ୍ଚାରେ ଅଧିକ ପାରଙ୍ଗମ ଥିଲେ। ଓଡ଼ିଶା ଲେଖକ ସମବାୟ ସମିତିର ପୁସ୍ତକ ପ୍ରକାଶନ ପ୍ରତି ସେହି ସମୟ ଆମେ ଅଧିକ ଗୁରୁତ୍ୱ ଦେଇଥିଲୁ ଏବଂ ଅନେକ ଭଲ ବହି ମଧ୍ୟ ପ୍ରକାଶ ହୋଇଥିଲା। ସମବାୟ ସଂସ୍ଥାର କାର୍ଯ୍ୟ ପରିସର ପ୍ରସାର କରିବା ନିମନ୍ତେ ସେ ନିରନ୍ତର ଉଦ୍ୟମ କରୁଥିଲେ। ଏଇ ସମୟରେ ସମବାୟ ସଂସ୍ଥାର ସଭ୍ୟ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିଲା।

ଯତୀନ ବାବୁ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଓଡ଼ିଆ ପରାମର୍ଶ ଦାତା ପରିଷଦର ଆବାହକ ଏବଂ ଏକାଡ଼େମୀର କାର୍ଯ୍ୟକାରିଣୀ ପରିଷଦର ସଭ୍ୟ ଥିଲେ। ଏଇ ଦାୟିତ୍ୱରେ ସେ ଦଶବର୍ଷରୁ ଅଧିକ ଥିଲେ ଏବଂ ଓଡ଼ିଆ ସାହିତ୍ୟ ଜାତୀୟ ସ୍ତରରେ ଯେପରି ଉପଯୁକ୍ତ ମାନ୍ୟତା ପାଏ ସେ ଦିଗରେ ନିରନ୍ତର ପ୍ରୟାସ କରିଥିଲେ। ସେ ମଧ୍ୟ ଏକାଡ଼େମୀ ପକ୍ଷରୁ ପ୍ରକାଶିତ ଇଂରାଜୀ ପତ୍ରିକାର ସଂପାଦକ ମଣ୍ଡଳୀରେ ସଭ୍ୟ ଥିଲେ। ସେତେବେଳେ ଓଡ଼ିଆ ସାହିତ୍ୟର ଅଧିକ ଲେଖା ପତ୍ରିକାରେ ପ୍ରକାଶିତ ହେଉଥିଲା। ତାଙ୍କ ବ୍ୟକ୍ତିଗତ ଉଦ୍ୟମରୁ କେତେକ ଭଲ ଲେଖକ ପୁରସ୍କାର ପାଇଥିଲେ। ସେ

ଓଡ଼ିଆ ପରାମର୍ଶ ଦାତା ପରିଷଦର ଆବାହକ ଥିବାବେଳେ ମୁଁ ପରାମର୍ଶଦାତା ପରିଷଦର ସଭ୍ୟ ଥିଲି।

ଯତୀନ ବାବୁଙ୍କ ଇଂରାଜୀ ଓ ଓଡ଼ିଆ ସାହିତ୍ୟରେ ଗଭୀର ଜ୍ଞାନ ଥିଲା ଏବଂ ସେଥିପାଇଁ ସେ କୌଣସି ବହିର ସମୀକ୍ଷା ବା ଆଲୋଚନା କଲେ ଏହାର ବସ୍ତୁନିଷ୍ଠ ସମୀକ୍ଷା କରୁଥିଲେ। ଓଡ଼ିଆ ସାହିତ୍ୟର ବିକାଶ ଓ ପ୍ରସାର ଦିଗରେ ସେ ସବୁବେଳେ ଭାବୁଥିଲେ ଏବଂ ଉଚ୍ଚକୋଟିର ଓଡ଼ିଆ କବିତା ଓ ଗଳ୍ପ ସାହିତ୍ୟର ସଂକଳନମାନ ପ୍ରକାଶ କରି ଏକ ପ୍ରଶଂସନୀୟ କାର୍ଯ୍ୟ କରିଯାଇଛନ୍ତି। ଏହାଦ୍ୱାରା ସମଗ୍ର ଓଡ଼ିଆ ସାହିତ୍ୟର ଉଲ୍ଲେଖନୀୟ ଅଂଶ ସବୁ ଲୋକ ଲୋଚନକୁ ଆସିଥିଲା। ତାଙ୍କର ଗଦ୍ୟ, ପଦ୍ୟ ଓ ପ୍ରବନ୍ଧ ସାହିତ୍ୟରେ ବସ୍ତୁନିଷ୍ଠ ସମୀକ୍ଷା କେବଳ ଉଲ୍ଲେଖଯୋଗ୍ୟ ନୁହେଁ ପ୍ରଶଂସନୀୟ ମଧ୍ୟ। ଶ୍ରୀମତୀ ମହାନ୍ତି ମଧ୍ୟ ଓଡ଼ିଆ ବ୍ୟାକରଣ ସଂପର୍କରେ ତାତ୍ତ୍ୱିକ ଆଲୋଚନା କରିଥିବା 'ଓଡ଼ିଆ ବ୍ୟାକରଣ ବିଚାର' ପୁସ୍ତକ ଲେଖକ ସମବାୟ ସମିତି ପ୍ରକାଶ କରିଛି। ଯତୀନ ବାବୁ ଦୀର୍ଘ ବର୍ଷ ଅଧ୍ୟାପକ ଭାବେ କାର୍ଯ୍ୟ କରିଥିବାରୁ ଓଡ଼ିଆ ଓ ଇଂରାଜୀ ସାହିତ୍ୟର ବିଭିନ୍ନ ଦିଗ ସଂପର୍କରେ ଗଭୀର ଜ୍ଞାନ ଅର୍ଜନ କରିଥିଲେ। ଏହି କାରଣରୁ ସାହିତ୍ୟ ସମ୍ବନ୍ଧରେ କୌଣସି ଆଲୋଚନା ହେଲେ ସେଥିରେ ସେ ଆଗ୍ରହର ସହିତ ଯୋଗ ଦେଇ ନିଜର ନିର୍ଭୀକ ମତ ଉପସ୍ଥାପନ କରୁଥିଲେ। ତାଙ୍କ ଉଦ୍ୟୋଗରୁ ଅନେକ ଲେଖକଙ୍କ ଉତ୍ତମ ଲେଖାମାନ ସମୀକ୍ଷକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

ଦିବଂଗତ ଅଧ୍ୟାପକ ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ସାରସ୍ୱତ ସାଧନା ଥିଲା ବହୁମୁଖୀ। ଇଂରାଜୀ ସାହିତ୍ୟର ଅଧ୍ୟାପକ ସେ, କିନ୍ତୁ ଓଡ଼ିଆ ସାହିତ୍ୟର ପ୍ରବୀଣ ପଣ୍ଡିତ। ପ୍ରାଚୀନ ଓ ଆଧୁନିକ ଓଡ଼ିଆ କାବ୍ୟ ସଂକଳନର ସମୀକ୍ଷା କରିବା ପାଇଁ ସେ ମୋତେ ଦାୟିତ୍ୱ ଦେଇଥିଲେ ଏବଂ ମୁଁ ଖୁସି ମୋ ସମୀକ୍ଷା ପାଠକରି ସେ ସନ୍ତୁଷ୍ଟ ହୋଇଥିଲେ। ଅନେକ ନୂତନ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଥିଲୁ ଆମେ ଲେଖକ ସମବାୟ ସମିତି ପାଇଁ ସେଥିମଧ୍ୟରୁ ଗୋଟିଏ ଥିଲା ଗୋଟିଏ ଭଲ ଅଭିଧାନ ପ୍ରଣୟନ, ଏଇ ଯୋଜନା କାର୍ଯ୍ୟକାରୀ ହୋଇ ପାରିନଥିଲା। ତାଙ୍କର ଇଂରାଜୀରେ ଲେଖା ଓଡ଼ିଆ ସାହିତ୍ୟର ଇତିହାସ ଅଣଓଡ଼ିଆଙ୍କ ପାଇଁ ଏକ ଭଲ ବହି।

ସେ ସଂସାର ଛାଡି ଚାଲିଯିବାର ବର୍ଷେ ହେଲାଣି। କିନ୍ତୁ ତାଙ୍କର ଶୂନ୍ୟତା ଏବେ ବି ସମସ୍ତେ ଅନୁଭବ କରୁଛନ୍ତି। ସାହିତ୍ୟ ସଭାରେ ତାଙ୍କ ଆଲୋଚନା ଆଉ ଶୁଣିବାକୁ ମିଳୁନାହିଁ। ସେ ଥିଲେ ବୌଦ୍ଧିକ ଜଗତର ଜଣେ ଭଲ ବଂଧୁ। ମୁଁ ତାଙ୍କର ଆତ୍ମାର ସଦ୍‌ଗତି କାମନା କରୁଛି।

୯, ଷ୍ଟେସନ ସ୍କୋୟାର,
ଭୁବନେଶ୍ୱର-୭୫୧୦୦୧
ମୋ: ୯୪୩୭୦୯୦୮୭୭

ଅଭୁଲା ମଣିଷଟିର ବିରଳ ସ୍ମୃତି-ଅନୁଭୂତି

କରୁଣାକର ପରିଡ଼ା

ସେଇ ଅଭୁଲା ମଣିଷଟି ଆମ ପ୍ରିୟ ସାଙ୍ଗ 'ଯତି' ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି। ଯତି ସହିତ ମୋ ବନ୍ଧୁତାର ବୟସ ସତୁରୀବର୍ଷ, ୧୯୪୩ ରୁ ୨୦୧୨। ଏଇ ଜୀବନ କାଳ ଭିତରେ ନାନା ପରିସ୍ଥିତି ଏବଂ ବିଭିନ୍ନ ଘଟଣା ପ୍ରବାହରେ କେତେ ନା କେତେ ସ୍ମୃତି ଅନୁଭୂତି ମୋ ମନରେ କେଉଁକାଳୁ ଖୁନ୍ଦି ହୋଇ ରହିଆସିଛି। କେତେବେଳେ କେତେବେଳେ ଚଳଚ୍ଚିତ୍ର ଭଳି ଖେଳି ଚାଲେ। ଗୋଟିଏ ହେଲେ ଜୀବନସ୍ମୃତି କେବେ ହେଲେ ମନରୁ ଫିଙ୍ଗି ଫୋପାଡି ଦେବାର ନୁହେଁ। ସବୁ ଆଗପରି ସେମିତି ତାଜା ରହିଛି।

ପ୍ରଫେସର ମହାନ୍ତି ପେଶାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗରେ ଇଂରାଜୀ ଭାଷା ସାହିତ୍ୟରେ ଅଧ୍ୟାପନା କରନ୍ତି, କିନ୍ତୁ ନିଶାରେ ସେ ଓଡ଼ିଆ ସାହିତ୍ୟର ନିରଳସ ସାଧକ। ଓଡ଼ିଆ ସାହିତ୍ୟର ସମାଲୋଚନା କ୍ଷେତ୍ରରେ ସେ ଜଣେ ବିଶିଷ୍ଟ ପ୍ରଜ୍ଞାପୁରୁଷ। ଜଣେ ନିଆରା ଚିନ୍ତକ ଭାବରେ ସେ ଦେଶର ସାରସ୍ୱତ କ୍ଷେତ୍ରରେ ଜଣେ ଆଗଧାଡିର ସାହିତ୍ୟିକ ଭାବରେ ବେଶ ଜଣାଶୁଣା। ସେ ନିଜର ଏକ ସ୍ୱତନ୍ତ୍ର ଶୈଳୀରେ ସମାଲୋଚନା ସାହିତ୍ୟ ସୃଷ୍ଟି କରି, ମର୍ଯ୍ୟାଦାବନ୍ତ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଆୱାର୍ଡ ହାସଲ କରି ସାରିଛନ୍ତି। ତଦ୍ୱାରା ସେ ସାହିତ୍ୟ ସାଧନାରେ ଜଣେ ଉଚ୍ଚକୋଟୀର ଚିନ୍ତନ ଏବଂ ବୌଦ୍ଧିକ ପ୍ରତିଭାଦୀପ୍ତ ଶିକ୍ଷାବିଦ୍ ଭାବରେ ସମଗ୍ର ରାଷ୍ଟ୍ରରେ ଉଭା ହୋଇଛନ୍ତି। ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ତାଙ୍କ କଲମ ଚାଳନା ସକ୍ରିୟ ରଖି ଜଣେ ବହୁଦର୍ଶୀ, ତତ୍ତ୍ୱଦର୍ଶୀ ଭାବେ ପ୍ରଚଣ୍ଡ ଚିନ୍ତନ ପ୍ରକ୍ରିୟା ଜାରିରଖି ଏହି ମର ସଂସାରରୁ ଏବେ ବିଦାୟ ନେଇ ଯାଇଛନ୍ତି। ସାହିତ୍ୟ ଜଗତରେ ଅଶେଷ ସୁନାମ ଅର୍ଜନ ସାଙ୍ଗକୁ ସାଧାରଣ ବିଚାରରେ ସେ ଜଣେ ଭଲ ମଣିଷ ଏବଂ ସାଙ୍ଗମାନଙ୍କର ଅବିସ୍ମରଣୀୟ ବନ୍ଧୁ।

ଆମେ ଦୁହେଁ କେନ୍ଦ୍ରାପଡା ଅଞ୍ଚଳର। କେନ୍ଦ୍ରାପଡ଼ା କେନାଲ କୂଳିଆ ଛୋଟ ଗାଁ ଶ୍ୟାମସୁନ୍ଦର ପୁରଠି ଯତିର ଷଠୀଘର ରହିଛି। କେନ୍ଦ୍ରାପଡ଼ା କେନାଲ ଲଞ୍ଚ ବାଟର ଲକ୍ କଡ଼ରେ ଏଇ ଗାଁ ଟି ମନୋହର ପ୍ରାକୃତିକ ସୌନ୍ଦର୍ଯ୍ୟ କୋଳରେ ଅବସ୍ଥିତ। ଏଇ ଗାଁ ଠାରୁ ସେଇ ଏକା ପାର୍ଶ୍ୱରେ କେନାଲ ବନ୍ଧ କଡ଼ରେ ରହିଛି ବଳଦେବ ମାଇନର ସ୍କୁଲ। ମୁଁ ସେଇ ସ୍କୁଲର ୧୯୪୨ ମାଇନର ବୃତ୍ତିଛାତ୍ର। ୧୯୪୩ ଜାନୁଆରୀରେ ମାଇନର ବୃତ୍ତି ପାଇ ମୁଁ କଟକ ରେଭେନ୍ସା କଲିଜିଏଟ୍ ସ୍କୁଲରେ ଯାଇ ପଢିଲି। ଯତି ଘର ପାଖ କେନ୍ଦ୍ରାପଡା ହାଇସ୍କୁଲ ଛାଡି ଭଲ ପଢ଼ାପାଇଁ ସେ କଟକ ପିଏମ୍. ଏକାଡ଼େମୀ ସ୍କୁଲରେ ଯାଇ ମାଟ୍ରିକ୍ ପଢିଲା। ମୋ ଗାଁର ଆର୍ତ୍ତବନ୍ଧୁ ଜେନା ଯାଜପୁରର ରାମବାଗ ମାଇନର ସ୍କୁଲରୁ ବୃତ୍ତି ନେଇ ପିଏମ୍ ଏକାଡ଼େମୀକୁ ଆସିଲା। ଏକା ସାଙ୍ଗରେ ରାଜେନ୍ଦ୍ର ପ୍ରସାଦ ଦାସ ପିଏମ୍ ଏକାଡ଼େମୀରେ ନାମ ଲେଖେଇ, ଦୁହେଁ ବଙ୍ଗାଳୀ ସାହିର ରାମକୃଷ୍ଣ କଟେଜରେ ରହି ସ୍କୁଲ ଯିବା ଆସିବା କରୁଥିଲେ। ହେଲେ ୧୯୩୯ ସେପ୍ଟେମ୍ବରରେ ଆରମ୍ଭ ହୋଇଥିବା ଦ୍ୱିତୀୟ ବିଶ୍ୱଯୁଦ୍ଧ ୧୯୪୩ ବେଳକୁ ଭୟଙ୍କର ଭାବରେ ଘନେଇ ଆସିଥିଲା। କଟକରେ ବୋମା ଆକ୍ରମଣ ଆତଙ୍କ ଦୃଢ଼ୀଭୂତ ହୋଇଥାଏ। ସତେକି ସିଙ୍ଗାପୁର ଆଡୁ ବୋମାମାଡ଼ରେ ଢୋ ଢୋ ଶବ୍ଦ କଟକ ଯାଏ ଶୁଭୁଥାଏ ବୋଲି ଗୁଜବ ଜୋର ଧରିଥାଏ। କଟକ ସାରା କୋକୁଆ ଭୟ। ହେଲେ ଆମେ ତିନିହେଁ ମଫସଲିଆ କଟକରେ। ମଝିରେ ମଝିରେ ଗାଁ ସାଙ୍ଗ ଆର୍ତ୍ତ କଲେଜରୁ ରାଜେନ୍ଦ୍ରକୁ ଧରି ମୋତେ ଭେଟିବାକୁ ଆସେ। ସେମାନେ ଉପରଓଳି ୪ଟାରୁ ୬ଟା ଭିତରେ ଆସନ୍ତି। ସେଇ ବେଳାରେ ସେମାନେ ମୋ କଥା ମାନି କଲିଜିଏଟ୍ ସ୍କୁଲର

ହଷ୍ଟେଲକୁ ନ ଆସି ସ୍କୁଲର ଖେଳପଡିଆ ସନସାଇନ ଗ୍ରାଉଣ୍ଡକୁ ଆସନ୍ତି। ସେଇଠି ଆମର ଭେଟ ହୁଏ। କ୍ରମେ ଆର୍ତ୍ତ ଓ ରାଜେନ୍ଦ୍ର ଜରିଆରେ ଯତି ଆମ ବନ୍ଧୁତା ଡୋରରେ ଗୁନ୍ଥି ହୋଇଗଲା। ଯତି କ୍ରମେ ପାଲଟିଗଲା ମୋ ବନ୍ଧୁର ବନ୍ଧୁ ପରମ ବନ୍ଧୁ। ସ୍କୁଲ ପାଠ ସରିଗଲା ଆମେ ସବୁ ଆସି ରେଭେନ୍ସା କଲେଜରେ ଏକାଠି ହେଲୁ। କଳା, ବିଜ୍ଞାନ, ଇଷ୍ଟ ହଷ୍ଟେଲ, ଉଏଷ୍ଟ ହଷ୍ଟେଲ ରହିବା ଭେଦରେ ଆମେ ବାଣ୍ଟି ହୋଇ ରହିଲୁ ସିନା, ଆମ ବନ୍ଧୁତାର ଡୋର କେବେ କୋହଳ ହୋଇ ନଥିଲା। ରେଭେନ୍ସା କଲେଜରେ ଦେବୀ, କୃଷ୍ଣ, ଲକ୍ଷ୍ମଣ ପ୍ରଭୃତି ଆମ ବନ୍ଧୁତା ଡୋରରେ ବାନ୍ଧି ହୋଇଗଲେ। ଶ୍ରେଣୀ ଗୃହର ପାଠପଢ଼ା ସହିତ ବାହାରେ ଭେଟଭାଟ, ମଉଜ ମଜଲିସରେ ସମୟ କାଟିବାରେ ଅଭାବ ରହିଲା ନାହିଁ। ଚାହୁଁ ଚାହୁଁ କଲେଜ ପାଠ ସରିଗଲା। ସାଙ୍ଗମାନେ ରେଭେନ୍ସା ଏବଂ ଉତ୍କଳବିଶ୍ୱବିଦ୍ୟାଳୟର ଆଳଙ୍କାରିକ ଡିଗ୍ରୀ ସବୁ ହାସଲ କରି, ନିଜ ନିଜ କର୍ମକ୍ଷେତ୍ର ବାଛି ନେଇ ଦୂରେଇ ରହିଲେ। ମୁଁ ହାଇସ୍କୁଲ ଶିକ୍ଷକତାକୁ ଆଦରି ନେଲି। ଯତି, ରାଜେନ୍ଦ୍ର, ଦେବୀ, ଲକ୍ଷ୍ମଣ, ପ୍ରଭୃତି ରେଭେନ୍ସା, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଭାବରେ ଏବଂ ଆର୍ତ୍ତ ଜଣେ ଇଞ୍ଜିନିୟର ଭାବରେ ହୀରାକୁଦ ବନ୍ଧ ରକ୍ଷଣାବେକ୍ଷଣ, ସାମୟିକ ଆପଦ ବିପଦ ଏଡାଇବା ପାଇଁ ହୀରାକୁଦ ବନ୍ଧର ଗବେଷଣାଗାରର ସର୍ବେସର୍ବା ଭାବେ ହୀରାକୁଦରେ ରହିଲା। ଦୂରତା ସତ୍ତ୍ୱେ ଆମ ବନ୍ଧୁତାର ସ୍ୱର କେବେ କ୍ଷୀଣ ହୋଇ ଯାଇନାହିଁ।

ଅବସ୍ଥା ଚକ୍ରରେ, ଯତି ଓ ମୁଁ କଟକ ଭୁବନେଶ୍ୱରରେ ରହିଲୁ। ଇତିହାସ ପ୍ରଫେସର ରାଜେନ୍ଦ୍ର ଐତିହାସିକ ତଥ୍ୟ ସଂଗ୍ରହ ଓ ଐତିହାସିକ କୀର୍ତ୍ତିସମୂହର ଉପଯୁକ୍ତ ରକ୍ଷଣବେକ୍ଷଣ କାମରେ ଭାରତ ସାରା ବୁଲିଲା। ଦେବୀ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଭାଷା ତତ୍ତ୍ୱବିଦ୍ ଭାବରେ ଭାରତ ସରକାରଙ୍କ ଭାଷା ପ୍ରତିଷ୍ଠାନ ଦାୟିତ୍ୱରେ ମହୀଶୂରରେ ଅବସ୍ଥାନ କରି ଆନ୍ତର୍ଜାତିକ ସ୍ତରରେ ଘୂରି ବୁଲିଲା । ମୁଁ ଥାଏ ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲର ଶିକ୍ଷକ କଲୋନୀର ସରକାରୀ କ୍ୱାଟରରେ। ଯତି ବି.ଜେ.ବି କଲେଜର ଅଧ୍ୟାପକ ଭାବରେ ଇଉନିଟ୍ ୨ର ମାର୍କେଟ ବିଲିଡିଂ ସାମନା ଟାଇପ୍-୫, ସରକାରୀ ଘରେ ରହୁଥିଲା। ମୁଁ ମଝିରେ ମଝିରେ ସମୟ କରି ଯତି ଘରଆଡ଼େ ବୁଲିଯାଏ। ଯତିର ସେଠା ପଡ଼ୋଶୀ, ମୋର ବହୁ ଚିହ୍ନାଜଣା ଓଡ଼ିଆ ସାହିତ୍ୟର ବିଶିଷ୍ଟ କଥାକାର ଏବଂ ଓଡ଼ିଶା ସରାକରଙ୍କ ଡେପୁଟୀ ସେକ୍ରେଟେରୀ ୰ବାମଚରଣ ମିତ୍ରଙ୍କ କ୍ୱାଟରକୁ ଯତି ସାଙ୍ଗରେ ଯାଇ, ଦେଖା ସାକ୍ଷାତ୍ ଆଳାପ ଆଲୋଚନା କରି ହାଇସ୍କୁଲ କଲୋନୀକୁ ଫେରିଆସେ। ଏମିତି ଏମିତି ଦିନ କେତେ ପରେ ନାନା ଆଲୋଚନା ଭିତରେ ଯତିର ଦ୍ୱିତୀୟ ବିବାହ ପ୍ରସଙ୍ଗ ଉଠିଲା। ଯତିର ପଡିଶା ବିଜେବି କଲେଜରେ ଅଧ୍ୟୟନରତା ଛାତ୍ରୀ ବିଜୟଲକ୍ଷ୍ମୀଙ୍କ ସହିତ ଯତିର ବିବାହ କଥା ବିଚାରକୁ ଆସିଲା। ଉଭୟ ପକ୍ଷ କଥାବାର୍ତ୍ତା ହୋଇ ବିବାହ ଉତ୍ସବ ଅନୁଷ୍ଠିତ ହେଲା।

ମୋ ଚାକିରି କାଳ ମଝିରେ ଏକାଦି କ୍ରମେ ଦୀର୍ଘ ବାରବର୍ଷ କ୍ୟାପିଟାଲ ହାଇସ୍କୁଲରେ କାମ କରିବା ପରେ ମୋର ପୁରୀ ଜିଲ୍ଲା ସ୍କୁଲକୁ ବଦଳି ହେଲା। ପୁରୀ ଗଲି ସେତେବେଳକୁ ରାଜେନ୍ଦ୍ର ପୁରୀ କଲେଜର ଇତିହାସ ବିଭାଗର ମୁଖ୍ୟ ରିଡର ଥାଏ। ସେ କଲେଜ ଗେଟ୍ ସାମନାରେ ସରକାରୀ ଘରଟିଏ ପାଇଥାଏ। ମୁଁ ପୁରୀରେ ଥିବା ବଖତରେ ପ୍ରାୟ ପ୍ରତିଦିନ ସ୍କୁଲ ପରେ ରାଜେନ୍ଦ୍ର ବାଟଦେଇ, ମନ୍ଦିର ଯାଏ। ଏମିତି କିଛି ଦିନ ଗଲାପରେ ହଠାତ୍ ଦିନେ ଆକସ୍ମିକ ଭାବରେ ଟେଲିଗ୍ରାମଟିଏ ମୋତେ ମିଳିଲା। "Wire willingness to join Panchayat College Baragada as lecturer in education, Principal". ଏଇଟା ପୁଣି କି କିମିଆଁ ? କିଏ ଏ କାଣ୍ଡ ଭେଜିଛି ?.. କ'ଣ ମିଳିବ ମୋତେ ସେଥିରୁ ? ମୋ ସରକାରୀ ଚାକିରିକୁ ପନ୍ଦର ବର୍ଷ ପୂରିଲାଣି। ମୁଁ କିଆଁ ଏତେ ବର୍ଷର ସରକାରୀ ଚାକିରି ଛାଡି, ଘରୋଇ କଲେଜରେ ଅଧ୍ୟାପକ ହେବାକୁ ଯିବି ? ଦି'ଦିନ ପରେ ରାଜେନ୍ଦ୍ରକୁ ଯାଇ ସନ୍ଧ୍ୟାରେ ଭେଟିଲି। ସେ ବି ବେଶ୍ ଟିକେ ଆଶ୍ଚର୍ଯ୍ୟ ହୋଇଗଲା। ....ଟିକିଏ ସମୟ ଚିନ୍ତା କରି କହିଲା, କରୁଣା ନିଆଁ ନ ଥାଇ ଧୂଆଁ କ'ଣ ସମ୍ଭବ ?

ଅପେକ୍ଷା କର.. ଘଟଣା କ'ଣ ବୁଝିବା ! ପ୍ରତି ସପ୍ତାହରେ ମୁଁ ଶନିବାର-ରବିବାର ପୁରୀରୁ ଭୁବନେଶ୍ୱର ଆସେ। ଟେଲିଗ୍ରାମଟି ପାଇବା ପରେ ଶନିବାର ସ୍କୁଲ ପରେ ଭୁବନେଶ୍ୱର ଆସିଲି। ଭୁବନେଶ୍ୱରରେ ଯତି ଘର ଆଡ଼େ ଗଲି। ମୋତେ ଦେଖୁ ନ ଦେଖୁଣୁ, ଯତି ଗମ୍ଭୀର ଭାବରେ ବଡ଼ ପାଟିଆ ଚିତ୍କାର କଲା, 'କରୁଣା, ତୁ ପଞ୍ଚାୟତ କଲେଜ ପ୍ରିନ୍ସିପାଲଙ୍କୁ ତୋ willingness ପଠେଇଲୁ ? ......ମୁଁ ଏକାବେଳକେ ତୋବା ! ଥକ୍କା ମାରି ବସିଗଲି। ଏ କ'ଣ ଭୌତିକ କାଣ୍ଡ ! ! ଟେଲିଗ୍ରାମଟାଏ ପାଇଛି ବୋଲି ମୁଁ ଜାଣିନାହିଁ; ତୁ କେମିତି ଜାଣିଲୁ ?...ନାଇଁ ନାଇଁ ମୁଁ କାହିଁକି ପନ୍ଦରବର୍ଷର ସରକାରୀ ଚାକିରି ଛାଡି ଘରୋଇ କଲେଜକୁ ଯିବି ? ମୁଁ ତ 'ପିଣ୍ଡାଓଲୁ' ଜାତିର ମାଷ୍ଟର ଲୋକ। ତମ ବିଜ୍ଞ ବିଚାରର ତର୍ଜମା କଣ ଶୁଣେ ! ...ଯତି ବେଶ୍ କିଛି ସମୟ ଗମ୍ଭୀର ରହି, ଟିକିଏ ମୁରୁକି ହସାଦେଇ ଆରମ୍ଭ କଲା। 'ଶୁଣ, ପଞ୍ଚାୟତ କଲେଜ ପ୍ରିନ୍ସିପାଲ DPIଙ୍କୁ ଭେଟି କହିଲେ, ସାର୍ ଆମେ କଲେଜରେ ନୂତନ ଭାବେ 'ଶିକ୍ଷାବିଭାଗ' ଖୋଲିବା ପାଇଁ କଲେଜ ଛାତ୍ର, ସ୍ଥାନୀୟ ଅଭିଭାବକ ଏବଂ ସାଧାରଣ ଲୋକଙ୍କ ଆଡୁ ଓଜନିଆ ଚାପ ପଡିଲା। କଲେଜରେ ଏ ବର୍ଷ ବଜେଟରେ ଖର୍ଚ୍ଚ ବ୍ୟବସ୍ଥା କରି, ବିଜ୍ଞାପନ ଜରିଆରେ ଦୁଇ ଦୁଇ ଥର ଇଣ୍ଟରଭ୍ୟୁ କରି ଆଶାନୁରୂପ ଉପଯୁକ୍ତ ବ୍ୟକ୍ତିଟିଏ ଅଧ୍ୟାପକ ପାଇଁ ପାଇଲୁ ନାହିଁ। ଶିକ୍ଷାବର୍ଷ ଆସି ଅଧା ହେଲାଣି; ଆପଣ ଦୟାକରି ଆମ କଲେଜକୁ ଶିକ୍ଷାରେ ଅଧ୍ୟାପକଟିଏ ଦିଅନ୍ତୁ।'.... ଏଣୁ ଡିପିଆଇ ବିଧୁବାବୁ ପଞ୍ଚାୟତ କଲେଜ ପ୍ରିନ୍ସିପାଲଙ୍କୁ ପରିଷ୍କାର ନିର୍ଦ୍ଦେଶଟିଏ ଦେଇଥିଲେ, ପୁରୀ ଜିଲ୍ଲା ସ୍କୁଲରେ ଶିକ୍ଷକ ଥିବା କରୁଣାକର ପରିଡ଼ାଙ୍କୁ ତୁରନ୍ତ ଯୋଗାଯୋଗ କର। ସେ ରାଜି ହେଲେ, ଉପଯୁକ୍ତ ଶିକ୍ଷା ଅଧ୍ୟାପକଟିଏ ପଞ୍ଚାୟତ କଲେଜ ପାଇଁ ନିଶ୍ଚିତ ଭାବରେ ମିଳିଯିବ।' ଏଣୁ ତୋତେ ଏ ଟେଲିଗ୍ରାମ, ତୁ ଯେତେଶୀଘ୍ର ପାରୁ, ତୁରନ୍ତ ପଞ୍ଚାୟତ କଲେଜର ପ୍ରିନ୍ସିପାଲଙ୍କୁ ଟେଲିଗ୍ରାଫିକ willingness ଜବାବ ଦେ। ମୁଁ ସାର୍‌ଙ୍କ ସହିତ କଥା ହେବି। ମୁଁ ପୁରୀ ଫେରିଯାଇ ଟେଲିଗ୍ରାମଟିଏ କଲି, ପ୍ରିନ୍ସିପାଲଙ୍କୁ। ପଞ୍ଚାୟତକଲେଜ ପ୍ରିନ୍ସିପାଲଙ୍କଠାରୁ ଫେରନ୍ତା ଟେଲିଗ୍ରାମ ପାଇବାରେ ବରଗଡ଼ ଯାଇ ଇଣ୍ଟରଭିଉ ପରେ ସଙ୍ଗେ ସଙ୍ଗେ ନିଯୁକ୍ତି ପତ୍ର ପାଇ, ପଞ୍ଚାୟତ କଲେଜର ଶିକ୍ଷାବିଭାଗ ଅଧ୍ୟାପକ ଭାବରେ ଯୋଗ ଦେଇଥିଲି। ସରକାରୀ Private colleges taken over Policy ଅନୁସାରେ ତିନିମାସ ଭିତରେ ଘରୋଇ ବରଗଡ଼ ପଞ୍ଚାୟତ କଲେଜ ସରକାରୀ କଲେଜ ହୋଇଗଲା। ଏଣୁ ମୁଁ ସରକାରୀ କଲେଜ ଅଧ୍ୟାପକ ଭାବରେ ଗଣା ହେଲି। ପରେ ପଞ୍ଚାୟତ କଲେଜରୁ ରେଭେନ୍ସା କଲେଜକୁ ବଦଳି ହୋଇ ଆସିଲି। କାରଣ ପ୍ରାଇଭେଟ୍ କଲେଜ ସରକାରୀ ହୋଇଯିବାର ଅବ୍ୟବହିତ ପରେ ପରେ ମୂଳ ଘରୋଇ କଲେଜ ଅଧ୍ୟାପକମାନଙ୍କୁ ବିଭିନ୍ନ ସରକାରୀ କଲେଜକୁ ବଦଳି କରିଦିଆଯାଏ। ରେଭେନ୍ସା କଲେଜରୁ ୫ବର୍ଷ ପରେ ମୁଁ ଭୁବନେଶ୍ୱର ବିଜେବି କଲେଜକୁ ପ୍ରାୟ ୪ ବର୍ଷ ପାଇଁ ବଦଳି ହୋଇ ଆସିଲି। ସେଠୁ ପାଞ୍ଚବର୍ଷ ପାଇଁ ଡିପିଆଇ ଅଫିସ୍‌କୁ Asst. D.P.I (Planning) ଏବଂ ପରେ ପରେ ମାଧ୍ୟମିକ କାଉନସିଲ୍‌କୁ ଡେପୁଟୀ ସେକ୍ରେଟେରୀ ଭାବରେ ଡେପୁଟେସନ୍‌ରେ ଯାଇଥିଲି। ସେଠୁ ଫେରିବା ପରେ ମୁଁ ଓଡ଼ିଶା ଷ୍ଟାଫ୍ କାଉନ୍‌ସିଲ୍ ଅଫ୍ ଏଜୁକେସନ୍ ଟ୍ରେନିଂରେ ତିନିବର୍ଷ କାମ କରି ସେଠି ଶିକ୍ଷା ପ୍ରାଧ୍ୟାପକ ଭାବରେ ଅବସର ଗ୍ରହଣ କରିଛି। ମୁଁ ଏବେ Retired Reder, SCERT, Orissa ଭାବରେ ପେନ୍‌ସନ୍ ଭୋଗୀ ହୋଇ ଅବଶିଷ୍ଟ ଜୀବନ ନିର୍ବାହ କରି ଚାଲିଛି। ଏ ସବୁ ମୂଳରେ ଯତି ଏବଂ ରାଜେନ୍ଦ୍ରର ଅବଦାନ ରହିଛି। ସେମାନେ ପ୍ରଫେସର ବିଧୁ ଭୂଷଣ ଦାସଙ୍କର ଅତି ଗେହ୍ଲାଛାତ୍ର। ଆଉ ମୁଁ ସେ ଦୁହିଁଙ୍କର ଅନ୍ତରଂଗ ବନ୍ଧୁ। କୋଉ କରୁଣା ଜୀବନରେ ଏଭଳି ଅନାବିଳ ବନ୍ଧୁପ୍ରୀତିକୁ ଭୁଲି ଯାଇ ପାରିବ ? ସେମାନେ ମୋ ପାଇଁ ଆଜୀବନ ଅଭୁଲା। ହେ ଭଗବାନ୍ ! ସେଭଳି ମହାନ୍ ଆତ୍ମାକୁ ପାଖେଇ ନେଇ ସଦ୍‌ଗତି ପଥରେ ରଖ ପ୍ରଭୁ। ଏତିକି ମୋର ସେହି ଈଶ୍ୱରଙ୍କ ପାଖରେ ଆଭୂମ ପ୍ରଣାମ ସହ ପ୍ରାର୍ଥନା। ଯତିରେ। ସେଇଠି ଥାଇ କରୁଣାର ବିଦାୟ ପ୍ରଣତି ନେବୁ ! !

୧୬୫, ଷ୍ଟେସନ ସ୍କୋୟାର, ଉଇନିଟ୍-୩, ଭୁବନେଶ୍ୱର
ଫୋ : ୨୫୩୪୧୧୬

ସାର୍‌ଙ୍କୁ ପ୍ରଣାମ

ବରେନ୍ଦ୍ର କୃଷ୍ଣ ଧଳ

ସଂସାରରେ ଜନ୍ମ ହୋଇ କେହି ଅମରତ୍ୱ ଲାଭ କରିନାହିଁ। ଦିନେ ନା ଦିନେ ସମସ୍ତଙ୍କୁ ଯିବାକୁ ପଡେ। ମାତ୍ର ଆବିର୍ଭାବ ଆଉ ତିରୋଧାନ ମଧରେ ଯେଉଁବ୍ୟକ୍ତି ଏଭଳି କିଛି କାମ କରିଥାଏ ଯାହା ତାଙ୍କୁ ଜନମାନସରେ ବଞ୍ଚାଇ ରଖିଦିଏ। କଳାକାର, ଜନସେବକ, ଲେଖକ, ଚିତ୍ରଶିଳ୍ପୀ, ନୃତ୍ୟଶିଳ୍ପୀ ଠାରୁ ଆରମ୍ଭ କରି ସମାଜରେ ବାସ କରୁଥିବା ଯେ କେହି ବ୍ୟକ୍ତି ତାଙ୍କ କାମରେ ଲୋକଙ୍କ ମନରେ ରହିଯା'ନ୍ତି। ସେହିଭଳି ଜଣେ ବ୍ୟକ୍ତିଥିଲେ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି। ଓଡ଼ିଆ ସାହିତ୍ୟର ଅନ୍ୟତମ ଦିଗ୍‌ଦ୍ରଷ୍ଟା ଯତୀନ୍ଦ୍ର ମୋହନ ମହାନ୍ତି। ଯତୀନ୍ଦ୍ର ବାବୁଙ୍କ ସହ ମୋର ପରିଚୟ ଅନେକ ଦିନର। ଠିକ୍ କେତେ ଦିନର ବା ବର୍ଷର ଏବେ ମନେ ନାହିଁ। ତେବେ ତିରିଶ / ଚାଳିଶ ବର୍ଷରୁ କମ୍ ନୁହେଁ। ମୁଁ ତାଙ୍କୁ ସାର୍ ସାର୍ ଡାକେ। ମଝିରେ ମଝିରେ ସେ ଘରକୁ ଆସନ୍ତି। ଅନେକ ପ୍ରକାର କଥାବାର୍ତ୍ତା ହୁଏ। ଭଲକୁ ଭଲ ଏବଂ ମନ୍ଦକୁ ମନ୍ଦ କହିବାରେ ସେ କେବେ ଦ୍ୱିଧା କରନ୍ତି ନାହିଁ। ତାଙ୍କର ଗୋଟିଏ ଗୋଷ୍ଠୀ ଥିଲା। ଏକ ଅଦ୍ଭୁତ ଗୋଷ୍ଠୀ। ଯତୀନ୍ଦ୍ର ବାବୁ ନିଜେ ଇଂରାଜୀ ସାହିତ୍ୟରେ ପ୍ରଫେସର। ତାଙ୍କ ବଂଧୁମାନେ ଥିଲେ ଇତିହାସ ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସ, ଓଡ଼ିଆ ପ୍ରଫେସର କୃଷ୍ଣ ଚରଣ ସାହୁ ଏବଂ ଭାଷାତତ୍ତ୍ୱବିତ୍ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ। ଏ ଚାରି ଜଣଯାକ ଅଭିନ୍ନ ହୃଦୟ ବଂଧୁ। ମୋର ଏ ଚାରି ଜଣଙ୍କ ସହ ଘନିଷ୍ଠ ସଂପର୍କ ଥିଲା। ମୋ କହିବାରେ ଦ୍ୱିଧା ନାହିଁ ଏମାନେ ସମସ୍ତେ ଏ ଜାତିର, ଏ ଭାଷାର ଜଣେ ଜଣେ ସ୍ତମ୍ଭ। କେବଳ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ ଛାଡି ଦେଲେ ବାକି ସମସ୍ତଙ୍କୁ ଈଶ୍ୱର ନେଇଯାଇଛନ୍ତି।

ଓଡ଼ିଆ ସାହିତ୍ୟକୁ, ଓଡ଼ିଆ ସାହିତ୍ୟର ଗବେଷକ ମାନଙ୍କୁ ଯତୀନ୍ଦ୍ର ବାବୁଙ୍କ ଦାନ ଅତୁଳନୀୟ। ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଉପରେ ତାଙ୍କର ସଂକଳନ ଗ୍ରନ୍ଥ ଏ ଭାଷାର ଗୋଟିଏ ଗୋଟିଏ ଅମୂଲ୍ୟ ସଂପଦ। ବହୁଦିନ ତଳେ ସେ ସମ୍ଭବତଃ ତାଙ୍କର ପ୍ରଥମ ସଂକଳନ ପ୍ରାଚୀନ ଓଡ଼ିଆ କବିତାର ଏକ କପି ମୋତେ ଦେଇଥିଲେ। ପରେ ପରେ ଓଡ଼ିଆ ସାହିତ୍ୟ ପାଠକମାନଙ୍କୁ, ଗବେଷକ ମାନଙ୍କୁ ସେ ଉପହାର ଦେଇଛନ୍ତି ଓଡ଼ିଆ କାବ୍ୟସମ୍ଭାର, ଆଧୁନିକ ଓଡ଼ିଆ କବିତା ସମ୍ଭାର, ସାରଳା ଦାସ ରଚନା ସମ୍ଭାର, ସମକାଳୀନ ଓଡ଼ିଆ ସାହିତ୍ୟ (୧୯୮୦-୨୦୦୫) ଭଳି ବିରାଟ ବିରାଟ ଗ୍ରନ୍ଥ। ତାଙ୍କର ହିଷ୍ଟ୍ରି ଅଫ୍ ଓଡ଼ିଆ ଲିଟରେଚର୍ ଓଡ଼ିଆ ସାହିତ୍ୟ ଓ ସାହିତ୍ୟିକଙ୍କୁ ଓଡ଼ିଶା ବାହାରେ ପରିଚୟ କରାଇବାରେ ସାହାଯ୍ୟ କରିଛି। ମୋର କେତେଗୁଡ଼ିଏ ରଚନା ଏହି ପୁସ୍ତକରେ ସେ ଇଂରେଜୀରେ ଅନୁବାଦ କରି ଗ୍ରଥିତ କରିଛନ୍ତି। ମୋର ସ୍ତମ୍ଭ ମଧ୍ୟରୁ ଦୁଇଟି ସ୍ତମ୍ଭ ଏବଂ ଗୋଟିଏ ଗଳ୍ପକୁ ଓଡ଼ିଆ ଭାଷାର ପ୍ରତିନିଧି ମୂଳକ ବୋଲି ମତ ଦେଇଛନ୍ତି। ସାର୍ ଅନେକ ସମୟରେ ମୋର ଉତ୍ସାହ ଦାତା ରୂପେ କାର୍ଯ୍ୟ କରିଛନ୍ତି। ଭୁବନେଶ୍ୱର ପୁସ୍ତକ ମେଳାର ସେ ଜଣେ ଶୁଭ ଚିନ୍ତକ ଥିଲେ। ତାଙ୍କର ସମସ୍ତ ବହି ଓ ସଂକଳନ ପୁସ୍ତକ ମେଳାରେ ଉପଲବ୍ଧ ହେଉଥିଲା। ମୋର ସ୍ତମ୍ଭରେ ମୁଁ ତାଙ୍କର ଏହି ଅନବଦ୍ୟ କାର୍ଯ୍ୟକୁ ସ୍ଥାନ ଦେଇଥିଲି। ଆଜି ସେ ନାହାନ୍ତି। କିନ୍ତୁ ଓଡ଼ିଆ ଭାଷା-ସାହିତ୍ୟକୁ ତାଙ୍କ ଅବଦାନ ତାଙ୍କୁ ଓଡ଼ିଆ ପାଠକମାନଙ୍କ ମଧ୍ୟରେ ଏକ ଶ୍ରଦ୍ଧାର ସ୍ଥାନ ଦେଇ ରଖିଛି ଏଥିରେ ସନ୍ଦେହ ନାହିଁ। ଈଶ୍ୱର ତାଙ୍କ ଆତ୍ମାର ସଦ୍‌ଗତି କରନ୍ତୁ। ତାଙ୍କୁ ମୋର ପ୍ରଣାମ।

ଇଉନିଟ୍-୨, ଭୁବନେଶ୍ୱର, ମୋ : ୯୪୩୭୦୩୯୪୧୭

ଯତୀନ୍ଦ୍ର ବାବୁ : ଏକ ଶ୍ରଦ୍ଧାଞ୍ଜଳି

କବି ପ୍ରସାଦ ମିଶ୍ର

ସେ ମୋର ସହପାଠୀ, ଗୁରୁ ବା ଛାତ୍ର ନଥିଲେ। ତାଙ୍କ ସହିତ ବ୍ୟକ୍ତିଗତ ଭାବରେ ବି ମୋର ବିଶେଷ ପରିଚିତି ନଥିଲା। ଓଡ଼ିଶା ବାହାରେ ପ୍ରାୟ ଚାଳିଶ ବର୍ଷ କଟାଇଥିବାରୁ ତାଙ୍କର ଘନିଷ୍ଠ ସମ୍ପର୍କରେ ମୁଁ ମଧ୍ୟ ଆସି ପାରି ନଥିଲି।

ଏସବୁ ସତ୍ତ୍ୱେ ମୁଁ ତାଙ୍କୁ ଏକଲବ୍ୟ ଭଳି ଦୂରରୁ ବହୁତ ସମ୍ମାନ ଦେଉଥିଲି, ତାଙ୍କ ଗୁଣରେ ଏବଂ ପ୍ରତିଭାରେ ମୁଗ୍ଧ ହୋଇଥିଲି। ଏହାର ଏକମାତ୍ର କାରଣ ଥିଲା ତାଙ୍କର ଓଡ଼ିଆ ସାହିତ୍ୟରେ ସଂଗୃହୀତ ମୂଲ୍ୟବାନ୍ ପୁସ୍ତକ ସମୂହର ମୁଁ ଜଣେ ଆଗ୍ରହୀ ପାଠକ ଓ ପ୍ରଶଂସକ ଥିଲି।

ସୌଭାଗ୍ୟବଶତଃ ମୁଁ ଭୁବନେଶ୍ୱରକୁ ଫେରି ଗଣେଶ ନଗରରେ ଅବସ୍ଥାନ କଲାବେଳେ ତାଙ୍କର ପଡିଶା ହୋଇଗଲି। ତଥାପି ତାଙ୍କୁ ବ୍ୟକ୍ତିଗତ ଭାବରେ ଭେଟିବା ପାଇଁ ସୁଯୋଗ ପାଇ ନଥିଲି। ଭେଟିବାକୁ ଚାହୁଁଥିଲେ ବି ଅବକାଶ ମିଳି ନଥିଲା।

ଦିନେ ସକାଳେ ଅନିମନ୍ତ୍ରିତ ଭାବରେ ସେ ଓ ମହାମେଧାନନ୍ଦଜୀ ଆସି ମୋ ଘରେ ହଠାତ୍ ପହଞ୍ଚିଗଲେ। ମୁଁ ଅପ୍ରତିଭ ଅବସ୍ଥାରେ, ଅପ୍ରସ୍ତୁତିରେ ତାଙ୍କୁ ସ୍ୱାଗତ କଲି, ସମ୍ମାନ ଦେଲି। ତାଙ୍କ ସ୍ତରର ଜଣେ ସୁପ୍ରତିଷ୍ଠିତ, ସୁବିଦିତ ସାରସ୍ୱତ ସ୍ରଷ୍ଟା ନିଜେ ଆସି ମୋତେ ଦେଖାକଲେ ବୋଲି ବିଶେଷ ଲଜ୍ଜା ଅନୁଭବ କଲି।

ଯତୀନ୍ ମହାନ୍ତି ଜଣେ ଅସାଧାରଣ ବିରଳ ବ୍ୟକ୍ତିତ୍ୱ ଥିଲେ। ଇଂରାଜୀ ସାହିତ୍ୟର ଛାତ୍ର ହୋଇ, ଇଂରାଜୀରେ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରି, ଇଂରାଜୀ ଭାଷାରେ ବହୁ ପୁସ୍ତକ, ପ୍ରବନ୍ଧ ଲେଖି ସୁନାମ ଅର୍ଜନ କରିଥିବା ଜଣେ ବ୍ୟକ୍ତିଙ୍କର ଏତେ ଓଡ଼ିଆ ସାହିତ୍ୟ ପ୍ରେମ କେଉଁଠୁ ଆସିଲା ? ମୁଁ ପ୍ରଥମେ ପ୍ରଥମେ ବୁଝି ପାରୁ ନଥିଲି, ଆଶ୍ଚର୍ଯ୍ୟ ହେଉଥିଲି। ପରେ ତାଙ୍କରି ନିଜ ଲେଖାରୁ ଜାଣିଲି ଯେ ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଶ୍ରଦ୍ଧା, ଆଗ୍ରହ ଓ ପ୍ରେମ ସୁପ୍ତ ଅବସ୍ଥାରୁ ଜାଗ୍ରତହୋଇଥିଲା ତାଙ୍କର ଗୁରୁ ସ୍ୱର୍ଗତ ବିଧୁଭୂଷଣ ଦାସଙ୍କ ଦ୍ୱାରା (ବିଧୁ ବାବୁ ରେଭେନ୍ସା କଲେଜରେ ମୋର ମଧ ଗୁରୁ ଥିଲେ।) ଜଣେ ଗୁରୁଙ୍କର ପ୍ରେରଣା ଓ ନିର୍ଦ୍ଦେଶ ପାଇ ଆଜୀବନ ଗୋଟିଏ ମହତ୍ କାର୍ଯ୍ୟରେ ନିୟୋଜିତ ହୋଇଯିବା ସାହିତ୍ୟ କ୍ଷେତ୍ରରେ ବିରଳ।


ଆମେ 'କଳିଙ୍ଗ ଭାରତୀ'ର ପ୍ରତିଷ୍ଠାତା ସ୍ୱର୍ଗତ ବିଚ୍ଛନ୍ଦ ପଟ୍ଟନାୟକଙ୍କ ଶିଷ୍ୟ ଭାବରେ ପ୍ରାଚୀନ ଓଡ଼ିଆ ସାହିତ୍ୟର ସଶ୍ରଦ୍ଧ ପାଠକ ଓ ପ୍ରଚାରକ ଥିଲୁ। ବିଚ୍ଛନ୍ଦବାବୁ ଇଂରାଜୀ ସାହିତ୍ୟରେ ଅସାମାନ୍ୟ ଦକ୍ଷତା ହାସଲ କରିଥିଲେ ମଧ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ବିଶେଷତଃ ପ୍ରାଚୀନ ଓଡ଼ିଶାର ସଂସ୍କୃତି, ସାହିତ୍ୟ ଓ କଳା ପାଇଁ ତାଙ୍କର ଜୀବନ ଉତ୍ସର୍ଗୀକୃତ ହେଉଥିଲା। ଲୁପ୍ତ ହୋଇଯାଉଥିବା ସାହିତ୍ୟ ଓ କଳା ପାଇଁ ତାଙ୍କ ହୃଦୟ କାନ୍ଦୁଥିଲା। ସେ ପ୍ରାଚୀନ ସାହିତ୍ୟର ପୋଥିସବୁ ଉଦ୍ଧାର କରି ସ୍ୱର୍ଗତ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସହଯୋଗ ଓ ନିର୍ଦ୍ଦେଶରେ ପ୍ରକାଶ କରୁଥିଲେ। କିନ୍ତୁ ମୋର ସବୁବେଳେ ଦୁଃଖ ରହୁଥିଲା ଯେ ଅନେକ ପ୍ରାଚୀନ ଓଡ଼ିଆ ସାହିତ୍ୟର ପୁସ୍ତକଗୁଡ଼ିକର ପ୍ରାମାଣିକ ଗ୍ରନ୍ଥର ଅଭାବ। ନିଜର ବୃତ୍ତିରେ କର୍ଯ୍ୟବ୍ୟସ୍ତ ରହୁଥିବା ବେଳେ ଓଡ଼ିଆ ସାହିତ୍ୟରେ ପ୍ରମାଣିକ ଗ୍ରନ୍ଥ ସଂଗ୍ରହ ବା ଗବେଷଣା କରିବା ଲେଖକ ପକ୍ଷରେ

ସମ୍ଭବ ନଥିଲା।

ଏ ଦୃଷ୍ଟିରୁ ଯତୀନବାବୁଙ୍କ ମହାନ୍ ସଂଗ୍ରହ ସବୁ ଦେଖି ମୁଁ ପ୍ରକୃତରେ ଅଭିଭୂତ ହେଉଥିଲି। ସେ ଜଣେ ନୀରବ ସାଧକ ଓ ଅତି ଉଚ୍ଚକୋଟିର ସଂଗ୍ରାହକ ଥିଲେ। ମୁଁ ତାଙ୍କର ସବୁ ପୁସ୍ତକ କିଣି ନେଉଥିଲି। ପଢ଼େ ବା ନ ପଢ଼େ ସେ ଗୁଡ଼ିକ ମୋ'ର ପୁସ୍ତକାଗାରରେ ଅମୂଲ୍ୟ ସମ୍ପଦ ହୋଇରହିଛି। ସେ ଯେ କେତେ ପରିଶ୍ରମ କରି ନଥିବେ, କେତେ ସମୟ କଟାଇନଥିବେ, କି କଷ୍ଟ ସ୍ୱୀକାର କରି ନଥିବେ ତା' କଳନା କରିବା କଷ୍ଟକର। କେବଳ ଏହି ଗୋଟିଏ କାର୍ଯ୍ୟ ପାଇଁ ସେ ଓଡ଼ିଆ ସାହିତ୍ୟରେ ଓ ଓଡ଼ିଆ ଭାଷାକୁ ତାଙ୍କର ଅବଦାନ ପାଇଁ ଚିର ନମସ୍ୟ ଓ ଅମର ହୋଇ ରହିଥିବେ। ସେ ଜଣେ ମହାନ୍ ଓ ବିରଳ ବ୍ୟକ୍ତିତ୍ୱ।

ପ୍ରଭୁ ଜଗନ୍ନାଥ ତାଙ୍କର ଆତ୍ମାକୁ ଶାନ୍ତି ଦିଅନ୍ତୁ, ତାଙ୍କର ଅମର କୃତିକୁ ଆଶୀର୍ବାଦ କରନ୍ତୁ - ଏତିକି ପ୍ରାର୍ଥନା।

୫୫, ଗଣେଶ ନଗର,
ଭୁବନେଶ୍ୱର
ମୋ : ୯୪୩୭୯୬୩୧୯୫



ଆତ୍ମପ୍ରତ୍ୟୟର ମଣିଷ : ସଂପର୍କର ବ୍ୟାକରଣ

ଦିନନାଥ ପାଠୀ

ଆମେ ଏଭଳି ମଣିଷକୁ ଏକ ଧଡ଼ସିଆ ମଣିଷ ବି କହିଥାଉ। ଯାହା ବୁଝିଥିବେ ସେଇଆ। ଅନ୍ୟ କାହାଦ୍ୱାରା ପ୍ରଭାବିତ ହେଲାଭଳି ମଣିଷ ସେ ନୁହଁନ୍ତି। ବନ୍ଧୁତା ପଛେ କଟିଯିବ, ମତ ପରିବର୍ତ୍ତନ ସହଜେ ହେବ ନାହିଁ। ଏଭଳି ଜଣେ ମଣିଷ ଥିଲେ ଯତୀନ୍ଦ୍ରମୋହନ ମହାନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରଜୀ ବିଭାଗର ପ୍ରଫେସର। ବହୁବର୍ଷ ତଳୁ ତାଙ୍କ ସହିତ ମୋର ପରିଚୟ। କେବଳ ସେ ନୁହନ୍ତି ତାଙ୍କ ବନ୍ଧୁ ଗୋଷ୍ଠୀଙ୍କ ସହ। ସେ ଗୋଷ୍ଠୀ ଭିତରେ ଥିଲେ ରାଜେନ୍ଦ୍ର ପ୍ରସାଦ ଦାସ, କୃଷ୍ଣଚରଣ ସାହୁ, ଦେବୀ ପ୍ରସନ୍ନ ପଟ୍ଟନାୟକ ସେ ଗୋଷ୍ଠୀକୁ ଆହୁରି ଟିକିଏ ପ୍ରସାରିତ କରିଦେଲେ, ସେହି ବଳୟ ମଧ୍ୟରେ ଉଜ୍ଜ୍ୱଳ ତାରକା ଭଳି ଦେଖାଦେବେ ବିଧୁ ଭୂଷଣ ଦାସ, ବିଭୂତି ଦେଓ, ଲକ୍ଷ୍ମଣ କୁମାର ମହାପାତ୍ର, ଦୁଃଖୀଶ୍ୟାମ ପଟ୍ଟନାୟକ ପ୍ରଭୃତି। ଏ ସମସ୍ତେ ସେ ସମୟର ଓଡ଼ିଶାର ପ୍ରତିଭାଦୀପ୍ତ ମଣିଷ, ବୁଦ୍ଧିଜୀବୀ। ଏମାନେ ସାମୂହିକ ଭାବେ ଓଡ଼ିଶାର ସଂସ୍କୃତି କ୍ଷେତ୍ରରେ ନିଜେ ନିଜର ପ୍ରତିଭା ବିସ୍ତାର କରି ବସିଥିଲେ। କାହାର ଇଂରାଜୀ ସାହିତ୍ୟରେ ବ୍ୟୁପତ୍ତି ଥିଲା ତ ଆଉ କିଏ ନୃତତ୍ତ୍ୱରେ ଥିଲେ ପ୍ରବୀଣ। ଏ ବୃହତର ଗୋଷ୍ଠୀରେ ଥିଲେ ଭାଷାତତ୍ତ୍ୱବିତ୍, ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ଧୁରୀଣ ଅଧାପକ। ସଂସ୍କୃତ ଭାଷା ବିଶାରଦ। ଭୂଗୋଳ ବିଦ୍ୟାର ଧୁରନ୍ଧର ପ୍ରଫେସର ଇତ୍ୟାଦି। ଯତୀନ୍ଦ୍ରମୋହନ ଇଂରାଜୀ ସାହିତ୍ୟର ଅଧାପକ ହୋଇ ମଧ ଓଡ଼ିଆ ଭାଷା ସାହିତ୍ୟର ସମାଲୋଚନା, ବିଶେଷ କରି ଆଧୁନିକ ଓଡ଼ିଆ କବିତାର ତର୍ଜମା, ତା'ର ସଂପ୍ରତିକତା, ପରିପ୍ରେକ୍ଷୀ ସଂପର୍କରେ ଲେଖାଲେଖି କରୁଥିଲେ।

ସାହିତ୍ୟର ସଂମ୍ପର୍କକୁ ନେଇ ତାଙ୍କ ସହିତ ବନ୍ଧୁତା ହୋଇନଥିଲା। ବନ୍ଧୁତାର ମାଧ୍ୟମ ଥିଲେ ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ୍ ରାଜେନ୍ଦ୍ର ପ୍ରସାଦ ଦାସ। ଯତୀ, ରାଜେନ୍ଦ୍ର ଓ ଦେବୀ ସେମାନେ ପରସ୍ପରକୁ ଏଭଳି ଭାବେ ସମ୍ବୋଧନ କରୁଥିଲେ ଗୋଷ୍ଠୀ ଭିତରେ ଅନ୍ତରଙ୍ଗ ତ୍ରୟୀ। ଦେବୀ ପ୍ରସନ୍ନ ଥିଲେ ମହୀଶୂରରେ ଅବସ୍ଥିତ ଭାରତୀୟ ଭାଷା ପ୍ରତିଷ୍ଠାନର ପ୍ରତିଷ୍ଠାତା ନିର୍ଦେଶକ। ସେ ଶାନ୍ତି ନିକେତନରେ ଅଧାପକ ଥିବା କାଳରୁ ମୁଁ ତାଙ୍କୁ ଜାଣେ। ସେ ପରବର୍ତ୍ତୀ କାଳରେ ଓଡ଼ିଶା ଫେରି ଭୁବନେଶ୍ୱରରେ ସ୍ଥାୟୀଭାବେ ରହିଲେ। ତା ଆଗରୁ କେବଳ ଯତୀ ଓ ରାଜେନ୍ଦ୍ର ଏବଂ ପଣ୍ଡିତ ଦୁଃଖୀଶ୍ୟାମ, ଏବେ ମହାମେଧାନନ୍ଦ ଏବଂ ଯତୀ ଓ ରାଜେନ୍ଦ୍ର ସରସ୍ୱତୀ ବୋଲାଉଛନ୍ତି। ସେମାନେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟକୁ ବରାବର ଆସୁଥିଲେ। ଓଡ଼ିଆ ସାହିତ୍ୟ ଓ ସଂସ୍କୃତ ସମ୍ପର୍କରେ ଦୁଃଖୀଶ୍ୟାମଙ୍କ ପାଖେରେ ଘଣ୍ଟା ଘଣ୍ଟା ଧରି ଆଲୋଚନା କରୁଥିଲେ। ମୁଁ ଥିଲି ସେମାନଙ୍କର ଜଣେ ଗୁଣମୁଗ୍ଧ କନିଷ୍ଠ ଯଦିଓ ସେମାନେ ମୋତେ କନିଷ୍ଠ ଭାବେ ଦେଖି ନାହାନ୍ତି। ଏମାନେ ମୋତେ ଜଣେ ଶିଳ୍ପୀ ବନ୍ଧୁ ଭାବେ ଗ୍ରହଣ କରି ନେଇଥିଲେ। ଓଡ଼ିଶାର ଚିତ୍ରକଳା ମୋର ଗବେଷଣା ସେମାନଙ୍କୁ ପ୍ରଭାବିତ କରିଥିଲା।

ରାଜ୍ୟ ସଂଗ୍ରାହଳୟରେ ଦୁଇ ତିନୋଟି ଆଡ୍ଡା ଥିଲା ଏବଂ ସେଗୁଡ଼ିକ ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କୁ କେନ୍ଦ୍ରକରି ଗଢ଼ି ଉଠିଥିଲା। ଦୁଃଖୀଶ୍ୟାମ ପୋଥି ସଂପାଦନା ବିଭାଗରେ ଥିଲେ ଅନ୍ୟତମ ସଂପାଦକ ଏବଂ ସଂପାଦନା ବିଭାଗ ନିକଟରେ

ଥିଲା ସଂଗ୍ରାହଳୟର ପୋଥି ବିଭାଗ ଏବଂ ସେଠି ଅବସ୍ଥାପିତ ଥିଲେ ପଣ୍ଡିତ ନୀଳମଣି ମିଶ୍ର। ଏବଂ ଦ୍ୱିତୀୟ କେନ୍ଦ୍ର ଗଢ଼ି ଉଠିଥିଲା ମ୍ୟୁଜିୟମର ଅଧୀକ୍ଷ୍ୟକ ହରିଶ୍ଚନ୍ଦ୍ର ଦାଶଙ୍କୁ କେନ୍ଦ୍ରକରି। ପ୍ରଥମ ଓ ଦ୍ୱିତୀୟ ତୁଳନାରେ ତୃତୀୟଟି ଅପେକ୍ଷାକୃତ ନିଷ୍ପ୍ରଭ ଥିଲା। ନୀଳମଣିଙ୍କ ପୋଥି ବିଭାଗକୁ ଦୁନିଆ ଯାକର ଗୁଣିଜ୍ଞାନୀ ପହଞ୍ଚୁଥିଲେ। କପିଳା ବାତ୍ସ୍ୟାୟନଙ୍କ ଠାରୁ ଆରମ୍ଭକରି ହରମାନ୍ କୁଳେଲ, ରମାକାନ୍ତ ରଥ ଓ ମହାପାତ୍ର ନିଳମଣି ସାହୁଙ୍କ ପର୍ଯ୍ୟନ୍ତ, ମୁଁ ଉଭୟ ଆଡ୍ଡାରେ ଯୋଗ ଦେଉଥିଲି। ସାହିତ୍ୟ ଚର୍ଚ୍ଚା ଭିତରେ ବ୍ୟକ୍ତିଗତ ସମ୍ପର୍କର ତର୍ଜମା ମଧ ହେଉଥିଲା। ମୋ ପାଇଁ ସବୁଠାରୁ କଠିନ ଥିଲା ସମସ୍ତ ଆଲୋଚନାକୁ ଉଦରସ୍ଥ କରି ନିରବ ରହିବା। ଜଣେ ଆତ୍ମପ୍ରତ୍ୟୟର ମଣିଷର ନିଜର ସ୍ୱତନ୍ତ୍ର ଅଭିବ୍ୟକ୍ତି ରହିବ ହିଁ ରହିବ। ମୋ ଭିତରେ ଏହି ଧାରଣା ବଳବତ୍ତର ହେଉଥିଲା।

ଯତୀନ୍ଦ୍ର ମୋହନ ବିଶ୍ୱାସ କରୁଥିଲେ ନୀଳମଣି ମିଶ୍ରଙ୍କ ସଂପାଦିତ ଓଡ଼ିଆ ଭାଗବତ ଠାରୁ କୃଷ୍ଣଚରଣ ସାହୁଙ୍କ ଦ୍ୱାରା ସଂପାଦିତ ଭାଗବତ ଅଧିକ ଶୁଦ୍ଧ। ସୁବିଧା ଦୃଷ୍ଟିରୁ ନୀଳମଣିଙ୍କ ସଂପାଦିତ ଭାଗବତ ଉପରେ ଆଧାର କରି ମୁଁ ଭାଗବତର ଚିତ୍ରଭାଷ୍ୟ ଲେଖିଛି। ପ୍ରଫେସର ମହାନ୍ତି ମୋ ଲେଖା ପଢ଼ିଛନ୍ତି ଓ ପ୍ରଶଂସା ମଧ କରିଛନ୍ତି। କପିଳା ବାତ୍ସାୟନ ପ୍ରଫେସର ମହାନ୍ତିଙ୍କ ପସନ୍ଦର ମଣିଷ ନଥିଲେ। ଆମ ଆଲୋଚନା ଭିତରେ ବାତ୍ସ୍ୟାୟନଙ୍କ କଥା ଆସିଛି। ସିଏ ପ୍ରତିଥର ତାଙ୍କ ମତ ବାଢ଼ିଛନ୍ତି, ମୁଁ ମୋ ସିଦ୍ଧାନ୍ତରେ ସବୁବେଳେ ଅଟଳ ରହିଛି। କପିଳା ବାତ୍ସ୍ୟାୟନ, ଜଣେ ଉଚ୍ଚକୋଟୀର ଗବେଷିକା, ବିଶେଷକରି ଗୀତଗୋବିନ୍ଦ ସଂପର୍କରେ ତାଙ୍କ ଗବେଷଣା ମୋତେ ପ୍ରଭାବିତ କରିଛି। ଡ଼କ୍ଟର ଦେବୀ ପ୍ରସନ୍ନଙ୍କ ଧାରଣା ବି ସେଇଆ। ଏକଥା କପିଳା ବାତ୍ସ୍ୟାୟନ, ପୁପୁଲ୍ ଜୟକର, କମଳା ଦେବୀ ଚଟ୍ଟୋପାଧ୍ୟାୟ ପ୍ରଭୃତି ମହିଳାମାନେ ଜାତୀୟ ସ୍ତରରେ କଳା ଓ ସଂସ୍କୃତି କ୍ଷେତ୍ରରେ ନିଜ ନିଜ ଗବେଷଣା ଓ କାର୍ଯ୍ୟପାଇଁ ପ୍ରସିଦ୍ଧି ଅର୍ଜନ କରିଥିଲେ। ଯତୀନ ବାବୁ ଏ ସଂପର୍କରେ ସଚେତନ ଥିଲେ ନିଶ୍ଚୟ। ସେଭଳି କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସଚିବ ଇନ୍ଦ୍ରନାଥ ଚୌଧୁରୀଙ୍କ ସଂପର୍କରେ ପ୍ରଫେସର ମହାନ୍ତିଙ୍କ ଧାରଣା ଭଲ ନଥିଲା। ଅବଶ୍ୟ ଏକଥା ସତ ଯେ ଇନ୍ଦ୍ରନାଥ ନା ଥିଲେ ସାହିତ୍ୟିକ, ନା ଜଣେ ଗବେଷକ। ସେ କିନ୍ତୁ ଥିଲେ ଜଣେ ପ୍ରଭାବଶାଳୀ ବକ୍ତା (ଉଭୟ ହିନ୍ଦି ଓ ଇଂରାଜୀରେ) ଓ ପାରିବାର ପ୍ରଶାସକ। କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସଚିବ ପଦରେ ଅଧିଷ୍ଠିତ ଥିବାରୁ ଇନ୍ଦ୍ରନାଥ ବିଭିନ୍ନ ଓଡ଼ିଆ କବି ଓ ସାହିତ୍ୟିକଙ୍କ ସଂପର୍କରେ ଟୀକା ଟିପ୍ପଣୀ କରୁଥିଲେ ଯାହା ହୁଏତ ଯତୀନ୍ଦ୍ର ମୋହନଙ୍କ ଦେହରେ ଯାଉନଥିଲା।

ପ୍ରଫେସର ଯତୀନ୍ଦ୍ରମୋହନ ମହାନ୍ତି ଗୋଟିଏ ଦଶନ୍ଧି ଧରି କେନ୍ଦ୍ର ସାହିତ୍ୟ ଏକାଡ଼େମୀର କାର୍ଯ୍ୟନିର୍ବାହୀ ସଭ୍ୟଥିଲେ ଏବଂ ସାହିତ୍ୟ ସଂକ୍ରାନ୍ତୀୟ ସବୁ ଘଟଣ ଓ ଅଘଟଣର ସେ ଥିଲେ କେନ୍ଦ୍ରବିନ୍ଦୁ। ମୁଁ ମଧ ଏକଦା ପ୍ରାୟ ଏକ ଦଶନ୍ଧି ଧରି କେନ୍ଦ୍ର ଲଳିତ କାଳା ଏକାଡ଼େମୀର କାର୍ଯ୍ୟନିର୍ବାହୀ ସଭ୍ୟ ଥିଲି। ଜଣେ କାର୍ଯ୍ୟନିର୍ବାହୀ ସଭ୍ୟଙ୍କର କାର୍ଯ୍ୟକ୍ଷମତା ନେଇ ମୁଁ ସଚେତନ। ପୁରସ୍କାର, ସେମିନାର, ଭାଷଣ, ଭ୍ରମଣ ଏବଂ ସଂପାଦନା ଭଳି କାର୍ଯ୍ୟକୁଡ଼ିକ ଜଣେ ଏକଜକ୍ୟୁଟିଭ ବଡ଼ ସଭ୍ୟଙ୍କର 'ବାମ ହାତର ଖେଳ'। ଏଣୁ ଥୋକେ ସାହିତ୍ୟିକ ଯତୀନ୍ଦ୍ର ମୋହନଙ୍କୁ ତ୍ରାଣକର୍ତ୍ତା ବୋଲି ପ୍ରଶଂସାରେ ପୋତି ପକାଉ ଥିଲେ ଓ ଅନ୍ୟ ଦଳକ ତାଙ୍କ ସପ୍ତ ପୁରୁଷ ଉଦ୍ଧାର କରୁଥିଲେ। କାରଣ ମୁଁ ଯେଉଁମାନଙ୍କୁ କେନ୍ଦ୍ର ଲଳିତ କଳା ଏକାଡ଼େମୀ ପୁରସ୍କାର ଦେଇ ପାରିନାହିଁ ବା ଦିଆଇ ପାରିଲି ନାହିଁ ସେମାନେ ଏବେବି ମୋ ବିରୁଦ୍ଧରେ ବିଷୋଦାଗାର କରନ୍ତି। ମୁଁ ଏବର ଭଳି ସେତେବେଳକୁ ଘମାଘୋଟ ଲେଖାଲେଖି କରୁଥିଲେ ଯତୀନ୍ଦ୍ରମୋହନ ନିଶ୍ଚିତ ଭାବେ ମୋ ପାଇଁ ପୁରସ୍କାରଟିଏ ଯୋଗାଡ଼ କରିଦେଇ ମୋର ମଧ ତ୍ରାଣକର୍ତ୍ତା ସାଜି ଯାଇଥାନ୍ତେ। ଏବେ ଏବେ ମୋର

ହୃଦ୍‌ବୋଧ ହେଲାଣି ଯେ କବି ସାହିତ୍ୟିକ ଓ ଚିତ୍ରଶିଳ୍ପୀମାନେ ପୁରସ୍କାର ଲୋଭୀ। ସମୟ ଆମଭଳି ବହୁ ପୁରସ୍କୃତ ଓ ଅପୁରସ୍କୃତ କବି, ସାହିତ୍ୟିକ ଓ ଶିଳ୍ପୀ ମାନଙ୍କୁ ନିଶ୍ଚିହ୍ନ କରିଦେବ। ସ୍ମୃତି ସଭା, ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ଅଲୋଡ଼ା ହୋଇପଡ଼ିବ। ପଦ୍ମଶ୍ରୀ ମାନେ ଏକାମ୍ର ହାଟରେ ପଥର ମୂର୍ତ୍ତି ଓ ବାନ୍ଧଶାଢ଼ି ବିକି ପେଟ ପୋଷିବେ। ବୀରଭୋଗ୍ୟା ବସୁନ୍ଧରା ପାରିବାର ଲୋକ ହିଁ ଏଠି ପାରନ୍ତି। ଯତୀନ୍ଦ୍ର ମୋହନ ପାରିବାର ଥିଲେ କି ନା, ସେ କଥା କିଏ କହି ପାରିବ, ଅନ୍ତତଃ କେନ୍ଦ୍ର ସାହିତ୍ୟ ଏକାଡ଼େମୀରେ ଯତୀନ୍ଦ୍ରମୋହାନ ମହାନ୍ତିଙ୍କ କାର୍ଯ୍ୟକାଳର ବର୍ତ୍ତମାନ ଏକ ସମୀକ୍ଷା ହେବା ଆବଶ୍ୟକ। ଏହା କିଭଳି ଓଡ଼ିଆ ସାହିତ୍ୟର ପାଣିପାଗକୁ ପ୍ରଭାବିତ କରିଥିଲା- ତା'ର ଏକ ନିରପେକ୍ଷ ଆଲୋଚନା ହେବା ଜରୁରୀ ମନେହୁଏ।

କାରଣ ଯତୀନ୍ଦ୍ର ମୋହନଙ୍କ କିଛି ଘନିଷ୍ଠ ବନ୍ଧୁ ତାଙ୍କଠାରୁ ବହୁ କିଛି ସୁବିଧା ସୁଯୋଗ ଆଶା କରୁଥିଲେ ଓ ନ ପାଇବାରୁ ତାଙ୍କ ପ୍ରତି କ୍ଷୋଭ ମଧ୍ୟ ପ୍ରକାଶ କରୁଥିଲେ। ଅବଶ୍ୟ ସେଥି ପ୍ରତି ଯତୀନ୍ଦ୍ର ମୋହନଙ୍କ ନିଘା ନଥିଲା ଓ ସେ ଅରଣା ମଇଁଷି ଭଳି ସାହିତ୍ୟ ଜଗତରେ ଆଗକୁ ଆଗକୁ ମାଡ଼ି ଯାଉଥିଲେ।

ପ୍ରଫେସର ଯତୀନ୍ଦ୍ରମୋହନ ମହାନ୍ତିଙ୍କ କେତୋଟି କଥାରେ ଅସମ୍ଭବ ଆଗହ ଥିଲା। ସେଗୁଡ଼ିକ ହେଲା ପୁସ୍ତକ ଓ ପତ୍ରିକା ପ୍ରକାଶନ, ବହି ବିକ୍ରିପାଇଁ ଗୋଟିଏ ଦୋକାନ ଯାହା 'ବୁକ୍ ପଏଣ୍ଟ' ବା 'ବୁକ୍ ଜଏଣ୍ଟ' ଭଳି ଭୁବନେଶ୍ୱର ସହରରେ କାମ କରନ୍ତା ଏବଂ ବହି ସଙ୍କଳନ ଓ ସଂପାଦନା ପାଇଁ ଗୋଟାଏ କର୍ମନିଷ୍ଠ ଦଳ ଓ ସଂସ୍ଥା। ସେ ଏହି ସଂସ୍ଥା ବା ୟୁନିଟ୍‌ଟିକୁ ନିଜ ଘରେ ପ୍ରତିଷ୍ଠା କରିବା ପାଇଁ ପରିକଳ୍ପନା କରିଥିଲେ। ଥରେ ଇଂଜିନିୟର ଓ ଲେଖକ ଜାପାନୀ ବାବୁ ଓ ବିଷ୍ଣୁ ବାବୁ ଓ ମୁଁ ତାଙ୍କ ବଗିଚାରେ ଏହି ପରିକଳ୍ପିତ ୟୁନିଟ୍ ପାଇଁ ମପାମପି ମଧ୍ୟ ଆରମ୍ଭ କରି ଦେଇଥିଲୁ। ତାହା ବୋଧହୁଏ କାର୍ଯ୍ୟକାରୀ ହୋଇ ପାରିନାହିଁ। ବହି ପ୍ରକାଶନରେ ମୋର ଆଗ୍ରହ ଦେଖି ଯତୀନ୍ଦ୍ର ମୋହନ ବହିଦୋକାନ ପ୍ରକଳ୍ପରେ ତାଙ୍କସହ ସହଯୋଗ କରବାପାଇଁ ପ୍ରବର୍ତ୍ତାଇ ଥିଲେ। ମୁଁ ମୁଖ୍ୟତଃ ଜଣେ ଶିଳ୍ପୀ ବୋଲି ବହି ଦୋକାନ ନୁହେଁ ଚିତ୍ର ଦୋକାନରେ ମୋର ଆଗ୍ରହ ଥାଏ। ଭୁବନେଶ୍ୱରରେ ଚିତ୍ରଦୋକନ (ଆର୍ଟ ସପ) ଟିଏ ଏଯାଁଏ ସମ୍ଭବ ହେଇ ପାରିନଥିବା ଅତ୍ୟନ୍ତ ପରିତାପର ବିଷୟ। ଚିତ୍ର ଦୋକାନଟିଏ ଛକ ଜାଗାରେ ଥାଆନ୍ତା। ସେଠି ବଛା ବଛା ଭଲ ବହି (ପାଠ୍ୟ ପୁସ୍ତକ ଓ ନୋଟ ବୁକ୍ ବ୍ୟତିରେକ), ସଙ୍ଗୀତ କ୍ୟାସେଟ୍ ମିଳୁଥାନ୍ତା ପ୍ରତି ସନ୍ଧ୍ୟାରେ ସେଠି ଶିଳ୍ପୀ, କବି, ଓ ଲେଖକଙ୍କ ଆଡ୍ଡା ଜମୁଥାନ୍ତା। ଚାହା ବିସ୍କୁଟରେ ସମସ୍ତେ ଆପ୍ୟାୟିତ ହେଉଥାନ୍ତେ। ଏହା ଥିଲା ତାଙ୍କ ପରିକଳ୍ପନା।

ମୁଁ ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଅଧକ୍ଷ ଥିବାବେଳେ ୧୯୮୪ ମସିହାରେ ଭୁବନେଶ୍ୱରର କଲେଜ ପରିସରରେ 'ଚିତ୍ରକଳା'ର ଆୟୋଜନ କରିଥିଲି। ପ୍ରାୟ ଏକା ସମୟରେ ଭୁବନେଶ୍ୱର ପୁସ୍ତକ ମେଳାର ଆୟୋଜନ କରାଯାଇଥିଲା। ପୁସ୍ତକ ମେଳା ତିଷ୍ଠିଲା ମାତ୍ର ଚିତ୍ର ମେଳା ତିଷ୍ଠି ପାରିଲାନି। ବିଭୂତି କାନୁନ୍‌ଗୋ ମହାବିଦ୍ୟାଳୟର ରଜତ ଜୟନ୍ତୀ ପାଳିତ ହେଲା। 'ଚିତ୍ରମେଳା' ଅଲୋଡ଼ା ପଡ଼ି ରହିଲା। ଯତୀନ୍ଦ୍ର ମୋହନଙ୍କ 'ବୁକ୍‌ସପ' ଯୋଜନା ଅଧୁରା ରହିଲା କିନ୍ତୁ ତାଙ୍କର ପ୍ରତିବଦ୍ଧିତାକୁ ହେଜିବାର କଥା। ପୁସ୍ତକ ମେଳା ମାନଙ୍କରେ ଯତୀନ ବାବୁ ନିଜର ବହି ଷ୍ଟଲ୍ ଖୋଲୁଥିଲେ, ଷ୍ଟଲରେ ବସୁଥିଲେ। ବଡ଼ ବଡ଼ ବହିମେଳାରେ ପ୍ରସିଦ୍ଧ ଲେଖକମାନଙ୍କୁ ବହିଷ୍ଟଲ ମାନଙ୍କରେ ବସି ଆଡ୍ଡା ଜମେଇବା ଦେଖିବାକୁ ମିଳେ। ବହି ବିକାକୁ ବ୍ୟବସାୟ କରି ବଞ୍ଚିବା ପାଇଁ ପ୍ରଫେସର ମହାନ୍ତି ଚାହୁଁନଥିଲେ। ସେ ହୁଏତ ଚାହୁଁଥିଲେ ଲେଖକୀୟ ଓ ପାଠକୀୟ ସଂପର୍କ।

ମୋର ନୂଆ ବହିଟି ବାହାରିଲେ ମୁଁ ତାଙ୍କୁ ଭେଟି ଦେଇ ଆସେ ବହିଟି ନିଶ୍ଚୟ ପଢ଼ିବେ ଏବଂ ତାଙ୍କ ମତାମତ ଜଣାଇବେ। ବିଭିନ୍ନ ବହିର ଲୋକାର୍ପଣ ଉତ୍ସବକୁ ମୁଁ ତାଙ୍କୁ ନିମନ୍ତ୍ରଣ କରେ। ସେ ଆସନ୍ତି। ମୋ ଲେଖାର ଭୂୟସୀ

ପ୍ରଶଂସା କରନ୍ତି। ଥରେ ମୋ 'ପୁନର୍ନବା' ଚିତ୍ରୋପନ୍ୟାସର ପାଠକୀୟ ଆସରଟିଏ ଲୋକ ସଂପର୍କ ବିଭାଗର ସଭାଗୃହରେ ମୁଁ ଆୟୋଜନ କରିଥିଲି। ଏହି ଆୟୋଜନରେ ଚଳଚିତ୍ର ଓ ଥିଏଟର ଜଗତର କେତେକ କଳାକାର ମଧ୍ୟ ଉପସ୍ଥିତ ରହି ଉପନ୍ୟାସର ବିଭିନ୍ନ ଚରିତ୍ରମାନଙ୍କର କଥନିକାକୁ ପରିବେଷଣ କରିଥିଲେ। ଯତୀନ ବାବୁ, ସାତକଡ଼ି ହୋତା, ନିଶାମଣି କର, ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ ଦୁର୍ଗାମାଧବ ଦାଶ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପ୍ରଫେସରଙ୍କୁ ଆମୋଦିତ କରିଥିଲା।

ଆଉଥରେ ଟଙ୍କପାଣି ରୋଡ଼ସ୍ଥିତ ଜଗନ୍ନାଥ ମନ୍ଦିରରେ ମୁଁ ମୋ 'ଗଙ୍ଗାବତରଣ' ଚିତ୍ରୋପନ୍ୟାସର ଦେବାର୍ପଣ ଉତ୍ସବ ଆୟୋଜନ କରିଥାଏ। ବହୁ ଲେଖକ ଲେଖିକା ଉପସ୍ଥିତ ଥାଆନ୍ତି। ଯତୀନ ବାବୁ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥାନ୍ତି। ଗୋଟିଏ ବଡ଼ ପିତଳ ଥାଳିରେ ବହି ଗୁଡ଼ିକ ରଖି ଠାକୁରଙ୍କ ନିକଟରେ ପୂଜା କରାଗଲା ଏବଂ ପୂଜିତ ବହି ଗୁଡ଼ିକୁ ଅତିଥିଙ୍କ ମଧ୍ୟରେ ବାଣ୍ଟି ଦିଆଗଲା। ଏ ଥିଲା ଏକ ଅଭିନବ ଦୃଶ୍ୟ। ଦିବ୍ୟ ଜୀବନ ସଂଘର ଋଷିକେଶ ଆଶ୍ରମରେ ମୁଁ ପ୍ରଥମେ ଗୁରୁଦେବ ଶିବାନନ୍ଦଙ୍କ ଠାରୁ 'ବହି ପ୍ରସାଦ' ଗ୍ରହଣ କରିଥିଲି। ସେ ଦିନର ବହି ବଣ୍ଟନ ଥିଲା ବିଗତ ଦିନର ଅନୁପ୍ରେରଣା। ଯତୀନ ବାବୁ ପ୍ରଥମେ ରୁକ୍ଷ ଭାବରେ ତାଙ୍କ ପ୍ରତିକ୍ରିୟା ମୋତେ ଜଣାଇଲେ। କିନ୍ତୁ କେବଳ ବହି ବଣ୍ଟନ ଓ ପ୍ରସାଦ ବଣ୍ଟନ ଭିତରର ତାତ୍ତ୍ୱିକ ଫରକ ଯେତେବେଳେ ସେ ହୃଦୟଙ୍ଗମ କଲେ, ଅତ୍ୟନ୍ତ ଆନନ୍ଦର ସହିତ ବହିଟି ଗ୍ରହଣ କଲେ।

ଭୁବନେଶ୍ୱରରେ ମୁଁ ପ୍ରାୟ ପନ୍ଦର କୋଡ଼ିଏ ଗୋଟି ବହି ଲୋକାର୍ପଣ ଉତ୍ସବ ଆୟାଜନ କରିଥିବି। ସବୁ ଉତ୍ସବକୁ ମୁଁ ପ୍ରଫେସର ମହାନ୍ତିଙ୍କୁ ନିମନ୍ତ୍ରଣ କରିଛି। ସେ ମଧ୍ୟ ବହୁ ଉତ୍ସବରେ ଉପସ୍ଥିତ ରହିଛନ୍ତି। ମୁଁ ନିମନ୍ତ୍ରଣ କରିଥିବା ଅତିଥି ଯଦି ତାଙ୍କର ପସନ୍ଦ ନ ହେଲା ସେ ସ୍ପଷ୍ଟ ଭାବେ ତାଙ୍କର ପ୍ରତିକ୍ରିୟା ପ୍ରକାଶ କରିଥାନ୍ତି ଓ ତାହା ସେ ଉତ୍ସବରେ ଯୋଗ ନ ଦେବାର କାରଣ ହୋଇଯାଏ। ଅବଶ୍ୟ ଉତ୍ସବ ପରେ ପରେ ମୁଁ ତାଙ୍କ ପାଖରେ ପହଞ୍ଚି ଲୋକାର୍ପିତ ବହିଟି ଉପହାର ଦେଇଥାଏ। ମୁଁ ତ ଜାଣେ ସେ ଏକ-ଧଡ଼ସିଆ ମଣିଷ ଏଣୁ ତାଙ୍କ ମତାମତକୁ ଗ୍ରହଣ କରିଥାଏ। କେବଳ ଯତୀ ବାବୁ ନୁହଁନ୍ତି ଦେବୀ, ରାଜେନ୍ଦ୍ରଙ୍କୁ ମଧ୍ୟ ମୋର ଅନେକ କାର୍ଯ୍ୟକ୍ରମରେ ସାମିଲ କରିଛି। କେନ୍ଦ୍ର ଲଳିତକଳା ଏକାଡ଼େମୀର ବିଭିନ୍ନ କାର୍ଯ୍ୟକ୍ରମରେ ରାଜେନ୍ଦ୍ର ପ୍ରସାଦ ଦାସ ଓ ଦେବୀ ପ୍ରସନ୍ନ ପଟ୍ଟନାୟକ ସକ୍ରିୟ ଅଂଶ ଗ୍ରହଣ କରିଛନ୍ତି। ଲଳିତ କଳା ଏକାଡ଼େମୀର ଶିଳ୍ପ ପରିଭାଷା ସେମିନାର ହେଉ ବା ଆଲିସ ବୋନର ବକ୍ତୃତା ମାଳା ହେଉ ଏହି ତିନି ମିତ ବରାବର ମୋତେ ଅନୁଗୃହୀତ କରି ଆସିଛନ୍ତି।

ମୋ ସମ୍ପର୍କରେ, ମୋ ଲେଖା, ଚିତ୍ର ପ୍ରଦର୍ଶନୀ ଏବଂ ବହି ପ୍ରକାଶନ ପ୍ରଫେସର ମହାନ୍ତିଙ୍କୁ ସବୁବେଳେ ଆକୃଷ୍ଟ କରିଛି। ଯତୀନ ବାବୁ ଲେଖାଟି ବା ବହିଟି ପଢ଼ିବେ ଓ ମୋତେ ଟେଲିଫୋନ କରି ନିଶ୍ଚୟ ଜଣାଇବେ। 'ମାର୍ଗ' ଦ୍ୱାରା ପ୍ରକାଶିତ "ଓଡ଼ିଶା ରି ଭିଜିଟେଡ୍" ସ୍ୱତନ୍ତ୍ର ସଂଖ୍ୟାରେ ଏବରହାର୍ଡ଼ ଫିସର ଓ ମୋର ଓଡ଼ିଶାର ପାରମ୍ପରିକ କଳା ଉପରେ ଲେଖା ହେଉ ବା ପ୍ରଫେସର କରୁଣା ସାଗର ବେହେରାଙ୍କ ସ୍ମୃତିରେ ପଠିତ ପ୍ରବନ୍ଧ 'ଓଡ଼ିଶାର ଚିତ୍ରକଳାରେ ଶାଳ ଓ ଶୈଳୀ'ହେଉ ତାଙ୍କ ପରିଚର୍ଚ୍ଚା ମଧ୍ୟରେ ସ୍ଥାନ ପାଇବ। ସେ ପ୍ରଶଂସାରେ ମୋତେ ଅଥୟ କରିଦେବେ ମୋତେ କିଏ କିଏ କହିଥାନ୍ତି ଯେ ଯତୀନ ମହାନ୍ତିଙ୍କ ସମାଲୋଚନାରେ ଉତ୍ସାହପ୍ରଦ ବାକ୍ୟ ନଥାଏ। ମୋତେ ଲାଗେ ସେମାନଙ୍କ ଆକଳନ ଭୁଲ।

ମୁଁ ଏଠି ଉଦାହରଣଟିଏ ଦିଏ। ପୁନର୍ନବା ପ୍ରକାଶିତ ହେଲା ୧୯୯୯ ମସିହାରେ। ଯତୀନ ବାବୁ ଉଭୟ ଲୋକାର୍ପଣ ଉତ୍ସବ ଓ ପାଠକୀୟତାରେ ଅତିଥିଭାବେ ଯୋଗ ଦେଇଛନ୍ତି। ପ୍ରକାଶିତ ହେବାର ଚାରି ପାଞ୍ଚ ବର୍ଷପରେ ଦିନେ ସନ୍ଧ୍ୟାରେ ଟେଲିଫୋନ କରି ସେ ବହିଟିର ପ୍ରଶଂସାରେ ଶତମୁଖ ହେଲେ। ଉପନ୍ୟାସର କଥାବସ୍ତୁ, ତା'ର

ଭାଷାବିନ୍ୟାସକୁ ନେଇ ପ୍ରାୟ ପନ୍ଦର କୋଡ଼ିଏ ମିନିଟ୍ ମୋ ସାଙ୍ଗରେ ଆଲୋଚନା କଲେ। ପ୍ରଥମଥର ପଢ଼ିବାବେଳେ ପୁନର୍ନବାକୁ ସେତିକିଟା ସେ ହୃଦୟଙ୍ଗମ କରିନଥିଲେ ବୋଲି ସ୍ୱୀକର ମଧ୍ୟ କଲେ। ମନେହୁଏ ବହିଟି ଯଦି ତାଙ୍କୁ ଅଭିଭୂତ କରିନଥାନ୍ତା ତା ହେଲେ ତାଙ୍କ ଭଳିଆ ଏକ-ଧଡ଼ସିଆ ଲୋକ ଏଭଳି ମନଖୋଲା କଥା କହିନଥାନ୍ତେ। ୧୯୯୫ ମସିହାରେ କେନ୍ଦ୍ର ଲଳିତକଳା ଏକାଡ଼େମୀର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ଏକ ବିଶେଷ ଧରଣର ଚିତ୍ର ପ୍ରଦର୍ଶନୀ -ମେନିଫେଷ୍ଟେସନ୍ସ-ର ଆୟୋଜନରେ ପ୍ରଫେସର ଯତୀନ୍ଦ୍ରମୋହନ ମହାନ୍ତିଙ୍କ ଯୋଗଦାନ ଆମ ମାନଙ୍କୁ ଯଥେଷ୍ଟ ଉତ୍ସାହ ଯୋଗାଇ ଦେଇଥିଲା। ଏହି ପ୍ରଦର୍ଶନୀଟି ଥିଲା କବି ଭାଷା ଓ ଚିତ୍ର ଭାଷାର ସମନ୍ୱିତ ସ୍ୱର ଓ ରୂପ। ଏଭଳି ପ୍ରଦର୍ଶନୀ ରବୀନ୍ଦ୍ର ମଣ୍ଡପରେ ପ୍ରଥମ। ପ୍ରଦର୍ଶନୀରେ ନିଜ ଚିତ୍ର ଓ ଭାସ୍କାର୍ଯ୍ୟ ସହ ଅଂଶ ଗ୍ରହଣ କରିଥିଲେ ଚନ୍ଦ୍ରଶେଖର ରାଓ, ଡ଼. ନାରାୟଣ ରାଓ, କାଶୀନାଥ ଜେନା, ଶିବ ପାଣିଗ୍ରାହୀ, ରାମହରି ଜେନା, ଜଗନ୍ନାଥ ପଣ୍ଡା, ପ୍ରତାପ ଜେନା ଓ ମୁଁ। ଆମ ମାନଙ୍କ ସହିତ ଥିଲେ ଆଠ ଜଣ ନାରୀ ଶିଳ୍ପୀ। ସେମାନେ ସେମାନଙ୍କ ଅନୂଦିତ ଇଂରାଜୀ କବିତା ମାଧ୍ୟମରେ ପ୍ରଦର୍ଶନୀରେ ପରୋକ୍ଷ ଭାବେ ଭାଗ ନେଇଥିଲେ। ସେହି ନାରୀ କବିମାନେ ହେଲେ ପ୍ରଭାତ ନଳିନୀ ମହାପାତ୍ର, ଜ୍ୟୋସ୍ନା ଦାସ, ବୀଣାପାଣି ପଣ୍ଡା, ମମତା ଦାଶ, ମନୋରମା ବିଶ୍ୱାଳ ମହାପାତ୍ର, ସୁଶ୍ରୀ ରାଉତ, ପ୍ରବାସିନୀ ମହାକୁଡ଼ ଏବଂ କନକ ଲତା ନନ୍ଦ। ଏହି ଆଠଜଣ ପ୍ରଫେସର ମହାନ୍ତିଙ୍କ ଦ୍ୱାରା ମନୋନୀତ ହୋଇଥିଲେ। ଏମାନେ ଥିଲେ ମାସିକ ପାରିବାରିକ ପତ୍ରିକା ସୁଚରିତାର କବି। ଆମ ଦ୍ୱାରା ପ୍ରଦର୍ଶିତ ଚିତ୍ର ଗୁଡ଼ିକ କବିତା ଗୁଡ଼ିକୁ ଚିତ୍ରାୟିତ କରୁନଥିଲା ବରଂ କବିତା ଗୁଡ଼ିକର ଏକ ଭିନ୍ନ ଡ଼ାଇମେନ୍ସନକୁ ସୂଚାଇ ଦେଉଥିଲା।

ପ୍ରଦର୍ଶନୀ ପାଇଁ ପ୍ରକାଶିତ ପୁସ୍ତିକାରେ ଅଗ୍ରଲେଖ ଲେଖିଥିଲେ ପ୍ରଫେସର ମହାନ୍ତି। ଏହି ଲେଖାରେ ଓଡ଼ିଆ ଆଧୁନିକ କବିତାର ଆଭିମୁଖ୍ୟ, ସେଥିରେ ପ୍ରତିଫଳିତ ପ୍ରେମ, ପ୍ରକୃତି ଓ ଏକାକୀତ୍ୱର କଥା କୁହାଯାଇଥିଲା। କବିତାର ସ୍ୱରରେ ଫେମିନାଇନ୍ ଦୃଷ୍ଟିକୋଣର ଅବତାରଣା କବିତା ଗୁଡ଼ିକୁ ଭିନ୍ନ ଭାବରେ ଚିହ୍ନାଇ ଦେଉଥିଲା।

ପ୍ରଫେସର ଯତୀନ୍ଦ୍ରମୋହନ ମହାନ୍ତି ଜଣେ ସଂକଳକ ଓ ସାହିତ୍ୟ ସମାଲୋଚକ ଭାବେ ବହୁଦିନ ମନେ ରହିଥିବେ। ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି ଓ ପ୍ରସାର ପାଇଁ ତାଙ୍କର ପ୍ରତିବଦ୍ଧତା ଉଦାହରଣୀୟ। ଆଧୁନିକ କବିତାର ରୂପ, ଗୁଣ ଓ ତାର ସାଂପ୍ରତିକତାକୁ ଓଡ଼ିଆ ପାଠକଙ୍କ ପାଖରେ ଉପସ୍ଥାପିତ କରିବା ପାଇଁ ତାଙ୍କର ଶ୍ରମ ଓ ସାଧନାକୁ ଏ ଜାତି କେବେ ଭୁଲି ପାରିବ ନାହିଁ। ନିନ୍ଦା ପ୍ରଶଂସାକୁ ଭ୍ରୂକ୍ଷେପ ନକରି ଜଣେ ଏକାକୀ ପଦାତିକ ଭାବରେ ତାଙ୍କ ଆତ୍ମ ପ୍ରତ୍ୟୟ ଓ ନିଷ୍ଠା ନୂତନ ପିଢ଼ିର ସାହିତ୍ୟିକ ମାନଙ୍କ ପାଇଁ ପ୍ରେରଣା ଦାୟୀ ହେବ। ତାଙ୍କର ଅବର୍ତ୍ତମାନରେ ଆମେ ଆମର ଜଣେ ଶୁଭେଚ୍ଛୁଙ୍କୁ ହରେଇ ଦେଇଛୁ।

ଇ ୪୯, ୧୩୮୬, ଭୀମଟାଙ୍ଗି
ଭୁବନେଶ୍ୱର-୭୫୧୦୦୨
ମୋ : ୮୮୯୫୭୨୯୫୩୪

କୃତଜ୍ଞତାଞ୍ଜଳି
ପ୍ରତିଭା ଶତପଥୀ

୧୯୭୬ ମସିହା ଜୁନ୍ ମାସ ଯାଏ କଟକରେ ରହିଥାଏ। ଶୁଣିଥାଏ, ସାର୍ 'ପ୍ରଜ୍ଞା' ନାମକ ଏକ ପତ୍ରିକା ସଂପାଦନା କରୁଥାନ୍ତି, ଆଧୁନିକ କବିତାର ଦିଗ୍‌ଦର୍ଶକ ଥାଏ 'ପ୍ରଜ୍ଞା'। ସେଥିରେ ଯାହାର କବିତା ପ୍ରକାଶ ପାଇଲା, ସେ ଧନ୍ୟ ହୋଇଯାଏ। ଆଧୁନିକତାର ମୋହର ତା'ଠିଁ ବସିଯାଏ। 'ପ୍ରଜ୍ଞା' କିନ୍ତୁ କେତୋଟି ସଂଖ୍ୟା ପରେ ବନ୍ଦ ହୋଇଯାଏ। ୧୯୭୬ରେ ମୋର ରେଭେନ୍‌ସା କଲେଜରୁ ରମାଦେବୀ ମହିଳା କଲେଜକୁ ବଦଳି ହେଲା। ମୁଁ ବାଣୀବିହାର କ୍ୟାମ୍ପସ୍‌କୁ ଆସିଲି। ବହୁଦିନ ଯାଏଁ ସାର୍ ବା ମାଡାମ୍‌ଙ୍କ ସହ ମୋର ସାକ୍ଷାତ ଓ ବାର୍ତ୍ତାଳାପ ହୋଇନଥିଲା। ସାର୍‌ଙ୍କ ଘରକୁ ସର୍ବପ୍ରଥମେ ମୋତେ ନେଇ କି ଯାଇଥିଲେ ପୂଜ୍ୟ ଲେଖକ ମହାପାତ୍ର ନୀଳମଣି ସାହୁ। ବୁଲିଯିବା ଉଦ୍ଦେଶ୍ୟରେ ନୁହେଁ, ଉଦ୍ଦେଶ୍ୟ ଥିଲା, ମୋର ଗବେଷଣା କାର୍ଯ୍ୟରେ ସାର୍‌ଙ୍କ ସହଯୋଗ ପାଇଁ। 'ଓଡ଼ିଆ କବିତାରେ ରୋମାଣ୍ଟିକ୍ ଚେତନା' ଶୀର୍ଷକଟି ମୁଁ ନିବନ୍ଧ ପାଇଁ ବାଛିଥିଲି ଓ ପଢ଼ାପଢ଼ି ଆରମ୍ଭ କରିବାକୁ ଭାବିଥିଲି। ସେ ବର୍ଷ ମୁଁ ୟୁ.ଜି.ସି ର ଟିଚର ଫେଲୋସିପ୍ ପାଇଁ ଦରଖାସ୍ତ କରିଥିଲି। ସେ ଦିଗରେ ୟୁରୋପୀୟ ସାହିତ୍ୟ ଠାରୁ କିଛି ପ୍ରାସଙ୍ଗିକ ତଥ୍ୟ ପାଇବି ବୋଲି ଆଶା କରି ଯାଇଥିଲି। ସାର୍‌ଙ୍କୁ ମୁଁ ବହୁତ ସମୀହ କରୁଥିଲି। ନୀଳମଣି ବାବୁଙ୍କୁ ଓ ମୋତେ ସେ ବହୁତ ଉତ୍ସାହ ଦେଲେ। ଯାହା ସାହାଯ୍ୟ କରିପାରିବେ, ନିଶ୍ଚୟ କରିବେ ବୋଲି ପ୍ରତିଶ୍ରୁତି ଦେଲେ ଓ ପ୍ରତିଶ୍ରୁତି ପୂରଣ କଲେ ମଧ୍ୟ। ବିଭାଗୀୟ ସେମିନାର ଲାଇବ୍ରେରିରୁ କିଛି ପୁସ୍ତକ ଦେଲେ ଏବଂ କିଛି ପୁସ୍ତକ କିଣିବାର ପରାମର୍ଶ ଦେଲେ। ସେତିକିବେଳେ କହିଲେ, ଡକ୍ଟର କୃଷ୍ଣଚରଣ ସାହୁଙ୍କୁ ଦିଗ୍‌ଦର୍ଶକ ଭାବେ ନିଅ। ସେ କଥାପଦକ ମୋ କାନରେ ଏବେ ବି ଶୁଭିଯାଉଛି। "Even Krushna can guide you".

ସାର୍‌ଙ୍କ ପରାମର୍ଶ ଯୋଗୁଁ ହିଁ ମୁଁ କୃଷ୍ଣ ସାର୍‌ଙ୍କ ଭଳି ଉଦାର ଦିଗ୍‌ଦର୍ଶକ ପାଇଲି ଏବଂ ସେଥିପାଇଁ ଆଜିବି ମୁଁ ଗର୍ବ ଅନୁଭବ କରେ। ମୁଁ ଫେଲୋସିପ ପାଇଲି ତା ସହିତ ୩ବର୍ଷ ଛୁଟି। ଯତୀନ୍ ସାର୍‌ଙ୍କ ପରାମର୍ଶ ଅନୁସାରେ ମୁଁ କିଛି ପୁସ୍ତକ ମୋର ଗବେଷଣା ନିମନ୍ତେ କିଣିଲି ଓ କାମ ଆରମ୍ଭ କଲି। ସେ ମୋ ରଚନା ବିଷୟରେ ଜାଣିଲେ ଓ କହିଲେ, 'ତୁମେ କବି ମାନସିଂଙ୍କ ପର୍ଯ୍ୟନ୍ତ ଆଲୋଚନା କରୁଛ, ଏଥିରେ କବି ସଚି ରାଉତରାୟଙ୍କୁ ମିଶାଇ ନିଅ। ନିବନ୍ଧ ରଚନାଟି ଭଲ ହେଉଛି ଓ ଏହାକୁ ପି.ଏଇଚ୍.ଡି ପାଇଁ ନ ଦେଇ ଡି.ଲିଟ୍ ଡିଗ୍ରୀପାଇଁ ୟୁନିଭରସିଟିରେ ଦାଖଲ କର।" ମୁଁ ତା' କଲି ନାହିଁ। ଡରିଲି, କାରଣ ସେ ଯାବତ୍ ମୁଁ ଉଲ୍ଲେଖନୀୟ ଗଦ୍ୟ ବା ପ୍ରବନ୍ଧ କିଛି ଲେଖି ନଥିଲି। କିନ୍ତୁ ମୋ ସନ୍ଦର୍ଭଟି ଗୃହୀତ ହେବାର ପରବର୍ଷ ପ୍ରକାଶିତ ହେଲା। ଛାତ୍ର ଓ ଅଧ୍ୟାପକମାନେ ପସନ୍ଦ କଲେ ଓ ଗବେଷକମାନଙ୍କ 'ଆଦରର ଧନ' ହୋଇ ପାରିଲା। ମୁଁ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ନିକଟରେ କୃତଜ୍ଞ। ମୋ ନିବନ୍ଧ 'କଳ୍ପନାର ଅଭିଷେକ' ପୁସ୍ତକରେ କୃତଜ୍ଞତା ଜ୍ଞାପନ କରିଥିଲି ତ। ସେତିକି ଯଥେଷ୍ଟ ନୁହେଁ। ମୋର ଅନ୍ତର କୃତଜ୍ଞତାରେ ଭରପୂର।

Indian Literature ରେ ୧୯୮୪ ମସିହା ଓଡ଼ିଆ ସାହିତ୍ୟ ସମୀକ୍ଷା ସାର୍ ଲେଖିଥିଲେ। ମୋର ସେ ବର୍ଷ ଗୋଟିଏ ଅନୁବାଦ ଉପନ୍ୟାସ ପ୍ରକାଶ ପାଇଥିଲା। ଲେଖକ ନୋବେଲ ପୁରସ୍କାର ପ୍ରାପ୍ତ ଆଇଜାକ୍ ସିଂଗରଙ୍କର 'କ୍ରୀତଦାସ' ଉପନ୍ୟାସଟି। ସାର୍ ତାହାର ରିଭ୍ୟୁରେ ୪/୫ ଧାଡି ଖୁବ୍ ପ୍ରଶଂସା କରି ଲେଖିଥିଲେ। ମୋ ଅନୁବାଦ

ପୁସ୍ତକରେ ଲେଖକଙ୍କ ଜୀବନୀ ଓ କୃତି ଏବଂ ଅନୁବାଦ ସାହିତ୍ୟର ମାର୍ଗ ସଂପର୍କରେ ୨ଟି ଛୋଟ ପ୍ରବନ୍ଧ ଥିଲା। ସାର୍ ଲେଖିଥିଲେ, 'ଆଜି ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ଏଭଳି ଅନୁବାଦ ପୁସ୍ତକ ନଥିଲା, ଯେଉଁଥିରେ ଉପରୋକ୍ତ ଦୁଇଗୋଟି ରଚନା ସନ୍ନିବିଷ୍ଟ ହୋଇଛି।' ଏତକ ମୋ ପାଇଁ କମ୍ ଉତ୍ସାହପ୍ରଦ ନଥିଲା।

ମାଡାମ୍‌ଙ୍କର ମୋର ବନ୍ଧୁତ୍ୱ ନିବିଡ। ବୟସରେ ମାଡାମ୍ ମୋର ପାଖାପାଖି। ଭାରି ସ୍ନେହୀ ଓ ସରଳ। ଦିନଯାକର ଖଟଣିପରେ ଯେବେ ତାଙ୍କ ଘରକୁ ମୁଁ ବୁଲିବାକୁ ଯାଏ, ଆମେ ଅନେକ ବିଷୟରେ ଗପସପ କରୁ, ମାଡାମ୍ ଦୈନନ୍ଦିନ ଜୀବନର ଅନେକ କଥା ମୋତେ କହନ୍ତି। ସାର୍‌ଙ୍କ ବଡ଼ଝିଅ ସ୍ୱାତୀ ମୋର ସହକର୍ମୀ ଥିଲା, ବିଚରାଟି ଅଳ୍ପ ବୟସରେ ସ୍ୱାମୀ ଓ ସନ୍ତାନକୁ ଛାଡି ସ୍ୱର୍ଗାରୋହଣ କଲା। ତା'ର ଅସୁସ୍ଥତା ସମୟରେ ମୁଁ ତାକୁ କଳିଙ୍ଗ ହସ୍‌ପିଟାଲ୍ ଓ ତା'ଘରେ ଯାଇ ଦେଖା କରିଛି। ଭାରି ଭଲ ଝିଅଟିଏ। ତା' ମୃତ୍ୟୁର ଅଳ୍ପଦିନ ପୂର୍ବରୁ ମୁଁ ଯାଇ ତା'ଘରେ ଦେଖା କରିଥିଲି। ସାରାଦିନ କର୍ମବ୍ୟସ୍ତତା ଭିତରେ ବୁଡି ରହୁଥିଲେ ସାର୍। ସନ୍ତାନମାନଙ୍କ ପ୍ରତି ଅତ୍ୟନ୍ତ ସ୍ନେହବତ୍ସଳ। ମାଡାମ୍‌ଙ୍କୁ ତ ତାଙ୍କ ଭାଷାନୁଷ୍ଠାନକୁ ପ୍ରତ୍ୟହ ସ୍କୁଟରରେ ନବା ଆଣିବା କରନ୍ତି। ତା'ରି ଭିତରେ ବିଭିନ୍ନ ସାହିତ୍ୟିକ କର୍ମରେ ବ୍ୟାପୃତ ଥାଆନ୍ତି। 'ପ୍ରାଚୀନ ଓଡ଼ିଆ କବିତା ସମ୍ଭାର', 'ଆଧୁନିକ ଓଡ଼ିଆ କବିତା ସମ୍ଭାର'ର ରଚିପୂର୍ଣ୍ଣ, ତଥ୍ୟନିଷ୍ଠ ସଂପାଦନା କରି ସେ ଓଡ଼ିଆ ସାହିତ୍ୟର ପ୍ରଭୂତ ଉପକାର ସାଧନ କରିଛନ୍ତି। ସେ ତାଙ୍କ କୃତିତ୍ୱ ଲାଗି ସ୍ମରଣୀୟ ରହିବେ। କେତେକ ଉପନ୍ୟାସ ମଧ୍ୟ ରଚନା କରିଯାଇଛନ୍ତି। କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା କବିତା ସମାଲୋଚନା ଗ୍ରନ୍ଥ ସୂର୍ଯ୍ୟସ୍ନାତ ପାଇଁ ପୁରସ୍କୃତ ହୋଇଛନ୍ତି। ଗଲା ବର୍ଷର ଅଶୋକାଷ୍ଟମୀରେ (କୃଷ୍ଣ ସାର୍‌ଙ୍କ ଜନ୍ମତିଥି) ସାର୍ ଖୁବ୍ ଶୁଖିଲା ଦିଶୁଥିଲେ- ଝରିପଡିବା ପରି ଚେହେରା ହୋଇଥିଲା। ମୁଁ ଏ ବିଷୟରେ ସାର୍‌ଙ୍କୁ କିଛି ପଚାରିପାରି ନଥିଲି। ବୟସ ବେଳେ ବେଳେ କାହାକୁ ଅଧିକ ଜୀର୍ଣ୍ଣ ବି କରିଦେଇଥାଏ। କିନ୍ତୁ ସାର୍ ଯେ ଭିତରେ ଭିତରେ ଦୁରାରୋଗ୍ୟ ରୋଗଟିଏ ଭୋଗୁଥିଲେ, କେହି ପ୍ରାୟ ଜାଣି ନଥିଲେ। ଅକସ୍ମାତ୍ ତାଙ୍କର ତିରୋଧାନ। ସମୟ ପବନ ପରି ଉଡିଯାଉଛି। ବର୍ଷେ ପୂରିଯିବ। ସାର୍‌ଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧା ଓ ସମ୍ମାନ ଜଣାଇ ରହୁଛି।

୧, ଗ୍ରିନ୍‌ପାର୍କ, ପଟିଆ ଷ୍ଟେସନ ରୋଡ୍,
ପୋ: କିଟ୍ , ଭୁବନେଶ୍ୱର-୭୫୧୦୨୪,
ମୋ:୯୪୩୮୩୦୫୨୨୪

ଯତିବାବୁ- ଏକ ବହୁମୁଖୀ ବ୍ୟକ୍ତିତ୍ୱ

ସରସ୍ୱତୀ ସ୍ୱାଇଁ

ସକାଳେ ଟେଲିଫୋନ୍ ବାଜିଲା- ଜଣେ ଭଦ୍ରମହିଳାଙ୍କ ସ୍ୱର- 'ମୁଁ ଯତିବାବୁଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ କହୁଛି- ଏକ ସ୍ମରଣିକା ପ୍ରକାଶିତ ହେବ- ଆପଣ ତାଙ୍କର ଥିଲେ ଜଣେ ଘନିଷ୍ଠ ବନ୍ଧୁ- ଲେଖାଟିଏ ପଠାଇବାକୁ ଅନୁରୋଧ। ଅତ୍ୟନ୍ତ ନମ୍ର, ଧୀର ଅନୁରୋଧ- କଣ୍ଠ ରୋଧ ହୋଇଆସୁଥିଲା ବୋଧହୁଏ। ଟେଲିଫୋନ୍ କଟିଗଲା- ମୁଁ ଆଉ ଫୋନ୍ କରିନାହିଁ- ବିଜୟଲକ୍ଷ୍ମୀ କାନ୍ଦୁଥିଲେ।

ତା'ପୂର୍ବରୁ ଦେବୀବାବୁ (ଡ.ଦେବୀପ୍ରସନ୍ନ ପଟ୍ଟନାୟକ) ମୋତେ ଫୋନ୍ କରି ଲେଖା ପାଇଁ ଅନୁରୋଧ କରି ସାରିଥିଲେ- ଦେବୀବାବୁଙ୍କ ଅନୁରୋଧ ମୋ ପାଇଁ ଥିଲା ଆଦେଶ। ମାତ୍ର କ'ଣ ଲେଖିବି ଏବଂ କେଉଁଠୁ ଆରମ୍ଭ କରିବି, କିପରି କରିବି ତାହାହିଁ ଥିଲା ମୋ ପାଇଁ ସବୁଠାରୁ ବଡ଼ ସମସ୍ୟା।

ଯତିବାବୁ, ରାଜେନ୍ଦ୍ର ବାବୁ ଏବଂ ଦେବୀବାବୁ- ଏମାନେ ଅତ୍ୟନ୍ତ ଘନିଷ୍ଠ ବନ୍ଧୁ- ଅଲଗା ଅଲଗା କର୍ମକ୍ଷେତ୍ରରେ ଥିଲେ ମଧ ଓଡ଼ିଶା ଆସିଲେ ତିନିଜଣଙ୍କୁ ସର୍ବଦା ଏକାଠି ଦେଖିବାକୁ ମିଳେ। ଜଣେ ଆଉ ଜଣଙ୍କ ପାଇଁ ଯେ କୌଣସି ତ୍ୟାଗ କରିବାକୁ ପ୍ରସ୍ତୁତ। ଥଟ୍ଟାରେ ମୁଁ କହୁଥିଲି 'ତିନି ମାଙ୍କଡ଼'। ରାଜେନ୍ଦ୍ର ବାବୁ ବହୁପୂର୍ବରୁ ଆମକୁ ଛାଡି ଚାଲିଯାଇଛନ୍ତି- ଯତିବାବୁଙ୍କର ଦେହାନ୍ତ ଘଟିଛି ନିକଟରେ। ଦେବୀବାବୁଙ୍କ ବେଦନା ମୁଁ ସ୍ପଷ୍ଟ ଅନୁଭବ କରିପାରୁଛି।

ସେମାନଙ୍କ ବନ୍ଧୁତା ଏତେ ନିବିଡ ଥିଲା ଯେ ଏକାଠି ରହିବା ପାଇଁ ତିନି ବନ୍ଧୁ ଭୁବନେଶ୍ୱରରେ ଗୋଟିଏ ଜାଗାରେ ଲଗାଲଗି ଜମି କିଣିଥିଲେ ସର୍ବଦା ପାଖେ ପାଖେ ରହିବା ପାଇଁ ଘର କରି। ଜମି କିଣା ହେଲା, ଘର ହେଲା- ମାତ୍ର ଏକାଠି ରହିବା ସମ୍ଭବ ହୋଇପାରିଲା ନାହିଁ।' 'ଜୀବନ ପାରିଲା ନାହିଁ ଧରି ମୃତ୍ୟୁ ଦୁହିଁଙ୍କୁ ଛାଡିଦେଲା ବାଟ।' ଦେବୀବାବୁ ଏକା ରହିଲେ ସବୁ ବେଦନାର ବୋଝ ବୋହି।

ମୋର ମନେ ହୁଏ ସେମାନଙ୍କର ବନ୍ଧୁତାର ବନ୍ଧନ ଥିଲା ସେମାନଙ୍କର ସାହିତ୍ୟ ପ୍ରତି ଅନାବିଳ ପ୍ରେମ, ଅପରିସୀମ ଶ୍ରଦ୍ଧା, ସାହିତ୍ୟର ଉତ୍ତରୋତ୍ତର ଉନ୍ନତି। ତିନି ବନ୍ଧୁ ଥିଲେ ସାହିତ୍ୟ ପାଇଁ ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱ। ସାରସ୍ୱତ ଜଗତକୁ ସେମାନଙ୍କର ଅବଦାନ ଅତୁଳନୀୟ। ଯତିବାବୁ ଥିଲେ ଇଂରାଜୀ ଅଧ୍ୟାପକ। ଉଭୟ ଓଡ଼ିଆ ଏବଂ ଇଂରାଜୀ ସାହିତ୍ୟକୁ ସମୃଦ୍ଧ କରିବାର ପ୍ରଚେଷ୍ଟା ନ ଦେଖିଲେ କେହି ବିଶ୍ୱାସ କରିବ ନାହିଁ। ଅତୀତରେ ତାଙ୍କ ପୁସ୍ତକଗାରକୁ ଯାଇଛି। ପୁସ୍ତକ ପ୍ରତି ତାଙ୍କର ପ୍ରେମ ମୋତେ ଅଭିଭୂତ କରିଦେଇଛି।

ଯତିବାବୁଙ୍କ ସାହିତ୍ୟ ସାଧନା ଅଦ୍ୱିତୀୟ। ଓଡ଼ିଆ ଭାଷା ଏବଂ ସାହିତ୍ୟକୁ ତାଙ୍କର ଅବଦାନ ଆକଳନ କରିବାର ଧୃଷ୍ଟତା ମୁଁ ରଖେ ନାହିଁ। ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରଫେସର ଭାବରେ କାର୍ଯ୍ୟ ଥିଲା ତାଙ୍କର ବୃତ୍ତି- ମାତ୍ର ପ୍ରବୃତ୍ତି ରହିଥିଲା ସାହିତ୍ୟ ସାଧନା- ତାହା ପୁଣି ଥିଲା ଓଡ଼ିଆ ଭାଷା ଓ ସାହିତ୍ୟର ଅଭିବୃଦ୍ଧି ଏବଂ ବହୁ ବିରଳ ବିଲୁପ୍ତ ପ୍ରାୟ ଗ୍ରନ୍ଥର ଉଦ୍ଧାର, ତା'ର ସମାହାର ଏବଂ ଆଧୁନିକ ଭାଷା ସାହିତ୍ୟର ସଙ୍କଳନ। ତାଙ୍କ ରଚନାଧାରା ସମାଲୋଚନାତ୍ମକ, ଗବେଷଣାମୂଳକ, ଶିକ୍ଷଣୀୟ ତଥା ଭବିଷ୍ୟତ ଉନ୍ନତିକାମୀ। ସେଥିରେ ଗବେଷକର ନିଜସ୍ୱ ମତାମତ ଥିଲା ସ୍ୱତନ୍ତ୍ର। ଆତ୍ମବଡ଼ିମା ବା ପ୍ରଚାରଧର୍ମୀତା ଆଦୌ ନ ଥିଲା। ଓଡ଼ିଆ ସାହିତ୍ୟରେ ଉପଯୁକ୍ତ ଇତିହାସର ଅଭାବ ଅନୁଭବ କରି ସେ ସଙ୍କଳନ କରିଥିଲେ 'History of Oriya Literature' ଯାହା ଆଜି ମଧ ଏକ ଅସାଧାରଣ

ସଙ୍କଳନ ହୋଇ ରହିଯାଇଛି।

ପୁଣି ଓଡ଼ିଆ ଭାଷାରେ ଆଧୁନିକ ଏବଂ ପ୍ରାଚୀନ କାବ୍ୟ କବିତା ସମ୍ଭାରର ଅଭାବ ଅନୁଭବ କରି ସେ ସଙ୍କଳନ କରିଥିଲେ 'ପ୍ରାଚୀନ କବିତା ସମ୍ଭାର' ଏବଂ ତା'ର ପରିପୂରକ ଭାବେ 'ଆଧୁନିକ ଓଡ଼ିଆ କବିତା ସମ୍ଭାର' ଯାହା ବହୁ ବିଭିନ୍ନ ବିସ୍ତୃତ ପ୍ରାଚୀନ କବି ଲେଖକଙ୍କ ସହ ଆଧୁନିକ କବି ଓ ଲେଖକମାନଙ୍କର ବିଚାରଧାରାକୁ ଲୋକଲୋଚନକୁ ଆଣିପାରିଛି। 'ଓଡ଼ିଆ ତତ୍ତ୍ୱ ସାହିତ୍ୟ' ଏବଂ 'ସହସ୍ରାଂଶୁ' ତାଙ୍କର ଆଉ ଦୁଇଟି ଅନବଦ୍ୟ ସୃଷ୍ଟି।

ଜଣେ ଲେଖକ ଏବଂ ଗବେଷକ ଭାବରେ ସେ ଯେ ଓଡ଼ିଶାର ଜଣେ ତୁଙ୍ଗ ବରପୁତ୍ର ଥିଲେ, ସେଥିରେ ସନ୍ଦେହ ନାହିଁ। ତାଙ୍କର ଲେଖା ଏବଂ ଚିନ୍ତାଧାରାରେ ଥାଏ ନୂତନତା, କିଛି କରିବାର ଆକାଂକ୍ଷା, ଭାଷା ଓ ସାହିତ୍ୟକୁ ମାନବଧର୍ମୀ କରିବାର ପ୍ରଚେଷ୍ଟା ଏବଂ ସବୁଠାରୁ ବଡ଼ କଥା ହେଲା ମା' ଓ ମାଟିର ଗର୍ବ ଏବଂ ଗୌରବକୁ ଲୋକଲୋଚନରେ ପ୍ରତିପାଦନ କରିବାର ଦୁର୍ବାର ପ୍ରଚେଷ୍ଟା। ନିଜ ମାଟିକୁ ଓ ନିଜ ଭାଷାକୁ ଜଣେ ପାଗଳ ଭଳି ଭଲ ନ ପାଇପାରିଲେ ଏଭଳି ଅନବଦ୍ୟ ସୃଷ୍ଟି କରିପାରିବନି। ତାଙ୍କର ପ୍ରତିଟି ଗ୍ରନ୍ଥ ୬୦୦ ଓ ୭୦୦ ପୃଷ୍ଠାରୁ ଅଧିକ। ସେ ପ୍ରାୟ ୧୦ଟିରୁ ଅଧିକ ଗ୍ରନ୍ଥ ଓଡ଼ିଆ ସାହିତ୍ୟ ଉପରେ ରଚନା କରିପାରିଛନ୍ତି। ଜଣେ ବ୍ୟକ୍ତି ଅତ୍ୟନ୍ତ ସୃଜନକାରୀ, ଜ୍ଞାନୀ ଓ ଗୁଣୀ ହୋଇନଥିଲେ ଏଭଳି ଗ୍ରନ୍ଥ ରଚନା କରିବା ଏବଂ ସବୁର ଆଲୋଚନା କରିବା ସମ୍ଭବ ହୋଇନଥାନ୍ତା।

ତାଙ୍କ ରଚିତ ସମାଲୋଚନା ଗ୍ରନ୍ଥ 'ସୂର୍ଯ୍ୟସ୍ନାତ' ୨୦୦୩ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ସମ୍ମାନିତ। ଏହା ବ୍ୟତୀତ ଆହୁରି ବହୁ ସମ୍ମାନର ଥିଲେ ସେ ଅଧିକାରୀ। ସେ ଥିଲେ ନୀରବ ସାଧକ- ଲକ୍ଷ୍ୟ ଥିଲା ଗବେଷଣା, ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି, ତା'ର ଧାରା ସଂପର୍କରେ ବିଶଦ ଆଲୋଚନା ଏବଂ ଭବିଷ୍ୟତ ପାଇଁ ଦିଗ୍‌ଦର୍ଶନ।

ଏଠାରେ ତାଙ୍କ ସାହିତ୍ୟ କୃତି ସଂପର୍କରେ ଆଲୋଚନା କରିବାର ଯୋଗ୍ୟତା ମୋର ନାହିଁ। ଯତିବାବୁଙ୍କୁ ମୁଁ ଜାଣିଛି - ଜଣେ ଭଲ ମଣିଷ, ଜଣେ ସମ୍ବେଦନଶୀଳ ବନ୍ଧୁ, ଜଣେ ସ୍ନେହୀ ପିତା ଏବଂ ଦରଦୀ ସ୍ୱାମୀ ଭାବରେ। ତାଙ୍କର 'ଆଧୁନିକ ଓଡ଼ିଆ କବିତା ସମ୍ଭାର' (ପ୍ରାୟ୮୦୦ ପୃଷ୍ଠାର ଗ୍ରନ୍ଥ) ସେ ଉତ୍ସର୍ଗ କରିଥିଲେ, 'ବନ୍ଧୁ ରାଜେନ୍ଦ୍ର, ଦେବୀ ଏବଂ କୃଷ୍ଣଙ୍କୁ', ଯାହା ତାଙ୍କ ବନ୍ଧୁପ୍ରେମର ଏକ ଉଜ୍ଜ୍ୱଳ ନିଦର୍ଶନ। ଯତି ବାବୁଙ୍କର ବହୁ ଯୋଜନା, ବହୁ ଆଶା ଅସଂପୂର୍ଣ୍ଣ ରହିଯାଇଛି। ସ୍ୱପ୍ନ ସେ ଦେଖୁଥିଲେ- ଅନ୍ୟକୁ ସ୍ୱପ୍ନ ଦେଖିବା ପାଇଁ ଉତ୍ସାହିତ କରୁଥିଲେ- ମାତ୍ର ସବୁ ଅସମୟରେ ଶେଷ ହୋଇଗଲା।

ଯତିବାବୁଙ୍କ ଏତେ କାମ କରିବା ପାଇଁ ଯିଏ ସର୍ବଦା ତାଙ୍କ ପାଖେ ପାଖେ ରହି ତାଙ୍କୁ ସାହାଯ୍ୟ କରିଚାଲିଥିଲେ, ଆଗକୁ ବଢ଼ିବା ପାଇଁ ଉତ୍ସାହ ପ୍ରଦାନ କରିଥିଲେ, ସହଯୋଗ ଦେଇଥିଲେ, ସେ ଥିଲେ ତାଙ୍କ ପତ୍ନୀ ଶ୍ରୀମତୀ ବିଜୟଲକ୍ଷ୍ମୀ। ତାଙ୍କର ଅବଦାନ ଯେ ବହୁ ମୂଲ୍ୟବାନ୍ ସେଥିରେ ସନ୍ଦେହ ନାହିଁ। ମୋର ଦୃଢ଼ ବିଶ୍ୱାସ ଏବଂ ଧାରଣା ବିଜୟଲକ୍ଷ୍ମୀ ଭଳି ଜଣେ ଜୀବନକୁ ବୁଝିପାରିବା ଭଳି ପତ୍ନୀର ସହଯୋଗ ଏବଂ ସାହାଯ୍ୟ ପାଇନଥିଲେ ସେ ଏତେବାଟ ଆଗେଇ ଯାଇପାରିନଥାନ୍ତେ। ଏକାଠି ଚାଲିବାର ଯେଉଁ ଭୀଷ୍ମ ପ୍ରତିଜ୍ଞା ଉଭୟେ ନେଇଥିଲେ ତାହା ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଥିଲା।

ବିଜୟଲକ୍ଷ୍ମୀ ଆଜି ଏକାନ୍ତ ଏକୁଟିଆ- ପୁଅ ଝିଅ ସ୍ନେହମୟ ବାପାଙ୍କୁ ଝୁରୁଛନ୍ତି- ମା'ଙ୍କର ପ୍ରଚୁର ଯତ୍ନ ନେଉଛନ୍ତି। ସମସ୍ତେ ଅଭାବ ଅନୁଭବ କରୁଛନ୍ତି ସେଇ ଜଣେ ବ୍ୟକ୍ତିଙ୍କର ଯେ ଆଉ କେବେ ଫେରିବେନି। ଭଗବାନ ସେମାନଙ୍କୁ ଶକ୍ତି ଏବଂ ସାମର୍ଥ୍ୟ ଦିଅନ୍ତୁ- ଏ ଦୁଃଖର ଭାର ଲାଘବ କରିବା ପାଇଁ।

କଲ୍ୟାଣୀ ନଗର, କଟକ-୧୩

ଫୋନ : ୨୩୪୪୮୯୯ / ୨୩୪୪୨୦୩

ବନ୍ଧୁ ଯତୀନ ମହାନ୍ତି

ସୀତା ସାହୁ

ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି ଏକାଧାରରେ ଓଡ଼ିଆ ଓ ଇଂରାଜୀ ସାହିତ୍ୟର ଜଣେ ପ୍ରତିଷ୍ଠିତ ଲେଖକ ଓ ସମାଲୋଚକ। ସେ ସାରାଜୀବନ ନିରବଚ୍ଛିନ୍ନ ଭାବେ ସାହିତ୍ୟ ସେବାରେ ନିଜକୁ ନିୟୋଜିତ କରି ଓଡ଼ିଆ ସାହିତ୍ୟକୁ ନାନା ଭାବରେ ଉନ୍ନତ ଓ ଋଦ୍ଧିମନ୍ତ କରିଛନ୍ତି ଓ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଜଣେ ଉଚ୍ଚଦରର ଲେଖକ, ସାହିତ୍ୟିକ ଓ ସମାଲୋଚକ ଭାବେ ତାଙ୍କ ପ୍ରତିଭା ସର୍ବଦା ଅମ୍ଳାନ ରହିବ ଓ ସମସ୍ତେ ତାଙ୍କୁ ମନେ ରଖିବେ। କିନ୍ତୁ ସାଧାରଣ ଜଣେ ଭଲମଣିଷ ହିସାବରେ ସେ କିପରି ଗଭୀର ଭାବରେ ସ୍ନେହୀ ଓ ବନ୍ଧୁବତ୍ସଳ ଥିଲେ, ସେ କଥା କେବଳ ଅନୁଭବୀ ହିଁ କହିପାରିବେ। ସେହିପରି କେତେକ ଅଭୁଲା ସ୍ମୃତି ହିଁ ତାଙ୍କର ଆଜି ମନେ ପଡୁଛି ଓ ଆଖିରେ ଲୁହ ଆସିଯାଉଛି ଓ ସେ ଘଟଣା ମୁଁ ପ୍ରକାଶ ନକରି ରହିପାରୁନି।

ବହୁଦିନ ତଳର କଥା, ସେଦିନ ଥାଏ ଗଣେଶ ଚତୁର୍ଥୀ। ମୁଁ କଟକ ବଡ଼ ଡାକ୍ତରଖାନାରେ ପ୍ରସୂତି ୱାର୍ଡରେ ଏକା ଗୋଟିଏ ଖଟରେ ଯନ୍ତ୍ରଣାରେ ଛଟପଟ ହେଉଥାଏ। ରାତି ୨ଟାରେ ଅପରେସନ୍ ହୋଇ ମୋର ପ୍ରଥମ ସନ୍ତାନ ଜନ୍ମଲାଭ କରିଥାଏ। ପରିଚାରିକା ମତେ ଛାଡି ପୁଅ ପାଖରେ ରହିଥାଏ। ଭୋରପ୍ରାୟ ୬ଟା ହେବ ଯତୀନ ବାବୁ ହଠାତ୍ ଆସି ମୋ ପାଖରେ ପହଂଚିଥିଲେ। 'ଜେନେରାଲ ୱାର୍ଡରେ କାହିଁକି ରହିଛ, ଇନ୍‌ଫେକ୍‌ସନ ହୋଇଯିବ' କହି ବହୁତ ବ୍ୟସ୍ତ ହେଲେ। ଘନବାବୁ କାହାନ୍ତି ବୋଲି ଖୋଜିଲେ। ମୋର ଅପରେସନ୍ ପରେ ନିଶା ଛାଡିଆସୁଥାଏ ଓ ବହୁତ କଷ୍ଟ ହେଉଥାଏ। ସେ ବ୍ୟସ୍ତ ହୋଇ ଡାକ୍ତର ଡାକି ଆଣିଲେ ଓ ଅଫିସ୍ ଯାଇ ସଂଗେ ସଂଗେ କ୍ୟାବିନର ବ୍ୟବସ୍ଥା କରିଦେଲେ ଓ ମୋତେ ସେଠାକୁ ନେଇ ଆସିଲେ। ଦିନ ୯ଟା ବେଳୁ ମୋର ସ୍ୱାମୀ ଘରୁ ଆସି ଦେଖନ୍ତି ଯେ ମୁଁ କ୍ୟାବିନରେ ସୁସ୍ଥ ଅଛି ଓ ସମସ୍ତ ସୁବିଧା ହୋଇଯାଇଛି। ସେ କ'ଣ କହି ଧନ୍ୟବାଦ ଦେବେ ଭାବିପାରିଲେ ନାହିଁ। ଏହାଥିଲା ତାଙ୍କର ପ୍ରକୃତ ବନ୍ଧୁତାର ପରିଚୟ। ମୁଁ ସେ ଘଟଣା କେବେ ହେଲେ ଭୁଲି ପାରିବି ନାହିଁ। ମୋର ଅନ୍ତରଂଗ ବନ୍ଧୁ ନଳିନୀ ପ୍ରଭା ଯତୀନ ବାବୁଙ୍କ ପତ୍ନୀ। ବେମାରରେ ପଡି ସେଇ ସମୟରେ ବଡ଼ ମେଡିକାଲରେ ଥିଲା। ଯତୀନ ବାବୁଙ୍କ ଠାରୁ ମୋର ପୁଅହେବା ଖବର ପାଇଁ ମୋର ବନ୍ଧୁ ନଳିନୀ ପ୍ରଭା ତାଙ୍କ ସ୍ୱାମୀଙ୍କୁ କହିଲା ଷ୍ଟ୍ରେଚରରେ ମୋତେ ନେଇଚାଲ ମୁଁ ସୀତାର ପୁଅକୁ ଦେଖିବି। ସେ କଥା ଶୁଣି ମୁଁ ଯତୀନ୍ ବାବୁଙ୍କୁ କହିଲି ମୁଁ ପୁଅକୁ ନେଇ ତାକୁ ଦେଖାକରିବି ସେ ବ୍ୟସ୍ତ ହେବନି। ମେଡିକାଲରୁ ଡିସ୍‌ଚାର୍ଜ ହେବାପରେ ପୁଅକୁ ନେଇ ଦେଖାକରିଥିଲି ଓ ସେହି ମୋର ଶେଷ ଦେଖାଥିଲା।

କାରଣ ଅଳ୍ପ କିଛିଦିନ ପରେ ସେ ଆମ ସମସ୍ତଙ୍କୁ ଛାଡି ଇହଧାମରୁ ବିଦାୟ ନେଇଥିଲା। ଏଇ ଖବର ହଠାତ୍ ଆସି ଯତୀନ୍ ବାବୁ ଦେଲେ। ବନ୍ଧୁର ଶବ ଶୋଭାଯାତ୍ରାରେ ସେଦିନ ମୁଁ ଶ୍ମଶାନକୁ ଯାଇଥିଲି। ସେ ଅନୁଭୂତି ଓ ତା'ର ବିଚ୍ଛେଦ ଦୁଃଖ ଏବେ ବି ମନରୁ ଲିଭିନି। ମନେ ପଡେ ଦୁଇ ଧାଡି କବିତା,

ବନ୍ଧୁ ତୁ ତ ଅନୁଭବି ନୋହୁ

ସ୍ନେହଜାତ ସୁଖ ତା ବିଚ୍ଛେଦ ଦୁଃଖ

ଯେ ଜାଣେ ସେ ଆସି କହୁ।'

ମୋର ବନ୍ଧୁର ମୃତ୍ୟୁ ପରେ ଯତୀନ ବାବୁ ଭାଙ୍ଗି ପଡିଥିଲେ। କିଛି ବର୍ଷପାଇଁ ଲଣ୍ଡନ୍ ଯାଇଥିଲେ। ସେଠାରୁ ଫେରିବା ପରେ ଶ୍ରୀମତୀ ବିଜୟ ଲକ୍ଷ୍ମୀଙ୍କ ସହିତ ବିବାହ ହୋଇଥିଲା। ଶ୍ରୀମତୀ ବିଜୟଲକ୍ଷ୍ମୀ ଶାନ୍ତ, ସରଳ, ସ୍ନେହୀ ଓ ଉଚ୍ଚଶିକ୍ଷିତ। ଶେଷଜୀବନ ପର୍ଯ୍ୟନ୍ତ ଉଭୟେ ଶାନ୍ତିରେ ସଂସାର କଲେ। ଯତୀନ୍ ବାବୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଇଂରାଜୀରେ ପ୍ରଫେସର ହେଲେ। ଚାକିରିରୁ ଅବସର ନେବାପରେ ସାହିତ୍ୟ ସେବାରେ ନିଜକୁ ନିୟୋଜିତ କରି ବହୁ ଉପାଦେୟ ପୁସ୍ତକ ରଚନା କରିଥିଲେ।

ଖୋଲା ହୃଦୟର ମଣିଷଟିଏ ଥିଲେ ସେ। ବନ୍ଧୁମେଳରେ ହସିଦେଲେ ଚତୁର୍ଦ୍ଦିଗରେ ଖୁସିର ଲହରୀ ଖେଳି ଯାଉଥିଲା। ସେ ଆଜି ନାହାନ୍ତି। ତାଙ୍କ ଘରଟା ଯେମିତି ନିର୍ଜନ ଖାଲିଖାଲି ଲାଗିଲା। ମୋ ସ୍ୱାମୀଙ୍କ ମୃତ୍ୟୁପରେ ଭଲମନ୍ଦ ପରାମର୍ଶ ପାଇଁ ମୁଁ ତାଙ୍କ ଉପରେ ନିର୍ଭର କରୁଥିଲି। ଭଗବାନ୍ ସେ ଭରସା ଟିକକ ତୁଟେଇ ଦେଲେ।

ଚାହୁଁ ଚାହୁଁ ୧ ବର୍ଷ ହୋଇଗଲା। କାଲି ପରି ଲାଗୁଛି। ବାବୁଠାରୁ ଖବର ପାଇ ଆପୋଲୋ ହସ୍ପିଟାଲ୍‌ରେ ଦେଖିବାକୁ ଦୌଡ଼ିଯାଇ ଥିଲି। ଭଲ ମଣିଷ ଭଲହୋଇ ଘରକୁ ଫେରି ଆସିବେ।

କାବୁ, ରିତୁ, ମିନୁ, ଜିନୁ, ଲକ୍ଷ୍ମୀ, ଲିପି ସମସ୍ତେ ଉଦ୍‌ବିଗ୍ନ ହୋଇରହିଥାନ୍ତି। ପିଲାମାନଙ୍କୁ ଦୂରେଇ ମୁଁ ଚାଲିଆସିଲି। କିନ୍ତୁ ଭଲ ହୋଇ ଫେରିବା ପରିବର୍ତ୍ତେ ସେ ସମସ୍ତଙ୍କୁ ଛାଡି ଚାଲିଗଲେ। ଦାରୁଣ ଦୁଃସମ୍ବାଦ ଶୁଣି ମୋତେ ବହୁତ କଷ୍ଟ ହେଲା।

ସେ ଆମ ପରିବାରର ବହୁତ ଶୁଭାକାଂକ୍ଷୀ ଥିଲେ। ତାଙ୍କର ପିଲାମାନେ ସମସ୍ତେ ଉଚ୍ଚ ଶିକ୍ଷିତ ଓ ସମାଜରେ ସୁପ୍ରତିଷ୍ଠିତ, ତାଙ୍କ ସ୍ତ୍ରୀ ମଧ୍ୟ ଜ୍ଞାନୀ, ଗୁଣି ଓ ଜଣେ ଭାଷାବିତ୍। ଯତୀନ୍‌ବାବୁଙ୍କ ବିଚ୍ଛେଦରେ ଭଗବାନ୍ ତାଙ୍କ ପରିବାରର ସମସ୍ତଙ୍କୁ ମାନସିକ ଧୈର୍ଯ୍ୟ ସାହସ ଓ ଶକ୍ତି ଦିଅନ୍ତୁ ଏହାହିଁ ମୋର ପ୍ରାର୍ଥନା। ପରିଶେଷରେ ତାଙ୍କର ଅମର ଆତ୍ମା ଓ ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ପ୍ରଣାମ ଜଣାଉଛି।

ଅବସର ପ୍ରାପ୍ତ ପ୍ରିନ୍‌ସପାଲ୍, ଶୈଳବାଳା ମହାବିଦ୍ୟାଳୟ

ପ୍ଲଟ ନଂ ଏଫ୍-୩୨,

ବି.ଜେ.ବି ନଗର, ଭୁବନେଶ୍ୱର

ଗୁରୁ ପ୍ରଣାମ
ଆଦରମଣି ବରାଳ

ବିଜୟଲକ୍ଷ୍ମୀଙ୍କ ଠାରୁ ଫୋନ୍ ପାଇସାରିବା ପରେ କ'ଣ କରିବି କିଛି ଠିକ୍ କରି ପାରୁ ନଥିଲି। ଅବଶ୍ୟ ସେ ଅନୁରୋଧଟିଏ କରିଥିଲେ କିନ୍ତୁ ମୋ ପାଇଁ ତାହା ଦୁର୍ଲଂଘ୍ୟ ଆଦେଶ ଥିଲା। 'ସାର୍‌ଙ୍କ ବିଷୟରେ ଲେଖାଟିଏ ପଠାଇବାକୁ ହେବ।' ସାର୍‌ଙ୍କ ବିଷୟ ଭାବିଲାବେଳକୁ ମୁଁ ଫେରିଗଲି ୧୯୫୩ ମସିହାକୁ, ରେଭେନ୍ସା କଲେଜକୁ ଏବଂ କଲେଜର ୨୧ ନମ୍ବର ହଲ୍ ପାଖକୁ।

ସେ ଦିନ ସାମାନ୍ୟ ବର୍ଷା ହେଉଥିଲା। ଏବଂ ସେ ହେତୁ କ୍ଲାସ୍‌କୁ ଯିବାରେ ଅଳ୍ପ ବିଳମ୍ବ ହୋଇଥିଲା। ତରବର ହୋଇ ପାହାଚ ଚଢ଼ି ୨୧ ନମ୍ବର ହଲ୍ ପାଖରେ ପହୁଞ୍ଚି କ୍ଲାସ ଭିତରକୁ ଚାହିଁ ହତବତେଇ ଗଲି। ଜଣେ ନୂଆସାର ପାଠ ପଢାଇବା ଆରମ୍ଭ କରି ଦେଇଥିଲେ। କବାଟ ପାଖରେ ଠିଆ ହେବାର ଦେଖି ମୋ ଆଡ଼କୁ ନ ଚାହିଁ, Yes Come in ବୋଲି କହି ପଢେଇବାରେ ଲାଗି ପଡିଲେ, ଏବଂ ପିଲାମାନେ ଏମିତି ହସଟେ ହସିଲେ ଯେ ମୁଁ ଲାଜେଇ ଗଲି। ସେ ଦିନ ସାର୍ କ'ଣ ପଢ଼ାଇଲେ କିଛି ବୁଝି ପାରିନଥିଲି, ଖାଲି ମନେ ମନେ ଭାବୁଥାଏ କାହିଁକି ଆସିଲି ଡେରିରେ, ନ ଆସିଥିଲେ ହେଇଥାନ୍ତା। ଏ ନୂଆ ସାର୍‌ଙ୍କର କ'ଣ ଧାରଣା ହୋଇଥିବ।

ସେ ଦିନ ଠାରୁ ପ୍ରତି ସପ୍ତାହରେ ସେଇ ପିରିୟଡରେ ସାର୍ କ୍ଲାସ ନେଉଥିଲେ କିନ୍ତୁ ମୁଁ ଆଉ କେବେ ଡେରି କରି ଯାଇନାହିଁ। ଦିନେ କ୍ଲାସ ସରିବା ମାତ୍ରେ କ୍ଲାସ୍‌ରୁ ବାହାରି ଆସିଲୁ ଆମେ ତିନିଜଣ । ମୁଁ, ସୁଖଲତା (ପ୍ରଧାନ) ଓ କୁମୁଦିନୀ ଅପା (ବରାଇ)। ସାର୍ ବାହାରେ ଠିଆ ହୋଇଥିଲେ। ଆମକୁ ପାଖକୁ ଡାକି କହିଲେ, 'ଯାହା ବୁଝି ନପାରୁଛ, ଲିଜର୍ ସମୟରେ ମୋଠୁ ଆସି ବୁଝିଯିବ।' ସାର୍ ଚାଲିଗଲେ ତାଙ୍କ ବୈଠକି ବଖରାକୁ। ତାଙ୍କ ଠାରୁ ନିର୍ଭୟ ପାଇ ଆଶ୍ୱସ୍ତ ହେଲୁ ତିନିହେଁ। ସେତେବେଳେ ନା meaning ବହିଥିଲା ନା ସାଥି ଥିଲା ନା ଟେଷ୍ଟ ପେପର୍ ଥିଲା? ବୁଝିବାକୁ ହେଲେ ଉପରକ୍ଲାସ ପିଲାଙ୍କଠାରୁ ବୁଝୁଥିଲୁ ନ ହେଲେ ସାର୍‌ଙ୍କ ପାଖରୁ। କିନ୍ତୁ ସାର୍‌ମାନଙ୍କୁ ପାଇବା ଏତେ ସହଜ ନ ଥିଲା, ସାର୍‌ମାନଙ୍କର କେତେବେଳେ ଲିଜର୍ ଥିଲା ଜାଣିପାରୁ ନଥିଲୁ ତ ବାରମ୍ବାର ସାର୍‌ଙ୍କର ବୈଠକିଖାନାକୁ ଯାଇ ବାହାରେ ବସିଥିବା ଚପରାସୀଠାରୁ ଥିବା ନଥିବା ଖବର ବୁଝିବାକୁ ହେଉଥିଲା। ତା'ଛଡ଼ା ସେ କମନ୍‌ରୁମ୍ ପାଖକୁ ଯିବାକୁ ଭାରି ଡର ମାଡୁଥିଲା। ପିଲାଙ୍କ ପରି ଯେତେବେଳେ ସେତେବେଳେ କମନ୍‌ରୁମ୍‌କୁ ଯାଇ ସିଧା ପଶିଯାଇ ସାର୍ ବା ମାଡାମ୍‌ଙ୍କ ସହିତ କଥା ହେବାର ରୀତି ନଥିଲା। ବରଂ traditon ଆରମ୍ଭ ହୋଇନ ଥିଲା କହିଲେ ଚଳେ। ସାହାସ ବି କୁଳୋଉ ନଥିଲା ବୋଲି କହିହେବ।

ହଁ ସାର୍‌ଙ୍କ କଥାକୁ ଆସେ ଏଥର। ସାର୍ ଥରେ ପଢଉଥିଲେ A modest proposal', Vargina wolfଙ୍କ ଲିଖିତ ପ୍ରବନ୍ଧ। ଯାହା ପଢ଼ାଉଥିଲେ ପ୍ରତ୍ୟେକ ଧାଡି ଏବେ ମନେ ପଡୁନି। ପାସୋରି ଗଲାଣି ତେବେ ତାର ସାରାଂଶ ମୁଁ ଏବେ ବି ନିର୍ଭୁଲ ଭାବରେ କହିପାରିବି ବୋଲି ମୋର ବିଶ୍ୱାସ। ଲେଖିକାଟିଏ ଯେତେବେଳେ ଲେଖିବାର ପ୍ରୟାସ ରଖେ ତା'ଲାଗି ଲୋଡା ତା'ର ନିଜସ୍ୱ ଏକାନ୍ତ କିଛି ସମୟ। ସେ ସମୟରେ ସେ ଏକ ଅତୀନ୍ଦ୍ରିୟ ରାଜ୍ୟରେ ବିଚରଣ

କରେ ତା ସାଂସାରିକ ଜଂଜାଳରୁ ମୁକ୍ତ ହୋଇ ତା'ର ଉର୍ଦ୍ଧ୍ୱକୁ ଯାଇ ନିର୍ଭୟରେ ନିଜର ମାନସ ସନ୍ତାନକୁ ସୃଷ୍ଟି କରିବାର ସାମର୍ଥ୍ୟ ରଖେ। ତାକୁ ସାଧାରଣ ଭାବରେ କୌଣସି ନିର୍ଦ୍ଦିଷ୍ଟ ଚୌହଦୀ ଭିତରେ ଆଇନ, ଆକଟ ଭିତରେ ରଖାଯାଇ ନ ପାରେ। ସେତେବେଳେ ସେ ତା ନିଜର ନିଜସ୍ୱ ମୁହୂର୍ତ୍ତ ମାନଙ୍କର, ସଂପୂର୍ଣ୍ଣ ରୂପେ ନିଜର, ସୁତରାଂ କୌଣସି ନିର୍ଦ୍ଦିଷ୍ଟ ନିୟମର ଗଣ୍ଡି ଭିତରେ ରହି ନ ପାରିବା ସ୍ୱାଭାବିକ। ବନ୍ଧନ ଯେତେ ଦୃଢ଼ ହେଉ ବା ବାଧା ଯେତେ ଅକାଟ୍ୟ ହେଉ ସେ ଲେଖିବ ହିଁ ଲେଖିବ।

ଲେଖିକାଟିଏ ପାଇଁ ଏ ଯେଉଁ ଆଦର୍ଶଗତ ପ୍ରସ୍ତାବଟିକୁ, ନିଜେ ଲେଖିକାଟିଏ ହୋଇଥିବାରୁ ବାଧାବନ୍ଧନ, କଟକଣାକୁ ଭୋଗିଥିବା ହେତୁ, ପରପିଢ଼ିଙ୍କ ପାଇଁ ଏହା ଜଣାଉଛି। ସେ କଥା ଏବର ପିଢ଼ିର ପ୍ରତ୍ୟେକ ଲେଖିକା, କବି, ଶିଳ୍ପୀ, ନିଶ୍ଚିତ ଭାବେ ସ୍ୱୀକାର କରିବେ ଏବଂ ଅଂଗେ ଲିଭାଉଥିବେ।'

ସାର୍ ଏକଥା ଏତେ ପ୍ରାଞ୍ଜଳଭାବରେ ତଲ୍ଲୀନ ହୋଇ ବୁଝାଇ ଦେଇଥିଲେ, ଯାହା ଏଯାବତ୍ ପାସୋର ଯାଇନି। ଅବଶ୍ୟ କୋଉ ପ୍ରସଂଗରେ କହିଥିଲେ ମୋର ଏବେ ମନେ ନାହିଁ। ତେବେ କଥାଟା କହିଦିଏ, ଗୋଲାପ ଗଛର ଆପତ୍ତି ନାହିଁ, ଯଦି ତାକୁ ବାଡ଼ରେ ଲଗାଯାଏ। ପାଣି ପବନ, ଆଲୋକ ପାଇଲେ ସେ ନିଶ୍ଚୟ ଫୁଟିବ, ଫୁଟି ବାସ ବିଞ୍ଚିବ, କାରଣ ସେ'ଟା ତାର ଧର୍ମ, ସ୍ଥାନରୁ ତାକୁ କ'ଣ ମିଳିବ ? 'ତେଣୁ ଯଦି ପାରୁଛ ନିଜେ ବିଂଚି ହୋଇଯାଅ, ବାସ ବିଂଚିଦିଅ ନିଜ ସାଧ୍ୟମତେ।'

ସାର୍‌ଙ୍କର ଏକଥା କ'ଣ କେବେ ଭୁଲିହୁଏ ? କଲେଜ ଛାଡିବା ପରେ ଆଉ ପ୍ରାୟ ସାର୍‌ଙ୍କ ସାଙ୍ଗେ ଦେଖା ହୋଇନଥିଲା ଅନେକ ବର୍ଷ ଧରି। ବହୁଦିନ ପରେ ଯେବେ ବିଧୁବାବୁ (ବିଧୁଭୂଷଣ ଦାସ)ଙ୍କ ଘରେ ଦେଖା ହୋଇଥିଲା ସେ ମୋତେ ଗୋଟାଏ ପ୍ରଶ୍ନ ପଚାରିଥିଲେ, 'ଆଉ ଅଭିନୟ କରିବା ଜାରି ରଖିଛ ?'

ଉତ୍ତରରେ ମୁଁ ମୁଣ୍ଡ ହଲାଇ ନାହିଁ କରିଦେଲି- କିନ୍ତୁ ମୁଁ ତ ରେଡିଓରୁ ବେଳେ ବେଳେ ତୁମ ସ୍ୱର ଶୁଣୁଛି। ବାଧ୍ୟ ଛାତ୍ରୀଟିଏ ଭଳି ଉତ୍ତର ଦେଇଥିଲି ଯେ ମୁଁ ବେତାର ନାଟକରେ ଅଂଶଗ୍ରହଣ କରୁଛି।

ସାର୍ ଖୁସି ହେଲେକି ବିରକ୍ତ ହେଲେ ତାଙ୍କ ମୁହଁଦେଖି କିଛି ବାରି ପାରିଲି ନାହିଁ ସେଦିନ। ବରଂ ଶଙ୍କିଗଲି। ଆଉ ଥରେ କୃଷ୍ଣ ସାର୍‌ଙ୍କ ପାଖରେ ଦେଖା। ପୁଣି ସେଇପ୍ରଶ୍ନ- 'ସବୁଦିନ, ସବୁବେଳେ ଅଭିନୟ କରୁଛ, ଯେଉଁଠି, ଯେଭଳି, ଯାହା କରୁଛ ଲେଖିରଖୁନ ? ଲେଖ, ଲେଖିଲେ ସିନା ତୁମ ପରେ ଯିଏ ସେ ବାଟରେ ଯିବ, କିଛି କିଛି ଅଭିଜ୍ଞତା ସାଉଁଟିବ। ସେଇ ଆଦେଶ ଟିକକ ଏବେ ବି ମତେ ବିଚଳିତ କରେ, ସାର୍।

ମୁଁ ଅଯୋଗ୍ୟ ଛାତ୍ରୀ ଆପଣଙ୍କର। ଶହଶହ ଛାତ୍ର ଛାତ୍ରୀ ଭିତରୁ ଆପଣ ମତେ ଶେଷ ପର୍ଯ୍ୟନ୍ତ ଚିହ୍ନି ପାରିଥିଲେ, ତାହା ହିଁ ମୋର ପରମ ସୌଭାଗ୍ୟ।

ମାନୁଛି ବାଧ୍ୟ ଛାତ୍ରୀଟିଏ ପରି ଆପଣଙ୍କର ସ୍ନେହ ବତୁରା ଆଦେଶଟି ରକ୍ଷାକରି ପାରିନି କିନ୍ତୁ ଆପଣ ଯେ ଯଥାର୍ଥ ମାର୍ଗଦର୍ଶକ, ଅନାବିଳ ବଂଧୁ ଓ ସମର୍ଥ ଦାର୍ଶନିକ ସେ କଥା ମୁଁ କାହିଁକି, ଆପଣଙ୍କର ଅଗଣିତ ଛାତ୍ର ଶିଷ୍ୟ ଅକୁଣ୍ଠଚିତ୍ତରେ ସ୍ୱୀକାର କରିବେ ହିଁ କରିବେ ।

ପଲଟଣ ପଡିଆ, ଖୋରଦା

ମୋ:୯୪୩୭୧୪୨୧୩୨

ଯେଉଁଠି ଗଛସବୁରେ ଫୁଲ ଫୁଟେ

ପ୍ରଫୁଲ୍ଲ କୁମାର ମହାପାତ୍ର

ପେଶା ତାଙ୍କର ଇଂରାଜୀ ଭାଷା ସାହିତ୍ୟରେ ଅଧାପନା ଓ ଗବେଷଣା। କିନ୍ତୁ ନିଶା ଥିଲା ମାତୃଭାଷାର ହେପାଜତ୍। ତାଙ୍କ ଦୀର୍ଘ ସାରସ୍ୱତ ସାଧନାମୟ କାର୍ଯ୍ୟକାଳ ଭିତରେ ସେ ଅନେକ ଗବେଷଣା ପ୍ରସୂତ ପୁସ୍ତକ ରଚନା କରିଛନ୍ତି, ବହୁ ତତ୍ତ୍ୱସମୃଦ୍ଧ ପ୍ରବନ୍ଧ ଲେଖିଛନ୍ତି। କିନ୍ତୁ ତାଙ୍କ ରଚନାବଳୀର ଅଧିକାଂଶ କୃତି ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭବ ଉପରେ ଆଧାରିତ। ଏପରିକି ଇଂରାଜୀରେ ଲିଖିତ ତାଙ୍କ ପୁସ୍ତକ ଗୁଡ଼ିକର ଅର୍ଦ୍ଧାଧିକ ଓଡ଼ିଆ ସାହିତ୍ୟ ଚର୍ଚ୍ଚାରେ ହିଁ ନିୟୋଜିତ। ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି ଥିଲେ ଜଣେ ଏମିତିକା ବିଦଗ୍ଧ ସ୍ୱଭାଷାପ୍ରେମୀ, ଯିଏ ସାହିତ୍ୟର ବିଦ୍ୟାରଣ୍ୟ ଭିତରେ ବୁଲି ବୁଲି ସେହି ଫୁଲଫୁଟା ସୁରମ୍ୟ ଉଦ୍ୟାନଟିର ସନ୍ଧାନ କରୁଥିଲେ, ଯାହା ଓଡ଼ିଆ ସାହିତ୍ୟର ସ୍ନିଗ୍ଧ ସୁମନ ଭରା ମାଧୁର୍ଯ୍ୟରେ ତାଙ୍କୁ ଅବିରତ ଆକର୍ଷିତ କରୁଥିଲା। ୧୯୮୦ମସିହାରେ ରଚିତ ତାଙ୍କର ଏକ ପୁସ୍ତକ There where Trees Flower ର ଶୀର୍ଷକଟି ସତେ ଯେମିତି ତାଙ୍କର ଏହି ବିଦଗ୍ଧ କୋମଳ ରସଗ୍ରାହୀ ବ୍ୟକ୍ତିତ୍ୱର ଇଙ୍ଗିତ ଦେଉଥିଲା !

ମାତୃଭାଷା ପ୍ରତି ଗଭୀର ମମତା ଏବଂ ଓଡ଼ିଆ ସାହିତ୍ୟର ଦୁର୍ବାର ଆକର୍ଷଣ ସାଧନାର ରୂପ ନେଇ ଯେଉଁ ସବୁ କଳାକୃତିର ସୃଷ୍ଟି ଭିଆଇଲା, ସେସବୁ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ ହେଇ ରହିଲା ଏବଂ ପ୍ରଫେସର ଯତୀନ୍ଦ୍ର ମୋହନଙ୍କୁ ଜଣେ ଅଗ୍ରଗଣ୍ୟ ସାହିତ୍ୟିକର ପରିଚିତି ପ୍ରଦାନ କଲା। ସମାଲୋଚନା ସାହିତ୍ୟ କ୍ଷେତ୍ରରେ ସୁଦୀର୍ଘ ସାଧନା ତାଙ୍କୁ କେନ୍ଦ୍ର ସାହିତ୍ୟ ଅକାଦମୀର ସ୍ୱୀକୃତି ପ୍ରଦାନ କଲା, ଯାହା ଥିଲା ତାଙ୍କ ବହୁମୁଖୀ ପ୍ରତିଭାର ଏକ ଅନ୍ୟତମ ଦିଗ। କାରଣ ଓଡ଼ିଆ ସାହିତ୍ୟର ଏହି ଦିଗଟି ଛଡ଼ା ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ଓ ଅନୁବାଦ ସାହିତ୍ୟ ଆଦି ବିଭିନ୍ନ ଦିଗରେ ତାଙ୍କ ଅଧ୍ୟୟନର ଇଲାକା ପରିବ୍ୟାପ୍ତ ହୋଇଥିଲା। ଜୀବନର ଶେଷ ଦୁଇ ଦଶନ୍ଧି ସମୟରେ (ଅଧାପନା ବୃତ୍ତିରୁ ଅବସର ନେବା ପରେ) ଓଡ଼ିଆ ସାହିତ୍ୟର ଏହି ସବୁ ଦିଗ ଉପରେ ତାଙ୍କ ଅଧ୍ୟୟନ ଓ ରଚନା ବହୁଗୁଣିତ ହୋଇଥିଲା। ଅବସରକାଳୀନ ବିଶ୍ରାନ୍ତି ପ୍ରବଣତା କିମ୍ବା ଶିଥିଳତାର କିଛି ହେଲେ ଚିହ୍ନ ତାଙ୍କଠାରେ ଦେଖିବାକୁ ମିଳି ନ ଥିଲା। ବରଂ ସେ ପୂର୍ବାପେକ୍ଷା ଅଧିକ କର୍ମଚଞ୍ଚଳ ହୋଇପଡ଼ିଥିଲେ ଏବଂ ଗୋଟିଏ ପରେ ଗୋଟିଏ ବହୁ ପୃଷ୍ଠାବିଶିଷ୍ଟ ଗ୍ରନ୍ଥ ରଚନା ଓ ସମ୍ପାଦନା କରି ଚାଲିଥିଲେ। ଓଡ଼ିଆ ସାହିତ୍ୟର ଇତିହାସ ହେଉ, ଓଡ଼ିଆ ଗଦ୍ୟ ସମ୍ଭାର ହେଉ, ଅବା କବିତା ଓ ନାଟକ ସଂକଳନ ହେଉ, ସବୁଥିରେ ତାଙ୍କର ମନ ଓ ଲେଖନୀ ଅବିରତ ଚାଲୁରହିଥିଲା। ଅବସର ପରବର୍ତ୍ତୀ ସମୟରେ, ମାତ୍ର ଦୁଇ ଦଶନ୍ଧିର ଅବଧି ଭିତରେ ପନ୍ଦର ଖଣ୍ଡରୁ ଅଧିକ ଗ୍ରନ୍ଥ ରଚନା ଓ ପ୍ରକାଶନ ପ୍ରଫେସର ମହାନ୍ତିଙ୍କର ବିରଳ ସାହିତ୍ୟନିଷ୍ଠା ଓ କର୍ମତତ୍ପରତାର ପରିଚୟ ଦିଏ। ସୁନ୍ଦର ଭୂଖଣ୍ଡ ଓଡ଼ିଶାର ସଂସ୍କୃତି ଏବଂ ସୁରୁଚି ସମ୍ପନ୍ନ ଏହାର ସାହିତ୍ୟପ୍ରତି ଆବେଗମୟ ଆକର୍ଷଣ ତାଙ୍କୁ ଓଡ଼ିଆ ସାହିତ୍ୟର ଭାବଗମ୍ଭୀର ଇଲାକା ଭିତରେ ବାନ୍ଧି ରଖିଥିଲା ଏବଂ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେହି ସାରସ୍ୱତ ସାଧନାରେ ସେ ମଜ୍ଜି ରହିଥିଲେ। ତାଙ୍କ ଜ୍ଞାନଲିପ୍ସା ଓ କର୍ମନିଷ୍ଠା

ଅତ୍ୟନ୍ତ ଉଚ୍ଚକୋଟୀର ଥିଲା, ଅନୁକରଣ କରିବା କଷ୍ଟସାଧ୍ୟ।

ଏତେ ସବୁ ପ୍ରତିଭା ଓ ପ୍ରତିଷ୍ଠାର ଅଧିକାରୀ ହେଇ ମଧ୍ୟ ଯତୀବାବୁ (ଏଇ ନାଁରେ ଆମେ କେତେଜଣ ତାଙ୍କୁ ସମ୍ବୋଧନ କରିବାକୁ ଭଲ ପାଉ) ଥିଲେ ଜଣେ ସହଜ, ସରଳ ମେଳାପି ମଣିଷଟିଏ। ଜଣେ ବରିଷ୍ଠ ବୁଦ୍ଧିଜୀବୀ, ବିଶିଷ୍ଟ ସାହିତ୍ୟିକ ଏବଂ ଖ୍ୟାତି ସମ୍ପନ୍ନ ଇଂରେଜୀ ପ୍ରଫେସର ଭାବରେ ତାଙ୍କର ପ୍ରଭୂତ ପ୍ରତିଷ୍ଠା ଥିଲା। ମାତ୍ର ଏସବୁ ଭିତରୁ ଅନାୟାସରେ ଆତ୍ମପ୍ରକାଶ କରୁଥିଲା ତାଙ୍କର ଅନ୍ତରଂଗତା ଓ ମାନବୀୟ ଆଚରଣ, ଯାହା ତାଙ୍କ ପରିପାର୍ଶ୍ୱକୁ ଭରିଦେଉଥିଲା ଏକ ଦୂରତ୍ୱବିହୀନ ଆତ୍ମୀୟତାରେ। ଉତ୍କଳ ବିଶ୍ୱବିଦ୍ୟାଳୟର ସହକର୍ମୀ ଓ ସହଯୋଗୀମାନଙ୍କ ପାଇଁ ସେ ଥିଲେ ଆପଣାର ଯତୀବାବୁ। ବଡ଼ ସାନ, ସିନିୟର ଜୁନିୟର - ଏସବୁ ବିଚାର ତାଙ୍କ ମଣିଷ ପଣିଆକୁ କେବେହେଲେ ଛୁଇଁ ନ ଥିଲା, କଳୁଷିତ କରିବା ତ ଦୂରର କଥା। ତାଙ୍କଠାରୁ ପ୍ରାୟ ଦଶବର୍ଷ ସାନ ହେଲେ ବି ସେ ମୋ' ସଙ୍ଗେ ଖୋଲା ଖୋଲି କଥାବାର୍ତ୍ତା କରନ୍ତି ଏବଂ ଆତ୍ମୀୟ ପରି ଆଚରଣ କରନ୍ତି। ଭଲ କାମଟିଏ ଦେଖିଲେ, ଭଲ ଲେଖାଟିଏ ଲେଖିଲେ ସେ ଅକୁଣ୍ଠ ଚିତ୍ତରେ ପ୍ରଶଂସା କରନ୍ତି, ଯାହା ମୋ ସୃଜନଶୀଳତାକୁ ମଧ୍ୟ ପ୍ରୋତ୍ସାହନ ଦେଇଥାଏ। ବିଶ୍ୱବିଦ୍ୟାଳୟ ପାଇଁ ଏକାଠି କାମ କରିଛୁ, ସଭାସମିତିରେ ଏକାମଞ୍ଚରେ ବସିଛୁ ଏବଂ ମତବ୍ୟକ୍ତ କରିଛୁ। ଆମ ଦିହିଙ୍କ ଭିତରେ ଦ୍ୱିମତ ହେବାର କେବେ ମନେ ପଡୁନି; ବରଂ କେତେକ ସ୍ଥଳରେ ସେ ମୋ ମତର ଦୃଢ଼ ଏବଂ ଅଧିକ ଯୁକ୍ତିସମ୍ମତ ସମର୍ଥନ କରିଛନ୍ତି। ତାଙ୍କ ବ୍ୟକ୍ତିତ୍ୱର ଏହି ଉଦାରତା ପାଖରେ ମୋ' ଅସ୍ମିତାର ବିସ୍ମରଣ ଘଟିଛି। ଏଇ କିଛି ବର୍ଷ ତଳେ ଦିଲ୍ଲୀସ୍ଥିତ Centre for studies in Civilizations ଓଡ଼ିଶା ଉପରେ ଏକ ପୁସ୍ତକ ସମ୍ପାଦନା କରିବାର ଦାୟିତ୍ୱ ମୋ ଉପରେ ନ୍ୟସ୍ତ କରିଥିଲେ। Perspectives On Orissa ଶୀର୍ଷକ ଏହି ପୁସ୍ତକଟିରେ ଓଡ଼ିଶାର ବହୁ ବିଶିଷ୍ଟ ବିଶେଷଜ୍ଞମାନଙ୍କର ଲେଖା ସ୍ଥାନୀତ ହୋଇଛି। ଶାରଳା ସାହିତ୍ୟର ଜଣେ ଅଗ୍ରଗଣ୍ୟ ବିଶେଷଜ୍ଞ ଭାବରେ ପ୍ରଫେସର ମହାନ୍ତିଙ୍କର ଏକ ସୁଚିନ୍ତିତ ଗବେଷଣାଋଦ୍ଧ ପ୍ରବନ୍ଧ ଏଥିରେ ସ୍ଥାନୀତ ହୋଇ ପୁସ୍ତକର ମାନ ବଢ଼େଇଛି। (୨୦୧୦ ମସିହାରେ ଦିଲ୍ଲୀରେ Concept Publishing Company ଉପରୋକ୍ତ ସଂସ୍ଥା ତରଫରୁ ଏହି ପୁସ୍ତକଟି ପ୍ରକାଶ କରିଛନ୍ତି।) ଲେଖାଟି ଶେଷ ହେଲେ ମୁଁ ଯାଇ ତାଙ୍କଠାରୁ ନେଇ ଆସିବାର ପ୍ରତିଶ୍ରୁତି ଦେବା ସତ୍ତ୍ୱେ ବି ସେ ନିଜେ ଆସି ଭୁବନେଶ୍ୱର ବାହାରେ ଥିବା ଆମ ଘରେ ମତେ ସେଇଟି ଦେଇଯିବାକୁ ପସନ୍ଦ କରିଥିଲେ ଏବଂ ତାହାହିଁ କରିଥିଲେ। ତାଙ୍କର ଏ ବିରଳ ସୌଜନ୍ୟ ମତେ ଅଭିଭୂତ କରିଥିଲା। ଗତ କିଛିବର୍ଷ ହେଲା ଉତ୍କଳ ବିଶ୍ୱବିଦ୍ୟାଳୟର ଚାନସେଲରସ୍ ଡିବେଟ୍ ପ୍ରତିଯୋଗିତାର ବିଚାରକ ହୋଇ ଆମେ ଦୁଇଜଣ ଯାଉଥିଲୁ। ଏଥିପାଇଁ ଆମନ୍ତ୍ରଣ ପାଇବା ମାତ୍ରେ "ପ୍ରଫୁଲ୍ଲ ବାବୁ ଯାଉଛନ୍ତି ତ ?" ବୋଲି ସେ ପ୍ରତିଥର ପ୍ରଶ୍ନ କରିଥାନ୍ତି ଆୟୋଜକଙ୍କୁ। (ତାଙ୍କ ଅବର୍ତ୍ତମାନରେ ଏଥର ଏହି ଆମନ୍ତ୍ରଣକୁ ମୁଁ ଗ୍ରହଣ କରିବାରେ ଅକ୍ଷମତା ପ୍ରକାଶ କଲି।) ସେଠି ପହଞ୍ଚି ବିଚାରକ ମଣ୍ଡଳୀର ଅଧ୍ୟକ୍ଷ ପ୍ରଫେସର ମହାନ୍ତି ଡିବେଟ୍ ପରିଚାଳନାର ସମସ୍ତ ଦାୟିତ୍ୱ ମୋ ଉପରେ ହିଁ ନ୍ୟସ୍ତ କରନ୍ତି।

ମୋ ପରି ଜଣେ ଅକିଞ୍ଚନ ପ୍ରତି ତାଙ୍କର ଏପରି ଭରସା ଓ ଶ୍ରଦ୍ଧାପୂର୍ଣ୍ଣ ବ୍ୟବହାର କାହିଁକି ? ଏମିତି ପ୍ରଶ୍ନ ବେଳେ ବେଳେ ମନକୁ ଆସେ। ଉତ୍ତରରେ ମୁଁ ଭାବେ ଯେ ହୁଏ ତ ଏଇଥିପାଇଁ ଯେ ମୁଁ ଦର୍ଶନର ଜଣେ ଛାତ୍ର ଓ ଶିକ୍ଷକ। କାରଣ, ଅନେକେ ହୁଏ ତ ଜାଣିନାହାନ୍ତି, ଦର୍ଶନ ବିଦ୍ୟା ପ୍ରତି ତାଙ୍କର ଏକ ଅହେତୁକ (?) ଶ୍ରଦ୍ଧା ରହିଥିଲା, ଯାହା ତାଙ୍କ ନିକଟତମ ପାରିବାରିକ ସମ୍ପର୍କରେ ମଧ୍ୟ ପ୍ରତିଫଳିତ ହେଇଥିଲା। ହୁଏତ ଏଇଥିପାଇଁ ମୋର ସୁଯୋଗ୍ୟା ଛାତ୍ରୀ

ସୁଶ୍ରୀ ବିଜୟଲକ୍ଷ୍ମୀଙ୍କୁ ସେ ତାଙ୍କ ଜୀବନ ସଂଗିନୀ ରୂପେ ବାଛି ନେଇଥିଲେ ଏବଂ ସିଏ ମଧ୍ୟ ତାଙ୍କ ସାରସ୍ୱତ ସାଧନାର ଉପଯୁକ୍ତ ସଂଗିନୀ ଓ ସହାୟିକାର ଭବ୍ୟ ଭୂମିକା ନିଭେଇଲେ। ଖାଲି ସେତିକି ନୁହେଁ; ତାଙ୍କ ଦୁଇ ବୋହୂ ରୀତୁ ଓ ସୁସ୍ମିତା ମଧ୍ୟ ଆମ ଦର୍ଶନ ବିଭାଗରେ ମୋର ଛାତ୍ରୀ ଥିଲେ। ଏସବୁ ଭାବିଲେ ଯତୀବାବୁଙ୍କ ସଂଗେ ଭାବଗତ ନିବିଡ଼ତା ବଢ଼ିଯାଏ ଏବଂ ଆତ୍ମୀୟତାର ଆବେଗରେ ମନ ଭରିଯାଏ।

ଆଜି ପ୍ରଫେସର ଯତୀନ୍ଦ୍ର ମୋହନ ଆମ ପାଖରେ ନାହାନ୍ତି। ଅବିଶ୍ରାନ୍ତ କର୍ମମୟ ଜୀବନରେ ଅଚାନକ ପୂର୍ଣ୍ଣଚ୍ଛେଦ ଟାଣି ଅମୃତର ସନ୍ଧାନରେ ସେ ଚାଲିଗଲେ ଚିରନ୍ତନ ଫୁଲଫୁଟା ନନ୍ଦନ ବନକୁ। ଅନେକ ଉପାଦେୟ ଗ୍ରନ୍ଥ ଲେଖିଥିଲେ, ଆହୁରି ଅନେକ ବି ଲେଖିଥାନ୍ତେ। ଓଡ଼ିଆ ସାହିତ୍ୟର ଗନ୍ତାଘର ଆହୁରି ଅଧିକ ଋଦ୍ଧିମନ୍ତ ହୋଇଥା'ନ୍ତା। ମାତ୍ର ସବୁ ଭଲ ଜିନିଷର ଅନ୍ତ ମଧ୍ୟ ହେଇଥାଏ - ଏହା ଏକ ଦୁଃଖଦ ସତ୍ୟ। ଯାକୁ ଅସ୍ୱୀକାର କରି ହେବ ନାହିଁ। ଯତୀନ୍ଦ୍ର ମୋହନ କିନ୍ତୁ ଚିରଦିନ ବଞ୍ଚି ରହିଥିବେ ଆମରି ଭିତରେ - ତାଙ୍କ ଅମ୍ଳାନ ସ୍ମୃତିରେ, ତାଙ୍କ ଅମୂଲ୍ୟ କୃତି ରାଜିରେ।

ଶୌନକ୍
ଏଚ୍.ଆଇ.ଜି.-୧୯୪,
କଳିଙ୍ଗ ବିହାର (କେ-୫), ଭୁବନେଶ୍ୱର-୭୫୧୦୧୯
ଫୋ : ୨୪୭୫୫୭୭



ଜୀବନ କଣ ଶେଷ ହୁଏ ?

ଫଣୀ ଭୂଷଣ ଦାସ

ଯତୀନ୍ଦ୍ର ମୋହନ ମହାନ୍ତି ଜୀବନ ଆରମ୍ଭ କରିଥିଲେ ସମୟର ସ୍ରୋତରେ ଗୋଟିଏ ବିନ୍ଦୁରେ। ସମୟ ଚାଲିଛି, ଶେଷ ହୋଇନାହିଁ; ମୋର ସେ ଯତି ଭାଇଙ୍କର ଜୀବନ କଣ ଶେଷ ହୋଇଯାଇଛି ? ଏହା ଗୋଟିଏ ଅଦ୍‌ଭୂତ ଚିନ୍ତାଧାରା, ମଣିଷ ଆଜି ପର୍ଯ୍ୟନ୍ତ ବୁଝି ପାରିଲା ନାହିଁ । ମଣିଷର ଜୀବନ କର୍ମମୟ। ଯେବେ ସେ ଶକ୍ତିର ଅନ୍ତ ହୁଏ ଗୋଟିଏ ବସ୍ତୁରୁ, ସେ ଶକ୍ତି ଆଉ ଗୋଟିଏ ବସ୍ତୁରେ ପ୍ରବେଶ କରେ। ଏହି ଶକ୍ତି ମାଧମରେ ଯତି ଭାଇ ବହୁତ କର୍ମ କରିଛନ୍ତି ମଣିଷ ତିଆରି କରିଛନ୍ତି, ଗଳ୍ପ,ନାଟକ, କବିତା ଏବଂ ଭାଷା ଉପରେ ଅନେକ ଅମୂଲ୍ୟ ଲେଖା ଲେଖି ମଣିଷର ଚିନ୍ତା ଓ ଚେତନାକୁ ପ୍ରେରଣା ଯୋଗାଇ ଅଛନ୍ତି। ସମୟର ସ୍ରୋତ ତାଙ୍କୁ ବହୁ ଉତ୍ଥାନ ପତନ ଦେଇ ଆଗକୁ ନେଇଯାଇଛି। ସେ ସ୍ଥିର ଚିତ୍ତ ଓ ମନରେ ସବୁ ସୁଖ-ଦୁଃଖ ସହ୍ୟ କରି ମଣିଷ ଜାତିକୁ ବହୁ ଦାନ କରି ଚାଲିଯାଇଛନ୍ତି। ତାଙ୍କର ଏ ଦୁନିଆ ପ୍ରତି ଅବଦାନ ଆସନ୍ତା ଦିନ ମାନଙ୍କରେ ଅନେକଙ୍କୁ ପ୍ରେରଣା ଯୋଗାଇ ଚାଲିଥିବ।

ପ୍ରଶଂସା ଓ ନିନ୍ଦା ଜୀବନର ଦୁଇଟି ପଟ। ଯତି ଭାଇ ନିନ୍ଦାକୁ ହସରେ ଉଡାଇ ଦେଉଥିଲେ, କାହିଁକି ନା ସେ ମଣିଷ ଜୀବନର ଇତିହାସ ଭଲ କରି ଜାଣିଥିଲେ। ସେ ଜାଣିଥିଲେ ସମୟ ସାଙ୍ଗରେ ମଣିଷର ସଂସ୍କୃତି ବି ବଦଳିଯାଏ। ଆଜିର ସଂସ୍କୃତି, ମୋ ମତରେ ବହୁ ଦୁଃଖଦାୟକ ପରିସ୍ଥିତିରେ ଗତି କରୁଛି। ଭଲ କର୍ମ କରୁଥିବା ବ୍ୟକ୍ତିମାନେ ବହୁ ଅସୁବିଧାର ବାଟ ଦେଇ ଗତି କରୁଛନ୍ତି। ଯାହା କି ଯତି ଭାଇ ତାଙ୍କ ଜୀବନରେ ଅନୁଭବ କରି ପାରିଥିଲେ। ସେ ଜୀବନରେ ହାରିବା କଣ ଜାଣି ନଥିଲେ ଏବଂ କେବେ ହେଲେ ଜୀବନରେ ହାରି ନଥିଲେ। ସେ ଥିଲେ ଜୀବନରେ ଗୋଟିଏ ନୂତନ ପଥର ଯାତ୍ରୀ- ମାନବ ଜାତିକୁ ନୂତନ ଦିଗ୍‌ଦର୍ଶନ ଦେବା ପାଇଁ। ତାଙ୍କର ନୂତନ ଦିଗ୍‌ଦର୍ଶନକୁ ପ୍ରସାର କରିବାକୁ ସେ ବହୁ କ୍ଷେତ୍ରରେ ଫଳପ୍ରଦ ହେଉଥିଲେ ଏବଂ କେତେକ କ୍ଷେତ୍ରରେ ଫଳପ୍ରଦ ହୋଇ ପାରି ନଥିଲେ। ଏଥିପାଇଁ ସେ ଅତି ଖୁସିରେ ଆତ୍ମହରା ହୋଇ ଯାଉନଥିଲେ କି ଭାଂଗି ପଡୁନଥିଲେ। ଏପରି ଗୁଣର ସେ ଥିଲେ ଅଧିକାରୀ।

ଅନେକ ଦିନ ତଳର କଥା। ସେ ଥରେ ମୋତେ କହିଥିଲେ ଜୀବନକୁ ଚିହ୍ନିବାକୁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଚେଷ୍ଟା କରିବା ଦରକାର। ସେ ଚିହ୍ନି ପାରିଥିବେ କି ନାହିଁ ମୁଁ କହି ପାରିବି ନାହିଁ କିନ୍ତୁ ମୋ ପରି ଅନେକ ଲୋକ ଜୀବନ ଚିହ୍ନି ପାରିବା ପାଇଁ ବହୁ ପ୍ରତିକୂଳ ପଥ ଅତିକ୍ରମ କରୁଛନ୍ତି। ଗର୍ବ, ଅହଂକାର ଯାହାକି ଯତିଭାଇଙ୍କ ମନରେ ନଥିଲା, ଆଜି ପ୍ରାୟ ପ୍ରତ୍ୟେକ ମଣିଷ ସେ ରୋଗରେ ପୀଡିତ, ଯାହାକି ମଣିଷ ଜାତିକୁ କ୍ରମେ କ୍ରମେ ନିମ୍ନଗାମୀ କରୁଛି। ଯତି ଭାଇଙ୍କ ପରି ଶହେ ଲୋକ ଯଦି ଆଜି ବାହାରିବେ, ତା' ହେଲେ ଜୀବନ ଶେଷ ହେବ ନାହିଁ।

ସେ ଅମର ଆତ୍ମା ପ୍ରଚାରକୁ ଘୃଣା କରୁଥିଲେ। କର୍ମର ଫଳ ଲୋକମାନେ ପାଇଲା ପରେ ସେ ବହୁତ ଖୁସି ହେଉଥିଲେ। ତାହା ହିଁ ସତ୍ୟ କାଳ କାଳ ଧରି। ଆଜିର ପ୍ରଚାର ସର୍ବସ୍ୱ ଦୁନିଆରୁ ସେ ଦୂରେଇ ରହୁଥିଲେ ଏବଂ ମନେ

ମନେ ହସୁଥିଲେ ଏବଂ କହୁଥିଲେ ଆଜିର ପ୍ରଚାର ସବୁ ମଣିଷଙ୍କୁ ବୋକା କରି ଦେଲାଣି।

ଯତି ଭାଇଙ୍କର ଜୀବନ ଦର୍ଶନ ତାଙ୍କ ଜୀବନରେ ପ୍ରତିଫଳିତ ହେଉଥିଲା, ସେ ବସ୍ତୁବାଦୀ ନଥିଲେ। ଅନ୍ୟମାନଙ୍କୁ ହସି ହସି ସାହାଯ୍ୟ କରୁଥିଲେ। ସେ ଜୀବନରେ କେବେ ହାରି ନଥିଲେ- ତେଣୁ ତାଙ୍କ ଜୀବନ ଏବେ ମଧ ଶେଷ ହୋଇନାହିଁ। ସେ ଆମ ମଧରେ ଅଛନ୍ତି ଏବଂ ସବୁଦିନ ରହିଥିବେ। ପରମାତ୍ମା ଓ ସମୟ ତାଙ୍କର ଅପୂରଣୀୟ କର୍ମଗୁଡ଼ିକ ନିଶ୍ଚୟ ପୂର୍ଣ୍ଣ କରିବ- ଏଥିରେ ତିଳେମାତ୍ର ସଂଦେହ ନାହିଁ।

ମଣିଷ ଜୀବନ ଦୁର୍ଲଭ ଏବଂ ଏହାର ଶେଷ ନାହିଁ। ମଣିଷ ହେବ ତ ଯତି ଭାଇଙ୍କ ପରି ମଣିଷଟିଏ ହେବା ନିହାତି ଦରକାର। ତାଙ୍କୁ ମୋର କୋଟି କୋଟି ପ୍ରଣାମ ଏବଂ ସେ ମୋତେ ଯେଉଁ ଆଶୀର୍ବାଦ ଦେଉଥିଲେ, ଆଜି ବି ମୁଁ ସେହି ଆଶୀର୍ବାଦ ତାଙ୍କଠାରୁ ପାଉଛି କାହିଁକିନା ତାଙ୍କର ଜୀବନର ଶେଷ ନାହିଁ।

ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧାବାର୍ଷିକୀ ଉପଲକ୍ଷେ।

ଚକ୍ରପାଣି ରୋଡ,
ଭୁବନେଶ୍ୱର
ମୋ:୯୭୭୮୨୫୨୦୪୩



ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ସ୍ମରଣେ

ବାସୁଦେବ ସାହୁ

ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି ଥିଲେ ଜଣେ ବିତର୍କିତ ଚିନ୍ତକ। କିନ୍ତୁ ତାଙ୍କ ଜୀବନ ଦର୍ଶନ ଥିଲା ମହନୀୟ। ଦୃଢ଼ ଇଚ୍ଛାଶକ୍ତି ସମ୍ପନ୍ନ ଆଧୁନିକ ଓଡ଼ିଆ ସାହିତ୍ୟର ସେ ଜଣେ ବଳିଷ୍ଠ ପ୍ରବକ୍ତା। ଅଳ୍ପଦିନ ତଳେ ପରଲୋକ ହେଲେ। ସେଦିନ ଜୟପ୍ରକାଶ ନାରାୟଣ ଗବେଷଣା ପ୍ରତିଷ୍ଠାନର ଶ୍ରଦ୍ଧାଞ୍ଜଳି ସଭାରେ ତାଙ୍କ ଚିତ୍ରପଟରେ ପୁଷ୍ପ ପ୍ରଦାନ କଲାବେଳେ ଆମେ ସମସ୍ତେ ଶୋକାଭିଭୂତ ହୋଇଥିଲୁ। ମୁଁ ବିସ୍ମିତ ହେଲି ୭ମ ଶ୍ରେଣୀରେ ପଢୁଥିବା ମୋର ନାତି ପ୍ରତିମୂର୍ତ୍ତିକୁ ପ୍ରଣାମ କରି ତା'ର ଶୋଇବା ଘରେ ମୁହଁ ମାଡ଼ି କଇଁ କଇଁ ହୋଇ କାନ୍ଦିବା ଦେଖି। କେତେ ବା ଜାଣେ ସୁସାହିତ୍ୟିକ ଯତୀନ୍ ବାବୁଙ୍କ ଗୁଣାବଳୀ ? ସମ୍ଭବତଃ ତାଙ୍କ ଦୃଢ଼ମନ ସହ ଛପି ରହିଥିବା ସ୍ନେହାର୍ଦ୍ର ହୃଦୟର ମଧୁରସ୍ପର୍ଶ ତାକୁ ଶିହରିତ କରୁଥିଲା। ଜରା ଓ ଶୈଶବର ସ୍ୱଚ୍ଛ ନିର୍ମଳ ସ୍ୱାଭାବିକ ସମ୍ପର୍କ କେଡ଼େ ଅନୁପମ !

କେନ୍ଦ୍ରାପଡ଼ା ଜିଲ୍ଲା ଶ୍ୟାମସୁନ୍ଦର ପୁର ଗାଁରେ ଜନ୍ମଗ୍ରହଣ କରି ଇଂରାଜୀ ସାହିତ୍ୟରେ ଏମ୍.ଏ. ପାସ୍‌କରି ୫୦ ଦଶକରେ ପ୍ରସିଦ୍ଧ ରେଭେନ୍ସା କଲେଜରେ ସେ ଅଧ୍ୟାପକ ହେବାର ଗୌରବ ଅର୍ଜନ କରିଥିଲେ। କଲେଜ ଜୀବନରେ ସାଥୀ ଥିଲେ ବିଶିଷ୍ଟ ସମାଜବାଦୀ ନେତା ସମାଜସେବୀ ଶ୍ରୀଯୁକ୍ତ ରବିରାୟ, ଦେବୀପ୍ରସନ୍ନ ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ଦାସ। ଏମାନଙ୍କ ସାହଚର୍ଯ୍ୟ ତାଙ୍କ ପ୍ରାଣରେ ସୃଷ୍ଟି କରିଥିଲା, ସମାଜବାଦ ପ୍ରତି ଅନୁରକ୍ତି, ଜାତୀୟତା ବୋଧ ଏବଂ ସମାଜ କଲ୍ୟାଣକାରୀ ଦୃଷ୍ଟିକୋଣ। ପ୍ରଖ୍ୟାତ ଇଂରାଜୀ ପ୍ରଫେସର ବିଧୁଭୂଷଣ ଦାସଙ୍କ ପ୍ରେରଣା, ଗୋପୀନାଥ ମହାନ୍ତିଙ୍କ ମୌଳିକ ପ୍ରଗତିଶୀଳ ଚିନ୍ତାପ୍ରସୂତ ସାହିତ୍ୟ ତାଙ୍କର ଅଧ୍ୟାପକୀୟ ସାହିତ୍ୟିକ ଦୃଷ୍ଟିକୋଣ ଓ ଅନୁଶୀଳନୀକୁ ଗଭୀର ଓ ସମ୍ପ୍ରସାରିତ କରିଥିଲା। ଜଣେ ଛାତ୍ରବତ୍ସଳ କର୍ତ୍ତବ୍ୟ ପରାୟଣ ଅଧ୍ୟାପକ ଭାବେ ରେଭେନ୍ସା କଲେଜଠାରୁ ଆରମ୍ଭକରି ଉତ୍କଳ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସବୁ ଶିକ୍ଷାନୁଷ୍ଠାନର ଛାତ୍ର ଓ ତରୁଣ ଅଧ୍ୟାପକଙ୍କୁ ଉତ୍ସାହିତ କରୁଥିଲା। ଇଂରାଜୀ ସାହିତ୍ୟରେ ଅଧ୍ୟାପନା କରୁ କରୁ କାହିଁକି ଯେ ଓଡ଼ିଆ ସାହିତ୍ୟ ପ୍ରତି ଆକୃଷ୍ଟ ହେଲେ କହି ହେବନି। ମୋର ମନେହୁଏ ତାଙ୍କ ଭିତରେ ଥିବା ମାତୃଭୂମି ଓ ମାତୃଭାଷା ପ୍ରତି ଗଭୀର ଶ୍ରଦ୍ଧା ତାଙ୍କୁ ଓଡ଼ିଆ ସାହିତ୍ୟରେ ମନୋନିବେଶ କରିବାକୁ ପ୍ରବର୍ତ୍ତାଇଥିଲା, ଯେମିତି ବଙ୍ଗଳାର ପ୍ରଖ୍ୟାତ କବି ଔପନ୍ୟାସିକ ସୁନୀଲ ଗଙ୍ଗୋପାଧ୍ୟାୟ ବିଦେଶରେ ପାଇଥିବା ଇଂରାଜୀ ଅଧ୍ୟାପକ ପଦ ଛାଡ଼ି ନିଜ ରାଜ୍ୟ ପଶ୍ଚିମବଙ୍ଗକୁ ଚାଲି ଆସିଥିଲେ। କାରଣ ସେ ଅନୁଭବ କଲେ ବିଦେଶରେ ରହି ନିଜ ମାତୃଭାଷାର ପ୍ରକୃଷ୍ଟ ସେବା ସେ କରିପାରିବେ ନାହିଁ। ପ୍ରଫେସର ମହାନ୍ତି ସେହିଭଳି ତରୁଣ ଅଧ୍ୟାପକ ଥିଲାବେଳେ 'ପ୍ରଜ୍ଞା' ନାମକ ଏକ ଆଧୁନିକ ସାହିତ୍ୟ ପତ୍ରିକା ସମ୍ପାଦନା କରି ବର୍ତ୍ତମାନର ଜାତୀୟ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ବିଶିଷ୍ଟ କବି ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ସୌଭାଗ୍ୟ ମିଶ୍ର, ସୌରୀନ୍ଦ୍ର ବାରିକ ଆଦିଙ୍କୁ ଓଡ଼ିଆ ସାହିତ୍ୟରେ ନୂତନ ଦିଗ ଉନ୍ମୋଚନ କରିବାକୁ ପ୍ରେରଣା ଦେଇଥିଲେ।

ଓଡ଼ିଆ ସାହିତ୍ୟର ନିରବଚ୍ଛିନ୍ନ ସେବାକରି ସେ ଓଡ଼ିଆ ସାହିତ୍ୟର ଛାତ୍ର ଗବେଷକ, ଅଧ୍ୟାପକ ଓ ବିଦଗ୍ଧ ପାଠକମାନଙ୍କର ଯେଉଁ ଉପକାର ସାଧନ କରିଛନ୍ତି ତା ଅନନ୍ୟ, ଅତୁଳନୀୟ। ନିଜେ ତ ଅନେକ ପଥପ୍ରଦର୍ଶକ ଓଡ଼ିଆ ସମାଲୋଚନା ପ୍ରବନ୍ଧ

ରଚନା କରିଛନ୍ତି, ଏତଦ୍‌ବ୍ୟତୀତ ପ୍ରାଚୀନ ମଧ୍ୟଯୁଗୀୟ ଆଧୁନିକ ଲେଖାଗୁଡ଼ିକ ସଂକଳନର ସମ୍ପାଦନା କରି ଏକ ମହତ୍ କାର୍ଯ୍ୟ କରିଛନ୍ତି। ତାଙ୍କ ଦ୍ୱାରା ସଂକଳିତ ଗ୍ରନ୍ଥାବଳୀ ଭିତରେ ଅଛି, ପ୍ରାଚୀନ ଓଡ଼ିଆ କବିତା ସମ୍ଭାର, ଆଧୁନିକ ଓଡ଼ିଆ କବିତା ସମ୍ଭାର, ପ୍ରାଚୀନ ଓଡ଼ିଆ ନାଟକ, ଆଧୁନିକ ଓଡ଼ିଆ ନାଟକ, ଓଡ଼ିଆ ଗଦ୍ୟ ସଂକଳନ, ଓଡ଼ିଆ ଗଳ୍ପ ସମ୍ଭାର, ଓଡ଼ିଆ କାବ୍ୟ ସମ୍ଭାର, ଓଡ଼ିଆ ଉପନ୍ୟାସ ସମ୍ଭାର, ସମକାଳୀନ ଓଡ଼ିଆ ସାହିତ୍ୟ, ଓଡ଼ିଆ ତତ୍ତ୍ୱ ସାହିତ୍ୟ ଇତ୍ୟାଦି। ପ୍ରତ୍ୟେକ ସଂକଳନର ମୁଖବନ୍ଧରେ ସେ ଯେଉଁ ୫୦ ପୃଷ୍ଠାରୁ ଉର୍ଦ୍ଧ୍ୱ ଗଭୀର ତୁଳନାତ୍ମକ ଓ ଅନୁଶୀଳନାତ୍ମକ ପ୍ରବନ୍ଧ ଲେଖିଛନ୍ତି ତାହା ତାଙ୍କ ବିସ୍ତୃତଜ୍ଞାନ ଓ ନିଜସ୍ୱ ଚିନ୍ତାର ପରିଚୟ ଦିଏ। ଏକକ ପ୍ରଚେଷ୍ଟା ଓ ନିଜ ଖର୍ଚ୍ଚରେ ଏହି ସଂକଳନଗୁଡ଼ିକ ଓଡ଼ିଆ ପାଠକ ଗବେଷକଙ୍କୁ ପରିବେଷଣ କରି ସେ ଯେଉଁ ଉପକାର କରିଛନ୍ତି ତାହା ଅମୂଲ୍ୟ। ପିଢ଼ି ପରେ ପିଢ଼ି ଓଡ଼ିଆ ସାହିତ୍ୟ ପ୍ରେମୀମାନେ ଏ କାର୍ଯ୍ୟର ମହତ୍ତ୍ୱ ଉପଲବ୍ଧି କରିବେ। ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ପଦାଙ୍କ ଅନୁସରଣ କରି ବନ୍ଧୁ କୃଷ୍ଣଚରଣ ସାହୁଙ୍କ ସାହଚର୍ଯ୍ୟ ଲାଭକରି ସେ ଅସାଧାରଣ ସାହିତ୍ୟ ସେବା ଓ ଅଧ୍ୟାପକୀୟ ନିଷ୍ଠାର ବିସ୍ମୟକର ନିଦର୍ଶନ ଦେଇଯାଇଛନ୍ତି।

ପ୍ରାୟ ଦଶବର୍ଷ କାଳ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଓଡ଼ିଆ ଭାଷାର ଆବାହକ ରୂପେ କାର୍ଯ୍ୟ କରି ବ୍ୟକ୍ତିଗତ ଭାବେ କାହାର ଉପକାର କରିଛନ୍ତି ତା ଅପ୍ରାସଙ୍ଗିକ। କିନ୍ତୁ ସାମଗ୍ରିକ ଭାବେ ଓଡ଼ିଆ ସାହିତ୍ୟକୁ ଓଡ଼ିଶା ବାହାରେ ଅନ୍ୟ ରାଜ୍ୟ ଓ ଦେଶ ବାହାର ସାହିତ୍ୟିକ ଓ ସାହିତ୍ୟ ପ୍ରେମୀଙ୍କୁ ଅବଗତ କରାଇବାରେ ସେ ବଡ଼ ପ୍ରଶଂସନୀୟ ଭୂମିକା ନେଇଥିଲେ। ଓଡ଼ିଆ ସାହିତ୍ୟକୁ ସାରା ଦେଶରେ ଓ ବିଦେଶରେ ସୁପରିଚିତ କରାଇବାର ଆନ୍ତରିକ ପ୍ରଚେଷ୍ଟା ତାଙ୍କର ରୂପନେଇଛି, History of Oriya Literature ଗ୍ରନ୍ଥରଚନାରେ। ମାୟାଧର ମାନସିଂହଙ୍କ ବହୁ ବର୍ଷ ପରେ ଇଂରାଜୀରେ ଓଡ଼ିଆ ସାହିତ୍ୟର ଇତିହାସ ଲେଖି ସେ ବିତର୍କିତ ହୋଇଛନ୍ତି। ସେଥିପ୍ରତି ସେ ଭ୍ରୂକ୍ଷେପ କରିନାହାନ୍ତି। କାରଣ ସେ ଦୃଢ଼ମନା ଥିଲେ ଏବଂ ଜାଣିଥିଲେ ଓଡ଼ିଶାର ସାଧାରଣ ଅଗଣିତ ଲେଖକ ଓ ସରକାର ଏତେ ଶ୍ରମ ଓ ଅର୍ଥ ବ୍ୟୟ କରି ଏପରି ଅଦ୍ୱିତୀୟ କାର୍ଯ୍ୟ କରିବେ ନାହିଁ।

ଅବିରତ ସାହିତ୍ୟ ସାଧନାର ସ୍ୱୀକୃତି ସ୍ୱରୂପ ସେ '**ସୂର୍ଯ୍ୟସ୍ନାତ**' ପ୍ରବନ୍ଧ ଗ୍ରନ୍ଥ ପାଇଁ ପାଇଥିଲେ କେନ୍ଦ୍ରସାହିତ୍ୟ ଏକଡ଼େମୀ ପୁରସ୍କାର। ତାଙ୍କର ସର୍ଜନାତ୍ମକ ପ୍ରତିଭା ପ୍ରକାଶ ପାଇଛି '**ପ୍ରେମାସ୍ପଦା**' ଓ ଛଅଶହ ପୃଷ୍ଠାର '**ଜନ୍ମାଷ୍ଟମୀ**' ଉପନ୍ୟାସରେ। କାବ୍ୟିକ ସ୍ପନ୍ଦନ, ଇତିହାସବୋଧ, ଜାତୀୟତା, ଆଧ୍ୟାତ୍ମିକତା ବୋଧର ସମାହାର **ଜନ୍ମାଷ୍ଟମୀ** ଓଡ଼ିଆ ସାହିତ୍ୟିକୁ ଏକ ଅମୂଲ୍ୟ ଅବଦାନ।

ତାଙ୍କର ଜୀବନ ଦର୍ଶନ ଥିଲା ଏକ ପରିପୂର୍ଣ୍ଣ ଜୀବନ ନେଇ ବଞ୍ଚିବାର ସ୍ପୃହା, ନିଜ ପାଇଁ କେବଳ ନୁହେଁ, ଓଡ଼ିଆ ଜାତି ଓ ସାହିତ୍ୟ ପାଇଁ। ମୃତ୍ୟୁ ଯେ ଅନ୍ତିମ ସତ ସେ ଜାଣିଥିଲେ, ତେବେ ତାକୁ ଭୟ ନ କରି ଜୟ ଗୋସ୍ୱାମୀ ପରି ଭାବୁଥିଲେ କାଗଜ ଠୁଙ୍ଗାରେ ଅବିର ଧରି ରଂଗ ଦେବାକୁ ବୁଲୁଛନ୍ତି ବାଡିରୁ ବାଡି, ପହଞ୍ଚିବେ ସତ୍ୟର ବାଡିରେ। ମୃତ୍ୟୁ ତାଙ୍କ ଶବକୁ କରିଦେବ ଏକ ସବୁଜ କ୍ଷେତ ଯାହାର ଶସ୍ୟ ଖାଦ୍ୟ ଯୋଗାଇବ ବହୁଲୋକଙ୍କୁ। ସତ୍ୟର ଅନ୍ୱେଷକଙ୍କୁ ଶତ ପ୍ରଣାମ।

କପିଳ ପ୍ରସାଦ, ଭୁବନେଶ୍ୱର
ମୋ:୮୮୯୫୨୭୮୧୪୮

ପରିଚୟ ପୁସ୍ତିକାର ଗୋଟିଏ ପରିଚ୍ଛେଦର ପୂର୍ଣ୍ଣଚ୍ଛେଦ

ଲମ୍ବୋଦର ପ୍ରସାଦ ସିଂହ

ସେଦିନ ସନ୍ଧ୍ୟାରେ ଟେଲିଭିଜନ ଖୋଲିଦେଲା ବେଳକୁ ପରଦାର ତଳେ ତଳେ ଖବରଟି ଦୌଡ଼ି ଚାଲି ଯାଉଥାଏ। ଖବରଟି ଥିଲା: 'ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ପରଲୋକ'। ଅବିଶ୍ୱାସ ଓ ଆଶ୍ଚର୍ଯ୍ୟର ସହ ଯେତେଥର ଦେଖିଲେ ବି ସେହି ଏକା କଥା, ସମ୍ବାଦ ଶୁଣିଲା ପରେ ଅବିଶ୍ୱାସ ଦୂର ହେଲା ସତ ମନଟା କିନ୍ତୁ ମ୍ରିୟମାଣ ହୋଇଗଲା। ଜୀବନ ଓ ମୃତ୍ୟୁପରି ଦୁଇଟି ସମ୍ପୂର୍ଣ୍ଣ ବିପରୀତ ବୋଧକ ଅବସ୍ଥା ଭିତରେ ଯେ ଏତେ ସୂକ୍ଷ୍ମ ବ୍ୟବଧାନ ଭାବିଲେ ଆଶ୍ଚର୍ଯ୍ୟ ଲାଗେ। କିନ୍ତୁ 'ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ' ନ୍ୟାୟରେ ନିୟତିର ନିଷ୍ପତ୍ତିକୁ ନତ ମସ୍ତକରେ ସ୍ୱୀକାର କରିବା ବିନା ଅନ୍ୟଗତି କାହିଁ! ଏମିତି ବି ଜୀବନରେ ସୁଖଦୁଃଖର ଲୁଚକାଳି ଭିତରେ ଦୁଃଖର ସିଂହଭାଗ ବୋଲି ଲାଗେ ନାହିଁ କି ?

ପ୍ରଫେସର ମହାନ୍ତି ଥିଲେ ଇଂରାଜୀ ସାହିତ୍ୟର ଅଧ୍ୟାପକ। ଉତ୍କଳ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗର ପ୍ରଫେସର ଭାବରେ ଅବସର ଗ୍ରହଣ କରିଥିଲେ। କିନ୍ତୁ ତାଙ୍କ ପ୍ରେମମୟ ସାଧନାର କ୍ଷେତ୍ର ଥିଲା ଓଡ଼ିଆ ସାହିତ୍ୟ। ଇଂରାଜୀ ଓ ଭାରତୀୟ ସାହିତ୍ୟ ପରିଚିତି ତାଙ୍କୁ ଓଡ଼ିଆ ସାହିତ୍ୟ ଆକଳନରେ ବଳିଷ୍ଠ ସହଯୋଗ ଦେଇଥିବ ନିଶ୍ଚୟ। ସେ ଓଡ଼ିଆ ସାହିତ୍ୟର ପ୍ରତ୍ୟେକ ଅଙ୍ଗଭଙ୍ଗୀ ଓ ନୂତନତା ପ୍ରତି ଥିଲେ ସଦା ସଜାଗ। କେତେବେଳେ ଓଡ଼ିଆ ନାଟକ, କବିତା, ଉପନ୍ୟାସ ଓ ଗଳ୍ପ ସମ୍ଭାରର ସମୀକ୍ଷା କରୁଥିଲେ ତ ଆଉ କେତେବେଳେ ବାଢ଼ି ଦେଉଥିଲେ ନିଜସ୍ୱ ନିଆରା ଦୃଷ୍ଟିଭଙ୍ଗୀ ନେଇ ଓଡ଼ିଆ ସାହିତ୍ୟର ଇତିହାସ। ପ୍ରତିଟି କ୍ଷେତ୍ରରେ ଯତୀନ୍ଦ୍ରମୋହନ ଥିଲେ ଏକ ସୁପରିଚିତ ସର୍ବମାନ୍ୟ ବଳିଷ୍ଠ ସ୍ୱର। ଯଥାର୍ଥରେ ଓଡ଼ିଆ ସାହିତ୍ୟର ବିସ୍ତୀର୍ଣ୍ଣ କ୍ଷେତ୍ରର ସେ ଥିଲେ ଜଣେ ସର୍ବଜନସ୍ୱୀକୃତ 'କ୍ଷେତ୍ରରକ୍ଷକ'। ଏହି କ୍ଷେତ୍ର ରକ୍ଷାର ପ୍ରତିବଦ୍ଧ ପ୍ରତିଶ୍ରୁତି ତଥା ମୌଳିକ ଦୃଷ୍ଟିଭଙ୍ଗୀ ତାଙ୍କୁ ଦେଇଥିଲା ଅନନ୍ୟ ପ୍ରତିଷ୍ଠା। ସେ କ୍ଷେତ୍ର ରକ୍ଷାର ଦାୟିତ୍ୱ ସମ୍ଭାଳିବା ସହ କ୍ଷେତ୍ରର ଶ୍ରୀବୃଦ୍ଧି ପାଇଁ ପରଶି ଦେଇଛନ୍ତି 'ପ୍ରେମାସ୍ପଦା' ଓ 'ଜନ୍ମାଷ୍ଟମୀ' ଭଳି ଦୁଇଟି ଉପନ୍ୟାସ। ସାହିତ୍ୟ ସମୀକ୍ଷାର ମୌଳିକତା ତାଙ୍କୁ ଆଣି ଦେଇଥିଲା କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଓ ସେହି ଏକାଡ଼େମୀ ଓ କେନ୍ଦ୍ରୀୟ ରାଜା ରାମମୋହନ ରାୟ ପୁସ୍ତକାଗାର ନ୍ୟାସ ଭଳି ଅନେକ ମର୍ଯ୍ୟାଦା ସମ୍ପନ୍ନ ଅନୁଷ୍ଠାନର ସଦସ୍ୟତା।

ସାର୍‌ଙ୍କ ସହିତ ମୋର ପରିଚୟ ହୁଏ ୧୯୮୬ ମସିହାରେ। ସେ ଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ସଭାପତି ଓ ମୁଁ ସମ୍ପାଦକ। ଆଗରୁ ମୁଁ ସାର୍‌ଙ୍କୁ କେବଳ ଜାଣିଥିଲି ପ୍ରଫେସର ବଭୂତି ଭୂଷଣ ଦେଓ, ପ୍ରଫେସର ବିଚିତ୍ରାନନ୍ଦ ସିହ୍ନା ଓ ପ୍ରଫେସର ଲକ୍ଷ୍ମଣ କୁମାର ମହାପାତ୍ର ପ୍ରଭୃତିଙ୍କ ସାଙ୍ଗଭାବରେ। ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର କର୍ମକର୍ତ୍ତା ଭାବରେ ତାଙ୍କ ସହ କାମ କରିବାର ଅନୁଭୂତି ଖୁବ୍ ଆନନ୍ଦଦାୟକ ଥିଲା। କାରଣ ପ୍ରତିଟି ସମସ୍ୟା ଉପରେ ତାଙ୍କର ଆଭିମୁଖ୍ୟ ଥିଲା ସ୍ପଷ୍ଟ ଓ ସକାରାତ୍ମକ। ତେଣୁ ୟୁଜିସି ଦରମାକୁ ନେଇ ଏକ ନିଖିଳ ଭାରତ ବିଶ୍ୱବିଦ୍ୟାଳୟ ଶିକ୍ଷକ ଆନ୍ଦୋଳନ ଓ ସେଥିରେ ଆମର ଯୋଗଦାନ ହେତୁ ସରକାରଙ୍କ ସହ ବାଦବିବାଦ, ଧାରଣା ଓ ପଦଯାତ୍ରା

ଇତ୍ୟାଦି ସତ୍ତ୍ୱେ ଶିକ୍ଷକ ସଂଘର ଐକ୍ୟ ଅତୁଟ ରହିଥିଲା। ଆମର ସେହି ବର୍ଷଟିର ଏକାଠି କାମ କରିବାର ସୁଖଦ ଅନୁଭବ ମତେ ସବୁଦିନ ପାଇଁ ତାଙ୍କ ସ୍ନେହ ଶ୍ରଦ୍ଧାର ପାତ୍ର କରି ଦେଇଥିଲା। ଯେତେବେଳେ ଯେଉଁଠି ଦେଖାହୁଏ ମୁଁ ସବୁବେଳେ ତାଙ୍କର ସେ ହାର୍ଦ୍ଦିକ କୋମଳତାର ସ୍ପର୍ଶ ପାଇଛି।

ମୁଁ ଜଣେ ବିଜ୍ଞାନର ଛାତ୍ର ଓ ଶିକ୍ଷକ ହୋଇଥିଲେ ମଧ୍ୟ ସେ ମୋତେ ଓଡ଼ିଆରେ ଲେଖାଲେଖି କରିବାକୁ ସବୁବେଳେ ଉତ୍ସାହିତ କରିଛନ୍ତି। ବିଭିନ୍ନ ସମୟରେ ତାଙ୍କ ସମ୍ପାଦିତ 'ଚିତ୍ରା' 'ପ୍ରୟାସ' ଓ 'ଶ୍ରୀ' ଭଳି ପତ୍ରିକା ଗୁଡ଼ିକରେ ମୋ'ପ୍ରବନ୍ଧଗୁଡ଼ିକୁ ସ୍ଥାନୀତ କରିଆସିଛନ୍ତି। ବହୁସମୟରେ ସେ କିନ୍ତୁ ନିର୍ଦ୍ଦେଶ ଦିଅନ୍ତି କେଉଁ ବିଷୟରେ ଲେଖାଟି ଲେଖିବାକୁ ହେବ। ଶେଷଥର ସେ ମତେ କହିଥିଲେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଉପରେ ତିନୋଟି ପ୍ରବନ୍ଧ 'ଶ୍ରୀ' ପାଇଁ ଲେଖିବାକୁ : ଗୋଟିଏ ପ୍ରାଥମିକ ଶିକ୍ଷା ଦ୍ୱିତୀୟଟି ମାଧ୍ୟମିକ ଓ ତୃତୀୟଟି ଉଚ୍ଚଶିକ୍ଷା ଉପରେ। ଏମିତିବି ଶିକ୍ଷାର ସବୁ ଭାଗକୁ ନେଇ ମୁଁ କିଛି କିଛି ଆଗରୁ ଲେଖି ଥିବାରୁ ମୁଁ ସାର୍‌ଙ୍କ ପ୍ରସ୍ତାବ ଗ୍ରହଣ କରିଥିଲି। ପ୍ରାଥମିକ ଶିକ୍ଷା ଉପରେ ଲିଖିତ 'ଆମ ବିଦ୍ୟାଳୟ ଆମକୁ ଫେରାଇ ଦିଅ' ଶୀର୍ଷକ ଲେଖାଟି ନେବାକୁ ଆମ ଘରକୁ ଆସିଥିଲେ ସେ। ଘରେ ଅଳ୍ପସମୟ ବସିଲେ। ବିଭିନ୍ନ କଥା ସଂକ୍ଷେପରେ ଆଲୋଚନା କଲୁ। ମୋ ସ୍ତ୍ରୀ ତାଙ୍କୁ ଫଳରସ ପରଷିବା ଅବସରରେ କହିଲେ, 'ଜୟୋଦର ବାବୁ ତ ଭଲ ଲେଖୁଛନ୍ତି', ଜଣେ ଜଣେ ପ୍ରତିଷ୍ଠିତ ସାହିତ୍ୟକାରଙ୍କର ଏଭଳି ଗୋଟିଏ ଗୋଟିଏ ପ୍ରଶଂସା ମୋ'ଭଳି ଜଣେ ଅଲେଖକ ପାଇଁ ବେଶ୍ ତାତ୍ପର୍ଯ୍ୟ ରଖେ। ତା'ପରେ ତାଙ୍କ 'ଜନ୍ମାଷ୍ଟମୀ' ଉପନ୍ୟାସଟିକୁ ଦେଇ ଫେରିଗଲେ। କହିଗଲେ ବହିଟି ପଢ଼ି ମତାମତ ଦେବାକୁ। ଅସୁସ୍ଥ ଜଣା ପଡୁନଥିଲେ। କେବଳ ଆଣ୍ଠୁରେ ଦରଜ ହେବା କଥା କହୁଥିଲେ। ମୁଁ 'ଜନ୍ମାଷ୍ଟମୀ' ଉପନ୍ୟାସଟି ପଢ଼ି ଚମତ୍କୃତ ହେଲି। ଆମ ଆଧ୍ୟାତ୍ମିକ ଜଗତର ଏକ ମହାର୍ଘ ମୁହୂର୍ତ୍ତକୁ ଆଣି ଆମ ସମସାମୟିକ କାଳର ପରଧି ମଧ୍ୟରେ ପ୍ରତିରୋପଣ କରିବାର ଚମତ୍କାର ଲେଖକୀୟ ପରିକଳ୍ପନା ଓ ସେ କଳ୍ପନାକୁ ଭାଷାରୂପ ଦେବାର ବିସ୍ମୟକର ଦକ୍ଷତା ଦେଖି । ଠିକ୍ ଯେପରି କେଉଁ ଅଦୃଶ୍ୟ ଦିବ୍ୟବିଭୂତିକୁ ଆଣି ସ୍ଥାପନ କରିଦିଏ ସଧାରଣ ନାରୀ ଗର୍ଭରେ ଧରାବତରଣ ଉଦ୍ଦେଶ୍ୟରେ। ସାର୍‌ଙ୍କୁ ମଧ୍ୟ ମୋ ଭାବନା ଜଣାଇଦେଲି। ବହୁତ ଖୁସି ହେଲେ। ଖାଲି କହିଲେ, 'ଜୟୋଦର ବାବୁ, ସେ ସବୁ କ'ଣ ମୁଁ ଲେଖିଛି ! କିଏ ମୋର ଦ୍ୱାରା ଲେଖାଇ ଦେଇଛି।'

ଏଇ କଥା ଦୁଇପଦ ସହ ତାଙ୍କ ଆକସ୍ମିକ ଅବର୍ତ୍ତମାନତା ରହସ୍ୟମୟ ଲାଗୁଛି। ନିରାଶା କାଳିମା ଘେରା ସମାଜ ପାଇଁ ଆଲୋକର ଆବାହନ ଯେପରି ଥିଲା ତାଙ୍କ ଜୀବନର ଶ୍ରେଷ୍ଠ ଉଚ୍ଚାରଣ 'ଜନ୍ମାଷ୍ଟମୀ'ର ଐନ୍ଦ୍ରିଜାଲିକ ଆଲେଖ୍ୟ ମାଧ୍ୟମରେ। କେତେ ବିଚିତ୍ର ଏ ଜୀବନ ସତେ ! ମୋ ଜୀବନର ପରିଚୟ ପୁସ୍ତିକାର ଆଉ ଗୋଟିଏ ପରିଚ୍ଛେଦରେ ପଡ଼ିଲା ଶେଷ ପୂର୍ଣ୍ଣଚ୍ଛେଦ; ସ୍ମୃତିର ପାଖୁଡ଼ାରେ କିନ୍ତୁ ଲାଖି ରହିଲା ଏକ ଅଭୂଲା ମହକ।

ଦିବଂଗତ ଅମର ଆତ୍ମାପ୍ରତି ମୋର ସଭକ୍ତି ପ୍ରଣାମ।

ବାୟାନିବାସ, ଶ୍ରୀବିହାର
ପଟିଆ, ମୋ: ୯୯୩୭୬୨୪୫୦୫

ଡକ୍ଟର ତୁମେ ବୁଝ !

ଜଗନ୍ନାଥ ମହାପାତ୍ର

ଚିକିତ୍ସକର ଜୀବନ ବଡ଼ ବିଚିତ୍ର ଜୀବନ। କେବେ କାହା ସହିତ ଯୋଡି ହୋଇଯାଏ ପରମ ଆତ୍ମୀୟ ଭଳି ତ ପୁଣି ସେଇ ମୁହଁ ମନେ ରଖିପାରେନି। ତା' ଭିତରୁ କେତେଜଣ କିନ୍ତୁ ମନରେ ସବୁଦିନପାଇଁ ସ୍ଥାୟୀ ଛାପ ଛାଡିଯାଆନ୍ତି। ସେମାନଙ୍କୁ ଇଚ୍ଛାକରି ଭୁଲି ହୁଏନି। ସେମିତି ଜଣେ ଆତ୍ମୀୟ ଥିଲେ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି।

ଟିକେ ପୂର୍ବରୁ କହିବା ଲୋଡ଼ା। ମୋ ସ୍ତ୍ରୀ ସଂଘମିତ୍ରା ବାଣୀବିହାରରେ ଏମ୍.ଏ ପଢିଲା ଆଉ ଅଳ୍ପ ଦିନପରେ ମୁଁ ବଦଳି ହୋଇ ସହୀଦ ନଗର ଡିସ୍‌ପେନ୍‌ସରିରେ ଡାକ୍ତର ଭାବେ ଯୋଗ ଦେଲି। ତେଣୁ ସେ ସମୟରେ କ୍ୟାମ୍ପସରେ ଥିବା ଅନେକ ପ୍ରଫେସର ତଥା କର୍ମଚାରୀମାନଙ୍କ ସହିତ ମୋର ସଂପର୍କ ଗଢ଼ି ଉଠିଥିଲା। ମୋ ସ୍ତ୍ରୀ ପି.ଏଚ୍.ଡି କରିବାର ବହୁ ପୂର୍ବରୁ ମୁଁ ପ୍ର. କୃଷ୍ଣ ଚରଣ ସାହୁ, ପ୍ର. ଯତୀନ୍ଦ୍ର ମୋହନ ମହାନ୍ତି, ପ୍ର.ବିଷ୍ଣୁ ପ୍ରସନ୍ନ ଆଚାର୍ଯ୍ୟ ପ୍ରଭୃତିଙ୍କ ପରିବାର ସହିତ ଚିକିତ୍ସା ସୂତ୍ରରେ ଜଡିତ ହୋଇଯାଇଥିଲି। ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ବାପା ଦୀର୍ଘ ଦିନ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ ଓ ମୁଁ ବରାବର ତାଙ୍କୁ ଦେଖିବାକୁ ଯାଉଥିଲି। ପରେ ପ୍ର.ଦେବୀପ୍ରସନ୍ନ ପଟ୍ଟନାୟକ ଓ ପ୍ର.ରାଜେନ୍ଦ୍ର ପ୍ରସାଦ ଦାସଙ୍କ ସହିତ ମଧ ଜଡ଼ିତ ହେଲି। ପ୍ର.କୃଷ୍ଣଚରଣ ସାହୁଙ୍କ ଦେହାନ୍ତ ପରେ ତାଙ୍କ ବନ୍ଧୁମାନଙ୍କ ସହିତ ସଂପର୍କ ବଢ଼ିଲା ସିନା କମିଲାନି। ସ୍ୱାସ୍ଥ୍ୟ ସହିତ ପାରିବାରିକ ସଂପର୍କ ମଧ ରହିଲା। ଯତୀନ୍‌ବାବୁଙ୍କ ପତ୍ନୀ ବିଜୟଲକ୍ଷ୍ମୀ କେଉଁ ଦିନ ମୋତେ ଭାଇନା ବୋଲି ଡାକିଲେ ମୋର ମନେ ନାହିଁ କିନ୍ତୁ ତାଙ୍କ ପାରିବାରିକ ସମସ୍ୟା ମଧ ମୋ ଆଗରେ ଉଭୟ ସହଜ ଭାବରେ କହିପାରୁଥିଲେ।

ଇନ୍ଦିରା ଗାନ୍ଧି ତାଙ୍କ ଦେହାନ୍ତ ପୂର୍ବରୁ ଓଡ଼ିଶାରେ ଦେଇଥିବା ଭାଷଣ କେତୋଟିର ଅନୁବାଦ ସେ କରିଥିଲେ ଯାହାର ନାଁ ଦେଇଥିଲେ Last Two Days. । ଏହି ବହିର ସହଲେଖକ ଭାବରେ ସେ ମୋ ନାମ ଦେଇଥିଲେ। ସେ ପୁସ୍ତକ ରାଜଧାନୀ ସ୍ୱସ୍ତି ହୋଟେଲରେ ବହୁ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା। ଏତେ ସଭାସମିତିରେ ଯୋଗ ଦେଇଛୁ କିନ୍ତୁ ସେଦିନ ଲେଖକର ପ୍ରତ୍ୟୟ ନେଇ ସଭାରେ ଭାଷଣ ଦେବାର ଅନୁଭବ ଥିଲା ମୋର ଅଲଗା।

ଯତୀନ ବାବୁ ତାଙ୍କ କ୍ୱାଟର୍ସ ଛାଡି ଗଣ୍ଡମୁଣ୍ଡା ତାଙ୍କ ନିଜ ଘର 'ଜଗମୋହନ'କୁ ଗଲେ। ଦୂରତା ବଢ଼ିଲା ସିନା କିନ୍ତୁ ସଂପର୍କ ପୂର୍ବ ଭଳି ରହିଲା। ଯାହା ଟିକିଏ ଦେହ ଖରାପ ହେଲେ ସ୍ୱାମୀ ସ୍ତ୍ରୀ ଉଭୟ ଆସନ୍ତି। ପିଲାମାନେ ବି ଆସନ୍ତି। ଆଉ ଯିଏ ଔଷଧ ଦେଇଥିଲେ ବି ମୋତେ ନ ପଚାରି, ମୋର ପରାମର୍ଶ ନ ନେଇ ଖାଆନ୍ତିନି। ଏମିତି ସମୟରେ ତାଙ୍କର ସଂପାଦିତ ଏକାଧିକ ସଂକଳନ (ପ୍ରାୟ ୭ଟି) ପ୍ରକାଶିତ ହେଲା ଓ ତାଙ୍କ ଲିଖିତ History of Oriya Literature ପୁସ୍ତକ ସହିତ ଏକତ୍ର ସୂଚନା ଭବନରେ ଲୋକାର୍ପିତ ହେଲା। ସେଠାରେ ମଧ ମୁଁ ମୋର ପରିବାର ସହିତ ଉପସ୍ଥିତ ରହି ସେ ଗୌରବରେ ଭାଗ ବସାଇଥିଲି। ମୋର ଯାହା ଟିକେ ଇଂରାଜୀ ଲେଖିବା ଦରକାର ପଡେ ମୁଁ ତାଙ୍କ ସାହାଯ୍ୟ ନିଏ। ତାଙ୍କ ସହଯୋଗରେ ଲିଖିତ ଅଧିକାଂଶ ଇଂରାଜୀ ଭାଷଣ ଓଡ଼ିଶା ବାହାରେ ବିଭିନ୍ନ ଡାକ୍ତରୀ କନ୍‌ଫରେସନ୍‌ସ ବା Local self govt. ସଂପର୍କୀୟ ସଭାରେ ପାଠ କରି ମୁଁ ବେଶ୍ ପ୍ରଶଂସା ମଧ ପାଇଛି।

କ୍ରମେ ତାଙ୍କ ଦେହ ଅସୁସ୍ଥ ହୋଇଛି। ତଥାପି ମୋର ଅସୁସ୍ଥତା ଖବର ପାଇ ସେ ଅଟୋରେ ଆସିଛନ୍ତି ମୋତେ ଦେଖିବାକୁ। କାହିଁକି ଏତେ ବାଟ ଏତେ ଅସୁବିଧାରେ ଆସିଲେ ବୋଲି ମୋ ସ୍ତ୍ରୀର ପ୍ରଶ୍ନରେ ଉତ୍ତର ଦେଇଛନ୍ତି,

'ଡାକ୍ତର ଦେହଟା ଭଲ ନ ରହିଲେ ମତେ ଜମା ଭଲ ଲାଗୁନି। ସେଥିପାଇଁ ଚାଲି ଆସିଲି।' ଯତୀନ ବାବୁଙ୍କ ଅସୁସ୍ଥତା ବଢ଼ିଛି। Chest pain ହୋଇଛି। Apollo ଡାକ୍ତରଖାନାରେ Angiogram କରାଇଛୁ ଡାକ୍ତର ପି.କେ ସାହୁଙ୍କ ଦ୍ୱାରା, କୌଣସି investigation କରାଇବାକୁ କହିଲେ ସେ ଟାଳି ଦିଅନ୍ତି।' ଡାକ୍ତର, ତୁମେ ଦେଖମ, ଆଉ ଅଧିକା କ'ଣ ଦରକାର ?" ଏହି ହାଲୁକାପଣରୁ ସେ ଢେର କଷ୍ଟ ପାଇଲେ। ଦିନେ ତାଙ୍କ ପିଲାମାନେ ତାଙ୍କୁ ଧରି ଆସିଲେ। ସେ ଖୁବ୍ କଷ୍ଟ ପାଉଥାଆନ୍ତି। ମୋ ପାଖରେ ବସିଥାଆନ୍ତି ବର୍ତ୍ତମାନର ସ୍ୱାସ୍ଥ୍ୟମନ୍ତ୍ରୀ ଡାଃ ଦାମୋଦର ରାଉତ। ଯତୀନ୍ ବାବୁ ଜମା ଡାକ୍ତରଖାନା ଯିବାକୁ ରାଜି ହେଉନଥାନ୍ତି। ମୁଁ ବୁଝାଇଲି, ଦାମଭାଇ ମଧ ଅନୁରୋଧ କଲେ। ତାଙ୍କୁ ରୀତିମତ ଟେକାଟେକି କରି ଆମେ ଆପୋଲୋ ନେଇଗଲୁ। ତା'ପରର ଘଟଣା ଅତି ସଂକ୍ଷିପ୍ତ। ମୁଁ ପ୍ରାୟ ଯାଏ। ଡକ୍ଟର ପି.କେ ସାହୁଙ୍କ ସହିତ ତାଙ୍କ ସଂପର୍କରେ ଆଲୋଚନା କରେ। ହେଲେ ନିୟତିର ନିର୍ଦ୍ଦେଶ ଆଗରେ ଆମକୁ ହାର ମାନିବାକୁ ହେଲା। ୨୦୧୨ ଅଗଷ୍ଟ ୧୪ ତାରିଖରେ ସେ ଆମକୁ ଛାଡି ଚାଲିଗଲେ। ତାଙ୍କ ପରିବାରର ସମସ୍ତଙ୍କୁ ସାନ୍ତ୍ୱନା ଦେବା ବ୍ୟତୀତ ମୋର ଆଉ ଭୂମିକା ବା କ'ଣ ଥିଲା।?

ଭୁବନେଶ୍ୱରରେ ବଂଚିବା ପାଇଁ ମୋର ମୂଳଦୁଆକୁ ମଜବୁତ କରିବାରେ ଯେଉଁ ଶିକ୍ଷକଙ୍କର ଅବଦାନ ଥିଲା ସେହି ପୂଜ୍ୟ କରୁଣାକର ପରିଡ଼ାଙ୍କର ସେ ଥିଲେ ପରମ ବଂଧୁ। କିନ୍ତୁ ସେ ମୋତେ ବଂଧୁର ମର୍ଯ୍ୟାଦା ଦେଇଥିଲେ। ସେହି ପରମ ଶୁଭେଚ୍ଛୁ ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ପାଇଁ ଦିପଦ ଲେଖି ମୁଁ ତାଙ୍କୁ ମୋର ସମ୍ମାନ ନିବେଦନ କରୁଛି।

ବି-୩୫, ଶହୀଦନଗର, ଭୁବନେଶ୍ୱର
ମୋ: ୯୪୩୭୦୦୪୫୦୦



ବ୍ୟକ୍ତିଗତ ସ୍ମୃତି
ସଂଘମିତ୍ରା ମିଶ୍ର

ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି ଇଂରାଜୀ ଭାଷା ସାହିତ୍ୟରେ ଜଣେ ଅଗ୍ରଗଣ୍ୟ ପ୍ରଫେସର। ଓଡିଆ ସାହିତ୍ୟ ଜଗତରେ କିନ୍ତୁ ତାଙ୍କର ଆତ୍ମା ବାସକରେ। ଏକନିଷ୍ଠ ସାଧକ ଭାବରେ ସାହିତ୍ୟ ସେବା କରିଛନ୍ତି ସମଗ୍ର ଜୀବନ କାଳ। 'ପ୍ରଜ୍ଞା'ର ସଂପାଦକ ଭାବେ ତାଙ୍କର ସ୍ଥାନ ଓଡ଼ିଆ ପତ୍ରିପତ୍ରିକା ଜଗତରେ ନିର୍ଦ୍ଦିଷ୍ଟ ହୋଇ ସାରିଛି। There where Trees Flower, The Land Beautiful ଭଳି ଇଂରାଜୀ ପୁସ୍ତକରେ ସେ ଓଡ଼ିଶାର ସାହିତ୍ୟ ତଥା ସାଂସ୍କୃତିକ ପରଂପରାକୁ ଅଣଭାଷାଭାଷୀ ପାଠକଙ୍କ ନିକଟରେ ପହଞ୍ଚାଇଛନ୍ତି। ପ୍ରାଚୀନ କବିତା ସମ୍ଭାର, ଆଧୁନିକ କବିତା ସମ୍ଭାର, ପ୍ରାଚୀନ ଓଡ଼ିଆ ନାଟକ, ଆଧୁନିକ ଓଡ଼ିଆ ନାଟକ, ତତ୍ତ୍ୱ ସାହିତ୍ୟ ଭଳି ବିଶାଳକାୟ ଗ୍ରନ୍ଥ ସଂପାଦନା ଓ ତାର ଦୀର୍ଘ ମୁଖବନ୍ଧ ରଚନା ବି ସାହିତ୍ୟର ଅନ୍ୟ ଏକ ଦିଗନ୍ତ। ଇଂରାଜୀରେ ଓଡ଼ିଆ ସାହିତ୍ୟର ଇତିହାସ ରଚନା କରି ସେ ଏକ ଐତିହାସିକ ଦାୟିତ୍ୱ ସଂପାଦନ କରିଛନ୍ତି।

ଯତୀନ୍ ସାର୍‌ଙ୍କ ବିଷୟରେ କିଛି ବ୍ୟକ୍ତିଗତ ସ୍ମୃତି ଏଠାରେ ଉଲ୍ଲେଖ କରିବି । ଯତୀନ୍ ସାର୍ ମୋର ଗାଇଡ ପ୍ରଫେସର କୃଷ୍ଣ ଚରଣ ସାହୁଙ୍କ ବନ୍ଧୁ। ପ୍ର. ରାଜେନ୍ଦ୍ର ପ୍ରସାଦ ଦାସ, ପ୍ର. ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ର.ବିଭୂତି ଭୂଷଣ ଦେଓ, ପ୍ର.ବିଚିତ୍ରାନନ୍ଦ ସିହ୍ନା ପ୍ରଭୃତିଙ୍କର ବନ୍ଧୁତ୍ୱ ଦେଖିବାର ଦୁର୍ଲଭ ସୌଭାଗ୍ୟ ମୋର ହୋଇଛି। ସେମାନେ ଏକାଠି ହେଲେ ଖୁସିଗପ ଥଟ୍ଟା ତାମସା ବେଶ୍ କରୁଥିଲେ। ବାଣୀ ବିହାର କ୍ୟାମ୍ପସରେ ଥିବା ସମୟରୁ ଆମ ପରିବାର ସହିତ ସାର୍‌ଙ୍କର ସଂପୃକ୍ତି ଥିଲା। ପ୍ରଥମେ ତାହା ଥିଲା ଡାକ୍ତର ଓ ରୋଗୀର ସଂପର୍କ ଯାହା ବ୍ୟକ୍ତିଗତ ପାରିବାରିକ ସଂପର୍କ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା। ପ୍ରଫେସର କୃଷ୍ଣଚରଣ ସାହୁଙ୍କ ଦେହାନ୍ତ ପରେ ଆମେ କେତେଜଣ ଛାତ୍ରଛାତ୍ରୀ ଏକ ସ୍ମୃତି ପରିଷଦ ଗଢ଼ି ପ୍ରତିବର୍ଷ ଅଶୋକାଷ୍ଟମୀରେ ସାର୍ (କୃଷ୍ଣ ଚରଣ ସାହୁ)ଙ୍କ ଜୟନ୍ତୀ ଉତ୍ସବ କରିଥାଉ। ସେହି ପରିଷଦର ସ୍ଥାୟୀ ସଭାପତି ଥିଲେ ପ୍ର. ଯତୀନ୍ଦ୍ର ମୋହନ ମହାନ୍ତି। ତାଙ୍କର ସୁଚିନ୍ତିତ ପରାମର୍ଶ ଓ ଦିଗ୍‌ଦର୍ଶନରେ ପ୍ରତିବର୍ଷ ଏହି ଉତ୍ସବ ଅନୁଷ୍ଠିତ ହୋଇଥାଏ (ଏବର୍ଷ ସେ ଅଭାବ ବେଶ୍ ବାଧୁଛି)। ସାର୍‌ଙ୍କ ପୁଅଝିଅଙ୍କ ବାହାଘରକୁ ଆମେ ଯାଇଛୁ। ସେମାନେ (ମ୍ୟାଡାମ୍ ଓ ପିଲାମାନେ) ମଧ୍ୟ ଆମ ପରିବାରକୁ ବେଶ୍ ଆପଣାର ମଣିଛନ୍ତି। ବିବାହ ବ୍ରତରେ ଉଭୟ ପରିବାର ମଧ୍ୟରେ ବନ୍ଧୁ ସୁଲଭ ବେଭାର ଦିଆନିଆ ମଧ୍ୟ ହୋଇଛି। ନିଜର ବ୍ୟସ୍ତ କର୍ମସୂଚୀରୁ ସମୟ କାଢ଼ି ସାର୍ ମୋର 'ବସୁଧାର ପ୍ରତିବାଦ' ନାଟକର ଇଂରାଜୀ ଅନୁବାଦ କରି ଦେଇଚନ୍ତି, ଯାହାକୁ ମୁଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ପୂର୍ବାଞ୍ଚଳ କର୍ମଶାଳାରେ ପାଠକରି ଢେର ପ୍ରଶଂସା ପାଇଛି।

ସାର୍‌ଙ୍କ ଲାଇବ୍ରେରି ତଥା ପଠନର ବ୍ୟାପ୍ତି ଓ ଗଭୀରତା ମୋ ଭଳି ସାଧାରଣ ମଣିଷକୁ ଚକିତ ତଥା ଅଭିଭୂତ କରିଛି। ସାର୍ ସବୁବେଳେ କହନ୍ତି, 'ତୁମେ ଓଡ଼ିଶାର ନାଟକ ସଂପର୍କରେ ଐତିହାସିକ ଦୃଷ୍ଟିରୁ ଆଲୋଚନା କର। ମୁଁ ଜାଣେ ତୁମେ ପାରିବ।" ମୁଁ କହେ ମୁଁ ଜମା ଏତେ କଷ୍ଟ କରିପାରିବିନି। କାରଣ ସମୟ ଓ ଆଗ୍ରହ ଉଭୟର ଅଭାବ। ତା'ପରେ ଯଦି ତ୍ରୁଟି ରହିବ ତେବେ ତାର ସମାଲୋଚନା ସହିବା ମୋ ପକ୍ଷରେ ସମ୍ଭବ ହେବନାହିଁ। ସାର୍ କହନ୍ତି,

'ତୁମେ ଲେଖା ଆରମ୍ଭ କର, ଦେଖିବା ।' ସେଇ ଯତୀନ୍ ସାର୍ ଏ ସଂସାର ଛାଡି ଯିବା ବର୍ଷେ ହେବ ଚାହୁଁ ଚାହୁଁ ।

ଆଜି ଯତୀନ ସାର୍ ନାହାନ୍ତି । କୃଷ୍ଣ ସାରଙ୍କ ଦେହାନ୍ତ ପରେ କୌଣସି କଥା ବୁଝି ନ ପାରିଲେ ଭରସା ଥିଲା ଯତୀନ ସାରଙ୍କ ପାଖରେ ଅବଶ୍ୟ ମୋ ପ୍ରଶ୍ନର ଉତ୍ତର ଥିବ । ଫୋନ୍ କଲେ ସାର୍ କହୁଥିଲେ 'ତୁମେ ଫୋନ୍ ରଖିଦିଅ, ମୁଁ ଚେକ୍ କରି କହୁଛି ।' ତା'ପରେ ସେ ଫୋନ କରି ମୋ ପ୍ରଶ୍ନର ସମାଧାନ କରି ଦେଉଥିଲେ । ନଚେତ୍ କୌଣସି ପୁସ୍ତକ ପଢ଼ିବାର ନିର୍ଦ୍ଦେଶ ଦେଉଥିଲେ । ଶହଶହ ନାଟକ ବହି ଗଣି ଗାଡିରେ ସେ ଘରକୁ ନେଇଛନ୍ତି ଓ ପୁଣି ଆଣି ହିସାବ କରି ଫେରାଇ ଦେଇଛନ୍ତି । କେବେ କେମିତି ସାହସ କରି ପଦେ ଯୁକ୍ତି (?) କଲେ ସେ ଉଦାର ହୃଦୟରେ ଶୁଣିଛନ୍ତି ଓ ସମ୍ମତ ହେଲେ 'ଭଲ କହିଲ' କହି ଉତ୍ସାହିତ ମଧ୍ୟ କରିଛନ୍ତି । ସବୁ ଲେଖକଙ୍କୁ ପଢିଛନ୍ତି ଶ୍ରଦ୍ଧା ସହିତ ।

ସେଦିନ ଆଉ ଫେରିବାର ନାହିଁ । ମନେ ହେଉଛି ଦୀର୍ଘ ଜୀବନର ପଥ ଧାରରେ ଛାୟାଘନ ବୃକ୍ଷସବୁ କ୍ରମେ ଭୂଲୁଣ୍ଠିତ ହେଉଛନ୍ତି । କ୍ରମେ ହଜିଯାଉଛି ଅତୀତ । ହଟିଯାଉଛି ମୁଣ୍ଡ ଉପରୁ ଛାତ । ଛାତକୁ ଚାହିଁ ହେଉ ନଥିଲା ସତ କିନ୍ତୁ ଛାତ ତ ପତିଆରା ଦେଉଥିଲା ଖରା ବର୍ଷାରୁ ରକ୍ଷା କରିବ ବୋଲି ।

ସାରା ଜୀବନ ପୁସ୍ତକ ଭିତରେ ବଞ୍ଚିଥିବା ଜ୍ଞାନପାଗଳ ମଣିଷଟି ଉଦ୍ଦେଶ୍ୟରେ ମୁଁ ପ୍ରଣାମ କରୁଛି । ତାଙ୍କର ଆତ୍ମା ଈଶ୍ୱରଙ୍କ ପାଦତଳେ ସ୍ଥାନ ପାଇଥିବ । ଏ କଥା ମୁଁ ଜାଣେ । ମୋତେ ଏଭଳି ଏକ ସୁଯୋଗ ଦେଇଥିବାରୁ ମୁଁ ମ୍ୟାଡାମ ବିଜୟ ଲକ୍ଷ୍ମୀ ମହାନ୍ତିଙ୍କ ନିକଟରେ କୃତଜ୍ଞ ।

ବି-୩୫, ଶହୀଦନଗର, ଭୁବନେଶ୍ୱର
ମୋ: ୯୪୩୭୦୧୯୧୩୩



ଯତୀନ୍ଦ୍ର ସ୍ମୃତି ଅର୍ଘ୍ୟ
ସୂର୍ଯ୍ୟମଣି ତ୍ରିପାଠୀ

ସେଦିନ ଥିଲା ଅଗଷ୍ଟ ମାସର ପନ୍ଦର ତାରିଖ। ସକାଳୁ ସକାଳୁ ନିତ୍ୟକର୍ମ ସାରି ମୁଁ ପ୍ରସ୍ତୁତ ହୋଇଗଲି ସ୍ୱାଧୀନତା ଦିବସ ଉପଲକ୍ଷେ ପରେଡ଼ରେ ଯୋଗ ଦେବାପାଇଁ। ପୋଲିସ ଚାକିରିରୁ ଅବସର ନେବାପରେ ସେ ଅଭ୍ୟାସ ଭୁଲିହୋଇ ଯାଇଥିଲା। ମାତ୍ର ନିମନ୍ତ୍ରଣ ଆସିଥିଲା ଆଇଟିଆର୍ କଲେଜରୁ ପ୍ୟାରେଡ୍‌ରେ ବିଚାରକ ଭାବେ ରହି ପୁରସ୍କୃତ ପାଇବାକୁ ଯୋଗ୍ୟ ଦଳକୁ ବିବେଚନା କରିବାପାଇଁ। ସେ କାର୍ଯ୍ୟରେ ଯୋଗଦେଇ ମୋର ଯଥାସମ୍ଭବ କର୍ତ୍ତବ୍ୟ ସମ୍ପାଦନ କରିସାରିବା ପରେ ସେହି ସ୍ଥାନରେ ନିମନ୍ତ୍ରଣ ମିଳିଲା ରାସ୍ତା ଧାରରେ କିଛି ବୃକ୍ଷରୋପଣ ପାଇଁ। ଆନନ୍ଦରେ ସେ କାର୍ଯ୍ୟରେ ଯୋଗ ଦେଇ ଅନ୍ୟ ମାନଙ୍କର କାର୍ଯ୍ୟ ସମାପ୍ତି ପାଇଁ ଅପେକ୍ଷା କରିଥାଏଁ। ମୋ ଫୋନ୍ ବାଜି ଉଠିଲା। ବଂଧୁ ସଂଜୟ କହିଲେ, 'ଆଜି ଭୋର୍ ସକାଳୁ ଯତୀନ ବାବୁ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମୟରେ ଚାଲିଗଲେ। ଆମେ ସବୁ ତାଙ୍କରି ଘରେ।' ମୁଁ ଆଉ କାଳ ବିଳମ୍ବ ନ କରି, ସେଠାକାର ଉଦ୍ୟୋକ୍ତା ମାନଙ୍କର ଅନୁମତି କ୍ରମେ ଯତୀନ୍ ବାବୁଙ୍କ ଘର ଉଦ୍ଦେଶ୍ୟରେ ବାହାରିଲି।

ଯତୀନ୍‌ବାବୁ, ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି ସ୍ୱଗୃହରେ ଭକ୍ତ ମଧୁ ନଗରରେ ଅବସ୍ଥାନ କରନ୍ତି। ବାଣୀ ବିହାରରରୁ ପ୍ରଫେସର ପଦରୁ ଅବସର ନେଲାପରେ ସେ ଏଇଠାର ସ୍ଥାୟୀ ବାସିନ୍ଦା। ଏ ଅଂଚଳର ସମସ୍ତଙ୍କର ଅତ୍ୟନ୍ତ ସମ୍ମାନନୀୟ ବ୍ୟକ୍ତି। ମୋପରି ବହୁ ବ୍ୟକ୍ତି ତାଙ୍କୁ ଶ୍ରଦ୍ଧା, ସମ୍ମାନ ଓ ଭକ୍ତିରେ 'ପ୍ରଫେସର'ବୋଲି ସମ୍ବୋଧନ କରନ୍ତି। ସେ ମଧ ବହୁ ସାଂସ୍କୃତିକ ଅନୁଷ୍ଠାନର ଉପଦେଷ୍ଟା। ଆମ ସାହିତ୍ୟ ଅନୁଷ୍ଠାନ 'ସାହିତ୍ୟାୟନ' ତନ୍ମଧ୍ୟରୁ ଅନ୍ୟତମ।

ତାଙ୍କ ଘର ନିକଟରେ ପହଞ୍ଚିଲା ବେଳକୁ ସ୍ଥାନଟି ଲୋକାରଣ୍ୟ ହୋଇଯାଇଥିଲା। ବହୁତ ଦୂରରୁ ଗାଡ଼ି ଭିଡ଼। ଚାଲିଚାଲି ଯାଇ ଭିଡ଼ ଭିତରେ ତାଙ୍କର ଶେଷଦର୍ଶନ କଲି। ଗହଳି ଭିତରେ ଦେଖିଲି ମହାପାତ୍ର ନିଳମଣି ସାହୁ, ଶ୍ରୀଯୁକ୍ତ ରମାକାନ୍ତରଥ, ଶ୍ରୀଯୁକ୍ତ ସାତକଡ଼ି ହୋତା, ଶ୍ରୀଯୁକ୍ତ ବିଜୟ କୁମାର ମହାନ୍ତି, ଶ୍ରୀଯୁକ୍ତ ସୌରୀନ୍ଦ୍ର ବାରିକ, ଶ୍ରୀଯୁକ୍ତ ଯତୀନ୍ କୁମାର ଦାଶ, ଶ୍ରୀଯୁକ୍ତ କମଳାକାନ୍ତ ପଣ୍ଡା ଓ ଆହୁରି ଅନେକ। ସେ ସମସ୍ତେ ଓଡ଼ିଆ ସାହିତ୍ୟର ଆଗ ଧାଡିର ନେତୃସ୍ଥାନୀୟ ବ୍ୟକ୍ତି ବିଶେଷ। ସମସ୍ତଙ୍କ ମୁହଁରେ ପ୍ରଫେସରଙ୍କ ପ୍ରଶଂସା ଆଉ ତାଙ୍କ ବିୟୋଗ ଜନିତ ଶୋକ ପ୍ରକଟର ବିଭିନ୍ନ ଅଭିବ୍ୟକ୍ତି।

କିଛି ସମୟ ପରେ ବାହାରିଗଲା ତାଙ୍କ ମରଶରୀର ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶରେ ଶେଷକୃତ୍ୟ ଉଦ୍ଦେଶ୍ୟରେ। ପୁତ୍ର ସାମାଜିକତାର ଆଗ୍ନେୟ ପିଣ୍ଡୁଳାଧରି ପଶ୍ଚାଦ୍‌ଗମନ କଲେ। ନିରବୀଗଲା ବାସସ୍ଥାନ। କ୍ରମେ କ୍ରମେ ସେହି ବାତାବରଣ ଶୂନ୍ୟରେ ପୂର୍ଣ୍ଣ ହୋଇଗଲା। ଠିକ୍ ସମୟରେ ଅଗ୍ନି ସଂଯୋଗ କରାଗଲା ଚିତାରେ। ସର୍ବଗ୍ରାସୀ ଅଗ୍ନିଦେବ ତାଙ୍କ କର୍ତ୍ତବ୍ୟ ପୂରଣ କଲେ, ଚାହୁଁ ଚାହୁଁ।

'ସବୁଯାଏ ଜଳିପୋଡି ମନ ଓ ଇଂଦ୍ରିୟ
ଜଳିଯାଏ ଅନୁଭୂତି, ସକଳ ଭାବନା
ସବୁ ସଂଭାବନା ଆହା
ସବୁ ସ୍ୱପ୍ନ, ସବୁ ଆଶ୍ୱାସନା,
ଦାଉ ଦାଉ ଧପଧପ ଆକାଶକୁ କୁଦାମାରେ ନିଆଁ
ଲହଲହ ରକ୍ତ ଜିହ୍ୱା, ଆକାଶ ପୃଥିବୀ ଭରେ
ସ୍ଫୁଲିଙ୍ଗ ଓ ଧୂଆଁ।'

ଯତୀନ୍ ବାବୁ ଥିଲେ ଇଂରାଜୀ ଭାଷା ସାହିତ୍ୟର ପ୍ରଫେସର। ଉତ୍କଳ ବିଶ୍ୱବିଦ୍ୟାଳୟ ଥିଲା ତାଙ୍କର କର୍ମକ୍ଷେତ୍ର। ମୁଁ ପ୍ରଥମେ ତାଙ୍କୁ ସେଇଠାରେ ଭେଟିଥିଲି। ତାଙ୍କର ଯାଦୁକାରୀ ଆକର୍ଷଣୀୟ ଶକ୍ତି ମତେ ମନ୍ତ୍ରମୁଗ୍ଧ କରିଥିଲା। ଦେଖାହେଲେ ସେ ହସି ହସି କୁଶଳ ପ୍ରଶ୍ନ କରନ୍ତି। 'ଏବେ କ'ଣ ଲେଖୁଛ ?' ବୋଲି ପଚାରନ୍ତି ତାଙ୍କ ସ୍ନେହ ଆଉ ଆଶୀର୍ବଚନ ମତେ ସର୍ବଦା ଅଭିଭୂତ କରିଥିଲା। ତାଙ୍କର ସମସ୍ତ କୃତି ମୁଁ ପାଠ କରିନଥିଲେ ବି ଅନେକ ଗୁଡ଼ିଏ ବହି ପଢିଛି। ଇଂରାଜୀ ଭାଷାରେ ଲିଖିତ 'ଓଡ଼ିଆ ସାହିତ୍ୟର ଇତିହାସ' ତାଙ୍କର ଏକ ଅନବଦ୍ୟ ସୃଷ୍ଟି। ବହୁ ବର୍ଷ ପୂର୍ବରୁ ଜଣେ ସମାଲୋଚକ ପଣ୍ଡିତ ଲେଖିଥିଲେ 'ନନ୍ଦକିଶୋର ଆସି ନଥିଲେ, ଆମ ବାଡିତଳ ଅନଙ୍ଗଲତାରେ ଫୁଲ ଫୁଟି ନଥାନ୍ତା।' ସେହି ଭ୍ରାନ୍ତିକୁ ଉଦ୍ଧାର କରି ମୁଁ ମୋର ମତ ଏଠାରେ ରଖୁଛି। କି ଯତୀନ୍ଦ୍ର ମୋହନ ଆସିନଥିଲେ, ସୀତାକାନ୍ତ, ରମାକାନ୍ତ, ଗୁରୁପ୍ରସାଦ, ଭାନୁଜୀ ରାଓ, ସୌଭାଗ୍ୟ ମିଶ୍ର, ଶରତ ପ୍ରଧାନଙ୍କୁ ମୋ ପରି ଅଧାପାଠୁଆ ଓ ନିଜକୁ ସାହିତ୍ୟିକ ବୋଲାଉଥିବା ବହୁ ବ୍ୟକ୍ତି ବୁଝି ପାରି ନଥାନ୍ତେ। ସିଏ ସମାଲୋଚନା ଲେଖି ଆମ ହାତଧରି ସେମାନଙ୍କୁ ଚିହ୍ନାଇଲେ। ତାଙ୍କରି ଠୁଁ ମୁଁ ପ୍ରଥମେ ଜାଣିଲି କି 'ମାଟି ଓ ମଣିଷ' କବିତାରେ ସେ କହିଛନ୍ତି, 'ବାରମ୍ୱାର ସନ୍ତାନ ହତ ହେଲେ ବି, ବାରମ୍ୱାର ସନ୍ତାନ ସୃଷ୍ଟି କରିବା ପାଇଁ ସେମାନଙ୍କର ଇଚ୍ଛା, ସବୁ ପ୍ରତିକୂଳ ଅବସ୍ଥା ସତ୍ତ୍ୱେ ବଞ୍ଚି ରହିବା ପାଇଁ ମଣିଷ ମନରେ ଅଦମ୍ୟ ଇଚ୍ଛାର ନାମାନ୍ତର ମାତ୍ର। ସୃଷ୍ଟିପାଇଁ ଏହି ଇଚ୍ଛା ମୃତ୍ୟୁ ବିଜୟୀ ଓ ଜୀବନରେ ବିଶ୍ୱାସର ସୂଚନା ଦିଏ। ଏହି ଇଚ୍ଛାର ଶାରୀରିକ ପ୍ରକାଶ ହେଉଛି ଅଷ୍ଟମ ଗର୍ଭ, ଅଷ୍ଟମ ଗର୍ଭର ମୃତ୍ୟୁ ନାହିଁ। ତେଣୁ ଅଷ୍ଟମ ଗର୍ଭର ସମ୍ଭାବନା ଜୀବନର ସମ୍ଭାବନା।'

ଯତୀନ ବାବୁଙ୍କର ଉପରୋକ୍ତ ଉକ୍ତି କେବଳ ପାଠକଙ୍କୁ ନୁହେଁ, ସମଗ୍ର ଜନତାଙ୍କୁ ଶ୍ରୀକୃଷ୍ଣଙ୍କ ବିଷୟରେ ଏକ ନୂତନ ମନ୍ତ୍ରରେ ଅଭିମନ୍ତ୍ରିତ କରିଛି। ଏପରିକି, ଯାହାଙ୍କୁ କେବଳ ଭଗବାନଙ୍କ ରୂପେ ଧ୍ୟାନ କରାଯାଉଥିଲା, ପୂଜ୍ୟ କରାଯାଉଥିଲା, ଭକ୍ତି କରାଯାଉଥିଲା, ସିଏ ଯେ ତାଙ୍କ ଠାରୁ ଆହୁରି ଉର୍ଦ୍ଧ୍ୱରେ ତାହା ଯତୀନ ବାବୁ ଆମକୁ ପୁନଶ୍ଚ ଚିହ୍ନାଇଲେ। ତାଙ୍କ ଦେହାନ୍ତ ବର୍ଷେ ପୂରିବାକୁ ଯାଉଛି। ସିଏ ସ୍ୱର୍ଗରେ ଥାଇ ଆମକୁ ଆଶୀର୍ବାଦ କରନ୍ତୁ ଏତିକି ପ୍ରାର୍ଥନା।

ଜାଗମରା,
ଖଣ୍ଡଗିରି, ଭୁବନେଶ୍ୱର
ମୋ:୯୪୩୭୦୩୧୧୭

ପ୍ରଫେସର ଯତୀନ୍ଦ୍ର ମୋହନ : ବିରଳ ସାହିତ୍ୟିକ ଓ ଅସାଧାରଣ ସାଧନାର ପ୍ରତୀକ

ଅରବିନ୍ଦ ପଟ୍ଟନାୟକ

ଶ୍ରୀକୃଷ୍ଣ ଦେହ ଓ ଦେହୀର ସମ୍ପର୍କକୁ ନାନା ବାଗରେ ଅର୍ଜୁନଙ୍କୁ ବୁଝାଇବା ବେଳେ କହିଥିଲେ : କୌମାର-ଯୌବନ-ଜରା ପରି ଦେହାନ୍ତର ପ୍ରାପ୍ତ ଜୀବନର ସ୍ୱାଭାବିକତା। କିନ୍ତୁ ଏହି ଗତି ମର୍ତ୍ତ୍ୟରୁ ଅମର୍ତ୍ତ୍ୟ ଆଡ଼କୁ। ସେଥିପାଇଁ ଦେହାନ୍ତର ପ୍ରାପ୍ତ ବ୍ୟକ୍ତିଙ୍କ ନାମ ସହିତ ଦିବଂଗତ ବା ସ୍ୱର୍ଗତ ଯୋଡ଼ି ହୋଇଯାଏ। ଏହି ଭାରତୀୟ ବିଚାର ଧାରା ଭକ୍ତକବି ମଧୁସୂଦନଙ୍କ ଭାଷାରେ- "କରିଅଛି ମରଣକୁ ଅମୃତ ସୋପାନ।" ପୁଣି ଯେଉଁମାନଙ୍କ ନାମ ସହିତ 'ଅକ୍ଷର କୀର୍ତ୍ତି' ଯୋଡ଼ି ହୋଇଥାଏ ସେମାନଙ୍କ ସ୍ମୃତି ସହିତ କୃତି ହୋଇଯାଏ ଜାତୀୟ ସାହିତ୍ୟର ଅଂଶ। ଦିବଂଗତ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କ କୃତି ବା କାର୍ଯ୍ୟର କ୍ଷେତ୍ର ଥିଲା ମୁଖ୍ୟତଃ - ଶିକ୍ଷାଦାନ ତଥା ସାହିତ୍ୟ ସାଧନାର ଦୁଇଟି ଦିଗ ସାହିତ୍ୟ ଚର୍ଚ୍ଚା ଓ ସାହିତ୍ୟ ସୃଷ୍ଟି। ଏହା ସହିତ ସଂଗଠନ ଓ ସମ୍ପାଦନାରେ ସମ୍ପୃକ୍ତି ପାଇଁ ମଧ ସେ ଚର୍ଚ୍ଚିତ ଥିଲେ। ସେ ଇଂରାଜୀ ଭାଷା ଓ ସାହିତ୍ୟର ଅଧ୍ୟାପକ ଥିଲେ। ତେଣୁ ଏଥିରେ ତାଙ୍କର ବ୍ୟୁତ୍ପତ୍ତି ବା ପାରଦର୍ଶିତା ସ୍ୱାଭାବିକ। ଏହା ସହିତ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ତାଙ୍କର ଅଗାଧ ମମତା, ଦାୟିତ୍ୱବୋଧ ଏବଂ ଏଥିରେ ତାଙ୍କର ଅଧ୍ୟୟନର ବ୍ୟାପକତା ତଥା ଅନୁଧ୍ୟାନରେ ଗଭୀରତା ଥିଲା ଆଶ୍ଚର୍ଯ୍ୟଜନକ। ବଙ୍ଗଳା ସାହିତ୍ୟର ମଧ ସେ ଥିଲେ ଜଣେ ଅନୁରାଗୀ ପାଠକ ଏବଂ ବିଶ୍ୱସାହିତ୍ୟ ପରିପ୍ରେକ୍ଷୀରେ ଭାରତୀୟ ସାହିତ୍ୟର ଗତିପ୍ରକୃତି ସମ୍ପର୍କରେ ଅବହିତ ଓ ସଚେତନ।

ଓଡ଼ିଆ ସାହିତ୍ୟକୁ ବାହାର ଦୁନିଆରେ ଦେଖାଇବା ଲାଗି, ତା'ପ୍ରତି ଦୃଷ୍ଟି ଆକର୍ଷଣ କରିବା ଲାଗି ତାଙ୍କର ଉତ୍କଣ୍ଠା, ତାଙ୍କ ସମ୍ପାଦିତ Bhubaneswar Reviewର ଗୋଟିଏ ସମ୍ପାଦକୀୟରେ ସ୍ପଷ୍ଟ ହୋଇଥିଲା। ଏହି ପତ୍ରିକା ପ୍ରକାଶର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ- "A major aim of Bhubaneswar Review is to present Oriya literature through translation and discussion". ସେଇ ନିର୍ଦ୍ଦିଷ୍ଟ ସଂଖ୍ୟାଟିରେ ସଂକଳିତ ସାରସ୍ୱତ ସୃଷ୍ଟି ସମ୍ଭାର ସମ୍ପର୍କରେ ସୂଚନା ଦେଇଥିଲେ- This issue carries some representive writings of some important old and new writers of Orissa". ଏଠାରେ ଏତକ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା- ପ୍ରଫେସର ମହାନ୍ତିଙ୍କୁ କେବଳ ଆଧୁନିକ ସାହିତ୍ୟ, ବିଶେଷ କରି କବିତାର ଅନୁରାଗୀ ବୋଲି ଅନେକଙ୍କର ଗୋଟିଏ ଏକପାଖିଆ ଧାରଣା ଥିବାର ଲକ୍ଷ୍ୟ କରାଯାଏ। ମାତ୍ର ଏହା ଠିକ୍ ନୁହେଁ। ସମଗ୍ର ଓଡ଼ିଆ ସାହିତ୍ୟ ଥିଲା ତାଙ୍କର ଆଦରର ଧନ ବା ଗଣ୍ଠିଧନ। ପ୍ରାଚୀନ ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଉଦ୍‌ବେଗ, ଏଇ ସମ୍ପାଦକୀୟର ଗୋଟିଏ ଅଂଶରେ ଲକ୍ଷ୍ୟ କରନ୍ତୁ- "In fact to a large extant the ancient Oriya Literature still remains unmapped, and none of the old authors has been properly edited so far. Thousands of very valuable palm-leaf mamuscripsts still lie scrattered all over Odisha, and as yet no systematic and serious attempt has been made to - collect and preserve them in a central institute where they can be edited". ପରିଶେଷରେ, ଏହି ପତ୍ରିକାଟିର ପରବର୍ତ୍ତୀ ସଂଖ୍ୟାଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ- "In the subsequent

issue of the journal we hope to continue our major interest in Oriya Literature and culture, and that way if we can arouse - enthusiasm and interest in serious workers both inside and outside Odisha, we will feel our labour justified". ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ଓଡ଼ିଆ ଭାଷା ସମୃଦ୍ଧି ତଥା ଏଥିପ୍ରତି ଉଦ୍‌ବେଗ ଓ ଆନ୍ତରିକତାର ତଥା ଏହାର ଉଦ୍ୟମ ସମ୍ପର୍କରେ ସୂଚନା ଦେବାକୁ ଏଇ ଦୀର୍ଘ ଉଦ୍ଧୃତିର ଅବତାରଣା। ତାଙ୍କ ଦ୍ୱାରା ସଂପାଦିତ ଓ ପ୍ରକାଶିତ ଆଉ ଗୋଟିଏ ବହୁଚର୍ଚ୍ଚିତ ପତ୍ରିକା ଥିଲା - ପ୍ରଜ୍ଞା। "ଆଧୁନିକ କବିତା" (୧୯୫୫) ପୁସ୍ତକର ମୁଖବନ୍ଧ ଠାରୁ ଏହି ପତ୍ରିକାର କେତୋଟି ସଂଖ୍ୟାରେ ଆଧୁନିକ କବିତାର ଆଲୋଚନା ଓ ଆଧୁନିକ କବିତା ସମ୍ପର୍କରେ ତାଙ୍କର ମତାମତଗୁଡ଼ିକ ଏକ ସମୟରେ ବହୁ ଚର୍ଚ୍ଚିତ ଥିଲା। କିନ୍ତୁ ଏହାର ପରବର୍ତ୍ତୀ ସଂଖ୍ୟାଗୁଡ଼ିକୁ ଏହି କ୍ରମରେ ଏଡ଼ାଇଯିବା ତାଙ୍କ ପ୍ରତି ତଥା ଓଡ଼ିଆ ସାହିତ୍ୟଚର୍ଚ୍ଚାର ପରମ୍ପରା ପ୍ରତି ଅସମ୍ମାନ ହେବ।

ଜଣେ ଲେଖକ, ଆଧୁନିକ ହୁଅନ୍ତୁ ବା ନ ହୁଅନ୍ତୁ ତାଙ୍କର କୃତିରେ କିଛି ବିଶେଷତ୍ୱ ଦେଖିଲେ, ତାକୁ ଗୁରୁତ୍ୱର ସହିତ ଗ୍ରହଣ କରିବା ଓ ଦେଖାଇଦେବାରେ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ସମକକ୍ଷ ଜଣେ ସମ୍ପାଦକ ଓ ଆଲୋଚକ ବିରଳ। କାଳୀଚରଣ ପଟ୍ଟନାୟକଙ୍କ ଆତ୍ମଜୀବନୀ କୁମ୍ଭାରଚକ ଉପରେ ଆଲୋଚନା ପ୍ରସଙ୍ଗରେ, ସେ ସମଗ୍ର ଓଡ଼ିଆ ସାହିତ୍ୟରେ ଆତ୍ମଜୀବନୀ ଲେଖାର ପରମ୍ପରା ଉପରେ ଆଲୋକପାତ କରି ନାନା ଦିଗରୁ ଏହାର ଆଲୋଚନା କରିଛନ୍ତି। କିନ୍ତୁ ମୁଁ, ଏଠାରେ କହିବାକୁ ଲୋଡୁଛି ତାଙ୍କର ଓଡ଼ିଆ ଗଦ୍ୟଭାଷା ଓ ତା'ର ପରମ୍ପରା ସମ୍ପର୍କରେ ଦୃଷ୍ଟିକୋଣ କଥା। ସେ କାଳୀଚରଣଙ୍କ ଭାଷା ବିଷୟରେ ଲେଖିଛନ୍ତି- "ଏହାର ଭାଷା ଯାହାକି ଓଡ଼ିଆ ଗ୍ରାମ୍ୟ ଜୀବନର ସଂହତି, ସଚେତନତା ଓ ପ୍ରାଣଶକ୍ତିରେ ସଂଜୀବିତ ଓ ଏହାହିଁ ବୋଧହୁଏ କୁମ୍ଭାର ଚକର ପ୍ରଧାନ ତମ ଶକ୍ତି।" ସେ - କାଳୀବାବୁଙ୍କ ଭାଷାର ଦୃଷ୍ଟାନ୍ତ ଉଦ୍ଧାର କରିଛନ୍ତି। ଉଲ୍ଲେଖ କରିଛନ୍ତି - "ଫକୀର ମୋହନଙ୍କ ଭାଷାର ନିର୍ଲିପ୍ତତା, ପରିଚ୍ଛନ୍ନତା, ଲୁକ୍କାୟିତ ରହସ୍ୟପ୍ରିୟତା ଏଠାରେ ଲକ୍ଷ୍ୟ କରାଯାଇପାରେ; ସେହିପରି ଅନ୍ୟତ୍ର ଅନ୍ୟ ଭାବରେ ଭାଷାର ଏହିଗୁଣ ବୁଝିବାକୁ ପାଠକକୁ ବିଶେଷ କଷ୍ଟ ହୁଏନା। ଯେପରି ୧୦୫ ପୃଷ୍ଠାରେ - ପକ୍କା ସଡ଼କ ବୋଲନ୍ତେ ଧୂଳି ବଲବଲ ରାସ୍ତା। ବର୍ଷାପାଣି ମୁନ୍ଦିଏ ପଡ଼ିଗଲେ ବାଟରେ ଅଟକାଳି ତିଆରି ହୋଇଯାଏ, ବିଶେଷକରି ବାଲୁବଜାର ବାଟ ଖଣ୍ଡକରେ। ସାବଧାନରେ ଜଗି ଜଗି ନଗଲେ ବର୍ଷାଦିନରେ ବି ହୋରି ଖେଳଟା ବାହୁଡ଼ି ଆସେ।" ପୁଣି ମନ୍ତବ୍ୟ ଦେଇଛନ୍ତି- "ଏହି ଭାଷାର ଐତିହ୍ୟ ଓଡ଼ିଆ ସାହିତ୍ୟର ଅନ୍ୟତମ ଶକ୍ତିଶାଳୀ ଧାରା ଯାହାକି ସାରଳା ଓ ବଳରାମଙ୍କଠାରୁ ଫକୀରମୋହନ ଓ ଗୋପୀନାଥ ମହାନ୍ତିଙ୍କ ପର୍ଯ୍ୟନ୍ତ ପ୍ରସାରିତ ଓ କୁମ୍ଭାର ଚକ ଏହି ଐତିହ୍ୟରେ ନୂତନତମ ସଂଯୋଜକ।" ସମଗ୍ର ଓଡ଼ିଆ ସାହିତ୍ୟ ଓ ତା'ର ପରମ୍ପରାକୁ ଦୃଷ୍ଟିରେ ରଖି, ତା ଭାଷାର ଶକ୍ତି ଓ ସମ୍ଭାବନାକୁ ଅନୁଭବ କରି ଜଣେ ଲେଖକଙ୍କର ଗୋଟିଏ କୃତିକୁ ବିଚାର କରିବାରେ କି ଅଦ୍‌ଭୂତ ନିପୁଣତା !

ପ୍ରଫେସର ବିଧୁଭୂଷଣ ଦାସ ଥିଲେ ଟି.ଏସ୍. ଇଲିୟଟଙ୍କର ଜଣେ ଅନୁରାଗୀ ବିଦ୍ୱାନ୍ । ତାଙ୍କର ଛାତ୍ରମାନଙ୍କ ଭିତରୁ ଯେଉଁମାନେ କବିତା ଲେଖୁଥିଲେ, ସେମାନେ ତାଙ୍କର ଇଲିୟଟଙ୍କ ଚିନ୍ତା, ଚେତନା ଓ ଶୈଳୀ ସମ୍ପର୍କୀୟ ଆଲୋଚନାରେ ପ୍ରଭାବିତ ହୋଇଥିବା ସ୍ୱାଭାବିକ। ଅପ୍ରତ୍ୟାଶିତ ଭାବେ ଧାରଣାର ବା ଅଭିବ୍ୟକ୍ତିର ସମ୍ମିଶ୍ରଣ ବା ବୈଷମ୍ୟ-ପ୍ରଦର୍ଶନ, ଶ୍ଳେଷ ଭାଷା ବା ନିହିତ ଅର୍ଥକୁ ଶକ୍ତିଶାଳୀ, ରହସ୍ୟାତ୍ମକ ବା ବ୍ୟଙ୍ଗାତ୍ମକ କରିବା ପାଇଁ ଏହାର ବିପରୀତ ଅର୍ଥବୋଧକ ଶବ୍ଦର ପ୍ରୟୋଗ, ଆଧୁନିକ ପରିବେଶରେ ଚିନ୍ତା ଚେତନା ବା ବିଚାର ବିଶ୍ଳେଷଣର ଉ□ାପନା ପ୍ରତି ଆକର୍ଷଣ ଏ ଦିଗରେ କବିତା ରଚନାର ଧାରାକୁ ବାଟେଇ ଦେଇଛି। ଗୁରୁପ୍ରସାଦ ମହାନ୍ତି ତାଙ୍କର 'ଚମ୍ପାଫୁଲ' କବିତାଟି ତାଙ୍କର ଗୋଟିଏ ଇଂରାଜୀ ଟିଉଟୋରିଆଲ୍ କ୍ଲାସ୍‌ରେ ଖାତାରେ ଲେଖିଥିଲେ। ତା' ଉପରେ ବିଧୁବାବୁଙ୍କର ଦୃଷ୍ଟି ପଡ଼ିଲା। ସେ କବିତାଟି ପଢ଼ି ଅଭିଭୂତ ହୋଇଗଲେ ଏବଂ ତାଙ୍କୁ ନୂତନ ଧାରାରେ କବିତା ଲେଖିବାକୁ ଉତ୍ସାହିତ

କରିଥିଲେ। ଭାନୁଜୀ ରାଓ ମଧ୍ୟ ବିଧୁବାବୁଙ୍କ ଛାତ୍ର। ଯତୀନ ବାବୁ ଏମାନଙ୍କର ସମସାମୟିକ ଓ ବିଧୁବାବୁଙ୍କର ଛାତ୍ର। ପୁଣି ଇଲିୟଟ ୧୯୪୮ରେ ନୋବେଲ ପ୍ରାଇଜ୍ ପାଇଥିବାରୁ ଏବଂ ଭାରତୀୟ ସଂସ୍କୃତି ପ୍ରତି ଆଭିମୁଖ୍ୟ ତାଙ୍କ କବିତାରେ ପ୍ରତିଫଳିତ ହୋଇଥିବା ଆଦି ନାନା କାରଣରୁ ଭାରତୀୟ ବିଦ୍ୱାନ ଓ କବିମାନେ ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ। ସେ ଯାହାହେଉ, ୧୯୫୫ରେ ଗୁରୁପ୍ରସାଦ ମହାନ୍ତି ଓ ଭାନୁଜୀ ରାଓଙ୍କର କେତୋଟି କବିତାକୁ ନେଇ ଗୋଟିଏ କବିତା ସଂକଳନ ପ୍ରକାଶ କରିବା ଏବଂ ତା'ର ନାମ 'ନୂତନ କବିତା' ରଖି ମୁଖବନ୍ଧରେ ଇଲିୟଟ୍‌ଙ୍କ ଧାରା ଅନୁସାରେ ତା'ର ବିଚାର କରି ଆଧୁନିକ କବିତାର ଧାରା ସମ୍ପର୍କରେ ଧାରଣା ଦେବା ଓଡ଼ିଆ ପାଠକ ଓ କବିମାନଙ୍କର ଦୃଷ୍ଟିକୋଣକୁ ସେ ଦିଗରେ ପ୍ରଭାବିତ କରିବା ଭଳି ଆଲୋଚନା କରି, ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ବିଶେଷ ଆଲୋଚ୍ୟ ହୋଇଥିଲେ ଏବଂ 'ପ୍ରଜ୍ଞା' ପତ୍ରିକା ମାଧ୍ୟମରେ ନିଜର ଚିନ୍ତା ଓ ବିଚାର ଧାରାକୁ ବଳିଷ୍ଠ ଓ ସ୍ୱଷ୍ଟ ଭାବରେ ଉପସ୍ଥାପିତ କରିଥିଲେ। ସମ୍ଭବତଃ ଟି.ଏସ୍. ଇଲିୟଟ୍‌ଙ୍କ 'ୱେଷ୍ଟ ଲ୍ୟାଣ୍ଡ' ପଢ଼ି, ସେହି ଦୃଷ୍ଟିକୋଣ ଓ ଶୈଳୀରେ ପ୍ରଭାବିତ ହୋଇ ଗୁରୁପ୍ରସାଦ ମହାନ୍ତି, ତାଙ୍କର ଅନନ୍ୟ ସାଧାରଣ ଦୀର୍ଘ କବିତା 'କାଳପୁରୁଷ' ଲେଖିଥିଲେ। ୧୯୬୦ରେ 'ପ୍ରଜ୍ଞା' ପତ୍ରିକାରେ ଏହା ପ୍ରକାଶିତ ହୋଇଥିଲା ଓ ବହୁଚର୍ଚ୍ଚିତ ହୋଇଥିଲା। ତେଣୁ ଯତୀନବାବୁ କେବଳ ଆଧୁନିକ କବିତା ଏବଂ ଓଡ଼ିଆ ସାହିତ୍ୟ ବିଶେଷତଃ କବିତାରେ ପାଶ୍ଚାତ୍ୟ ସାହିତ୍ୟର ଆଧୁନିକ ବିଚାର ଶୈଳୀ ଓ ଭାବଧାରାର ଅନୁପ୍ରବେଶ ପ୍ରୟାସୀ ବୋଲି ଧାରଣା ସୃଷ୍ଟି ହୋଇଥିଲା। କିନ୍ତୁ ୧୯୫୫ରୁ ୨୦୧୨ ମଧ୍ୟରେ ତାଙ୍କର ମୌଳିକ ସମାଲୋଚନା, ପ୍ରାଚୀନ ଓଡ଼ିଆ କାବ୍ୟ ସଂଭାର, ଓଡ଼ିଆ ତତ୍ତ୍ୱସାହିତ୍ୟ, ଓଡ଼ିଆ ଗଦ୍ୟ ସାହିତ୍ୟ, ଆଧୁନିକ ଓ ପ୍ରାଚୀନ କବିତା ସଂକଳନ, ପ୍ରାଚୀନ ଓ ଆଧୁନିକ ନାଟକ ସଂକଳନ, ସାରଳା ଦାସଙ୍କ ରଚନା ସମ୍ଭାର ପ୍ରଭୃତି ସଂକଳନ ଓ ତା'ର ପାଣ୍ଡିତ୍ୟପୂର୍ଣ୍ଣ ମୁଖବନ୍ଧ ସମେତ ଓଡ଼ିଆ ସାହିତ୍ୟର ଇତିହାସ ପ୍ରକାଶ ଫଳରେ ତାଙ୍କ ସମ୍ପର୍କରେ ଓଡ଼ିଆ ସାହିତ୍ୟର ପାଠକ ଓ ଆଲୋଚକଙ୍କର ସ୍ୱଷ୍ଟଧାରଣା ସୃଷ୍ଟିହେଲା। ବିଭିନ୍ନ ସମୟରେ ପ୍ରକାଶିତ ତାଙ୍କର ବିଭିନ୍ନ ଆଲୋଚନାର ସଂକଳନ 'ସୂର୍ଯ୍ୟସ୍ନାତ' ଉଚ୍ଚକୋଟିର ସମାଲୋଚନା ଗ୍ରନ୍ଥ। ଏଥିପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତି, ତାଙ୍କର ଅନୁରାଗୀ ପାଠକମାନଙ୍କୁ ଆନନ୍ଦିତ କରିଥିଲା।

ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କର ଛାତ୍ର ବା ସହକର୍ମୀ ହେବାର ସୌଭାଗ୍ୟ ମୋତେ ମିଳି ନ ଥିଲା। କିନ୍ତୁ ତାଙ୍କ ସହିତ ମୋର ପରିଚୟ ଥିଲା ଆକସ୍ମିକ ଓ ସମ୍ପର୍କରେ ଆତ୍ମୀୟତା ଥିଲା ଅପାସୋରା। ଅଧ୍ୟାପନା କ୍ଷେତ୍ରକୁ ଆସିବା ପୂର୍ବରୁ, ମୁଁ ଗୋଟିଏ ଭଲ ଲାଇବ୍ରେରିର ପୂର୍ଣ୍ଣ ଦାୟିତ୍ୱରେ ଥିଲି। ସେଠିକି ସେ ସମୟର ସମସ୍ତ ଓଡ଼ିଆ ପତ୍ରପତ୍ରିକା ସହିତ ବାହାରୁ ଏନ୍‌କାଉଣ୍ଟର, ଟାଇମ୍ ଲିଟରାରୀ ସପ୍ଲିମେଣ୍ଟ, ନ୍ୟାସ୍‌ନାଲ ଜୋଗ୍ରାଫିକ୍ ଠାରୁ ଭାରତରେ ପ୍ରକାଶିତ ଅନେକ ଇଂରାଜୀ ସମ୍ବାଦପତ୍ର ଓ ପତ୍ରିକା ଆସୁଥିଲା। ଲାଇବ୍ରେରିର ପୁସ୍ତକ ସଂଗ୍ରହ ମଧ୍ୟ ଉନ୍ନତ ସ୍ତରର ଥିଲା। ଓଡ଼ିଆ, ବଙ୍ଗଳା, ଇଂରାଜୀରେ ବହୁ ବହି ତ ଥିଲା, ତା ସହିତ ଜେମ୍ସଫ୍ରିଜରଙ୍କର ଗୋଲ୍‌ଡ଼େନ୍ ମେ, ଉଇଲ ଡୁରାଣ୍ଟଙ୍କର ଷ୍ଟୋରି ଅଫ୍ ସିଭିଲାଇଜେସନ, ଟୟନବିଙ୍କର ଷ୍ଟଡ଼ି ଅଫ ହିଷ୍ଟ୍ରି ଆଦି ବହୁ ଗ୍ରନ୍ଥ ଓ ଅନେକ ପ୍ରକାରର ଏନ୍‌ସାଇକ୍ଲୋପେଡ଼ିଆ ଥିଲା। ପରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇଥିବା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଜଣେ ଇଂରାଜୀ ଅଧ୍ୟାପକ, ଯିଏକି ମୋର ଜଣେ ଘନିଷ୍ଠ ବନ୍ଧୁ ଥିଲେ ଓ ଭୁବନେଶ୍ୱର ଆସିଲେ ମୋ' ସହିତ ରହୁଥିଲେ, ତାଙ୍କରି - ମାଧ୍ୟମରେ ଯତୀନ ବାବୁଙ୍କ ସହିତ ମୋର ପରିଚୟ ହୋଇଥିଲା, ବୋଧହୁଏ ୧୯୬୫ ବେଳକୁ, ଯେତେବେଳେ ସେ ଥିଲେ ବି.ଜେ.ବି. କଲେଜର ଇଂରାଜୀ ଅଧ୍ୟାପକ ଓ ତାଙ୍କ ଦାଦାଙ୍କ ଘରେ ରହୁଥିଲେ। ତାଙ୍କ ରହିବା ସ୍ଥାନଟି ଥିଲା, ମୋ ଲାଇବ୍ରେରି ପାଖାପାଖି। ତେଣୁ ଆମର ଯିବା ଆସିବା ଓ ଆଲୋଚନା ବାଟେ କ୍ରମେ ପରିଚୟ ଘନିଷ୍ଠ ହେଲା। ସେତେବେଳେ ମୋର ଆବଶ୍ୟକତା ଥିଲା ପଢ଼ିବା ପାଇଁ ବହି ଓ ସ୍ୱଚ୍ଛନ୍ଦରେ ଚଳିଯିବା ଭଳି

ଉପାର୍ଜନ। ତେଣୁ ମୁଁ ମୋ ଅଧ୍ୟୟନର ପରିସର ବଢ଼ାଇ ବେଶ୍ ଆନନ୍ଦରେ ଥିଲି ଓ ସମରୂପି - ସମ୍ପନ୍ନ ବ୍ୟକ୍ତିମାନଙ୍କ ସହିତ ମିଶୁଥିଲି। ଅଧ୍ୟାପକ ହେବା ପୂର୍ବରୁ ଏହି ଲାଇବ୍ରେରି ଓ ଯତୀନ ବାବୁଙ୍କ ସହିତ ସମ୍ପର୍କ ଥିଲା ମୋ ଜୀବନର ଅମୂଲ୍ୟ ଅନୁଭୂତି ଓ ପରବର୍ତ୍ତୀ ଜୀବନର ପୃଷ୍ଠଭୂମି। ତାଙ୍କ ଆଗ୍ରହ ପାଇଁ ମୋର ଦୁଇ ଖଣ୍ଡି ବହି ବ୍ରତ ସାହିତ୍ୟ ଓ ଓଡ଼ିଆ ଲୋକ ଗଳ୍ପ ଓଡ଼ିଶା ଓ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ପ୍ରକାଶିତ ହୋଇଥିଲା। ମୁଁ ନୟାଗଡ଼ କଲେଜରେ ଅଧ୍ୟାପକ ଥିବା ସମୟରେ ଭୁବନେଶ୍ୱର ବା କଟକ ଆସିଲେ, ତାଙ୍କୁ ଭେଟୁଥିଲି। ମୋ ଅଧ୍ୟୟନର ପରିସର ଓ ଅନୁରାଗ, ଏବଂ କେବେ କେବେ ଆଲୋଚନା ପାଇଁ ତାଙ୍କର ମୋ ପ୍ରତି ଶ୍ରଦ୍ଧା ଜନ୍ମି ଥିଲା।

ମୁଁ ଭାରତୀୟ ଭାଷାକେନ୍ଦ୍ର ମହୀଶୂରକୁ, ୧୯୭୨ରେ ସୋସିଓ ଲିଙ୍ଗୁଇଷ୍ଟିକ୍ସ ସେମିନାର ତଥା ୱାର୍କସପରେ ଯୋଗ ଦେବାକୁ ଯାଇଥିଲି। ଭୁବନେଶ୍ୱର ପୂର୍ବାଞ୍ଚଳ ଭାଷାକେନ୍ଦ୍ରର କେତେଜଣ ଅଧ୍ୟାପକ ମଧ୍ୟ ସେଠାକୁ ଯାଇଥିଲେ। ସେମାନଙ୍କ ସହିତ ପରିଚୟ ହୋଇଥିଲା। ସେତେବେଳେ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି ଥିଲେ, ସେଇ ଭାଷା କେନ୍ଦ୍ରର ଅଧ୍ୟକ୍ଷ। ମହୀଶୂରରେ ପ୍ରାୟ ଛ ସପ୍ତାହ କଟାଇବା ଭିତରେ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ସହିତ ପରିଚୟ ହେଲା ଏବଂ ଭାରତୀୟ ଭାଷା ସଂସ୍ଥାନ ଓ ପୂର୍ବାଞ୍ଚଳର ଭାଷା କେନ୍ଦ୍ର ସମ୍ପର୍କରେ ଜାଣିଲି। ପରେ ସଂଯୋଗ କ୍ରମେ ସେଥିରେ ଯୋଗ ଦେଲି ୧୯୭୩ ଜୁଲାଇ ମାସରେ। ମୁଁ ଯୋଗ ଦେବାର ବୋଧ ହୁଏ ମାସେ ଦୁଇ ମାସ ପୂର୍ବରୁ ଯତୀନ୍‌ବାବୁ ପୂର୍ବାଞ୍ଚଳ ଭାଷା କେନ୍ଦ୍ରରୁ ବିଦାୟ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରଜୀ ବିଭାଗରେ ଯୋଗ ଦେଇଥିଲେ। ମୁଁ ଭୁବନେଶ୍ୱର ଆସିବା ଫଳରେ, ବିଶେଷ କରି ତାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପୂର୍ବାଞ୍ଚଳ ଭାଷାକେନ୍ଦ୍ରରେ କାର୍ଯ୍ୟ କରିବା ଫଳରେ, ତାଙ୍କ ସହିତ ଯୋଗାଯୋଗ ବଢ଼ିଥିଲା। ତାଙ୍କ ସହିତ ଅନୁଭୂତି ତ ଅନେକ। କିନ୍ତୁ ଗୋଟିଏ ଦିନର ଅନୁଭୂତି, ଏବେ ତାଙ୍କର ଅବର୍ତ୍ତମାନରେ ଆଲୋଡ଼ିତ କରୁଛି।

ଯତୀନ୍‌ବାବୁ ଥିଲେ ମୋର ଜଣେ ପରମ ହିତାକାଂକ୍ଷୀ ଓ ଗୁରୁଜନ। ବହୁ ଘଟଣାରେ ତାଙ୍କର ଉତ୍ସାହ ଓ ପରାମର୍ଶ ପାଇଛି। ମୁଁ ପୂର୍ବାଞ୍ଚଳ ଭାଷାକେନ୍ଦ୍ରରୁ ଅବସର ନେବା ଏବଂ ପରିସ୍ଥିତିରେ ପଡ଼ି ମୋର ଲକ୍ଷ୍ମୀସାଗର ଘରଟିକୁ ବିକ୍ରି କରିବା ପରେ, ରସୁଲଗଡ଼ଠାରେ ବର୍ତ୍ତମାନ ରହୁଥିବା ଘରେ ଥିବା ବେଳେ ଯତୀନ୍ ବାବୁ ଆସିଥିଲେ। କହିଲେ- "ମୁଁ ଆପଣଙ୍କୁ ବରାବର କହୁଛି, ଘରଟି ତ ବିକିଦେଲେ, ଏବେ - ଘରଟିଏ କିଣନ୍ତୁ, ଭୁବନେଶ୍ୱରରେ ଆପଣଙ୍କର ରହିବା ଦରକାର ଏବଂ ତାହା ନିଜ ଘରେ। ମୋତେ ବିଜି କହୁଥିଲା ତୁମେ ଅରବିନ୍ଦ ବାବୁଙ୍କୁ କାହିଁକି କ'ଣ କହୁଛ। ସେ କ'ଣ ତୁମ କଥା ଶୁଣୁଛନ୍ତି ? ସେ କହିଲେ- ନାଇଁ, ସେ ଜଣେ ଗୁଡ୍ ଫ୍ରେଣ୍ଡ୍, ଗୁଡ୍ ପରସନ୍, ତେଣୁ ମତେ ଯାହା ଭଲ ଦିଶୁଛି କହିବି। ତେଣିକି ସେ ମୋକଥା ରଖିଲେ ରଖନ୍ତୁ, ନ ରଖିଲେ ନାଇଁ।" ସେଦିନ ବଡ଼ ଆନ୍ତରିକ ସ୍ୱରରେ ସେ ଏତକ କହିଥିଲେ। ଏତେ ସ୍ନେହ, ଏତେ ଆନ୍ତରିକତା ! ଏବେ ବି ତାଙ୍କ ସ୍ୱର, ସେଇ ବାକ୍ୟଗୁଡ଼ିକ କାନରେ ବାଜିଗଲା ପରି ଲାଗୁଛି, ହୁଏତ ହୋଇପାରେ ମନର ଆକର୍ଷଣ ବା ସ୍ମୃତିର ପ୍ରଭାବ।

ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ଦେହାନ୍ତର ପ୍ରାପ୍ତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଜଣେ ବିରଳ ସାଧକଙ୍କୁ ହରାଇଲା। ସେ ଦୁଇଟି ମୌଳିକ ଉପନ୍ୟାସ ଏବଂ ଇଂରାଜୀ ତଥା ଓଡିଆରେ ଅନେକ ଗ୍ରନ୍ଥ ସମୟ ହାତରେ ସମର୍ପି ଯାଇଛନ୍ତି, ଯାହା ସେଇ ହାତରେ ଚିର ଜାଜ୍ଜ୍ୱଲମାନ ରହିବ। ତାଙ୍କର ଅମୂଲ୍ୟ ସ୍ମୃତି ଓ ସାନ୍ନିଧ ମୋତେ ବହୁଦିଗରୁ ଋଣୀ କରିଛି। ମୁଁ ତାଙ୍କର ଦିବଂଗତ ଆତ୍ମାକୁ ମୋର ସସମ୍ମାନ ପ୍ରଣାମ ଜଣାଉଛି ଓ ସ୍ମରଣ କରୁଛି ତାଙ୍କର ଅସାଧାରଣ ସାଧନା ଓ ବିରଳ ପ୍ରତିଭାକୁ।

ଗୁଞ୍ଜନ ପାଲେସ, ବମିଖାଲ, ଭୁବନେଶ୍ୱର

ମୋ:୯୨୩୮୯୪୭୫୬୦

ମୃତ୍ୟୁଞ୍ଜୟୀ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି

ଇନ୍ଦ୍ରମଣି ଜେନା

ସାହିତ୍ୟକାର ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ସହ ଅଳ୍ପ ଦିନ କେତେଟାର ପରିଚୟ। ତାଙ୍କୁ ଭେଟିବା ପୂର୍ବରୁ ତାଙ୍କର ସଂକଳିତ 'ପ୍ରାଚୀନ ଓଡ଼ିଆ କବିତା ସମ୍ଭାର' ପୁସ୍ତକଟି ଦେଖିଥିଲି। ବହିଟିର ଉଦ୍ଦେଶ୍ୟ ଓ ଲେଖକଙ୍କର ମାତୃଭାଷା ପ୍ରତି ମନୋଭାବ ସହଜରେ ଅନୁମେୟ। ତାଙ୍କ ବିଷୟରେ ମୋତେ ପ୍ରଫେସର ଅଭିନ୍ନ ସାହୁ କହିଥିଲେ। ଯତୀନ ବାବୁ ଅଭିନ୍ନ ବାବୁଙ୍କୁ କଲେଜରେ ପଢ଼ାଉଥିଲେ।

ମୁଁ ଯେତେବେଳେ ପ୍ରଫେସର ମହାନ୍ତିଙ୍କୁ ଦେଖିଲି, ପରିଚୟ ଦେଲି, ମୋ ସହଧର୍ମିଣୀ ବିଜୟିନୀର ତାଙ୍କ ଝିଅ ଓ ଜ୍ୱାଇଁଙ୍କ ସହିତ ଭଲରେ ଜଣାଶୁଣା ଆଉ ଆମ ପରିବାର ସହ ସେମାନେ ପରିଚିତ।

ପ୍ରଫେସର ମହାନ୍ତିଙ୍କ ଶେଷ ଜୀବନର କେତେ ଗୁଡ଼ିଏ ଦିନରେ ମୁଁ ତାଙ୍କୁ ଦେଖିଛି। ଖୁବ୍ ନିର୍ବେଦ ଆଉ ନିଜ ଶରୀରର ବିଭିନ୍ନ ଯନ୍ତ୍ରଣାକୁ ଖାତିର କରନ୍ତିନି। ମୋର ବୈଷୟିକ ଜ୍ଞାନରେ ମୃତ୍ୟୁର ନିଶ୍ଚିତତାକୁ ମୁଁ ସ୍ୱୀକାର କରେ। ମୃତ୍ୟୁ କେଉଁବାଟ ଦେଇ କିପରି ଆସିବ କେହି କହି ପାରିବ ନାହିଁ। ସମସ୍ତେ ରାଜା ପରୀକ୍ଷିତଙ୍କ ପରି ପରିସ୍ଥିତିରେ ପଡି ମୃତ୍ୟୁର ଶିକାର ହେବେ। ଆମେ ଏଇ ପରିସ୍ଥିତିରେ ନିମିତ୍ତ ମାତ୍ର ଭଗବାନଙ୍କ ଦ୍ୱାରର ସାକ୍ଷୀ।

ସେଇ ଅଳ୍ପ କେତେଥର ଦେଖାରେ ମୁଁ ଯତୀନ୍ଦ୍ର ବାବୁଙ୍କର ବିଶାଳ ହୃଦୟର କିୟଦଂଶ ଦେଖିଛି। ତାଙ୍କର 'ଜନ୍ମାଷ୍ଟମୀ' ପୁସ୍ତକଟିଏ ଆମ ଘରେ ଥିଲା। ଏଇ ପୁସ୍ତକଟି ଉନ୍ମୋଚନ ହେବାଦିନ ଆମ ଘରକୁ ଆସିଥିଲା। ଶବ୍ଦକୋଷ ପରି ବଡ ବହିଟିଏ। ରଙ୍ଗରୂପ ଦେଖି ଭଲ ଲାଗିଲା। ମୁଁ ଅଳ୍ପ କେତେ ପୃଷ୍ଠା ଖୋଲି ପଢିଲି। ଏତେ ପ୍ରାଚୀନ ବିଷୟଟି ଉପରେ ଲେଖକ ଏତେ ବଡ ବହିଟିଏ ଲେଖିଛନ୍ତି। କ'ଣ ଅଛି ତା' ଭିତରେ। ଭାଷା ଆଉ ମୂଲ୍ୟବୋଧର ସୀମା ମଧ୍ୟରେ ରହି ମୁଁ ବିଜୟିନୀକୁ କହିଲି, ପ୍ରଫେସର ମହାନ୍ତି ଏଥିରେ ଖାଲି ଜନ୍ମାଷ୍ଟମୀ ଓ କୃଷ୍ଣଜନ୍ମ ବିଷୟରେ ଲେଖି ନାହାନ୍ତି। ଏଥିରେ ମୁଁ ଦେଖୁଛି ଏ ବହିଟିରେ ଗଣତନ୍ତ୍ର ଆଉ ରାଜନୈତିକ ଦଳଙ୍କ ପାଇଁ ବି କିଛି ଭାଷ୍ୟ ଅଛି। କୃଷ୍ଣଜନ୍ମ ଲମ୍ବିଛି ଆଜିଯାଏ। ଏ କଥା ମୁଁ ପର ଥର ଦେଖାରେ କହିଲି ଲେଖକଙ୍କୁ। ଖୁବ୍ ଖୁସି ହେଲେ। ମୁଁ ଯତୀନ୍ଦ୍ର ବାବୁଙ୍କୁ ତାଙ୍କ ଲେଖା ବିଷୟରେ କେତୋଟି କଥା ପଚାରିଛି। ମୋତେ ଜାଣିନି ତାଙ୍କର ଲେଖନୀର ଶକ୍ତି, ପ୍ରକାଶନ ଆଉ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ତାଙ୍କର ଭୂମିକା। ମୋର ପ୍ରଶ୍ନଟି ଥିଲା ଏଇ ଜନ୍ମାଷ୍ଟମୀ ବିଶାଳ ଗ୍ରନ୍ଥଟି ଆପଣଙ୍କର କେତେ ସମୟ ନେଇଛି ? ମୁଁ ଜାଣିଛି ମାତୃଭାଷା ହୋଇ ବି ଗୋଟିଏ ପଦ ଓଡ଼ିଆ ଲେଖିବାକୁ ଆମକୁ ସାତଥର ଓଡ଼ିଆ ଆଉ ଇଂରାଜୀରୁ ଓଡ଼ିଆ ଶବ୍ଦକୋଷ ଘାଣ୍ଟିବାକୁ ପଡେ। ଅନ୍ୟୁନ ଦୁଇତିନି ବର୍ଷ ଯାଇଛି ଯତୀନ୍ଦ୍ର ବାବୁଙ୍କର ପ୍ରତିଦିନ ଚାରି ପାଞ୍ଚଘଣ୍ଟା ମନସମୁଦ୍ରରୁ ଭାବ ଆଉ ଭାଷା ଛାଣିବାକୁ। ପୁଣି ବହିଟି ଦୁଇ ତିନିଥର ଉତ୍ତାରିଛନ୍ତି ପ୍ରକାଶନ ପୂର୍ବରୁ। ତାଙ୍କର ବିଶାଳ ପୁସ୍ତକ ଗୁଡ଼ିକ ତାଙ୍କୁ କେତେ ଯେ ବ୍ୟସ୍ତ ରଖିଥିବ ମୁଁ ହିସାବ କରିପାରୁନି ଏଯାଏ।

ମୁଁ ଜନ୍ମାଷ୍ଟମୀ ବହିଟିକୁ ଅନ୍ୟଠାରୁ ଆଣିଥିବାରୁ ସେ ବ୍ୟଥିତ ହେଲେ। ଆଉ ଥରକୁ ଥର କେତେକେତେ ବହି ଆଣି ଉପହାର ସ୍ୱରୂପ ଦେଲେ। ତାଙ୍କର ସଂକଳନ, ରଚନା ଆଉ ସବୁ ପ୍ରକାର ବହି ଦେଖି ଶାନ୍ତିଲାଗେ। ବହିଗୁଡ଼ିକ

ଖୋଲି ଦେଲେ ମନ ପୂରିଯାଏ। ମୁଁ ତାଙ୍କ ବହିର ତାଳ ସହିତ ଦେଖେ ଓଡ଼ିଆ ଭାଷାର ଉତ୍ପତ୍ତି ଆଉ ପ୍ରଗତି। ଆମ ପାଠ ବହି ପରି ମୋଟାମୋଟା ବହି ଦେଖିଲେ ମୋତେ ବହୁତ ଭଲ ଲାଗେ। ଓଜନଦାର ବହି ଆଉ ଚଟି ବହିଟିଏ ଦେଖିଲେ ଢେମାଦେଇ କାନ୍ଦ ବୋଲି ହସରେ ସମସ୍ତେ କହନ୍ତି।

ଆଉ ଥରେ ପ୍ରଫେସର ମହାନ୍ତିଙ୍କୁ ପଚାରିଲି, ଆପଣଙ୍କ ପ୍ରକାଶିତ ବହିଗୁଡ଼ିକର ରୂପ ଆଉ ଅଭ୍ୟନ୍ତର ଖୁବ୍ ସୁନ୍ଦର ହୋଇଛି। ଖୁବ୍ କମ୍ ବହି ଏପରି ହୋଇଥାଏ। ମୋତେ ଲାଗୁନି ସାରା ବହିଟିରେ ଗୋଟିଏ ଶବ୍ଦତ୍ରୁଟିଥିବ। ହସି ହସି ମୋତେ କହିଲେ, ଅସମ୍ଭବ, ଯେତେ ପ୍ରୁଫ୍ ପଢ଼ିଲେ ପଢ଼େଇଲେ ବି ମୁଦ୍ରଣ ବାଲାଙ୍କୁ ଯେତେ ଠିକ୍ ଶବ୍ଦ ଲେଖି ଦେଲେ ବି ଦି ଚାରିଟା ଦୋଷ ନ ରଖିବେ ତ ମୁଦ୍ରଣାଳୟ କଅଣ?

ଶେଷଥର ମୋତେ କହିଯାଇଥିଲେ ମୁଁ ଦି ସପ୍ତାହ ପରେ ଆସିବି। ବ୍ୟସ୍ତତା ହେତୁ ମୁଁ ଭୁଲିଗଲି। ଯେତେବେଳକୁ ଦେଖିଲି ଚାରି ସପ୍ତାହ ଗଲାଣି, ମୋ ମନରେ ଧାରଣା ଆସିଲା, ପ୍ରଫେସର ମହାନ୍ତି ନ ଆସିଲେ ମାନେ ଘରେ ନାହାନ୍ତି। ଖବର ଦେଲି ମୋର ସାଙ୍ଗ ଖଗେନ୍‌କୁ। ତାଙ୍କର ସଂପର୍କୀୟ ଭାଇ। ସେ ମୋତେ ଦୁଃଖର ସହ ପୂର୍ବଦିନର ଦୁଃସମ୍ବାଦଟି ଦେଲେ। ଫିକା ପଡିଗଲା ମନଟା ମୋର। କାଲିର ପ୍ରଫେସର ଯତୀନ୍ଦ୍ର ମହାନ୍ତିଙ୍କ ସହ ଏତେ କଥାବାର୍ତ୍ତା। ଆଜିର ଶୂନ୍ୟତା।

ମୁଁ ଗ୍ରହଣ କରି ପାରିନି ତାଙ୍କର ମୃତ୍ୟୁକୁ। ଶୁଣିଲି ଶ୍ରୀମତୀ ମହାନ୍ତିଙ୍କ ଠାରୁ ଯତୀନ୍ଦ୍ର ବାବୁ ଶେଷ ସମୟରେ ଡାକ୍ତରଖାନାରୁ କହୁଥିଲେ, ଆମ ଡାକ୍ତର ବାବୁଙ୍କୁ ଖବର ଦେଇଦିଅ ଆମେ ଏଠାରେ ଅଛେ ବୋଲି।

ଅଳ୍ପ ଦିନର ଦେଖା ସାକ୍ଷାତ୍‌ରେ ମୁଁ ତାଙ୍କର ବିଶାଳ ବ୍ୟକ୍ତିତ୍ୱକୁ ଚିହ୍ନିପାରିଲି। ତାଙ୍କ ସହ କଥାବାର୍ତ୍ତା ବେଳେ ତାଙ୍କର ଦର୍ଶନ, ଗବେଷଣା ଆଉ ଅଭିଲେଖା ମୋ ପାଇଁ ଆଦର୍ଶ ଥିଲା। ତାଙ୍କର ସମସ୍ତ କୃତିର କଳନା ମୁଁ କରିପାରୁନି, ମହାନ ପୁରୁଷ ସେ ଓଡ଼ିଆ ଭାଷାକ୍ଷେତ୍ରରେ।

ମୋତେ ଲାଗୁଛି ସମୁଦ୍ର ଆଗରେ ଶଂଖେ ପାଣି ଧରି ପାଣିର ବିସ୍ତୃତି ସମ୍ପର୍କରେ ମୁଁ ଆଲୋଚନା କରୁଥିଲି।

ଡୁମଡୁମା (ଏ), ଖଣ୍ଡଗିରି, ଭୁବନେଶ୍ୱର
ମୋ: ୯୪୩୮୦୦୭୫୦୯

ଯତୀନ ସାର୍‌ଙ୍କ ସ୍ମରଣେ

ରତ୍ନାକର ରାଉତ

ଆଜି ରବିବାର। ଅନେଇ ଅନେଇ ରହିଲି। ସାଢ଼େ ଏଗାର, ବାର, ଏମିତି ଏମିତି ଗୋଟାଏ ବାଜିଗଲା। ଆପଣ ଆସିଲେ ନାହିଁ। ଭାବିଲି, ଏବେ ନ ଆସିଲେ ନାହିଁ, ସନ୍ଧ୍ୟା ସାଢ଼େ ପାଞ୍ଚ କିମ୍ବା ଛଅ ବେଳକୁ ନିଶ୍ଚୟ ଆସିବେ। ସନ୍ଧ୍ୟାରେ କିଛି କାମ ରଖିନାହିଁ।

ପତ୍ନୀ ଓ ପିଲାଏ ବଜାରକୁ ଗଲେ। ତାଙ୍କୁ ମନାକଲି, ମୁଁ ଯିବିନାହିଁ। ଆପଣଙ୍କ ଅପେକ୍ଷାରେ ରହିଲି। ବାରମ୍ବାର ଗ୍ରିଲ୍ ପାଖକୁ ଯାଇ ଗେଟ୍ ଆଡ଼କୁ ଚାହିଁଲି ପଲିଥିନ୍‌ଟିଏ ହାତରେ ଧରି ଅଟୋରୁ ଓହ୍ଲେଇ ଧୀରେ ଧୀରେ ଆପଣ ଆସିଲେ ନାହିଁ। ମୁଁ ମଧ୍ୟ ଆପଣଙ୍କୁ ଦେଖୁ ଦେଖୁ ସହଳଯାଇ ଗ୍ରିଲ୍ ଖୋଲି ଦେଲି ନାହିଁ।

ଏହା ଭିତରେ ଲେଖିଥିବା ଚାରି ପାଞ୍ଚଟି କବିତା ମୁଁ ବାରମ୍ବାର ପଢିଲି। କେଉଁଠି କ'ଣ ସଂଶୋଧନ ଦରକାର ଥିଲା କଲି, କାଳେ ଆପଣଙ୍କ ମନକୁ ଛୁଇଁବ ନାହିଁ। ଆପଣ କହିବେ, ଏଇଟା କାହିଁକି ଏମିତି ଲେଖିଲେ? ଆପଣଙ୍କ ପାଖରୁ ଏପରି ଲେଖା ଠିକ୍ ଲାଗୁନାହିଁ।

ମୁଁ କବିତା ପଢ଼ିବା ବେଳେ ଆପଣ ନିମଗ୍ନ ଚିତ୍ତରେ ଶୁଣିବେ ଏବଂ ମୋତେ କହିବେ, ଏ ଗୋଟେ ନୂତନ ଧାରା। ସାମାଜିକ ସମସ୍ୟାକୁ ନେଇ ସାମ୍ପ୍ରତିକ କବିତା ସବୁ ଲେଖାହେବା କଥା। କ'ଣ ଗୁଡ଼ାଏ ଆବୁରୁଜାବୁର ଯିଏ ଯାହା ପାରିଲା ଇଆଡୁ ସିଆଡୁ ଲେଖୁଛନ୍ତି।ମାତ୍ର ଆପଣ ଯେଉଁ ଚରିତ୍ର ତିଆରି କରିଛନ୍ତି ନନ୍ଦଦାସ, ତାକୁ କେନ୍ଦ୍ର କରି ଏବେର ମଣିଷର ସମସ୍ୟା କଥା କୁହନ୍ତୁ। ଆଦୌ ସେ ଧାରାରୁ ବିଚ୍ୟୁତ ହୁଅନ୍ତୁ ନାହିଁ।

ଏ ଆମର ପ୍ରତିଥର ସାକ୍ଷାତରେ ହେଉଥିବା କଥା। ଏମିତି ଚାହିଁ ଚାହିଁ ରାତି ଆଠଟା ବାଜିଲା, ଆପଣ ଆସିଲେ ପ୍ରତିଥର ବିଳମ୍ବିତ ସନ୍ଧ୍ୟାରେ ଯେତେବେଳେ ଫେରନ୍ତି। ମୁଁ ନିରାଶ ହେଲି।

ପତ୍ନୀ ଓ ପିଲାମାନେ ବଜାରରୁ ଫେରି ପଚାରିଲେ, ତୁମ ସାର୍ ଆସିଲେ, ମୁଁ କହିଲି କ'ଣ ହେଲା କେଜାଣି ଦୁଇ ମାସ ହେଲାଣି ଦେଖାନାହିଁ। ଜୁଲାଇ ମାସ ଚଉଦ ତାରିଖରେ ଆସିଥିଲେ। ମୁଁ କହିଥିଲି ପନ୍ଦର ତାରିଖ ରବିବାର ଦିନ ତାଙ୍କ ଘରକୁ ଯିବି। ଅନେକ କଥା ଥିଲା। ସେଦିନ ଆଲୋଚନା କରିବାକୁ ସେ କହିଯାଇଥିଲେ। ମୁଁ କାର୍ଯ୍ୟ ବ୍ୟସ୍ତତା ପାଇଁ ବ୍ୟସ୍ତ ରହି ଯାଇ ପାରିଲି ନାହିଁ। ବୋଧହୁଏ ସେ ଅଭିମାନ କରିଥିବେ। ସେଥିପାଇଁ ଆସୁନାହାନ୍ତି।

ଏମିତି କଥା ହେଉ ହେଉ ମୁଁ ଯାଇ ଟେଲିଫୋନ୍ ଧରିଲା ବେଳକୁ, ମୋ ବଡ଼ ଝିଅ ପଚାରିଲା ବାପା, କାହାକୁ ଟେଲିଫୋନ୍ କରୁଛ? ସେ ମୋ ହାତରୁ ଛଡ଼େଇ ନେଲା ଟେଲିଫୋନ୍ ରିସିଭର। ସମ୍ଭବତଃ ତା'ର ମନେ ପଡିଗଲା କି କ'ଣ କେଉଁ ଗୋଟେ ଘଟଣା ଯାହାକି ଆମେ ସମସ୍ତେ ସେଦିନ କେମିତି ପାସୋରି ଯାଇଥିଲୁ।

ସହଜରେ ଗ୍ରହଣ କରିହେଉ ନଥିବା ଘଟଣାକୁ କ'ଣ ବିଶ୍ୱାସ କରିହୁଏ? ମୋର ମନେ ପଡିଗଲା ଆପଣଙ୍କ ବାହୁଡିଯିବା କଥା। ଏବେ ମୋର ଭ୍ରମକୁ ସୁଧାରୁ ସୁଧାରୁ ସଚେତନ ହେଲି।

ଯତୀନ୍ ସାର୍ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି ନାମରେ ସୁପରିଚିତ ଥିଲେ। ତାଙ୍କର ଜନ୍ମ ୧୯୩୨

ମସିହାରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଶ୍ୟାମସୁନ୍ଦରପୁର ଗ୍ରାମରେ ସ୍ୱର୍ଗତ ଜଗମୋହନ ମହାନ୍ତିଙ୍କ ଔରସରୁ ହୋଇଥିଲା। ପ୍ୟାରିମୋହନ ଏକାଡ଼େମୀ, ରେଭେନ୍ସା କଲେଜ, ସେଣ୍ଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଂଲିସ୍ ଓ ଲିଡ୍‌ସ ବିଶ୍ୱବିଦ୍ୟାଳୟରେ ସେ ଶିକ୍ଷାଲାଭ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଇଂରାଜୀ ବିଭାଗରେ ରିଡର୍ ଭାବରେ ୧୯୭୪ ମସିହାରେ ଯୋଗ ଦେବା ପୂର୍ବରୁ ସ୍ୱର୍ଗତ ମହାନ୍ତି ଜଣେ ଇଂରାଜୀ ଅଧ୍ୟାପକ ଭାବେ ରେଭେନ୍ସା, ବିଜେବି ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରିଥିଲେ। କିଛି ବର୍ଷ ପାଇଁ ସେ ମଧ୍ୟ ପୂର୍ବାଞ୍ଚଳ ଭାଷା କେନ୍ଦ୍ରର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ।

୧୯୮୬ ମସିହାରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗରେ ପ୍ରଫେସର ପଦକୁ ଉନ୍ନୀତ ହୋଇଥିଲେ ଏବଂ ୧୯୮୮ରୁ ୧୯୯୦ ମଧ୍ୟରେ ସେ ଇଂରାଜୀ ବିଭାଗରେ ଥିଲେ ବିଭାଗୀୟ ମୁଖ୍ୟ। ୧୯୯୨ ମସିହାରେ ସେ ଇଂରାଜୀ ପ୍ରଫେସର ପଦରୁ ଅବସର ନେଲା ବେଳକୁ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି ଭାବରେ ଓଡ଼ିଶା ତଥା ଓଡ଼ିଶା ବାହାରେ ପରିଚିତି ଲାଭ କରିସାରିଥିଲେ। ଅଧ୍ୟାପନା କ୍ଷେତ୍ରରେ ତାଙ୍କର ସ୍ୱାତନ୍ତ୍ର୍ୟ ଓ ପରିଚିତି ଖୁବ୍ ସ୍ପଷ୍ଟ ଥିଲା। ଓଡ଼ିଶାର ଗୁରୁ ଦକ୍ଷିଣା ସ୍ୱରୂପ ମୁଖ୍ୟ ଶାସନ ସଚିବ ଥିବା ସମୟରେ ତାଙ୍କର ଥରେ ମାତ୍ର ଅନୁରୋଧରେ ପଳାଶପଲ୍ଲୀରୁ ବିମାନ ବନ୍ଦର ପାଚେରି କଡ଼େ କଡ଼େ ଜଗମୋହନ ନଗର ଓ ଭକ୍ତମଧୁ ନଗର ଆଦିକୁ ସଂଯୋଗ କରୁଥିବା କାର୍‌ଗିଲ୍ ରୋଡ୍ କିପରି କେତେ ମାସ ମଧ୍ୟରେ ମାତ୍ର ନିର୍ମାଣ କରିଦେଇଥିଲେ ତାହା ତାଙ୍କ ମୁହଁରୁ ହିଁ ମୁଁ ଶୁଣିଥିଲି। ସେଥିପାଇଁ ଦ୍ୱିତୀୟ ଥର ପାଇଁ ତାଙ୍କୁ ନ କହିବାକୁ ସୁବାସ ପାଣି ମହୋଦୟ ସାର୍‌ଙ୍କୁ ବିନମ୍ର ନିବେଦନ କରିଥିଲେ। ଏଥିରୁ ତାଙ୍କର ଛାତ୍ରମାନଙ୍କ ଉପରେ କିପରି ପ୍ରଭାବ ଥିଲା ଏବଂ ଛାତ୍ରମାନେ କିପରି ତାଙ୍କୁ ସମ୍ମାନ କରୁଥିଲେ ତାହା ଅନୁମେୟ।

ସେ ଓଡ଼ିଆ କବିତା ଜଗତକୁ ନୂତନ ସ୍ୱରର ଆବାହନ କରିଥିଲେ କହିଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ। ଯଦିଓ କବିତା ନିଜେ ଲେଖୁନଥିଲେ ମାତ୍ର ନୂତନ କବିତାକୁ ଚିହ୍ନିବାରେ ସେ ଥିଲେ ଚିହ୍ନରା ଗ୍ରାହକ। ଇଂରାଜୀ ଅଧ୍ୟାପନାରେ ଧୂରୀଣ ସ୍ୱର୍ଗତ ମହାନ୍ତି ବୁଝିଥିଲେ ଯେ, ଇଂରାଜୀ ସମାଲୋଚନା ସାହିତ୍ୟରେ ଅନୁସୃତ ପଦ୍ଧତିମାନ ଓଡ଼ିଆ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ପ୍ରୟୋଗ ନ କଲେ ଓଡ଼ିଆ କବିତା ସେହି ଗଡ୍ଡାଳିକା ପ୍ରବାହରେ ଗଡ଼ି ଚାଲିବ ଏବଂ ଆନ୍ତର୍ଜାତୀୟ କବିତାର ମାନ ଠାରୁ ଦୂରେଇ ଯାଇ ପଛରେ ପଡିଯିବ।

ଅତଏବ, ତାଙ୍କ ପ୍ରଣୀତ 'ନୂତନ ସମାଲୋଚନା' ଏହାର ପ୍ରୟୋଗ କ୍ଷେତ୍ରରେ ପ୍ରାରମ୍ଭିକ ପଦକ୍ଷେପ। ଓଡ଼ିଆ ଭାଷାରେ 'ପ୍ରଜ୍ଞା' ଓ ଇଂରାଜୀ ଭାଷାରେ 'ଭୁବନେଶ୍ୱର ରିଭ୍ୟୁ' ନାମରେ ଦୁଇଟି ପତ୍ରିକା ପ୍ରକାଶ କରି ୧୯୫୫ ମସିହା ବେଳଠୁ ଯେତେବେଳେ ମାତ୍ର ସେ ୨୩/୨୪ ବର୍ଷର ଯୁବକ, ଏ ଦିଗରେ ନେତୃତ୍ୱ ନେଇଥିଲେ। କବି ଗୁରୁପ୍ରସାଦ ମହାନ୍ତିଙ୍କ 'ନିର୍ମୂଳି' (ପରେ କାଳପୁରୁଷ) ଯାହା ଟି.ଏସ୍. ଇଲିୟଟଙ୍କ 'ୱେଷ୍ଟ ଲ୍ୟାଣ୍ଡ୍' ଏବଂ ଫୋର୍ କ୍ୱାର୍ଟେଟ୍' କବିତାର ଛାୟାରେ ଲେଖାଯାଇଥିଲା ବୋଲି ଆଲୋଚନା ହୁଏ, ତାହା ପ୍ରଥମେ 'ପ୍ରଜ୍ଞା' ପତ୍ରିକାରେ ପ୍ରକାଶ ହୋଇଥିଲା ଏବଂ ଆଧୁନିକ କବିତା ଜଗତର 'ନୂତନ କବିତା'ର ତାହା ଥିଲା ବିଧିବଦ୍ଧ ଆତ୍ମପ୍ରକାଶ ଏବଂ ଓଡ଼ିଆ କବିତା ଜଗତରେ ଆଧୁନିକତାର ସ୍ଥିତି ସୁଦୃଢ଼ ହେବାର ପ୍ରଥମ ପ୍ରୟାସ।

ଏହା ପରେ ବିଧିବଦ୍ଧ ଭାବରେ ସ୍ୱୀକୃତ ହେଲା ଯେ, ଓଡ଼ିଆ କବିତାରେ ଟିଏସ୍ ଇଲିଅଟ୍‌ଙ୍କ ପ୍ରଭାବ ଜନିତ ପଶ୍ଚିମ କବିତାର ଅନୁପ୍ରବେଶ ଘଟିଛି। ସ୍ୱର୍ଗତ ମହାନ୍ତିଙ୍କ ଆଲୋଚନା, ପର୍ଯ୍ୟାଲୋଚନା ଓ କବିତା ଜଗତକୁ ନୂତନ ଅବଲୋକନ ଫଳରେ ଓଡ଼ିଶାର ସାରସ୍ୱତ ଜଗତ ନୂତନ କବିତାର ବିଭା ଓ ବିଭୂତିକୁ ଅନୁଭବ କରି ମୁଗ୍ଧ, ଚକିତ ଓ ଅନୁପ୍ରାଣିତ ହୋଇଥିଲା।

୧୯୫୩ ରୁ ୨୦୧୨ ପର୍ଯ୍ୟନ୍ତ କର୍ମମୟତା ମଧ୍ୟରେ ବିତିଥିଲା ତାଙ୍କର ଜୀବନ। ପ୍ରାୟ ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳ ଧରି ସେ ପ୍ରତ୍ୟହ କିଛି ନା କିଛି ଲେଖୁଥିଲେ ଏବଂ ଆଜୀବନ ସାରସ୍ୱତ ସାଧନାରେ ମଗ୍ନ ରହୁଥିଲେ। ଓଡ଼ିଆ ସାହିତ୍ୟର ଭବିଷ୍ୟତ ସମ୍ପର୍କରେ ତାଙ୍କର ଆଶା, ଅଭିଳାଷ ଓ ଉଦ୍‌ବେଗ ଥିଲା ଅପରିସୀମ ଓ ଅପ୍ରତିହତ। ଯିଏ ନିବିଡ ଭାବେ ତାଙ୍କ ସହିତ ମିଶିଛି ହୁଏତ କିଂଚିତ ପରିମାଣରେ ପଢିପାରିବାରେ ସକ୍ଷମ ହୋଇଛି ତାଙ୍କର ସାହିତ୍ୟ ଜନିତ ମାନସିକତା ସମ୍ପର୍କରେ। ଓଡ଼ିଆ ଭାଷା ସାହିତ୍ୟର ସର୍ବଭାରତୀୟ ତଥା ଆନ୍ତର୍ଜାତିକ କ୍ଷେତ୍ରରେ ପରିଚିତି ସୃଷ୍ଟି କରିବା ପାଇଁ ସେ 'ଭୁବନେଶ୍ୱର ରିଭ୍ୟୁ' ଇଂରାଜୀରେ ବାହାର କରି ଓଡ଼ିଆକୁ ଇଂରାଜୀରେ ଅନୁବାଦ କରିବା ଲାଗି ଏକ ବାତାବରଣ ସୃଷ୍ଟି କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡ଼େମୀରେ ଓଡ଼ିଆ ଭାଷାର ଆବାହକ ଭାବେ ସେ ଦୀର୍ଘଦିନ ରହି ଓଡ଼ିଆ ସାହିତ୍ୟର ସର୍ବଭାରତୀୟ ପରିଚିତି ସୃଷ୍ଟି ନିମନ୍ତେ ଯଥେଷ୍ଟ ପ୍ରୟାସ କରିଥିଲେ। ମାୟାଧର ମାନସିଂହଙ୍କ ପରେ 'ହିଷ୍ଟ୍ରି ଅଫ୍ ଓଡ଼ିଆ ଲିଟେରେଚର' ଆମ ସାହିତ୍ୟର ଇତିହାସ ସମ୍ପର୍କିତ କୌଣସି ଭିନ୍ନ ଗ୍ରନ୍ଥ ଇଂରାଜୀରେ ପ୍ରକାଶ ପାଇ ନଥିଲା। ସେଥିନିମନ୍ତେ ସେ ଇଂରାଜୀ ଭାଷାରେ 'ହିଷ୍ଟ୍ରି ଅଫ୍ ଓଡ଼ିଆ ଲିଟେରେଚର୍' ପୁସ୍ତକ ରଚନା କରିଥିଲେ ୨୦୦୬ ମସିହାରେ।

ଓଡ଼ିଆ ସମାଲୋଚନା କ୍ଷେତ୍ରରେ ସେ ଥିଲେ ଅଦ୍ୱିତୀୟ ଧୂରୀଣ ପ୍ରବକ୍ତା। 'ସୂର୍ଯ୍ୟସ୍ନାତ' ଆଲୋଚନା ଓ ସମାଲୋଚନା ମୂଳକ ପ୍ରବନ୍ଧଗୁଡ଼ିକୁ ନେଇ ସମୃଦ୍ଧ ଏକ ଅନତିକ୍ରମଣୀୟ ପ୍ରବନ୍ଧ ପୁସ୍ତକ। ଏହି ପୁସ୍ତକ ନିମନ୍ତେ ସେ ୨୦୦୩ ମସିହା ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ। ଅନେକ ବର୍ଷ ଧରି ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଓ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସହ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ଥାଇ ନିଜର ନିରପେକ୍ଷ ଓ ନିର୍ଭୀକ ମତ ସାବ୍ୟସ୍ତ କରିବାରେ ସଫଳ ହୋଇଥିଲେ।

ସଂପାଦନା ଓ ସଂକଳନ କ୍ଷେତ୍ରରେ ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇରହିବ। 'ଭୁବନେଶ୍ୱର ରିଭ୍ୟୁ', 'ପ୍ରଜ୍ଞା', 'ପ୍ରୟାସ' 'ଶ୍ରୀ' ପରି ପତ୍ରିକାର ବଳିଷ୍ଠ ସମ୍ପାଦନା, ଲେଖା ମନୋନୟନ ଓ ନିର୍ବାଚନ କ୍ଷେତ୍ରରେ ତାଙ୍କର ଆଭିମୁଖ୍ୟ ଓ ବିଶ୍ୱ ସାହିତ୍ୟର କାଳଜୟୀ ସ୍ରଷ୍ଟାଙ୍କ ଅମଳିନ ଦୁର୍ଲ୍ଲଭ ରଚନାର ଭାଷାନ୍ତର ତାଙ୍କ ସମ୍ପାଦିତ ପତ୍ରିକା ଗୁଡ଼ିକର ଆକର୍ଷଣୀୟ ବିଭବ ଥିଲା। ଆମ ସାହିତ୍ୟର ବିଭିନ୍ନ ବିଭାଗର ଦୁଷ୍ପ୍ରାପ୍ୟ ଅମର କୃତିକୁ ସଂଗ୍ରହ କରି ଏକ ଦୀର୍ଘ ମୁଖବଂଧ ସହ ସେସବୁ ଗ୍ରନ୍ଥ ସଂକଳନ ଭାବରେ ପ୍ରକାଶ କରି ସେ ଓଡ଼ିଆ ସାହିତ୍ୟର ବାଣୀ ଭଣ୍ଡାରକୁ ଯେପରି ସମୃଦ୍ଧ କରିଯାଇଛନ୍ତି ତାହା ଅତୁଳନୀୟ।

୨୦୦୨ ମସିହାରେ ତାଙ୍କର ପ୍ରଥମ ଉପନ୍ୟାସ 'ପ୍ରେମାସ୍ପଦା' ପ୍ରକାଶ ପାଇଥିଲା। ଇହଲୀଳା ସମ୍ବରଣ କରିବାର ପ୍ରାୟ ତିନି ମାସ ପୂର୍ବରୁ ତାଙ୍କର ବିପୁଳ କଳେବର ବିଶିଷ୍ଟ ଦ୍ୱିତୀୟ ଉପନ୍ୟାସ 'ଜନ୍ମାଷ୍ଟମୀ' ମେ ମାସ ୧୩ ତାରିଖ ଦିନ 'ସୂର୍ଯ୍ୟାଂଶ' ହୋଟେଲ୍‌ର ସମ୍ମିଳନୀ କକ୍ଷରେ କବି ସୀତାକାନ୍ତ ମହାପାତ୍ରଙ୍କ କରକମଳରେ ଓ ଅନ୍ୟ ଦୁଇଟି ପୁସ୍ତକ ଯଥା 'ଭେଦ' କବିତା ଗ୍ରନ୍ଥ ଏବଂ 'ନବଜାତକ' ଗଳ୍ପ ପୁସ୍ତକ ସହିତ ଲୋକାର୍ପିତ ହୋଇଯାଇଛି।

ସ୍ୱର୍ଗତ ମହାନ୍ତିଙ୍କର ପ୍ରମୁଖ ଗ୍ରନ୍ଥସମୂହ ମଧ୍ୟରେ ଅନ୍ତର୍ଭୁକ୍ତ, ଓଡ଼ିଆ ଗଳ୍ପ ସମ୍ଭାର, ଆଧୁନିକ ଓଡ଼ିଆ କବିତା ସମ୍ଭାର, ପ୍ରାଚୀନ ଓଡ଼ିଆ କବିତା ସମ୍ଭାର, ଓଡ଼ିଆ ତତ୍ତ୍ୱ ସାହିତ୍ୟ, ପ୍ରାଚୀନ ଓଡ଼ିଆ ନାଟକ, ଓଡ଼ିଆ ଗଦ୍ୟ ସଂକଳନ, ଓଡ଼ିଆ ଗଦ୍ୟ ସମ୍ଭାର, ସମକାଳୀନ ଓଡ଼ିଆ ସାହିତ୍ୟ (୧୯୮୦-୨୦୦୫), ସହସ୍ରାଂଶୁ (ଓଡ଼ିଆ ସାହିତ୍ୟ ଆଲୋଚନା), ହିଷ୍ଟ୍ରି ଅଫ୍ ଓଡ଼ିଆ ଲିଟେରେଚର, ସୂର୍ଯ୍ୟସ୍ନାତ, ଜନ୍ମାଷ୍ଟମୀ, ପ୍ରେମାସ୍ପଦା ଇତ୍ୟାଦି।

ବିଦ୍ୟା ପ୍ରକାଶନୀ ତାଙ୍କର ନିଜସ୍ୱ ପ୍ରକାଶନୀ ସଂସ୍ଥା ଥିଲା। ଯାହାକି ସେ ବଂଧୁ ବିଷ୍ଣୁ ମହାପାତ୍ରଙ୍କ ସହ ମିଳିତ ଭାବେ ଆରମ୍ଭ କରିଥିଲେ ଏବଂ ସେହି ପ୍ରକାଶନୀ ସଂସ୍ଥା ଆନୁକୂଲ୍ୟରେ ୨୦୦୫ ମସିହା ଠାରୁ ସେ ନିଜର ଗୋଟିଏ ପରେ ଗୋଟିଏ ବହି ଛାପୁଥିଲେ। 'ସମକାଳୀନ ଓଡ଼ିଆ ସାହିତ୍ୟ' ତାଙ୍କର ଏକ ଅନବଦ୍ୟ ସଂକଳନ, ଯେଉଁଥିରେ ୧୯୮୦ରୁ ୨୦୦୫ ପର୍ଯ୍ୟନ୍ତ ବିଭିନ୍ନ ସୁନିର୍ବାଚିତ ଗଦ୍ୟ ଓ ପଦ୍ୟ ସବୁ ସ୍ଥାନ ପାଇଛି। ତାହାର ଦୀର୍ଘ ମୁଖବଂଧ ମଧ୍ୟ ଖୁବ୍ ଉଚ୍ଚକୋଟୀର ଓ ଉପାଦେୟ। ସେହିପରି 'ସହସ୍ରାଂଶୁ' ଓଡ଼ିଆ ସାହିତ୍ୟ ଆଲୋଚନା କ୍ଷେତ୍ରରେ ଏକ ମାଇଲଖୁଣ୍ଟ। ଏଥିରେ ସନ୍ନିବେଶିତ ସମୁଦାୟ ୨୨ଟି ପ୍ରବନ୍ଧରେ ଗତ ପ୍ରାୟ ୬୦୦ ବର୍ଷର ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି, ବିଭିନ୍ନ ବିଭାଗ, ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଧାରା ଓ ଲେଖକମାନଙ୍କ ସମ୍ପର୍କରେ ବିଶଦ ଆଲୋଚନା କରାଯାଇଛି।

ସେ ଆଉ ଆମ ଗହଣରେ ନାହାନ୍ତି କିନ୍ତୁ ତାଙ୍କର ଓଡ଼ିଆ ସାହିତ୍ୟ ପ୍ରତି ଅନବଦ୍ୟ ଅବଦାନ ଆମ ସଭିଙ୍କ ପାଇଁ ଅବିସ୍ମରଣୀୟ ହୋଇ ରହିବ ଏବଂ ତାଙ୍କ ସମ୍ପର୍କରେ ସ୍ମୃତି ରୋମନ୍ଥନ ନିମନ୍ତେ ଖୋରାକ୍ ଯୋଗାଇ ଚାଲିବ। ସେ ଥିଲେ ଏକଧାରାରେ ମହାନ୍ ଶିକ୍ଷକ, ଗବେଷକ, ସାହିତ୍ୟ ସମାଲୋଚକ, ପ୍ରାବନ୍ଧିକ, ଔପନ୍ୟାସିକ ଓ ଚିନ୍ତାନାୟକ। ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଥିଲେ ସୃଷ୍ଟି କ୍ରିୟାରେ ନିମଗ୍ନ ଓ ନିରଳସ ସାରସ୍ୱତ ସାଧକ।

ମୁଁ ଦେଖିବାରେ ବୟସ ଓ ବ୍ୟାଧି ତାଙ୍କ ସାଧନାରେ ଅନ୍ତରାୟ ନଥିଲା। ବୋଧହୁଏ କ୍ୟାନ୍ସରର ଘୁଣ ପୋକ ଯେତେବେଳେ ତାଙ୍କୁ କୁରି କୁରି ନିଃଶେଷ କରୁଥିଲା ଭିତରେ ଭିତରେ, ସେତେବେଳେ ସବୁ ପୀଡ଼ା ଓ ଯନ୍ତ୍ରଣାକୁ ପାସୋରି ସେ ମଗ୍ନ ଥିଲେ 'ଜନ୍ମାଷ୍ଟମୀ' କୁ ଜନ୍ମ ଦେବାରେ। ସତରେ ତାଙ୍କର ପ୍ରଗାଢ଼ ନିଷ୍ଠା ନିକଟରେ ନତମସ୍ତକ ହୋଇଯିବାକୁ ହୁଏ।

ଜୀବଦ୍ଦଶାରେ ଜନ୍ମାଷ୍ଟମୀ ଉପନ୍ୟାସ ତାଙ୍କର ଶେଷ ପ୍ରକାଶିତ ପୁସ୍ତକ। ଏହା ଭିତରେ ଅନେକ ଗୁଣମୁଗ୍ଧ ବିଦଗ୍ଧ ପାଠକ ସେହି ପୁସ୍ତକକୁ ପଢି ସାରିଥିବେ। ପୁରାଣ ପୃଷ୍ଠାରୁ ଚରିତ୍ରମାନଙ୍କୁ ଆହରଣ କରି କିପରି ସାମ୍ପ୍ରତିକ ସମାଜ ବ୍ୟବସ୍ଥାରେ ସେ ସେମାନଙ୍କୁ ସଫଳ ଭାବେ ଆରୋପିତ କରିଛନ୍ତି ତାହା ବିସ୍ମିତ କରେ। ଉପନ୍ୟାସଟି ପାଠ କଲାବେଳେ ମନେହୁଏ ଯେପରି ଔପନ୍ୟାସିକ ସ୍ୱର୍ଗତ ମହାନ୍ତି ଅହର୍ନିଶ ସମ୍ପ୍ରତି ସମାଜରେ ଘଟୁଥିବା ଘଟଣାବଳୀକୁ ସଂଦର୍ଶନ କରି ଖୁବ୍ ବ୍ୟଥିତ ହୋଇ ପଡୁଥିଲେ ଏବଂ ତାଙ୍କ ଅନ୍ତରାତ୍ମାର ସ୍ୱର ଥିଲା ଅନ୍ୟ କିଛି। ତାହା ହୁଏତ ଏ ଗୁଗ୍‌ଣ, ପଟମାନ, ଘୁଣ ଖିଆ ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ଏବଂ ଏକ ନୂତନ ବ୍ୟବସ୍ଥାର ପ୍ରଚଳନ, ଯାହା ତାଙ୍କ ନିଜ ଭାଷାରେ ଲେଖିଥିବା 'ଜନ୍ମାଷ୍ଟମୀ' ପୃଷ୍ଠାରୁ ନିମ୍ନଲିଖିତ ଉଦ୍ଧୃତି ଗୁଡ଼ିକରେ ପ୍ରାଂଜଳ ଆଭିମୁଖ୍ୟର ବାର୍ତ୍ତା ବହନ କରେ।

୧-କଂସ ଶେଷ ନୁହେଁ, କଂସ ଆରମ୍ଭ। ଏ ପ୍ରାରବ୍ଧ ନୁହେଁ। ଏ ଭବିଷ୍ୟତ। ଖାଲି କଂସ କାହିଁକି ? ମଥୁରାକୁ ଦେଖ, ଏ ତ ନାଁକୁ ଯଦୁବଂଶ। ଚରିତ୍ର କାହିଁ ? ସାଧୁତା, ସତତା, ଏ ସବୁ ଆଉ ଅଛି ? କଂସ ରାଜା ହେବନି ତ ଆଉ କିଏ ହେବ ? ବାପାଙ୍କ କଥା ଠିକ୍, ମଥୁରାର ଆଉ ଚରିତ୍ର ନାହିଁ। ମଥୁରା ନର୍କକୁଣ୍ଡ ପରି ଉଚ୍ଛୁଳୁଛି। ତା'ହେଲେ ବାପା କାହିଁକି କହୁଛନ୍ତି ଏ ଆରମ୍ଭ। ଏ ତ ଶେଷ। ନର୍କ ପରେ କ'ଣ ସ୍ୱର୍ଗ ? ବାପା କହିଥିଲେ ଠିକ୍ ସ୍ୱର୍ଗ, ସେଇ ସ୍ୱର୍ଗକୁ ଅପେକ୍ଷା କରିବାକୁ ହେବ।

୨.ଜରାସନ୍ଧ ରାଜା ହେବା ଦିନଠାରୁ ଏ ବ୍ୟବସ୍ଥା। ଏଠି ଆମର ସ୍ୱାଧୀନତା ନାହିଁ। ଆମେ ନିଜେ ପସନ୍ଦ କଲାପରି କଥା ବା କାମ କରିପାରିବୁ ନାହିଁ। ଏଠି ଜରାସନ୍ଧ ଯାହା ଚାହିଁବେ ସେକଥା ହିଁ କରିବାକୁ ହେବ। ଏଠି ପରିବାରର ସୁରକ୍ଷା ନାହିଁ, ଜୀବନର ସୁରକ୍ଷା ନାହିଁ। ଗୋଟାଏ ଘୃଣ୍ୟ ନାରକୀୟ ଶାସନ, ଆଉ ଜରାସନ୍ଧ ଏଇ ଶାସନର

ଅରିନ୍ଦମ, ଏ ଅତ୍ୟାଚାର ଚାଲିବ, ଆମେ ଜାଣୁ, ଆମେ ବି ସେଥିପାଇଁ ପ୍ରସ୍ତୁତ। ଦୀର୍ଘ ଦିନ ଧରି ଚାଲିବ। ନଙ୍କ ନିର୍ଦ୍ଦେଶ କେବେ ଭୁଲ୍ ହେବନାହିଁ। ତ୍ରାଣକର୍ତ୍ତା ଆସିବେ ହିଁ ଆସିବେ।

'ଜରାସନ୍ଧ ଜାଣୁ ମଗଧରେ ଜୀଅନ୍ତା ଲୋକ ଅଛନ୍ତି। ମଲା ଲୋକ ନୁହେଁ।

ଲୀଳା ସମ୍ବରଣ କରିବାର ମାତ୍ର କେତେ ମାସ ପୂର୍ବରୁ ସ୍ୱର୍ଗତ ମହାନ୍ତି ଯେଉଁ ଉଦାତ୍ତ ଆହ୍ୱାନ ଦେଇ ଗାମୀ କେତେ କାଳକୁ ତାହା ତାଙ୍କୁ ଚିର ଭାସ୍ୱର, ଚିର ଅମଳିନ କରି ରଖିବ ଆଗାମୀ ପିଢ଼ିକୁ ଅନୁପ୍ରାଣୀତ

ଛାର ଅକିଞ୍ଚନ, ଅର୍ବାଚନୀୟ, ତାଙ୍କ ଭଳି ମହାନ୍ ପୁରୁଷଙ୍କ ସମ୍ପର୍କରେ କ'ଣ ଅବା ଅଧିକ ଲେଖିବାର ପାରିବି ? ଏତିକି କାମନା କରିବି କୃପାମୟୀ ଜନନୀ ମାତା ଜଗତମାତା ତାଙ୍କ ଆତ୍ମାକୁ ପରମ ଶାନ୍ତି ପ୍ରଦାନ ଣ। କରୁଛି ତଥ୍ୟଗତ ଆଧାରରେ ଯଦି କିଛି ବିଚ୍ୟୁତି ଥାଏ ପାଠକେ ସହୃଦୟତାର ସହିତ ମୋର ତ୍ରୁଟି ରିବେ।

ାର୍, ୧୪/୨ , ୟୁନିଟ୍-୪
'ନେଶ୍ୱର- ୧ ,
। ୯୪୩୭୮୨୨୮୧



ମୋ ପାଇଁ ଯତିଭାଇ

ନରେନ୍ଦ୍ର ପ୍ରସାଦ ଦାସ

ଅଗଷ୍ଟ ୨ ତାରିଖ-୨୦୧୨ମସିହା। ଆମେ ଦୁହେଁ କୁଆଡ଼େ ଗୋଟେ କାମରେ ବାହାରିଥାଉ। ବଂଧୁ ଆଡ୍‌ଭୋକେଟ ଶ୍ରୀଯୁକ୍ତ ନଟବର ମହାନ୍ତି ଖବର ଦେଲେ- ଯତିଭାଇ ଆପୋଲୋ ହସ୍‌ପିଟାଲରେ ଭର୍ତ୍ତି ହୋଇଛନ୍ତି। କାମରେ କ'ଣ ଯିବୁ- ଆଗ ଗଲୁ ଆପୋଲୋ ହସ୍‌ପିଟାଲ- ତାଙ୍କୁ ଦେଖିବାଲାଗି। ହସ୍‌ପିଟାଲ୍‌ରେ ପହଞ୍ଚିଲା ବେଳକୁ ଭାଇ ଶୋଇ ପଡିଥିଲେ, ସେଇ ଶୋଇ ଯାଇଥିବା ଅବସ୍ଥାରେ ଆମ କଥା କାନରେ ବାଜିବାରୁ ସେ ଉଠି ପଡିଲେ ଓ ବିଛଣାରେ ସିଧା ହୋଇ ବସିଗଲେ।

ଗତ କେତେବର୍ଷ ଧରି ଯତିଭାଇ ମତେ କହୁଥିଲେ- ଓଡ଼ିଆରେ ବିଜ୍ଞାନର ଇତିହାସ ଲେଖିବା ଲାଗି। ହସ୍‌ପିଟାଲ୍ ବେଡ୍‌ରେ ଉଠି ବସି ସେ ସେହି କଥା ପୁଣି ଆରମ୍ଭ କଲେ। କହିଲେ 'ପ୍ରଥମ ଇଂରାଜୀରେ ଲେଖିପକା- ତା'ପରେ ଓଡ଼ିଆରେ ଲେଖିବୁ।' ନାନା କାର୍ଯ୍ୟରେ ବ୍ୟସ୍ତ ରହି ତୁ ଏଯାଏଁ ସେଇଟା ଲେଖିପାରିଲୁ ନାହିଁ। ତତେ ହୁଏତ ବେଳ ହେଉନାହିଁ। ରେଖାଙ୍କୁ ତୋ ଯୁଗ୍ମ ଲେଖକ କରିନେ। ଏହି ପ୍ରସଙ୍ଗରେ ପୁରାଣ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ବିଜ୍ଞାନର ଯେଉଁସବୁ ଯୁଗାନ୍ତକାରୀ ଘଟଣା, ସିଏ ତାକୁ ଟିପି ରଖ ଘଟଣାଗୁଡ଼ିକର ପୃଷ୍ଠଭୂମିକୁ ସଜାଡି ଲେଖୁ' ବୋଲି ପରାମର୍ଶ ଦେଲେ। ବିଜ୍ଞାନର ଇତିହାସ ଓ କ୍ରମ ବିବର୍ତ୍ତନ ସମ୍ବନ୍ଧରେ ସେ ରୋଗ ଶଯ୍ୟାରେ ପଡି ଯେତିକି କହିଲେ, ତା' ଆମକୁ ଅଭିଭୂତ କରି ପକାଇଲା। ସେ ଆମ ପରିବାରର ପ୍ରତ୍ୟେକଟି ଭାଇ ଭଉଣୀଙ୍କ କଥା ଓ ଆମ ଛୁଆମାନଙ୍କଠାରୁ ଆରମ୍ଭ କରି ତାଙ୍କ ଛୁଆମାନଙ୍କ ବିଷୟରେ ଏମିତି ଭାବରେ ଏତେ କଥା ପଚାରିଗଲେ ଯେ ସେ କଥା ମନେ ପକେଇ ଆଜି ଆଶ୍ଚର୍ଯ୍ୟ ଲାଗୁଛି।

ଯତି ଭାଇଙ୍କ ପାଖରୁ ଫେରିଲା ବାଟରେ ଗତ ଛଅ-ସାତ ବର୍ଷର ଝଞ୍ଜାଳମୟ ଜୀବନ ନେଇ ଭାବିବା ଭିତରେ ଆମେ ସଂକଳ୍ପ କଲୁ, ଯଥାଶୀଘ୍ର ବିଜ୍ଞାନର ଇତିହାସ ବହିଟିଏ ଲେଖି ଯତିଭାଇଙ୍କୁ ଉତ୍ସର୍ଗ କରିବୁ। ମାତ୍ର ବିଧିର ବିଡମ୍ବନା- ଅଗଷ୍ଟ ଚଉଦ ତାରିଖ ଦିନ ପ୍ରଥମେ ଯତି ଭାଇଙ୍କ ବୋହୂ ଓ ତା'ପରେ ସାମ୍ବାଦିକ ବଂଧୁ ପ୍ରଶାନ୍ତ ପଟ୍ଟନାୟକଙ୍କ ଠାରୁ ଯତି ଭାଇ ଚାଲିଯିବା କଥା ଶୁଣି ମୁଁ ପୂରାପୂରି ଭାଙ୍ଗି ପଡିଲି। ଅବସୋସ ରହିଗଲା- ମୋ'ର 'ବିଜ୍ଞାନର ଇତିହାସ' ଆରମ୍ଭ ବି ହୋଇ ପାରିଲା ନାହିଁ। ପିଲାଦିନରୁ ଆଜିଯାଏ ଗୋଟି ଗୋଟି କରି ଘଟଣା, ଯତିଭାଇଙ୍କ ସହ ଆମ ସମ୍ପର୍କର ନାନା ଘଟଣା ମନେ ପଡି ମତେ ମ୍ରିୟମାଣ କରି ପକାଇଲା।

ମୋ'ର ମନେ ପଡିଲା- ବି.ଏସ୍.ସି. ପଢିଲା ବେଳେ ଆମ ଗାଁକୁ ଯିବାଲାଗି ରେଳଟିକେଟ କିଣିବା ଲାଗି ୫୦ ପଇସା ବି ମୋ' ପାଖରେ ନଥିଲା। ଭାଇଙ୍କର ଜଣେ ଅଧ୍ୟାପକ ବନ୍ଧୁଙ୍କୁ ଏଥିପାଇଁ ଦୁଇଟି ଟଙ୍କା ମାଗିଲି। ସେ ଏକ ପ୍ରକାର ମନା କରିଦେଲେ। କିନ୍ତୁ ଅଧଘଣ୍ଟା ପରେ ଯତି ଭାଇ ମୋ ଡିପାର୍ଟମେଣ୍ଟରେ ପଚାରିଲେ ଯେ ମୁଁ କାହିଁକି ଟଙ୍କା ମାଗୁଥିଲି ଭାଇଙ୍କର ସେ ବଂଧୁଙ୍କୁ? ଓ ଦଶଟଙ୍କା ମତେ ବଢ଼େଇ ଦେଲେ। ଇଏ ହେଉଛନ୍ତି ମୋର ଯତିଭାଇ।

ଆଉ ଦିନକର କଥା ମନେ ପଡୁଛି। ସେହି ସମୟରେ କାଳି ଗଳିରେ ଜଣେ ଓକିଲଙ୍କ ଘରେ କେବଳ ଦୁଇଓଳି ଖାଇବାର ଚୁକ୍ତିକରି ମୁଁ ତାଙ୍କର ଦୁଇଟି ପିଲାଙ୍କୁ ଟ୍ୟୁସନ କରୁଥିଲି। ଓକିଲଙ୍କର ଛୋଟଲୋକି ଓ ହିନିମାନିଆ ବ୍ୟବହାର ଦେଖି ମୋ' ମନରେ ବ୍ୟଥା ସୃଷ୍ଟି ହେଲା ଓ ଯତିଭାଇଙ୍କୁ ସେ କଥା କହିବାରେ ସେ ମୋତେ ସେହିଦିନ ସେହି

ଓକିଲଙ୍କ ଘରୁ ନେଇ ଆସିଲେ ଓ ତାଙ୍କ ସାଙ୍ଗ ପାଖରେ ଦୁଇଦିନ ରହିବା ଭିତରେ ଓ୍ୱେଷ୍ଟ ହଷ୍ଟେଲରେ ମୋ'ର ରହିବାର ବ୍ୟବସ୍ଥା କରିଦେଲେ। ନିଜ ମଣିଷଙ୍କଠାରୁ ଏଭଳି ଆନ୍ତରିକତା ମୁଁ ଯେ ପାଇବି ତା' ମୋର କଳ୍ପନାତୀତ ଥିଲା। ସେଦିନ ଯତିଭାଇ ତାହା ସମ୍ଭବ କରିଦେଲେ।

୧୯୬୫ ମସିହା ଦୁଇଟି ଘଟଣା ଆଜି ମୋର ମନେ ପଡୁଛି। ଇଂରାଜୀରେ ଲେଖାଯାଇଥିବା ଦୁଇଟି ହାତ ଲେଖା ପ୍ରବନ୍ଧ ଅନୁବାଦ କରିବା ଲାଗି ଯତି ଭାଇ ମୋତେ ଦେଇଥିଲେ। ପ୍ରାୟ ୧୪/୧୫ ପୃଷ୍ଠାର ପ୍ରବନ୍ଧ ଦୁଇଟିକୁ ଦିନକ ଭିତରେ ଅନୁବାଦ କରିସାରି ମୁଁ ତାଙ୍କୁ ଯେତେବେଳେ ଦେଲି, ସେ ମୋର ଓଡ଼ିଆ ପଢି ଓ ଅନୁବାଦର ଶୈଳୀ ଦେଖି ବହୁତ ପ୍ରଶଂସା କଲେ। ହେଲେ ଅନୁବାଦରେ ମୁଁ ବ୍ୟବହାର କରିଥିବା ତିନୋଟି ଶବ୍ଦପାଇଁ ତାଙ୍କର ଆପତ୍ତି ଥିଲା। ଶବ୍ଦ ତିନୋଟି ହେଲା 'କାବ୍ୟିକ', 'କାବିତିକ' ଓ 'ମେଘଳ'। ପ୍ରଥମ ଦୁଇଟିର ଇଂରାଜୀ ପ୍ରତିଶବ୍ଦ ଥିଲା 'Poetic' ଓ ଶେଷଟିର ପ୍ରତିଶବ୍ଦ ଥିଲା 'Cloudy', ଯତିଭାଇ ପ୍ରଥମଟିକୁ ଗ୍ରହଣ କରି ଦ୍ୱିତୀୟଟିକୁ ଗ୍ରହଣ କଲେ ନାହିଁ। ଯଦିଓ ମୋ ଯୁକ୍ତିକୁ ସେ ପୂରାପୂରି କାଟି ନଥିଲେ, ତଥାପି ଏହି ଶବ୍ଦଗୁଡ଼ିକ ଓଡ଼ିଆ ସାହିତ୍ୟରେ ବହୁଳ ପ୍ରଚଳନ ହେଉନଥିବାରୁ, ତାକୁ ଗ୍ରହଣ କରିବାକୁ କୁଣ୍ଠାବୋଧ କରିଥିଲେ।

୧୯୭୪ ମସିହା 'ଭାରତୀୟ ସଭ୍ୟତାରେ ବିଜ୍ଞାନ ଓ ବୈଜ୍ଞାନିକ ମାନଙ୍କର ଭୂମିକା' ସମ୍ପର୍କିତ ମୋର ଏକ ଇଂରାଜୀ ଲେଖାପଢ଼ି ସେ ବହୁତ ଖୁସି ହୋଇଥିଲେ ଏବଂ ଭାରତରେ ବିଜ୍ଞାନର କ୍ରମବିକାଶ ସମ୍ବନ୍ଧରେ ଧାରାବାହିକ ଭାବରେ ପ୍ରବନ୍ଧ ଲେଖିବା ପାଇଁ କହିଥିଲେ। ପରବର୍ତ୍ତୀ ସମୟରେ ତାକୁଇ ଆଧାର କରି 'ବିଜ୍ଞାନର ଇତିହାସ' ଲେଖାଯାଇ ପାରିବ ବୋଲି ସେ କହିଥିଲେ।

ଯତି ଭାଇଙ୍କ ସହ ବ୍ୟକ୍ତିଗତ ଓ ପାରିବାରିକ ସ୍ତରରେ ବହୁ ବିଭିନ୍ନ ସମୟରେ ନାନା ଘଟଣା ମନେ ପଡୁଛି। ସବୁକଥା ଏଠି ଏଭଳି କହିବା ସମ୍ଭବ ନୁହେଁ। ମୁଁ ସାହିତ୍ୟର ଛାତ୍ର ନୁହେଁ। ସାହିତ୍ୟ ଲେଖିବା ବା ସମାଲୋଚନା ପ୍ରବନ୍ଧ ଲେଖିବାର ନିଶା ମଧ୍ୟ ମୋ'ଠାରେ ନାହିଁ। ଯତିଭାଇ ଲେଖିଯାଇଥିବା 'ଓଡ଼ିଆ ସାହିତ୍ୟର ଇତିହାସ' (History of Oriya Literature) ଓଡ଼ିଆ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ଅବଦାନ। ସେହିଭଳି ଓଡ଼ିଆ ସାହିତ୍ୟର ସମାଲୋଚନା 'ସହସ୍ରାଂଶୁ' ମଧ୍ୟ ଏକ ଅନବଦ୍ୟ ସୃଷ୍ଟି। ତାଙ୍କର ଦୁଇଟି ଉପନ୍ୟାସ 'ପ୍ରେମାସ୍ପଦା' ଓ 'ଜନ୍ମାଷ୍ଟମୀ' ପ୍ରକାଶିତ ହୋଇଥିଲେ ହେଁ, ଓଡ଼ିଆ ସାରସ୍ୱତ ଭଣ୍ଡାରରେ ସେ ଦୁଇଟି ଅତି ଉଜ୍ଜ୍ୱଳ କୀର୍ତ୍ତି ସ୍ତମ୍ଭ ହୋଇ ରହିଥିବ। ୧୯୬୨ ମସିହାରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ଯତି ଭାଇଙ୍କର ସାହିତ୍ୟକୃତିକୁ ମୋ ବାଟରେ ମୁଁ ଲକ୍ଷ୍ୟ କରିଛି। ୧୯୬୦ ମସିହାରେ ତାଙ୍କ ଦ୍ୱାରା ସମ୍ପାଦିତ 'ପ୍ରଜ୍ଞା' ଭଳି ଏକ କ୍ଷୁଦ୍ର ପତ୍ରିକାର ପ୍ରକାଶନ ଓଡ଼ିଆ ସାହିତ୍ୟରେ ଓ ସାହିତ୍ୟିକମାନଙ୍କ ମଧ୍ୟରେ ବିପୁଳ ଆଲୋଡନ ସୃଷ୍ଟି କରିଥିଲା। ବୋଧହୁଏ ସେଭଳି ସଂଭ୍ରାନ୍ତ ସାହିତ୍ୟ ପତ୍ରିକା ଓଡ଼ିଆରେ ପ୍ରକାଶିତ ହୋଇଛି ବୋଲି ମୋର ମନେ ହୁଏ ନାହିଁ। ସେହିଭଳି ସେ ସଂକଳନ କରିଥିବା 'ଓଡ଼ିଆ ସାହିତ୍ୟ ସମ୍ଭାର'ଗୁଡ଼ିକ ଆଜିକୁ ବହୁ ବର୍ଷ ପରେ ମଧ୍ୟ ଓଡ଼ିଆ ଭାଷା ଓ ସାହିତ୍ୟର ଏକ ଶକ୍ତିଶାଳୀ ଆଶାବାଡି ହୋଇ ଠିଆ ହୋଇ ରହିଥିବ। ସମାଲୋଚନା ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ସମ୍ବନ୍ଧରେ ବିଶିଷ୍ଟ କବି ଓ ସମାଲୋଚକ ଶ୍ରୀଯୁକ୍ତ ହରପ୍ରସାଦ ଦାସ ଯାହା କହିଛନ୍ତି- ଯେ ଯତିଭାଇ ସୃଷ୍ଟି କରିଥିଲେ ଏକ ନୂତନ 'କ୍ଷେତ୍ର' ଓ ସେ ମଧ୍ୟ ଥିଲେ ଏକକ 'କ୍ଷେତ୍ରପାଳ'- ତାହା ଏକବାରେ ସତ୍ୟ।

୨୫୨ ସହୀଦ ନଗର, ଭୁବନେଶ୍ୱର

ମୋ : ୯୪୩୭୭୬୩୮୯୨

ଯତୀନ ବାବୁ : ଏକ ଶ୍ରଦ୍ଧାଞ୍ଜଳି

ରମାକାନ୍ତ ମିଶ୍ର

ମୁଁ ଜଣେ ଲେଖକ ବା ସାହିତ୍ୟିକ ନୁହେଁ, କିନ୍ତୁ ଭାଗ୍ୟ ମୋତେ ଏପରି ଏକ ଜୀବିକା ସହିତ ସଂଯୁକ୍ତ କରିଦେଲା ଯେ, ସାରା ଜୀବନ ମୁଁ ଓଡ଼ିଆ ସାହିତ୍ୟର ବହୁ ଗଣ୍ୟମାନ୍ୟ ପ୍ରଥିତଯଶା ସାରସ୍ୱତ ସାଧକ ମାନଙ୍କ ଘନିଷ୍ଠ ସାଧକ ସାଜି ନିଜକୁ ଧନ୍ୟ କରିବାର ସୁଯୋଗ ପାଇଗଲି। ମୁଁ ୧୯୮୦ ମସିହାରେ ଶିକ୍ଷା ସମାପ୍ତ କରିବା ପରେ କୌଣସି ସରକାରୀ ଚାକିରିର ସୁଯୋଗ ନ ପାଇ ଉତ୍କଳ ରାଷ୍ଟ୍ରଭାଷା ପ୍ରଚାର ସମବାୟ ପ୍ରେସ ଓ ପ୍ରକାଶନ ସମିତି ଲିଃ କଟକ ଠାରେ ହିସାବ ରକ୍ଷକ ଏବଂ ପ୍ରୁଫ୍ ସଂଶୋଧକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲି। ସେତେବେଳେ ଏହି ସଂସ୍ଥା ସ୍ୱର୍ଗତ ଗୋପୀନାଥ ସାହୁଙ୍କ ଭଳି ଜଣେ ଅତ୍ୟନ୍ତ ନିଷ୍ଠାପର ଗାନ୍ଧିବାଦୀ ଓ ସଚ୍ଚୋଟ ବ୍ୟକ୍ତିଙ୍କ ପରିଚାଳନାରେ ରହି ଓଡ଼ିଶାର ଏକ ଅଗ୍ରଣୀ ମୁଦ୍ରଣ ଓ ପ୍ରକାଶନ ସଂସ୍ଥା ଭାବେ ସୁଖ୍ୟାତି ଲାଭ କରିଥାଏ। ରାଷ୍ଟ୍ରଭାଷା ସମବାୟ ପ୍ରେସରେ ବହୁ ପ୍ରକାଶକ ଏବଂ ଲେଖକ ସେମାନଙ୍କ ବହି ମୁଦ୍ରଣ କରାଉଥିଲେ। ତା'ଛଡ଼ା ରାଷ୍ଟ୍ରଭାଷା ସମବାୟ ପ୍ରକାଶନରେ ମଧ୍ୟ ବହୁ ସୁଲେଖକ ଯଥା ପ୍ରାଣନାଥ ମହାନ୍ତି, ବଳରାମ ମହାନ୍ତି, ପଣ୍ଡିତ ନୀଳମଣି ମିଶ୍ର, ଭଗବାନ ପଣ୍ଡା, ସାତକଡ଼ି ହୋତା, ପ୍ରିୟବ୍ରତ ଦାସ, ସହଦେବ ସାହୁ, ବନମାଳୀ ଦାସ, ବିପିନ ବିହାରୀ ଖମାରୀ, ବିରଜାକିଙ୍କର ଦାସ, ପରମାନନ୍ଦ ମହାନ୍ତି ଆଦି ବହୁ ପୁସ୍ତକ ଲେଖକ ଥିଲେ। ସେ ଉପଲକ୍ଷେ ଓଡ଼ିଶାର ବହୁ ଲେଖକ ସେମାନଙ୍କ ବହିର ଛପାକାର୍ଯ୍ୟର ଅଗ୍ରଗତି ସଂପର୍କରେ ଜାଣିବା ପାଇଁ କିମ୍ୱା ପ୍ରୁଫ୍ ସଂଶୋଧନ କରିବାପାଇଁ ଉକ୍ତ ପ୍ରେସ୍‌କୁ ଯାତାୟାତ କରୁଥିଲେ। ମୁଁ ଅଫିସ୍ ଦାୟିତ୍ୱରେ ରହୁଥିବାରୁ ସ୍ୱାଭାବିକ ଭାବେ ସେମାନଙ୍କ ସହିତ ମୋର ଜଣାଶୁଣା ହୋଇଯାଉଥିଲା।

୧୯୮୪ ମସିହାରେ ଭୁବନେଶ୍ୱରର ଓଡ଼ିଶା ଲେଖକ ସମବାୟ ସମିତି ଲିଃର ୨ଗୋଟି ବହି ରାଷ୍ଟ୍ରଭାଷା ସମବାୟ ପ୍ରେସ୍‌ରେ ଛପା ହେଉଥିଲା। ଗୋଟିଏ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କ 'ନୂତନ ସମାଲୋଚନା' ଅନ୍ୟଟି ନିକୁଞ୍ଜ କିଶୋର କାନୁନ୍‌ଗୋଙ୍କ 'କାହାଣୀ ମୁଣି'। ଏହି ବହି ଦୁଇଟିର ଛାପା କାର୍ଯ୍ୟ ଅନୁଧ୍ୟାନ କରିବା ପାଇଁ ଯତୀନବାବୁ ଓ ଅନ୍ୟ ବହିର ଲେଖକ ନିକୁଞ୍ଜ ବାବୁ ଓ ପ୍ରକାଶନ ସଂସ୍ଥାର ସଂପାଦକ କାଳି ପ୍ରସାଦ ଦାସଙ୍କୁ ସାଙ୍ଗରେ ନେଇ ବହୁଥର ଆମ ପ୍ରେସକୁ ଯିବା ଆସିବା ଅବସରରେ ମୋର ତାଙ୍କ ସହିତ ପ୍ରଥମ ପରିଚୟ ହୋଇଥିଲା।

ଯତୀନ ବାବୁ ଆମ ଅଞ୍ଚଳ ଅର୍ଥାତ୍ କେନ୍ଦ୍ରାପଡ଼ାର ଅଧିବାସୀ। ତେଣୁ ସେ ଶୀଘ୍ର ମୋତେ ବିଶ୍ୱାସ କରିଥିଲେ ଓ ତାଙ୍କ ବହିର ମୁଦ୍ରଣ ଦାୟିତ୍ୱ ମୋ ଉପରେ ନ୍ୟସ୍ତ କରିଦେଇଥିଲେ। ଏହାର କିଛି ବର୍ଷ ପରେ ଗୋପିବାବୁଙ୍କ ମୃତ୍ୟୁ ହୋଇଯିବାରୁ ରାଷ୍ଟ୍ରଭାଷା ପ୍ରେସର ପରିଚାଳନା ଦାୟିତ୍ୱ ଓଡ଼ିଶାର ଜଣେ ଅତି ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତି ଗ୍ରହଣ କରିଥିଲେ । ତାଙ୍କ ସହ ମତାନ୍ତର ହେବାରୁ ସେ ମୋତେ କାର୍ଯ୍ୟରୁ ଅନ୍ତର କରିଦେଇଥିଲେ। ସେ ସମୟରେ ଭୁବନେଶ୍ୱର ଓଡ଼ିଶା ଲେଖକ ସମବାୟ ସମିତିର ମଧ୍ୟ ପରିଚାଳନାରେ ପରିବର୍ତ୍ତନ ଆସି ଶ୍ରୀ ସାତକଡ଼ି ହୋତା ଏହାର ସଭାପତି ହୋଇଥାନ୍ତି ଓ ଯତୀନ ବାବୁ ଥାଆନ୍ତି ମୁଖ୍ୟ ଉପଦେଷ୍ଟା। ସେ ସମୟରେ ଶ୍ରୀ ପ୍ରିୟବ୍ରତ ଦାସ ମଧ୍ୟ ନୂତନ ଭାବେ ସମିତିର ସମ୍ପାଦକ ଦାୟିତ୍ୱ ନେଇଥିଲେ। ଉକ୍ତ ସମିତିର ଦୀର୍ଘ ବର୍ଷ ଧରି ପୂର୍ବରୁ କୌଣସି ରେକର୍ଡ ପତ୍ର ବା

ହିସାବବାଜି ନଥିଲା। ତେଣୁ ପ୍ରିୟବ୍ରତ ବାବୁ ସମିତି ଆରମ୍ଭରୁ ଏହାର ରେକର୍ଡ ଠିକ୍ କରିବା ପରେ ଦାୟିତ୍ୱ ନେବେ ବୋଲି କହିବାରୁ ବହୁ ସମସ୍ୟା ଦେଖାଦେଲା। ପ୍ରିୟବ୍ରତ ବାବୁ ସମବାୟ ବିଭାଗର ଉପଶାସନ ସଚିବ ଥିବାବେଳେ ମୋତେ ଜାଣିଥିଲେ ତେଣୁ ମୋତେ ଲେଖକ ସମବାୟ ସମିତିର ସମସ୍ତ କାଗଜ ପତ୍ର ସଜାଡିବାରେ ସାହାଯ୍ୟ କରିବାର ପ୍ରସ୍ତାବ ଦେଲେ। ସାତକଡ଼ି ବାବୁ, ଯତୀନ ବାବୁଙ୍କ ସହମତିରେ ଏବଂ ସେମାନଙ୍କ ଅନୁରୋଧକୁ ରକ୍ଷାକରି ମୁଁ ଓଡ଼ିଶା ଲେଖକ ସମବାୟ ସମିତିରେ ଯୋଗ ଦେଲି। ସେତେବେଳେ ଯତୀନ ବାବୁ ପରିଚାଳନା ସମିତିର ସଦସ୍ୟ ଥିଲେ ଓ ସମିତି ପରିଚାଳନା କ୍ଷେତ୍ରରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

ନୂତନ ପରିଚାଳନା କମିଟିର କାର୍ଯ୍ୟଭାର ଗ୍ରହଣ କଲାବେଳେ ସମିତି ହିସାବରେ ଗୋଟିଏ କପର୍ଦ୍ଦକ ନଥିଲା। ସମିତି ଉପରେ ବହୁ ହଜାର ଟଙ୍କାର ଋଣ ଥିଲା। କାଳକ୍ରମେ ପରିଚାଳନା ପରିଷଦଙ୍କ ନିଷ୍ଠାପର ଉଦ୍ୟମ ଫଳରେ ସମିତିର ସମସ୍ତ କ୍ଷତି ଭରଣା କରାଯାଇ ଧୀରେ ଧୀରେ ନୂତନ ପ୍ରକାଶନ କାମ ହାତକୁ ନିଆଗଲା। ଏବଂ ସମିତିର ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରାଗଲା। ସମ୍ପାଦକ ପ୍ରିୟବ୍ରତ ଦାସଙ୍କ ପ୍ରସ୍ତାବ କ୍ରମେ ଓ ପରିଚାଳନା ପରିଷଦଙ୍କ ଅନୁରୋଧରେ ମୁଁ ସମବାୟ ସମିତି କାର୍ଯ୍ୟାଳୟରେ ଆସି ସପରିବାର ରହିଲି ଓ ତା'ପରେ ସମିତିର ସବୁ ଦାୟିତ୍ୱ ମୋ ଉପରେ ନ୍ୟସ୍ତ କରାଗଲା। ସେତେବେଳେ ମୁଁ ଯତୀନ୍ ବାବୁଙ୍କ ଘନିଷ୍ଠ ସମ୍ପର୍କରେ ଆସି ତାଙ୍କୁ ବ୍ୟକ୍ତିଗତ ଭାବେ ଜାଣିବାର ସୁଯୋଗ ପାଇଲି।

ଯତୀନ ବାବୁ ଜଣେ ନିଷ୍ଠାପର ସାହିତ୍ୟ ସାଧକ ଥିଲେ। ସେ ଗଳ୍ପ କବିତା ନ ଲେଖି ସମାଲୋଚନାକୁ ନିଜର ବିଷୟ ଭାବେ ଧରିନେଇଥିଲେ। ଓଡ଼ିଆ ପରି ଏକ ପୁରାତନ ସାହିତ୍ୟର ଆଲୋଚକ ଭାବେ ସେ ପୁରାତନ ସାହିତ୍ୟରୁ ସର୍ବାଧୁନିକ ରଚନାବଳୀକୁ ପୁଙ୍ଖାନୁପୁଙ୍ଖ ଭାବେ ପାଠ କରି ଏହାର ଅନ୍ୟତମ ଶ୍ରେଷ୍ଠ ଟିକାକାର ହୋଇପାରିଥିଲେ। ସେ ନିଜେ ବ୍ୟକ୍ତିଗତ ଉଦ୍ୟମରେ 'ହିଷ୍ଟ୍ରି ଅଫ୍ ଦି ଓଡ଼ିଆ ଲିଟ୍‌ରେଚର୍' ନାମକ ଇଂରାଜୀ ଭାଷାରେ ଓଡ଼ିଆ ସାହିତ୍ୟର ଇତିହାସ ରଚନା କରି ତାଙ୍କ ନିଜସ୍ୱ ପ୍ରକାଶନ ସଂସ୍ଥା 'ବିଦ୍ୟା' ଦ୍ୱାରା ୨୦୦୬ ମସିହାରେ ପ୍ରକାଶିତ କରିଥିଲେ। ଏହି ଇତିହାସ ଲେଖିବା ପାଇଁ ତାଙ୍କୁ ୨୦ ବର୍ଷ ପରିଶ୍ରମ କରିବାକୁ ପଡିଥିଲା ଓ ଏହା ଏକ ତଥ୍ୟ ସମୃଦ୍ଧ ପୁସ୍ତକ। ଯତୀନ୍ ବାବୁ ଜଣେ ଅତ୍ୟନ୍ତ ସ୍ପଷ୍ଟ ବାଦୀ ବ୍ୟକ୍ତିଥିଲେ ସେ ଯାହା ଅନୁଭବ କରୁଥିଲେ ସ୍ପଷ୍ଟ ଭାବରେ କହୁଥିଲେ। ଏହା ଛଡ଼ା ଓଡ଼ିଆ ସାହିତ୍ୟରେ ବିଭିନ୍ନ ବିଭାଗରେ ବହୁ ଦୁଷ୍ପ୍ରାପ୍ୟ କାଳଜୟୀ ରଚନାଗୁଡ଼ିକୁ ୧୦ଖଣ୍ଡ ଗ୍ରନ୍ଥରେ ପ୍ରକାଶ କରିଥିଲେ। ସେ ପ୍ରତି ସଂକଳନର ମୁଖବନ୍ଧରେ ଯେଉଁ ଆଲୋଚନା ସନ୍ନିବେଶିତ କରିଛନ୍ତି ତାହା ଓଡ଼ିଆ ସମାଲୋଚନା କ୍ଷେତ୍ରରେ ଅମୂଲ୍ୟ ସଂପଦ।

ଯତୀନ ବାବୁ ଜଣେ ବାହାରକୁ କଠୋର ବ୍ୟକ୍ତି ଜଣାପଡୁ ଥିଲେ ମଧ୍ୟ ସ୍ୱଭାବରେ ସେ ଅତ୍ୟନ୍ତ ସ୍ନେହୀ ଓ ବନ୍ଧୁବତ୍ସଳ ଥିଲେ। ସେ ଲେଖକ ସମବାୟ ସମିତିକୁ ଆସିଲେ ପ୍ରଥମେ ସେ ମୋ ଛୋଟ ଛୋଟ ପିଲାମାନଙ୍କ ସହିତ ସେମାନଙ୍କୁ ଉପହାର ଦେବା ପରେ ଅନ୍ୟାନ୍ୟ କାମ କରୁଥିଲେ। ଆଉ ତାଙ୍କ ଚରିତ୍ରରେ ଥିଲା ଅଙ୍ଗୀକାର ବଦ୍ଧତାର ଦୃଢ଼ତା। ସେ ଯାହା କରିବାକୁ ଚାହୁଁଥିଲେ ତାହା କରୁଥିଲେ। ଓଡ଼ିଆ ଜାତି ଓ ମାତୃଭାଷାକୁ ଭଲପାଉଥିବା ଜଣେ ଅତି ଉଚ୍ଚକୋଟୀର ମଣିଷ ଥିଲେ ସେ। ତାଙ୍କ ବିୟୋଗ ଓଡ଼ିଆ ସାହିତ୍ୟରେ ଅପୂରଣୀୟ କ୍ଷତି କରିଛି। ତାଙ୍କ ପ୍ରଥମ ପୁଣ୍ୟ ତିଥିରେ ସେଇ ମହାନ୍ ସାରସ୍ୱତ ସାଧକଙ୍କୁ ଓଡ଼ିଶା ଲେଖକ ସମବାୟ ସମିତି ତରଫରୁ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛୁ।

କ୍ୱାଟର ୨୯/୪,
ଟାଇପ୍-ଆଇ.ଭି.ଆର, ୟୁନିଟ୍-୨ ଭୁବନେଶ୍ୱର -୯
ମୋ : ୯୪୩୯୪୭୭୯୯୯

ମୋ ସ୍ମୃତିରେ ପ୍ରଫେସର ଯତୀନ୍ଦ୍ର ମୋହନ

ସୌରୀବଂଧୁ କର

ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇପଦ ଲେଖିବା ପାଇଁ କଲମ ଧରିବା ବେଳେ ଅନେକ କଥା ମନେ ପଡୁଛି। ମୁଁ ତାଙ୍କର ଛାତ୍ର ନଥିଲି। କିନ୍ତୁ ସାହିତ୍ୟ ସୂତ୍ରରେ ଯୋଡି ହୋଇ ଯାଇଥିଲି।

ମୁଁ ଯେତେବେଳେ ବ୍ୟାଙ୍କରେ କାର୍ଯ୍ୟ କରୁଥିଲି, ସେ ପ୍ରାୟ ବ୍ୟାଙ୍କକୁ ଆସନ୍ତି ତାଙ୍କ ସ୍ତ୍ରୀଙ୍କର ଚେକ୍ ନେଇ। ତାଙ୍କ ପତ୍ନୀ ଇଷ୍ଟର୍ଣ୍ଣ ରିଜିଓନାଲ୍ ଲାଙ୍ଗୁଏଜ୍ କେନ୍ଦ୍ରରେ କାର୍ଯ୍ୟ କରୁଥାନ୍ତି।

ଥରେ ମୋତେ କହିଲେ, 'ସୌରୀବାବୁ! ଆପଣ ୨୫ଟଙ୍କା ଦିଅନ୍ତୁ। ମୁଁ ଆପଣଙ୍କୁ ଓଡ଼ିଶା ଲେଖକ ସମବାୟ ସମିତିର ସଭ୍ୟ କରିଦେବି।"

ମୁଁ ସମବାୟ ସମିତିର ସଭ୍ୟ ହେଲି ଏବଂ ସମୟ କ୍ରମେ ତାଙ୍କ ସହିତ ପରିଚାଳନା କମିଟିରେ ମଧ୍ୟ ରହିଲି।

ମୋର ପ୍ରଥମ କରି ଗଳ୍ପ ସଂକଳନ ବହିଟିଏ 'ପ୍ରଥମା' ନାମରେ ପ୍ରକାଶିତ ହୋଇଥାଏ। ମୋତେ ପଚାରିଲେ, 'ଆପଣଙ୍କର ନୂଆବହି କ'ଣ ପ୍ରକାଶିତ ହେଉଛି!" ମୁଁ ତାଙ୍କୁ 'ପ୍ରଥମା' ବହିଟିକୁ ଦେଲି। ସେ 'ଇଣ୍ଡିଆନ୍ ଲିଟରେଚର'ରେ ତାଙ୍କ ଲେଖାରେ ତାକୁ ଉଲ୍ଲେଖ କରିଥିଲେ।

ଯତୀନ୍ ବାବୁ ଥିଲେ ଇଂରାଜୀ ବିଭାଗର ପ୍ରଫେସର। ବାଣୀବିହାର କ୍ୟାମ୍ପସରେ ରହିବା ବେଳେ ମୋର ଅନେକ ସମୟ ତାଙ୍କ ସହିତ ଦେଖାହୋଇଛି କାରଣ ମୁଁ ପ୍ରଫେସର ଡକ୍ଟର କୃଷ୍ଣ ପ୍ରସାଦ ମିଶ୍ରଙ୍କ ଘରକୁ ପ୍ରାୟ ନିୟମିତ ଯାଏ ଏବଂ ଯତୀନ୍ ବାବୁଙ୍କ କ୍ୱାଟର ସେଇ ନିକଟରେ।

ପ୍ରଫେସର ମହାନ୍ତି ଥିଲେ ଜଣେ ବିବାଦାସ୍ପଦ ବ୍ୟକ୍ତିତ୍ୱ। ସେ ଅନ୍ୟକୁ ଯେପରି ସମାଲୋଚନା କରନ୍ତି, ଅନ୍ୟମାନେ ମଧ୍ୟ ତାଙ୍କୁ ସେମିତି।

ଓଡ଼ିଆ ସାହିତ୍ୟରେ ଏହା ଏକ ଉତ୍କଟ ବ୍ୟାଧି ବୋଲି ମୁଁ ବିଚାର କରେ।

କିନ୍ତୁ ସେ ଥିଲେ କଠୋର ପରିଶ୍ରମୀ। ତା' ହୋଇନଥିଲେ ହିଷ୍ଟ୍ରି ଅଫ୍ ଓଡ଼ିଆ ଲିଟେରେଚର' ପୁସ୍ତକ ଲେଖିପାରି ନଥାନ୍ତେ।

ମୋର ତାଙ୍କ ସହିତ ପୁସ୍ତକମେଳା ମାନଙ୍କରେ, ଡିଟିପି କରିବା ବେଳେ ଓ କେତେକ ସାହିତ୍ୟ ସଭାରେ ଦେଖା ହୋଇଛି।

ମୋତେ ସେ ପଚାରିବେ, "ସୌରୀବାବୁ! କିପରି ଅଛନ୍ତି?"

ଏତିକି ପଚାରିବା ଲୋକ ମଧ୍ୟ ଆଜିକାଲି ବିରଳ।

ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ବିୟୋଗରେ ମୁଁ ଜଣେ ଜଣାଶୁଣା ବରିଷ୍ଠ ସାହିତ୍ୟିକଙ୍କ ସାନ୍ନିଧ୍ୟ ହରାଇଲି। କିନ୍ତୁ ତାଙ୍କ ବହି 'ହିଷ୍ଟ୍ରି ଅଫ୍ ଓଡ଼ିଆ ଲିଟରେଚର'ରେ ତାଙ୍କୁ ସଦାସର୍ବଦା ଦେଖୁଥିବି।'

ଗଜପତି ନଗର, ଭୁବନେଶ୍ୱର

ମୋ ୯୪୩୭୦୩୬୩୪୨

ମୁଁ ଓ ଯତୀନ ମଉସା

ଲଲାଟେନ୍ଦୁ ଦାସ ମହାପାତ୍ର

ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି, ଯାହାଙ୍କୁ ମୁଁ ଯତୀନ୍ ମଉସା ବୋଲି କହେ, ତାଙ୍କ ସହିତ ମୋର ପ୍ରଥମ ପରିଚୟ ହୋଇଥିଲା ୧୯୯୬ ମସିହା ମଇ ମାସରେ। ତା'ପୂର୍ବରୁ ମୁଁ ତାଙ୍କୁ ଜାଣିଥିଲେ ମଧ କେବେ ଦେଖି ନଥିଲି କିମ୍ବା ସେ ମଧ ମୋତେ ଜାଣି ନଥିଲେ। ତାଙ୍କ ସହିତ ପରିଚୟ ହୋଇଥିଲା ମୋର ଶ୍ୱଶୁରଙ୍କ ଘରେ। ସେତିକି ବେଳକୁ ମୁଁ ଦିଲ୍ଲୀରୁ ଭୁବନେଶ୍ୱର ବଦଳି ହୋଇ ଆସିଥିଲି। ମୋ ବଦଳି ପରେ ପରେ ଯତୀନ୍ ମଉସାଙ୍କ କନିଷ୍ଠା କନ୍ୟା ସୀମିତାଙ୍କ ସହିତ ମୋର ଶ୍ୟାଳକ ଶୁଭାଶୀଷଙ୍କ ବିବାହ ପ୍ରସ୍ତାବ ସ୍ଥିରୀକୃତ ହୋଇ ସାରିଥିଲା। ସେହି ପରିପ୍ରେକ୍ଷୀରେ ତାଙ୍କ ସହିତ ମୋର ପରିଚୟ ହୋଇଥିଲା। ପ୍ରଥମ ପରିଚୟରୁ ହିଁ ସେ ମୋ ପ୍ରତି ଅତ୍ୟନ୍ତ ସ୍ନେହ ପ୍ରବଣ ହୋଇ ପଡିଲେ। ତାଙ୍କର ଏହି ସ୍ନେହ ପ୍ରବଣତା ପାରିବାରିକ ସଂପର୍କକୁ ନେଇ ନଥିଲା, ଥିଲା ମୋର ଗବେଷଣାର ବିଷୟ ବସ୍ତୁକୁ ନେଇ। ପ୍ରଥମ ପରିଚୟରୁ ସେ ଯେତେବେଳେ ମୋର ଗବେଷଣା ସମ୍ବନ୍ଧରେ ଜାଣିବାକୁ ପାଇଲେ, ମୋର findings ସମ୍ବନ୍ଧରେ ସେ କେତେକ ପ୍ରଶ୍ନ କରିଥିଲେ ଓ ମୋର ଉତ୍ତର ଶୁଣି ସାରିବା ପରେ ସେ ସଂଗେ ସଂଗେ କହିଥିଲେ, ତମେ ଏ ଦିଗରେ ଯେଉଁ ମତବାଦ ଦେଇଛ ତାହା ସଂପୂର୍ଣ୍ଣ ରୂପେ Logical ଓ source based । ଏହା ଆଗାମୀ ଗବେଷକ ମାନଙ୍କୁ ନିଶ୍ଚୟ ଖୋରାକ୍ ଯୋଗାଇବ।

ସେହି ଦିନରୁ ହିଁ ତାଙ୍କ ସହିତ ମୋର ଘନିଷ୍ଠତା ବୃଦ୍ଧି ପାଇଥିଲା। କେବଳ ମୋ ସହିତ ନୁହେଁ ଆମ ପରିବାର ସହିତ ମଧ। ବାପା ସାହିତ୍ୟିକ ଥିବାରୁ ତାଙ୍କ ସହିତ ମଧ ବନ୍ଧୁତ୍ୱ। ମୋ ଜାଣିବାରେ ଶେଷ ପର୍ଯ୍ୟନ୍ତ ବୋଧହୁଏ ଏମିତି କୌଣସି occasion ନଥିଲା ଯେବେ ବି ବାପା ଭୁବନେଶ୍ୱର ଆସିଲେ ସେ ତାଙ୍କ ସହିତ ଦେଖା କରିବାକୁ କେବେ ଆମ ଘରକୁ ଆସି ନାହାନ୍ତି। ମୋ ବାପା ଓ ସେ ଏକାଠି ବସିଲେ ପରିବାର ନେଇ କେବେ କୌଣସି ଆଲୋଚନା ହୁଏନାହିଁ। ହୁଏ ସାହିତ୍ୟ ସମ୍ବନ୍ଧୀୟ ତଥା ସେମାନଙ୍କ ନିଜ ଲେଖାଲେଖି ବିଷୟରେ। ମୋ ସହିତ ମଧ ଇତିହାସ ସମ୍ବନ୍ଧରେ ଅନେକ ଆଲୋଚନା କରନ୍ତି। ସେ ରାଉରକେଲା ଗଲେ ଅନେକ ସମୟରେ ଯାଇଥାନ୍ତି ବାପାଙ୍କ ପାଖକୁ ତଥା ରାଉରକେଲା କଲଚରାଲ୍ ଏକାଡ଼େମୀକୁ। ଏହି କଲଚରାଲ ଏକାଡ଼େମୀରେ ମଧ ମଉସାଙ୍କର ଏକ ବିଶେଷ ସ୍ଥାନ ରହିଥିଲା। ତାଙ୍କ ସହିତ ଆମ ପରିବାରର ଏପରି ଘନିଷ୍ଠତା ଥିଲା ଯେ, ସମୟ ସମୟରେ ମୋର ମନେ ହେଉଥିଲା, ବୋଧହୁଏ ତାଙ୍କ ଝିଅ ଘର ଅର୍ଥାତ୍ ମୋର ଶ୍ୱଶୁର ଘର ଅପେକ୍ଷା ତାଙ୍କର ଆମ ସହିତ ସଂପର୍କଟା ଅପେକ୍ଷାକୃତ ଅଧିକ।

ସେ କିପରି ଭାବରେ ମୋ ପ୍ରତି ସ୍ନେହ ପ୍ରବଣ ଥିଲେ ତା'ର ଏକ ଉଦାହରଣ ଦିଆଯାଇ ପାରେ। ୧୯୯୭ ମସିହାରେ ମୁଁ ଥରେ ପ୍ରଫେସର ସଂଘମିତ୍ରା ମିଶ୍ରଙ୍କ ପାଖକୁ ତାଙ୍କ ସହିଦନଗର ବାସ ଭବନକୁ ଯାଇଥିଲି, ଏକ ସରକାରୀ କାମରେ। ତାଙ୍କ ଘରକୁ ପଶୁ ପଶୁ ତାଙ୍କ ପୋଷା କୁକୁର ମୋର ଗୋଡ଼କୁ କାମୁଡି ଦେଲା। ଗୋଡ଼ରେ ସାମାନ୍ୟ କ୍ଷତ ହୋଇଥିଲା। କିନ୍ତୁ କୁକୁରଟି ପୋଷା ଥିବାରୁ ତାହାର କାମୁଡ଼ା ଯେ ବିପଦଜନକ ନୁହେଁ ତାହା ମୁଁ

ଧରିନେଇଥିଲି। ସଂଘମିତ୍ରା ମାତାମ୍‌ଙ୍କ ସ୍ୱାମୀ ଡାକ୍ତର ଜଗନ୍ନାଥ ମହାପାତ୍ର ମଧ୍ୟ ମୋର କାମୁଡ଼ା ସ୍ଥାନକୁ ସଂଗେ ସଂଗେ ପରୀକ୍ଷା କରି କିଛି ମଲମ ଲଗାଇ ଦେଲେ ଓ ଭଲ ହୋଇଯିବ ବୋଲି କହିଲେ। ତାଙ୍କ କୁକୁରକୁ ସେ ନିୟମିତ ଇଂଜେକ୍‌ସନ୍ ଦିଅନ୍ତି ଓ ବାହାରକୁ କେବେ ବି ଛାଡନ୍ତି ନାହିଁ ବୋଲି ମୋତେ କହିଥିଲେ। ତେଣୁ ତା କାମୁଡ଼ାରୁ ଯେ କୌଣସି କ୍ଷତି ହେବନାହିଁ ସେ ବିଷୟରେ ମୁଁ ସଂପୂର୍ଣ୍ଣ ନିଶ୍ଚିତ ଥିଲି।

ଏହି ଘଟଣାର ଦୁଇଦିନ ପରେ ମୋତେ ହଠାତ୍ ଯତୀନ ମଉସା ଫୋନ୍ କରି କହିଲେ "ତୁମକୁ କୁକୁର କାମୁଡ଼ି ଦେଲା, ଅଥଚ ତମେ ଏହାକୁ ଏତେ ହାଲୁକା ଭାବରେ କାହିଁକି ନେଉଛ? ଯାଅ, ଜଗନ୍ନାଥ ବାବୁଙ୍କ ସହିତ ମୁଁ କଥା ହୋଇଛି। ତାଙ୍କଠାରୁ ତମେ ପୁରା ସିରିଜ୍‌ଟା ନେଇଯାଅ।" ତାଙ୍କଠାରୁ ଏକଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହେଲି। କାରଣ କୁକୁର କାମୁଡ଼ିବା ସମ୍ବନ୍ଧରେ ମୋ ସ୍ତ୍ରୀ ଛଡ଼ା ଆଉ କେହି ଜାଣି ନଥାନ୍ତି। ପରେ ମୁଁ ଜାଣିଲି ଯେ ଡାକ୍ତର ଜଗନ୍ନାଥ ମହାପାତ୍ର ଓ ପ୍ରଫେସର ସଂଘମିତ୍ରା ମିଶ୍ର ମଉସାଙ୍କର ଅତି ଘନିଷ୍ଠ। ମୋ ଶ୍ୱଶୁରଙ୍କ ଠାରୁ କୁକୁର କାମୁଡିବା କଥା ଶୁଣି ସଂଗେ ସଂଗେ ଡାକ୍ତର ମହାପାତ୍ରଙ୍କୁ ମୋତେ ଇଞ୍ଜେକ୍‌ସନର ସଂପୂର୍ଣ୍ଣ ସିରିଜ୍‌ଟାକୁ ଦେବାକୁ କହିଛନ୍ତି।

ମଉସା ଥରେ ଯାହା ଆଦେଶ ଦିଅନ୍ତି, ତାଙ୍କ କଥାକୁ ଏଡାଇ ଦେବାର ସାମର୍ଥ୍ୟ କାହାରି ନଥାଏ। ତେଣୁ ତାଙ୍କ କଥାକୁ ଏଡ଼ାଇବାର ସାହାସ ନା ମୋର ଥିଲା ନା ଡାକ୍ତର ମହାପାତ୍ରଙ୍କର। ତାଙ୍କ ପାଖରେ ପହଞ୍ଚିଲା ମାତ୍ରେ ମୋତେ ପ୍ରଥମ ଇଞ୍ଜେକ୍‌ସନ ଦେଇସାରି ସେ ହସି ହସି କହିଲେ 'ପୂରା ସିରିଜ୍ ଆପଣ ନିଶ୍ଚୟ ନେବେ ଓ ମୋ ଠାରୁ ହିଁ ନେବେ। ଆପଣଙ୍କୁ ପୂରା ସିରିଜ୍ ଦେଇ ସାରିବା ପରେ ହିଁ ମୁଁ ଯତୀନ୍ ବାବୁଙ୍କୁ ଜଣାଇବି ଯେ ଆପଣଙ୍କ ଆଦେଶ ସଂପୂର୍ଣ୍ଣ ହେଲା।' ମୋତେ କୁକୁର କାମୁଡ଼ିବା ଚିନ୍ତା ମୋ ଅପେକ୍ଷା ମଉସାଙ୍କର ଅଧିକ ଥିଲା। ତାଙ୍କର ଏହି ସ୍ନେହ ପ୍ରବଣତା ମୁଁ କେବେ ମଧ୍ୟ ଭୁଲି ପାରିବି ନାହିଁ। କେବଳ ସେତିକି ନୁହେଁ, ମୋର ସାରସ୍ୱତ ଜୀବନ କିପରି ଅଧିକ ଉନ୍ନତ ହେବ ସେଥିପାଇଁ ମଧ୍ୟ ମୋତେ ବାରମ୍ବାର ପ୍ରେରଣା ଦେଉଥାନ୍ତି। ମୋ ଗବେଷଣା ସମ୍ବନ୍ଧୀୟ ବିଷୟ ବସ୍ତୁକୁ ଓଡ଼ିଆରେ ଲେଖି ପ୍ରକାଶ କରିବାକୁ ମୋତେ ଯେଉଁ କେତେଜଣ ପ୍ରେରଣା ଦେଇଛନ୍ତି, ସେମାନଙ୍କ ମଧ୍ୟରୁ ଯତୀନ୍ ମଉସା ଅନ୍ୟତମ। ସେହି ସମସ୍ତ ପ୍ରବନ୍ଧ ଗୁଡ଼ିକ ଏକତ୍ରିତ କରି ମୁଁ ଯେତେବେଳେ ପୁସ୍ତକ ଆକାରରେ ପ୍ରକାଶ କଲି ପୁସ୍ତକର ଲୋକାର୍ପଣ ଉତ୍ସବରେ ମୁଁ ତାଙ୍କୁ ସଭାପତିତ୍ୱ କରିବାପାଇଁ ଅନୁରୋଧ କରିଥିଲି ଓ ମୋ ଅନୁରୋଧକୁ ସେ ମଧ୍ୟ ରକ୍ଷା କରିଥିଲେ।

ମୋର ପି.ଏଚ୍.ଡି ଥେସିସ୍ ବହୁ ଦିନ ଧରି ଅପ୍ରକାଶିତ ଥିଲା। ୨୦୧୦ ମସିହାରେ ତାହା ପ୍ରକାଶିତ ହୋଇଥିଲା। ଏହି ପ୍ରକାଶନ ପଛରେ ମଧ୍ୟ ମଉସାଙ୍କ ବାରମ୍ବାର ତାଗିଦ୍ ରହିଥିଲା। ମଝିରେ ମଝିରେ ମୋତେ ବିରକ୍ତ ହୋଇ କହୁଥିଲେ 'ତମେ ଯଦି ପବ୍ଲିସର ପାଇ ପାରୁ ନାହଁ, ତେବେ ଥେସିସ୍ ମୋତେ ଦେଇଦିଅ, ମୁଁ ତାକୁ ନିଜେ ମୋ ପବ୍ଲିସିଂ ହାଉସ୍‌ରୁ ପବ୍ଲିସ କରିବି। ଶେଷରେ ଏହା ଯେତେ ବେଳେ ଉନ୍ମୋଚିତ ହେଲା, ଉନ୍ମୋଚନ ଉତ୍ସବକୁ ବହୁ କଷ୍ଟ କରି ସେ ଆସିଥିଲେ। କିନ୍ତୁ ସେତିକିରେ ସେ ସନ୍ତୁଷ୍ଟ ନଥିଲେ। ସେହି ବହି କିପରି ଜାତୀୟ ସ୍ତରରେ ରିଭ୍ୟୁ ହୋଇପାରିବ, ସେଥିପାଇଁ ମଧ୍ୟ ସେ ମୋତେ ଉପଦେଶ ଦେଉଥାନ୍ତି। ତାଙ୍କର ଅନେକ ଗୁଡିଏ ପୁସ୍ତକ ସେ ଜାତୀୟ ଅଭିଲେଖାଗାରକୁ ଦାନ କରିଛନ୍ତି। ମୋର ସହକର୍ମୀମାନେ ମଧ୍ୟ ମୋତେ କହନ୍ତି ଯେ କେବଳ ମୋ ପାଇଁ ଜାତୀୟ ଅଭିଲେଖାଗାର ତାଙ୍କ ପୁସ୍ତକ ସଂଗ୍ରହ କରିପାରିଲା। ଆଜି ଯତୀନ୍ ମଉସା ନାହାନ୍ତି। କିନ୍ତୁ ତାଙ୍କ ଫୋଟକୁ ମୁଁ ଯେତେ ଦେଖୁଥାଏ, ମୋର ମନେ ହୁଏ ଯେ ସେ ଯେପରି ନିରବରେ ମୋତେ କିଛି ଉପଦେଶ ଦେବାକୁ ଚାହୁଁଛନ୍ତି।

ଗଙ୍ଗନଗର, ଭୁବନେଶ୍ୱର, ମୋ:୯୪୩୭୪୬୮୭୮୧

ମୋ କଥା

ସ୍ମୃତିରେ ଯତୀନ ଭାଇ

ପ୍ରଶାନ୍ତ ପଟ୍ଟନାୟକ

ଇଂରାଜୀ ସାହିତ୍ୟର ଜଣେ ଦକ୍ଷ ଅଧ୍ୟାପକ ଏବଂ ଓଡିଆ ସାହିତ୍ୟର ନିର୍ଭୀକ ସମାଲୋଚକ ଶ୍ରୀ ଯତୀନ୍ଦ୍ର ମୋହନ ମହାନ୍ତି କେବଳ ରେଭେନ୍ସା ମହାବିଦ୍ୟାଳୟରେ ମୋର ଅଧ୍ୟାପକ ନଥିଲେ ତାଙ୍କ ସହ ମୋର ଘନିଷ୍ଠ ପାରିବାରିକ ସମ୍ପର୍କ ଗଢ଼ି ଉଠିଥିଲା । ତାଙ୍କ ମଝିଆ ଭାଇ ରବୀନ୍ଦ୍ର ମୋହନଙ୍କ ସହିତ ମୋର ଦ୍ୱିତୀୟା ଭଉଣୀ ପ୍ରୀତିର ବିବାହ ହୋଇଥିଲା ।

ମୁଁ ରେଭେନ୍ସା କଲେଜରେ ନାଁ ଲେଖାଇବା ପୂର୍ବରୁ ଅଧ୍ୟାପକ ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ନାମ ସହ ସୁପରିଚିତ ଥିଲି । କାରଣ ମୁଁ ପୁରୀ ସାମନ୍ତଚନ୍ଦ୍ରଶେଖର କଲେଜରେ ଆଇ.ଏ ପଢ଼ିବା ସମୟରେ ମୋର ପ୍ରିୟ ଅଧ୍ୟାପକ ଗୁରୁପ୍ରସାଦ ମହାନ୍ତି ଏବଂ ତାଙ୍କ ବନ୍ଧୁ ଭାନୁଜୀ ରାଓଙ୍କ ଦ୍ୱାରା ଲିଖିତ ନୂତନ କବିତା ପୁସ୍ତକର ସୁଦୀର୍ଘ ମୁଖବନ୍ଧ ଲେଖି ଶ୍ରୀ ମହାନ୍ତି ଓଡିଆ ସାହିତ୍ୟ ଜଗତରେ ବେଶ୍ ଚହଳ ପକାଇ ଦେଇଥିଲେ । ତାଙ୍କର ବିଶ୍ଳେଷଣାତ୍ମକ ମୁଖବନ୍ଧ ଗୁରୁପ୍ରସାଦ ମହାନ୍ତି ଓ ଭାନୁଜୀ ରାଓଙ୍କୁ ଓଡିଆ ପାଠକ ପାଠିକାଙ୍କ ନିକଟରେ ପରିଚିତ ଓ ପ୍ରତିଷ୍ଠିତ କରିବାରେ ଯଥେଷ୍ଟ ସହାୟକ ହୋଇଥିଲା ।

ପୁରୀ କଲେଜରେ ଅଧ୍ୟାପକ ଗୁରୁପ୍ରସାଦ ମହାନ୍ତି ଆମମାନଙ୍କୁ ଏସ.ଟି.କଲୋରିଜଙ୍କ 'ରାଇମ ଅଫ ଦି ଆନସିଣ୍ଟଏ ମେରାଇନର' ପଢ଼ାଉଥାନ୍ତି । ତାଙ୍କର ଇଂରାଜୀ ଉଚ୍ଚାରଣ ଶୈଳୀ, ଆକର୍ଷଣୀୟ ଶରୀର ମୋ ଭଳି ପ୍ରାୟ ସମସ୍ତ ଛାତ୍ରଛାତ୍ରୀଙ୍କୁ ମନ୍ତ୍ରମୁଗ୍ଧ କରି ପକାଇଥାଏ । ତା ଛଡା ଅଧ୍ୟାପକ ଗୁରୁପ୍ରସାଦ କଲେଜର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମୁଖ୍ୟ ଭାବରେ ଆମମାନଙ୍କୁ ତାଲିମ ମଧ୍ୟ ଦେଉଥାନ୍ତି । ନୂତନ ବିଷୟବସ୍ତୁକୁ ନେଇ ସମ୍ପୂର୍ଣ୍ଣରୂପେ ନୂତନ ବିଷୟବସ୍ତୁ ଉପରେ ଲିଖିତ ଗୁରୁପ୍ରସାଦ ଓ ଭାନୁଜୀ ରାଓଙ୍କ କବିତାଗୁଡିକ ମତେ ଯେତିକି ମାତ୍ରାରେ ପ୍ରଭାବିତ କରିଥିଲା ସେଗୁଡିକର ତାତ୍ପର୍ଯ୍ୟ ହୃଦୟଙ୍ଗମ କରିବା ଲାଗି ଯତୀନ୍ଦ୍ରମୋହନଙ୍କ ମୁଖବନ୍ଧ ମତେ ଅଧିକ ପ୍ରେରଣା ଦେଇଥିଲା । କେବେ ସୁଯୋଗ ମିଳିଲେ ତାଙ୍କ ସହ ସାକ୍ଷାତ କରିବା ପାଇଁ ମନ ଅତିମାତ୍ରାରେ ବିକଳ ହେଉଥିଲା ।

ଅଗ୍ରଜ ପ୍ରତିମ କବି ହରିହର ମିଶ୍ର, ସୌଭାଗ୍ୟ ମିଶ୍ର ଏବଂ ମୋ ସହ ପଢୁଥିବା କବି ବନ୍ଧୁ ବଂଶୀଧର ଷଡଙ୍ଗୀ, ଗଣେଶ୍ୱର ମିଶ୍ର, ପ୍ରଫୁଲ୍ଲ ପଟ୍ଟନାୟକ, ପ୍ରଫୁଲ୍ଲ ମହାନ୍ତି, ପ୍ରହ୍ଲାଦ ଜେନା ଏବଂ ଅଧ୍ୟାପକ ବିଭୂଦତ୍ତ ମିଶ୍ରଙ୍କ ସହ ସମୟ ସମୟରେ ନୂତନ କବିତାର କବିଦ୍ୱୟ ଏବଂ ସେମାନଙ୍କୁ ପାଠକ ଜଗତରେ ପରଚିତ ଓ ପ୍ରତିଷ୍ଠିତ କରାଇଥିବା ସମାଲୋଚକ ଯତୀନ୍ଦ୍ର ମୋହନଙ୍କ ସମ୍ପର୍କରେ ଆଲୋଚନା କରି ତାଙ୍କ ସହ ସାକ୍ଷାତ କରିବାର ଇଚ୍ଛା କ୍ରମେ ପ୍ରବଳ ହୋଇଉଠୁଥାଏ ।

ପୁରୀ କଲେଜରୁ ଶିକ୍ଷା ସମାପ୍ତ କରି ରେଭେନ୍ସା କଲେଜରେ ନାଁ ଲେଖାଇବା ପରେ ଯେଉଁ ସହାଧ୍ୟାୟୀମାନଙ୍କ ସହିତ ମୋର ଘନିଷ୍ଠତା ହୋଇଥିଲା ସେମାନଙ୍କ ମଧ୍ୟରୁ ନଗେନ୍ଦ୍ର ମୋହନ ମହାନ୍ତି ଥିଲେ ଅନ୍ୟତମ । ସେ ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ଭାଇ ବୋଲି ଜାଣିବା ପରେ ତାଙ୍କ ସହ ଅଧିକ ନିବିଡ ହେବା ପାଇଁ ଉଦ୍ୟମ କରିଥିଲି । ଏବଂ

ଏଥିରେ ସଫଳ ମଧ୍ୟ ହୋଇଥିଲି ।

ଇତିମଧ୍ୟରେ ଯତୀନ୍ଦ୍ର ମୋହନଙ୍କ ପରିବାର ସହ ଆମ ପରିବାରର ବୈବାହିକ ସମ୍ପର୍କ ସ୍ଥାପିତ ହେବା ପରେ ମୁଁ ଅଧ୍ୟାପକ ଯତୀନ୍ଦ୍ରମୋହନଙ୍କୁ ଆଉ ସାର୍ ନ ଡାକି 'ଯତୀନ୍ ଭାଇ' ବୋଲି ଡାକିବାକୁ ଆରମ୍ଭ କଲି । ସେତେବେଳେ ସେ କାଠଗଡା ସାହି ସ୍ଥିତ ତାଙ୍କ ଘରେ ରହୁଥାନ୍ତି । ତାଙ୍କ ବାପା ଶ୍ରୀ ଜଗମୋହନ ମହାନ୍ତି, ମା ପ୍ରଭୃତି ମଧ୍ୟ ସେହି ଘରେ ରହୁଥାନ୍ତି । ସେତେବେଳେ ଯତୀନ ଭାଇଙ୍କର ବଡ ଝିଅ କୁହୁର ବୟସ ମାତ୍ର ତିନି ବର୍ଷ ଏବଂ ବଡ ପୁଅ ଜନ୍ମ ହେବା ପରେ ଭାଉଜ ଅସୁସ୍ଥ ହୋଇ କଟକ ବଡ ମେଡିକାଲର ର୍ନସିଂହୋମରେ ଆଡମିଶନ ନେଇଥାନ୍ତି । ଭାଉଜ ଥିଲେ ଦର୍ଶନ ଶାସ୍ତ୍ରର ଅଧ୍ୟାପିକା ଏବଂ ତାଙ୍କର ଚିକିତ୍ସା ପାଇଁ ଭାଇ ଯେ ସବୁପ୍ରକାର ବ୍ୟବସ୍ଥା କରିଥିଲେ ତା ନୁହେଁ କେବଳ କଲେଜ ସମୟତକ ବାଦ ଦେଲେ ଦିନରାତି ର୍ନସିଂହୋମରେ ସେ ଭାଉଜଙ୍କ ପାଖରେ ରହି ତାଙ୍କର ଯତ୍ନ ନେଉଥାନ୍ତି । ଏପରି ଅବସ୍ଥାରେ ସେ ପ୍ରାୟ ଘରକୁ ଆସିପାରନ୍ତି ନାହିଁ । ତେଣୁ ନଗେନ୍ ଓ ମୁଁ ତାଙ୍କ ପାଇଁ ଦୁଇଓଳା ଖାଇବା ଜିନିଷ ନେଇ ଡାକ୍ତରଖାନାରେ ପହଞ୍ଚାଉଥିଲୁ । ଅନେକ ସମୟରେ ଆମେ କାର୍ଯ୍ୟ ବ୍ୟସ୍ତ ରହିଲେ ମୋ ସାନ ଭାଇ ପ୍ରଭାତ ଖାଇବା ଜିନିଷ ପହଞ୍ଚାଇବାର ଦାୟିତ୍ୱ ନେଉଥିଲା । ଆମ ଯାତାୟତର ଏକମାତ୍ର ସାହାରା ଥିଲା ଖଣ୍ଡିଏ ସାଇକେଲ ।

ଇତିମଧ୍ୟରେ ଯତୀନ ଭାଇଙ୍କ ସହ ମୋ ଘନିଷ୍ଠତା ଯଥେଷ୍ଟ ବଢ଼ି ଯାଇଥିଲା ଓ ଅତି ନିକଟରୁ ତାଙ୍କୁ ମୁଁ ଜାଣିବାର ସୁଯୋଗ ପାଇଥିଲି । ବହି ପଢ଼ିବା ଥିଲା ତାଙ୍କର ସବୁଠୁ ବଡ ନିଶା ର୍ନସିଂହୋମ୍‌ରେ ରହି ଭାଉଜଙ୍କ ଯତ୍ନ ନେବା ସହ ସେ କଲେଜରେ ପାଠ ପଢ଼ାଇବା ପାଇଁ ଆବଶ୍ୟକୀୟ ବହି ପଢ଼ି ପ୍ରସ୍ତୁତ ହେଉଥିଲେ ଏବଂ ଦୀର୍ଘ ସମୟ ଧରି ଇଂରାଜୀ ଓ ଓଡିଆ ପତ୍ରପତ୍ରିକା ତଥା ବହିପତ୍ର ପଢ଼ିବା ପାଇଁ ମଧ୍ୟ ବ୍ୟୟ କରୁଥିଲେ । ର୍ନସିଂହୋମରେ ଭାଉଜ ରହିଥିବା କୋଠରିଟି ଅତ୍ୟନ୍ତ ପ୍ରଶସ୍ତ ହୋଇଥିବାରୁ ସେଠାରେ ଗୋଟିଏ ଟେବୁଲ୍‌ରେ ଭାଇ ଅନେକ ଗୁଡିଏ ବହି ରଖି ପଢ଼ନ୍ତି ଓ ରାତିରେ ଭାଉଜଙ୍କ ନିଦରେ ବ୍ୟାଘାତ ସୃଷ୍ଟି ନକରିବା ପାଇଁ ଟେବୁଲ ଲ୍ୟାମ୍ପଟିଏ ଜାଳି ଘଣ୍ଟା ଘଣ୍ଟା ଧରି ପଢୁଥାନ୍ତି ।

ଭାଇଙ୍କ କାଠଗଡା ସାହି ଘର ମଧ୍ୟ ଗୋଟିଏ ଛୋଟ ଲାଇବ୍ରେରି ଭଳି ଅନେକଗୁଡିଏ ବହିପତ୍ରରେ ଭରି ରହିଥାଏ ।

ସମସ୍ତ ଚେଷ୍ଟା ସତ୍ତ୍ୱେ ଭାଉଜଙ୍କୁ ବଞ୍ଚାଇବା ସମ୍ଭବପର ହେଲାନାହିଁ । ଶୋଚନୀୟ ଭାବରେ ଭାଙ୍ଗି ପଡିଥିବା ଯତୀନ୍ ଭାଇ ଇତିମଧ୍ୟରେ ଉଚ୍ଚଶିକ୍ଷା ପାଇଁ ଇଂଲଣ୍ଡର ଲିଡ୍ସ ବିଶ୍ୱବିଦ୍ୟାଳୟକୁ ଯିବା ପାଇଁ ନିର୍ବାଚିତ ହୋଇଥିଲେ । ବିଦେଶରେ କିଛିଦିନ କଟାଇ ଦେଲେ ହୁଏତ ଭାଉଜଙ୍କ ବିୟୋଗର ଦୁଃଖ କିଛି ପରିମାଣରେ ଲାଘବ ହୋଇଯାଇ ପାରେ ବୋଲି ଭାବି ଭାଇ ବିଦେଶ ଯିବା ପାଇଁ ସ୍ଥିର କରିଥିଲେ । ନଗେନ୍, ମୁଁ ଓ ପ୍ରଭାତ ତାଙ୍କୁ ଛାଡିବା ପାଇଁ ସାଙ୍ଗରେ କଲିକତା ଯାଇ କଲିକତା ବିମାନବନ୍ଦରରୁ ତାଙ୍କୁ ବିଦାୟ ଦେଇ ଆସିଥିଲୁ ।

ଇତିମଧ୍ୟରେ ଭାଇଙ୍କ ସମ୍ପାଦନାରେ ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକା 'ପ୍ରଜ୍ଞା' ପ୍ରକାଶିତ ହୋଇ ରାଜ୍ୟର ସାହିତ୍ୟ ଜଗତରେ ବେଶ ଚହଳ ସୃଷ୍ଟି କରିଥାଏ । ଏହାର ଗୋଟିଏ ସଂଖ୍ୟାରେ ଗୁରୁ ପ୍ରସାଦ ମହାନ୍ତିଙ୍କ ଯୁଗାନ୍ତକାରୀ ଦୀର୍ଘ କବିତା 'କାଳପୁରୁଷ' ପ୍ରକାଶିତ ହୋଇ ରାଜ୍ୟର ସାହିତ୍ୟ ଜଗତରେ ବେଶ ଆଲୋଡନ ସୃଷ୍ଟି କରୁଥିଲା ।

ଯତୀନ ଭାଇ ସାହିତ୍ୟ ଓ କବିତାକୁ ଏତେ ପରିମାଣରେ ଭଲପାଉଥିଲେ ଯେ ସେ ଇଂଲଣ୍ଡରୁ ଫେରିବା

ବେଳେ ଅନେକଗୁଡିଏ ଦୁର୍ଲଭ କବିତା, ସମାଲୋଚନା ପୁସ୍ତକ, ଗୋଟିଏ ଟେପ ରେର୍କଡର ଓ କେତେକ ପ୍ରିରେକଡେଡ୍ ଟେପ୍ ଆଣିଥିଲେ । ଯେଉଁଥିରେ କି ନୋବେଲ ପୁରସ୍କାର ପ୍ରାପ୍ତ କବି ଟି.ଏସ.ଏଲିୟଟଙ୍କ 'ୱେଷ୍ଟ ଲ୍ୟାଣ୍ଡ' କବିତାଟି ଗାଉଥିବା ସମୟରେ ରେକର୍ଡିଂ ହୋଇଥିଲା । ସେତେବେଳେ ଟେପ୍ ରେକର୍ଡର ଗୁଡିକରେ କ୍ୟାସେଟ୍‌ରେ ବା ମିନି କ୍ୟାସେଟ୍‌ରେ ରେକର୍ଡିଂ ନହୋଇ ସ୍ପୁଲ୍‌ରେ ରେକର୍ଡିଂ ହେଉଥିଲା । ଯତୀନ୍ ଭାଇ ଅନେକ ଥର ନଗେନଙ୍କୁ ଓ ମୋତେ ଟି.ଏସ.ଏଲିଏଟଙ୍କ ସ୍ୱରରେ ୱେଷ୍ଟ ଲ୍ୟାଣ୍ଡ କବିତାର ରେକର୍ଡିଂ ଶୁଣାଇ ତାହାର ଅର୍ଥ ବୁଝାଉଥିଲେ । ଗୁରୁପ୍ରସାଦ ମହାନ୍ତି, ଭାନୁଜୀ ରାଓ, ଜ୍ଞାନୀନ୍ଦ୍ର ବର୍ମା, ସଚ୍ଚି ରାଉତରାୟ, ଅନନ୍ତ ପଟ୍ଟନାୟକ ପ୍ରଭୃତି କବିମାନଙ୍କର ନିଜସ୍ୱ କବିତା ପାଠକୁ ରେକର୍ଡିଂ କରାଇବା ପାଇଁ ସୁଚିନ୍ତିତ ଯୋଜନା କରିଥିଲେ ଏବଂ ଏଥିପାଇଁ ନଗେନ ଓ ମୋ ସହଯୋଗ ମଧ୍ୟ ଚାହିଁଥିଲେ ।

ମାତ୍ର ପରବର୍ତ୍ତୀ କାଳରେ ମୁଁ ସାମ୍ବାଦିକତାର ପେସାରେ ଏବଂ ନଗେନ କୃଷି ସୂଚନା କେନ୍ଦ୍ରରେ ଯୋଗଦେବା ପରେ ଯତୀନ ଭାଇଙ୍କର ଏହି ମହାର୍ଘ ସ୍ୱପ୍ନକୁ ସାକାର କରିବାରେ ଆମେ ସଫଳ ହୋଇପାରିନଥିଲୁ । ଇତିମଧ୍ୟରେ ଇଲୋକ୍‌ଟ୍ରୋନିକ ଦୁନିଆରେ ଅନେକ ପରିବର୍ତ୍ତନ ଘଟିଲାଣି, ସ୍ପୁଲ୍ ଟେପ୍ ପରିବର୍ତ୍ତେ କ୍ୟାସେଟ୍, ମିନି କ୍ୟାସେଟ୍, ସିଡି ଓ ଡିଭିଡିରେ ରେକର୍ଡିଂ ସମ୍ଭବ ହେଲାଣି । ତେଣୁ ସମ୍ପ୍ରତି ଯତୀନ୍ ଭାଇଙ୍କ ସ୍ୱପ୍ନକୁ ଅନାୟାସରେ ସାକାର କରାଯାଇପାରିଥାନ୍ତା । ଯାହାକି କାଳ କାଳ ପାଇଁ ସଂରକ୍ଷିତ ହୋଇ ରହିଥାନ୍ତା ଏବଂ କବିମାନଙ୍କ ଦେହାନ୍ତ ପରେ ମଧ୍ୟ ଓଡିଆ ପାଠକମାନେ ସେମାନଙ୍କ ନିଜସ୍ୱ ସ୍ୱରରେ ଗାଇଥିବା କବିତା ଶୁଣିବାର ସୌଭାଗ୍ୟ ଲାଭ କରିପାରିଥାନ୍ତେ । ଯତୀନ୍ ଭାଇ ଥିଲେ ଅତ୍ୟନ୍ତ ବନ୍ଧୁବତ୍ସଳ । ବିଶିଷ୍ଟ ଗବେଷକ ଅଧ୍ୟାପକ ଡକ୍ଟର କୃଷ୍ଣଚରଣ ସାହୁ (ଓଡିଆ), ବିଶିଷ୍ଟ ଭାଷାବିତ୍ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ, ବିଶିଷ୍ଟ ଐତିହାସିକ ରାଜେନ୍ଦ୍ର ପ୍ରସାଦ ଦାସଙ୍କ ସହ ତାଙ୍କର ଗଭୀର ଘନିଷ୍ଠତା ଥିଲା । ଅନେକ ଥର ସେମାନେ ଏକତ୍ର ମୋ ଘରକୁ ଆସୁଥିଲେ ଏବଂ ଡକ୍ଟର ଦେବୀପ୍ରସନ୍ନଙ୍କର ସାରୁ ପ୍ରତି ପ୍ରଚଣ୍ଡ ଦୁର୍ବଳତା ଥିବାରୁ ସାରୁରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ଭଜା, ସନ୍ତୁଳା, ଝୋଳ ଓ ଆମ୍ବିଳ ପ୍ରଭୃତି ଖାଇବା ପାଇଁ ବରାଦ କରି ତାହା ଏକତ୍ର ଉପଭୋଗ କରୁଥିଲେ । ଏହି ବନ୍ଧୁମାନଙ୍କ ମଧ୍ୟରୁ ପ୍ରଥମେ କୃଷ୍ଣଭାଇ ପରେ ପରେ ରାଜେନ୍ଦ୍ର ଭାଇ ଏବଂ ତା ପରେ ଯତୀନ ଭାଇ ଇହଧାମରୁ ବିଦାୟ ନେଇଛନ୍ତି । ଦେବୀ ଭାଇ ଏବେ ସମ୍ପୂର୍ଣ୍ଣ ଏକାକୀ, ଅସହାୟ ଓ ସାଥୀହରା ହୋଇପଡିଛନ୍ତି । ତଥାପି ସେ ଧୈର୍ଯ୍ୟର ସହିତ ସାହିତ୍ୟ ସାଧନାରେ ବ୍ରତୀ ରହିଛନ୍ତି ଏବଂ ପୁରୁଣା ବନ୍ଧୁମାନଙ୍କର ସ୍ମୃତିକୁ ରୋମନ୍ଥନ କରୁଛନ୍ତି କେବଳ ।

ଯତୀନ ଭାଇଙ୍କ ବିୟୋଗରେ ସବୁଠାରୁ ଅଧିକ ଭାଙ୍ଗି ପଡିଛନ୍ତି ଧର୍ମପତ୍ନୀ ବିଜୟଲକ୍ଷ୍ମୀ (ବିଜି ଅପା) । ଯତୀନ୍ ଭାଇଙ୍କ ସ୍ମୃତି ରକ୍ଷା କରିବା ପାଇଁ 'ପ୍ରଜ୍ଞାର' ପୁନଃପ୍ରକାଶ ସହ ସେ ଅଧା ଛାଡି ଯାଇଥିବା ସମ୍ପାଦନା ଓ ପ୍ରକାଶନ କାର୍ଯ୍ୟଗୁଡିକ ସମ୍ପୂର୍ଣ୍ଣ କରିବା ପାଇଁ ଦୃଢ଼ମନା । ତାଙ୍କର ଏହି ଉଦ୍ୟମ ସଫଳ ହେଉ ଏବଂ ଯତୀନ ଭାଇଙ୍କ ସ୍ମୃତି ସବୁଦିନେ ଅମର ହୋଇ ରହୁ ଏଥିପାଇଁ ମୁଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବା ଛଡା ଆଉ କଣ ବା କରିପାରିବି ।

ଆସୋସିଏଟେଡ୍ ମିଡିଆ, କ୍ୱାଟର ନଂ ୫.ଆର.ଏଫ/୫, ୟୁନିଟ -୩
ମହାତ୍ମା ଗାନ୍ଧୀ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍-୯୪୩୭୦୦୫୧୧୮
Email-patnaikprasanta@gmail.com

କିଛି ସ୍ମୃତି : କିଛି ଅନୁଭୂତି

ବଂଶୀଧର ଷଡଙ୍ଗୀ

ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ସାନଭାଇ ନଗେନ୍ ମୋର ବନ୍ଧୁ। ନଗେନ୍ ସହିତ ମୋର ପରିଚୟ ରେଭେନ୍ସା କଲେଜରେ ଏମ୍.ଏ. ପଢିଲା ବେଳେ, ୧୯୬୩ ମସିହାରେ। ପରିଚୟ ଘନିଷ୍ଠ ହେବାପରେ ମୁଁ ତା' ସହିତ ତାଙ୍କ କଟକ କାଠଗଡ଼ା ସାହି ଘରକୁ ଯାଇଥିଲି। ସେଇଠି ନଗେନ୍ ମତେ ଚିହ୍ନେଇ ଦେଇଥିଲା। ସେ ମତେ, ଆଗରୁ କୋଉଠି ପଢୁଥିଲି, କ'ଣ କରୁଥିଲି ଆଦି ପଚାରିଥିଲେ। ମୁଁ ଭୁବନେଶ୍ୱର ବି.ଜେ.ବି କଲେଜରେ ବି.ଏ. ଓ ପୁରୀ ଏସ୍.ସି.ଏସ୍ କଲେଜରେ ଆଇ.ଏ ପଢୁଥିଲି ବୋଲି କହିଥିଲି। ସବୁ ଉତ୍ତର ମୁଁ ଖୁବ୍ ସଙ୍କୁଚିତ ଅବସ୍ଥାରେ ଦେଇଥିଲି। କାରଣ ତାଙ୍କୁ ମୁଁ ଆଗରୁ ଭଲ ଭାବରେ ଜାଣିଥିଲି, କେବଳ ଦେଖି ନଥିଲି ଯାହା। ପୁରୀ କଲେଜରେ ପଢିଲାବେଳେ 'ନୂତନ କବିତା' (ଗୁରୁପ୍ରସାଦ ମହାନ୍ତି ଓ ଭାନୁଜୀ ରାଓଙ୍କ କବିତା ସଂକଳନ-୧୯୫୫) ର ମୁଖବନ୍ଧ ସେ ଲେଖିଥିଲେ ଏବଂ ଗୁରୁବାବୁ ଆମର ଇଂରାଜୀ ଅଧ୍ୟାପକ ଥିଲେ। ଆମେ ସେତେବେଳେ ଗୁରୁବାବୁଙ୍କ କବିତାର ଭକ୍ତଥିଲୁ ଏବଂ ନୂତନ କବିତା'ର ମୁଖବନ୍ଧକୁ ବହୁବାର ପଢିଛୁ। ମୁଁ ପୁରୀ କଲେଜରେ ୧୯୫୮ରୁ ୬୦ମସିହା ପର୍ଯ୍ୟନ୍ତ ପଢ଼ିଥିଲି। ତାପରେ ଅସୁସ୍ଥତା ଯୋଗୁ ବର୍ଷେ ରହିଗଲି ଏବଂ କିଛିଦିନ ଭୁବନେଶ୍ୱରରେ ଚାକିରି କଲି। ୧୯୬୦ରେ 'ପ୍ରଜ୍ଞା'ର ୧ମ ସଂଖ୍ୟା ପ୍ରକାଶ ପାଇଥିଲା। ସେଥିରେ ଭାଇଙ୍କର (ନଗେନ୍‌ର ବଡ଼ଭାଇ ହିସାବରେ ମୁଁ ପ୍ରଫେସର ମହାନ୍ତିଙ୍କୁ ଭାଇ ବୋଲି ସମ୍ବୋଧନ କରୁଥିଲି) 'ଆଧୁନିକ ଓଡ଼ିଆ କବିତା' ପ୍ରବନ୍ଧଟି ଖୁବ୍ ମନଯୋଗ ସହିତ ପଢ଼ିଥିଲି। ସମ୍ପାଦକୀୟରେ 'ଗଳ୍ପ, କବିତା ବା ପ୍ରବନ୍ଧରେ ନୂଆ ତଟକା ଚିନ୍ତା' ପରିବେଷଣର ଆହ୍ୱାନ ଥିଲା।

'ପ୍ରଜ୍ଞା' ଏକ ତ୍ରୈମାସିକ ପତ୍ରିକା। ଏହାର ପ୍ରଥମ ସଂଖ୍ୟା ମେ, ୧୯୬୦ରେ ପ୍ରକାଶ ପାଇଥିଲା। ଦ୍ୱିତୀୟ ସଂଖ୍ୟା, ଅଗଷ୍ଟ ୧୯୬୦ରେ ଗୁରୁପ୍ରସାଦ ମହାନ୍ତିଙ୍କ 'କାଳପୁରୁଷ' (ଦୀର୍ଘକବିତା) ପ୍ରକାଶ ପାଇ ଚହଳ ସୃଷ୍ଟି କରିଥିଲା। ତୃତୀୟ ସଂଖ୍ୟା, ନଭେମ୍ବର ୧୯୬୦ ଓ ଚତୁର୍ଥ ସଂଖ୍ୟା ଫେବୃୟାରୀ ୧୯୬୧ରେ ପ୍ରକାଶ ପାଇବା ପରେ ପରେ ଏହାର ପ୍ରକାଶନ ବନ୍ଦ ହେଇଯାଇଥିଲା।

ମୁଁ ନିମାପଡା କଲେଜରେ ୧୯୬୭ ଅଗଷ୍ଟ ମାସରେ ଓଡ଼ିଆ ଅଧ୍ୟାପକ ଭାବେ ଯୋଗଦେଲି। ସେତେବେଳକୁ ଭାଇ ବି.ଜେ.ବି କଲେଜରେ ଥାଆନ୍ତି। ମୁଁ ପ୍ରତି ରବିବାର ଓ ଛୁଟି ଦିନମାନଙ୍କରେ ଭୁବନେଶ୍ୱର ଯାଏ ଏବଂ ପ୍ରାୟ ଭାଇଙ୍କୁ ତାଙ୍କ କ୍ୱାଟର (ୟୁନିଟ୍-୨)ରେ ଦେଖାକରେ। ସାହିତ୍ୟ ଓ ବିଭିନ୍ନ ପତ୍ରପତ୍ରିକା ସମ୍ପର୍କରେ କଥାବାର୍ତ୍ତା ହୁଏ। ଭାଇ ଓ କବି ସୀତାକାନ୍ତ ମହାପାତ୍ରଙ୍କ ସମ୍ପାଦନାରେ ଏକ ଷାଣ୍ମାସିକ ପତ୍ରିକା Bhubaneswar Review ପ୍ରକାଶ ପାଏ- ବୋଧହୁଏ ପ୍ରକାଶନ ସମୟ -୧୯୬୮-୬୯ ହେବ। ଏମିତି ଥରେ କଥାବାର୍ତ୍ତା ବେଳେ ଭାଇ ପୁଣିଥରେ 'ପ୍ରଜ୍ଞା' ପ୍ରକାଶ କରିବାକୁ କହିଲେ। କାହାଠୁ କାହାଠୁ ଲେଖାପାଇଁ ଚିଠି ଲେଖିବାକୁ ହେବ, ତା'ର ଗୋଟେ ତାଲିକା କରି ମତେ ଦେଲେ। କହିଲେ ଯେ, ସେ କହିବାରୁ ମୁଁ ଚିଠି ଲେଖୁଛି ବୋଲି ଚିଠିରେ ଉଲ୍ଲେଖ କରିବୁ। ତା'ପରେ ଭାଇ ମତେ ତାଙ୍କ ସମ୍ପାଦିତ ଓ ୧୯୬୮ରେ ପ୍ରକାଶିତ 'ଆଧୁନିକ ଓଡ଼ିଆ କବିତା' (ପ୍ରକାଶନ-ଜନଶକ୍ତି ପୁସ୍ତକାଳୟ,

କଟକ-୨) ଓ 'ଇତିହାସର ଚକ୍ର' (ରାମ ମନୋହର ଲୋହିଆଙ୍କ The Wheel of History ଭାଇଙ୍କ ଦ୍ୱାରା ଅନୂଦିତ) ବହି ଦୁଇଟି ଦେଇଥିଲେ। 'ଆଧୁନିକ ଓଡ଼ିଆ କବିତା'ର ଦୀର୍ଘ ମୁଖବନ୍ଧ ପଢ଼ି ବେଶ୍ ଉଦ୍‌ବୁଦ୍ଧ ହେଇଥିଲି।

'ପ୍ରଜ୍ଞା' ନୂତନ ପ୍ରସ୍ଥ ପାଇଁ କବି ସଚ୍ଚିଦାନନ୍ଦ ରାଉତରାୟ, ଭାନୁଜୀ ରାଓ, ରମାକାନ୍ତ ରଥ ଓ ସୀତାକାନ୍ତ ମହାପାତ୍ର ଆଦି କବିମାନଙ୍କ ଠାରୁ କବିତା ପାଇଗଲି। ପ୍ରସିଦ୍ଧ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ 'ଆତ୍ମଜୀବନୀ' ପ୍ରକାଶ ପାଇଁ ଭାଇ ଔପନ୍ୟାସିକ ମହାନ୍ତିଙ୍କୁ ଯୋଗାଯୋଗ କରିଥିଲେ। ମୁଁ ନିମାପଡ଼ାରୁ ଗୋଟିଏ ରବିବାରରେ ଯାଇ ତାଙ୍କ ଘରୁ ଗୋପୀବାବୁଙ୍କ ପାଣ୍ଡୁଲିପି ବନ୍ଧେଇ ଖାତାଟି ନିମାପଡା ନେଇ ଆସିଲି ଓ ନିର୍ଦ୍ଦିଷ୍ଟ ଅଂଶ ଉତାରି ପର ରବିବାର ଦିନ ତାଙ୍କୁ ଫେରେଇ ଦେଇଥିଲି। ପ୍ରଥମ ସଂଖ୍ୟା, ଶୀତ:୧୯୭୦ ଜାନୁଆରୀ ମାସରେ ପ୍ରକାଶ ପାଇଲା। ଦ୍ୱିତୀୟ ସଂଖ୍ୟା ଅକ୍ଟୋବର ୧୯୭୦ରେ ପ୍ରକାଶ ପାଇଥିଲା ଓ ସେ ସଂଖ୍ୟାରେ ଗୋପୀବାବୁଙ୍କ 'ଆତ୍ମଜୀବନୀ'ର ଅନ୍ୟ ଏକ ଅଂଶ ଯାହା ମୁଁ ତାଙ୍କ ଘରେ ବସି ତାଙ୍କ 'ପାଣ୍ଡୁଲିପି'ରୁ ଉତାରି ଆଣିଥିଲି। ତୃତୀୟ ସଂଖ୍ୟା ଜୁଲାଇ ୧୯୭୧, ଚତୁର୍ଥ ସଂଖ୍ୟା ଜାନୁଆରୀ ୧୯୭୫, ପଞ୍ଚମ ସଂଖ୍ୟା, ଜୁନ୍ ୧୯୭୫ ଓ ଷଷ୍ଠ ସଂଖ୍ୟା ଅପ୍ରେଲ୍ ୧୯୭୭ରେ ପ୍ରକାଶ ପାଇଥିଲା।

'ସୁବର୍ଣ୍ଣ ରେଖା' ନାମରେ ଆଉ ଏକ ପତ୍ରିକା (ସାହିତ୍ୟ ସାମୟିକୀ) ଭାଇଙ୍କ ସମ୍ପାଦନାରେ ପ୍ରକାଶ ପାଇଥିଲା। ଏହା ବର୍ଷକୁ ଥରେ, ଭାବରେ ୨୦୦୦ ମସିହାରୁ ୨୦୦୪ ପର୍ଯ୍ୟନ୍ତ ୫ଟି ସଂଖ୍ୟା ଏବଂ ୨୦୦୫ଭାଇ, ଏହାକୁ ଇଂରାଜୀରେ (Suvarnarekha) ପରିବର୍ତ୍ତିତ କରିଥିଲେ। 'ପ୍ରୟାସ' ଶୀର୍ଷକ ଆଉ ଏକ ପତ୍ରିକା (୨୦୦୯) ଓ ପରେ 'ଶ୍ରୀ' ନାମକ ଅନ୍ୟ ଏକ ପତ୍ରିକା ସମ୍ପାଦନା କରିଥିଲେ। ପ୍ରତିଷ୍ଠିତ ଓ ନୂତନ ଲେଖକ ନିର୍ବିଶେଷରେ ଭଲ ଲେଖା ପ୍ରକାଶ କରିବା ଥିଲା ତାଙ୍କର ଉଦ୍ଦେଶ୍ୟ। ଓଡ଼ିଶା ଓ ଓଡ଼ିଶା ବାହାରର ପାଠକମାନଙ୍କ ପାଇଁ ସେ ଯଥାକ୍ରମେ ଓଡ଼ିଆ ଓ ଇଂରାଜୀରେ ପତ୍ରିକାମାନ ପ୍ରକାଶ କରି ଓଡ଼ିଆ ସାହିତ୍ୟକୁ ପ୍ରସାରିତ କରିବାକୁ ଚେଷ୍ଟା କରିଥିଲେ।

Wordsworth ଙ୍କ 'A Preface to the Lyrical Ballads, Shelleyଙ୍କ "In Defence of Poetry" ଏବଂ Keats ଙ୍କର କେତେକ ଚିଠିର ଓଡ଼ିଆ ଅନୁବାଦ କରି 'କାବ୍ୟତତ୍ତ୍ୱ' ଶୀର୍ଷକ ଏକ ପୁସ୍ତକ ୧୯୭୫ରେ ପ୍ରକାଶ କରିଥିଲେ। ରୋମାଣ୍ଟିକ୍ କବିତା ସମ୍ପର୍କରେ ପାଠକମାନଙ୍କୁ ସ୍ୱଚ୍ଛ ଧାରଣା ଦେବାଥିଲା, ଏହାର ଉଦ୍ଦେଶ୍ୟ।

'ନୂତନ ସମାଲୋଚନା (୧୯୮୧), 'ସୂର୍ଯ୍ୟସ୍ନାତ (୧୯୯୯)' ଓ "ସହସ୍ରାଂଶୁ (୨୦୦୮)' ଭାଇଙ୍କର ୩ଟି ସମାଲୋଚନା ପୁସ୍ତକ। 'ସୂର୍ଯ୍ୟସ୍ନାତ' ଗ୍ରନ୍ଥଟି ୨୦୦୩ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲା।

'ପ୍ରେମାସ୍ପଦା' (୨୦୦୨) ଓ 'ଜନ୍ମାଷ୍ଟମୀ' (୨୦୧୨) ନାମରେ ଭାଇଙ୍କର ଦୁଇଟି ଉପନ୍ୟାସ ମଧ୍ୟ ପ୍ରକାଶ ପାଇଛି। ଅବସର ପରେ ସମାଲୋଚନା କ୍ଷେତ୍ରରୁ ଉପନ୍ୟାସ ଆଡ଼କୁ ମନ ବଳେଇବା କଥା ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ।

୧୯୬୮ରେ ପ୍ରକାଶିତ 'ଆଧୁନିକ ଓଡ଼ିଆ କବିତା' ପରେ ୧୯୯୮ରେ 'ଆଧୁନିକ ଓଡ଼ିଆ କବିତା ସମ୍ଭାର', ୨୦୦୬ ମସିହାରେ "ପ୍ରାଚୀନ ଓଡ଼ିଆ କବିତା ସମ୍ଭାର' ଓ 'ଓଡ଼ିଆ ତତ୍ତ୍ୱ ସାହିତ୍ୟ', ୨୦୦୭ରେ 'ଓଡ଼ିଆ କାବ୍ୟ ସମ୍ଭାର' ଆଦିର ସମ୍ପାଦନା ତାଙ୍କ କୃତିତ୍ୱର ପରିଚୟ ଦିଏ।

୧୯୮୦ ମସିହାରେ ଭାଇଙ୍କର "There where trees flower' (Essays on Modern Oriya Literature) ଓ ପରେ ପରେ "Along the stream" (on contemporary oriya literature) ଏବଂ "Tradition and

creativity" (Essays on Oriya Literature) ଆଦିର ପ୍ରକାଶନ ଓଡ଼ିଆ ସାହିତ୍ୟକୁ ଓଡ଼ିଶା ବାହାରେ ପରିଚିତ କରାଇବାର ସୁଯୋଗ ସୃଷ୍ଟି କରିଛି। ୨୦୦୬ ରେ ତାଙ୍କର ବିରାଟ ଗ୍ରନ୍ଥ "History of Oriya Literature" ପ୍ରକାଶ ପାଇ ଓଡ଼ିଆ ସାହିତ୍ୟର କ୍ରମିକ ବିକାଶର ସୂଚନା ପ୍ରଦାନ କରିଛି।

ଭାଇ, ମୋର ଗବେଷଣାର ବିଷୟ ନିର୍ବାଚନ କରିଥିଲେ। ତାଙ୍କ ବନ୍ଧୁ ଡଃ. କୃଷ୍ଣ ଚରଣ ସାହୁଙ୍କୁ ମୋର ଗାଇଡ୍ କରିବାକୁ କହିଥିଲେ। ଭାଇ ଓ ଡଃ. ସାହୁ ଉଭୟେ ବାଣୀ ବିହାରରେ ଯଥାକ୍ରମେ ଇଂରାଜୀ ଓ ଓଡ଼ିଆ ବିଭାଗରେ ଯୋଗଦେଇଥିଲେ। ଡଃ. ସାହୁଙ୍କ ନିର୍ଦ୍ଦେଶନାରେ ମୁଁ ଗବେଷଣା ନିବନ୍ଧ ପ୍ରସ୍ତୁତ କରିଥିଲି ଓ ଡି.ଲିଟ୍ ଡିଗ୍ରୀ ମଧ୍ୟ ପାଇଥିଲି।

ମୋର ମନେ ଅଛି- ମୋ ବାହାଘର ପରେ ପରେ ଭାଇ ଆମ ଦୁହିଁଙ୍କୁ ତାଙ୍କ ଘରକୁ ଖାଇବାକୁ ଡାକିଥିଲେ। ଆମେ ଯାଇଥିଲୁ। ଭାଇ ଓ ଭାଉଜ (ଡଃ. ବିଜୟ ଲକ୍ଷ୍ମୀ ମହାନ୍ତି, ଗାଳ୍ପିକା, ଅନୁବାଦିକା ଓ ଭାଷାତତ୍ତ୍ୱବିତ୍) ଆମକୁ ଯେଉଁ ସ୍ନେହ, ଶ୍ରଦ୍ଧା ଓ ସହାନୁଭୂତି ଦେଖେଇଥିଲେ, ତାହା ଜୀବନରେ କେବେ ବି ଭୁଲିବାର ନୁହେଁ।

ଗୁହାଳାପଡା,ପୋ: ନିମାପଡା, ଜି:ପୁରୀ-୭୫୨୧୦୬
ମୋ: ୯୮୬୧୭୮୨୪୪୦



ଅପହଞ୍ଚ ଚିଠି

ନଗେନ୍ଦ୍ର ମୋହନ ମହାନ୍ତି

ଭାଇ !

ଚାହୁଁ ଚାହୁଁ ତ ବର୍ଷେ ବିତିଗଲା। ଗତବର୍ଷ ମେ ମାସ ଭୁବନେଶ୍ୱରରେ ଯେଉଁ ଅସହ୍ୟ ଗରମ - ସେଥିରେ ଆପଣ ଏକୁଟିଆ (ସର୍ବଦା ଭାଉଜଙ୍କ ସାଙ୍ଗରେ ଆସନ୍ତି) ଖରାବେଳେ ମୋ ଘରକୁ ଆସିଲେ। ମୁଁ ଆଉ ମଞ୍ଜୁ ତ ଆକାଶରୁ ଖସିପଡ଼ିଲୁ। ଆପଣଙ୍କ ଦେହର ଅବସ୍ଥାରେ ବାଡ଼ି ଧରି ଗୋଟାଏ ଅଟୋରେ ପହଞ୍ଚିଲେ। ସେତେବେଳକୁ ଆପଣଙ୍କ 'ଜନ୍ମାଷ୍ଟମୀ' ବହି ଛପା ସରିଥାଏ। ବିଧିବଦ୍ଧ ଭାବରେ ୧୩ ତାରିଖ ଦିନ ଭୁବନେଶ୍ୱର ସୂର୍ଯ୍ୟାଂଶ ହୋଟେଲରେ ବହି ଲୋକାର୍ପିତ ହେବାଲାଗି ଗୋଟିଏ ଛୋଟ ସଭାର ବନ୍ଦୋବସ୍ତ ଉଦ୍ୟୋକ୍ତାମାନେ କରିଥିଲେ। ମତେ ସଭାକୁ ଆସିବାକୁ କହିବା ଲାଗି ପ୍ରାୟ ବାର କିଲୋମିଟର ଦୂର ଆପଣଙ୍କ ତାଳବଣିଆ ଭକ୍ତମଧୁନଗର ଘରୁ ମୋ ପାଖକୁ ଆସିଥିଲେ। ସେଇଟା ହିଁ ଆପଣଙ୍କର ମୋ ଘରକୁ ଆସିବାର ଶେଷ। ମୁଁ ଡାକ୍ତରଖାନାରୁ ଆସିଥାଏ - ସୁସ୍ଥ ହୋଇ ନ ଥାଏ। ଇଚ୍ଛା ଥିଲେ ବି ସଭାକୁ ଆସିପାରିଲି ନାହିଁ କି ଆପଣଙ୍କ ଏତେ ବଡ଼ ସାହିତ୍ୟକୃତିର ଲୋକାର୍ପଣ ଦେଖିପାରିଲି ନାହିଁ। ସେ ମଧ ଶେଷ। ତା ପରେ ଆପଣ ଶଯ୍ୟାଶାୟୀ ହେଲେ - ଆପୋଲୋ ହସ୍ପିଟାଲ୍‌ରେ ଏବଂ ଅଗଷ୍ଟ ଚଉଦ ତାରିଖରେ ଆମ ସମସ୍ତଙ୍କୁ ଛାଡ଼ି ଚାଲିଗଲେ ସେଠାକୁ - ଯେଉଁଠୁ ଆଉ ଫେରିବାର ରାସ୍ତା ନାହିଁ।

ପ୍ରାୟ ଅଢ଼େଇବର୍ଷ ତଳେ ଆମେରିକାରେ ମୋର ଏକମାତ୍ର ଝିଅର ଦେହାନ୍ତ ଖବର ପାଇ ଆପଣଙ୍କୁ ଫୋନ୍ କରିଥିଲି। କହିଲି- 'ଭାଇ, ମୋର ତ ପୁଅ ନାହିଁ - ଗୋଟିଏ ଥିଲା ବନ୍ଧନ - ଝିଅ। ସେ ବି ଗଲା - ମୁଁ ଏକୁଟିଆ ହୋଇଗଲି। ଆପଣ ଜବାବରେ କହିଲେ, 'ଆରେ ମୁଁ ପରା ଅଛି; ତୋ ବଡ଼ ଭାଇ। ଏକୁଟିଆ ହେଲୁ କାହିଁକି ?' ଆପଣଙ୍କର ସେଇ ପଦକ କଥା ଆଜି ମଧ ମୋ କାନରେ ବାଜେ। ଭାବେ- ଭାଇ ଅଛନ୍ତି, ମୁଁ କାହିଁକି ଏକୁଟିଆ ହେବି ? ଏବେ ଆପଣ ବି ମଝିଆଁ ଭାଇଙ୍କ ଭଳି ଛାଡ଼ି ଚାଲିଗଲେ ଓ ମୁଁ ଏକୁଟିଆ ହୋଇଗଲି।

ବଡ଼ ଭାଉଜ (ଅଧାପିକା ନଳିନୀପ୍ରଭା ମହାନ୍ତି) କଟକ ମେଡ଼ିକାଲ ନର୍ସିହୋମ୍‌ରେ ଦୁଇବର୍ଷ ବେମାରି ପଡ଼ି ଦେହତ୍ୟାଗ କଲେ। ସେତେବେଳେ ଆପଣ କଟକ ରେଭେନ୍ସା କଲେଜରେ ଇଂରାଜୀ ଅଧାପକ ଥାନ୍ତି ଓ ମୁଁ ମଧ ସେଇଠି ପାଠପଢୁଥାଏ। ଦୁଇବର୍ଷ କାଳ ଆପଣ ମେଡ଼ିକାଲ ନର୍ସିଂହୋମ୍‌ରେ ଭାଉଜଙ୍କୁ ଜଗି ରହିଛନ୍ତି ଓ ଆପଣଙ୍କ ସହ ମୁଁ ମଧ ସେଇଠି ରହିଛି। ଭାଉଜଙ୍କ ଦେହାନ୍ତ ପରେ ଆପଣ ବିଲାତର ଲିଡସ୍ ବିଶ୍ୱବିଦ୍ୟାଳୟକୁ ଉଚ୍ଚତର ଶିକ୍ଷା ଲାଗି ଗଲେ ଓ ବର୍ଷକ ପରେ କଟକ ଫେରି ଆସିଲେ।

ଯା' ପରର ଜୀବନ ତ ଗତାନୁଗତିକ। ଆପଣ ଦ୍ୱିତୀୟ ବିବାହ କଲେ - ଭୁବନେଶ୍ୱର ବିଜେବି କଲେଜ - ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ବାଣୀବିହାରରେ ଆପଣଙ୍କ କର୍ମମୟ ଜୀବନ ୨୦୧୨ ମସିହା ପର୍ଯ୍ୟନ୍ତ।

ଆପଣ କେବେ ବି ଭାବିବେ ନାହିଁ ଯେ ମୁଁ ଆପଣଙ୍କ ବିଷୟରେ ଯାଉସ୍ୟାଉ ଲେଖୁଛି ବୋଲି। ଏଟା ତ ମୋର ଖଣ୍ଡେ ଚିଠି। ମୁଁ ଜୀବନରେ ଆପଣଙ୍କୁ କେବେ ଚିଠି ଲେଖିନାହିଁ ଏବଂ ଆପଣଙ୍କ ପାଖରୁ ମୋର ଏହି ଦୀର୍ଘ

ଜୀବନ କାଳ ମଧ୍ୟରେ ମଧ୍ୟ ପାଇ ନାହିଁ। ତେଣୁ ମୋର ଏହି ଚିଠିଟା ଦୀର୍ଘ ହେଉ ପଛକେ। କେତେକ କଥା ଅତୀତରୁ ଆଜି ମନରେ ଆସୁଛି ଏବଂ ଆପଣଙ୍କୁ ମନେ ପକାଇବାର ପ୍ରୟାସ କରୁଛି। ତା ବ୍ୟର୍ଥ ହେଉ ପଛକେ।

ଆମ ଗାଁ, ପରିବାର ଓ ସବୁ ଭାଇ ଭଉଣୀଙ୍କ ଭିତରେ ଆପଣ ବଡ଼ଭାଇ - ବଡ଼ଭାଇ କହିଲେ କେବଳ ଆପଣଙ୍କୁ ହିଁ ବୁଝାଏ - ଆଜି ମଧ୍ୟ। ନାଁ ଧରିବା ଦରକାର ହୁଏ ନାହିଁ। ଏମିତିକି ରେଭେନ୍ସା କଲେଜରେ ପାଠ ପଢ଼ା ଭିତରେ ମୋ ଘନିଷ୍ଠ ବନ୍ଧୁ ଓ ସହାଧ୍ୟାୟୀ ପ୍ରଶାନ୍ତ (ପ୍ରଶାନ୍ତ ପଟ୍ଟନାୟକ - ବରିଷ୍ଠ ସାମ୍ବାଦିକ) ଆମ ବନ୍ଧୁମାନଙ୍କ ଭିତରେ 'ବାଘା ଯତୀନ୍' ବୋଲି ନାଁ ଦେଇଥିଲା - ଅର୍ଥାତ୍ କଲେଜ୍‌ରେ ଆମେ ବନ୍ଧୁମାନେ ଆପଣଙ୍କୁ ଡରୁଥିଲୁ। ଆପଣଙ୍କ ବ୍ୟକ୍ତିତ୍ୱକୁ - ଜ୍ଞାନକୁ ଓ ପାଠପଢ଼ାକୁ। ଏବେ ବି ଆପଣଙ୍କ ଲାଇବେରିକୁ ଦେଖିଲେ ମତେ ଡରମାଡ଼େ। ଡରମାଡ଼େ ଯେ ଏତେ ବୃହତ୍‌ଜ୍ଞାନ ଆପଣ କିପରି ଆହରଣ କଲେ ? କିପରି ଏତେ ପୁସ୍ତକ ସବୁ ପଢ଼ି ହଜମ କଲେ ? ଭୟ ଲାଗେ ଆପଣଙ୍କ ସମ୍ମୁଖରେ କୌଣସି ସାହିତ୍ୟ ଆଲୋଚନା କରିବାକୁ। ଭୟଲାଗେ କାଳେ କହୁ କହୁ କ'ଣ ଗୁଡ଼ାଏ ଭୁଲ୍‌ଭାଲ୍ କହିଯିବି ଓ ଆପଣ ଆପଣଙ୍କ ଚିରାଚରିତ ଅଧ୍ୟାପକ ଭଙ୍ଗୀରେ ମତେ ଗାଳିଗୁଲଜ କରିବେ - ମୂର୍ଖ-ଷ୍ଟୁପିଡ୍-ରାବିସ୍-ଇତ୍ୟାଦି ବିଶେଷଣମାନ ଲଗାଇ। ତଥାପି ଆପଣଙ୍କ ସହ ଥରେ ସାହିତ୍ୟ ଆଲୋଚନା କରୁ କରୁ ମୁଁ କହିଲି- 'ଭାଇ ! ଆପଣ ତ ଖାଲି ସମାଲୋଚନା ଲେଖିଲେ- ସୃଷ୍ଟି କାହିଁ ?' ଆପଣ କହିଲେ ସମାଲୋଚନାତ୍ମକ ଲେଖା କ'ଣ ସୃଷ୍ଟି ନୁହେଁ ? ମୁଁ ଉତ୍ତରରେ କହିଥିଲି 'ମୌଳିକ ସୃଷ୍ଟି ନୁହେଁ ପରା। ସୃଷ୍ଟି ହେଲେ ତ ଆପଣ ଆଲୋଚନା ସମାଲୋଚନା ଯାହା ଲେଖିବେ।' ଆପଣ ଚୁପ୍ ରହିଲେ। କହିଲେ, ଠିକ୍ କଥା - ସୃଷ୍ଟି ଦରକାର ଏବଂ ସେହି ସୃଷ୍ଟି ଚିନ୍ତାରୁ ମୋର ମନେହୁଏ ଆପଣ 'ପ୍ରେମାସ୍ପଦା' (୨୦୦୨) ଓ ଜନ୍ମାଷ୍ଟମୀ (୨୦୧୨) ଉପନ୍ୟାସ ଲେଖିଲେ। ପ୍ରେମାସ୍ପଦା ପ୍ରକାଶ ପାଇଲା ପରେ ପ୍ରଥମେ ବହିଟି ଦେଇଥିଲେ। ପ୍ରେମାସ୍ପଦାର ଭାଷା, ପ୍ରକାଶଭଙ୍ଗୀ ଓ ଚରିତ୍ରର ଚିନ୍ତାଧାରା ବୋଧହୁଏ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ଏକ ନୂଆଧରଣର ପରିପ୍ରକାଶ ବୋଲି ମୋର ମନେହୁଏ। ଯେମିତିକି ବଙ୍ଗଳା ସାହିତ୍ୟରେ ଔପନ୍ୟାସିକ ଶୀର୍ଷେନ୍ଦୁ ମୁଖୋପାଧ୍ୟାୟଙ୍କ ପ୍ରକାଶଭଙ୍ଗୀ ଓ ଭାଷା।

ସାହିତ୍ୟ ଆହୁରି ଖୋଲିଲା। ବଡ଼ ଭାଉଜ ଡ଼ଃ. ବିଜୟଲକ୍ଷ୍ମୀ ମହାନ୍ତି ଅଧ୍ୟାପିକା ଓ ବିଶିଷ୍ଟ ଭାଷା ତତ୍ତ୍ୱବିଦ୍। ଦୁହିଁଙ୍କ ଆଲୋଚନାରେ ଆହୁରି ଆଲୋଚନା-ସମାଲୋଚନା ମୂଳକ ସାହିତ୍ୟ ସୃଷ୍ଟି ହେଲା। ୨୦୦୩ ମସିହାରେ ଆପଣଙ୍କ ଓଡ଼ିଆ କବିତା ସମ୍ପର୍କରେ ସମାଲୋଚନା ଗ୍ରନ୍ଥ 'ସୂର୍ଯ୍ୟସ୍ନାତ' କେନ୍ଦ୍ର ସାହିତ୍ୟ ଅକାଦେମୀର ଶ୍ରେଷ୍ଠ ଓଡ଼ିଆ ସାହିତ୍ୟ ଗ୍ରନ୍ଥ ଭାବେ ପୁରସ୍କୃତ ହେଲା ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ତ 'ଗୋଡ଼ଟାଣିବା' ଅଭ୍ୟାସର ଅଭାବ ନାହିଁ। ଏଣୁ ସମାଲୋଚନା ଗ୍ରନ୍ଥ କିପରି ପୁରସ୍କାର ପାଇଲା ତା'ର ସମାଲୋଚନା ପାଇଁ ଆହୁରି ଅନେକ କୁଖ୍ୟାତ ଓ ସୁଖ୍ୟାତ ସମାଲୋଚକ ବାହାରି ପଡ଼ିଲେ। କିନ୍ତୁ ଭାଇ, ମୋର ଯାହା ମନେହୁଏ ଅଧିକାଂଶ ଆଲୋଚକ 'ସୂର୍ଯ୍ୟସ୍ନାତ' ପଢ଼ି ନାହାନ୍ତି। ପଢ଼ିଥିଲେ ଆପଣଙ୍କ ଦେହାନ୍ତ ପରେ ବାହାରିଥିବା କେତେକ ସ୍ମୃତି ଲେଖାରେ ସୂର୍ଯ୍ୟସ୍ନାତକୁ ଏକ କବିତାଗ୍ରନ୍ଥ (କାଦମ୍ବିନୀ-ସେପ୍ଟେମ୍ବର ୨୦୧୨ ସଂଖ୍ୟା-ପୃ.୧୦୧) ବୋଲି ଲେଖି ନ ଥାନ୍ତେ। ତେବେ ଆପଣଙ୍କ ସମାଲୋଚନା ସୃଷ୍ଟି ସାହିତ୍ୟ ସମ୍ପର୍କରେ ('ସଂବାଦ'-୨୪.୦୪.୨୦୧୨) ସଂଖ୍ୟାରେ ହରପ୍ରସାଦ ଦାସଙ୍କ ଲିଖିତ 'ବିଦାୟ କ୍ଷେତ୍ରପାଳ, ବିଦାୟ !' ଲେଖାଟି ଯଥାର୍ଥ। ଆପଣ ପ୍ରକୃତରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ କ୍ଷେତ୍ରପାଳ। ମୋର ମନେଅଛି ଅନେକଦିନ ତଳେ କଟକ ଡଗର ପ୍ରେସ୍‌ରେ ମୁଁ ଓ ପ୍ରଶାନ୍ତ ଫତୁରାନନ୍ଦ (ରାମଚନ୍ଦ୍ର ମିଶ୍ର)ଙ୍କ ସହ ଆଲୋଚନା କଲାବେଳେ ସେ ଏହି କ୍ଷେତ୍ରପାଳ କଥାଟି କହିଥିଲେ। ତାଙ୍କର ଗୋଟିଏ ବ୍ୟଙ୍ଗାତ୍ମକ ଗଳ୍ପରେ ଆପଣଙ୍କ ବିଷୟରେ ଲେଖି ସାହିତ୍ୟସ୍ରଷ୍ଟା

ମାନଙ୍କୁ ପ୍ରକାରାନ୍ତରେ ସତର୍କ କରାଇ ଦେଇଥିଲେ ଯେ ଆଲତୁ ଫାଲତୁ ଲେଖିଲେ ଚଳିବ ନାହିଁ। ସେଠି ଅଧ୍ୟାପକ ଯତୀନ୍ ମହାନ୍ତି ବସିଛି - ସାଙ୍ଗେ ସାଙ୍ଗେ ସମାଲୋଚନା ଗର୍ଜି ଉଠିବ। ଏପରିକି ଆପଣଙ୍କ ଅଧ୍ୟାପକ ଜୀବନର ପ୍ରାରମ୍ଭରେ ଆପଣଙ୍କର "ରାଧାନାଥଙ୍କ କାବ୍ୟ ଓ ନିଃସର୍ଗ ପ୍ରକୃତି" ସମାଲୋଚନା ମୂଳକ ପ୍ରବନ୍ଧ (ଯାହା ଝଙ୍କାର ପତ୍ରିକାର ଦୁଇଟି ସଂଖ୍ୟାରେ ପ୍ରକାଶ ପାଇଥିଲା) ପ୍ରସିଦ୍ଧ ସାହିତ୍ୟିକ ଡଃ. ମାୟାଧର ମାନସିଂଙ୍କୁ ଆପଣଙ୍କ ଲେଖା ସମ୍ପର୍କରେ ଲେଖିବାକୁ ବାଧ୍ୟ କରିଥିଲା।

ତ୍ରୈମାସିକ ସାହିତ୍ୟ ପତ୍ରିକା ପ୍ରଜ୍ଞା ଓ ଇଂରାଜୀରେ Bhubaneswar Review ପ୍ରକାଶ ପରେ ଆପଣ ଆଉ ବିଶ୍ରାମ ନେଲେ ନାହିଁ। ବାଣୀବିହାରରୁ ଅବସର ନେବାର ଦୀର୍ଘ କୋଡିଏ ବର୍ଷ ଧରି ଇଂରାଜୀ ଓ ଓଡ଼ିଆରେ କେତେ ଯେ ଗ୍ରନ୍ଥ ଲେଖିଲେ ଓ ଆପଣଙ୍କ ପ୍ରକାଶନ ସଂସ୍ଥା 'ବିଦ୍ୟା' ନାମରେ ପ୍ରକାଶ କଲେ ତାହା ଦେଖି ଚିନ୍ତା କଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ। ମନେହୁଏ ଆପଣ ଜ୍ଞାନର ଗୋଟିଏ ଅସରନ୍ତି ଭଣ୍ଡାର ଯାହା କେବେବି ଶେଷ ହେବ ନାହିଁ ଆପଣଙ୍କ ଅବିଦ୍ୟମାନରେ ମଧ୍ୟ।

ଏବଂ ପରିଶେଷରେ ଲେଖିଲେ ଆପଣଙ୍କର ଶେଷ ଏବଂ ଶ୍ରେଷ୍ଠ ଉପନ୍ୟାସ 'ଜନ୍ମାଷ୍ଟମୀ'। ଭାରତବର୍ଷର ମହାନ୍ କିମ୍ବଦନ୍ତୀ ପୁରୁଷ ଶ୍ରୀକୃଷ୍ଣଙ୍କ ଜନ୍ମବୃତ୍ତାନ୍ତ ତଥା ଭାରତୀୟ ପରମ୍ପରା ଓ ଚେତନାରେ ଓତଃପ୍ରୋତ ଭାବେ ଜଡ଼ିତ ସେହି ମହାନ୍ ପୁରୁଷଙ୍କ ଉପରେ ଆଧାରିତ ଏହି ଉପନ୍ୟାସଟିକୁ ପ୍ରକାଶ ପରେ ପ୍ରଥମେ ଆପଣ ମତେ ଘରେ ଆଣି ଦେଇଥିଲେ ଏବଂ ସେଇ ଯେ ଏକଦା ଆପଣଙ୍କୁ କହିଥିଲି 'ଭାଇ : ସୃଷ୍ଟି କାହିଁ ?' ତା'ର ସଠିକ୍ ଉତ୍ତର ମୁଁ ପାଇଗଲି। ଦୀର୍ଘ ୬୨୮ ପୃଷ୍ଠାର ଏହି ପୁସ୍ତକଟି ଯେ ଓଡ଼ିଆ ସାହିତ୍ୟ ଭଣ୍ଡାରର ଏକ ଅମୂଲ୍ୟ ଗ୍ରନ୍ଥ ଏଥିରେ ଦ୍ୱିମତ ଅଛି ବୋଲି ମୁଁ ମନେ କରେ ନାହିଁ। ଭାଷାରେ, ଭାବରେ, ଉପସ୍ଥାପନାରେ, ଚରିତ୍ର ଚିତ୍ରଣରେ ଏବଂ ପରିବେଶ ସୃଷ୍ଟିରେ ଯେପରି ଏକ କୁଶଳୀ ଶିଳ୍ପୀର ହାତ ଅବାରିତ ଭାବେ କାମ କରି ଚାଲିଛି। ଯେପରି ଭାଷା ସବୁ ଝରଣା ପରି କଳକଳ ଶବ୍ଦରେ ବୋହି ଯାଉଛନ୍ତି ଆଗକୁ ଆଗକୁ।

ମନେହୁଏ ଅନ୍ୟ ଯେକୌଣସି ଭାରତୀୟ ଭାଷାରେ ଏହି ଉପନ୍ୟାସ ପ୍ରକାଶ ପାଇଥିଲେ ବର୍ତ୍ତମାନ ସୁଦ୍ଧା କେତେ ଯେ ଆଲୋଚନା-ସମାଲୋଚନା ପ୍ରକାଶ ପାଇ ସାରନ୍ତାଣି ତା'ର ହିସାବ ରହନ୍ତା ନାହିଁ। କିନ୍ତୁ କାହିଁ ? ସମାଲୋଚକଙ୍କ 'ସୃଷ୍ଟି'ର ଆଲୋଚନା କାହିଁ ?

ଭାଇ। ଆଜି ବି ଏକୁଟିଆ ଥିବା ସମୟରେ ମୋ' କାନରେ ଆପଣଙ୍କର ସେହି ପଦେକଥା ଭାସିଉଠେ। 'ଟୁନା! ଏକୁଟିଆ କେମିତି ହେଲୁରେ ? ମୁଁ ତୋ ବଡ଼ ଭାଇ ଅଛି ପରା।' ଆଜିବି ଭାବେ - ବାସ୍ତବରେ ମୁଁ ତ ଏକୁଟିଆ ନୁହେଁ। ମୋ ଭାଇ ଅଛନ୍ତି ଯେ। ଏବେବି ଆପଣଙ୍କର ଘରର ଫାଟକ ପାଖରେ ଠିଆହେଲେ ମୋତେ ମନେହୁଏ ଆପଣ ଉପରମହଲା ଲାଇବ୍ରେରିରେ ବସି ମୋଟା କାଚଦିଆ ଚଷମା ପିନ୍ଧି କ'ଣ ଲେଖୁଛନ୍ତି ବା ପଢୁଛନ୍ତି। ଯେପରିକି ସଂସାରର କାହା ସାଙ୍ଗରେ ଆପଣଙ୍କର କୌଣସି ସମ୍ପର୍କ ନାହିଁ। ଲେଖିବା ଓ ପଢ଼ିବା ଯେପରି ଏକ ମାତ୍ର କାମ୍ୟ।

ଯଥାର୍ଥରେ ହରପ୍ରସାଦଙ୍କ ଭାଷାରେ ଆପଣ ଓଡ଼ିଆ ସାହିତ୍ୟ କ୍ଷେତ ଚାରିପଟେ ବାଡ଼ଦେଇ ଜଗି ବସିଥିବ ଏକମାତ୍ର କ୍ଷେତ୍ରପାଳ।

ଆପଣଙ୍କର, ଟୁନ

କେଶୁରା, ଭୁବନେଶ୍ୱର
ମୋ:୯୯୩୭୩୩୧୧୪୧

ସ୍ମୃତିରୁ ଖିଏ
ଅପର୍ଣ୍ଣା ମହାନ୍ତି

ପ୍ରଥମେ ତାଙ୍କ ସହିତ ଦେଖାହୋଇଥିଲା ଦିଲ୍ଲୀରେ। 'ସାଂପ୍ରତିକ' ଅନୁଷ୍ଠାନ ତରଫରୁ ଦିଲ୍ଲୀରେ ଏକ ଦ୍ୱିଭାଷୀ କବି ସମ୍ମିଳନୀର ଆୟୋଜନ କରାଯାଇଥିଲା। ସେତେବେଳକୁ ମୋର ଦୁଇଖଣ୍ଡି କବିତା ବହି ପ୍ରକାଶିତ ହୋଇଥାଏ ସିନା, କବି ଭାବରେ ବିଶେଷ କେହି ମତେ ଜାଣିନଥାନ୍ତି। 'ସାଂପ୍ରତିକ'ର ମୁଖ୍ୟ ଆୟୋଜକ ପ୍ରଫେସର ନିତ୍ୟାନନ୍ଦ ଶତପଥୀ ଓ କବି ପ୍ରତିଭା ଶତପଥୀଙ୍କ ପରିବାରର ଜଣେ ସଦସ୍ୟ ପରି ଚଳୁଥିବାରୁ ମତେ ସେମାନଙ୍କ ସହିତ ଦିଲ୍ଲୀ ଯିବାର ସୁଯୋଗଟି ମିଳିଥିଲା।

ଦିଲ୍ଲୀର ଓଡ଼ିଶା ନିବାସରେ ରହଣୀର ପ୍ରଥମ ଦିନ ହିଁ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି ମୋ ରୁମ୍‌କୁ ଆସି ପଚାରିଲେ 'କବିତା ବହି କିଛି ପ୍ରକାଶ ପାଇଛି ?' ମୋ ପାଖରେ 'ଅବ୍ୟକ୍ତ ଆତ୍ମୀୟତା' ଓ 'ଅସତୀ' ବହି ଦୁଇଖଣ୍ଡି ଥାଏ, ଦେଖେଇଲି। ମୋ ହାତରୁ ବହି ଦୁଇଟିକୁ ଏକପ୍ରକାର ଝାଂପିନେଇ କହିଲେ- 'ନଉଛି, ପଢ଼ିସାରି କାଲି ଫେରେଇ ଦେବି।' ଚାଲି ଯାଉ ଯାଉ ଦୁଆରମୁହଁ ପାଖରେ ଫେରିପଡି କହିଲେ- 'ଆମ ଘର ଶ୍ୟାମ ସୁନ୍ଦର ପୁର, କନୁଆକୁ (ମୋର ଜଣେ ସଂପର୍କୀୟ ଭାଇ) ପଚାରି ବୁଝିବ। ମୁଁ ହିସାବରେ ତୋର ବଡ଼ଭାଇ ହେବି।'

ମୋର ଅବାକ୍‌ପଣ କଟିବା ଆଗରୁ ସେ ଚାଲିଯାଇଥିଲେ। ବହିଦୁଇଟିକୁ ବି ଆଉ ଫେରେଇଲେ ନାହିଁ। କବି ସମ୍ମିଳନୀର ଶେଷ ଅଧିବେଶନରେ ନ ରହି ମୁଁ କିଛି କିଣାକିଣି କରିବାପାଇଁ ବାହାରିଥାଏ। ପ୍ରତିଭା ଶତପଥୀଙ୍କର ଜଣେ ସଂପର୍କୀୟ ମତେ ସାଥୀରେ ନେବାପାଇଁ ଆସିବାକୁ ଥିବାରୁ ମୁଁ ଲବିରେ ଅପେକ୍ଷା କରିଥାଏ। ପ୍ରଫେସର ମହାନ୍ତି ବାହାରକୁ ଯାଉ ଯାଉ ମତେ ଦେଖି ପାଖକୁ ଚାଲିଆସିଲେ। ସେଦିନର ବାକିଥିବା ମୁଣ୍ଡିଆଟି ମାରିଲି ପାଦତଳେ। କହିଲେ- 'ଶୁଣ ତୁ ଖୁବ୍ ଭଲ ଲେଖୁଛୁ। ତୋ ବହି ଦୁଇଟି ମୋ ପାଖରେ ରହିଲା। ତୋ କବିତାର ସ୍ୱତନ୍ତ୍ର ସ୍ୱର ଓଡ଼ିଆ କବିତାରେ ଏକ ନୂଆ ବାଟ ଫିଟାଇବ।'

ତା' ପରଠାରୁଁ ମୋ କବିତା ଓ ମୋର କ'ଣ ନୂଆ ବହି ବାହାରିଲା ତା' ଉପରେ ତାଙ୍କର ତୀକ୍ଷ୍ଣ ଦୃଷ୍ଟି ରହିଥାଏ। ନୂଆ ବହି ବାହାରିବାର ଜାଣିଲେ ତାଙ୍କ ପାଖକୁ ତୁରନ୍ତ ତାହା ପଠାଇବାକୁ ସେ ମତେ ଏକ ପ୍ରକାର ବାଧ୍ୟ କରନ୍ତି। ଥରେ ତ ଜ୍ଞାନଯୁଗ ପ୍ରକାଶନ ଅଫିସ୍‌ରେ ବସି ମତେ ଫୋନ୍ କରି କହିଲେ- 'ବିନୋଦ ତୋର ଦୁଇଟା ବହି ବାହାର କରିଛି, ମତେ ଦେଇନୁ କାହିଁକି ? ବିନୋଦକୁ କହ ସେ ମତେ ସେ ବହିଦୁଇଟି ଦେବ।' ପ୍ରକାଶକ ବିନୋଦ ବିଶୋଇ ହସି ହସି କହିଲେ- 'ଆଜ୍ଞା ସାର୍ ତ ବହିଦୁଇଟି ନେଇସାରିଲେଣି କେବଳ ଆପଣଙ୍କୁ ସେପରି କହୁଛନ୍ତି।'

ମୋର 'ଅସତୀ' କବିତାଗ୍ରନ୍ଥର ଆଲୋଚନା ଯେତେବେଳେ ତାଙ୍କର ଏକାଡ଼େମୀ ପୁରସ୍କାର ପ୍ରାପ୍ତ 'ସୂର୍ଯ୍ୟସ୍ନାତ' ଗ୍ରନ୍ଥରେ ସ୍ଥାନିତ ହୋଇଛି ବୋଲି ଜାଣିଲି, ବିଶ୍ୱାସ କରିପାରିଲି ନାହିଁ, ମୋର ଧାରଣା ଥିଲା ଓଡ଼ିଶାର ବରିଷ୍ଠ ଲେଖକ ଓ ଆଲୋଚକମାନେ ନୂଆ ଲେଖିକା / ଲେଖକଙ୍କୁ ପଢନ୍ତି ନାହିଁ କିମ୍ବା କେଉଁଠି ଆଲୋଚନା କରନ୍ତି

ନାହିଁ। ଭାଇ ମୋର ସେ ଧାରଣାକୁ ଭୁଲ୍ ପ୍ରମାଣିତ କରିଦେଲେ।

ତାଙ୍କ ରଚିତ ଇଂରାଜୀରେ 'ଓଡ଼ିଆ ସାହିତ୍ୟର ଇତିହାସ' ଯଦିଓ ବିବଦମାନ ହୋଇପଡିଥିଲା କିନ୍ତୁ ସେଥିରେ ଜଣେ ନୂଆ ଲେଖକ ଭାବରେ ସେ ମୋର କବିତା ସଂପର୍କରେ ବିଶେଷ ଭାବରେ ଉଲ୍ଲେଖ କରିଥିଲେ।

ସେ ପ୍ରାଚୀନ ହୁଅନ୍ତୁ ବା ଅର୍ବାଚୀନ ଓଡ଼ିଆ ସାହିତ୍ୟର ସମସ୍ତଙ୍କୁ ଆଲୋଚନା ଓ ସଂପାଦନା କରିବାରେ ପ୍ର. ଯତୀନ୍ଦ୍ର ମୋହନ ମହାନ୍ତି ନିରଳସ ଭାବରେ ଉଦ୍ୟମ କରିଥିଲେ। ପ୍ରତିଷ୍ଠା ତୁଳନାରେ ପ୍ରତିଭାକୁ ଗୁରୁତ୍ୱ ଦେବାରେ ତାଙ୍କର ନିରପେକ୍ଷ ଦୃଷ୍ଟିକୋଣକୁ କେହି ଅସ୍ୱୀକାର କରିପାରିବେ ନାହିଁ। ନିଜର ଗଭୀର ଅଧ୍ୟୟନ ଓ ଅନୁଶୀଳନ ବ୍ୟତୀତ ସେ ଅନ୍ୟ କୌଣସି ଚାପ ଆଗରେ ମୁଣ୍ଡ ନୁଆଁଉ ନଥିଲେ ଓ ଜୀବନର ଶେଷପର୍ଯ୍ୟନ୍ତ ଗୋଟିଏ ପରେ ଗୋଟିଏ ବିଶାଳ ଗ୍ରନ୍ଥ ରଚନା ସଂକଳନ ତଥା ସଂପାଦନା କରିଚାଲିଥିଲେ।

ତାଙ୍କର ବ୍ୟକ୍ତିଗତ ଜୀବନରେ ବହୁ ଘାତ-ପ୍ରତିଘାତ, ଝଡ଼ଝଞ୍ଜା ଆସିଛି। କିନ୍ତୁ ଉତ୍କଳ ଭାରତୀଙ୍କ ପ୍ରତି ନିଜ କର୍ତ୍ତବ୍ୟ ନିଷ୍ଠାରୁ ସେ ତିଳେମାତ୍ର ବିଚ୍ୟୁତ ହୋଇନାହାନ୍ତି। ମୋ ପରି ଅନାମଧେୟ ଲେଖିକାର ସ୍ମୃତିରେ କେବଳ ନୁହେଁ, ସମସ୍ତ ଓଡ଼ିଆ ଭାଷାସାହିତ୍ୟ ପ୍ରେମୀଙ୍କ ହୃଦୟରେ ସେ ଚିରନମସ୍ୟ ହୋଇ ରହିଥିବେ।

କପାଳେଶ୍ୱର, ଠାକୁରପାଟଣା,
କେନ୍ଦ୍ରାପଡ଼ା-୭୫୪୨୫୦
ମୋ: ୯୪୩୭୧୨୮୩୧୬



ଯତିନସାର୍‌ଙ୍କ ସ୍ମୃତିରେ

ପ୍ରଭାତୀ ମିଶ୍ର

୧୯୬୬ ମସିହାରେ ବିଜେବି କଲେଜରେ ପ୍ରଥମ କରି ଇଂରାଜୀ ସ୍ନାତକ ବିଭାଗ ଖୋଲାଗଲା। ସର୍ବନିମ୍ନ ଆଠ ଜଣ ପିଲା ରହିବା ଜରୁରୀ। ଆମେ କେତେ ଜଣ ଛାତ୍ରଛାତ୍ରୀ ରାଜନୀତି ବିଜ୍ଞାନ, ଅର୍ଥନୀତି ବା ଦର୍ଶନ ବିଭାଗ ପାଇଁ ଆବେଦନ କରିଥିଲୁ। ଆମକୁ ଶିକ୍ଷକମାନେ ଉତ୍ସାହ ଦେଇଥିଲେ ଇଂରାଜୀ ସାହିତ୍ୟ ବିଭାଗରେ ନାମ ଲେଖାଇବା ପାଇଁ। ସେତେବେଳେ ଇଂଲଣ୍ଡରୁ ଉଚ୍ଚଶିକ୍ଷା ଲାଭ କରି ଆସିଥିବା ଅଧ୍ୟାପକ ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ଇଂରାଜୀ ବିଭାଗରେ ଉପସ୍ଥିତି ଆମକୁ ଆକର୍ଷିତ କରିଥିଲା। ମୋ ସହିତ ରବିନାରାୟଣ ରଥ, ପ୍ରତିମା ଦେବୀ, ସୁଧୀର ଯୋଶୀ ଓ ସୁରେନ୍ଦ୍ର ପାଠୀ ଆଦି କେତେଜଣ ଛାତ୍ରଛାତ୍ରୀ ଆମେ ଇଂରାଜୀରେ ସ୍ନାତକ ହେବା ପାଇଁ ସ୍ଥିର କଲୁ। ଯତୀନ ସାର୍ ଆମକୁ Alexander Popeଙ୍କ କବିତା Rape of the Lock ପଢ଼ାଉଥିଲେ। ଆମେ ତାଙ୍କ ନାଁ ଦେଲୁ Pope। ତାଙ୍କର ବ୍ରିଟିସ୍ ଶୈଳୀରେ ଇଂରାଜୀ ଶବ୍ଦ ଉଚ୍ଚାରଣ ଆମକୁ ମୁଗ୍ଧ କରୁଥିଲା। ଆମେ ପ୍ରଶ୍ନ ଉତ୍ତର ଲେଖି ସାର୍‌ଙ୍କୁ ଦେଉଥିଲୁ। ସେ ମଧ୍ୟ ବରାବର ଆମ ଲେଖାରେ ଭ୍ରମ ସଂଶୋଧନ କରି ଦେଉଥିଲେ। ଯାହା କିଛି ଆମର ସଂଦେହ ଥାଏ ସେ ବିନା ଦ୍ୱିଧାରେ ଆମକୁ Staff Common Room ବାହାରକୁ ଆସି ବୁଝାଇଥାଆନ୍ତି। ଏପରି ଶିକ୍ଷକଙ୍କ ଅକୁଣ୍ଠିତ ସାହାଯ୍ୟ ଛାତ୍ର ମହଲରେ ଆଜିକାଲି ଦୁଷ୍ପ୍ରାପ୍ୟ। ଏବେ ବ୍ୟବସାୟ ଭିତ୍ତିରେ ପବିତ୍ର ଶିକ୍ଷକ ଛାତ୍ର ସଂପର୍କ କଳୁଷିତ ହେଲାଣି।

ମୋର B.A.Final ବର୍ଷ ୧୯୬୮ ମସିହା। ସାର୍ ଆମ କଲେଜର ଡ୍ରାମାର ଉପାଧ୍ୟକ୍ଷ ଥିଲେ। ତାଙ୍କ ଉତ୍ସାହରେ କଲେଜ ଡ୍ରାମା ଅନୁଷ୍ଠିତ ହୋଇଥିଲା। ମୁଁ ସେଥିରେ ଏକ ନର୍ତ୍ତକୀ ଚରିତ୍ରରେ ଦଶାବତାର ନୃତ୍ୟ ପ୍ରଦର୍ଶନ କରିଥିଲି। ସାର ବହୁତ ଖୁସି ହୋଇଗଲେ। ଆମେ ରେଭେନ୍ସାରେ ଏମ୍.ଏ. ପଢ଼ିବା ବେଳେ ଶୁଣିଲି ସାର୍ ସରକାରୀ ଚାକିରିରୁ ଅବ୍ୟାହତି ନେଇ ବାଣୀବିହାରସ୍ଥ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଭାବେ ଯୋଗ ଦେଇଛନ୍ତି। ଏହାପରେ ସାର୍‌ଙ୍କଠାରୁ ଆମେ ଅଧ୍ୟାପନାର ସୁଯୋଗ ପାଉନଥିଲୁ କିନ୍ତୁ ସେ ପ୍ରାୟ ନିମନ୍ତ୍ରିତ ହୋଇ P.G. Deptt.ରେ ଭାଷଣ ଦେବା ପାଇଁ ରେଭେନ୍ସାକୁ ଆସିଥାଆନ୍ତି ଓ ତାଙ୍କର ସମାଲୋଚନା ସାହିତ୍ୟ ଉପରେ ଓଜସ୍ୱିନୀ ଓ ସାରଗର୍ଭକ ଭାଷଣ ବହୁବାର ଆମେ ଶୁଣିଛୁ।

ମୁଁ ସରକାରଙ୍କ ଶିକ୍ଷା ବିଭାଗରେ ଅଧ୍ୟାପନା କରି ୧୯୮୮ ମସିହାରେ M.Phill କଲି। ସେତେବେଳେ ସାର୍ ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ ରୂପରେ ଅବସ୍ଥାପିତ ହୋଇଥିଲେ। ମତେ ବିଶ୍ୱବିଦ୍ୟାଳୟ ଲାଇବ୍ରେରି ଉପଯୋଗ କରିବା ପାଇଁ ତାଙ୍କ ସାହାଯ୍ୟ ମୁଁ କେବେ ଭୁଲିପାରିବି ନାହିଁ। ଛାତ୍ରମାନଙ୍କୁ ଉଚିତ ମାର୍ଗରେ ଯିବା ପାଇଁ ସେ ସଦାସର୍ବଦା ଉପଦେଶ ଦେଉଥିଲେ। ୨୦୦୦ ମସିହାରେ ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟରେ Ph,D ପାଇଁ ଅଧ୍ୟୟନ କରୁଥିବା ବେଳେ ଭାରତର ବିଭିନ୍ନ ସ୍ଥାନର ଲାଇବ୍ରେରିକୁ ଯାଇ କିପରି ଅଧ୍ୟୟନ କରି ହେବ ତାହାର ସୂଚନା ଓ ଠିକଣା ସାର ବତାଇ ଦେଉଥିଲେ। ମୋର ଉଚ୍ଚ ଶିକ୍ଷାର ବିଭିନ୍ନ ସୋପାନ ଆରୋହଣରେ ସାର୍‌ଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ।

ମୋର ସ୍ୱାମୀ ଇଂ.ନରେନ୍ ଚନ୍ଦ୍ର ଦାଶଙ୍କ ତିନୋଟି ଓଡ଼ିଆ କ୍ଷୁଦ୍ର ଗଳ୍ପ ସଂକଳନ ସାର୍‌ଙ୍କ ପାଖେ ଆମେ ଦେଇ ଆସିଥିଲୁ। ମୁଁ ସେଥିରୁ କେତୋଟି ଗଳ୍ପ ସାର୍‌ଙ୍କଠୁ ଉତ୍ସାହ ପାଇ ଇଂରାଜୀରେ ଅନୁବାଦ କରିଥିଲି। ଭୁବନେଶ୍ୱରେ

ଉତ୍କଳ ହଲରେ ମୋର ଅନୁବାଦ ପୁସ୍ତକ Surrogate Mother ସାର୍‌ଙ୍କ ହାତରେ ଉନ୍ମୋଚିତ ହେବା ସୌଭାଗ୍ୟ ମୁଁ ଲାଭ କରିଥିଲି। ତାଙ୍କଠୁ ଉତ୍ସାହ ପାଇ ମୁଁ ଷୋହଳ ଜଣ ଓଡ଼ିଆ ଲେଖିକାମାନଙ୍କର ଗଳ୍ପ ଇଂରାଜୀରେ ଅନୁବାଦ କରିଥିଲି। ସେ ମୋତେ କହିଲେ 'ପ୍ରଭାତୀ, ବ୍ୟସ୍ତ ହୁଅନାହିଁ, ମୋ ଦେହ ଭଲ ଲାଗିଲେ ମୁଁ ନିଶ୍ଚୟ ସଭାକୁ ଯିବି'। ମୋର ଅବସୋସ ରହିଗଲା ଏହି ଅନୁବାଦ ପୁସ୍ତକ Petals of Joy ଉନ୍ମୋଚନ ହେବା ଦିନ ତାଙ୍କ ଅସୁସ୍ଥତା ବଶତଃ ସାର ଆସିପାରିନଥିଲେ। କିନ୍ତୁ ତାଙ୍କର ଆଶୀର୍ବାଦ ଓ ଆଶ୍ୱାସନା ମୋ ଉପରେ ଗଭୀର ରେଖାପାତ କରିଥିଲା।

English Researchers Associationର ପ୍ରାୟ ସବୁ ସଭାକୁ ଯତୀନ୍ ସାର୍ ଆସି ଉଦ୍‌ବୋଧନ ଦେଇଥାଆନ୍ତି। ଆମେ ଶିକ୍ଷକ ଓ ଛାତ୍ରଛାତ୍ରୀ ସମସ୍ତେ ସାର୍‌ଙ୍କ ଇଂରାଜୀ ସାହିତ୍ୟ ଉପରେ ସାରଗର୍ଭକ ଆଲୋଚନା ଶୁଣିବାକୁ ଅପେକ୍ଷା କରିଥାଉ। ଆଜି ସଭା ଚାଲିଅଛି କିନ୍ତୁ ଯତୀନ ସାର୍‌ଙ୍କ ସ୍ଥାନ ଅପୂରଣ ହୋଇ ରହିଗଲା। ମତେ ଦେଖିବା ମାତ୍ରେ ସେ ଖୁସି ହୋଇ ଯାଆନ୍ତି ଓ ପଚାରନ୍ତି- 'ପ୍ରଭାତୀ କେମିତି ଅଛ? ଲେଖାଲେଖି ଚାଲିଛି?' ଏତିକି କଥା ମତେ ମୋ ସାହିତ୍ୟାଲୋଚନାରେ ଅଗ୍ରସର ହେବା ପାଇଁ ଯଥେଷ୍ଟ। ସାର୍‌ଙ୍କ ବିଶେଷ ଅବଦାନ ଅଛି ଓଡ଼ିଆ ସାହିତ୍ୟ ପ୍ରତି। ଏହା ସମସ୍ତ ଓଡ଼ିଆ ସାହିତ୍ୟିକ, ଅଧ୍ୟାପକ ଓ ପାଠକମାନେ ହୃଦୟଙ୍ଗମ କରିଛନ୍ତି। ତାଙ୍କର ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା ଆଲୋଚନା ଗ୍ରନ୍ଥ 'ସୂର୍ଯ୍ୟସ୍ନାତ' (୧୯୯୯) କେନ୍ଦ୍ର ସାହିତ୍ୟ ଏକାଡ଼େମୀ (୨୦୦୩) ଦ୍ୱାରା ସମ୍ମାନିତ ହୋଇଅଛି। ଏହା ଓଡ଼ିଆ ସମାଲୋଚନା କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ ସଦୃଶ ରହିଅଛି।

ଯତୀନ୍ ସାର୍‌ଙ୍କ କେତେକ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗର ସଂକଳନ ଓଡ଼ିଆ ସାହିତ୍ୟରେ ଅମୂଲ୍ୟ ଗ୍ରନ୍ଥ ହୋଇ କାଳକାଳକୁ ରହିଥିବ ଓ ଶିକ୍ଷକ, ଛାତ୍ରଙ୍କୁ ଅଶେଷ ସାହାଯ୍ୟ କରୁଥିବ। ଏହା ମଧ୍ୟରୁ 'ଓଡ଼ିଆ କାବ୍ୟ ସମ୍ଭାର' (୨୦୦୭), 'ଆଧୁନିକ ଓଡ଼ିଆ ନାଟକ' (୨୦୦୦), 'ପ୍ରାଚୀନ ଓଡ଼ିଆ କବିତା ସମ୍ଭାର' (୧୯୮୭), 'ଆଧୁନିକ ଓଡ଼ିଆ କବିତା ସମ୍ଭାର' (୧୯୯୮), 'ଓଡ଼ିଆ ଉପନ୍ୟାସ ସମ୍ଭାର' (୨୦୦୮), 'ଓଡ଼ିଆ ସାହିତ୍ୟର ସମାଲୋଚନା 'ସହସ୍ରାଂଶୁ' (୨୦୦୦) ଆଦି ଗ୍ରନ୍ଥ ପାଇଁ ଓଡ଼ିଆ ସାହିତ୍ୟର ଗବେଷକ ଓ ପାଠକମାନେ ତାଙ୍କ ପାଖରେ ସବୁଦିନ ଋଣୀ ହୋଇ ରହିଥିବେ। ଭୁବନେଶ୍ୱର ପୁସ୍ତକମେଳାମାନଙ୍କରେ ତାଙ୍କର 'ବିଦ୍ୟା' ଷ୍ଟଲରେ ଏହିସବୁ ଅମୂଲ୍ୟ ଗ୍ରନ୍ଥ ଆମେ ତାଙ୍କଠାରୁ ଆଣି ଆମ ଘରେ ଥିବା 'ଗୌରୀଦେବୀ ପାଠାଗାର'ରେ ରଖିଅଛୁ।

ଇଂରାଜୀ ସାହିତ୍ୟରେ ଅଧ୍ୟାପନା, ସମାଲୋଚନା ଓ ପ୍ରବନ୍ଧ ଲେଖିବା ସହ ପ୍ରଫେସର ମହାନ୍ତି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି ତାଙ୍କର ଦୁଇଟି ଉପନ୍ୟାସ ସୃଷ୍ଟିକରି- ପ୍ରେମାସ୍ପଦା (୨୦୦୨) ଓ ଜନ୍ମାଷ୍ଟମୀ (୨୦୧୨)। ଓଡ଼ିଆ ସାହିତ୍ୟର ଗଦ୍ୟ, ପଦ୍ୟ, ନାଟକ, ଗଳ୍ପ ଓ ଉପନ୍ୟାସର ଅଭିବୃଦ୍ଧି, ଭାଗବତ ସମୃଦ୍ଧି ଓ ଭାଷାଗତ ବୈଚିତ୍ର୍ୟ ବିଷୟରେ ବିଷଦ ଧାରଣା କରି ହେବ ଏହିସବୁ ଗ୍ରନ୍ଥମାନ ପାଠକରି। ଆମେ ଆମ ପୁଅ ପାଖରେ ଆମେରିକାର ୱିସ୍‌କନ୍‌ସିନ୍ ରାଜ୍ୟରେ ବ୍ରୁକ୍‌ଫିଲଡ୍ ସହରରେ ଥିବାବେଳେ ୨୦୧୨ ମସିହା ଅଗଷ୍ଟ ୧୪ରେ ସାର୍‌ଙ୍କ ଦେହାନ୍ତ ଖବର ପାଇ ଅତ୍ୟନ୍ତ ମର୍ମାହତ ହେଲୁ। ଆମେ ଏହି ବିରାଟ ପ୍ରତିଭା- ସାର୍‌ଙ୍କ ଶେଷ ଦର୍ଶନରୁ ବଞ୍ଚିତ ହେଲୁ। ସାର୍ ଚାଲିଗଲେ କେଉଁ ଅଜଣା ପୁରକୁ, କିନ୍ତୁ ରହିଗଲା ତାଙ୍କ ସ୍ମୃତି ଏ ମନର ପରଦାରେ। ତାଙ୍କର ହସ ହସ ମୁହଁ ସବୁଦିନ ପାଇଁ ଆମ ଭିତରେ ଉଜ୍ଜୀବିତ ହୋଇ ରହିଥିବ।

ପ୍ରଣୟବାଳୟ
୬୪୯, ମହାନଦୀ ବିହାର, କଟକ
ମୋ : ୯୯୩୭୦୮୩୩୪୫

କିଛି ସ୍ମୃତି

ସ୍ୱର୍ଣ୍ଣଦେବୀ

୨୦୦୨ ମସିହାର ଏକ ଗ୍ରୀଷ୍ମ ସକାଳରେ ସାହିତ୍ୟିକ ଶ୍ରୀଯୁକ୍ତ ଭୂପନେ୍ ମହାପାତ୍ରଙ୍କ ସହ ସାର୍ ଆସିଥିଲେ ଆମ ଘରକୁ। ପୂର୍ବରୁ ମୁଁ ତାଙ୍କୁ କେବେ ଦେଖିନଥିଲି। ପଢ଼ିଥିଲି ଉଚ୍ଚମାନର ତାତ୍ତ୍ୱିକ ଆଲୋଚନା କିଛି। ସେଇ ଅନୁସାରେ ତାଙ୍କ ସଂପର୍କରେ ଏକ ଭାରି ଓଜନିଆ ଧାରଣାଟିଏ ମନରେ ଗଢ଼ି ଉଠିଥିଲା। ଶ୍ରୀଯୁକ୍ତ ଭୂପେନ ମହାପାତ୍ର ମୋତେ ତାଙ୍କ ସହିତ ପରିଚୟ କରେଇ ଦେବାରୁ ମୁଁ ଟିକିଏ ହଡ଼ବଡ଼େଇ ଗଲି। ମୁଁ କେମିତି ଭାବିଥାନ୍ତି ଯେ, ତାଙ୍କ ଭଳି ଏଡ଼େ ବଡ଼ ଲୋକ ଜଣେ ମୋ ଘରକୁ ଏମିତି ହଠାତ୍ ଆସିବେ ବୋଲି ?

ଶ୍ରୀଯୁକ୍ତ ଭୂପେନ୍ ମହାପାତ୍ର ବୋଧେ ବୁଝିପାରିଲେ ମୋ କଥା। ସେ ହସି ହସି କହିଲେ, "ମୁଁ କହିଥିଲି ନା ଯତୀନ୍ଦ୍ର ବାବୁ ମୋ ସମୁଦୀ ସଂପର୍କୀୟ। ସେ ଆମଘରକୁ ଆସିଥିଲେ, ଆପଣ ଆମ କଲୋନିକୁ ନୂଆ ଆସିଛନ୍ତି ଶୁଣି, ଦେଖାକରିବାକୁ ଚାହିଁଲେ।

ମୁଁ ଆହୁରି ସଙ୍କୁଚିତ ହୋଇପଡ଼ିଲି। କାହିଁ ପ୍ରଫେସର ମହାନ୍ତିଙ୍କ ଭଳି ମଣିଷ ଆଉ କାହିଁ ମୁଁ। ସେ ବା ମୋତେ କେମିତି ଜାଣିବେ ? ନିଶ୍ଚୟ ଶ୍ରୀଯୁକ୍ତ ମହାପାତ୍ର ବୋଧେ ସାଙ୍ଗରେ ଡ଼ାକି ଆଣିଛନ୍ତି। ତାଙ୍କସହ ମୋର ପାରିବାରିକ ଘନିଷ୍ଠତା ବହୁ ପୁରୁଣା।

କିନ୍ତୁ କଥା ହେଲାପରେ ଜାଣିଲି, ସାର୍ ମୋ ଗପ ପଢ଼ିଛନ୍ତି ଓ ନାଁ ମନେରଖିଛନ୍ତି। କୃତ୍ୟ କୃତ୍ୟ ହୋଇଗଲି ମୁଁ। ଖୁସିରେ ଉଚ୍ଛୁଳି ପଡ଼ିଲା ମନ। ସେତେବେଳେ ଆମେ ଏ ନୂଆ କଲୋନିକୁ ନୂଆ କରି ଆସିଥାଉ। ଅଧା ତିଆରି ଘର ସବୁଆଡ଼େ। ଗଛ ଗୋଟେ ବି ନାହିଁ। କାଉ ଚଢ଼େଇ ଏମିତି କି ଜନ୍ଦା ପିମ୍ପୁଡ଼ିଟିଏ ବି ଦିଶୁ ନଥାନ୍ତି କୁଆଡ଼େ। ସକାଳଠୁ ଯେମିତି ମାଡ଼ିଆସେ ଧୁଧୁ ଖରା। ଏ ପ୍ରକାର ପରିବେଶରେ ମୋତେ ଭାରି ହତାଶ ଲାଗୁଥାଏ।

ସାର୍ ଓ ଶ୍ରୀଯୁକ୍ତ ମହାପାତ୍ରଙ୍କ ସହ କଥା ହେଉ ହେଉ ମୁଁ କହି ପକେଇଲି ମୋ ଦୁଃଖ ସବୁ। ଅଭିଜ୍ଞ ଲୋକ ସେମାନେ। ମୋ କଥା ଶୁଣିଲେ ଧୈର୍ଯ୍ୟ ସହକାରେ। ସାର୍ କହିଲେ, ସବୁ ନୂଆ ଜାଗାରେ ପ୍ରଥମ ଏମିତି ଲାଗେ। ପୁରୁଣାର ମୋହ ଛିଣ୍ଡିବାକୁ କିଛିଦିନ ଲାଗିଥାଏ। ଆମେ ନୂଆ ଘରକୁ ଗଲାବେଳେ ବି ପ୍ରଥମେ ଏମିତି ଲାଗୁଥିଲା। ଏ ସବୁ ଧୀରେ ଧୀରେ ଠିକ୍ ହୋଇଯିବ। ପରେ ପୁଣି ଏହି ଯାଗା ଏତେ ଭଲଲାଗିବ ଯେ ଆଉ କୁଆଡ଼େ ଯିବାକୁ ଇଚ୍ଛା ହେବନି। ସେଦିନ ସାର୍‌ଙ୍କର ଧୀର ସ୍ଥିର ଆତ୍ମୀୟତା ପୂର୍ଣ୍ଣ କଥାବାର୍ତ୍ତା ଶୁଣି ସାନ୍ତ୍ୱନା ମିଳିଥିଲା ମନକୁ।

ସେଇ ଦିନୁ ସାର୍‌ଙ୍କ ସହିତ ମୋର ପରିଚୟ। ସାର୍ ଯେବେ ରାଉରକେଲା ଆସନ୍ତି ତାଙ୍କ ସହ ଭେଟ ହୁଏ ସାହିତ୍ୟ ସଭା ମାନଙ୍କରେ କିମ୍ବା କେବେ କେବେ ଶ୍ରୀଯୁକ୍ତ ମହାପାତ୍ରଙ୍କ ଘରେ। ତାଙ୍କର ସ୍ନେହ ପୂର୍ଣ୍ଣ ଅମାୟିକ ବ୍ୟବହାର ଯୋଗୁଁ, ଆତ୍ମୀୟ ମଣିଷଟି ପରି ମନେ ହୁଅନ୍ତି। ଯେବେ ବି ଦେଖା ହୁଏ। ପଚାରନ୍ତି, 'ଆଉ କ'ଣ ଲେଖୁଛନ୍ତି ଏବେ ? ଯା ଭିତରେ କେଉଁଠି କଣ ସବୁ ଛପା ହେଲାଣି ?'

ଉତ୍ତର ଦେବାକୁ ଯାଇ ମୋତେ ସବୁବେଳେ ଲଜ୍ଜିତ ହେବାକୁ ପଡ଼େ। କାରଣ ମୋର ଲେଖା ଓ ପ୍ରକାଶନ

ଏତେ ସ୍ୱଳ୍ପ ସଂଖ୍ୟକ ଯେ ମୁଁ କିଛି କହି ପାରେନା। ଥରେ କହିଥିଲି, 'ସାର୍ ମୁଁ ଭଲ କିଛି ଲେଖି ପାରୁନି।'

ସାର୍ ସାଙ୍ଗେ ସାଙ୍ଗେ କହିଥିଲେ, 'ଲେଖିବା ଅଭ୍ୟାସ ରହିବା ଦରକାର। ଏଥିରେ ଭଲ କି ଖରାପ କିଛି ନାହିଁ। ଲେଖିବାର ଅଭ୍ୟାସଟି ଛାଡ଼ିଦେବା ଖୁବ୍ ଖରାପ'। ସାରଙ୍କର ଏ କଥାଟି ମୋର ବରାବାର ମନେ ରହିଛି'।

କିଛି ବର୍ଷତଳେ, ରାଉରକେଲା ପୁସ୍ତକ ମେଳାକୁ ସାର୍ ଆସୁଥିଲେ। ବୋଧେ ଲଗାତର୍ ତିନି ଚାରିବର୍ଷ ସେ ଆସିଛନ୍ତି। ତାଙ୍କ ପ୍ରକାଶନୀର ପୁସ୍ତକ ସବୁ ଆସିଛି। କଲଚ୍ରାଲ ଏକାଡ଼େମୀ ଓ ବିଦ୍ୟା ପ୍ରକାଶନୀର ମିଳିତ ଆନୁକୂଲ୍ୟରେ ସାର୍ଙ୍କ ପୁସ୍ତକ ସବୁ ସଜ୍ଜା ହୋଇଥାଏ ଷ୍ଟଲରେ। ସାର୍ ମେଳାରେ ବୁଲି ବୁଲି ଗପୁଥାଆନ୍ତି ସମସ୍ତଙ୍କ ସାଙ୍ଗରେ। ସାହିତ୍ୟ ଆଲୋଚନାରେ ଭାଗ ନେଉଥାଆନ୍ତି। ସେ ସଭା ମାନଙ୍କର ଆକର୍ଷଣ ଥିଲା ଅନନ୍ୟ।

ପୁସ୍ତକ ମେଳାର ଏକ ସାହିତ୍ୟ ସଭାରେ ଥରେ ମୋର ଦି ଖଣ୍ଡ ବହି ଉନ୍ମୋଚନ ହୋଇଥିଲା, ସାର୍ ମଞ୍ଚରେ ଥିଲେ। କିନ୍ତୁ ମୋ ବହି ଦୁଇଟି ସେ ପାଇ ପାରିଲେ ନାହିଁ। ଆଉ କିଏ ନେଇଗଲେ। ମଞ୍ଚରୁ ଓହ୍ଲେଇ ସାରି ମୋତେ କହିଲେ 'ବହି ଦୁଇଟି ଶୀଘ୍ର ମୋ ପାଖକୁ ପଠେଇ ଦେବେ'। ମୁଁ କହିଲି 'ସାର୍' ମୁଁ ଦି ଦିନ ଭିତରେ ନିଶ୍ଚୟ ପଠେଇବି। ଆପଣ କିନ୍ତୁ ଗୋଟେ ଅଧେ ଗପ ସେଥିରୁ ପଢ଼ିବେ ନିଶ୍ଚୟ। ଦେଖିବେ କେମିତି ହେଇଛି।'

ସାର୍ କହିଥିଲେ, 'ହଁ ହଁ ନିଶ୍ଚୟ ପଢ଼ିବି। ତେବେ ଲେଖା ଲେଖି ନେଇ କେବେ ବି ନୈରାଶ୍ୟ ଜନକ ଚିନ୍ତା ମନରେ ଆଣିବେ ନାହିଁ। ଲେଖି ଚାଲିବେ ଲେଖି ଚାଲିବେ, ଆଉ କୌଣସି ବିଷୟରେ ଚିନ୍ତା ନକରି'।

ଯେବେ ବି ଲେଖାଲେଖି ଛପାଛପିକୁ ନେଇ ମନ ହତାଶ ହୁଏ, ସାର୍ଙ୍କ କଥା ମନେ ପଡ଼ିଯାଏ।

ପ୍ରାଚୀନ ଓଡ଼ିଆ କାବ୍ୟ କବିତାଠୁଁ ଆରମ୍ଭ କରି ଆଧୁନିକ କାଳର କାବ୍ୟ,କବିତା, ନାଟକ, ଉପନ୍ୟାସ, ଭ୍ରମଣ କାହାଣୀ, ଆତ୍ମଜୀବନୀ ପର୍ଯ୍ୟନ୍ତ ସାହିତ୍ୟର ବିଭିନ୍ନ ବିଭାଗ ଉପରେ ସାର୍ ଆଲୋଚନା କରିଛନ୍ତି। ଓଡ଼ିଆ ସାହିତ୍ୟର ସାମାଜିକ ରୂପ ଓ ଅଭିବୃଦ୍ଧିକୁ ସୃଷ୍ଟି କରିବା ପାଇଁ, ଜୀବନ ଓ ଜୀବନୀ ଶକ୍ତିର ପ୍ରତିଷ୍ଠା ପାଇଁ ତାଙ୍କର ଲେଖନୀ ଚାଳନା। ତାଙ୍କ ମତରେ ଯାହା ସାହିତ୍ୟ ଆଲୋଚନାର ସର୍ବୋତ୍ତମ ପ୍ରାସଙ୍ଗିକତା।

ସାର୍ଙ୍କ ସଂପାଦିତ ପୁସ୍ତକ, ସମାଲୋଚନା ପୁସ୍ତକ, କିମ୍ବା ତାଙ୍କର ମୌଳିକ ଉପନ୍ୟାସ ଦୁଇଟି ଉପରେ କୌଣସି ପ୍ରକାର ମତାମତ ଦେବାର ଧୃଷ୍ଟତା ମୋର ନାହିଁ। କାରଣ ତାଙ୍କର ସେ ବିଶାଳ ସାମ୍ରାଜ୍ୟର ଏମୁଣ୍ଡରୁ ସେ ମୁଣ୍ଡକୁ ମୋ ଆଖି ପାଏ ନାହିଁ। ତେବେ ବହୁ ଗଭୀର ତତ୍ତ୍ୱ କଥା ଉଭୟ ପ୍ରାଚ୍ୟର ଓ ପାଶ୍ଚାତ୍ୟର ଓ ଜଟିଳ ଦର୍ଶନକୁ ଏତେ ସହଜରେ ଓ ସାବଲୀଳ ଭାବେ ସାର୍ କହିଦେଇ ପାରନ୍ତି ଯେ, ମୋ ଭଳି ସାଧାରଣ ପାଠକଟିଏ ତଲ୍ଲୀନ ହୋଇଯାଏ, ବିସ୍ମିତ ନହୋଇ ରହିପାରେ ନାହିଁ।

ସାର୍ ତାଙ୍କ ସଙ୍କଳିତ ଓଡ଼ିଆ ସମକାଳୀନ ଓଡ଼ିଆ ସାହିତ୍ୟ ୧୯୮୦-୨୦୦୫ ପୁସ୍ତକରେ ମୋର ଏକ ଗଳ୍ପକୁ ସ୍ଥାନ ଦେଇଥିଲେ। ଏହା ମୋ ପାଇଁ ଅତ୍ୟନ୍ତ ସୌଭାଗ୍ୟର କଥା। ସେହି ଗଳ୍ପଟିକୁ ସାର୍ଙ୍କ ସୁକନ୍ୟା ସାମିତା ଇଂରାଜୀରେ ଅନୁବାଦ କରି ମୋତେ ଯେବେ ଯୋଗାଯୋଗ କରିଥିଲେ, ମୁଁ ପଚାରିଲି ମୋ ଗପ ଓ ଫୋନ୍ ନମ୍ବର ସେ କେମିତି ପାଇଲେ ବୋଲି।

ସେ କହିଥିଲେ, 'ମୋ ବାପାଙ୍କ ପାଖରୁ, ମୁଁ ଯତୀନ୍ଦ୍ରମୋହନ ମହାନ୍ତିଙ୍କ ଝିଅ।'

ମୁଁ ସେଦିନ ଏତେ ଖୁସି ହୋଇ ଯାଇଥିଲି ଯେ, ତାହା ଭାଷାରେ ପ୍ରକାଶ କରି ପାରିବି ନାହିଁ। ସାର୍ ମୋତେ ଏକଥା କହିନଥିଲେ ଆଗରୁ। ମୁଁ କିନ୍ତୁ ସାର୍ଙ୍କୁ ମୋ ଖୁସି ଜଣାଇବାକୁ ଚାହୁଁଥିଲି। ହେଲେ ପନ୍ଦର ଦିନ ବିଳମ୍ବ

କରିଦେଲି। ଅସଚେତନାର ଆଙ୍ଗୁଳି ଫାଟରେ ଗଡ଼ିଗଲା ସମୟ। ସାର୍ ଚାଲିଗଲେ। ଟିକେ କୃତଜ୍ଞତା, ଟିକେ ଖୁସି ଜଣେଇବାକୁ ବି ସୁଯୋଗ ପାଇଲି ନାହିଁ। ସାରା ଜୀବନ ପାଇଁ ଅବସୋସ ରହିଗଲା ମୋର।

କିଛିଦିନ ପୂର୍ବେ ସାର୍ ସଂପାଦନା କରୁଥିବା ଏକ ପତ୍ରିକାରେ ଉପନ୍ୟାସଟିଏ ଦେବାକୁ ମୋତେ କହିଥିଲେ। ଦେବି, ଦେବି, କହି ଦେଇ ପାରିଲି ନାହିଁ। ଏ ଅବସୋସ ବି ରହିଗଲା ସବୁଦିନ ପାଇଁ।

'ନମନ୍ତି ଫଳେନୋ ବୃକ୍ଷା, ନମନ୍ତି ଗୁଣିନୋଃ ଜନେ', ଏହି ପ୍ରବାଦ ବାକ୍ୟର ସାର୍ଥକ ପ୍ରତିରୂପ ଥିଲା ସାରଙ୍କ ବ୍ୟକ୍ତିତ୍ୱ। ଏତେ ଜ୍ଞାନ,ଗାରିମା, ଯଶ, ପ୍ରତିଷ୍ଠା, ଅଥଚ କେତେ ନମ୍ର କେତେ ଆମୟିକ। ଛୋଟ, ବଡ଼, ବାଛ ବିଚାର ନାହିଁ। ବଡ଼ପଣିଆର ଅହଂକାର ନାହିଁ। ଧୀର,ସ୍ଥିର,ଶାନ୍ତ, ସାଧା ସିଧା ମଣିଷଟେ। ସଂସ୍ପର୍ଶରେ ଆସିଲେ ସ୍ୱତଃ ଶ୍ରଦ୍ଧା ଭକ୍ତିରେ ମନ ପୂରିଉଠେ।

ସାର୍ ଆଜି ଇହ ଜଗତରେ ନାହାନ୍ତି ସତ, ହେଲେ ମୋ ଭଳି ବହୁ ଅନାତ୍ମୀୟ ମଣିଷମାନଙ୍କ ଏକାନ୍ତ ଆତ୍ମୀୟ ସ୍ମୃତିରେ ସଜୀବ ହୋଇ ରହିଥିବେ ସେ, ଝଟକୁଥିବେ ସବୁଦିନେ।

ଏଚ୍.ଆଇ.ଜି ବି-୦୯,
ଛେଣ୍ଡ କଲୋନୀ,ଫେଜ୍-୩, ରାଉରକେଲା-୧୫
ଫୋ : ୦୬୬୧-୨୪୮୧୭୦୫



ଚିର ସ୍ମରଣୀୟ ଯତୀନ ସାର୍

ସୁପ୍ରିୟା ଦାଶ

ସାର୍‌ଙ୍କ ସହିତ ମୋର ବହି କାମ ପାଇଁ ଜଣାଶୁଣା ମାତ୍ର ୬ ବର୍ଷର। ପିଲାମାନେ ଯେତେବେଳେ ଛୋଟ ହୋଇଥାନ୍ତି ସେତେବେଳେ ତାଙ୍କ ନିଜ ପିତାମାତା କିମ୍ବା ଗୁରୁଜନଙ୍କ ସ୍ନେହ ଶ୍ରଦ୍ଧା କଥା ମନେ ନଥାଏ। କିନ୍ତୁ ମୁଁ ଏପରି ସମୟରେ ସାର୍‌ଙ୍କ ସହିତ ଏବଂ ତାଙ୍କର ବହି କାମ ସହିତ ଜଡିତ ଯେ ସେ ସମ୍ପର୍କକୁ ମୁଁ କେବେ ବି ଭୁଲି ପାରିବି ନାହିଁ। ସାର୍ ତ ବହୁତ ପିଲାଙ୍କୁ ପାଠ ପଢ଼େଇ ମଣିଷ କରିଛନ୍ତି, ମୋର ସୌଭାଗ୍ୟ ସେ ପର୍ଯ୍ୟନ୍ତ ଯାଇ ନାହିଁ। କିନ୍ତୁ ମୁଁ ଯେଉଁ DTP Unit କରିଛି ସାର୍ ଯେତେବେଳେ ଆସନ୍ତି ମୋ ମନରେ ଜଣେ ଗୁରୁଙ୍କ ଭଳି ଭକ୍ତି ଭାବ ଆସେ।

୮୦ ପରବର୍ତ୍ତୀ ବୟସରେ ବି ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଉପରକୁ ସାର୍ ବେଶ୍ ହୃଷ୍ଟପୁଷ୍ଟ ଏବଂ ନିରୋଗ ଜଣାପଡୁଥିଲେ। ଅବସର ପରେ ସେ ଓଡ଼ିଆ ସାହିତ୍ୟ ପାଇଁ ନିଜକୁ ଏତେ ନିୟୋଜିତ କରିଥିଲେ ଯେ ସାର୍‌ଙ୍କର ପାଠକ ପାଠିକାମାନେ ତାଙ୍କୁ ଚିରଦିନ ପାଇଁ ମନେ ରଖିବେ। ସାର୍‌ଙ୍କର ମୋ ପାଖରେ ୨୦୦୬ ମସିହାରୁ ହୋଇଥିବା ବହି କାମ History of Oriya Literature ଠାରୁ ଆରମ୍ଭ କରି ୨୦୧୨ପର୍ଯ୍ୟନ୍ତ ସବୁ କାମ ସେ ମୋ ଦ୍ୱାରା ହିଁ କରେଇଛନ୍ତି। ସେ ଏତେ ବଡ଼ ବଡ଼ ବହି ସବୁ ପ୍ରକାଶ କରୁଥିଲେ ଯାହା ଓଡ଼ିଆ ସାହିତ୍ୟର ସମ୍ପଦ ହୋଇ ରହିବ। ମୋ ପାଖରେ ସେ ଯେଉଁ ବହିଗୁଡ଼ିକ କରିଥିଲେ ସେଗୁଡ଼ିକ ହେଲା-History of Oriya Literature, (ପୃ.୭୨୭), ଓଡ଼ିଆ ତତ୍ତ୍ୱ ସାହିତ୍ୟ (ପୃ.୭୭୨), ସହସ୍ରାଂଶୁ (ପୃ. ୮୭୨), ପ୍ରାଚୀନ ଓଡ଼ିଆ କବିତା ସମ୍ଭାର, (ପୃ. ୬୪୪) ପ୍ରାଚୀନ ଓଡ଼ିଆ ନାଟକ (ପୃ.୮୨୭), ଆଧୁନିକ ଓଡ଼ିଆ ନାଟକ (ପୃ.୯୦୦), ଓଡ଼ିଆ ଗଦ୍ୟ ସମ୍ଭାର (ପୃ.୬୫୪), ଓଡ଼ିଆ କାବ୍ୟ ସମ୍ଭାର (ପୃ୧୧୬୧), ଓଡ଼ିଆ ତତ୍ତ୍ୱ (ସନ୍ଥ) ସାହିତ୍ୟ, (ପୃ୭୬୫) , ଓଡ଼ିଆ ଉପନ୍ୟାସ ସମ୍ଭାର, (ପୃ.୧୧୮୬), ଓଡ଼ିଆ ଗଳ୍ପ ସମ୍ଭାର, (ପୃ.୭୫୦), ସମକାଳୀନ ଓଡ଼ିଆ ସାହିତ୍ୟ (୧୯୮୦-୨୦୦୫), (ପୃ.୯୫୪), ସାରଳା ଦାସ ରଚନା ସମ୍ଭାର (ପୃ. ୧୧୦୦), ବଳରାମ ଦାସ ରଚନା ସମ୍ଭାର (୧୧୦୦), ଶ୍ରୀମଦ୍ଭାଗବତ - ଜଗନ୍ନାଥ ଦାସ (୭୫୨), ଜନ୍ମାଷ୍ଟମୀ (ପୃ.୬୨୮) । ଏତଦ୍ ବ୍ୟତୀତ ଆୟୁର୍ବେଦ ସମ୍ବନ୍ଧୀୟ ୩ଖଣ୍ଡ ବହି ଓ ଦେବେନ୍ଦ୍ର ମହାନ୍ତିଙ୍କ ଦୁଇଖଣ୍ଡ ବହି, ପ୍ରିୟବ୍ରତ ଦାସଙ୍କ ଉପନ୍ୟାସ ଏବଂ ମାଡାମ୍‌ଙ୍କ (ବିଜୟ ଲକ୍ଷ୍ମୀ ମହାନ୍ତି)ଙ୍କ ଚାରୋଟି ପୁସ୍ତକର କାର୍ଯ୍ୟ ମୋ ଦ୍ୱାରା ସାର୍ କରାଇଥିଲେ।

ଏମିତିକି ସାର୍ ଏବଂ ତାଙ୍କ ମାଡାମ୍ ମୋତେ ନିଜର ଭଳି ଲାଗନ୍ତି ଏବଂ ସବୁବେଳେ ମୋତେ କେମିତି ଭଲ କାମ କରିବି ସାହସ ଦିଅନ୍ତି। ସେଇ ସାହସ ମୋତେ ଏତେଦୂର ଖୋରାକ ଯୋଗାଏ ଯେ ମୁଁ ତାହାକୁ ଲେଖା ମାଧ୍ୟମରେ କେବେ ବି ପ୍ରକାଶ କରିପାରିବି ନାହିଁ। ମୁଁ ଯେତେବେଳେ ଶୁଣିଲି ସାରଙ୍କ ଦେହ ଖରାପ ଏବଂ ସେ ଆପୋଲୋ ହସ୍‌ପିଟାଲ୍‌ରେ ଆଡ୍‌ମିଟ୍ ହୋଇଛନ୍ତି, ସେତେବେଳେ ମୋ ମନ ଭିତରଟା କ'ଣ ହୋଇଗଲା। କିନ୍ତୁ ମୁଁ ସବୁବେଳେ (ଡାକ୍ତର କବି ପ୍ରସାଦ ମିଶ୍ର ଏବଂ ବିଷ୍ଣୁ ସାର୍)ଙ୍କ ଠାରୁ ସାର୍‌ଙ୍କ କଥା ବୁଝୁଥିଲି। ଯିବା ପାଇଁ ବହୁତ ଇଚ୍ଛା ଥିଲା, କିନ୍ତୁ ଭୟ ମଧ ଥିଲା । ସାର୍‌ଙ୍କୁ ମୁଁ ପ୍ରବଳ ଭୟ ମଧ କରୁଥିଲି ସେଥିପାଇଁ ଦେଖି ଯିବି ଯିବି ବୋଲି ୪/୫ ଥର ବାହାରି ପୁଣି ଯାଇପାରିନି।

କିନ୍ତୁ ଅଗଷ୍ଟ ୧୫ ତାରିଖ ୨୦୧୨ ସକାଳୁ ମୁଁ ଯେତେବେଳେ ବିଷ୍ଣୁ ସାରଙ୍କ ପାଖକୁ ଫୋନ୍ କଲି ଟିକେ ହସ୍ପିଟାଲ୍ ଯିବାପାଇଁ, ସେ ଯେଉଁ ଖବର ଦେଲେ ମୁଁ ଦୁଃଖରେ ଭାଙ୍ଗିପଡିଲି। ମୋ ବାପାଙ୍କର ଅକ୍ଟୋବର ୬, ୨୦୧୧ ତାରିଖରେ ହଠାତ୍ ମୃତ୍ୟୁ ହୋଇଥିଲା, ସେତେବେଳେ ମୁଁ ଗାଁକୁ ଯାଇଥାଏ। ଗୋଟେ ଦିନ ପରେ ସାର୍ ଖବର ପାଇଲେ, ଏବଂ ମୋତେ ଫୋନ୍‌ରେ ବହୁତ ବୁଝାଇ ଥିଲେ। ତା'ପରେ ବର୍ଷେ ନ ପୁରୁଣୁ ସାରଙ୍କ ଏପରି ଆକସ୍ମିକ ମୃତ୍ୟୁ ଖବର ଶୁଣିଲି ଯାହାକୁ ମୁଁ ବିଶ୍ୱାସ ମଧ କରିପାରୁ ନଥିଲି। ଠିକ୍ ହସ୍ପିଟାଲ୍ ଯିବାର ଗୋଟେ ସପ୍ତାହ ପୂର୍ବରୁ ସାର୍ ତାଙ୍କ ବହି କାମ ପାଇଁ ମୋ ପାଖକୁ ଆସିଥିଲେ। ସେତେବେଳେ ତାଙ୍କର ଗୋଟିଏ ଇଂରାଜୀ ପୁସ୍ତକ Tradition and Creativity ଓ ତାଙ୍କ ଦ୍ୱାରା ସମ୍ପାଦିତ ଓଡ଼ିଆ ତ୍ରୈମାସିକ ସାହିତ୍ୟ ପତ୍ରିକା 'ଶ୍ରୀ'ର କାମ ଚାଲିଥିଲା। ଯାହା ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଥିଲା।

'ଜନ୍ମ ମାତ୍ରେ ମୃତ୍ୟୁ ନିଶ୍ଚିତ'। କିନ୍ତୁ ସାର୍ ସବୁବେଳେ ତାଙ୍କର ପାଠକମାନଙ୍କ ପାଖରେ ଅଛନ୍ତି, ରହିବେ ମଧ। ସାର୍ ଯେଉଁଠି ଥାଆନ୍ତୁ ମୋତେ ସବୁବେଳେ ସେମିତି ସାନ୍ତ୍ୱନା ଦିଅନ୍ତୁ ଏବଂ ଆଶୀର୍ବାଦ କରନ୍ତୁ। ସାରଙ୍କ ପାଖରୁ ୬ ବର୍ଷ ଭିତରେ ଯେତିକି ଶିଖିଛି ଜଣେ ଛାତ୍ର ଠାରୁ କିଛି କମ୍ ନୁହେଁ । ସାର୍ ସବୁବେଳେ ମୋତେ ଶ୍ରଦ୍ଧା କରୁଥିଲେ ବୋଲି ମୁଁ ସବୁ ସମୟରେ ଅନୁଭବ କରୁଥିଲି। ସାରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ମୁଁ ତାଙ୍କୁ ପ୍ରଣାମ କରି ରହୁଛି।

ଶାରଳା ଗ୍ରାଫିକ୍ସ, ନୂଆପଲ୍ଲୀ
ଭୁବନେଶ୍ୱର,
ମୋ : ୯୪୩୭୭୫୬୭୬୦



ଓଁ ନମୋ ନାରାୟଣାୟଃ

ପ୍ରଫେସର ଯତୀନ୍ଦ୍ରମୋହନ ମହାନ୍ତି

କିରଣ ପଣ୍ଡା

ସାର୍ ଆଜି ଆମ ଗହଣରେ ନାହାନ୍ତି, ଏହା ଆଦୌ ଅନୁଭବ କରି ପାରୁନି । ସେ ଏବେବି ଆମକୁ ତାଙ୍କରି ଉପଦେଶରେ Guide କରୁଛନ୍ତି । ମୁଁ ଜଣେ ସମାଜ ସେବୀ । ସମାଜରେ ଯେତେବେଳେ ଭଲ କାମ କିଛି କରିବାକୁ ହୁଏ ସେତେବେଳେ ବିଭିନ୍ନ ବାଧାବିଘ୍ନର ସମ୍ମୁଖୀନ୍ ହେବାକୁ ପଡ଼େ । ଆମେ ସେତେବେଳେ ସାର୍‌ଙ୍କୁ ମନେ ପକାଉ । ଯେମିତି ଲାଗେ, ସାର୍ କହୁଛନ୍ତି, ସବୁ ଠିକ୍ ହେବ, ବ୍ୟସ୍ତ ହୁଅନ୍ତୁନି । Social Activist ହିସାବରେ ମୁଁ ଭୁବନେଶ୍ୱରରେ ୮୮ ମସିହାରୁ କାମ କରି ଆସୁଛି । ସବୁ କ୍ଷେତ୍ରରେ, ତାହା ରେଡ୍‌କ୍ରସ, ଚାଇଲ୍ଡ ୱେଲ୍‌ଫେୟାର, ମହିଳା କମିଶନ କୋର୍ଟରେ ଫାମିଲି କାଉନ୍‌ସେଲିଂ ଯାହା ହେଉ ନା କାହିଁକି, ସବୁ କ୍ଷେତ୍ରରେ ବିଭିନ୍ନ ବୁଦ୍ଧିଜୀବୀମାନଙ୍କ ସାଥିରେ କାମ କରିବାର ସୁଯୋଗ ମିଳିଛି । ଯେତେବେଳେ ପ୍ରଥମ ଥର ପାଇଁ ଭକ୍ତମଧୁନଗର ୱେଲଫେୟାର କମିଟିର ମୁଁ ପ୍ରେସିଡ଼େଣ୍ଟ ହେଲି ଏବଂ ସାର୍‌ଙ୍କ ସାଥିରେ ମୋର ଦେଖା ହେଲା, ସେତେବେଳେ ଏ ଏରିଆ ଖୁବ୍ ଅନୁନ୍ନତ ଥାଏ । ପୂରା ଅଞ୍ଚଳର ସମସ୍ତ ବନ୍ଧୁ ଏକାଠି ହୋଇ ଲାଗି ପଡ଼ିଥାଉ ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ, ସରକାରଙ୍କ ସାଥିରେ ଆଲୋଚନା କରି ସମସ୍ତ ମୌଳିକ ସୁବିଧା ହାସଲ ପାଇଁ । ସରକାରଙ୍କ ସାଥିରେ ଆଲୋଚନା କରି ସମସ୍ତ ମୌଳିକ ସୁବିଧା ହାସଲ ପାଇଁ ଏଥିରେ ସାର୍‌ଙ୍କ ଭୂମିକା ଥିଲା ବହୁବିଧ । ସେଥିରେ ସେ ଜଣେ ଲେଖକ ଅପେକ୍ଷା ବେଶି ଥିଲେ ସମାଜ ସେବୀ ।

କିନ୍ତୁ ବଡ଼ ସମସ୍ୟା ଆସିଥିଲା ଯେତେବେଳେ Domestic Airport କୁ International କରିବା ପାଇଁ ବିଜୁ ପଟ୍ଟନାୟକ ସରକାର ସମୟରୁ ନିଷ୍ପତ୍ତି ହେଲା । ଆମର ସ୍ଥାନୀୟ ଆନ୍ଦୋଳନ ଆରମ୍ଭ ହେଲା ୧୯୯୩ରେ । ସେତେବେଳେ ମୁଁ ଖୁବ୍ ଏକା ମନେ କରୁଥିଲି ନିଜକୁ, ସମସ୍ତେ ଥାଇ ବି । ପରାମର୍ଶ ଦେବାଭଳି ଜଣେ କାହାକୁ ପାଇ ନଥିଲି । ସେତିକି ବେଳେ ଜଣେ ଇଂରାଜୀ ପ୍ରଫେସର, ଲେଖକ, ଖୁବ୍ ଶାନ୍ତଶିଷ୍ଟ ବ୍ୟବହାର, ମିଷ୍ଟଭାଷୀ ଆମମାନଙ୍କ ଭିତରେ ଆବିର୍ଭାବ ହେଲେ, ସେ ହେଉଛନ୍ତି ପ୍ରଫେସର ଯତୀନ୍ ମହାନ୍ତି, ଯିଏ କି ଜଣେ ସାହିତ୍ୟିକ, ଅଧ୍ୟାପକ, କିନ୍ତୁ ସେ ବି ଜଣେ ଏତେ ବଡ଼ ସମାଜସେବୀ ହୋଇପାରନ୍ତି ଏ ଧାରଣା ଆମର ନଥିଲା । । ସେଇ ୧୯୯୩ ଠାରୁ ତାଙ୍କର ଶେଷ ସମୟ ପର୍ଯ୍ୟନ୍ତ, ସମାଜ ଚିନ୍ତା ତାଙ୍କର Priorityଥିଲା ।

ଆମ ଇଣ୍ଟରନ୍ୟାସନାଲ ଏୟାର ପୋର୍ଟ କେସ୍ ହାଇକୋର୍ଟକୁ ଗଲା । ଆଡ଼ଭୋକେଟ ଶ୍ରୀ ଜଗନ୍ନାଥ ପଟ୍ଟନାୟକ (Ex-Advocate General, India) ଆମ କେସ୍ ହାତକୁ ନେଲେ । ଆମ କେସ୍ ସେତେବେଳର ସରକାର ଜାନକୀବଲ୍ଲଭ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀଙ୍କର ବିପକ୍ଷରେ ଥିଲା । ଆମ ଭିତରେ ଯତୀନ୍ ସାରଥିଲେ ରଘୁନାଥ ପଟ୍ଟନାୟକ (ଆର୍ଡ଼ଭୋକେଟ ଜଗନ୍ନାଥ ପଟ୍ଟନାୟକଙ୍କର ଭାଇ) ଏବଂ ଡ଼ି.ଏନ. ରାୟ ପ୍ରଭୃତି ଭକ୍ତ ମଧୁନଗର ଅଞ୍ଚଳର ସମସ୍ତଙ୍କର ବନ୍ଧୁ । ସମସ୍ତେ ମିଳି ଯୁଦ୍ଧଂ ଦେହି ଡ଼ାକରା ଦେଇଥିଲେ । ଦୀର୍ଘ ୫ ବର୍ଷ ଧରି ଚାଲିଲା ହାଇକୋର୍ଟ କେସ୍ । ଏହି ସମୟରେ ଯତୀନ୍ ସାର୍ ଯେଉଁ ସବୁ କାର୍ଯ୍ୟ କରିଛନ୍ତି ତାହା ଭକ୍ତମଧୁ ନଗର ଅଞ୍ଚଳ ବାସୀ ଚିରଦିନ ମନେ ରଖିବେ ।


ଆମ ଏରିଆ ୱେଲଫେୟାର କମିଟିର ପ୍ରତ୍ୟେକ ସଦସ୍ୟ ଏବଂ ଭକ୍ତମଧୁ ନଗର ସଦସ୍ୟମାନେ ମଧ୍ୟ ସାର୍‌ଙ୍କୁ ମନେରଖିବେ।

ଆଜି ଯେଉଁ କାରଗିଲ୍ ରୋଡ଼ ବା ଡ଼େଲ୍‌ଟାରୁ ଜାଗମରା ରୋଡ଼, ଏହି ଅଞ୍ଚଳର ଲକ୍ଷ୍ମୀନାରାୟଣ ମନ୍ଦିର କିମ୍ବା ଏ ଅଞ୍ଚଳର ଭକ୍ତମଧୁ ବିଦ୍ୟାଳୟ ପ୍ରଭୃତି ସବୁଥିରେ ସାର୍‌ଙ୍କର ବିଶେଷ ଅବଦାନ ରହିଛି। ବିଶେଷ ଭାବରେ ମୁଁ ସାର୍‌ଙ୍କୁ ମୋଟେ ଭୁଲି ପାରିବିନି। ତାଙ୍କ ପରେ ସମାଜ ସେବାରେ ଆମର ସ୍ପୃହା ଯେପରି କମିଯାଇଛି।

ମୁଁ ଭାବିପାରୁନି ଯେ ଜଣେ ସାହିତ୍ୟିକ, ଇଂରାଜୀ ପ୍ରଫେସର ଏ ସମୟର ସମାଜ ସେବୀ ହୋଇପାରନ୍ତି। ସାର୍ ଥିଲେ ଏକାଧାରାରେ ସାହିତ୍ୟିକ, ଶିକ୍ଷାବିତ୍ ଏବଂ ସମାଜସେବୀ - ଏମିତି ଗୁଣ ଖୁବ୍ କମ୍ ବୁଦ୍ଧିଜୀବୀମାନଙ୍କ ଭିତରେ ଦେଖିବାକୁ ମିଳିଥାଏ।

ତାଙ୍କୁ ମୋର ନତ ମସ୍ତକ ପ୍ରଣାମ।

ପ୍ରେସିଡ଼େଣ୍ଟ, ଏରିଆ ୱେଲଫେୟାର କମିଟି
ଭକ୍ତମଧୁ ନଗର, ଭୁବନେଶ୍ୱର
ମୋ : ୯୪୩୭୦୩୫୭୫୪



ଯତୀନ୍ଦ୍ର 'ସାର୍'ଙ୍କୁ ପ୍ରଣତି

ଅଜିତ୍ ମଲ୍ଲିକ

ସ୍ୱର୍ଗୀୟ ହେ, ମୋର ମନର 'ନିକଟତମ'
ଘେନ ଏହି ଭକ୍ତି, ପୁଷ୍ପାଞ୍ଜଳି, ପ୍ରଣତି ମମ ।
ଗୁରୁରୂପେ ବିତରିଲ ଶିକ୍ଷାମହାନତା
ସଖା, ବନ୍ଧୁ ରୂପେ ବିରଚିଲ ଶାନ୍ତିର ବାରତା।
ଆବିର୍ଭାବ ହୋଇଥିଲ ଏହି ଧରା ଧାମେ
ଭୁଲି ହୁଏ ନାହିଁ, ଏ ମନ ପ୍ରାଣ ସ୍ପନ୍ଦନେ ।
ତବ ସ୍ନେହ ପରଶ, ତବ ନେତୃତ୍ୱ, ତବ ଦାନ
କେବଳ ଯାଚଞ୍ଚା କରେ ମୁଁ ତବ ସ୍ନେହୀ ମନ।
ପ୍ରଣତି ଘେନ ମମ,
ହେ ଅମର, ହେ ସ୍ନେହଶୀଳ ଯତୀନ୍ଦ୍ର 'ସାର୍' ମୋର।।

ଭକ୍ତମଧୁ ନଗର, ଭୁବନେଶ୍ୱର
ମୋ : ୯୯୩୮୬୩୯୮୬୦

ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି

ଏକ ଅମ୍ଳାନ ବ୍ୟକ୍ତିତ୍ୱ

ସ୍ମୃତି ଚାରଣ

ଅଧ୍ୟାପନା, ଗବେଷଣା ଏବଂ କୃତି-ସ୍ୱୀକୃତିର ଶୀର୍ଷରେ ପହଞ୍ଚି ଯିଏ ସାମାନ୍ୟ ଅବଶ ହୋଇନଥିଲେ କି ଅବସର ନେଇନଥିଲେ ନିଜ ବୃତ୍ତି-ପ୍ରବୃତ୍ତିରୁ ଭାଷା ପାଇଁ ଯିଏ ଥିଲେ ବ୍ୟାକୁଳ, ସାହିତ୍ୟ ପାଇଁ ସବୁଜ ଓ ବର୍ଣ୍ଣିଳ କ୍ଷେତ୍ର ପ୍ରସ୍ତୁତିରେ ଯିଏ ଥିଲେ ଆତ୍ମୀୟ ଓ ଅନ୍ତରଂଗ ଦରବାରୀ, ସେ ଆଉ ଇହଧାମରେ ନାହାନ୍ତି। କାବ୍ୟ କବିତାର ଅନୁଭବୀ ଆଲୋଚକ, ସଂଗ୍ରାହକ, ଅନୁବାଦକ ଏବଂ ରଚୟିତା। ଓଡ଼ିଆ ଭାଷା-ସାହିତ୍ୟର ଉଷ୍ମ ସମାଲୋଚକ। ତାଙ୍କ ଅବର୍ତ୍ତମାନରେ ଓଡ଼ିଆ ସାରସ୍ୱତ ଜଗତରେ ପଡିଛି ହାୟକାର ଆଉ ଜୟକାର!!! ଓଡ଼ିଆ ସାହିତ୍ୟର କିମ୍ୱଦନ୍ତୀ ସମାଲୋଚକ ଦିବଂଗତ ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ପାଇଁ ଆମର ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି।

କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଶ୍ୟାମସୁନ୍ଦରପୁରରେ ୧୯୩୨ ମସିହାରେ ଜନ୍ମ ହୋଇଥିଲେ ଯତୀନ୍ଦ୍ର। ବାପା ଜଗମୋହନ ଓ ମାଆ ଶ୍ରଦ୍ଧା ଦେବୀଙ୍କ ସୁଯୋଗ୍ୟ ପୁତ୍ର ସେ। କଟକ ପି.ଏମ୍ ଏକାଡ଼େମୀ, ରେଭେନ୍ସା କଲେଜ, ସେଣ୍ଟ୍ରାଲ ଇନିଷ୍ଟିଚ୍ୟୁଟ୍ ଅଫ୍ ଇଂଲିଶ, ହାଇଦ୍ରାବାଦ, ଲିଡ୍‌ସ ୟୁନିଭର୍ସିଟି, ୟୁନାଇଟେଡ୍ କିଙ୍ଗଡମ୍ ଆଦିରୁ କ୍ରମାଗତ ଭାବେ ଉଚ୍ଚରୁ ଉଚ୍ଚତର ଶିକ୍ଷା ଅର୍ଜନ କରିଥିଲେ ଶ୍ରୀ ମହାନ୍ତି। ଅଧ୍ୟାପନା ଜୀବନ ଆରମ୍ଭ ହୁଏ ରେଭେନ୍ସା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଭାବେ, ପରେ ବିଜେବି କଲେଜ, ଇଷ୍ଟର୍ଣ୍ଣ ରିଜିଓନାଲ୍ ଲାଙ୍ଗୁଏଜ୍ ସେଣ୍ଟର (ଆନ୍ ଇନଷ୍ଟିଚ୍ୟୁସନ୍ ଅଫ୍ ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ) ର ପ୍ରିନ୍ସିପାଲ, ରିଡର ଏବଂ ପ୍ରଫେସର ଇନ୍ ଇଂଲିଶ, ଉତ୍କଳ ୟୁନିଭର୍ସିଟି ଆଦି ପଦବୀରେ ଅବସ୍ଥାପିତ ହୋଇ ୧୯୯୨ରେ କର୍ମମୟ ଜୀବନରୁ ଅବସର ଗ୍ରହଣ କରନ୍ତି ଯତୀନ୍ଦ୍ର ମୋହନ। ସେଣ୍ଟ୍ରାଲ ଇନିଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆନ୍ ଲାଙ୍ଗୁଏଜେସ୍‌ରୁ ସେ ପାଇଥିଲେ ଫେଲୋସିପ। ୨୦୦୩ ରେ ସାହିତ୍ୟ ସମାଲୋଚନା ସୃଷ୍ଟି 'ସୂର୍ଯ୍ୟସ୍ନାତ' ପାଇଁ ଶ୍ରୀ ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା ମର୍ଯ୍ୟାଦାଜନକ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର।

ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି ଜଣେ ଅନନ୍ୟ ମେଧାବୀ ଏବଂ ଭାଷା ସାହିତ୍ୟର ଅଗ୍ରଗଣ୍ୟ ସମାଲୋଚକ ଯିଏ ସ୍ୱାଧୀନୋତ୍ତର ଓଡ଼ିଆ ଭାଷାର ଅନ୍ୟତମ ଅଗ୍ରଦୂତ କହିଲେ ଅତ୍ୟୁକ୍ତି ହେବନି। ଆପଣା ଜୀବନର କର୍ମବ୍ୟସ୍ତତା ଭିତରେ ସିଏ ସଦାନିବନ୍ଧ ଥିଲେ କେବଳ ଓଡ଼ିଆ ଭାଷାର କ୍ରମବର୍ଦ୍ଧିଷ୍ଣୁ ଉନ୍ନତି ଓ ଅଗ୍ରଗତି ପାଇଁ। କେବଳ ଓଡ଼ିଆ ନୁହେଁ, ସାରା ଭାରତର ଏକାଧିକ ଭାଷା ଉପରେ ରୁଚି ଓ ଦଖଲ ରଖିଥିବା ଶ୍ରୀ ମହାନ୍ତି ଇଂରାଜୀ ଭଳି ଅନ୍ତର୍ଜାତୀୟ ଭାଷାଗୁଡ଼ିକ ଉପରେ ବେଶ୍ ପାରଦର୍ଶୀ ଥିଲେ। ସେ ସରଳ ଭାବେ ବିଶ୍ୱାସ କରୁଥିଲେ ପରୀକ୍ଷା ନିରୀକ୍ଷା ଓ ମୂଲ୍ୟାୟନ ଉପରେ। ସେଥିପାଇଁ ତାଙ୍କ ଦୃଷ୍ଟିଭଙ୍ଗୀ ବେଶ୍ ସିଧା, ପ୍ରଭାବଶାଳୀ ଏବଂ ଗ୍ରହଣୀୟ ହେଉଥିଲା ବୁଦ୍ଧିଜୀବୀ ପାଠକ ମହଲରେ। ଶ୍ରୀମହାନ୍ତିଙ୍କ ସାରସ୍ୱତ ଫସଲ ଥିଲା ବେଶ୍ ତଥ୍ୟଭିତ୍ତିକ ଏବଂ ଉଜ୍ଜ୍ୱଳ। ଓଡ଼ିଆ ଭାଷାକୁ ନେଇ ଇଂରାଜୀ ଏବଂ ଇଂରାଜୀ ଭାଷାକୁ ଓଡ଼ିଆରେ ରୋଚକ ଅନୁବାଦ ରୂପ ଦେବାରେ ସେ ଥିଲେ ସିଦ୍ଧହସ୍ତ। ଘର ଭିତରେ ନିଭୃତରେ ବସି କିଛି ମନଗଢ଼ା ଘଟଣାକୁ କାଞ୍ଚନିକ ରୂପଦେଇ ରାତାରାତି ଚର୍ଚ୍ଚାକୁ ଆସିବାକୁ ଚାହୁଁନଥିଲେ ସେ।

ଏଥିପାଇଁ ସେ ଲୋଡୁଥିଲେ ଅଙ୍ଗେନିଭା ଅନୁଭୂତି। ଏଥିପାଇଁ ଏକାଧିକ ଏକାଡ଼େମିକ ପ୍ରୋଗ୍ରାମରେ ସେ ଉପସ୍ଥିତ ହେଉଥିଲେ । ଶ୍ରୀ ମହାନ୍ତିଙ୍କ ଦକ୍ଷତା ଓ ପାରଦର୍ଶିତା ଯୋଗୁଁ ତାଙ୍କୁ ଅବସ୍ଥାପିତ କରାଯାଇଥିଲା କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଏକ୍‌ଜିକ୍ୟୁଟିଭ୍ ବୋର୍ଡ ମେମ୍ବର ଭାବେ। ଏହା ବ୍ୟତୀତ ସିଆଇଏଫଏଲ (ହାଇଦ୍ରାବାଦ)ର ସେ ଥିଲେ ଜଣେ ସକ୍ରିୟ ସଦସ୍ୟ। ୟୁଜିସି ପ୍ୟାନେଲ ଅନ ଇଂଲିଶ ଆଣ୍ଡ ଫରେନ ଲାଙ୍ଗୁଏଜ୍‌ସ ଏବଂ ରାଜା ରାମୋହନ ରାୟ ଲାଇବ୍ରେରି ଫାଉଣ୍ଡେସନ୍, ନ୍ୟାସନାଲ କମିଟିର ସେ ଥିଲେ ଅଗ୍ରଣୀ ସଦସ୍ୟ। ଆଜୀବନ ଓଡ଼ିଆ ସାହିତ୍ୟର ଉନ୍ନତି ପାଇଁ ନିବନ୍ଧ ଥିବା ଯତୀନ୍ଦ୍ର ମୋହନ 'ଓଡ଼ିଆ ସାହିତ୍ୟ ସମ୍ଭାର' ନାମକ ପୁସ୍ତକ ଗୁଡ଼ିକରେ ମୋଟ ୭ଟି ଭଲ୍ୟୁମ ରଚନା କରିଥିଲେ, ଯାହା ଓଡ଼ିଆ ଭାଷା-ସାହିତ୍ୟ ପାଇଁ ସୃଷ୍ଟି କରିଛି ଏକ ମାଇଲ ଖୁଣ୍ଟ। ଦୀର୍ଘ ୫ଦଶନ୍ଧି ଧରି ଅଧ୍ୟାପନା ଓ ଭାଷା ସାହିତ୍ୟ ଗବେଷଣାରେ ଜଡ଼ିତ ଶ୍ରୀ ମହାନ୍ତି ରାଜ୍ୟ ତଥା ଦେଶ ପାଇଁ ଏକ ବିଦଗ୍ଧ ଗୌରବ କହିଲେ ଅସ୍ୱୀକାର କରିହେବନି।

ଆଦର ଆଦୃତି ପରେ ସ୍ୱୀକୃତି କ'ଣ ଅଧିକ ଆନନ୍ଦ ଦିଏ ?

ଯତୀନ୍ଦ୍ର ମୋହନ ମହାନ୍ତି କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର (୨୦୦୩) ପାଇବା ପରେ ଜନୈକ ଗଣମାଧ୍ୟମ ପ୍ରତିନିଧିଙ୍କ ଉତ୍ତରରେ କହିଥିଲେ 'ମୁଁ ପୁରସ୍କାର ପାଇଁ ଗର୍ବିତ କି ଉତ୍‌ଫୁଲ୍ଲିତ ନୁହେଁ, ବରଂ ଓଡ଼ିଆ ସାହିତ୍ୟରେ ଆଲୋଚନା- ସମାଲୋଚନା ପ୍ରକ୍ରିୟା ଜାରି ରଖିପାରିଛି ଏହା ମୋ ପାଇଁ ସୌଭାଗ୍ୟ। ମୋର କାମ ଯେତେବେଳେ ପରିଚୟ ଓ ଆଦର ଆଦୃତି ପାଇପାରିଛି, ସେଥିରେ ପୁରସ୍କାର ଆଉ କ'ଣ ଅଧିକ ଆତ୍ମ ସନ୍ତୋଷ ଦେବ ?'

ଆଧୁନିକ ଓଡ଼ିଆ କାବ୍ୟ କବିତା ଉପରେ ଦୀର୍ଘ ୫୦ ବର୍ଷର ଯେଉଁ ଆଲୋକପାତ ହୋଇଛି ତାହାର ଫଳ 'ସୂର୍ଯ୍ୟସ୍ନାତ'। ଏଥିରେ ଖାସ୍ କରି ସେହି ସମୟର ପାଠକମାନେ ଅଧିକ କବିତା ପ୍ରତି ଆକୃଷ୍ଟ ହେଉଥିବାର ଦେଖାଗଲା। ଭାବିଲି କ'ଣ ଅଛି କବିତାରେ ? ଏହା ଉପରେ କିଛି କେସ୍ ଷ୍ଟଡି, ଆଲୋଚନା- ପ୍ରତ୍ୟାଲୋଚନା ଏବଂ ଗବେଷଣା କରି ମୁଁ ପ୍ରସ୍ତୁତ କରିଥିଲି, 'ସୂର୍ଯ୍ୟସ୍ନାତ' ବୋଲି ମତପ୍ରକାଶ କରିଥିଲେ ଶ୍ରୀମହାନ୍ତି।୧୦ ବର୍ଷ ଧରି କେନ୍ଦ୍ର ସାହିତ୍ୟ ଏକାଡ଼େମୀରେ ସଦସ୍ୟ ଥିବା ଶ୍ରୀ ମହାନ୍ତି କିନ୍ତୁ ତାଙ୍କ ପ୍ରତିକ୍ରିୟାରେ କହିଥିଲେ- ଯଦି ଜଣେ ବ୍ୟକ୍ତିଙ୍କର ସାଧନା, ଅଧ୍ୟବସାୟ ପାଇଁ ତାଙ୍କୁ ପୁରସ୍କୃତ କରାଯାଏ ତାହା ସାମୂହିକ ଉନ୍ନତି ପାଇଁ ଉଦ୍ଦିଷ୍ଟ ହୁଏ ବୋଲି କୁହାଯାଇ ପାରେ। ଏକାଡ଼େମୀରେ ସଦସ୍ୟ ଥିବାବେଳେ ଶ୍ରୀ ମହାନ୍ତି ଏବଂ ତାଙ୍କର ଏକାଡ଼େମୀର ଆଉ କେତେଜଣ କଲିଗ୍‌ଙ୍କ ପ୍ରସ୍ତାବ ଥିଲା କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ବରଂ ରିଜିଓନାଲସ୍ତରରେ ଦିଆଯାଉ। ହେଲେ ଏହି ପ୍ରସ୍ତାବ ଶେଷ ପର୍ଯ୍ୟନ୍ତ ଗୃହୀତ କି କାର୍ଯ୍ୟକାରୀ ହୋଇନଥିଲା। ଏକାଡ଼େମୀରେ ବି ମନୋପଲି ଏବଂ ପଲିଟିକ୍ସ ଥିଲା ବୋଲି ସେ ପରୋକ୍ଷରେ ପ୍ରକାଶ କରିଥିଲେ। ତାଙ୍କ ଅବର୍ତ୍ତମାନ-ଓଡ଼ିଆ ସାହିତ୍ୟରେ ସୃଷ୍ଟିକରିଛି ଏକ ବିରାଟ ଶୂନ୍ୟ ସ୍ଥାନ। ସେହି ଅମ୍ଳାନ ଆତ୍ମା ପ୍ରତି ଆବର୍ତ୍ତ ପରିବାରର ଏହି ଶ୍ରଦ୍ଧା ନିବେଦନ।

ସୌଜନ୍ୟ 'ଆବର୍ତ୍ତ'

ଶ୍ରୀ ନଟବର ମହାନ୍ତି - ୯୪୩୭୦୬୦୨୪୨

ଯତୀନ ବାବୁଙ୍କୁ ମୁଁ ଯେମିତି ଜାଣେ

ପ୍ରସନ୍ନ କୁମାର ପଟ୍ଟନାୟକ, ସମୁଦୀ

୧୯୯୮ ମସିହା। ଜୀବନବୀମା ଅଫିସରେ ମୋର କାର୍ଯ୍ୟକରିବାର ଶେଷବର୍ଷ ମୁଁ ମୋର ଦ୍ୱିତୀୟା କନ୍ୟାର ବିବାହ ସ୍ଥିର କରିବା ନିମନ୍ତେ ବ୍ୟସ୍ତତା ଭିତରେ ଥାଏ। ଯତୀନ୍ ବାବୁଙ୍କ ଜ୍ୟେଷ୍ଠପୁତ୍ର ସମ୍ବିତଙ୍କ ସହ ପ୍ରସ୍ତାବ ଆସିଲା ଏବଂ ଯତୀନ୍ ବାବୁ ତାଙ୍କ ସ୍ତ୍ରୀଙ୍କସହ ଆସି ମୋ ଘରେ କନ୍ୟା ଦେଖି ବିବାହ ସ୍ଥିର କରିଗଲେ। ତାଙ୍କ ସହ ମୋର ପ୍ରଥମ ଦେଖା। ତାଙ୍କର ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଓ ମାର୍ଜିତ ବ୍ୟବହାର ମୋତେ ଯଥେଷ୍ଟ ପ୍ରଭାବିତ କରିଥିଲା। ୧୯୯୯ ଜାନୁୟାରୀରେ ବିବାହ ସମ୍ପନ୍ନ ହେବା ପରେ ତାଙ୍କ ସହ ମୋର ସାମାଜିକ ସଂପର୍କ ସ୍ଥାପନ ହେଲା ଏବଂ ଅନେକ ବାର ସେ ମୋ ଘରକୁ ଆସିଛନ୍ତି ଓ ମୁଁ ମଧ୍ୟ ତାଙ୍କ ଘରକୁ ଯାଇଛି। ମୋତେ ଖୁବ୍ ଖୁସିଲାଗେ ଯେ ସେ ମୋ ସହ ରାଜନୈତିକ, ବ୍ୟକ୍ତିଗତ ତଥା ଲେଖନୀ ସଂମ୍ପର୍କିତ ଯେ କୌଣସି ଆଲୋଚନା ଖୋଲାମନରେ କରନ୍ତି। ବିରାଟ ବ୍ୟକ୍ତିତ୍ୱ ତଥା ଅମାପ ଜ୍ଞାନର ଅଧିକାରୀ ହୋଇ ମଧ୍ୟ ତାଙ୍କ ମନରେ ମୁଁ କେବେହେଲେ ଗର୍ବ ଓ ଅହଙ୍କାରର ସୂଚନା ପାଇ ନାହିଁ। ସେ ଖୁବ୍ ସ୍ନେହୀ ଓ ବନ୍ଧୁବତ୍ସଳ ଥିଲେ। ତାଙ୍କ ଆତ୍ମା ନିଶ୍ଚୟ ଶାନ୍ତିରେ ଥିବ ଏ ଆଶା ମୋର ରହିଛି।

ବାଦାମବାଡ଼ି,

କଟକ

ଫୋ : ୦୬୭୧-୨୩୧୯୧୪୮



ଜୟଗୁରୁ

ସମ୍ମାନନୀୟ ସମୁଦୀ

ସରୋଜିନୀ ପଟ୍ଟନାୟକ, ସମୁଦୁଣୀ

ମୁଁ ସମୁଦୀଙ୍କ ସମ୍ବନ୍ଧରେ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦଙ୍କ ଶ୍ରୀ ଚରଣ ତଳେ ପ୍ରଣତି ଜଣାଇ ଏଠି ଦୁଇ ଚାରିଧାଡ଼ି ଲେଖିବାକୁ ଯାଉଛି ।

ମୋର ପରିବାର କହିଲେ ମୁଁ, ମୋ ସ୍ୱାମୀ, ଦୁଇଟି ପୁତ୍ର ଏବଂ ତିନୋଟି କନ୍ୟା । ବଡ ଝିଅର ବାହାଘର ସରିଯାଇଥାଏ । ମଝିଆଣୀ ଝିଅ ଅର୍ଥାତ୍ ଯିଏ ବର୍ତ୍ତମାନ ସମୁଦୀ (ଯତୀନ ବାବୁ) ଙ୍କର ବଡ଼ ପୁଅର ବାହାଘର ହୋଇନଥାଏ । ବହୁତ ଖୋଜାଖୋଜି ଚାଲିଥାଏ । ଆମେ ତା ପାଇଁ ଖୋଜାଖୋଜି କରି ବହୁତ ବ୍ୟସ୍ତତା ଭିତରେ ଥାଉଁ । କେଉଁ ଜାଗାରେ ଠିକ୍ ହୋଇ ପାରୁନଥାଏ । ହଠାତ୍ ଦିନେ ମୋର ପୁତୁରା ବୋହୂ ଏହି ପ୍ରସ୍ତାବଟି ଘରକୁ ନେଇ ଆସିଲା । ସମୁଦୀ ପ୍ରଫେସର ଯତୀନ୍ଦ୍ରମୋହନ ମହାନ୍ତିଙ୍କ ବଡ଼ ପୁତ୍ର ଶ୍ରୀମାନ୍ ସମିତ୍‌ଙ୍କ ସହିତ ସେମାନେ ଫୋଟ ମଗାଇଲେ, ଏବଂ ଝିଅ ଦେଖିବା ପାଇଁ ଆସିଲେ । ତାପରେ ବହାଘର ହେବା ପାଇଁ ଦିନ ଧାର୍ଯ୍ୟ ହେଲା ଏବଂ ୧୦ ଦିନ ଭିତରେ ବାହାଘର ଯୋଗାଡ଼ ଚାଲିଲା । ଆମ ସମୁଦୀ କହିଲେ 'ଆର୍ଯ୍ୟ ସମାଜ'ରେ ବାହାଘର କରିବା ପାଇଁ । 'ଆର୍ଯ୍ୟସମାଜ' ବିଷୟରେ ମୋର କିଛି ଧାରଣା ନଥିଲା । କିନ୍ତୁ ସମୁଦୀ ଆମର କହିଲେ ଆପଣ କିଛି ବ୍ୟସ୍ତ ହୁଅନ୍ତୁନି, ମୁଁ ସବୁ ଯୋଗାଡ଼ କରିଦେବି ଏବଂ ତାଙ୍କର ଏହି ଗୋଟିକ ବାକ୍ୟ ଆମକୁ ବହୁତ ଆଶ୍ୱସ୍ତି ଦେଇଥିଲା । କାରଣ ଆମେ କଟକର ବାସିନ୍ଦା ଏବଂ ୧୫ ବର୍ଷ ପରେ ଆମେ କଟକରୁ ଭୁବନେଶ୍ୱର ଯାଇ ବାହାଘର କରିବା ଆମ ପକ୍ଷେ ସମ୍ଭବ କମ୍ ଥିଲା । ଯାହାହେଉ ସମୁଦୀ ବାହାଘରର ସବୁ ଆୟୋଜନ କରିଦେଲେ, ୧୯୯୯ ମସିହା ଜାନୁୟାରୀ ମାସରେ ବାହାଘରର କାର୍ଯ୍ୟ ମଧ୍ୟ ସୁରୁଖୁରୁରେ ହୋଇଗଲା । ବାହାଘର ୨/୪ ମାସ ଅତିବାହିତ ହୋଇଥାଏ । ସମୁଦୀ ଆମର ତାଙ୍କ କାମରେ କଟକ ଆସିଥାନ୍ତି । ଏବଂ ଆମ ଘରକୁ ମଧ୍ୟ ଆସିଥିଲେ । ଆମେମାନେ ବହୁତ ଖୁସିହୋଇ ତାଙ୍କ ପାଇଁ ଖାଇବାର ବନ୍ଦୋବସ୍ତ କରିଥିଲୁ । ସେ ବହୁତ ଖୁସି ହୋଇ ଖାଉଥାନ୍ତି । ସେ ଉଚ୍ଚ ଶିକ୍ଷିତ ବ୍ୟକ୍ତିତ୍ୱ, ମୋତେ ଟିକିଏ ତାଙ୍କ ସହିତ କଥା ହେବାପାଇଁ ସଙ୍କୋଚ ମନେ ହେଉଥାଏ । ମୁଁ ସମଦୀଙ୍କୁ କହିଲି, 'ସମୁଦୀ 'ଆର୍ଯ୍ୟସମାଜ'ରେ ଯେଉଁ ଭୋଜି ହୋଇଥିଲା ସମସ୍ତେ କହୁଛନ୍ତି ଭୋଜି ବହୁତ ଭଲହୋଇଥିଲା ।' ସେ ହସିକରି ମୋତେ ଗୋଟିଏ ଉତ୍ତର ଦେଇଥିଲେ । 'ସମୁଦୁଣୀ ଭୋଜିତ ନିଶ୍ଚୟ ଭଲ ହେବ, କାରଣ ଦୁଇଟି ଭଲ ପରିବାର ଭିତରେ ସମ୍ପର୍କ ସ୍ଥାପନ ହେଲା' । ମୁଁ ସମୁଦୀଙ୍କର ଏହି ଦୁଇ ପଦ କଥା ଶୁଣି ଖୁସିରେ ଆତ୍ମହରା ହୋଇ ଯାଇଥିଲି । ଏହି ପରି ସ୍ନେହ ଖୁସି ଆଦାନ ପ୍ରଦାନ ଭିତରେ କିଛି ବର୍ଷ ଅତିବାହିତ ହୋଇ ଯାଇ ଥାଏ ।

ହଠାତ୍ ଏହି ଅଗଷ୍ଟ ମାସ ୧ ତାରିଖ ୨୦୧୨ ମସିହାରେ ଆମ ଝିଅ ରିତୁର ଫୋନ୍ ଆସିଲା ଯେ, ବାପାଙ୍କର ଦେହ ଖରାପ ବାପା ଆପୋଲୋ ହସ୍‌ପିଟାଲରେ ଆଡ୍‌ମିସନ ହୋଇଛନ୍ତି । ମୁଁ ଓ ମୋର ସ୍ୱାମୀ ବାହାରିଲୁ ସମୁଦୀଙ୍କୁ ଟିକିଏ ଦେଖିବା ପାଇଁ, କିନ୍ତୁ ଆମ ଝିଅ କହିଲା, ହସ୍‌ପିଟାଲରେ ବହୁତ ଲୋକ ଗହଳି ହେଲେ ଡ଼ାକ୍ତର ବିରକ୍ତ ହେଉଛନ୍ତି, ତେଣୁବାପା ଘରକୁ ଯାଆନ୍ତୁ ତୁମେ ମାନେ ଘରକୁ ଆସି ଦେଖିବ । ଏହାର କିଛିଦିନ ପରେ ସକାଳ ୬ଟା

ସମୟରେ ଝିଅ ଆମର ଫୋନ୍ କରି କହିଲା ଯେ ବାପା ଚାଲିଗଲେ ଏହି ଖବର ଶୁଣି ଆମେ ଅତ୍ୟନ୍ତ ମର୍ମାହତ ହୋଇ ପଡ଼ିଲୁ, ଏବଂ ସାଙ୍ଗେ ସାଙ୍ଗେ ତାଙ୍କର ଗଣ୍ଡମୁଣ୍ଡା ସ୍ଥିତ ବାସଭବନକୁ ଶେଷଦର୍ଶନ ପାଇଁ ଯାଇଥିଲୁ। ତାଙ୍କର ସେହି ଦିନର ସେହି 'ଗୋଟାଏ ବାକ୍ୟ ଯେ ଦୁଇଟି ଭଲ ପରିବାର ମଧ୍ୟରେ ସମ୍ପର୍କ ସ୍ଥାପିତ ହେଲା'। ମୋର ଏବେ ବି ମନେ ପଡ଼ିଲେ ଆଖିରେ ଲୁହ ଚାଲି ଆସେ। ଏତିକି ଠାକୁର ନିଗମାନନ୍ଦଙ୍କ ପାଖରେ ମୋର ପ୍ରାର୍ଥନା ସମୁଦୀଙ୍କର ଆତ୍ମା ସର୍ବଦା ଶାନ୍ତିରେ ରହିଥାଉ।

ବାଦାମବାଡ଼ି , କଟକ
ଫୋ : ୦୬୭୧-୨୩୧୯୧୪୮



ବାପା ଏକ ପ୍ରେରଣାର ଉତ୍ସ

ରିତୁ ମହାନ୍ତି (ବଡ଼ ବୋହୂ)

'ବାପା' କାହା ପାଇଁ ଜଣେ ଭଲ ଗୁରୁ ଥିଲେ ତ କାହା ପାଇଁ ଜଣେ ଭଲ ସମାଲୋଚକ ଥିଲେ, କିନ୍ତୁ ସବୁର ଉପରେ ସେ ଜଣେ ଭଲ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ତାଙ୍କ ବିଷୟରେ ଯେତେ ବି ଲେଖିଲେ କମ୍ ହେବ। ମୋର ତାଙ୍କ ସହିତ ୧୫ ବର୍ଷର ଅନୁଭୂତିରୁ କିଛି ଧାଡି ଏଠାରେ ଲେଖିବା ପାଇଁ ଚାହୁଁଛି। ବାପାଙ୍କର ବଡ଼ବୋହୂ ଭାବରେ ଯେତେବେଳେ ତାଙ୍କ ଘରକୁ ମୁଁ ଆସିଲି ବାହାଘରର ଦ୍ୱିତୀୟ ଦିନ ମୋତେ ବାପା ଡାକିଲେ ଏବଂ ପଚାରିଲେ ରିତୁ ତୁ ତ ଏମ୍.ଏ ପାଶ୍ କରିଛୁ ୟା' ପରେ କ'ଣ ପଢିବାକୁ ଚାହୁଁଛୁ ? ମୁଁ ସେତେବେଳେ ବାପାଙ୍କ ପ୍ରଶ୍ନ ଶୁଣି ଡରିଯାଇଥିଲି ଏବଂ ମନକୁ ମନ ପ୍ରଶ୍ନ କଲି ପାଠ କ'ଣ ମୋ ପିଛା ଛାଡିବନି। ପୁଣି ପାଠ ? ମୋ ପାଟିରୁ ସାଙ୍ଗେ ସାଙ୍ଗେ ଗୋଟିଏ ଉତ୍ତର ବାହାରି ଥିଲା ବାପା ମୁଁ ଲ' ପଢ଼ିବାକୁ ଚାହେଁ। ମୁଁ ଜାଣିନି ଯେ ମୁଁ ଏ ଉତ୍ତରଟି କାହିଁକି ଦେଲି, କିନ୍ତୁ ବାପା ମୋ ଉତ୍ତର ଶୁଣି ସାମାନ୍ୟ ଟିକେ ହସିଦେଇ ଉତ୍ତର ଦେଇଥିଲେ ହଉ ଠିକ୍ ଅଛି ତୁ ଯଦି ଲ' ପଢ଼ିବାକୁ ଚାହୁଁଛୁ ପଢ। ମୁଁ ଯଦି ୩୭ ବର୍ଷ ବୟସରେ ଲ' ଗ୍ରାଜୁଏଟ୍ ହୋଇପାରିଲି ତାହା କେବଳ ସମ୍ଭବ ହୋଇପାରିଲା ବାପାଙ୍କ ପାଇଁ।

ଏଠି ଆଉ ଗୋଟିଏ ଘଟଣା ବି ମୋର ମନେପଡେ ବାପା ପିଠାପଣା ଖାଇବାକୁ ବହୁତ ଭଲ ପାଆନ୍ତି। ସେହିବର୍ଷ ରଜରେ ଘରେ ବହୁତ ପ୍ରକାର ପିଠାପଣା ହୋଇଥାଏ ବାପା ପଚାରିଲେ ରିତୁ ତୁ ଆରିଶା ପିଠା କରି ଜାଣିଛୁ ? ମୁଁ କହିଲି ନା ବାପା ମୁଁ ଆରିଶା ପିଠା କରିଜାଣିନି, କିନ୍ତୁ ସେହିଦିନଠାରୁ ମୋ ମନରେ ଗୋଟେ ଅବସୋସ ରହିଗଲା ଯେ ମୁଁ ବାପାଙ୍କୁ ଆରିଷା ପିଠା କରି ଖୁଆଇ ପାରିଲିନି।

ବାପା ଯେତେବେଳେ ଜାଣିବାକୁ ପାଇଲେ ଯେ ମୁଁ ବିଭିନ୍ନ ଅନାଥାଶ୍ରମ ଏବଂ ବୃଦ୍ଧାଶ୍ରମ ଯାଇ ସେଇ ଲୋକମାନଙ୍କର ଯତ୍ନନେବାକୁ ଚେଷ୍ଟା କରୁଛି ଏବଂ ସେମାନଙ୍କର ଭଲ ମନ୍ଦ ବୁଝିବାକୁ ଚେଷ୍ଟା କରୁଛି ବହୁତ ଖୁସି ହୋଇ ମୋତେ କହିଥିଲେ ରିତୁ ତୁ ବହୁତ ଭଲ କାମ କରୁଛୁ ଯଦି କିଛି ତୋର ପଇସା ଦରକାର ହୁଏ ମୋତେ କହିବୁ ଏବଂ ମୋତେ କେବେ କହିବାକୁ ଦରକାର ପଡିନି ଯେ ବାପା ମୋତେ ପଇସା ଦିଅନ୍ତୁ ବୋଲି ବରଂ ସିଏ ମନେ ପକେଇ ବହୁତ ଥର ପଇସା ଦେଇଛନ୍ତି ଏବଂ ତାଙ୍କରି ପଇସାରେ ମଧ୍ୟ ମୁଁ ସେଇ ପିଲାମାନଙ୍କର କିଛି ଜରୁରୀ ଜିନିଷ କିଣିଦେଇଛି।

ମୋର ଏଇ ମନେ ପଡୁଛି ଜୁନ୍‌ମାସ ୨୦୧୨ ମସିହା। ମୁଁ ତାଙ୍କ ସାଙ୍ଗରେ ଆପୋଲୋ ହସ୍‌ପିଟାଲ୍ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଏଣ୍ଡୋସ୍କୋପି କରିବା ପାଇଁ ବାଟରେ ଗଲାବେଳେ ପଚାରୁଥାନ୍ତି ରିତୁ ତୋର କାମ କେମିତି ଚାଲିଛି ଯଥା ଅନାଥାଶ୍ରମ ଓ ବୃଦ୍ଧାଶ୍ରମକୁ ଯିବା କାମ। ମୁଁ ଉତ୍ତର ଦେଇଥିଲି ହଁ ବାପା ଠିକ୍‌ଠାକ୍ ଚାଲିଛି। ମୋତେ ସିଏ ଗୋଟିଏ ବାକ୍ୟ କହିଥିଲେ ଯେ ତୁ ସେମାନଙ୍କର ସେବା କରିପାରିବୁ ଏତିକି ମୋର ବିଶ୍ୱାସ ଅଛି। ଆଉ ସେତେବେଳେ ମୋ ଆଖିରେ ଲୁହ ଚାଲି ଆସିଥିଲା ଏବଂ ତାଙ୍କର ସେଇ ଗୋଟିଏ ବାକ୍ୟ ମୋତେ ଆଜିବି ପ୍ରେରଣା ଯୋଗାଉଛି।

ଗୋଟେ ଦିନ ମୋର ମନେ ପଡୁଛି ମୁଁ ବାପାଙ୍କୁ କହିଲି ବାପା ମୋର ତ ରୋଷେଇରେ ବହୁତ ଆଗ୍ରହ ଅଛି, ମୁଁ

ଭାବୁଛି ଗୋଟେ ଓଡ଼ିଆ ରୋଷେଇ ବହି ଇଂରାଜୀରେ ଲେଖିବି କାରଣ ବହୁତ ଅଣ ଓଡ଼ିଆ ଲୋକ ଓଡ଼ିଆ ଖାଦ୍ୟକୁ ଭଲପାଇବା ସହିତ ଅନୁସରଣ କରିବାକୁ ଚାହୁଁଛନ୍ତି। ବାପା ଏହାଶୁଣି ବହୁତ ଖୁସି ହୋଇଯାଇଥିଲେ ଏବଂ ମୋତେ କହିଥିଲେ ତୁ ଲେଖ ମୁଁ ଛପେଇ ଦେବି। କିନ୍ତୁ ଏଠାରେ ଦୁଃଖ ଲାଗୁଛି ମୋ ବହି ଏପର୍ଯ୍ୟନ୍ତ ସରିନି ଏବଂ ଯା' ଭିତରେ ବାପା ଆମକୁ ଛାଡି ଚାଲିଗଲେ। ମୁଁ ଚେଷ୍ଟା କରିବି ବାପାଙ୍କର ଇଚ୍ଛାଟିକୁ ଯଥାଶୀଘ୍ର ପୂରଣ କରବି। ମୋ ପାଇଁ ସେ ଜଣେ ଅସାଧାରଣ ବ୍ୟକ୍ତିତ୍ୱ ଏବଂ ସଂପୂର୍ଣ୍ଣ ପ୍ରେରଣାର ଉତ୍ସ। ଏତିକି କାମନା କରିବି ବାପାଙ୍କର ଆଶୀର୍ବାଦ ଯେମିତି ଥିଲା ସେମିତି ରହିଥାଉ ଏବଂ ବାପାଙ୍କର ଆଶୀର୍ବାଦରେ ଆମେ ଆଗକୁ ବଢ଼ିଚାଲୁ। ଆମେ ଏତିକି ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛୁ। ବାପା ଯେଉଁଠାରେ ଥାଆନ୍ତୁ ଭଲରେ ଥାଆନ୍ତୁ, ଆମେ କିନ୍ତୁ ବାପାଙ୍କର ଅଭାବ ସବୁବେଳେ ଅନୁଭବ କରୁଛୁ ଏବଂ କରୁଥିବୁ ମଧ୍ୟ ଯେତେ ପର୍ଯ୍ୟନ୍ତ ଆମେ ବଞ୍ଚିରହିଛୁ।

ଭକ୍ତମଧୁନଗର, ଭୁବନେଶ୍ୱର-୩୦
ମୋ : ୯୪୩୮୬୭୭୬୨୭



ସ୍ନେହର ପ୍ରତୀକ ବାପା

ସୁସ୍ମିତା ରାୟ (ସାନ ବୋହୂ)

ଅଗଷ୍ଟ ମାସ ୧ ତାରିଖ ଗହ୍ମା ପୂର୍ଣ୍ଣମୀ। ବାପା ହସ୍‌ପିଟାଲ୍ ଗଲାବେଳେ କହିଗଲେ, 'ଏଥର ବୋଧହୁଏ ଶେଷ। ଆଉ ଘରକୁ ଫେରିବିନି।' ସେତେବେଳେ କେହି ବି ଭାବି ନଥିଲେ ବାପାଙ୍କ ଏ କଥାଟି ସତ ହୋଇଯିବ। ବାପା ଆମକୁ ଏମିତି ଛାଡି ଚାଲିଯିବେ। ଚାଲିଗଲେ ସତ କିନ୍ତୁ ଭଗବାନଙ୍କ ପାଖରେ ଏତିକି ପ୍ରାର୍ଥନା ଯେଉଁଠି ଥାନ୍ତୁ ଭଲରେ ଥାନ୍ତୁ।

ଆଜି ଯେତେବେଳେ ସ୍ମରଣିକା ପାଇଁ ଲେଖିବାକୁ ଯାଉଛି, ଭାବିପାରୁନି ୧୫ ବର୍ଷର କଥା ଗୋଟିଏ ଦୁଇଟି ପୃଷ୍ଠାରେ କ'ଣ ଲେଖିବି ? କାହାକୁ ଲେଖିବି ଓ କାହାକୁ ଛାଡିବି, ପ୍ରତି ମୁହୂର୍ତ୍ତରେ ଯାହାଠାରୁ କିଛି ଶିଖିବାକୁ ଥାଏ, ଭଲ ହେଉ ବା ମନ୍ଦ। ମୋର ସୀମିତ ବୁଦ୍ଧି ସହିତ ମୁଁ ଜାଣିପାରୁନି ସେ କେତେ ବଡ଼ ସାହିତ୍ୟିକ, ସମାଲୋଚକ କିମ୍ବା ଔପନ୍ୟାସିକ ଥିଲେ। କିନ୍ତୁ ଏତିକି ଜାଣିଛି, ସେ ଜଣେ ବଡ଼ ବ୍ୟକ୍ତିତ୍ୱ ଥିଲେ। କାହାର ଅସୁବିଧା ଜାଣିଲେ ତା'ପାଖରେ ଠିଆ ହେବା, ଯାହାର ପ୍ରତିଭା ଥାଉ ନ ବା ନଥାଉ ତାକୁ ପ୍ରେରଣା ଦେବା, କୌଣସି ସମାଲୋଚନାକୁ ଖାତିର ନ କରିବା ଆଦି ଅନେକ। ଏମିତି ନୁହେଁ ଯେ ତାଙ୍କ ଜୀବନରେ କୌଣସି ଦୁଃଖ ନଥିଲା, କିନ୍ତୁ ସେ ସବୁକୁ ବାପା ବହି ସହିତ ଭୁଲି ଯିବାକୁ ଚେଷ୍ଟା କରିଛନ୍ତି। ବହୁତ ଥର କହିଛନ୍ତି ଆରେ ମା, ବହି ହେଉଛି ସବୁଠାରୁ ଭଲ ସାଥୀ। ଅନ୍ୟ ସବୁ ସାଥୀ ଡିମାଣ୍ଡ୍ କରନ୍ତି କିନ୍ତୁ ବହି ସବୁ ସମସ୍ୟାର ସମାଧାନ ଦେଇଥାଏ। ତେଣୁ ବହି ସାଙ୍ଗ କେବେ ବି ଛାଡିବା ଉଚିତ ନୁହେଁ। ଯେଉଁଠି ବୋହୂଙ୍କୁ 'ଆରେ ମା...' ବୋଲି ସମ୍ବୋଧନ କରାଯାଏ, ସେଠି ଶ୍ୱଶୁର ବାପାଙ୍କ ସହ ସମାନ ହୋଇଯାନ୍ତି। ତେଣୁ ବାପାଙ୍କର ସେ ଡାକ ଥିଲା ସବୁଠାରୁ ମଧୁର। କାହାର ଯେମିତି କିଛି ଅସୁବିଧା ନ ହୁଏ ସେଥିପାଇଁ ନିଜେ କଷ୍ଟ ସହି ସବୁ କାମ କରିବାକୁ ବାପା ସବୁବେଳେ ପ୍ରସ୍ତୁତ। ଟିକେ ବିଶ୍ରାମ ନେବାକୁ କହିଲେ, କହନ୍ତି, 'ଆରେ ମା... ଜାଣିନୁକି, ଗାନ୍ଧିଜୀ କହିଛନ୍ତି ପରା ଆରାମ ହାରାମ ହେ। ଆରାମ ତ ଗୋଟିଏ ଦିନ କରିବି, ଏମିତିକି ହସ୍‌ପିଟାଲ୍ ବେଡ୍‌ରେ ମଧ କଣ ସବୁ କାମ ବାକି ରହିଯାଇଛି ସେସବୁ ଚିନ୍ତା କରୁଥାନ୍ତି ଏବଂ ଅନ୍ୟମାନଙ୍କୁ କହୁଥାନ୍ତି।

ବହୁତ ଥର ଏମିତି ବି ହୋଇଛି ଯେ ବାପାଙ୍କୁ ବିଭିନ୍ନ ଦିଗରୁ ସମାଲୋଚନା କରାଯାଇଛି, ସେ ସବୁ ଶୁଣି କହନ୍ତି, ହା...ହା...ହା.. ମୁଁ ଯେମିତି ଅନ୍ୟମାନଙ୍କ ଲେଖାକୁ ସମାଲୋଚନା କରୁଛି, ସେମାନେ ମଧ ସେଇୟା କରୁଛନ୍ତି। ଏଥିରେ ଖରାପ ଲାଗିବାର କ'ଣ ଅଛି ? ବାପାଙ୍କର ସବୁଠାରୁ ଭଲ ଗୁଣ ଥିଲା ଯାହା ଠିକ୍ ବୋଲି ଭାବୁଥିଲେ ସିଧା ସଳଖ ନିର୍ଭୟରେ ଉପସ୍ଥାପନା କରୁଥିଲେ। ଯଦିଓ ଅନ୍ୟମାନଙ୍କ ପାଇଁ ଏହା ଗ୍ରହଣ କରିବା କଷ୍ଟଦାୟକ ହେଉଥିଲା। ଭଲ ହେଉ ବା ମନ୍ଦ ସାମନାରେ କହୁଥିଲେ। ଯେଉଁଥିରେ ବହୁତ ମିତ୍ର, ଶତ୍ରୁ ମଧ ହୋଇଯାଉଥିଲେ।

ବାପା ଯିବା ବର୍ଷେ ହେବାକୁ ବସିଲାଣି। କିନ୍ତୁ ଏପରି କେଉଁଦିନ ବା ମୁହୂର୍ତ୍ତ ନାହିଁ ଯେଉଁଠି ବାପାଙ୍କ ଅନୁପସ୍ଥିତି

ଛଣାପତ୍ରନି। ଆମ ପରିବାର ସଦସ୍ୟଙ୍କ ପାଇଁ ଏହା ସ୍ୱାଭାବିକ, କିନ୍ତୁ ବାପାଙ୍କର ଏପରି ସାଙ୍ଗମାନେ ଅଛନ୍ତି ଯେଉଁମାନେ ଏପର୍ଯ୍ୟନ୍ତ ତାଙ୍କ ଅନୁପସ୍ଥିତିକୁ ଗ୍ରହଣ କରି ପାରିନାହାନ୍ତି। ଯେଉଁମାନଙ୍କ ପାଇଁ ବାପା ଥିଲେ ପ୍ରେରଣାର ଉତ୍ସ।

ଜନ୍ମ ଅଛି ମାନେ ମୃତ୍ୟୁ ତ ସୁନିଶ୍ଚିତ। କିନ୍ତୁ ରହିଯାଏ ସ୍ମୃତି। ସେହିଭଳି ସମସ୍ତେ ନିଜ ନିଜ ଜୀବନ ନେଇ ଆଗକୁ ଚାଲିଛୁ, ଏଇ ଆଶା ନେଇ ଯେ, ବାପା ଯେଉଁଠି ଥିଲେ ବି ଆମକୁ ଆଶୀର୍ବାଦ କରୁଛନ୍ତି ଏବଂ ସର୍ବଦା କରୁଥିବେ ମଧ୍ୟ। କେବଳ ଶୁଭୁନାହିଁ ଗୋଟିଏ ଡାକ ଆରେ ମା... ସୁସ୍ମିତା।

ଭକ୍ତମଧୁନଗର, ଭୁବନେଶ୍ୱର-୩୦
ମୋ: ୯୯୩୭୦୪୪୧୧୦



TEACHER & FRIEND

Anant Mohapatra

I had gone to Allahabad Evening Christian collage after my matriculation and returned to Ravenshaw collage after 2 years, by which time most of my school mates from Ravenshaw collegiate school had gone for speclalizatlon courses outside but that didn't deter me to pick up new friends both amongst students and teachers.

Amongst teachers Rajendra Prasad Das, Jatin Mohanty, Sasank Patnaik and others bestowed their affection and goodwill which continued well after I finished collage and till almost last days of their lives. Rajendra Babu and Jatin Babu were very appreciative of my involvement with theatre and later when I was managing our book shop PRABHAT.K. MAHAPATRA, they used to drop in regularly and recommended books as they were doing in college. They were good teachers in class and friends outside the class and this cordial relationship lasted for decades particularly when I shifted to Bhubaneswar. Jatin Babu would visit often and we discussed books, literature, theatre and perfoming arts and had made me aware of these dimensions. Apart from his volumes on Odia literature, drama and other aspects, I almost envied his energy in continuous pursuit of research ,writing translation and publishing. When one looks at the range of publication , one wonders how can a person achieve so much in a life time. During his involvement with Sahitya Akademi, New Delhi he was able to motivate many original and translations which have enriched Odia literature for posterity. My wife Sanjukta being his student and having interest and he had persuaded her to translate Odia to English for Sahitya Akademi, which he perused and persuaded, which she also fondly remembers.

I recollect many evenings spent with Rajendra Babu, Jatin Babu ,D.P. Patnalk and Krushna Babu talking about literature, arts and politics for hours and inspite of age and limitations of my knowledge they displayed their affection and understanding which makes me wonder if the present generation of teacher or students can conceive or emulate ?

He has encouraged me by attending my plays from 1964, when I formed the Theatre group 'SRUJANI', staged plays regularly at Nari Seva Sangha, Cuttack and have discussed in details about the play ,its content and focus many a time, pleasant and flatteringly. He said he would do an in depth interview with me about my approach to theatre as a media of social change !

I was equally pleased and proud that he had come prepared with all details of the plays that I had produced and directed but about the play wrights and their interaction, which took almost 3 hours ! It was published in Sahitya Akademi Journal and I still remember his searching questions and eyes......

I still remember as I saw him almost hours before he closed it permanently.

Purabi, Mousima Temple
Bhubaneswar
M : 9437061064



REMEMBERING JATINDRA MOHAN MOHANTY

Sachidananda Mohanty

I first came to know about Professor. Jatindra Mohan Mohanty, better known as Jatin Mohanty, way back in 1980. I had just completed my Post Graduation in English outside the state and had joined the Orissa Education service as a Lecturer in English at the BJB (Evening) College, Bhubaneswar. My father, late Panchan Mohanty, was then the Financial Adviser and Chief Accounts Officer (F.A, CAO) to the D.P.I , Govt. of Orissa.One day, in a casual conversation with me, my father mentioned to me about academics like Prof. R P Das and Prof. J M Mohanty, close friends of Professor B.Das who was the DPI.

I soon joined English Department of Utkal University, Vani Vihar as an M.Phil Scholar in English. Subsequently I joined the same Department as a lecturer. During this period, I came to know Prof. Mohanty a little better. The Head of the Department then was Prof. Prabhat Nalini Das. There were others like Prof. G. Mishra, Prof. P C Kar in the Department.

I found Prof. Jatin Mohanty somewhat strict and withdrawn by temperament. He was not a regular course instructor for the research scholars. I found that he taught effectively provided the subject interested him. This was a trend I have consistently found in Prof. Mohanty. By the late 1970s, his interests were primarily in the areas of Oriya Literature and Comparative Literature. It was only during late 1980s and 1990s of the last century that scholars and teachers of English literary studies would question the dominant Anglo American cannon. Comparative Literary Studies and cultural studies would in due course find acceptance. Prof. Mohanty , in this sense was a pioneer. It was much later towards the fag end of his life he received the recognition that he truly deserved.

Prof. Mohanty gave respectability to Oriya literary modernism. As a prolific writer and critic, he would be best remembered for his anthologies in Oriya literature , for writing an outstanding book on the History of Oriya Literature ,and for his criticism on various aspects of Oriya language and literature.

Prof. Mohanty knew that there were not many publishers in Orissa that would take up critical works that were pioneering in nature. Rather than wasting time, he took up the publication of several of his works under the imprint Vidya. That way he became an institution by himself.

I am sure a whole generation of academic and scholars has been influenced by figures likes Prof. J M Mohanty. We must acknowledge the outstanding nature of his contributions to Oriya literature and Oriya criticism.

Department of English
University of Hyderabad,
Hyderabad 500046
M : 09849672276



REMEMBERING JATINDRA MOHAN MOHANTY

Bijay Kumar Das

Jatindra Mohan Mohanty was a multi-faceted personality: teacher, critic, editor and compiler of bibliography of Indian Literature in English translation. He taught at the Post-graduate Department of English, Ravenshaw College, Cuttack, B.J.B College Bhubaneswar, P.G. Dept. of English, Sambalpur University and then, Utkal University, Bhubaneswar till his retirement in 1992. He taught English Literature for nearly forty years and trained two generation of teachers in our state. What is remarkable about him is his constant research work both in Odia and in English which 'whispered results' in his publication of There *Where Trees Flower* (1987) *Into Another Intensity* (1989) *Madhusudan Rao (1996), Along the Stream* (1999), *Tradition and Creativity: Essays* on *Oriya Literature* (2003) and his monumental work, *History of Oriya Literature* (2006). He won Central Sahitya Akademi Award for *Suryasnath* for the year 2003. He was also the Editor and on the Editorial Board of several journals such as *Prajna*, the *Bhubaneswar Review* and *Shree*. He was the guest editor of *Indian Literature* (Central Sahitya Akademi's bi-montly journal) No. 147 (January- February 1992). He has been a votary of indigenous literature - Odia literature or for that matter, Indian literature. His was a thinking mind. Let me quote a paragraph to show his concern for Indian literature :

> If almost every university in the Western countries has its own journal, albeit very serious one, devoted to its own language, literature and ideas, why can't we have the same preoccupation here. How long should we go on upholding those journals as the last, or even the most-advanced forays into intelligence and newness. Surely not lack of funds ! Similarly as regards publication we still view university such as Oxford, Harvard or Columbia with awe and admiration, and never pause to consider that they can be surpassed, particularly with respect to our language,

literature and heritage. There is no reason why a series like Columbia University's 'Asian Studies Series' cannot be taken up in India with profit and meaningfulness. Surely, again, it is not lack of funds. The deficiency lies in the lack of will and decisiveness. For long we have gone on looking towards the West, not even to the East or South-East, least into ourselves. The distant acquaintance has been dearer to us than the next-door neighbour. The result is, we look at ourselves only through the eyes of others and forget that we may have got something special which is our own. The Indian psyche needs to ascertain itself, reaffirm its position. What is needed is nourishment - nourishment of vision and imagination; and it is organic, it grows from within, from oneself (*Indian Literature No.* 147 *Jan-Feb.* 1992 : 7).

Having said so, let me turn to our personal relationship. He was not my teacher but my teachers' teacher. We knew each other tangentially through our writings and meetings in some seminars. We (Prof. M. Q. Khan, my teacher and his student, and me) formed an Association called the Researchers' Association, Odisha in 1995. He was sceptical about it, till he attended our first Seminar on "Key concepts of Post-colonial Theory and Writers of Indian Diaspora at Hotel Blue Lagoon, Cuttack on 20 March 2005. From there onwards there was no looking back. He attended almost all our seminars for 8 years till 8 April 2012 and chaired several sessions and presented papers. He asked me to organise specifically a seminar on Indian Literature in English translation, which we did on 26-27 May 2012 under the caption, "Translation as Rebirth: Revisiting Canonical Indian Literature in English Translation" with Prof. D. P. Pattanayak, his friend and former Director Central Institute of Indian Languages, Mysore as inaugurator, and Prof. C. N. Srinath, Director, Dhvanyaloka, Mysore as keynote speaker. Unfortunately he could not attend it due to his illness. I vividly recall how happy he was when I became the Chief-Editor of *the Indian Journal of English Studies* in 2006. He told me that "Bijay, after Bidhu Babu, you became the Chief Editor of IJES. It's a great honour". His love and respect for Professor Bidhubhusan Das (popularly known as Bidhu Babu) is well known. He dedicated several

books to Prof. Das. Jatin Babu (as he is affectionately called by all of us) became very happy on 17 May 2008 when we under the auspices of the Researchers' Association, Odisha organised Bidhubhusan Das Memorial Lecture at Hotel Blue Lagoon, Cuttack. Prof. G. S. Balaram Gupta, Editor, The *Journal of Indian Writing* in *English* delivered the memorial lecture. We honoured Prof. Mohanty in our "Meet the Teacher Programme" on 26 October 2008.

In a span of 8 years (2005-2013) I began to discover the man, 'Jatindra Mohan Mohanty' fully well. His love for learning, self-pride, desire to do some credible work for Odiya Literature earned my love, affection and admiration for him. His death is a loss to the state and also a personal loss to me. In our small way, we organised a Memorial lecture for him on 23 September 2012 at Hotel Akbari, Cuttack. Prof. Mohan Ramanan, Professor of English and Dean Faculty of Arts, University of Hyderabad delivered the Memorial Lecture which was published in The *Critical Endeavour, Vol. XIX Jan. 2013 (PP 360-374).*

Burdwan University
Bandwan
M: 9437024693



J. M. Mohanty, B. Parvathi, Haladhar Panda, P. K. Singh & Bijay Kumar Das

PROFESSOR JATINDRA MOHAN MOHANTY
A Reminiscense

D.N Roy

After retirement as professor of English from Utkal University Jatin Babu came and settled at his Talbania residence, Gandamunda. I myself also shifted to my Gandamunda house which was near by his house. I often met him at the Talbania road during my morning and evening walk around neighbourhood. It was in 1984, I came to know Jatin Babu intimately when we talked various topics affecting good living conditions in this growing capital city. Professor B.N. Sinha, Professor of Geography in Utkal University at this time (1984) brought out an article in newspaper making a story play for protecting natural drainage channels and springs gradually getting choked due to reckless building constructions by fast growing populace migrating to the city of Bhubaneswar. Jatin Babu took up this issue for protection of a perennial drainage canal flowing through Gandamunda. He with some spirited public persons in our locality put a strong grievance note to the capital Administrator to keep Tikkra canal channel free from any choking building construction and brought Government's circular prohibiting construction within 60 feet on this side of natural drainage channels.

I joined with Jatin Babu and found him getting respectful responses from concerned Govt. officials. It was not once but in many occasions he was willing to take up the issues of public grievance with the Administrative Heads of the Government and was able to draw their attention to do the needful in future. Because of his towering personality he could pave his way and became successful in many such endeavours. Tikkra channel has been narrowed by choking constructions, all the same. Jatin Babu's persistent hammering got the partial success in 2012 when Bhubaneswar Municipal Corporation declared Tikkra channel as a drainage stream and not a Nullah. But by then, it was late, as 80% of the bed of the Tikkra channel has been unlawfully occupied and constructions doned.

I was so impressed by Jatin Babu's leadership in public grievance issues, that I always teamed up with him for secretarial works like drafting, despatching his grievance letters to the appropriate departments. In the core of my heart I felt that I am doing worth while works in my retired life.

The next public interest issue which Jatin Babu pioneered was a long put out P.I.L (Public Interest Litigation) court case for saving a short straight arterial road from Khandagiri to Siripur that serves as the shortest entry road to city centre such as secretariat, city hospital, numerous educational institutions and daily markets. For the southern city population this was the life line of their regular movement. The government's decision to close down the thoroughfare for the sake of expansion of the airport to the international standard was like choking the movements of the inhabitants of the southern region. Jatin Babu tried to influence the local people to be aroused to the occasion and resist the design of the government. He got the full support from some of the eminent citizens of the locality, prominent among them were Mrs Kiran Panda, Mr Jagannath Das, Mr Parasuram Mohanty etc. The demand was (i) to prevent closure of the existing road (ii) to provide a tunnel road (road under bridge) (iii) to provide another straight road to facilitate for the easy movements of the citizens of this region. Because of the intended selfless persuits of Jatin Babu for a common cause a very senior advocate of the High Court Sri Jagannath Pattnaik took up the case in the High Court and persued the case till its logical decision. The High Court gave an order to provide a shorter and straight road of 100 feet wide road which is under construction and about 75% of its work has been completed by now. It is really sad that Jatin Babu did not stay to see its completion as he expired on 14th of Aug 2012.


We could all know the worth of Jatin Babu, when advocate Sri Jagannath Pattnaik took up the case only after seeing the logical drafting of the court case by Jatin Babu. It's so happened that Jagannath Babu was so dependent on Jatin Babu's drafting that he did not move an inch forward without the consent of Jatin Babu over the draft to be submitted to the High Court.

Another land mark of personal achievement of Jatin Babu was to see through the improvement of the Kargil road which connects Pokhariput to capital via Palaspally. After the closure of the 100 years old link road, Kargil road is now the lifeline of the people of southern population of the City. This was possible because of Jatin Babu's personal relationship with the then Chief Secretary of Odisha,Mr Subas Pani. His selfless service to the people of this region is unforgettable. Lastly I would most humbly regard this towering personality as one of the most erudite litering person of the present day literary world. After retirement he took up the cause of literary upliftment and compiled numerous literary

works in Oriya literature. His compilation of Sarala Das's Mahabharat, Balaram Das's Ramayan and Jagannath Das's Bhagabat from the original source are the priceless contributions to the Oriya literature. He won a Central Sahitya Akademy Award for his work Suryasnat in the year 2003.

He was man of firm belief and on a rightful cause can stand to any adversity. He has a good and lovable personality. He commands respects from every quarters of his association. I personally carry a deep respect for him and his loss is irreparable for me. Let God bless the departed soul.

Bhaktamadhu Nagar,
Bhubaneswar.
9937764005



A CHERISHED ASSOCIATION

Sudhir Kumar Joshi

I joined the first batch of English Honours at BJB College way back in 1966 and my association with Jatin Babu dates back to that year. He was an eminent faculty of the illustrious department of English of that time with other stalwarts like D.K.Ray, Mahajiteswar Das, D.K. Samantaray, D.C. Kuanr and Prafulla Ch. Kar etc. Suave, sophisticated, soft spoken and caring as he was, my friend Ravi Rath and I thought he would more appropriately fit the epithet Jatin Babu rather than the characteristic Jatin Sir or the more formal Prof. Mohanty. Since that time Jatin babu has become an endearing and respected name for us.

I still vividly remember those days when he would call us to his residence close to the unit II market building to guide us, teach us, remove our doubts, give us assignmnets and correct our completed assignments. It became an almost habitual destination in the mornings for the half - a-dozen English honours students of the 1966 admission batch. I was not all that mindful of my studies those days and he would often admonish, 'Joshi, for that's how he addressed me-forget everything and start reading.' His profundity, seriousness, range and depth of knowledge and commitment were more than visible even to the casual observer. He would always come to the class fully prepared and would expect a similar degree of preparedness from us but would sometimes get disheartened to find us wanting. That would only redouble his resolve and concern for us . After two years the first batch of English Honors students from BJB college passed out in flying colours occupying the 1st, 2nd, and 3rd positions in the university and toppling the old fortresses like Raveshaw, SCS and FM colleges, thanks to the dedicated and talented team of teachers.

After my post graduation in 1970, I moved around with postings outside Bhubaneswar. It was during one of my postings at Bhubaneswar about 35years back that I bought a small part of his residential plot at Bhakta Madhu Nagar. Initially I visited it once every 4/5 years leaving it secure in his custody. My friends pointed out to me one day that I would have to

pay land revenue on it for each year since I bought it. On enquiry at the related office I was informed that he had been regularly paying it for me and I bowed to him in respect.

Meetings with him at regular intervals continued although the intervals had grown longer. After my retirement in 2004 I started the coustruction of my house with the help of a builder on the plot of land I had bought from him. By then he had already been living on the larger plot adjacent to it for over a decade. I would always pay a visit to him during my visit to the plot. It is during our discussion there that I got an inkling into the literally staggering and awesome projects he had undertaken single handed. The 10 mega volumes of Odia literature he had compiled and edited would unnerve anyone- the daring, the dedication, the decisions on the inclusions and the exclusion, the complexcity of complilation and the intricacy of editing were all mind-boggling . Each step would make demands on an extraordinary organizing and competing power of the mind. Add to that the grasp and insight and familiarity with the entire background and ethos of the literature required for such a stupendous undertaking.

He lad set parameters for judging literature and would regorously evaluate a work on those standard, irrespective of who he was promoting or ignoring. He was often misunderstood for his uncompromising stand in his evaluation of contemporary Odia works but he would always move on undeterred. He knew for sure what he wanted rather than who he wanted. Literature and culture go hand in hand and there was a vigorous cultural and social side to his personality too. He was closely associated with several social and cultural organizations and held responsible positions in them. He was averse to popular culture and always promoted the traditional and classical forms.

Information on his monumental and voluminous compilations and publications are contained elsewhere and it would be redundant on my part to dwell on them. The reason why I came back to them is that they recreate his picture in my mind. I would see him going about his job, day in and day out, surrounded by books and hand written scripts. He was, as it were, pursuing a passion and making every possible sacrifice for it, but always absorbed in it. This passion had overtaken and over shadowed every other interest in him. May be,

that is what made such an as astounding mission possible.

I always felt we had a bounding and an understanding of a special kind when we shared our thoughts ideas and feelings. Failing health was a bit of a concern for him towards the end but he moved on with the same daunting spirit till suddenly when he became dear to God. Thousands of his students in different spheres of life and different parts of the world will always remember him. Personally, he gave me an unexplainable kind of psychological comfort and security and I will always miss him.

Bhaktamadhu Nagar, Bhuabaneswar
M:7205155576



AS I KNOW HIM

Rabindra Nath Das

I first knew him in 1954 when I got admitted into Revenshaw College, Cuttack. Then he was teaching English and I was reading directly under him. He was very close to my late elder brother Kanhu charan Das and as per my brother's request he recommended my name for free studentship. Then I naturally addressed him 'Sir'. To my misfortune, I left my study half way. After his marriage in late fifties, I was told about him by Dr. Basanta Kumar Das (Psy.), my most intimate cousin brother. His late wife was related to Dr. B.C.Das, elder brother of Basanta Bhai.

We had almost no contact till late seventies till I met him in Bhubaneswar. I was in LIC then and he used to come to our office. I was very fortunate that he remembered me well and used to talk to me affectionately. On a few occasions I have the fortune to be his pelion rider in his scooter. In the early part of 1996, I was extremely happy to know about his daughter 'Lipi'. Ultimately my son 'Subhasis' married 'Lipi' on 7th Dec. 1996. I was most fortunate that I got 'Lipi' as my daughter-in-law cum daughter and 'Sir' as 'Samudi'. I still remember his tearful eyes when he offered 'Lipi' to me. Then he told me 'I am parting a valuable portion of my body to you and please look after her comforts.' Till today I have tried my best to keep his words. I have treated dearest 'Lipi' as my daughter, 'Sona and Munu' as parts of my body.

Till his death he affectionately called me 'Rabi'. His sincere efforts to uplift Odia literature can never be forgotten. Lastly, I pray almighty to bless affectionate 'Samuduni' and children to withstand the tremendous loss.

I remain with humble *'Pranam'* to the departed Soul, Prof. Jatindra Mohan Mohanty.

13, Anee Enclave,
Aiginia, Bhubaneswar.
M:9439857965

MY GRANDFATHER

Roneet Mohanty

It is hard to put into words what my grandfather meant to me. He will be remembered forever by the society for his literary works but for me he was a loving and caring figure who taught me various things which I will cherish throughout my lifetime. *Papu*, as he fondly called me, continues to reverberate in my ears when I think of him.

I vividly remember the times in my childhood when I would sneak into his library and flip through the pages of a comic book. On noticing it, he would search for all similar kind of books and give them to me. The reading habit in me was primarily inculcated by him. He loved to share happiness through books.

Out of inquisitiveness, several times I used to ask him about various things which sometimes did not make enough sense. But, he used to answer them in such an articulate manner that I would have learnt a lot of things in the meantime.

My pursuit of knowing more and more about the culture and tradition of my state is also attributed to him. He took immense pride in being an Odia and cherished the language wholeheartedly. That pride of being an Odia means all the more to me as I live away from my state today.

I feel blessed to have spent some wonderful time with my grandfather. His love and blessings will always be with me and so will be the memories.

Acharya Vihar
Bhubaneswar



MY SWEET MEMORIES OF MY GRANDFATHER

Sona

I go back to my happy days when my grandfather (Aja?) and grandmother (Aai) used to come to Rourkela very often. The day when they were supposed to come I just couldn't think of anything else other than what fun it would be with both my grandparents at my home. Till today I get that much excited like those days, but now he is no more with us, but his very memories are still with me. Those days, the moment Aja? reached our house, with a very loving and cool manner would call out "Sun-sun, where are you?" Then he would show me the books that he had brought for me. Encyclopedias, comics, dictionaries, novels and so much that today it seem as if there is a library in my house. He used to tell us about his childhood days of how he used to bunk his school and get punished by his teacher and what all excuses he used to make when he had not done his homework, and my sister and I would laugh heartily on hearing this. Whenever I asked my grandfather about his birthday he would think for some time and then say that he didn't remember the date when he was born. Then we all decided that if grandfather doesn't remember his birthday then we will decide his birthdayand soon December 24th became his birth date. I still remember his 80th birthday celebrations. My grandfather, looking quite dapper with his new pullover, asked me and my sister to cut the cake for him, after which we all sang the birthday song.

Slowly and steadily time passed by and he became ill. Later he was diagnosed with cancer and the day came when he was no more with us. He is not with us today but his sweet memories and his very feeling of being here still brings us joy and happiness.

NIT Campus
Rourkela



MY LOVING GRANDFATHER

Rimjhim

My grandfather's (Aja?) full name was Jatindra Mohan Mohanty. He was a very good writer. He wrote many books both in Oriya and English language. Whenever he came to Rourkela, I used to get very excited. He brought many books like storybooks, encyclopedias, comics etc. for me. He also used to bring food items like ice-creams, chips, kurkure? and many other things for me. My grandfather was a very loving man. One of the most remarkable days for me was his 80th birthday celebrations on 24th December. Two cakes were brought, one for my grandfather and the other for grandmother (Aa?i). We cut the cakes for them and the birthday song was sung for both of them. Many photos were taken. It was not my grandmother's real birthday but we celebrated her birthday too. We all enjoyed ourselves. Slowly time passed and my grandfather fell ill and it became known that he was suffering from very serious cancer. He died on 14th August 2012. He is no more with us but I still remember those days which I used to spent with my grandfather. I still love him very much.

NIT Campus
Rourkela



THE MEMORY WITHIN

Seemita Mohanty

"Han...rei Maa?...kaha;"
Phlegmatic, yet so care-worn,
Words that can wash away a thousand worries,
Balm-like soothe one's tormented soul,
Empowering one to embark upon journeys less travelled.

Don't parents everywhere rest uneasy?
Perceived indifference; a dereliction of duty,
Furrowed brows, wearied senses,
Exasperating, yet so cherished, so precious,

Wish you were always there at the end of the line *Bapa*!
Scowling, advising, persuading, cajoling...
Together to walk down into the sunset,
Deliberating on Shakespeare, Shelley and Seth.

B/20, NIT Campus
Rourkela – 769008
M : 9861260596

ଗାଁ ଜୋଇଁ

ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି

ଯଦୁମଣିବାବୁ ଆମ ଗାଁ ଜୋଇଁ। ଆମ ଗାଁର ଗୋଟିଏ ସମ୍ଭ୍ରାନ୍ତ ପରିବାର ରାଧାଶ୍ୟାମ ଦାସ ମୁକ୍ତିଆରଙ୍କ ଝିଅକୁ ସେ ବିବାହ କରିଥିଲେ। ପରେ ସ୍ତ୍ରୀଙ୍କର ଅସମୟରେ ମୃତ୍ୟୁ ହେବାରୁ ସେ ସେହି ପରିବାରରେ ନିଜର ଶାଳୀଙ୍କୁ ବିଭା ହେଲେ। ରାଧାଶ୍ୟାମ ବାବୁଙ୍କର ପୁଅ ନଥିଲେ, କେବଳ ଯୋଡିଏ ଝିଅ। ତେଣୁ ଯଦୁମଣିବାବୁ ପରବର୍ତ୍ତୀ କାଳରେ ସମସ୍ତ ସଂପତ୍ତି ପାଇଥିଲେ। ଆମ ଗାଆଁ ଶ୍ୟାମସୁନ୍ଦରପୁର। କେନ୍ଦ୍ରାପଡ଼ା ଦକ୍ଷିଣକୁ, ଗୋବରୀ କେନାଲ୍ ଉପରେ ପ୍ରାୟ ଦୁଇମାଇଲ ଦୂରହେବ, ଯଦୁମଣିବାବୁ ନିଜ ଗାଁ କରିଲୋପାଟଣାଠାରୁ କେନ୍ଦ୍ରାପଡ଼ା ଆସିଲେ ଗାଆଁ ଦେଇ ଆସନ୍ତି। ପୁଣି ବୈବାହିକ ସମ୍ବନ୍ଧ ହେବାରୁ ଆମ ଗାଁ ସହିତ ସେ ବେଶ୍ ଘନିଷ୍ଠ ହୋଇଥିଲେ ଓ ଗାଆଁଲୋକେ ସମସ୍ତେ ତାଙ୍କୁ ଯଥେଷ୍ଟ ଶ୍ରଦ୍ଧା ଓ ସ୍ନେହ କରୁଥିଲେ।

ଆମ ପରିବାର ସହିତ ଯଦୁମଣିବାବୁଙ୍କର ବିଶେଷ ସମ୍ପର୍କ ଥିଲା। ମୋ ବାପା ଜାଗମୋହନ ସ୍କୁଲରୁ ପଢ଼ା ଛାଡି ଅସହଯୋଗ ଆନ୍ଦୋଳନରେ ଯୋଗଦେଇଥିଲେ ଏବଂ ଯଦୁମଣିବାବୁଙ୍କ ସହିତ ମିଶି କେନ୍ଦ୍ରାପଡ଼ାର ବିଭିନ୍ନ ଅଞ୍ଚଳରେ କଂଗ୍ରେସ କାମ କରୁଥିଲେ। ସେହି ସୂତ୍ରରେ ସେ ଆମ ଗାଁକୁ ଆସିଲେ ପ୍ରଥମେ ଆମ ଘରକୁ ଆସନ୍ତି ଏବଂ ବାପାଙ୍କ ସଙ୍ଗରେ ବହୁ ସମୟ ବିଚାର ଆଲୋଚନାରେ କାଟିବା ମୁଁ ଦେଖିଛି। ମୋ ଜେଜେବାପା ସୁନାକର ମହାନ୍ତି ଯେ କି କଟକରେ ମୋହରିର ଥିଲେ ଓ ମିଃ ଦାସଙ୍କ ସହିତ କାମ କରୁଥିଲେ ସେ କଂଗ୍ରେସ କାମଦାମକୁ ପସନ୍ଦ କରୁନଥିଲେ। କିନ୍ତୁ ସେ ଯଦୁମଣିବାବୁଙ୍କୁ ନିଜ ପୁଅପରି ଭାବୁଥିଲେ। ତାଙ୍କ ସଂପର୍କରେ ସ୍ନେହର ସହିତ କଥା ହେଉଥିଲେ। ତେଣୁ ମୋର ପିଲାଦିନେ ମୁଁ ଯଦୁମଣିବାବୁଙ୍କୁ ଜଣେ ସ୍ନେହଶୀଳ ସ୍ୱାଧୀନଚେତା, ଆଦର୍ଶ ପୁରୁଷଭାବେ ଭାବିବାକୁ ଶିଖିଥିଲି। ସେ ଖୁବ୍ ଭଲ ଭାଷଣ ଦିଅନ୍ତି ବୋଲି ସମସ୍ତେ କହୁଥିଲେ। ମୁଁ ପ୍ରଥମେ ପ୍ରଥମେ ତାଙ୍କର ଏ କ୍ଷମତା ସଂପର୍କରେ ଯଥେଷ୍ଟ ଅବହିତ ନଥିଲି। କିନ୍ତୁ ପରେ ବଡ଼ହେବା ସଙ୍ଗେ ସଙ୍ଗେ ମୁଁ ଯେତେବେଳେ ତାଙ୍କ ଭାଷଣ ସବୁ ଶୁଣିଲି ଓ ବୁଝିଲି ମୋର ମନେ ହେଲା ତାଙ୍କର ଭାଷଣ ଅଦ୍ୱିତୀୟ। ଯଦି ଭାଷଣ ଦେବାର କ୍ଷମତା ବା ଇଂରାଜୀରେ ଯାହାକୁ କହନ୍ତି ଏଲୋକ୍ୟୁଏନ୍ସ ଭଗବାନ ପ୍ରଦତ୍ତ ଗୁଣ ହୁଏ ତେବେ ଓଡ଼ିଶାରେ ଏହି ଗୁଣସଂପନ୍ନ ବ୍ୟକ୍ତି ମୁଁ ଖୁବ୍ କମ୍ ଦେଖିଛି।

ଯଦୁମଣିବାବୁଙ୍କ ସହିତ ମୋର କେତେକ ନିର୍ଦ୍ଦିଷ୍ଟ ଅଭିଜ୍ଞତା ଅଛି। ମୁଁ କଟକର ପି.ଏମ୍. ଏକାଡ଼େମୀରେ ପଢୁଥାଏ ଓ ଛୁଟିରେ ଗାଁକୁ ଯାଇଥାଏ। ଦିନେ ପ୍ରାୟ ଛାଇ ନେଉଟାବେଳେ ମୁଁ ଆମ ବାହାର ଖଞ୍ଜାକୁ ଯାଇଥାଏ, ଦେଖିଲି ଯେ ବାପାଙ୍କ ଲାଇବ୍ରେରିରେ ଗୋଟିଏ ଖଟଉପରେ ଯଦୁମଣିବାବୁ ଶୋଇଛନ୍ତି ଓ ବାପା ପାଖରେ ବସିଥାନ୍ତି। ମୁଁ ପ୍ରାୟ ଫେରି ଆସୁଥାଏ ହଠାତ୍ ଯଦୁମଣିବାବୁ ମୋ ଡାକନାମ ଧରି ମୋତେ ଡାକିଲେ, ଆରେ ଶୁଣୁ ଶୁଣୁ, ମୁଁ ଲାଜଲାଜ ହୋଇ ତାଙ୍କ ପାଖକୁ ଗଲି। ଯେ ହସ ହସ ହୋଇ ମୋତେ ଦୁଇମିନିଟ୍ ଅନାଇ ରହିଲେ ଓ ତା'ପରେ ହଠାତ୍ ପାଟିକଲେ, ଏଁ ତୁ ଗୋଟାଏ କ'ଣ କବି ହେଲୁଣି। ମୋ ମୁଣ୍ଡରେ ଯେମିତି ବଜ୍ର ପଡିଲା। ମୁଁ ଲୁଚାଇ ଲୁଚାଇ କବିତା ଲେଖୁଥିଲି କିନ୍ତୁ ସେ ଖବର ସେ ଯଦୁମଣିବାବୁଙ୍କ ପାଖରେ ପହଞ୍ଚିଯିବ ଏକଥା ସ୍ୱପ୍ନରେ ବି

ଭାବିନଥିଲି। ବାପାଙ୍କୁ ମୋର ବହୁତ ଡର ଓ ତାଙ୍କ ସାଙ୍ଗ ଯଦୁମଣିବାବୁଙ୍କୁ ଆହୁରି ବେଶୀ ଡର। ମୁଁ ଚୁପ୍ ହୋଇ ଠିଆହେଲି। ସେ ପୁଣି ପାଟିକରି କହିଲେ ଆଣ ଆଣ ତୋ କବିତା ଆଣ। ଏମିତି ଗଧ ପରି କ'ଣ ଠିଆ ହୋଇଛୁ। ମୁଁ ଜାଣେନା ତା'ପରେ କେମିତି କଣ ହେଲା। କିନ୍ତୁ ମନେ ଅଛି ମୁଁ ତାଙ୍କୁ କିବତା ନେଇ ଦେଖାଇଥିଲି ଓ ପ୍ରତିଦାନରେ ତାଙ୍କର ଗୋଟିଏ ବିରାଟ ଚାପୁଡା ବାହା ବାହା ଭାବରେ ପାଇଥିଲି। ପରେ ବିଭିନ୍ନ ସମୟରେ ତାଙ୍କ ସଙ୍ଗେ ଦେଖାହୋଇଛି। ସବୁବେଳେ ସେ ମୋ ସଙ୍ଗରେ ସ୍ନେହ ଓ ଆନନ୍ଦରେ କଥା ହୋଇଛନ୍ତି।

ଆଉ ଗୋଟିଏ ଘଟଣା କଥା କୁହାଯାଇପାରେ। ମୁଁ ରେଭେନ୍ସା କଲେଜରେ ଅଧ୍ୟାପକ। ଦିନେ, ଦିନ ପ୍ରାୟ ଦୁଇଟା ଅଢେଇଟା ହେବ, ଓ.ଆର.ଟି.ବସ୍‌ରେ ମୁଁ କଟକରୁ ଭୁବନେଶ୍ୱର ଯାଉଥାଏ। ବସ୍‌ରେ ଉଠି ଦେଖେ ଯେ ଯଦୁମଣି ବାବୁ ବସିଥାଆନ୍ତି। ମୁଁ ନମସ୍କାର କଲି। ସେ ମୋତେ ଦେଖେଇ ପାଖରେ କାହାକୁ କହିଲେ- ଚିହ୍ନିଛୁ ଯାକୁ ଏ ଜଗ ପୁଅ, ରେଭେନ୍‌ସା କଲେଜରେ ଇଂରାଜୀ ଅଧ୍ୟାପକ ପ୍ରଫେସର। ତା'ପରେ ମୋ ଆଡ଼କୁ ବୁଲିପଡି କହିଲେ, ତୁ ବିଲାତ ଯାଉଛୁ, ମୁଁ ଆଶ୍ଚର୍ଯ୍ୟ ହେଲି। ପଚାରିଲି ଆପଣ କେମିତି ଜାଣିଲେ। ସେ ବସ୍ କଂପାଇ ପାଟିକଲେ କଣ ହେଲା ତୁ ବିଲାତ ଯିବୁ ମୁଁ ଜାଣିବି ନାହିଁ?

ଏ ଯଦୁମଣିବାବୁ ବା ଯଦୁମଣି ମଙ୍ଗରାଜ ସିଧାସିଧା, ସ୍ପଷ୍ଟବାଦୀ, ଅତ୍ୟନ୍ତ ସ୍ୱାଭିମାନୀ ଓ ପ୍ରଚଣ୍ଡ ତେଜିଲୋକ। ସେ କଥା କହିବାବେଳେ ଅନ୍ୟମାନେ ସମସ୍ତେ ନିସ୍ତବ୍ଧ ହେଇଯାଆନ୍ତି। କେନ୍ଦ୍ରାପଡ଼ା ଅଞ୍ଚଳରେ ତାଙ୍କର ଯେତେ ସମ୍ମାନ ଥିଲା ସେ ସମ୍ମାନର ଅଧିକାରୀ ବୋଧହୁଏ ଆଜିପର୍ଯ୍ୟନ୍ତ କେହି ହୋଇନାହାନ୍ତି। ସେ ଯେଉଁ ପିଢିର ଲୋକ ସେ ପିଢି ଆଜି ନିଶ୍ଚିହ୍ନ ଓ ସେପରି ନେତା ଓ କର୍ମୀ ଆଜିକାଲି ଦୁର୍ଲଭ। ଯଦୁମଣିବାବୁଙ୍କ ସ୍ମୃତିଚାରଣ କେବଳ ସ୍ମୃତିଚାରଣ ନୁହେଁ। ଏ ଏକ ତେଜଦୀପ୍ତ ଆଲୋକର ସଂଧାନ। ଆଶା ସେ ଆଲୋକ ଆଜି ଅନ୍ୟମାନଙ୍କୁ ଉଦ୍‌ଭାସିତ କରୁ।

ସାର୍

ଯତୀନ୍ଦ୍ର ମୋହନ ମହାନ୍ତି

ପ୍ରଫେସର ବିଧୁଭୂଷଣ ଦାସ : ଏକ ଶ୍ରଦ୍ଧାଞ୍ଜଳି

ସାର୍‌ଙ୍କ ସହିତ ମୋର ପ୍ରଥମ ପରିଚୟ ୧୯୫୧ ମସିହାରେ। ସେ ବିଲାତରୁ ଫେରି ଆସିଥାନ୍ତି। ମୁଁ ରେଭେନ୍‌ସା କଲେଜରେ ଇଂରାଜୀ ଏମ୍.ଏ.ର ଛାତ୍ର। ସେ ଇଂରାଜୀ ବିଭାଗରେ ଯୋଗ ଦେଇ ଆମକୁ ପଢ଼େଇବା ଆରମ୍ଭ କଲେ। ଏମ.ଏ.ରେ ସେତେବେଳେ ଆମେ ଅନର୍ସ ଛାତ୍ର। କବି ଭାନୁଜୀ ରାଓ ମୋର ସହଧ୍ୟାୟୀ ଥାଆନ୍ତି। ଭାନୁଜୀଂକ ସହିତ ସାର୍‌ଙ୍କର ଆଗରୁ ପରିଚୟ ଥିଲା। କିନ୍ତୁ ମୋ ସହିତ ପରିଚୟ ସେଇଠୁ ଆରମ୍ଭ ହେଲା। ପ୍ରଥମେ ପ୍ରଥମେ ଗୁରୁଶିଷ୍ୟର ସଂପର୍କ, କ୍ଲାସର ପଢ଼ାପଢ଼ି ନେଇ ଆଲୋଚନା, ବହିପତ୍ର ନେଇ ଆଲୋଚନା, ଜଣେ ଭଲ ଓ ଉତ୍ସାହୀ ଶିକ୍ଷକର ନୂଆ ନୂଆ ଜାଣିବାକୁ ଇଚ୍ଛା କରୁଥିବା ଜଣେ ଛାତ୍ର ପ୍ରତି ଯେଉଁ ଆଗ୍ରହ ସେଇ ଆଗ୍ରହରୁ। କିନ୍ତୁ ଗୋଟିଏ ଲେଖାଲେଖି ଘଟଣାରୁ ଶ୍ରେଣୀ ଗୃହରେ ଲୌକିକ ସଂପର୍କ ହଠାତ୍ କିଛି ପରିମାଣରେ ଘନିଷ୍ଠ

ହୋଇଗଲା। ଦିନେ କ୍ଲାସରେ ସାର୍ ଗୋଟିଏ ବହି ଆଣି ଦେଖେଇଲେ। ବହିଟି ସେ ସମୟର ପରିଚିତ କବି ଓ ଆଲୋଚକ ବିଛନ୍ଦ ଚରଣ ପଟ୍ଟନାୟକଙ୍କର। ବିଛନ୍ଦବାବୁ ଉପେନ୍ଦ୍ର ଭଂଜ ସାହିତ୍ୟର ପ୍ରଚାର ପାଇଁ ଗୋଟିଏ ଅନୁଷ୍ଠାନ କରି, ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୁଦ୍ଧ କରି, ଭଂଜ ସାହିତ୍ୟର ପ୍ରସାର ଓ ପ୍ରଚାର ପାଇଁ ଯତ୍ନ କରୁଥାନ୍ତି। ବିଛନ୍ଦ ବାବୁ ଉପେନ୍ଦ୍ର ଭଂଜଙ୍କର କିଛି କବିତାର ନିଜେ ଇଂରାଜୀ ଅନୁବାଦ କରି ସେ ବହିଟିରେ ଛାପିଥାଆନ୍ତି। ଯାହା ମନେହୁଏ ଭଂଜକର ସେଇଟି ବୋଧହୁଏ ପ୍ରଥମ ଇଂରାଜୀ ଅନୁବାଦ। ସାରଉ ବହିଟି ଆମକୁ ଦେଲେ, କହିଲେ, 'ଉପେନ୍ଦ୍ର ଭଂଜଙ୍କର ଇଂରାଜୀ ଅନୁବାଦ ହେଲା ଭଲ ହେଲା। ଏ ବହିଟି ପଢ, ଅନୁବାଦ କେମିତି ହୋଇଛି ଗୋଟିଏ ରିଭ୍ୟୁ ଲେଖ। କ୍ଲାସ ପରେ ସାର୍ ଚାଲିଗଲେ। ମୋ ସାଙ୍ଗମାନେ ସେ ବହିଟି ମୋତେ ଧରେଇଦେଲେ କହିଲେ, 'ତୁ ଲେଖ।' ମୁଁ ଆଗରୁ ଅଛ ଅଛ ଲେଖାଲେଖି କରୁଥିଲି। କିନ୍ତୁ ହଠାତ୍ ଉପେନ୍ଦ୍ର ଭଂଜଙ୍କ ବିଷୟରେ ଲେଖିବାକୁ ଭୟ ଲାଗିଲା। ପୁଣି ସାର୍ ଦେଖିବେ। ତଥାପି ଦୁଇଦିନ ଦିନ ଟଳମଟଳ କଲା ପରେ ଲେଖିଦେଲି। ମନେ ମନେ ଭରସା ଥାଏ ସାର୍ ବୋଧେ ବହିକଥା ଭୁଲିଯିବେ, ତେଣୁ ମୁଁ ଏଆଡୁ ସେଆଡୁ ଲେଖିଛି ଆଉ ତାଙ୍କୁ ଦେଖାଇବାକୁ ହବନି। ଲେଖାଟି ମୁଁ ଖାତା ଭିତରେ ଲୁଚେଇ ରଖିଥାଏ। କିନ୍ତୁ ହଠାତ୍ ଦିନେ ୧୦/୧୨ ଦିନ ପରେ, କ୍ଲାସରେ ପଢଉ ପଢଉ ସାର୍ ପଢ଼ା ମଝିରେ ରହିଗଲେ। ଟିକେ କଅଣ ଭାବିଲେ। କହିଲେ, 'ଆଚ୍ଛା, ମୁଁ ତୁମକୁ ବିଛନ୍ଦ ବାବୁଙ୍କର ସେ ଉପେନ୍ଦ୍ର ଭଂଜ ଅନୁବାଦ ବହିଟା ଦେଇଥିଲି କି?' ଭାନୁଜୀ ମୋ ଆଡକୁ ହାତ ଦେଖେଇକହିଲେ, 'ଯତି ପାଖରେ ଅଛି।' ସାର୍ ମୋ ଆଡକୁ ଚାହିଁଲେ। ମୋ ମୁହଁଟା ବୋଧହୁଏ ଆଶଂକାରେ ବିବ୍ରତ ଦିଶୁଥିଲା। ସାର୍ ସାମାନ୍ୟ ହସି ପଚାରିଲେ, 'କଅଣ ହଜିଗଲା କି?' ମୁଁ ତରବର ହୋଇ କହି ପକାଇଲି ନା' ସାର୍ ମୁଁ ଲେଖିଦେଇଚି। 'ଗୁଡ଼ ବୟ' ସାର୍ କହିଲେ। ମୁଁ ଲେଖାଟା ଖାତାରୁ କାଢି ବଢ଼େଇଦେଲି। ସାର୍ ପଢୁଥିବା ବହିଟା ଆଡ଼େଇ ଦେଇ ଚୁପ୍‌ଚାପ୍ ଲେଖାଟି ପଢିଦେଲେ। ତା' ପରେ ଶେଷକୁ କଅଣ ଲେଖିଲେ ଓ ମୋ ଲେଖାଟି ମୋ ଆଡକୁ ବଢ଼େଇ ଦେଲେ। କହିଲେ, 'ନିଅ, ବହୁତ ଭଲ ହୋଇଛି।' ତା'ପରେ ସାର୍ ସେଦିନର ରୁଟିନ୍ ପଢ଼ା ଆଉ ପଢ଼େଇଲେ ନାହିଁ। ତା'ପରେ ପ୍ରାୟ ୪୦ ମିନିଟ୍ ଧରି ଅନୁବାଦ ଓ ଅନୁବାଦତତ୍ତ୍ୱ ବିଷୟରେ ଆମକୁ ବୁଝେଇଲେ। କ୍ଲାସ ସରିଲା ପରେ ଆମେ ସାର୍ କଅଣ ଲେଖିଛନ୍ତି ଦେଖିଲୁ। ଯା' କହିଲେ ସେଇଆ ଲେଖିଛନ୍ତି ଓ ଲେଖାଟିର ଉଚ୍ଚ ପ୍ରଶଂସା କରିଛନ୍ତି। କିନ୍ତୁ ସେଇ ଗୋଟିଏ ଘଟନାରେ ମୋର ସଂକୋଚ ଭାଙ୍ଗିଗଲା। ଲେଖାଲେଖି କରିବାକୁ ମୋର ଆଗ୍ରହ ଥିଲା। ମନରେ ଦମ୍ଭ ଓ ସାହସ ଆସିଲା। ପରେ ସାରଙ୍କ ସହିତ କିଛି କିଛି ଘନିଷ୍ଠତା ହେଲା ପରେ ମୁଁ ଥରେ ସେ କଥା କହିଥିଲି। ସାରଙ୍କର ଠିକ୍ ମନେ ଥିଲା। ସେ କହିଲେ 'ତୁମେ ଠିକ୍ ଲେଖିଥିଲ। ମୁଁ ଭାବୁଛି ମୁଁ ଉପେନ୍ଦ୍ର ଭଞ୍ଜଙ୍କ ବିଷୟରେ କିଛି ଲେଖାଲେଖି କରିବି।'ହାୟ ସେ କଥା ସଂଭବ ହେଲାନାହିଁ। ଭାବୁଛି, ସାର୍ ଯଦି ନିଜେ ଉପେନ୍ଦ୍ର ଭଞ୍ଜଙ୍କ ବିଷୟରେ ଲେଖିଥାନ୍ତେ ସେ କି ଆଲୋଚନା ନ ହୋଇଥାନ୍ତା। ପ୍ରାଚୀନ ଓଡ଼ିଆ ସାହିତ୍ୟ ସଂପର୍କରେ ଗୋଟାଏ ନୂଆ ଦିଗଂତ ହୋଇଯାଇଥାନ୍ତା।

ଓଡ଼ିଆ ସାହିତ୍ୟ ସଂପର୍କରେ ସାରଙ୍କର ଯଥେଷ୍ଟ ଆଗ୍ରହ ଥିଲା। ବିଶେଷ କରି ପ୍ରାଚୀନ ଓଡ଼ିଆ ସାହିତ୍ୟ ବିଷୟରେ ସାରଙ୍କର ଅଗାଧ ପାଣ୍ଡିତ୍ୟ ଥିଲା ଓ ପ୍ରାଚୀନ କବିମାନଙ୍କର ଅଧିକାଂଶ ବହି ସେ ସଂଗ୍ରହ କରିଥିଲେ ଓ ପଢାପଢ଼ି କରୁଥିଲେ। ମୁଁ ଲକ୍ଷ୍ୟ କରିଛି, ମୁଁ ଓଡ଼ିଆ ସାହିତ୍ୟ ସଂପର୍କରେ ଯେତେବେଳେ ଯାହା ଲେଖୁଥିଲି ସାର୍ ଖବର ରଖୁଥିଲେ ଓ ବଂଧୁ ପରି ମୋ ସହିତ ଖୋଲାଖୋଲି ଆଲୋଚନା କରୁଥିଲେ। ଥରେ କହିଲେ, 'ଯତି,ତୁମେ

କୃଷ୍ଣ ପାଣିଗ୍ରାହୀଙ୍କ ସାରଳା ଦାସଙ୍କ ସଂପର୍କରେ ଲେଖା ଦେଖିଛ କି ?' ପ୍ରବଂଧଗୁଡ଼ିକ 'ଝଂକାର'ରେ ବାହାରୁଥାଏ। ମୁଁ କହିଲି 'ହଁ, ସାଙ୍ଗେ ସାଙ୍ଗେ ପ୍ରଶ୍ନ - "ତୁମର ମତ କଅଣ ?" ମତେ ପାଣିଗ୍ରାହୀଙ୍କର ଲେଖା ଖୁବ୍ ସୁବିଧା ଲାଗୁ ନଥାଏ, କାରଣ ସେ ସାରଳାଙ୍କର ଯେଉଁ ପାଠ ଉପରେ ନିର୍ଭର କରି ନିଜର ଆଲୋଚନା କରୁଥାନ୍ତି, ସେ ପାଠର ଶୁଦ୍ଧତା ବିଷୟରେ ମୋର ଯଥେଷ୍ଟ ସଂଦେହ ଥାଏ। ମୁଁ ସେଇକଥା ସାର୍‌ଙ୍କୁ କହିଲି। ସାର୍ କହିଲେ, 'ତୁମେ ଯାହା କହୁଛ ଠିକ୍। କିନ୍ତୁ ପାଠ ଖୁବ୍ ଶୁଦ୍ଧ ନ ହେଲେ ବି. ପାଣିଗ୍ରାହୀଙ୍କର ଐତିହାସିକ ଆଲୋଚନାର ଧାରା ଓଡ଼ିଶାରେ ନୂଆ। ଆମ ପାଠକମାନେ ଐତିହାସିକ ଧାରା ସଂପର୍କରେ ଜାଣିବା ଦରକାର।' ପରେ ପରେ ସେ ଐତିହାସିକ ସମାଲୋଚନାର ପ୍ରଣାଳୀ ସଂପର୍କରେ ଦୀର୍ଘ ସମୟ ଆଲୋଚନା କଲେ।

ସାର୍‌ଙ୍କର ଜ୍ଞାନର ପରିମାପ କରିବା ଆମ୍ଭମାନଙ୍କ ପକ୍ଷରେ ସଂଭବ ନଥିଲା। ସେହିପରି ତାଙ୍କର ବିଚାର ବୁଦ୍ଧିର ପରିସୀମା ଅକଳ୍ପନୀୟ। ଏପରି କୌଣସି ବିଷୟ ନଥିଲା ଯେଉଁଥିରେ ତାଙ୍କର ଜ୍ଞାନ ଯେ କୌଣସି ବିଶେଷଜ୍ଞର ଜ୍ଞାନଠାରୁ କମ୍ ଥିଲା।

ପରିଶେଷରେ, ନଚିକେତାଙ୍କର ତୃତୀୟ ପ୍ରଶ୍ନର ଉତ୍ତରରେ ଯମ ଯାହା ଉତ୍ତର ଦେଇଥିଲେ ମୁଁ ତାକୁ ହିଁ ଉଦ୍ଧାର କରୁଛି, ଯେ ବିଭିନ୍ନ ଦେହରେ ଅଶରୀରି ରୂପରେ ବିଦ୍ୟମାନ ଏବଂ ଅନିତ୍ୟ ବସ୍ତୁ ସମୂହରେ ନିତ୍ୟ ରୂପରେ ବିରାଜମାନ ସେହି ସୁବିଶାଳ ସର୍ବବ୍ୟାପୀ ଆତ୍ମାକୁ ସାକ୍ଷାତ କରି ଧୀମାନ ବ୍ୟକ୍ତି ଶୋକହୀନ ହୁଏ। ସାର୍ ସେହି ଧୀମାନ ବ୍ୟକ୍ତି, ଯେ ସୁବିଶାଳ ଓ ସର୍ବବ୍ୟାପୀ ଆତ୍ମାକୁ ପ୍ରତ୍ୟକ୍ଷ କରିଥିଲେ। ପ୍ରାର୍ଥନା ସେହି ମୁକ୍ତ ଆତ୍ମାର ସ୍ମୃତି ଆମ୍ଭମାନଙ୍କୁ ଧୀଶକ୍ତି ସଂପନ୍ନ କରୁ।

ଭୁବନେଶ୍ୱର କ'ଣ ଦୁଇ ହଜାର ବର୍ଷର ଐତିହ୍ୟସମ୍ପନ୍ନ ଜାତିର ପ୍ରତୀକ ?

ଯତୀନ୍ଦ୍ରମୋହନ ମହାନ୍ତି

ନିକଟ ଅତୀତରେ ଭୁବନେଶ୍ୱର ସହର ଉପର ଦେଇ ବେଶ୍ କିଛି ଝଡ଼ ବୋହିଯାଇଛି। ଏସବୁ ଝଡ଼ ପ୍ରାକୃତିକ ନୁହେଁ, ମଣିଷ ତିଆରି। ଫଳରେ ଯେଉଁ ଭୁବନେଶ୍ୱରକୁ ଆରମ୍ଭରୁ ଗୋଟିଏ ପଙ୍ଗୁ ସହର କରି ଗଢ଼ାଯାଇଥିଲା, ସେ ଆହୁରି ପଙ୍ଗୁ ହୋଇଯାଇଛି। ଏସବୁ ଝଡ଼ କ'ଣ ସବୁ ବିଚାରବନ୍ତ ଲୋକେ ଜାଣନ୍ତି। କେବଳ ଆଉଥରେ ମନେ ପକେଇବା ପାଇଁ ସେସବୁର କିଛି ଦୁର୍ବିପାକର ଗୋଟିଏ ସଂକ୍ଷିପ୍ତ ତାଲିକା ଦିଆଗଲା-

୧. ଦ୍ରୁତଗତିରେ ବଢ଼ିଉଠିଥିବା ଭୁବନେଶ୍ୱର ସହର ମଝିରେ ୫ ନମ୍ବର ଜାତୀୟ ରାଜପଥ ନେବାର ନିଷ୍ପତ୍ତି;

୧. ସେହିପରି ସହର ମଧ୍ୟରେ ଆନ୍ତର୍ଜାତିକ ବିମାନ ବନ୍ଦର କରିବାର ନିଷ୍ପତ୍ତି;

୩. ଅବିଚାରିତ ଭାବରେ କୌଣସି ଯୋଜନାବଦ୍ଧତା ନଥାଇ, ସହରର ଯେଉଁଠି ନାହିଁ ସେଠି, ସବୁଆଡ଼େ,

ପରିବେଶର ସୁବିଧା ଅସୁବିଧାକୁ କୌଣସି ଧ୍ୟାନ ନଦେଇ, ବଡ଼ବଡ଼ ଆପାର୍ଟମେଣ୍ଟ ଘର କରିବା ପାଇଁ ଅନୁମୋଦନ;

୪. ସେହିପରି ସହରର କେଉଁ କେଉଁ ସ୍ଥାନରେ ଘର କରିବା ପାଇଁ ସରକାରୀ ଅନୁମୋଦନ ମିଳିବ ଏହିପରି ଗୋଟାଏ ଲୋକ ଦେଖାଣିଆ 'ମାଷ୍ଟରପ୍ଲାନ' କଥା କୁହାଯାଉଥିଲେ ବି ସେପରି 'ମାଷ୍ଟର ପ୍ଲାନ'କୁ ସମ୍ପୂର୍ଣ୍ଣ ଉପେକ୍ଷାକରି, ସହରର ସବୁ ସ୍ଥାନରେ, ଏପରିକି ଭୁବନେଶ୍ୱର-କଟକ ଓ ଭୁବନେଶ୍ୱର -ଖୋର୍ଦ୍ଧା ରାସ୍ତାର ଦୁଇ କଡ଼ରେ ଓ ଖଣ୍ଡଗିରି - ଉଦୟଗିରି ଏବଂ ପୁରୁଣା ମନ୍ଦିର ମାନଙ୍କର ଚାରିପାଖରେ, ହତାକୁ ଲାଗି ହଜାର ହଜାର ଘର କରିବାର ଅନୁମତି;

୫. ଭୁବନେଶ୍ୱରର ପ୍ରାକୃତିକ ପୟଃପ୍ରଣାଳୀ ସବୁ ଯାହାକି ହଜାର ହଜାର ବର୍ଷ ଧରି ଉଦ୍‌ବୃତ୍ତ ପାଣି କାଢ଼ି ନେଇ ଏ ଅଞ୍ଚଳକୁ ଶୃଙ୍ଖଳା ଓ ସ୍ୱାସ୍ଥ୍ୟକର କରି ରଖି ଆସୁଥିଲା ସେସବୁକୁ ଲୋକ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ ସ୍ୱେଚ୍ଛାଚାରୀ ଭାବରେ ବନ୍ଦବାନ୍ଧ କରିଦେବାର ଧାରାକୁ କର୍ତ୍ତୃପକ୍ଷଙ୍କର ସମ୍ପୂର୍ଣ୍ଣ ଉପେକ୍ଷା;

୬. ସହରରେ ଦ୍ରୁତଗତିରେ ଘରଦ୍ୱାର, ବସତି ବାଢ଼ି ଲୋକସଂଖ୍ୟା ବଢୁଥିଲେ ବି ଅତ୍ୟନ୍ତ ଦରକାରୀ ସିୱେରେଜ ବନ୍ଦୋବସ୍ତ କରି ଶହ ଶହ ଟ୍ରକ ବର୍ଜ୍ୟବସ୍ତୁକୁ ନିୟମିତ ପରିଷ୍କାର କରି ସହରକୁ ପରିମଳ ରଖିବା ପ୍ରତି ସମ୍ପୂର୍ଣ୍ଣ ଅନାଗ୍ରହ;

୭. ମହାବାତ୍ୟାରେ ନଷ୍ଟଭ୍ରଷ୍ଟ ହୋଇଯାଇଥିବା ଭୁବନେଶ୍ୱରର ହଜାର ହଜାର ଗଛବୃକ୍ଷମାନଙ୍କ ବଦଳରେ ନୂଆ ନୂଆ ଗଛ ଲଗାଇ ସହରର ପୂର୍ବର ସବୁଜିମା ଫେରାଇ ଆଣିବା ଇଚ୍ଛାର ଅଭାବ;

୮. ଦୁଇ ହଜାର ବର୍ଷର ଐତିହ୍ୟସମ୍ପନ୍ନ ସହରର ପୁରୁଣା ମନ୍ଦିର, ପୁଷ୍କରିଣୀ, ଜଳଉତ୍ସ, ରାଜପଥ, ଧ୍ୟାନର ପରିସର, ଧାର୍ମିକ ଅନୁଷ୍ଠାନ, ପୁରୁଣା ବାସସ୍ଥାନ ଓ ଭାଙ୍ଗିଯାଇଥିବା ଗଡ଼ ପ୍ରଭୃତିକୁ ପରିଷ୍କାର, ଶୁଦ୍ଧପୂତ, ଅତୁଟ, ଓ ଐତିହ୍ୟସଂପନ୍ନ କରି ରଖିବା ପାଇଁ ଆଗ୍ରହହୀନତା;

୯. ଭୁବନେଶ୍ୱରକୁ ଦକ୍ଷିଣରୁ ଆସିବା ପାଇଁ ଶହେବର୍ଷର ପୁରୁଣା ରାଜରାସ୍ତାକୁ ଅବିଚାରିତ ଭାବରେ ବନ୍ଦ କରି ବର୍ଦ୍ଧିଷ୍ଣୁ ସହରକୁ ଦୁଇଭାଗ କରି ବିଚ୍ଛିନ୍ନ କରିଦେବାର ଦୂରଦୃଷ୍ଟିହୀନତା;

୧୦. ପଚାଶ ବର୍ଷର ପ୍ରତିଷ୍ଠିତ, ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳର ଅତ୍ୟନ୍ତ ଦରକାରୀ ମାର୍କେଟ ଓ ହାଟକୁ ଭାଙ୍ଗି ଆପାର୍ଟମେଣ୍ଟ କରିବାର ଅପଚେଷ୍ଟା;

୧୧. ସହରର ସବୁ ରାସ୍ତା କଡ଼ରେ, ସବୁ ଖୋଲାଜାଗା ମାନଙ୍କରେ ନିରବଚ୍ଛିନ୍ନ ହଜାର ହଜାର ଜବରଦଖଲ ପ୍ରତି ଉପେକ୍ଷା;

୧୨. ସହରର ରାସ୍ତାମାନଙ୍କରେ ଭୟଙ୍କର ଓ ଅତ୍ୟନ୍ତ ବିପଦସଂକୁଳ ଭାବରେ ବଢ଼ି ଉଠୁଥିବା ଯାନବାହାନ ଓ ଜନଗହଳିକୁ ନିୟନ୍ତ୍ରଣ କରିବାର ଅକ୍ଷମତା।

ଏ ପ୍ରତ୍ୟେକ ଭୁବନେଶ୍ୱର ପାଇଁ ଗୋଟିଏ ଗୋଟିଏ ଦୁର୍ବିପାକ ଓ ସାମଗ୍ରିକ ଭାବରେ ଭୁବନେଶ୍ୱରର ବର୍ତ୍ତମାନର ଦୂରବସ୍ଥା ପାଇଁ ପ୍ରଧାନ କାରଣସବୁ। ଅଳ୍ପ ବିସ୍ତାରିତ ଭାବରେ ଏ ସବୁର କିଛି କିଛି ଆଲୋଚନା କରାଯାଇପାରେ। ଯେପରିକି ୫ ନମ୍ବର ଜାତୀୟ ରାଜପଥ କଥା ଧରାଯାଉ। ଏ ରାଜପଥଟି ଯେ ଅତ୍ୟନ୍ତ ଦରକାରୀ ଓ ଏହାର ଉନ୍ନତି ଏବଂ ସଂପ୍ରସାରଣ ହେବା ଉଚିତ ସେ ବିଷୟରେ ଦ୍ୱିମତ ନାହିଁ। ଏହି ରାଜପଥ ତିଆରି ହେବାର ପ୍ରଥମ ଅବସ୍ଥାରେ ଏହା ସହରର ବାହାରେ, ଗୋଟିଏ କଡ଼ରେ ଥିଲା ଓ ଯାନବାହାନର ଚଳାଚଳ ବିଶେଷନଥିଲା। କିନ୍ତୁ ସମୟ କ୍ରମେ ଜାତୀୟ ରାଜପଥ ଟପି ସହର ସେ ପାଖକୁ ବଢ଼ି ଯିବାରୁ ଏହା ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବରେ ସହର ମଝିରେ। ଏ ଆଉ

ଜାତୀୟ ରାଜପଥ ନୁହେଁ, ପ୍ରାୟ ୧୫ କିଲୋମିଟର ଧରି ସହରର ଗୋଟିଏ ମୁଖ୍ୟ ଓ ଅତ୍ୟନ୍ତ ଜନଗହଳି ରାସ୍ତା, ଏହା ହିଁ ଦୁର୍ଭାଗ୍ୟ। ସହରରେ ଟ୍ରାଫିକ ସାଙ୍ଗରେ ଜାତୀୟ ରାଜପଥର ବହୁଗୁଣିତ ଟ୍ରାଫିକ୍ ମିଶିଗଲା। ଫଳ ଯା ହେଲା, କି ଭୟଙ୍କର ଅବସ୍ଥା, ଯେଉଁମାନେ ଭୁକ୍ତଭୋଗୀ ସେମାନେ ଜାଣନ୍ତି। କଳିଙ୍ଗବିହାର-ତମାଣ୍ଡୋ ପାଖରୁ ରସୁଲଗଡ-ପଳାଶୁଣି-ହଂସପାଳ ପୂରା ମରଣାଯନ୍ତା ପାଲଟିଗଲା । ଆଶ୍ଚର୍ଯ୍ୟ ଲାଗେ ଭୁବନେଶ୍ୱର ପାଇଁ କାହିଁକି ଗୋଟିଏ ଭିନ୍ନମୋଡ଼ ବା ବାଇପାସ୍ କଥା ଚିନ୍ତା କରାଯାଉନାହିଁ। ଯେଉଁ ବାଟ ଦେଇ ଜାତୀୟ ରାଜପଥର ଦୂରଗାମୀ ଟ୍ରାଫିକ ସବୁ ଭୁବନେଶ୍ୱର ଭିତରେ ନପଶି ସେଇ ରାସ୍ତା ଦେଇ ବାହାରିଯାଆନ୍ତା ଓ ସହର ଭିତର ଟ୍ରାଫିକ୍ ଅଧାଅଧି କମିଯାଆନ୍ତା। ଏ ରାସ୍ତା ରହିଛି। ଖାଲି ଠିକ୍ଠାକ୍ କରିଦେବା କଥା- ଖୋର୍ଦ୍ଧା ପାଖ ପିତାପଲ୍ଲୀରୁ ବାହାରି ମେଣ୍ଢାଶାଳ, ଚନ୍ଦକା, ତ୍ରିଶୂଳିଆ ଦେଇ ବାଲିକୁଦାକୁ ଭୁବନେଶ୍ୱର ପାଇଁ ବାଇପାସ୍ ବା ତ୍ରିଶୂଳୀଆରୁ ମୁଣ୍ଡୁଳୀ, ସର୍ପେଶ୍ୱର, ଖୁଣ୍ଟୁଣୀଦେଇ ଟାଙ୍ଗିକୁ କଟକ ଭୁବନେଶ୍ୱର ପାଇଁ ବାଇପାସ୍ ଭୁବନେଶ୍ୱର ଭିତରେ ୫/୬ ଟା ଫ୍ଲାଇଓଭର କରିବାର ଯେତିକି ଖର୍ଚ୍ଚ ହେବ ଓ ଯେତିକି ସମୟ ଯିବ ତା'ଠାରୁ କମ୍ ଖର୍ଚ୍ଚ ଓ ସମୟରେ ବାଇପାସ୍ ରାସ୍ତା ଠିକ୍ ହୋଇଯାଆନ୍ତା ଓ ଭୁବନେଶ୍ୱର ସହର ଜାତୀୟ ରାଜପଥର ଶ୍ୱାସରୁଦ୍ଧ କବଳରୁ ମୁକ୍ତି ପାଆନ୍ତା। ସେହିପରି ଆନ୍ତର୍ଜାତିକ ବିମାନ ବନ୍ଦର, ଏହାର ଅବସ୍ଥା ଜାତୀୟ ରାଜପଥଠାରୁ ଆହୁରି ବିପଜ୍ଜନକ। ଏକ ସମୟରେ ଜାତୀୟ ରାଜପଥ ପରି ବିମାନ ବନ୍ଦରବି ସହର ବାହାରେ ଥିଲା। ବର୍ତ୍ତମାନ ଏହାଠିକ୍ ସହର ମଝିରେ- ସହରର ମୁଖ୍ୟ ଅଂଶଠାରୁ ଖୁବ୍ ବେଶି ହେଲେ ୨ କିଲୋମିଟର ଦୂର ହେବ। ଦଶବର୍ଷ ତଳେ ଏହି ବିମାନ ବନ୍ଦରର ପରିସର ଯଥେଷ୍ଟ ସୀମିତ ଥିଲା। ବର୍ତ୍ତମାନ ଖୁବ୍ ବଢ଼ିଯାଇଛି ଓ ଆଭ୍ୟନ୍ତରୀଣ ବିମାନ ବନ୍ଦରକୁ କେତେଦିନ ଏହିପରି ଭାବରେ ସେହି ସ୍ଥାନରେ ରଖିହେବ ସେ ବିଷୟରେ ଚିନ୍ତା କରିବାର ବେଳ ଆସିଛି; କିନ୍ତୁ ସେ ଚିନ୍ତା ନକରି, ଏହି ଆଭ୍ୟନ୍ତରୀଣ ବିମାନ ବନ୍ଦରର ସୀମିତ ସ୍ଥାନ, ପରିସ୍ଥିତି ସହ ସହରର ମଝିରେ ଆନ୍ତର୍ଜାତିକ ବିମାନ ବନ୍ଦର କରାଯିବାର ନିଷ୍ପତ୍ତି ନିଆଯାଉଛି। ଏହା ଏକ ଅତ୍ୟନ୍ତ ବିପଜ୍ଜନକ ଓ ଅଦ୍ୱିତୀୟ ନିଷ୍ପତ୍ତି, ଏହି ନିଷ୍ପତ୍ତି ଯେ ଭୁବନେଶ୍ୱର ପାଇଁ କାଳହେବ ସେ କଥା କର୍ତ୍ତୃପକ୍ଷ ଚିନ୍ତା କରୁ ନାହାନ୍ତି। ବିମାନଘାଟି, ବସଷ୍ଟାଣ୍ଡ, ବା ରେଲୱେ ଷ୍ଟେସନ ନୁହେଁ। ଏହାର ପରିସର ଆୟୋଜନ ଓ ଆୟତନ ଯଥେଷ୍ଟ ବଡ଼। ପୁଣି ଆନ୍ତର୍ଜାତିକ ବିମାନ ବନ୍ଦରର ଆୟୋଜନ ଯେ ବହୁତ ବେଶୀ ଏହା କହିବା ବାହୁଲ୍ୟ ମାତ୍ର। ଭୁବନେଶ୍ୱର ସହର ମଝିରେ ଆନ୍ତର୍ଜାତିକ ବିମାନ ବନ୍ଦର ଯେ ଆଦୌ ସମ୍ଭବ ନୁହେଁ ଓ ଏହାର ଫଳାଫଳ ଭୁବନେଶ୍ୱର ପାଇଁ କାଳାନ୍ତକ, ଆଶ୍ଚର୍ଯ୍ୟଲାଗେ ଏହି ସହଜ କଥାଟା କର୍ତ୍ତୃପକ୍ଷ କିପରି ବୁଝିପାରୁନାହାନ୍ତି।

ଭୁବନେଶ୍ୱର ସହରର ସବୁଆଡ଼େ, ଯତ୍ରତତ୍ର, ଶହଶହ ଆପାର୍ଟମେଣ୍ଟ ସବୁ ତିଆରି କରିବାର ଅନୁମତି ସେହିପରି ଗୋଟିଏ ଭ୍ରମାତ୍ମକ ନିଷ୍ପତ୍ତି, କାରଣ ସହରର ମୂଳ ଯୋଜନାରେ ଆପାର୍ଟମେଣ୍ଟ ସବୁ ତିଆରି ହେବାର କୌଣସି ଉଦ୍ଦେଶ୍ୟ ବା ସୁବିଧା ରଖା ଯାଇ ନଥିଲା। ତେଣୁ ଆପାର୍ଟମେଣ୍ଟ ସବୁ ତିଆରି ହେଲେ ତା'ର ସବୁ ଯେତେ ଆନୁଷଙ୍ଗିକ ସାଙ୍ଗଠନିକ ପ୍ରକ୍ରିୟା, ଅର୍ଥାତ, ଖୋଲା ଜାଗା, ଗମନାଗମନ ସୁବିଧା, ପାଣି, ପବନ, ଆଲୁଅ ଓ ପରିମଳ ବ୍ୟବସ୍ଥା ପ୍ରଭୃତିର ସୁବିଧା କଥା ଚିନ୍ତା କରାଯାଇ ନଥିଲା। ତେଣୁ ଅବିଚାରିତ ଭାବରେ କୌଣସି କିଛି ସାଂଗଠନିକ ପ୍ରକ୍ରିୟା ନଥାଇ, ଶହଶହ ଆପାର୍ଟମେଣ୍ଟର କ୍ଷତିକାରକ ପରିଣତି ଭୁବନେଶ୍ୱରର ସାଧାରଣ ଜନଜୀବନକୁ ବିପର୍ଯ୍ୟସ୍ତ କରି ସାରିଲାଣି। ମନେହୁଏ ଯାହା ଅନ୍ୟତ୍ର, ଏପରିକି ଭାରତ ବର୍ଷର ପ୍ରମୁଖ ସହରମାନଙ୍କରେ ଯୋଜନାବଦ୍ଧ ଭାବରେ ହୋଇଛି, ଏଠାରେ ମଧ୍ୟ ତାହା ହୋଇ ପାରିଥାଆନ୍ତା। ସହର ବାହାରେ ଯଥେଷ୍ଟ ଜମି ରହିଛି। ସେସବୁର ଆନୁଷଙ୍ଗିକ ଉନ୍ନତି କରି, ମୁଖ୍ୟତଃ ହାଉସିଂବୋର୍ଡ଼ ବା ବିଡ଼ିଏ ଦ୍ୱାରା ଆପାର୍ଟମେଣ୍ଟ କମ୍ପ୍ଲେକ୍ସ କରିବା ପାଇଁ ବନ୍ଦୋବସ୍ତ କରାଯାଇ ପାରିଥାଆନ୍ତା ଫଳରେ ଫ୍ଲାଟ୍ ସବୁର ମୂଲ୍ୟ ନିୟନ୍ତ୍ରିତ ହୋଇ ପାରିଥାଅନ୍ତା, ସହର ଯୋଜନାବଦ୍ଧ ଭାବରେ ବଢ଼ିପାରିଥାଆନ୍ତା

ଓ ଭୁବନେଶ୍ୱର ସହରର ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ଅକ୍ଷୁଣ୍ଣ ହୋଇ ପାରିଥାଆନ୍ତା। ସେହିପରି ଭୁବନେଶ୍ୱରର ଭୂତଳ ଜଳର ପରିସ୍ଥିତି, ପିଇବା ପାଣିର ବ୍ୟବସ୍ଥା, ପରିମଳର ବ୍ୟବସ୍ଥା, ଉଦ୍‌ବୃତ୍ତ ଜଳ ନିଷ୍କାସନର ବ୍ୟବସ୍ଥା, ରାସ୍ତା ଓ ଟ୍ରାଫିକ୍ ବ୍ୟବସ୍ଥା ବା ଅଧିକରୁ ଅଧିକ ଗଛବୃକ୍ଷ ଦ୍ୱାରା ସହରର ଜଳବାୟୁ ଉନ୍ନତ କରିବାର ଚେଷ୍ଟା ଏ ସବୁ ଯେ କୌଣସି ଭଲ ସହରରେ ପ୍ରାଥମିକ ଗୁରୁତ୍ୱ ଦେଇ କରାଯାଏ। ଭୁବନେଶ୍ୱରରେ ଏସବୁ କାର୍ଯ୍ୟ ଉପରେ ଆଦୌ ଗୁରୁତ୍ୱ ନାହିଁ। ତତ୍‌କ୍ଷଣାତ କାର୍ଯ୍ୟ ହିସାବରେ ଯେଉଁଠି ଯେତିକି ହୋଇପାରିଲା ସେତିକି। ମନେହୁଏ ଭୁବନେଶ୍ୱରର ବିପର୍ଯ୍ୟୟ ପାଇଁ କାହାର କିଛି ଗୁରୁଦାୟିତ୍ୱ ନାହିଁ। କର୍ତ୍ତୃପକ୍ଷଙ୍କର ନାହିଁ, ଲୋକଙ୍କର ବି ନାହିଁ। ଅଥଚ ଭୁବନେଶ୍ୱର ସହରର କର୍ତ୍ତୃପକ୍ଷ, ସହରର ଉନ୍ନତି ଓ ଐତିହ୍ୟ ପାଇଁ ବହୁତ କଥା କହୁଥିବା ଶୁଣାଯାଏ। ଜନ୍ଦା ବା ପିମ୍ପୁଡ଼ି ମନ୍ଦାପରି ଭୁବନେଶ୍ୱରର ଲୋକସଂଖ୍ୟା ଅଦ୍ଭୁତ ଭାବରେ ବଢ଼ିଉଠୁଛି, ଓଡ଼ିଶାର ସବୁ ଜାଗାରୁ ଓଡ଼ିଶା ବାହାରୁ, ଏପରିକି ଭାରତବର୍ଷ ବାହାରୁ, ବିଭିନ୍ନ ଉଦ୍ଦେଶ୍ୟ ଥିବା ବହୁ ଲୋକଙ୍କ ପାଇଁ ଭୁବନେଶ୍ୱର ଏକ ସହଜ ଗନ୍ତବ୍ୟ ସ୍ଥାନ ହୋଇଛି।

ବର୍ତ୍ତମାନର ପୃଥିବୀରେ ସହରୀକରଣ ଏକ ଅବଧାରିତ ଓ ଆବଶ୍ୟକୀୟ କାର୍ଯ୍ୟ। ସେଥିପାଇଁ ବହୁ ଭାବରେ ଚିନ୍ତା କରାଯାଇଛି, ବହୁ ଭାବରେ ଆଲୋଚନା ଓ ବିଶ୍ଲେଷଣ କରାଯାଇଛି ଓ ସହରୀକରଣକୁ କିପରି ଉନ୍ନତରୁ ଉନ୍ନତତର କରିହେବ ସେଥିପାଇଁ ନାନା ଭାବରେ କାର୍ଯ୍ୟ କରାଯାଉଛି। ଭାରତବର୍ଷ ଭିତରୁ ଓ ଭାରତବର୍ଷ ବାହାରୁ ବହୁ ସୁନ୍ଦର ସହରର ଉଦାହରଣ ଦିଆଯାଇପାରେ, ଯାହାକି ସେହି ସେହି ଜାତି ପାଇଁ ଗର୍ବ, ଐତିହ୍ୟ ଓ ସଭ୍ୟତାର ପ୍ରତୀକ ହୋଇ ଉଠିଛି। ଭୁବନେଶ୍ୱର କଅଣ? ଏଠାରେ ଯୋଜନା ନାହିଁ, ନିୟନ୍ତ୍ରଣ ନାହିଁ, ଉଦ୍‌ଯୋଗ ନାହିଁ। ସହର ପାଇଁ କୌଣସି ଚିନ୍ତା, କଳ୍ପନା ଓ ଆଗ୍ରହ ନାହିଁ। ସତେ ଯେପରି କେତେଗୁଡ଼ିଏ ଗାଁ ଏକାଠି ହୋଇ ରହିଛି। ବାସ୍ ସେତିକି ମନେହୁଏ ଏ ସହର କାହାରି ନୁହେଁ ଗୋଟିଏ ସମ୍ପୂର୍ଣ୍ଣ ବେଓ୍ୱାରିସ ସହର। ଏ ସହର କଅଣ ଦୁଇ ହଜାର ବର୍ଷର ଐତିହ୍ୟ ସମ୍ପନ୍ନ ଓଡ଼ିଆ ଜାତିର ପ୍ରତୀକ?

ଭୁବନେଶ୍ୱର ପୁସ୍ତକ-ମେଳା

ଯତୀନ୍ଦ୍ର ମୋହନ ମହାନ୍ତି

ଜୁନ୍ ୨ତାରିଖରୁ ୯ ତାରିଖ (୧୯୮୫ ମସିହା) ପର୍ଯ୍ୟନ୍ତ ଭୁବନେଶ୍ୱରର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଏକ ସର୍ବଭାରତୀୟ ପୁସ୍ତକ ମେଳା ଅନୁଷ୍ଠିତ ହେଉଛି। ଏହିମେଳାରେ, ଓଡ଼ିଶା ଓ ଓଡ଼ିଶା ବାହରର, ଓଡ଼ିଆ, ବଙ୍ଗଳା, ହିନ୍ଦୀ, ତେଲଗୁ, ସଂସ୍କୃତ ଓ ଇଂରାଜୀରେ ପ୍ରାୟ ୬୦/୬୫ ପ୍ରକାଶନ ଯୋଗ ଦେଇଛନ୍ତି ଓ ପ୍ରାୟ ୧୩ ଲକ୍ଷ ବହି ପ୍ରଦର୍ଶିତ ହେଉଛି। ଏହି ଉପଲକ୍ଷେ ଉଦ୍ୟୋକ୍ତାମାନଙ୍କ ପକ୍ଷରୁ ପ୍ରାୟ ପ୍ରତିଦିନ ସେମିନାର ଓ ସାଂସ୍କୃତିକ ଅନୁଷ୍ଠାନମାନ ଆୟୋଜନ କରାଯାଇଛି। ହିସାବରୁ ଜଣାଯାଏ ଏହି ସାତ ଦିନରେ ପ୍ରାୟ ୭୦/୮୦ ହଜାର ଲୋକ ଏହି ମେଳାରେ ଆସି ଯୋଗ ଦେବେ ଓ ବହି ପତ୍ର କିଣା କିଣି କରବେ। ଭୁବନେଶ୍ୱର ପାଇଁ ଏ ଏକ ନୂଆ ଅଭିଜ୍ଞତା। ଏହା ପୂର୍ବରୁ ଏଠାରେ ଥରେ ଦିଥର ପୁସ୍ତକ ପ୍ରଦର୍ଶନୀ ହୋଇଥିଲା, ଯେପରିକି ଓଡ଼ିଶା ସାହିତ୍ୟ ଏକାଡ଼େମୀର ରୌପ୍ୟଜୟନ୍ତୀ ଅବସରରେ ଓ କିଛିଦିନ ତଳେ କେତେକ ଉତ୍ସାହୀ ଯୁବକଙ୍କ ଉଦ୍ୟମରେ ସୂଚନା ଭବନ ପରିସରରେ ଏକ ଛୋଟକାଟର ପ୍ରଦର୍ଶନୀ, କିନ୍ତୁ ସେ ସବୁର ଆୟୋଜନ ବଡ଼ ସୀମିତ ଥିଲା ଓ ବର୍ତ୍ତମାନର ପୁସ୍ତକମେଳା ସହିତ ତାହା ତୁଳନୀୟ

ନୁହେଁ। ଏକମାତ୍ର ୪/୫ ବର୍ଷତଳେ କଟକରେ ହୋଇଥିବା ପୁସ୍ତକମେଳା ସହିତ ଏହାକୁ ତୁଳନା କରାଯାଇପାରେ ଓ ପରିସର ଏତେ ବ୍ୟାପକ ନ ହେଲେ ବି ଗୁଣାତ୍ମକ ଦୃଷ୍ଟିରୁ ଭୁବନେଶ୍ୱର ପୁସ୍ତକ-ମେଳାକୁ ପ୍ରାୟ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ଦିଲ୍ଲୀ, କଲିକତା ମାନ୍ଦ୍ରାଜ, ବାଙ୍ଗାଲୋର ଓ ବମ୍ବେର ପୁସ୍ତକମେଳା ସହିତ ତୁଳନା କରାଯାଇପାରେ।

ଯେ କୌଣସି ସହରର ରୁଚି ସେହି ସହରରେ ଥିବା ବହି ଦୋକାନ, ଗ୍ରନ୍ଥାଘର, ଚିତ୍ର ଗାଲେରି, ସଙ୍ଗୀତ ଦୋକାନ ବା ସଂଗୀତ ଲାଇବ୍ରେରିରୁ ବୁଝାଯାଏ। ପୃଥିବୀର ସବୁ ସୁପରିଚିତ ବଡ଼ ବଡ଼ ସହରମାନଙ୍କରେ ସାଂସ୍କୃତିକ ଜୀବନର ଏକାନ୍ତ ଆବଶ୍ୟକୀୟ ଏହି ଅଙ୍ଗସବୁ ରହିଛି ଓ ସେ ସବୁ ଅତ୍ୟନ୍ତ ଉଚ୍ଚକୋଟୀର ଓ ନିଜସ୍ୱ ଗୌରବରେ ବହୁଳ ପ୍ରସାରିତ। ଏପରି କି ଭାରତବର୍ଷରେ ଦିଲ୍ଲୀପରି ସହର ଯେଉଁଠି କି ୪୦ ବର୍ଷ ତଳେ କଲିକତା, ମାନ୍ଦ୍ରାଜ, ବମ୍ବେ ତୁଳନାରେ ସାଂସ୍କୃତିକ ଜୀବନ ପ୍ରାୟ ନ ଥିଲା କହିଲେ ଚଳେ, ସେଠାରେ ବି ଗ୍ରନ୍ଥାଗାର, ବହିଦୋକାନ ଓ ସଙ୍ଗୀତ ନାଟକ ପ୍ରଭୃତିର ଅନୁଷ୍ଠାନ ଏପରି ପ୍ରତିଷ୍ଠିତ ହୋଇଗଲାଣି ଯେ ଆଜି ଦିଲ୍ଲୀକୁ ଭାରତର ସଂସ୍କୃତିକ ରାଜଧାନୀ କହିଲେ ଅତ୍ୟୁକ୍ତ ହେବନାହିଁ। ଦୁଃଖର କଥା, ଭୁବନେଶ୍ୱର ଆଜିକୁ ପ୍ରାୟ ୪୦ ବର୍ଷ ହେବ ଓଡ଼ିଶାର ରାଜଧାନୀ ହେବା ସତ୍ତ୍ୱେ ଓ ଭୁବନେଶ୍ୱର ସହର ପରିସର ମଧ୍ୟରେ ଦୁଇ ଦୁଇଟା ବିଶ୍ୱବିଦ୍ୟାଳୟ, ଦୁଇଟା ସର୍ବଭାରତୀୟ ଶିକ୍ଷା ଅନୁଷ୍ଠାନ, ଗୋଟିଏ କଳା କଲେଜ ଓ ପ୍ରାୟ ୨୪/୨୫ ଟି ସ୍କୁଲ ଥିବା ସତ୍ତ୍ୱେ, ସହରର ରୁଚି ସେକ୍ରେଟେରିଏଟ୍ ଭିତରେ ଆବଦ୍ଧ ଓ ସରକାରୀ ଅଫିସ୍ ପ୍ରସୂତ ଚିନ୍ତାଧାରା ହିଁ ସହରର ସାଂସ୍କୃତିକ ମାନଦଣ୍ଡର ନିୟମାକ। ତେଣୁ ସହରର ଭଲ ପାଠାଗାର ବା ଗ୍ରନ୍ଥାଗାର ନାହିଁ ଓ ରାଜ୍ୟ ଗ୍ରନ୍ଥାଗାର ବୋଲି ଯାହାକୁ କୁହାଯାଉଛି, ସେ ଶେଷ ପର୍ଯ୍ୟନ୍ତ କଅଣ ହେବ ତାହା କହିବା ସମ୍ଭବ ନୁହେଁ। ସେହିପରି ଭୁବନେଶ୍ୱରରେ ଆଗ୍ରହୀ ବ୍ୟକ୍ତି ମାନଙ୍କ ପାଇଁ ଭଲ ବହି ଦୋକାନ ଓ ସଙ୍ଗୀତ ବା ଚିତ୍ରାଗାର। ବା ନିୟମିତ ଉଚ୍ଚକୋଟୀର ସଙ୍ଗୀତ ବା ନାଟକର ଅନୁଷ୍ଠାନ ସ୍ୱପ୍ନ। ମୋଟ କଥା 'ମନ୍ଦିର ମାଳନୀ' ୨୦୦୦ ବର୍ଷର ଐତିହ୍ୟ ଥିବା ଭୁବନେଶ୍ୱର ସହରରେ ରୁଚିନାହିଁ, ଏହାହିଁ ନିଷ୍ଠୁର ସତ୍ୟ।

ଏହି ପରିପ୍ରେକ୍ଷୀରେ ଗତ ୭ ଦିନ ଧରି ଏକ ସର୍ବ ଭାରତୀୟ ପୁସ୍ତକ ମେଳା ଏଠାରେ ଅନୁଷ୍ଠିତ ହେଉଛି। ଏ ଯେପରି ଅଭାବିତ, ସେହିପରି ଆନନ୍ଦଦାୟକ। ଇଂରାଜୀ ଭାଷାରେ ବର୍ଷକୁ ପ୍ରାୟ ୨୩ ଲକ୍ଷ ବହି ପ୍ରକାଶ ପାଏ, ଯେଉଁଥିରୁ କି ପ୍ରାୟ ସତୁରୀ ହଜାର ପ୍ରଥମ ସଂସ୍କରଣ। ସେ ତୁଳନାରେ ଓଡ଼ିଆ ବହିର ପ୍ରକାଶ ଅତି ନଗଣ୍ୟ, ଖୁବ୍ ବେଶି ହେଲେ ବର୍ଷକୁ ପ୍ରାୟ ୭୦୦/୮୦୦ ହେବ। ଏ ଦୁସ୍ତର ବ୍ୟବଧାନ ସତ୍ତ୍ୱେ ଉଭୟ ଇଂରାଜୀ ଓ ଓଡିଆ ଭାଷାର ନୂଆ ନୂଆ ବହିସବୁ ଚାକ୍ଷୁସ ଦେଖିବାର ଯେଉଁ ଉତ୍ତେଜନା ଓ ଆନନ୍ଦ ତାକୁ କେବଳ ସଂଖ୍ୟାର ସୀମା ଭିତରେ ପ୍ରକାଶ କରିହେବ ନାହିଁ। ଏ ଏକ ମାନସିକ ପରିବେଶ, ଯେଉଁ ମାନସିକତା ଯେ କୌଣସି ଜାତିର କେବଳ ସଂସ୍କୃତି ନୁହେଁ, ସଭ୍ୟତାର ପରିମାପକ ଓ ଯାହା ଯେତେ କ୍ଷୀଣ ହେଲେ ମଧ୍ୟ ଜାତିର ନିଜସ୍ୱ ସ୍ଥିତି ପାଇଁ ଏକାନ୍ତ ଆବଶ୍ୟକ। ମନେହୁଏ ଯେ କୌଣସି ପୁସ୍ତକ ମେଳାର ଏହା ହିଁ ପ୍ରଥମ କାର୍ଯ୍ୟ। ଗତ ସାତ ଦିନ ଧରି ଭୁବନେଶ୍ୱର ପୁସ୍ତକ ମେଳା ଆନୁକୂଲ୍ୟ ଓ ପରିସରରେ ଯେଉଁ ଆଗ୍ରହ, ଆନନ୍ଦ ଓ ଉତ୍ତେଜନାର ପ୍ରସାରଣ ହୋଇଛି, ତାହାକୁ କେବଳ କଲିକତା ପୁସ୍ତକ ମେଳାର ସମାନ ଆଗ୍ରହ ଓ ଉତ୍ତେଜନା ସହିତ ତୁଳନା କରାଯାଇ ପାରେ ଓ ଭୁବନେଶ୍ୱରର ରୁଟିନ୍ ଜୀବନରେ ଏ ଏକ ଉଲ୍ଲେଖନୀୟ ଓ ଆଦରଣୀୟ ବ୍ୟତିକ୍ରମ। ମନେହୁଏ, ଏପରି ବ୍ୟତିକ୍ରମ ବାରମ୍ବାର ହେବା ଉଚିତ।

ପୁସ୍ତକମେଳାର ଅନ୍ୟାନ୍ୟ ଦିଗ ରହିଛି। କବି ରମାକାନ୍ତ ରଥଙ୍କର ନୂତନ କବିତା 'ଶ୍ରୀରାଧା' ଉନ୍ମୋଚିତ ହେବା ସଙ୍ଗେ ସଙ୍ଗେ ଓ ତିନି ଦିନ ଭିତରେ ପ୍ରାୟ ୩୦୦ କପି ବିକ୍ରି ହୋଇଯାଇଛି। ସୀତାକାନ୍ତ ମହାପାତ୍ର ଓ ସୌଭାଗ୍ୟ କୁମାର ମିଶ୍ରଙ୍କର ନୂତନ କବିତା ବହି ଉନ୍ମୋଚିତ ହୋଇଛି ଓ ଆଶା, ସେସବୁ ବି ଭଲ ସମାନ ବିକ୍ରିହେବ। ସାଂସ୍କୃତିକ ବିଭାଗର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସଂପାଦିତ 'ସାରଳା ମହାଭାରତ' ପ୍ରାୟ ୪୦ ସେଟ୍ ବିକ୍ରି ହୋଇଛି ଓ

ସେହି ପରି କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଆଲବମ ପାଠକମାନେ ଅତି ଆଗ୍ରହରେ କିଣିଛନ୍ତି। ଏହା ବାହାରେ ପ୍ରତି ଇଂରାଜୀ ଓଡ଼ିଆ ବହି ଷ୍ଟଲରେ ଆଗ୍ରହୀ କ୍ରେତା ମାନଙ୍କର ଭିଡ଼। ଏପରି କି ସଂସ୍କୃତ ଓ ବଙ୍ଗଳା ବହି ପାଇଁ ମଧ୍ୟ ଆଗ୍ରହ ଯଥେଷ୍ଟ ଓ ବିକ୍ରି ମଧ୍ୟ ଭଲ। କଲିକତା ବହି ମେଳାରେ ଯାହା ଏକ ସୁପରିଚିତ ଦୃଶ୍ୟ, ଅର୍ଥାତ ପ୍ରାୟ ପ୍ରତ୍ୟେକେ ମେଳାରୁ ବହି ନେଇ ଫେରୁଛନ୍ତି। ଏଠାରେ ମଧ୍ୟ ପ୍ରତ୍ୟେକଙ୍କ ହାତରେ କିଛି କିଛି ବହି ବିଶେଷ ଲକ୍ଷ୍ୟ କରିବାର କଥା, ଅଧିକାଂଶ ବିକ୍ରି ବ୍ୟକ୍ତଗତ ଭାବରେ ପାଠକ ମାନଙ୍କର। କାରଣ ଅନୁଷ୍ଠାନ ମାନେ ବହି କିଣିବା ସମୟ ଏ ନୁହେଁ। ସେ ସମୟ ଜାନୁୟାରୀରୁ ମାର୍ଚ୍ଚ, ଯେଉଁ ସମୟରେ ଭାରତ ବର୍ଷର ସବୁ ପୁସ୍ତକମେଳା ଅନୁଷ୍ଠିତ ହୁଏ। ବହି ବିକ୍ରିର ବିସ୍ତାର ବି ଉଲ୍ଲେଖନୀୟ -'ବଙ୍ଗୀୟ ଶବ୍ଦକୋଷ', 'ସଂସ୍କୃତ ସାହିତ୍ୟ ସମ୍ଭାର', 'ବିବେକାନନ୍ଦ ରଚନା ବଳି', 'ଭାରତୀୟ ବିଦ୍ୟାଭବନ'ର 'ଭାରତୀୟ ଜାତିର ଇତିହାସ' ଠାରୁ ଆରମ୍ଭ କରି କବିସୂର୍ଯ୍ୟଙ୍କ ଗ୍ରନ୍ଥାବଳୀ, ମନୋରଂଜନ ଦାସଙ୍କ ନାଟକ, ଲଣ୍ଡନପ୍ରବାସୀ ଲେଖକ ଓ ଚିତ୍ରକର ପ୍ରଫୁଲ ମହାନ୍ତିଙ୍କର 'My Village my life' (ଯାହାକି ପ୍ରାୟ ୨୦୦ କପି ବିକ୍ରୀ ହୋଇଛି) ଓ ଓରିଏଣ୍ଟ ଲଙ୍ଗମାନର ଏହି ସୁଦୃଶ୍ୟ 'Tennis' ବହି ପର୍ଯ୍ୟନ୍ତ ଏହା ପ୍ରସାରିତ। ପାଠକମାନଙ୍କୁ ବି ଲକ୍ଷ୍ୟକରିବାର କଥା-ବୟସ୍କମାନଙ୍କ ପାଖରୁ ଆରମ୍ଭ କରି ତରୁଣଙ୍କ ପର୍ଯ୍ୟନ୍ତ ଉଭୟ ପୁରୁଷ ଓ ନାରୀ, ବିଶେଷକରି ତରୁଣତର ପୁଅ ଓ ଝିଅମାନେ- କାହାରି ଆଗ୍ରହ କମ୍ ନୁହେଁ।

ବହୁ ପରିଶ୍ରମରେ ଏ ପୁସ୍ତକ ମେଳା କରାଯାଇଛି। ଏଥିପାଇଁ ଲେଖକ ସାମୁଖ୍ୟ, ଓଡ଼ିଶା ପ୍ରକାଶକ ଓ ପୁସ୍ତକ ବିକ୍ରେତା ସଂଘ ଓ ଜାତୀୟ ପୁସ୍ତକ ସଂସ୍ଥା (N.B.T) ପ୍ରତ୍ୟେକ ଧନ୍ୟବାଦର ଯୋଗ୍ୟ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଓ ସାଂସ୍କୃତିକ ବିଭାଗର କର୍ମକର୍ତ୍ତା ମାନେ ବି ଯଥେଷ୍ଟ ସମର୍ଥନ ଓ ସହଯୋଗ ଦେଇଛନ୍ତି। ଭୁବନେଶ୍ୱରରେ ସାଂସ୍କୃତିକ ଜୀବନର ଅଭ୍ୟୁଦୟ ହେବା ଉଚିତ। ଆଶା ପ୍ରତିବର୍ଷ ଏହି ପୁସ୍ତକମେଳା ବା ଏହିପରି ପୁସ୍ତକମେଳା ଅନୁଷ୍ଠିତ ହୋଇ ଏ ଅଭ୍ୟୁଦୟରେ ସାହାଯ୍ୟ କରିବ।



Authorspeak: Jatindra Mohan Mohanty

I have written about Oriya poetry to some extent because it provides fruitful ground to my criticism. Not only past authors, but contemporary authors too, have given me opportunity to analyze and evaluate, and to establish proper perspective and focus. It has always been a great deal of excitement on my part to be in contact with those scintillating poetic minds and help them to be put in the circuit of communication—probably an extremely important role a critic can play anywhere anytime. But the other aspect is also equally important: that is, at par with the poets in understanding and comprehending the complications of life, critical understanding is equalized with poetic understanding and both provide equal formulations of sensibility. The competent critic, I may say, is like a competent creative artist. Whereas in the creative artist the critical mind functions as a subterranean stream and what is seen outside is a vast expansion of creative surface, with the critic on the other hand, the creative mind goes underneath, and what is seen outside is solid reasoning and logistic arrangement. It would be wrong to separate a good critic from a good writer. They function together, only at different levels.

When the permanent values of life are in the danger of being destroyed or lost it becomes necessary to rehabilitate them for the survival of the race. At its deepest perception criticism aims at doing this: a rehabilitation of values, or more fundamentally, 'judgments of value'. Language can be the referential language of science or the emotive language of poetry, and in an age of mass-media, advertisement and journalism where language is perpetually debased, it becomes an urgent duty of the critic to establish the custom of responding to literary communication with a unified sensibility.

Time
8-00
9-00
10-00
11-00
12-00

I left college at 1.20, and after seeing Ananta we both went to Vani Vihar. I brought Laxman [illegible] with me and we came to Sitakanta's place at 6.

The first meeting of the 'Harmony Club'. Gopi Da, Baidyanath Da, Laxman, Bhairav, Mahendra, Ananta, Sitakanta and myself present. Gopi Sahu talked very encouragingly and hopefully. We talked about the possibility of starting 'Harmony' and if God permits it would be started and continued.

[illegible]

---

5 — Tuesday.

Pub (?) 'O Captain, My Captain'
III D general discussion, collection, Romantic-biased, how to appreciate a poem, an example Alexander's Feast discussed.

Saw Kanhu Sahu with Sitakanta about 'Harmony' — Kanhu Sahu advised to constitute a board, and apply for initial money.
Went with Ananta to Vani Vihar to make arrangements for Book Exhibition, spent the whole [illegible] there and returned at [illegible]

'ହାରମୋନି କ୍ଲବ' ପ୍ରତିଷ୍ଠା ନିମନ୍ତେ ଯୋଜନା

College classes suspended for matriculation examinations.

Time 8-00

Went to Cuttack with the aunt and Kaku. Returned at 11. Went to Apai place, got watch (Rs 107/-) and saw Nanda.

9-00

'Prajna-Sahitya' ([illegible]) out. got the first copy. It's well printed and with a good get up.

10-00

It's a good book.
Couldn't see Bibhu.

11-00

12-00

The same strange quiet continues. Is it detachment, indifference?

1-00

I feel as if I have been betrayed, and the mind grows stiff. When I think of her the same emptiness, or when I see her the same great agitation, but I feel somehow the mind is recoiling. The feeling that you are no longer acceptable as before, she grows distance, detached, and the mind does think it a humiliation to be concerned about somebody who values ones love negligently leads to the growth of a hard crust.

2-00

3-00

4-00

5-00

6-00

HARMONY

(1st issue):

Poetry.

1. One story: F.M. Senapati → ନନ୍ଦୀକା (?)
2. One story: G.N. Mohanty → ଗୁମ୍ଫ
3. Discussion on G.N. Mohanty (critico-biographical, including a review of Oriya novel) → ନନ୍ଦୀନ (?)
4. Review of 'Utkal University History of Orissa'. → ଅଧ୍ୟାପକ
5. Poems (at least ~~three~~ 4 each) by
   1. S. Routray
   2. G.P. Mohanty → (JM?)
6. Love lyrics (old) - about 8 or 10
   1. Gopalkrushna
   2. Kabisurya
   3. Gouri Charan
   4. Upendra Bhanja
   → ଏକାଙ୍କ ନନ୍ଦୀ

Essays

1. B. Das
2. J.M. (?)

Brother came

Ananta took 10 Harmony cards.

(Narana 3, Prafulla 3)

Harmony Club meeting at ~~Ba~~ Shome's house
Dr Kelly was felicitated.
(Sitakanta arranged)

Saw Ananta's picture 'The Flame marches on' at 12 and 'Manikar' at 6. Ananta's documentary is good. He has imagination and skill. 'Manikar' is very bad. They say it's a popular picture. It's a vulgar one, it throws dirt on life and spoils taste. Usha Lakkhatan and Suren were with me. They also didn't like it.

Saw her at noon, when for a long time we stood quietly looking at each other. It's the fire, the fire of life which circles and one burns without radience.



JULY
1989

୩
MONDAY

Ullan Baby'

୪
TUESDAY

Ullan Baby

a fine, beautiful
country - fine
city - fine hospitality
people - a memorable
experience.

28
WEDNESDAY

Delhi

29
THURSDAY

Left for Ulan Bator
(Mongolia) via Moscow
(9 PM)
on a cultural exchange
programme, funded
by me on behalf
of the Sahitya
Akademi



କଲଚରାଲ ଏକାଡ଼େମୀ

ମାନପତ୍ର - ୨୦୦୪

୦୧.୦୨. ୨୦୦୪

ବରେଣ୍ୟ ସାହିତ୍ୟ ସାଧକ ପ୍ରଫେସର ଶ୍ରୀଯୁକ୍ତ ଯତୀନ୍ଦ୍ର ମୋହନ ମହାନ୍ତି ମହୋଦୟେଷୁ ..

ମହାଶୟ,

ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଧରି ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ନିଜକୁ ନିୟୋଜିତ କରି ଆପଣ ସୃଷ୍ଟି କରିଛନ୍ତି ଅଗଣିତ ମୌଳିକ ପ୍ରବନ୍ଧ । ଜଣେ ସଫଳ ପ୍ରବନ୍ଧକାର ହିସାବରେ ଉଭୟ ଓଡ଼ିଆ ଓ ଇଂରାଜୀରେ ଆପଣଙ୍କ ଦ୍ୱାରା ରଚିତ ବହୁ ଆଲୋଚନା ଓ ସମାଲୋଚନା ପୁସ୍ତକ, କବିତା ସଂକଳନ ଓଡ଼ିଆ ଭାଷା ଓ ସାହିତ୍ୟର ଖଣ୍ଡି ଏ ଖଣ୍ଡି ଏ ଅମୂଲ୍ୟ ଗ୍ରନ୍ଥ। ଏହି ପୁସ୍ତକମାନଙ୍କ ଭିତରୁ ଇଂରାଜୀରେ ☆ Tradition and creativity ☆ Madhusudan Rao ☆ Land Beautiful ☆ Along thg stream ☆ Into another Identity ☆ There where trees flower ☆ Criticism : A reader ଏବଂ ଓଡ଼ିଆ ଗ୍ରନ୍ଥମାନଙ୍କ ଭିତରୁ ଆଲୋଚନା ପୁସ୍ତକ ☆ ସୂର୍ଯ୍ୟସ୍ନାତ, ☆ ପ୍ରାଚୀନ ଓଡ଼ିଆ କବିତା ସମ୍ଭାର ☆ ଆଧୁନିକ ଓଡ଼ିଆ କବିତା ସମ୍ଭାର ☆ ଆଧୁନିକ ଓଡ଼ିଆ ନାଟକ ଓ ସମ୍ପୂର୍ଣ୍ଣ ଭିନ୍ନ ଦୃଷ୍ଟିଭଙ୍ଗୀର ଉପନ୍ୟାସ 'ପ୍ରେମାସ୍ପଦା' ଓଡ଼ିଆ ଓ ଇଂରାଜୀ ସାହିତ୍ୟ ଜଗତରେ ବିଶେଷ ଉଲ୍ଲେଖର ଅଧିକାରୀ ।

ମହାଶୟ ! ଭାଷା ଓ ସାହିତ୍ୟର ଗବେଷଣା କ୍ଷେତ୍ରକୁ ଆପଣଙ୍କ ଦାନ ଓଡ଼ିଆ ବାଣୀ ଭଣ୍ଡାରର ଏକ ଅମୂଲ୍ୟ ସମ୍ପଦ । ଜଣେ ପ୍ରବୀଣ ଅଧ୍ୟାପକ ହିସାବରେ ଶିକ୍ଷା ଜଗତରେ ଆପଣ ଯେଉଁ ମହାନ୍ ପରମ୍ପରା ସୃଷ୍ଟି କରିଛନ୍ତି ତାର ତୁଳନା ନାହିଁ । ଜୀବନର ଅଧିକାଂଶ ସମୟ କେବଳ ସୃଷ୍ଟି ଓ ସର୍ଜନାତ୍ମକ ପ୍ରକ୍ରିୟାରେ ନିମଜ୍ଜିତ ରହି ଆପଣ ସାହିତ୍ୟ ଜଗତକୁ ଯେଉଁ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି ତାକୁ ଆଗାମୀ ପିଢ଼ୀର ସାହିତ୍ୟ ଓ ସମାଜ ଚିରକାଳ ମନେ ରଖିବ । ତାହା ହିଁ ହେବ ଆଗାମୀର ପଥ ପ୍ରଦର୍ଶକ ।

ଆପଣଙ୍କ ନିରଳସ ସାହିତ୍ୟ ସାଧନା ପାଇଁ ଆପଣ ଏ ଯାବତ୍ ଅବଶ୍ୟ ବହୁ ସାହିତ୍ୟାନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ତଥା ପୁରସ୍କୃତ ହୋଇ ସାରିଛନ୍ତି । କିନ୍ତୁ ଆପଣଙ୍କ ଗବେଷଣାଧର୍ମୀ ବିଶେଷ ପ୍ରବନ୍ଧ ପୁସ୍ତକ 'ସୂର୍ଯ୍ୟସ୍ନାତ' ପାଇଁ ୨୦୦୩ ବର୍ଷରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହେବା କେବଳ ଓଡ଼ିଆ ସାହିତ୍ୟ ନୁହେଁ ସମଗ୍ର ଭାରତୀୟ ସାହିତ୍ୟ ଜଗତ ପାଇଁ ଏକ ଉଲ୍ଲେଖନୀୟ ଘଟଣା ।

ଆପଣଙ୍କ ପରି ଜାତୀୟ ସ୍ତରରେ ସୁପ୍ରତିଷ୍ଠିତ ଜଣେ ମହାନ୍ ସାହିତ୍ୟ ସାଧକଙ୍କୁ କଲଚରାଲ ଏକାଡେମୀ ଆଜି ତା'ର ବିଶେଷ ସାହିତ୍ୟାନୁଷ୍ଠାନରେ ଆପଣଙ୍କୁ ସମ୍ବର୍ଦ୍ଧିତ କରିବାର ସୁଯୋଗ ପାଇ ନିଜକୁ ଗୌରବାନ୍ୱିତ ମନେ କରୁଛି ।

ମୁଖ୍ୟ ଅତିଥି   ସଭାପତି

Utkal University Teachers' Association

FELICITATION
TO
Professor Jatindra Mohan Mohanty
ON
HIS RETIREMENT

Esteemed Sir,

Born to a freedom-fighter's family and educated in prestigious institutions like Peary Mohan Academy, Cuttack;Ravenshaw College, Cuttack;Leeds University, U.K. ; your contributions as a teacher and research worker in institutions like Ravenshaw College, B.J.B. College, Eastern Regional Language Centre, Bhubaneswar and this University are well acknowledged. Your literary works span a great dimension from editing to original authorship earning high acclaim. Your extensive critical writings in English and Oriya in the form of articles and books have earned great appreciation in academic community of our country and abroad, and have introduced a new trend in criticism in Oriya literature.

In due recognition of your contributions, you, Sir, have held various prestigious positions of Central Sahitya Akademi and Orissa Sahitya Akademi besides the Professorship of English of this University.

Above all, Sir, you have greatly contributed to the nourishment of this Association through your valued guidance and suggestion and also led it as President during one of its most critical years.

We, the members of UUTA, deem it a privilege to felicitate you, Sir, recalling your varied contribution to education of our state and services to this association, on your retirement.

Praying to God for a long healthy and active life of yours .

Members, UUTA.
23rd. DECEMBER, 1992.

ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

ମାନନୀୟ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି ମହୋଦୟ,

ଉଦାରଚରିତେଷୁ

ମହାଶୟ,

ଦୀର୍ଘ ଚାରିଦଶନ୍ଧିରୁ ଉର୍ଦ୍ଧ୍ୱକାଳ ଧରି ଆପଣ ନିଜର ସାରସ୍ୱତ ସାଧନା ବଳରେ ଉତ୍କଳର ବାଣୀଭଣ୍ଡାରକୁ ପରିପୁଷ୍ଟ କରିଚାଲିଛନ୍ତି । 'ପ୍ରଜ୍ଞା' ମାଧ୍ୟମରେ ଆପଣ ଓଡ଼ିଆ ସାହିତ୍ୟରେ ନୂତନ ପ୍ରାୟୋଗିକ ଆଲୋଚନାର ସୂତ୍ରପାତ କରିଛନ୍ତି । 'ପ୍ରାଚୀନ ଓଡ଼ିଆ କବିତା ସମ୍ଭାର', 'ଆଧୁନିକ ଓଡ଼ିଆ କବିତା ସମ୍ଭାର', 'ଆଧୁନିକ ଓଡ଼ିଆ ନାଟକ' ପ୍ରଭୃତି ଆପଣଙ୍କ ସମ୍ପାଦନା ଦକ୍ଷତାର ପରିଚୟ ବହନ କରିଛି । ନୂତନ ସମାଲୋଚନା, Where there trees flower, The land Beautiful, Into another intensity , Along the Stream ଭଳି ସମାଲୋଚନା ପୁସ୍ତକ ଓ ପ୍ରେମାସ୍ପଦା ଉପନ୍ୟାସ ଆପଣଙ୍କର ପ୍ରତିଭାର ପରିଚାୟକ । ଓଡ଼ିଆ ସାହିତ୍ୟକୁ ସର୍ବଭାରତୀୟ ସ୍ତରରେ ପରିଚିତ କରାଇବାରେ ଆପଣଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ । ଆପଣଙ୍କର ସମାଲୋଚନା ଗ୍ରନ୍ଥ 'ସୂର୍ଯ୍ୟସ୍ନାତ' କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇବା ଆମ ସମସ୍ତଙ୍କ ପକ୍ଷରେ ଗୌରବର ବିଷୟ ।

ହେ ବରେଣ୍ୟ, ସ୍ନାତକୋତ୍ତର ଓଡ଼ିଆ ବିଭାଗର ବାର୍ଷିକ ଉତ୍ସବରେ ଆପଣଙ୍କର ଏହି ଅବଦାନକୁ ଆମେ ସମ୍ମାନ ଜଣାଇ ଆପଣଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରୁଅଛୁ ।

ଗୁଣମୁଗ୍ଧ

ଓଡ଼ିଆ ବିଭାଗର ଛାତ୍ରଛାତ୍ରୀ ଓ
ଅଧ୍ୟାପକ ଅଧ୍ୟାପିକା ବୃନ୍ଦ
ତା ୧୬.୪.୨୦୦୪

ମୁଖ୍ୟ ଅତିଥି | ସମ୍ମାନିତ ଅତିଥି | ବିଭାଗ ମୁଖ୍ୟ

ପ୍ରବୀଣ ସମାଲୋଚକ, ସଂପାଦକ, ଅନୁବାଦକ ପ୍ରଫେସର ଯତୀନ୍ଦ୍ରମୋହନ ମହାନ୍ତି

ମାନନୀୟେଷୁ,

ଆଧୁନିକ ଓଡ଼ିଆ ସାହିତ୍ୟର ସମାଲୋଚନା, ସଂପାଦନା, ଅନୁବାଦ କ୍ଷେତ୍ରରେ ବିଗତ ଚାରି ଦଶକ ଧରି ଆପଣ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛନ୍ତି । ସେଥିପାଇଁ ଆପଣଙ୍କ ନିକଟରେ ଓଡ଼ିଶାବାସୀ କୃତଜ୍ଞ ।

ବୃତ୍ତିରେ ଆପଣ ଇଂରାଜୀ ସାହିତ୍ୟର ଅଧ୍ୟାପକ । ରେଭେନ୍ସା କଲେଜ ଏବଂ ଇଂଲଣ୍ଡର ଲିଡ୍ସ୍ ବିଶ୍ୱବିଦ୍ୟାଳୟରେ ଶିକ୍ଷାଲାଭ ପରେ କାର୍ଯ୍ୟକାଳ ଆପଣ ରେଭେନ୍ସା କଲେଜ, ବି.ଜେ.ବି. କଲେଜ, ପୂର୍ବାଞ୍ଚଳ ଭାଷା ପ୍ରତିଷ୍ଠାନ, ସମ୍ବଲପୁର ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରେ କୃତିତ୍ୱର ସହ ଅଧ୍ୟାପନା କରି ପ୍ରଫେସର ଭାବରେ ଅବସର ଗ୍ରହଣ କରିଛନ୍ତି । ଅବସର ଗ୍ରହଣ ପରେ ଆପଣ ଓଡ଼ିଆ ସାହିତ୍ୟର ବିକାଶ ଦିଗରେ ନିଜକୁ ସଂପୂର୍ଣ୍ଣ ଉତ୍ସର୍ଗୀତ କରିଛନ୍ତି ।

ଇଂରାଜୀ ଭାଷା ସାହିତ୍ୟର ଅଧ୍ୟୟନ/ଗବେଷଣା ଆପଣଙ୍କୁ ଓଡ଼ିଆ ସମାଲୋଚନା ସାହିତ୍ୟରେ ନୂତନ ଧାରା ପ୍ରବର୍ତ୍ତନ କରିବାରେ ନିଶ୍ଚିତ ଭାବେ ସହାୟକ ହୋଇଛି । ଆପଣଙ୍କ ପ୍ରଣୀତ **ନୂତନ ସମାଲୋଚନା** ଗ୍ରନ୍ଥ ବସ୍ତୁତଃ ଆଧୁନିକ ସମାଲୋଚନା ପଦ୍ଧତି ପ୍ରୟୋଗରେ ଏକ ବଳିଷ୍ଠ ପଦକ୍ଷେପ । **ସ୍ୱର୍ଣ୍ଣସ୍ରୋତ** ସମାଲୋଚନା ଗ୍ରନ୍ଥ ପାଇଁ ଆପଣ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର (୨୦୦୩) ଲାଭ କରିଛନ୍ତି । ଆପଣଙ୍କ ସଂପାଦିତ **ସ୍ୱାଧୀନୋତ୍ତର ଓଡ଼ିଆ କବିତା ସମ୍ଭାର** ଏବଂ **ଆଧୁନିକ ଓଡ଼ିଆ କବିତା ସମ୍ଭାର** ଓଡ଼ିଆ ସାହିତ୍ୟ ଜଗତରେ ଗୋଟିଏ ଗୋଟିଏ ମାଇଲ ଖୁଣ୍ଟ ।

ଇଂରାଜୀରେ ଆପଣ ଓଡ଼ିଆ ଭାଷା ଓ ସାହିତ୍ୟର ବିଭିନ୍ନ ଦିଗ ସଂପର୍କରେ ବହୁ ପ୍ରବନ୍ଧ ପତ୍ରପତ୍ରିକାରେ ପ୍ରକାଶ କରିଛନ୍ତି । ସେଗୁଡ଼ିକ ଗ୍ରନ୍ଥ ଆକାରରେ ମଧ୍ୟ ପ୍ରକାଶିତ ହୋଇ ଆଦୃତ ହୋଇଛି । ସେହି ଗ୍ରନ୍ଥ ଗୁଡ଼ିକ ମଧ୍ୟରେ There Where Trees Flower, Into Another Intensity, Along the Stream ଏବଂ Tradition and Creativity ପ୍ରଭୃତି ଅନ୍ୟତମ ।

ଆପଣଙ୍କ ସଂପାଦିତ ଗୁଞ୍ଜା ଏବଂ Bhubaneswar Review ଦୁଇଟି ଉଚ୍ଚକୋଟିର ସାହିତ୍ୟ ପତ୍ରିକା । ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ କେନ୍ଦ୍ର ସାହିତ୍ୟ ଏକାଡେମୀ ସହିତ ଦୀର୍ଘକାଳ ସଂପୃକ୍ତ ରହି ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ଆପଣ ଅକ୍ଲାନ୍ତ ଉଦ୍ୟମ କରିଛନ୍ତି ।

ଆପଣଙ୍କ ଦୀର୍ଘ ସାରସ୍ୱତ ସାଧନା ଓଡ଼ିଶାର ତରୁଣ ତରୁଣୀମାନଙ୍କୁ ବିଶେଷ ଭାବେ ଅନୁପ୍ରାଣିତ କରିବ, ଏହା ନିଃସନ୍ଦେହ ।

ଆପଣ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହେବା ଅବସରରେ ଆପଣଙ୍କୁ ସମ୍ବର୍ଦ୍ଧନା ଜଣାଇ ଆମେ ବିଶେଷ ଆନନ୍ଦ ଅନୁଭବ କରୁଛୁ । ଇତି ।

ଦୋଳପୂର୍ଣ୍ଣିମା
ଭୁବନେଶ୍ୱର
୬.୩.୨୦୦୪

ଆପଣଙ୍କର ଗୁଣମୁଗ୍ଧ
ଭକ୍ତମଧୁ ନଗର ଅଧିବାସୀବୃନ୍ଦ

ଶୋକପ୍ରସ୍ତାବ
୬.୮.୯୨

କବିଶ୍ରେଷ୍ଠ ସାହିତ୍ୟିକ, ସମୀକ୍ଷକ, ଓ ଅଧ୍ୟାପକ ସାହିତ୍ୟ ପତ୍ରିକା 'ଝଙ୍କାର' ସମ୍ପାଦକ। ଓଡ଼ିଆ ସାହିତ୍ୟ [illegible] ପୁରସ୍କାର ପ୍ରାପ୍ତ ସମାଲୋଚକ [illegible] [illegible] [illegible] [illegible] [illegible] [illegible] [illegible] [illegible] [illegible] [illegible]

[illegible] [illegible] [illegible] ।

[illegible]

[illegible]

ଶ୍ରୀଜଗନ୍ନାଥାୟ ନମଃ

- ତାଳୁରସାହି -
ତାରିଖ - [illegible]

ମହାଶୟ,

ଆପଣଙ୍କ ପ୍ରଣାମ ଗ୍ରହଣ କରିବେ, [illegible] ଉତ୍କଳ ସାହିତ୍ୟ [illegible] [illegible] [illegible] ତଥା [illegible] ସ୍ୱନାମଧନ୍ୟ ଶ୍ରୀଯତୀନ୍ଦ୍ରମୋହନ ମହାନ୍ତିଙ୍କ ଗତ ମାସ ୧୪ ତାରିଖରେ ପରଲୋକ ପ୍ରାପ୍ତି ସମ୍ବାଦ ଆମକୁ ମର୍ମାହତ କରିଛି।

[illegible] [illegible] [illegible] [illegible] [illegible] [illegible] [illegible] ତାଙ୍କ ଆତ୍ମାର [illegible] [illegible] [illegible] ଆମ୍ଭମାନଙ୍କ [illegible] [illegible] ଜ୍ଞାପନ କରୁଛୁ।

ଇତି ... ସମ୍ପାଦକ 'ଗୌରବ'
[illegible]
ଗ୍ରାମ - ତାଳୁରସାହି
ପୋ - [illegible]
ଜିଲ୍ଲା - କେନ୍ଦୁଝର - [illegible]
[illegible] - [illegible]

ସଂଗ୍ରହ-[illegible]

[illegible]

ଗ୍ରନ୍ଥମନ୍ଦିର, ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦବିହାରୀ, କଟକ-୭୫୩ ୦୦୨

GRANTHA MANDIR
Publishers & Distributors
Binodbehari, Cuttack-753 002
☎ (off) 0671-2619233 (Res) 2823923 2625146

[illegible]

[illegible]

[illegible]

[illegible]

[illegible]



CULTURAL ACADEMY
SECTOR-5, ROURKELA-769 002 PH 0661-2641053
REGD. NO 4176/666 OF 1965-66

A CENTRE FOR LITERATURE, ART & CULTURE
୦୧.୧୮.୦୮.୨୦୧୨

ବର୍ଷୀୟାନ ସାହିତ୍ୟିକ ପ୍ର. ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ବିୟୋଗରେ
ସ୍ମୃତିସଭା

ଗତ ତା.୧୮.୮.୨୦୧୨ ତାରିଖ ସନ୍ଧ୍ୟାରେ କଲଚରାଲ ଏକାଡ଼େମୀ ସଭାଗୃହରେ ରାଉରକେଲାର ବିଭିନ୍ନ ସାହିତ୍ୟ ଅନୁଷ୍ଠାନର ମିଳିତ ସମାବେଶରେ ପ୍ରଖ୍ୟାତ ସାହିତ୍ୟିକ ପ୍ର: ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପ୍ର: ମହାନ୍ତିଙ୍କର ଓଡ଼ିଆ ସାହିତ୍ୟ ପାଇଁ ନିରଳସ ସାଧନା ଓ ତାଙ୍କର ସୃଷ୍ଟି ଉପରେ ବିଶଦ ଆଲୋଚନା କରାଯାଇଥିଲା । ଉପସ୍ଥିତ ଲେଖକ ଓ ସାହିତ୍ୟିକମାନେ ତାଙ୍କର ବିୟୋଗରେ ଓଡ଼ିଆ ସାହିତ୍ୟର ଅପୂରଣୀୟ କ୍ଷତି ଘଟିଲା ବୋଲି ମତ ପ୍ରକାଶ କରିଥିଲେ । ଓଡ଼ିଆ ସାହିତ୍ୟକୁ ତାଙ୍କର ଉଲ୍ଲେଖନୀୟ ଅବଦାନ ଓ କୀର୍ତ୍ତି ପାଇଁ ସେ ଅମର ରହିବେ। ତାଙ୍କ ବିୟୋଗରେ ଶୋକସନ୍ତପ୍ତ ପରିବାର ପ୍ରତି ବକ୍ତାମାନେ ସମବେଦନା ଜ୍ଞାପନ କରିଥିଲେ ।



ଶ୍ରୀ ଅକ୍ଷୟ କୁମାର ସାମଲ
ସାଧାରଣ ସମ୍ପାଦକ



ସାହିତ୍ୟାୟନ SAHITYAYAN

ଦୂରଭାଷ - ୯୦୪୦୭୫୩୬୦୭
୯୪୩୯୨୦୧୨୮୩

(ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତିର ପ୍ରମୁଖ ଅନୁଷ୍ଠାନ)
ଗଣ୍ଡମୁଣ୍ଡା, ଭୁବନେଶ୍ୱର - ୭୫୧୦୩୦
ପଂଜୀକୃତ ନଂ - ୧୫୧୧-୨୭-୨୦୦୮

ପ୍ରାପ୍ତେଷୁ ,

ଡଃ ବିଜୟ ଲକ୍ଷ୍ମୀ ମହାନ୍ତି

ଅଦ୍ୟ ତା.୧୯.୦୮.୨୦୧୨ ସଂଧ୍ୟା ୬ଘଟିକା ସମୟରେ ଗଣ୍ଡମୁଣ୍ଡାସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ଡଃ ବିଜୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଡଃ ଯତୀନ୍ଦ୍ର ମୋହନ ମହାନ୍ତିଙ୍କର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା ।

ପ୍ରଫେସର ଯତୀନ୍ଦ୍ର ମୋହନଙ୍କ ମହାପ୍ରୟାଣରେ 'ସାହିତ୍ୟାୟନ' ଏବଂ ଗଣ୍ଡମୁଣ୍ଡା ଅଂଚଳ କଲ୍ୟାଣ ପରିଷଦର ସମସ୍ତ ସଭ୍ୟ ଗଭୀର ଭାବରେ ମର୍ମାହତ ଏବଂ ସେହି ମହାଭାଗଙ୍କର ସାହିତ୍ୟିକ ଅବଦାନ ପାଇଁ ସେ ଯେ ସାରସ୍ୱତ କ୍ଷେତ୍ରରେ ଚିର ଅମର ରହିବେ ଏଥିରେ ତିଳେ ମାତ୍ର ଦ୍ୱିଧା ନାହିଁ ।

ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଆମେମାନେ ସମସ୍ୱରରେ ଜଗତର ନାଥ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରିବା ବ୍ୟତୀତ ଅନ୍ୟ କିଛି କରିପାରିବା ନାହିଁ ।

ପ୍ରଫେସର ମହାନ୍ତିଙ୍କର ଆକସ୍ମିକ ବିୟୋଗ ଜନିତ ଦୁଃଖ ସହ୍ୟ କରିବା ପାଇଁ ଆପଣଙ୍କୁ ଏବଂ ଆପଣଙ୍କ ପରିବାର ବର୍ଗଙ୍କୁ ଜଗନ୍ନାଥ ଶକ୍ତି ଦିଅନ୍ତୁ , ଏତିକି କାମନା ।

ଶ୍ରୀମତୀ କିରଣ ପଣ୍ଡା
କିରଣ ପଣ୍ଡା
ସଭାପତି, ଅଂଚଳ କଲ୍ୟାଣ ପରିଷଦ

ଡଃ ବିଜୟ କୁମାର ମହାନ୍ତି
ବିଜୟ କୁମାର ମହାନ୍ତି
ସଭାପତି, ସାହିତ୍ୟାୟନ

ଯୋଗାଯୋଗ - ପ୍ଲଟ ନଂ - ୧୩୭୭/୧୩୮୦, ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ପାର୍କ ରୋଡ୍, ଗଣ୍ଡମୁଣ୍ଡା, ଭୁବନେଶ୍ୱର - ୩୦

ସରସ୍ୱତୀଙ୍କ ବରପୁତ୍ର ଯତୀନ୍ଦ୍ର ମୋହନ

ଶ୍ରୀ ଶିବସୁନ୍ଦର ପଟ୍ଟନାୟକ
ଆଇନଜୀବୀ

ଦେବୀ ସରସ୍ୱତୀ ଉତ୍କଳ ମାଟିରେ କେତେ ଜଣ ବରପୁତ୍ର ଜନ୍ମ ଦେଇ ଅଛନ୍ତି । ସେମାନଙ୍କ ମଧ୍ୟରେ ସ୍ୱର୍ଗତ ଡ. ଯତୀନ୍ଦ୍ର ମୋହନ ମହାନ୍ତି ଅନ୍ୟତମ । ଯତୀନ୍ଦ୍ର ବାବୁ ଉତ୍କଳର ସାରସ୍ୱତ ଭଣ୍ଡାରକୁ ଯାହା ଦାନ କରିଅଛନ୍ତି ତାହା ଅତୁଳନୀୟ ।

ଯତୀନ୍ଦ୍ର ବାବୁ ୧୯୩୨ ମସିହାରେ କେନ୍ଦ୍ରାପଡ଼ା ଜିଲ୍ଲାର ଏକ ଅଖ୍ୟାତ ପଲ୍ଲୀ ଶ୍ୟାମସୁନ୍ଦର ପୁରରେ ଜନ୍ମ ଗ୍ରହଣ କରି କଟକରେ ପ୍ୟାରୀମୋହନ ଏକାଡ଼େମୀ ଓ ରେଭେନ୍ସା ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତକରି ହାଇଦ୍ରାବାଦ ଓ ଇଂଲଣ୍ଡରେ ଉଚ୍ଚତର ଗବେଷଣା କରି ଭୁବନେଶ୍ୱରସ୍ଥ ବକ୍ସି ଜଗବନ୍ଧୁ ମହାବିଦ୍ୟାଳୟରେ ଇଂରାଜୀ ବିଭାଗରେ ଅଧ୍ୟାପକ ରୂପେ କାର୍ଯ୍ୟ କରି ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରି ଶେଷରେ ପ୍ରଫେସର ହୋଇ ଅବସର ୧୯୯୨ ମସିହାରେ ନେଇଥିଲେ ।

ପ୍ରଫେସର ଯତୀନ୍ଦ୍ର ମୋହନ ଉତ୍କଳ ସାରସ୍ୱତ ଜଗତକୁ ୨୦ ଖଣ୍ଡ ଉପାଦେୟ ପୁସ୍ତକ ଏବଂ ୨୦୦ରୁ ଊର୍ଦ୍ଧ୍ୱ ଗବେଷଣା ମୂଳକ ପ୍ରବନ୍ଧ ଦେଇ ଯାଇ ଅଛନ୍ତି ।

ସେ ମଧ୍ୟ ଇଂରାଜୀ ଭାଷାରେ ଓଡ଼ିଆ ସାହିତ୍ୟର ଇତିହାସ ଲେଖି ଯାଇଅଛନ୍ତି । ତାଙ୍କର ପୁସ୍ତକଗୁଡ଼ିକ ଅତି ଉପାଦେୟ ଓ ଗବେଷଣା ମୂଳକ ଗ୍ରନ୍ଥ ଅଟେ । ସେ ଓଡ଼ିଆ ଗଦ୍ୟ ସାହିତ୍ୟ, ପଦ୍ୟ ସାହିତ୍ୟ, ପୁରାଣ, ଚଉତିଶା, [illegible], ମାଳା, ଦାସକାଠିଆ, ନାଟକ, ଗଳ୍ପ, ଆଧ୍ୟାତ୍ମିକ ରଚନାବଳୀ ଇତ୍ୟାଦି ସ୍ୱତନ୍ତ୍ରଭାବରେ ଉପସ୍ଥାପନ କରି ଅଛନ୍ତି । ସେ କେବଳ ପୁରୁଣା ଗାଳ୍ପିକ, କବିଙ୍କ କଥା ଓ ରଚନାବଳୀ ଅବତାରଣା କରି ନାହାନ୍ତି । ସେ ମଧ୍ୟ ଆଧୁନିକ ଯୁଗର ଗାଳ୍ପିକ ଓ କବିଙ୍କ ରଚନା କୃତି ଉତ୍କଳ ପାଠକ ସମାଜଙ୍କ ଆଗରେ ଥୋଇ ଦେଇ ଯାଇ ଅଛନ୍ତି ।

ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ନିଜର କବିତା ବହୀ "**ସୂର୍ଯ୍ୟ ସ୍ନାତା**" ଲାଗି ପୁରସ୍କୃତ ହୋଇ ଅଛନ୍ତି । ସେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡ଼େମୀର ନୂତନ ସାହିତ୍ୟିକ ପ୍ରତିଭା ଖୋଜି ବାହାର କରିବା ପାଇଁ ଚୟନ କମିଟିରେ ରହି ସୁଚାରୁ ରୂପେ କାର୍ଯ୍ୟ ନିର୍ବାହ କରି ଅଛନ୍ତି ।

ସେ ଉତ୍କଳ ସାହିତ୍ୟ ଜଗତକୁ ଦେଇ ଯାଇଥିବା ପୁସ୍ତକ ଗୁଡ଼ିକ ଉଚ୍ଚକୋଟୀର ଏବଂ ତାଙ୍କ ପୂର୍ବରୁ କୌଣସି ଗବେଷକ ଏତେ ଉପସ୍ଥାପନା କରି ନଥିଲେ । ଭବିଷ୍ୟତରେ ମଧ୍ୟ ଏହି ସବୁ ଅମୂଲ୍ୟ କୃତି ପରବର୍ତ୍ତୀ ସାହିତ୍ୟିକଙ୍କ ଦିଗଦର୍ଶକ ହେବ ।

ସେ ନିଜେ କେବଳ ଜଣେ ଲେଖକ ନଥିଲେ । ବର୍ତ୍ତମାନ ଯୁଗର ଲେଖକ ଓ କବିମାନଙ୍କ ଆଦର୍ଶ ତଥା ପ୍ରେରଣା ଦାୟକ ଥିଲେ ।

ଏହିଭଳି ଜଣେ ଅମ୍ଳାନ ସାରସ୍ୱତ ପ୍ରତିଭା ୮୦ବର୍ଷ ବୟସରେ ଗତ ତା ୧୪.୦୮.୨୦୧୨ରିଖରେ ଆମମାନଙ୍କଠାରୁ ଚିର ବିଦାୟ ନେଇ ଚାଲିଯାଇଥିବାରୁ ଓଡ଼ିଆ ସାହିତ୍ୟ ଜଗତରେ ଅନ୍ଧକାର ସୃଷ୍ଟି ହୋଇଯାଇଅଛି ।

କନକ ମୃଗ
କାରାଗାର ପଥ
ଖୋର୍ଦ୍ଧା

ଗୋଧୂଳି (GODHULI)

ମାସିକ ସୃଜନଶୀଳ ସାହିତ୍ୟ ପତ୍ରିକା

ପ୍ଲଟ ନଂ-୮୧୮(୧), ଜାଗମରା, ପୋ-ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

ଶିବସୁନ୍ଦର ପଟ୍ଟନାୟକ
ସଭାପତି
ମୋ:୯୪୩୭୪୨୧୮୦୪

ବିମଳା ସିଂହ
ସମ୍ପାଦକ
ମୋ: ୯୪୩୮୦୧୩୧୯୩

ପତ୍ରାଙ୍କ ସଂ...୧୨/୧୨............. ତାରିଖ..୨୦/୮/୧୨........

ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର, ତା ୨୦।୮।୧୨ - କଳିଙ୍ଗ ସାହିତ୍ୟିକ ତଥା ଓଡ଼ିଶା ଲେଖକ ସମବାୟ ସମିତିର ପ୍ରତିଷ୍ଠାତା ସଦସ୍ୟ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କର ଗତ ୧୦ ତାରିଖ ସକାଳର [illegible] ହସ୍ପିଟାଲ୍ ଠାରେ ପରଲୋକ ହୋଇଯାଇଛି। ଏହି ଉପଲକ୍ଷେ "ଗୋଧୂଳି ସାହିତ୍ୟ ସଂସଦ, ଯତୀନ୍ଦ୍ର ମୋହନ ସ୍ମୃତି ପରିଷଦ' ଭୁବନେଶ୍ୱର ତରଫରୁ କଳିଙ୍ଗ ସାହିତ୍ୟିକ ଶ୍ରୀଯୁକ୍ତ ପରଶୁରାମ ଦ୍ୱିବେଦୀଙ୍କର ସଭାପତିତ୍ୱରେ ଓଡ଼ିଶା ଲେଖକ ସମବାୟ ସମିତି ପରିସରରେ ଏକ ଶୋକ ସଭା ୨୦।୮।୦୨ ତାରିଖ ସନ୍ଧ୍ୟା ୨ ଘଟିକାରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦ୍ଗତି ପାଇଁ ସଭାପତିଙ୍କ ଆହ୍ୱାନ କ୍ରମେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଫେସର ମହାନ୍ତିଙ୍କର ଅମାୟିକ ବ୍ୟକ୍ତିତ୍ୱ, କବି, ବୀର, ନମ୍ର ହୃଦୟ [illegible] ସାହିତ୍ୟ ସାଧନା, ଅଧ୍ୟାପନା ଜୀବନ ତଥା ବହୁମୁଖୀ ପ୍ରତିଭା ସମ୍ବନ୍ଧରେ ଉପସ୍ଥିତ ସମସ୍ତ ସାହିତ୍ୟିକମାନେ ବିଭିନ୍ନ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ସର୍ବଶ୍ରୀ ଗୋପୀନାଥ ମହାନ୍ତି, ଗୋଧୂଳି ସାହିତ୍ୟ ପତ୍ରିକା ତଥା ଗୋଧୂଳି ସାହିତ୍ୟ ସଂସଦର ସଂପାଦିକା ଶ୍ରୀମତୀ ବିମଳା ସିଂହ, ସଭାପତି ଶିବସୁନ୍ଦର ପଟ୍ଟନାୟକ, ଶ୍ରୀ ନରେନ୍ଦ୍ର ପ୍ରସାଦ ବେହେରା, ପ୍ରଫେସର ଡ଼. ଶରତ ଚନ୍ଦ୍ର [illegible] ତପସ୍ୱିନୀ, ସ୍ନେହମୟୀ ଦାସ, ଶୈଳେନ୍ଦ୍ର ମହାପାତ୍ର, ଡ଼. ବସନ୍ତ ରଂଜନ ପଣ୍ଡା, ଗୁରୁପ୍ରସାଦ ମହାପାତ୍ର [illegible], କେନ୍ଦ୍ରାପଡ଼ାରୁ ଆସିଥିବା [illegible] ଶ୍ରୀଯୁକ୍ତ ମନୋଜ କୁମାର ପ୍ରଧାନ ଏବଂ କୁସୁମ ମଞ୍ଜରୀ ଦାସ ପ୍ରମୁଖ ଏଥିରେ ଯୋଗ ଦେଇ ତଥା ସାରସ୍ୱତ ସାଧକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ କହିଥିଲେ ଶ୍ରୀ ବିମଳା ସିଂହ।

ବିମଳା ସିଂହ
ସମ୍ପାଦିକା 'ଗୋଧୂଳି ସାହିତ୍ୟ ସଂସଦ'
ଜାଗମରା, ଭୁବନେଶ୍ୱର



INDIAN INSTITUTE OF PUBLIC ADMINISTRATION

Regional Branch, Odisha

Qr.No. VIC - 2/1, Unit - 1, BHUBANESWAR - 751 009

Shri S. C. Hota, IAS (Retd)
Chairman

Ref. ......114.........   Date. 17.08.2012

CONDOLENCE

Chairman and Members of Indian Institute of Public Administration, Odisha Regional Branch, deeply condole the sad demise of Prof. Jatindra Mohan Mohanty, who was one of the most valued and active members of our Institution.

We pray Almighty for his soul to rest in peace.

May god give the bereaved family strength to bear the great loss.

Sanjib Chandra Hota

Sanjib Chandra Hota
Chairman

Email - Sanjibhota@yahoo.com, Tel Ph No - 0674 - 2433990(R), 9937011225 (M).
E-Mail iiparborissa@yahoo.co.in, Fax/ Tel - 0674-2598444



Prof. P. C. Pattanaik
Head of the Department

Department of
Modern Indian Languages and Literary Studies
University of Delhi
Delhi 110007
Ph.: 011-27666626
Mob: 9868617974
E-Mail: prakash5385@yahoo.com

To
Dr. Bijay Laxmi Mohanty
JAGAMOHAN
Bhaktamadhu Nagar
1573, Bhaktamadhu Nagar,
Bhubaneswar - 7851030

20th August 2012

Dear Madam,

With profound grief I wish to express my condolence on the sad demise of noted litterateur, Professor Jatindra Mohan Mohanty, on 14th August 2012.

Prof. Mohanty a teacher of English for four decades and a fine scholar of Indian literature will be remembered always to those who have come in contact with him. He had developed a work culture, which he continued to retain till the last day, and had a deep sense of commitment towards his language, literature and culture. It is perhaps for this reason he placed himself differently in the literary world of Odisha.

The time has come to salute his profound love for his land, people and culture, love and service to society he belonged to; and look upon his legacy and achievement with immense pride. A teacher by profession, scholar in diverse fields, a creative writer, an affectionate and a caring family man with profound humility, Professor Mohanty will continue to remain a source of inspiration to us all. No doubt, his sad demise is a loss to the family and the society, and it will create a gap in the academic world of Odisha.

I pray the Almighty to give solace to the departed soul and give courage to all the family members to bear the great loss.

With regards,

(Prakash C Pattanaik)

Condolence Message

The Researchers' Association, Odisha deeply mourns the sudden passing away of Professor Jatindra Mohan Mohanty on 14 August 2012 night. A former Professor and Head of the Department of English, Utkal University, Prof.Mohanty has edited several books. Together with Prof. Biddhubhusan Das, he has edited a scholarly text book of criticism titled, Literary Criticism: *A Reading* (OUP). Prior to his service at Sambalpur University and Utkal University, he taught at Ravenshaw College, Cuttack and influenced a generation of students. After his retirement, he has several volumes of criticism in Oriya. As an Odiya literary critic, his contribution is immense. Above all, he won Central Sahitya Akademi Award for a book of criticism, *Suryasnana (The Bath in the Sun)*. In the fag end of his literary career, he wrote *History of Oriya Literature*, a seminal work and two novels.

He was an active member of the Researchers' Association, Odisha and a source of inspiration for all of us. He attended the Seminars organized by the Association regularly and delivered a lecture titled "A Brief Retrospection" in "Meet the Teacher Programme" on 26 October 2008.

His passing away is a great loss to our Association, and to the Odiya literary world. At this hour, we express our deep sympathy with the members of his family and pray that his soul may rest in peace!

Members of the
Researchers' Association,
Odisha.

From

16 August 2012

The Department of English
Ravenshaw University
Cuttack

Dear Madam

The Department of English, Ravenshaw University expresses deep condolences on the demise of Prof. Jatindra Mohan Mohanty. It is indeed a great loss to the English fraternity of Odisha in general and Ravenshaw University in particular.

May God give you strength to bear this irreparable loss with patience.

Madhusmita Pati
Department of English



P.G. DEPARTMENT OF ENGLISH

UTKAL UNIVERSITY, VANI VIHAR, BHUBANESWAR-751004
PH. (0674) 2588542, E-mail : englishutkal@hotmail.com

Condolence Message

Today is a day of mourning for us at Utkal University and especially at the Department of English. Another umbilical cord with our glorious past has been cut. One of our revered ex-colleagues, Prof. Jatindra Mohan Mohanty, is no more. He passed away, aged 82, yesterday, the 15th day of August 2012 after a brief period of illness. Prof. Mohanty was a founder member of this Department and its second Head. He was one of the doyens of English studies in Odisha. He retired in 1992 after a long and glittering academic career shot through with many highlights.

Yet Prof. Mohanty will be most remembered for his contributions to Odia literature both through his prodigious criticism and formidable textual scholarship. Fittingly enough, the Kendra Sahitya Akademi honoured him in 2003 for his yeoman's service to Odia letters. He will go down in the history of Odia literature as an early defender of modernism against the onslaughts of the traditionalists. It is thanks to his efforts that many classic texts of Odia prose and verse have been preserved for posterity. His publishing house Vidya was solely devoted to publishing these rare texts like Sarala Das's *Mahabharata* and *Bilanka Ramayana*. His most ambitious work was a History of Odia Literature, which he published in 2006. This is the second such book to have been written in English.

In Prof.Mohanty's death this state has lost a literary luminary and a scholar extraordinaire. The loss to this Department is incalculable. We have lost a pioneering spirit, an adventurer, a crosser of boundaries separating sister departments and a passionate lover of Odia language and literature.

All of us at this Department pray for the eternal peace and rest of his soul. We also take this opportunity to express our heart-felt condolence with the surviving members of his family and his near and dear ones. May God give them the strength to endure the loss!

Kalyani Samantray

Head of the Department
(on behalf of students, members of faculty and staff)

Noted critic Jatindra Mohanty passes away

TIMES NEWS NETWORK

Bhubaneswar: Noted literary critic and academician Prof Jatindra Mohan Mohanty passed away here on Tuesday night. He was 80. He is survived by his wife Bijoylaxmi, two sons and a daughter.

Family sources said Mohanty was ailing for the past few weeks. Littérateurs and well-wishers thronged Mohanty's residence at Gandamunda here to pay their last respects.

Born in August, 1932, at Shyamsundarpur in Kendrapara district, Mohanty studied at the PM Academy, Cuttack; Ravenshaw College, Cuttack; Central Institute of English, Hyderabad; and Leeds University, England. He began his career as a lecturer in English at Ravenshaw College and went on to teach at BJB College, Bhubaneswar; Sambalpur University and Utkal University, from where he retired in 1992 as Professor of English.

Mohanty, a well-known critic and editor, was recipient of the prestigious Kendriya Sahitya Akademi award for 2003 for his work on Odia poetry 'Suryasnata'. He authored over 20 books and 200 essays in Odia and English with focus on Odia poetry.

Mohanty won scholarships from the British Council and fellowship from the Central Institute of Indian Languages. He edited journals like "Prajna" in Odia and "Bhubaneswar Review" in English and was associated for long with the Kendriya Sahitya Akademi and the Odisha Sahitya Akademi.

Chief minister Naveen Patnaik expressed his condolences over Mohanty's death. "Though a professor of English, Mohanty made commendable efforts for promotion of Odia language and literature," Naveen said in a statement. Mohanty's last rites were performed at Swargadwar in Puri.

---

୧୭ ଅଗଷ୍ଟ ୨୦୧୨ ଟାଇମ୍ସ ଅଫ୍ ଇଣ୍ଡିଆ

Indian Express
17.5.12

VAR

Jatindra Mohanty Passes Away

Express News Service

Bhubaneswar: Eminent literary critic and academician Prof Jatindra Mohan Mohanty died here on Tuesday night. He was 80.

Born in 1932 at Shyamsundarpur in Kendrapara district, the acclaimed academician received his early education at the famed PM Academy, Cuttack. He also studied at Ravenshaw College, Central Institute of English and Foreign Languages, Hyderabad, and Leeds University of the UK.

Mohanty started his career as a lecturer in English in Ravenshaw College and went on to teach in BJB College, Bhubaneswar, Sambalpur University and Utkal University from where he retired in 1992 as Professor of English.

A leading critic and editor, he received Central Sahitya Akademi Award for his work on Odia poetry 'Suryashnata' for 2003. He also authored over 20 books and 200 essays in Odia and English including works on history of Odia literature and classics.

Mohanty who also received scholarships from British Council and Fellowship from Central Institute of Indian Languages and also edited 'Prajna' in Odia and 'Bhubaneswar Review' in English. He was associated for a long time with Central Sahitya Akademi and Odisha Sahitya Akademi.

NAVEEN MOURNS: Chief Minister Naveen Patnaik mourned Mohanty describing his death as a huge void for Odisha. Despite being a teacher in English, Mohanty's contribution to Odia language and literature is unparalleled. His works have given Odia literature a new direction, the CM added.

ଇଣ୍ଡିଆନ୍ ଏକ୍ସପ୍ରେସ୍ ୧୭.୮.୨୦୧୨

ଅଗଷ୍ଟ ୧୭ ତାରିଖ ସୂର୍ଯ୍ୟପ୍ରଭା

ସାହିତ୍ୟିକ ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ପରଲୋକ

ଅଗଷ୍ଟ ୧୭ ତାରିଖ ସମ୍ବାଦକଳିକା

ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ଦେହାନ୍ତ

ପ୍ରଫେସର ଯତୀନ୍ଦ୍ର...

ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ବିୟୋଗରେ ଶୋକ

ଅଗଷ୍ଟ ୧୭ ପ୍ରମେୟ

ଅଗଷ୍ଟ ୧୭ ସମ୍ବାଦ

ବିଶିଷ୍ଟ ଲେଖକ ଯତୀନ୍ଦ୍ରମୋହନ ମହାନ୍ତିଙ୍କ ପରଲୋକ

[illegible]

ମୁଖ୍ୟମନ୍ତ୍ରୀଙ୍କ ଶୋକ

[illegible]

ସାହିତ୍ୟିକ ମହଲରେ ଶୋକ

[illegible]

ଅଗଷ୍ଟ ୧୭ ପ୍ରଗତିବାଦୀ

ବିଶିଷ୍ଟ ସାହିତ୍ୟିକ ଯତୀନ୍ଦ୍ର ମହାନ୍ତିଙ୍କ ପରଲୋକ

ଭୁବନେଶ୍ୱର,୧୬।୮(ପିଏନ୍‌ଏସ୍‌) ବିଶିଷ୍ଟ ସାହିତ୍ୟିକ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଯତୀନ୍ଦ୍ର ମହାନ୍ତିଙ୍କ ହୃଦଘାତରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲା [illegible] ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଶ୍ରୀ ମହାନ୍ତି ଅନେକ ଓଡ଼ିଆ ଗଳ୍ପ ସଂଗ୍ରହ, ପ୍ରାଚୀନ ଓଡ଼ିଆ ନାଟକ ଆଦି ରଚନା କରି [illegible] କରିଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗରେ ପ୍ରାଧ୍ୟାପକ ପଦବୀରୁ ଅବସର ନେବାପରେ ସେ ଅନେକ ସାହିତ୍ୟ ସମ୍ପର୍କିତ ପୁସ୍ତକ ରଚନା କରିଥିଲେ। ତାଙ୍କର ଦୁଇ ପୁତ୍ର ଓ ଦୁଇ ଝିଅ। ହଠାତ୍ ଛାତି ଯନ୍ତ୍ରଣା ହେବାରୁ ତାଙ୍କୁ [illegible] ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। [illegible] ଓଡ଼ିଆ ଏବଂ ଇଂରାଜୀରେ ଅନେକ ପୁସ୍ତକ ରଚନା କରିଛନ୍ତି। ତାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି

ଅଗଷ୍ଟ ୧୭ ଧରିତ୍ରୀ

ସାହିତ୍ୟିକ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ପରଲୋକ

[illegible]

ଅଗଷ୍ଟ ୧୭ ତାରିଖ ଖବର

ପ୍ରଫେସର ଯତୀନ୍ଦ୍ର ମୋହନଙ୍କ ପରଲୋକ

[illegible]

ଅଗଷ୍ଟ ୧୯, ୨୦୧୨ ସମ୍ବାଦ

ସାହିତ୍ୟିକ ଯତୀନ୍ଦ୍ରମୋହନ ମହାନ୍ତିଙ୍କ ପରଲୋକ

ଭୁବନେଶ୍ୱର,୧୬।୮ (ନି.ପ୍ର.)- କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ତଥା ଇଂରାଜୀ ପ୍ରଫେସର ଯତୀନ୍ଦ୍ରମୋହନ ମହାନ୍ତିଙ୍କର ବୁଧବାର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଛି। ତାଙ୍କୁ ୮୦ବର୍ଷ ବୟସ ହୋଇଥିଲା। ବାର୍ଦ୍ଧକ୍ୟ ଜନିତ ସ୍ୱାସ୍ଥ୍ୟଗତ ଜଟିଳତା ଯୋଗୁଁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସ୍ୱର୍ଗତ ମହାନ୍ତି ୧୯୩୨ରେ ଅବିଭକ୍ତ କଟକ ଜିଲାର କେନ୍ଦ୍ରାପଡ଼ା ଅନ୍ତର୍ଗତ ଶ୍ୟାମସୁନ୍ଦରପୁରଠାରେ ଜନ୍ମଗ୍ରହଣ କରିଥିଲେ। ରେଭେନ୍ସା କଲେଜରେ ଇଂରାଜୀ ଅଧ୍ୟାପକ ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ସ୍ୱର୍ଗତ ମହାନ୍ତି ବିଜେବି କଲେଜରେ ପ୍ରାଧ୍ୟାପକ ଭାବେ କିଛିକାଳ ଅତିବାହିତ କରିବା ପରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଭାଷାକେନ୍ଦ୍ରର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରାଧ୍ୟାପକ ଭାବେ ଯୋଗଦେଇ ପ୍ରଫେସର ପଦକୁ ଉନ୍ନିତ ହୋଇ ୧୯୯୨ରେ ଅବସର ନେଇଥିଲେ। ବ୍ରିଟିଶ କାଉନସିଲ ବୃତ୍ତି, କେନ୍ଦ୍ରୀୟ ଭାରତୀୟ ଭାଷା ପ୍ରତିଷ୍ଠାନର ଫେଲୋସିପ ଲାଭକରି ସ୍ୱାଧୀନ ଭାବେ କାର୍ଯ୍ୟ କରୁଥିଲେ। ୨୦୦୩ରେ ଯତୀନ୍ଦ୍ରମୋହନ ତାଙ୍କର ସାହିତ୍ୟ ସମାଲୋଚନା ପୁସ୍ତକ 'ଉର୍ଣ୍ଣାସ୍ରୋତ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ। ସେ ଇଂରାଜୀ ଏବଂ ଓଡ଼ିଆ ଭାଷାରେ ଅନେକ ପୁସ୍ତକ ରଚନା କରିଯାଇଛନ୍ତି। ତାଙ୍କ ସୃଷ୍ଟି ସମ୍ଭାର ମଧ୍ୟରେ ଓଡ଼ିଆ ଗଦ୍ୟ ସମ୍ଭାର, ଆଧୁନିକ ଓଡ଼ିଆ ନାଟକ, ଓଡ଼ିଆ କବିତା ଆଲୋଚନା, ଆଧୁନିକ ଓଡ଼ିଆ କବିତା ସମ୍ଭାର, ପ୍ରାଚୀନ ଓଡ଼ିଆ କବିତା ସମ୍ଭାର, ନୂତନ ସମାଲୋଚନା, କାବ୍ୟତତ୍ତ୍ୱ, ଆଧୁନିକ ଓଡ଼ିଆ କବିତା, ପ୍ରେମଶ୍ରଦ୍ଧା ଆଦି ଅନ୍ୟତମ।

ଅଗଷ୍ଟ ୨୦, ୨୦୧୨
ଲେଖକ ସମବାୟ ସମିତି ଲିଃ

ପ୍ରଫେସର ଯତୀନ୍ଦ୍ରଙ୍କ ବିୟୋଗରେ ଶୋକ

ପୁରୁଣା ଭୁବନେଶ୍ୱର, ୨୦।୮(ନି.ପ୍ର)- ବିଶିଷ୍ଟ ସାହିତ୍ୟିକ ତଥା ଓଡ଼ିଶା ଲେଖକ ସମବାୟ ସମିତି ଲିଃର ପ୍ରତିଷ୍ଠାତା ସଦସ୍ୟ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ଗୁରୁତର ଅସୁସ୍ଥ ଅବସ୍ଥାରେ ସେ ଅପୋଲୋ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତ ୧୪ ତାରିଖରେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ତାଙ୍କର ସ୍ମୃତିଚାରଣ ନିମନ୍ତେ ଏକ ଶୋକସଭା ଓଡ଼ିଶା ଲେଖକ ସମବାୟ ସମିତିରେ ଅନୁଷ୍ଠିତ ହୋଇଥିଲା। ସମିତିର ଉପଦେଷ୍ଟା ସାତକଡ଼ି ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ଡା. କବିପ୍ରସାଦ ମିଶ୍ର, ଡ଼ଃ ଶିବାନନ୍ଦ ମିଶ୍ର, ଭାରତ ଜେନା, ରଞ୍ଜନ ସାହୁ, ପର୍ଶୁରାମ ଦ୍ୱିବେଦୀ, ପ୍ରଫେସର ରାଜକିଶୋର ମିଶ୍ର, ପ୍ରଫେସର ଶରତ ଚନ୍ଦ୍ର ରଥ, ଅଶୋକ ମହାନ୍ତି, ଦୁର୍ଯ୍ୟୋଧନ ନାୟକ, ଗୌରାବନ୍ଧୁ କର, ଡ. ବିନୋଦିନୀ ପାତ୍ର, ପରୀକ୍ଷିତ ଜେନା, ପ୍ରିୟବ୍ରତ ଦାସ, ବିମଳ ସିଂହ ପ୍ରମୁଖ ଯୋଗ ଦେଇ ଦିବଂଗତ ପ୍ରଫେସରଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପ୍ରଫେସର ମହାନ୍ତିଙ୍କ ଉପରେ ଏକ ସ୍ମରଣିକା ପ୍ରକାଶ କରିବା ପାଇଁ ନିଷ୍ପତ୍ତି

ଅଗଷ୍ଟ ୧୯ ୨୦୧୨ ରବିବାର ନକ୍ଷତ୍ର ଜ୍ୟୋତି

ସାହିତ୍ୟ ସାଧକ ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ପରଲୋକ



ବିଶିଷ୍ଟ ଶିକ୍ଷାବିତ୍ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ଡଃ ଯତୀନ୍ଦ୍ର ମୋହନ ମହାନ୍ତିଙ୍କର ଗତ ବୁଧବାର ରାତିରେ ୮୦ବର୍ଷ ବୟସରେ ପରଲୋକ

ରହିଛି । ଜଣେ ଇଂରାଜୀ ଅଧ୍ୟାପକ ଭାବେ ସେ କେନ୍ଦ୍ରାପଡ଼ା କଲେଜରୁ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ସ୍ୱର୍ଗତ ମହାନ୍ତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଅନେକ ଉଚ୍ଚ ପଦ ପଦବୀରେ ଦକ୍ଷତାର ସହିତ କାର୍ଯ୍ୟ ସଂପାଦନ କରି ଅବସର ନେଇଥିଲେ । ୨୦୦୩ରେ ସ୍ୱର୍ଗତ ମହାନ୍ତି ତାଙ୍କର କବିତା ସମାଲୋଚନା ପୁସ୍ତକ 'ସୂର୍ଯ୍ୟସ୍ନାତ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ।

ଇଂରାଜୀ ଓ ଓଡ଼ିଆ ଭାଷାରେ ସେ ଅନେକ ସାହିତ୍ୟ ସମାଲୋଚନାଧର୍ମୀ ପୁସ୍ତକ ରଚନା କରିଯାଇଛନ୍ତି । ସେଗୁଡ଼ିକ ମଧ୍ୟରେ ରହିଛି- ଓଡ଼ିଆ ଗଦ୍ୟ ସଂଭାର, ଓଡ଼ିଆ କବିତା ଆଲୋଚନା, ପ୍ରାଚୀନ ଓଡ଼ିଆ କବିତା ସଂଭାର, ଆଧୁନିକ ଓଡ଼ିଆ ନାଟକ, ଆଧୁନିକ ଓଡ଼ିଆ କବିତା ସଂଭାର, କାବ୍ୟ ତତ୍ତ୍ୱ, ନୂତନ ସମାଲୋଚନା, ପ୍ରେମକଳା ଓ ଆଧୁନିକ ଓଡ଼ିଆ କବିତା ପରି ଅନେକ ଉପାଦେୟ ପୁସ୍ତକ ।

ସଂକ୍ଷେପରେ ଯତୀନ୍ଦ୍ର ମୋହନ

ଜନ୍ମ: ୦୩.୦୮.୧୯୩୨ ମୃତ୍ୟୁ: ୧୫.୦୮.୨୦୧୨
ଜନ୍ମସ୍ଥାନ: ରାମଚନ୍ଦ୍ରପୁର, କେନ୍ଦ୍ରାପଡ଼ା
ପିତାମାତା: ସ୍ୱର୍ଗତ ରାମମୋହନ ମହାନ୍ତି ଓ ସ୍ୱର୍ଗତା ଶୁକ୍ଳା ଦେବୀ
ପତ୍ନୀ: ବିଶିଷ୍ଟ ଲେଖିକା ତଥା ଅଧ୍ୟାପିକା ଡଃ ବିଜୟଲକ୍ଷ୍ମୀ ମହାନ୍ତି ।

ଦୂରଦର୍ଶୀ, ୨୨ ସେପ୍ଟେମ୍ବର ୨୦୧୨

ଓଡ଼ିଆ ସାହିତ୍ୟର ଅନନ୍ୟ ସମାଲୋଚକ

ଯତୀନ୍ଦ୍ର ମୋହନ ମହାନ୍ତି

ଅଧ୍ୟାପନା, ଗବେଷଣା ଓ କୃତି-ସ୍ୱୀକୃତିର ଶୀର୍ଷରେ ପହଞ୍ଚି ଯିଏ ସାମାନ୍ୟ ଅବଶ ହୋଇନଥିଲେ କି ଅବସର ନେଇନଥିଲେ ନିଜ ବୃତ୍ତି-ପ୍ରବୃତ୍ତିରୁ । ଭାଷା ପାଇଁ ଯିଏ ଥିଲେ ବ୍ୟାକୁଳ । ସାହିତ୍ୟ ପାଇଁ ସବୁଜ ଓ ବର୍ଣ୍ଣିଳ କ୍ଷେତ୍ର ପ୍ରସ୍ତୁତିରେ ଯିଏ ଥିଲେ ଆତ୍ମୀୟ ଓ ଅନ୍ତରଙ୍ଗ ବରବାଗୀ । କାବ୍ୟ-କବିତାର ଅନୁଭବୀ ଆଲୋଚକ । ସଂଗ୍ରାହକ, ଅନୁବାଦକ ଏବଂ ରଚୟିତା । ଓଡ଼ିଆ ଭାଷା-ସାହିତ୍ୟର ଶ୍ରେଷ୍ଠ ସମାଲୋଚକ । ସେ ଆଉ ଇହଧାମରେ ନାହାଁନ୍ତି । ତାଙ୍କ ଅବର୍ତ୍ତମାନରେ ଓଡ଼ିଆ ସାରସ୍ୱତ ଜଗତରେ ପଡ଼ିଛି ହାହାକାର ଆଉ ଜୟକାର ।।। ଓଡ଼ିଆ ସାହିତ୍ୟର କିମ୍ବଦନ୍ତୀ ସମାଲୋଚକ ଦିବଂଗତ ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ପାଇଁ 'ଦୂରଦର୍ଶୀ'ର ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ।

ସ୍ମରଣେ...

ପ୍ରଫେସର ଯତୀନ୍ଦ୍ରମୋହନ ମହାନ୍ତି ଜଣେ ଅନନ୍ୟ ମେଧାବୀ ଏବଂ ଭାଷା ସାହିତ୍ୟର ଅଗ୍ରଗଣ୍ୟ ସମାଲୋଚକ ଯାହାଙ୍କୁ ସ୍ୱାଧୀନତୋତ୍ତର ଓଡ଼ିଆ ଭାଷାର ଅନ୍ୟତମ ଅଗ୍ରଦୂତ କହିଲେ ଅତ୍ୟୁକ୍ତି ହେବନି । ଅଧ୍ୟାପନା ଜୀବନର କର୍ମବ୍ୟସ୍ତତା ଭିତରେ ଯିଏ ସଦାନିବିଷ୍ଟ ଥିଲେ କେବଳ ଓଡ଼ିଆ ଭାଷାର କ୍ରମବର୍ଦ୍ଧିଷ୍ଣୁ ଉନ୍ନତି ଓ ଅଗ୍ରଗତି ପାଇଁ । କେବଳ ଓଡ଼ିଆ ନୁହେଁ, ସାରା ଭାରତର ଏକାଧିକ ଭାଷା ଉପରେ ରୁଚି ଓ ଦକ୍ଷତା ରଖୁଥିବା ଶ୍ରୀ ମହାନ୍ତି ଇଂରାଜୀ ଭଳି ଅନ୍ତର୍ଜାତୀୟ ଭାଷାଗୁଡ଼ିକ ଉପରେ ବେଶ୍ ପାରଦର୍ଶୀ ଥିଲେ ।

ଯିଏ ସରଳଭାବେ ବିଶ୍ୱାସ କରୁଥିଲେ ପରୀକ୍ଷାନୀରିକ୍ଷା ଓ ମୂଲ୍ୟାୟନ ଉପରେ । ସେଥିପାଇଁ ତାଙ୍କ ଦୃଷ୍ଟିଭଙ୍ଗୀ ବେଶ୍ ସିଧା, ପ୍ରଭାବଶାଳୀ ଏବଂ ଗ୍ରହଣୀୟ ହେଉଥିଲା ବୁଦ୍ଧିଜୀବୀ ପାଠକ ମହଲରେ । ଶ୍ରୀ ମହାନ୍ତିଙ୍କ ସାରସ୍ୱତ ପସରା ଥିଲା ବେଶ୍ ଚମକପ୍ରଦ ଏବଂ ଉଜ୍ଜ୍ୱଳ । ଓଡ଼ିଆ ଭାଷାକୁ ନେଇ ଇଂରାଜୀ ଏବଂ ଇଂରାଜୀ ଭାଷାକୁ ଓଡ଼ିଆରେ ରୋଚକ ଅନୁବାଦ ରୂପ ଦେବାରେ ସେ ଥିଲେ ସିଦ୍ଧହସ୍ତ । ଘର ଭିତରେ ନିବୃତ୍ତିଭାବେ ବସି କିଛି ମନନଶୀଳ ଘଟଣାକୁ କାଳ୍ପନିକ ରୂପଦେଇ ଲୋକଲୋଚନକୁ ଆଣିବାକୁ ଚାହୁଁନଥିଲେ ସେ । ଏଥିପାଇଁ ସେ ଲୋଡ଼ୁଥିଲେ ଅଭୌମିକ ଅନୁଭୂତି । ଏଥିପାଇଁ ଏକାଧିକ ଏକାଡେମିକ୍ ପ୍ରୋଗ୍ରାମରେ ମଧ୍ୟ ଉପସ୍ଥିତ ହେଉଥିଲେ ଶ୍ରୀ ମହାନ୍ତି । ଶ୍ରୀ ମହାନ୍ତିଙ୍କ ଦକ୍ଷତା ଓ ପାରଦର୍ଶିତା ଯୋଗୁଁ ତାଙ୍କୁ ଅବସ୍ଥାପିତ କରାଯାଇଥିଲା କେନ୍ଦ୍ର ସାହିତ୍ୟ ଏକାଡେମୀର ଏକ୍ଜିକ୍ୟୁଟିଭ୍ ବୋର୍ଡ ମେମ୍ବରଭାବେ । ଏହାବ୍ୟତୀତ ଡିଷ୍ଟିଂଗୁଇସ୍ଡ ଏଲ(ମାଢ ଓ ଭଙ୍ଗୋଲ୍ଲୁ, କର୍ଣ୍ଣାଟକ) ଏବଂ ସିଆଇଇଏଫଏଲ(ହାଇଦ୍ରାବାଦ)ର ସେ ଥିଲେ ଜଣେ ସକ୍ରିୟ ସଦସ୍ୟ । ୟୁଜିସି ପ୍ୟାନେଲ୍

ଯତୀନ୍ଦ୍ରଙ୍କ ଆଲୋଚ୍ୟ କୃତି

ଏକେଡ଼ ଅଜ୍ ଓଡ଼ିଆ ଲିଟରେଚର୍-୨୦୦୩, କଣ୍ଟ୍ରିବିୟୁଟିଙ୍ଗ୍ ଆଜ୍ ଓଡ଼ିଶାଜ୍ କଲଚର(କୋ-ଏଡ୍)-୨୦୦୧, ଆଉଟ ଅଫ୍ ଦି ଷ୍ଟ୍ରିମ ଅଫ୍ କଣ୍ଟେମ୍ପୋରାରି ଓଡ଼ିଆ ଲିଟ୍ରେଚର୍-୧୯୯୯, ମଧୁସୂଦନ ରାଓ-୧୯୯୬, ନୋବଲ ଲରେଟ୍ସ ଏକୋ(୧୯୦୦-୧୯୯୦)(କୋ-ଏଡ୍)-୧୯୯୧, ଇଣ୍ଡୁ ଆଇଡ଼୍ସ ଏକ୍ସପ୍ଲୋରେସନ୍, ଏକେଡ଼ ଅଜ୍ ଓଡ଼ିଆ ଲିଟରେଚର-୧୯୮୯, ଦେୟାର ହେୟାର ସ୍କିନ୍ ଫ୍ୟାୟାର, ଏକେଡ଼ ଅଜ୍ ମଡର୍ଣ୍ଣ ଓଡ଼ିଆ ଲିଟ୍ରେଚର୍-୧୯୮୨ ।

ଓଡ଼ିଆ ଗଦ୍ୟ ସମ୍ଭାର-୨୦୦୪, ଆଧୁନିକ ଓଡ଼ିଆ ନାଟକ-୨୦୦୦, ସୂର୍ଯ୍ୟସ୍ନାତ, ଓଡ଼ିଆ କବିତା ଆଲୋଚନା-୧୯୯୯, ଆଧୁନିକ ଓଡ଼ିଆ କବିତା ସମ୍ଭାର-୧୯୯୮, ପ୍ରାଚୀନ ଓଡ଼ିଆ କବିତା ସମ୍ଭାର-୧୯୮୨, ନୂତନ ସମାଲୋଚନା-୧୯୮୧, ଜାଜାବର-୧୯୨୬, ଆଧୁନିକ ଓଡ଼ିଆ କବିତା-୧୯୬୮, ପ୍ରେମଛଦ(ଉପନ୍ୟାସ)-୨୦୦୨

ଅଜ୍ ଇଂଲିଶ୍ ଆଣ୍ଡ୍ ଫରେନ୍ ଲାଙ୍ଗୁଏଜେସ୍ ଏବଂ ରାଜା ରାମମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନ୍, ନ୍ୟାସନାଲ୍ କମିଟିର ସେ ଥିଲେ ଅଗ୍ରଣୀ ସଦସ୍ୟ । ଆଜୀବନ ଓଡ଼ିଆ ସାହିତ୍ୟର ଉନ୍ନତି ପାଇଁ ନିବେଦିତ ଥିବା ଯତୀନ୍ଦ୍ରମୋହନ 'ଓଡ଼ିଆ ସାହିତ୍ୟ ସମ୍ଭାର' ନାମକ ପୁସ୍ତକରେ ମୋଟ ୭ଟି ଭଲ୍ୟୁମ ରଚନା କରିଥିଲେ, ଯାହା ଓଡ଼ିଆ ଭାଷା-ସାହିତ୍ୟ ପାଇଁ ସୃଷ୍ଟି କରିଛି ଏକ ମାଇଲ ଖୁଣ୍ଟ । ଦୀର୍ଘ ୫ ଦଶନ୍ଧି ଧରି ଅଧ୍ୟାପନା ଓ ଭାଷା ସାହିତ୍ୟ ଗବେଷଣାରେ ଜଡ଼ିତ ଶ୍ରୀ ମହାନ୍ତି ରାଜ୍ୟ ତଥା ଦେଶ ପାଇଁ ଏକ ଦିବସ୍ତୁ ଗୌରବ କହିଲେ ଅତ୍ୟୁକ୍ତି ହେବନି । ●●●

ପ୍ରମେୟ, ଗୁରୁବାର ଅଗଷ୍ଟ ୨୩ , ୨୦୧୨

ଶ୍ରଦ୍ଧାଞ୍ଜଳି: ଯତୀନ୍ଦ୍ର ମୋହନ ମହାନ୍ତି

ଗଣେଶ୍ୱର ମିଶ୍ର

ଦଶାହ ଉପଲକ୍ଷେ

ଅଗଷ୍ଟ ୨୩ , ୨୦୧୨ ନ୍ୟାୟବତୀ

ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳୀ

ପ୍ରଫେସର୍- ଯତୀନ୍ଦ୍ର ମୋହନ ମହାନ୍ତି
ଆବିର୍ଭାବ- ୩.୭.୧୯୩୨
ତିରୋଧାନ- ୧୪.୮.୨୦୧୨

ଗ୍ରାଃ ଶ୍ୟାମସୁନ୍ଦର ପୁର,
ଥାନା/ଜିଲ୍ଲା: କେନ୍ଦ୍ରାପଡା
ଲିଙ୍ଗ-ପ୍ଲଟ ନଂ-୧୫୭୩,
ଉତ୍ତ ମଧୁନଗର(ଖଣ୍ଡମୁଣ୍ଡା)
ଭୁବନେଶ୍ୱର-୭୫୧୦୩୦

ଆପଣ ସଂସାରରୁ ବାହୁଡିଗଲେ, ଖୁବ୍ ମନେପଡୁଛନ୍ତି । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣକମଳରେ ଭକ୍ତିପୂତ ପ୍ରଣତି ଜଣାଉଛୁ ।

ଶୋକ ସନ୍ତପ୍ତ-

ବିଜୟଲକ୍ଷ୍ମୀ, ନଗେନ୍ଦ୍ର ମୋହନ, ମଞ୍ଜୁଲତା, ପ୍ରିତୀଲତା, ସର୍ମିଷ୍ଠ, ସମ୍ବିତ୍ , ସିମାତା, ଲକ୍ଷ୍ମୀନୃସିଂହ, ଉତ୍କ, ସୁସ୍ମିତା, ଶୁଭାଶିଷ, ଜ୍ଞାତି-କୁଟୁମ୍ବ, ବନ୍ଧୁ ଓ ପରିବାର ବର୍ଗ ।

୨୪ ଅଗଷ୍ଟ ୨୦୧୨, ଶୁକ୍ରବାର ସମୟ

ସ୍ମୃତି ଓ ଅନୁଭୂତିର ଯତୀନ୍ଦ୍ର

ଅସିତ ମହାନ୍ତି

୨୫ ଅଗଷ୍ଟ ୨୦୧୨, ଶନିବାର ସମୟ

ଯତୀନ୍ଦ୍ର ମହାନ୍ତି: ଏକ ଶ୍ରଦ୍ଧା ନିବେଦନ

ପ୍ରଫୁଲ୍ଲ କୁମାର ମହାନ୍ତି

୨୫ ଅଗଷ୍ଟ ୨୦୧୨ ସମାଜ

ଯାତ୍ରାରେ ଯାତ୍ରାରେ ଜୀବନ

ଡ. ଫନୀ ମହାନ୍ତି

[illegible]

ଭୁବନେଶ୍ୱର - ୧୦

ସ୍ମୃତିଅର୍ଘ୍ୟ

ନିରଳସ ସାରସ୍ୱତ ସାଧକଙ୍କ ସ୍ମରଣେ

ଡ. ପ୍ରତିଭା ରାୟ

[illegible]

ପରମ ବିସ୍ମୟ ଯତୀନ୍ଦ୍ର ମୋହନ

ପ୍ରଫେସର ନିତ୍ୟାନନ୍ଦ ଶତପଥୀ



ତୀନ୍ଦ୍ର ମୋହନ ମହାନ୍ତିଙ୍କୁ ଓଡ଼ିଆ ସାହିତ୍ୟର ପରମ ବିସ୍ମୟ ଭାବେ ନାମିତ କରାଯାଇପାରେ। ଜୀବନବ୍ୟାପୀ ଲେଖିବା ଓ କିଛି ସାହିତ୍ୟକର୍ମ କରିବା ଥିଲା ତାଙ୍କ ସାଧନାର ଚାରଣ ଭୂମି। ପ୍ରାୟ ୧୯୫୫ଠାରୁ ୨୦୧୨ ପର୍ଯ୍ୟନ୍ତ ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳଧରି ସେ କିଛିନା କିଛି ଲେଖିଥିଲେ। ସେ ଲେଖା ହୋଇପାରେ ମୌଳିକ ସମାଲୋଚନା କିମ୍ବା ସଂକଳନ। ଜଣେ ଇଂରାଜୀ ଅଧ୍ୟାପକ ଭାବେ ସେ ତାଙ୍କ ବୃତ୍ତି ଆରମ୍ଭ କରିଥିଲେ ବି ଜୀବନସାରା ଓଡ଼ିଆ ସାହିତ୍ୟକୁ ତାଙ୍କ ସାଧନା କ୍ଷେତ୍ରଭାବେ ବାଛି ନେଇଥିଲେ- କମ୍ ବିସ୍ମୟର କଥା ଏହା ନୁହେଁ। ସାର୍‌ଙ୍କ ସହିତ ମୋର ପ୍ରଥମ ସାକ୍ଷାତ ହେଲା ରେଭେନ୍‌ସା କଲେଜରେ। ସେ ଆଇ.ଏସସି ଫାଷ୍ଟଇୟର କ୍ଲାସ ପିଲାଙ୍କୁ ଇଂରାଜୀ ପ୍ରଥମ ପତ୍ର ପଢ଼ାଉଥିଲେ। ନାନାଦି ବିଷୟ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ଥିଲା। ସାର୍‌ଙ୍କ ଇଂରାଜୀ ଉଚ୍ଚାରଣକୁ ଆମେ ମଫସଲରୁ ଆସିଥିବା ପିଲାମାନେ ଆଦୌ ବୁଝିପାରୁନଥିଲୁ। ତାଙ୍କର ଉଚ୍ଚାରଣ ଭଂଗୀ ଥିଲା ସ୍ୱତନ୍ତ୍ର। ତେଣୁ କ'ଣ ପଢ଼ାଉଛନ୍ତି ତାକୁ ଅନୁସରଣ କରି ନପାରି ଆମେ ଦ୍ୱନ୍ଦ୍ୱରେ ପଡ଼ୁଥିଲୁ। ସେତେବେଳେ ଟିଉଟୋରିଆଲ୍ କ୍ଲାସ ପ୍ରଥା ପ୍ରଚଳିତ ଥିଲା। ଆମର ଯାହାକିଛି ସଂଶୟ ସେଇ କ୍ଲାସରେ ହିଁ ସମାହିତ ହେଉଥିଲା। ସାର୍ ଖୁବ୍ କ୍ଷିପ୍ର ଗତିରେ ଇଂରେଜୀ ବାକ୍ୟଗୁଡ଼ିକ ଉଚ୍ଚାରଣ କରୁଥିଲେ। ଟ୍ୟୁଟୋରିଆଲ୍ କ୍ଲାସରେ ଧୀରେଧୀରେ କହିବାରୁ ଶବ୍ଦଗୁଡ଼ିକ ସହିତ ଆମର ମାନସିକ ସଂଯୋଗ ସ୍ଥାପନ ହେଉଥିଲା। ବି.ଏ.କ୍ଲାସକୁ ମୁଁ ଆସିବାପରେ ସେ ବୋଧହୁଏ ଲର୍ଡ ଟେନିସନ୍‌ଙ୍କ 'Enoch Arden' କାବ୍ୟଟି ପଢ଼ାଇଲେ। ମୁଁ ଜାଣିଥିଲି ପଣ୍ଡିତ ନୀଳକଣ୍ଠ ଦାଶ ଏହି କାବ୍ୟକୁ 'ଦାସନାଏକ' ନାମରେ ଅନୁବାଦ କରିଛନ୍ତି। ତେଣୁ ଦାସ ନାଏକ ପଢ଼ି ଗଳ୍ପଭାଗଟିକୁ ଜାଣିସାରିବାପରେ 'ଇନକ୍ ଆରଡନ'କୁ ବୁଝିବା ସହଜ ସାଧ୍ୟ ହେଲା। ଇଂରେଜୀ ମିଡ଼ିଅମ୍ ସ୍କୁଲରୁ ନଆସି ସାର୍ କାହିଁକି ଏପରି ଇଂରାଜୀ ଉଚ୍ଚାରଣ କରୁଥିଲେ ଶେଷପର୍ଯ୍ୟନ୍ତ ମୁଁ ତା'ର ମର୍ମ ଉଦ୍‌ଘାଟନ କରିପାରିନାହିଁ। ୧୯୫୫ ମସିହାରେ ଗୁରୁପ୍ରସାଦ ମହାନ୍ତି ଓ ଭାନୁଜୀ ରାଓଙ୍କ ଯୁଗ୍ମ ଭଣିତାରେ ଯେଉଁ 'ନୂତନ କବିତା' ନାମକ କବିତାପୁସ୍ତକ ପ୍ରକାଶ ପାଇଲା ତା'ର ମୁଖବନ୍ଧ ଲେଖିଥିଲେ ଯତୀନ୍ଦ୍ରମୋହନ। ସେ ଆଲୋଚନାଟି ଟି.ଏସ୍. ଇଲିୟଟଙ୍କ ଆଲୋଚନାର ଆଧାରରେ ରଚିତ ହୋଇଥିବା ପରେ ମୁଁ ଜାଣିଲି। ସେଥିରେ ସେ Wit, irony ଓ Urbanity ବୋଲି ତିନିଟି ଶବ୍ଦ ପ୍ରୟୋଗ କରିଥିଲେ- ଯାହା ଆଧୁନିକ କବିତାକୁ ଚିହ୍ନେଇବାକୁ ଯଥେଷ୍ଟ ଥିଲା। ସେ ତାଙ୍କ ଆଲୋଚନାରେ ନୂଆ କବିତାର ପ୍ରବକ୍ତାଭାବେ ଗୁରୁପ୍ରସାଦଙ୍କୁ ପ୍ରମୁଖ ସ୍ଥାନ ଦେଇ ସଚ୍ଚିଦାନନ୍ଦ ରାଉତରାୟଙ୍କ ଅବଦାନକୁ ପରୋକ୍ଷରେ ନାକଚ୍ କରି ଦେଇଥିଲେ। ସେତେବେଳେ ମୋର କେତେବା ସମାଲୋଚନା-ମାନସିକତା ଥିଲା। ତେବେ ସଚ୍ଚିବାବୁଙ୍କ 'ପାଣ୍ଡୁଲିପି' ଓ 'ଭାନୁମତୀର ଦେଶ' ପଢ଼ି ମୁଁ ତାଙ୍କୁହିଁ ନୂତନ କବିତାର ଆଦ୍ୟାଭାସ ଭାବେ ମନେମନେ ସାବ୍ୟସ୍ତ କରିଥିଲି। କିନ୍ତୁ ଯତୀନ୍ଦ୍ରବାବୁଙ୍କ ମନ୍ତବ୍ୟକୁ ପୂରା ଅସ୍ୱୀକାର ମଧ୍ୟ କରିପାରୁନଥିଲି। ମୋ ମତରେ ଆଧୁନିକ କବିତା ସମ୍ପର୍କରେ କିଛିତ ପୂର୍ବରୁ ବିନୋଦ ନାୟକଙ୍କ ରୋମାଣ୍ଟିକ କବିତା ପୁସ୍ତକ 'ନୀଳ ଚନ୍ଦ୍ରର ଉପତ୍ୟକା'ର ମୁଖବନ୍ଧରେ ଯାହା ସୁରେନ୍ଦ୍ର ମହାନ୍ତି ଲେଖିଥିଲେ ଓ ପରେ 'ନୂତନ କବିତା'ର ମୁଖବନ୍ଧରେ ଯାହା ଯତୀନ୍ଦ୍ରବାବୁ ଲେଖିଲେ ତାହା ନିଶ୍ଚିତ ଭାବେ ଅଧିକ ଆଲୋଚନା ପାଇଁ ବାଟ ଫିଟେଇଲା। ସଚ୍ଚିବାବୁଙ୍କ 'ପାଣ୍ଡୁଲିପି' ମଧ୍ୟ ଆଧୁନିକ କବିତାର ବ୍ୟାଖ୍ୟା କରିଥିଲା। ତା'ପରେ 'ସ୍ରଷ୍ଟା' ପତ୍ରିକାର ସେ ହେଲେ ଅନ୍ୟତମ ସଂପାଦକ ଓ ତହିଁରେ ୧୯୬୦ ମସିହାରେ ଗୁରୁପ୍ରସାଦ ମହାନ୍ତିଙ୍କ 'କାଳପୁରୁଷ' ଖଣ୍ଡ କାବ୍ୟ ବା ଦୀର୍ଘ କବିତା ପ୍ରକାଶ ପାଇଲା। ମନେହେଲା ଓଡ଼ିଆ କବିତାର ଟି.ଏସ. ଏଲିଅଟ୍‌ଙ୍କ ପ୍ରଭାବ ଜନିତ ପଶ୍ଚିମ କବିତାର ଅନୁପ୍ରବେଶ ଘଟିଛି- ଏହା ସେତେବେଳେ ସମସ୍ତଙ୍କୁ ମୁଗ୍ଧ କରି ରଖିଥିଲା। ଯତୀନ୍ଦ୍ର ମୋହନ ବାବୁଙ୍କ ବ୍ୟାଖ୍ୟା ପରେ ଆମେ ନୂଆ କବିତାର ଦିଗ ଓ ବିଭୂତିକୁ ଅନୁଭବ କଲୁ। ସରିଆଲିଜିମ୍, ଏକ୍‌ସିଷ୍ଟେନସିଆଲିଜିମ୍ (ସ୍ଥିତିବାଦ) ପରି ଦୁଇଟି ପ୍ରମୁଖ ଚେତନା ଏହି 'କାଳପୁରୁଷ' ବାଟେ ଓଡ଼ିଆ କବିତାରେ ଅନୁପ୍ରବେଶ କଲା। ତାହା ଦ୍ୱାରା ଆଧୁନିକ କବିତା କେତେ ଲାଭବାନ ହୋଇଛି ସେ କଥା ବହୁସ୍ଥାନରେ ମୁଁ ଆଲୋଚନା କରିଛି ଓ କହିଛି ମଧ୍ୟ। ଯତୀନ୍ଦ୍ର ମୋହନଙ୍କର ଏ ସାହିତ୍ୟକୁ ଅବଦାନ ଥିଲା ଆଶାତୀତ ଓ ଅସୀମ। ତାହା ଅଧିକ ଭାବେ ସଂକଳନ କ୍ଷେତ୍ରରେ ପ୍ରକାଶ ପାଉଥିଲା। ତାଙ୍କର ସମସ୍ତ ଦକ୍ଷତା ସେ ଏହି କାମଟିରେ ବିନିଯୁକ୍ତ କରିବସିବା ଫଳରେ ମୌଳିକ ସମାଲୋଚନା ସ୍ୱାଭାବିକ ବାଧାପ୍ରାପ୍ତ ହୋଇଥିଲା। କିନ୍ତୁ ଓଡ଼ିଆ ସାହିତ୍ୟ ଏଇ କେତୋଟି ସଂକଳନ ଫଳରେ ସମୃଦ୍ଧ ହୋଇଥିଲା। ପ୍ରାଚୀନ କବିତାଠାରୁ ଆଧୁନିକ କବିତା ପର୍ଯ୍ୟନ୍ତ ତାଙ୍କର ସଂକଳନ ଓ ସମ୍ପାଦକୀୟ ମନ୍ତବ୍ୟ ନିଶ୍ଚୟ ଅବଧାରଣୀୟ ବୋଲି ସ୍ୱୀକାର କରିବାକୁ ହେବ। କିନ୍ତୁ କବିତା ରାଜ୍ୟରୁ ଗଦ୍ୟ ରାଜ୍ୟକୁ ସେ ଏଇ ସଂକଳନ ମାଧ୍ୟମରେ କ୍ଷିପ୍ର ପଳାୟନ କରିବସିଲେ। ଫଳରେ ଓଡ଼ିଆ ଗଳ୍ପ ସମ୍ଭାର, ଓଡ଼ିଆ ନାଟକ ସମ୍ଭାର ନାମରେ ଖୁବ୍ ବୃହଦାକାର ଦୁଇଟି ପୁସ୍ତକ ପ୍ରକାଶ ପାଇଲା। ଏହାବ୍ୟତୀତ ପ୍ରାଚୀନ ଓଡ଼ିଆ କବିତା ସମ୍ଭାର, ଓଡ଼ିଆ ତତ୍ତ୍ୱସାହିତ୍ୟ (୬୧୦ଖ୍ରୀ-୨୦୦୬) ଥିଲା ତାଙ୍କର ଅନ୍ୟତମ ସଂକଳିତ ବୃହଦାକାର ପୁସ୍ତକ। ଏ ପାଞ୍ଚୋଟି ସଂକଳନରେ ଦୀର୍ଘ ମୁଖବନ୍ଧ ଲେଖି ସେ ୰ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସଂକଳନ ଧାରାକୁ ଅନୁସରଣ ଓ ପରିପୁଷ୍ଟ କରିଥିଲେ। ଏ ପାଞ୍ଚୋଟି ସଂକଳନର ପ୍ରାକ୍-ଭାଷ ବା ମୁଖବନ୍ଧ ଯେ ଖୁବ୍ ମୌଳିକ-ଏ କଥା ସ୍ୱୀକାର କରିବାକୁ ହେବ। ବିଦ୍ୟାପ୍ରକାଶନୀ ତାଙ୍କର ନିଜ ପ୍ରକାଶନ ସଂସ୍ଥାଥିଲା ଓ ତାଆରି ନାମରେ ୨୦୦୫ ମସିହାପରେ ଗୋଟିଏ ପରେ ଗୋଟିଏ ବହି ସେ ଛାପିବାକୁ ଲାଗିଲେ। ତା'ମଧ୍ୟରେ 'ସମକାଳୀନ ଓଡ଼ିଆ ସାହିତ୍ୟ' ଆଉ ଏକ ଉପାଦେୟ ସଂକଳନ ଯାହା ୧୯୮୦ରୁ ୨୦୦୫ ପର୍ଯ୍ୟନ୍ତ ବିଭିନ୍ନ ଗଦ୍ୟ ଓ ପଦ୍ୟର ଏକ ସୁନିର୍ବାଚିତ ସଂକଳନ। କିନ୍ତୁ ଯତୀନ୍ଦ୍ର ମୋହନ ଯେତିକି ଯେତିକି ବୟସ୍କ ହେଉଥିଲେ ସେତିକି ସର୍ଜନଶୀଳ ସାହିତ୍ୟ ପ୍ରତି ଆକୃଷ୍ଟ ହେଉଥିଲେ। ସେ ଯେ 'ପ୍ରେମାସ୍ପଦା' ଓ 'ଜନ୍ମାଷ୍ଟମୀ' ନାମରେ ଦୁଇଟି ଉପନ୍ୟାସ ଲେଖିପାରିଲେ ପୁଣି ଜୀବନର ଶେଷ ଭାଗରେ ଏହା ବିସ୍ମୟଜନକ ନିଶ୍ଚୟ। 'ଜନ୍ମାଷ୍ଟମୀ' ଏଇ ମାତ୍ର ଚାରିମାସ ତଳେ ପ୍ରକାଶ ପାଇଲା- ଏକ ମୋଟା ଉପନ୍ୟାସ। ତାଙ୍କ ଜୀବନବ୍ୟାପୀ ସାଧନାର ସଫଳତା ଓ ବିଫଳତା ବିଷୟରେ ଏଣିକି ଅଧିକରୁ ଅଧିକ ନିରପେକ୍ଷ ଆଲୋଚନା ହେବବୋଲି ଆଶା କରି ତାଙ୍କ ଆତ୍ମାର ସଦ୍‌ଗତି କାମନା କରୁଛି। ■■

ଡୁପ୍ଲେକ୍ସ-୯, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧

ସ୍ୱର୍ଗତ ପ୍ରଫେସର ଯତୀନ୍ଦ୍ରମୋହନ ମହାନ୍ତି

ପ୍ରିୟବ୍ରତ ଦାସ

ଯତୀନ ବାବୁ ଚାଲିଗଲେ। ଓଡ଼ିଆ ସାହିତ୍ୟାକାଶରୁ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର ଅନ୍ତର୍ହିତ ହୋଇଗଲା। ଆଧୁନିକ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସେ ଥିଲେ ଜଣେ ବରିଷ୍ଠ ବ୍ୟକ୍ତିତ୍ୱ। ତାଙ୍କ ଅବର୍ତ୍ତମାନରେ ସୃଷ୍ଟି ହୋଇଥିବା ଶୂନ୍ୟତା ବହୁଦିନ ଯାଏ ଅପୂରଣୀୟ ରହିବ।

କେନ୍ଦ୍ରାପଡ଼ାର ଶ୍ୟାମସୁନ୍ଦରପୁର ଗ୍ରାମରେ ଜନ୍ମିତ ଯତୀନବାବୁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର ହେବାପରେ ମାସାଚୁସେଟ୍ସସ୍ଥିତ ଆମର୍ହଷ୍ଟ ପ୍ରତିଷ୍ଠାନ ଓ ଇଂଲଣ୍ଡର ଲିଡ୍ସ ବିଶ୍ୱବିଦ୍ୟାଳୟରେ ଉଚ୍ଚତର ଶିକ୍ଷା ଲାଭକରି ଜଣେ ଇଂରାଜୀ ଅଧ୍ୟାପକ ଭାବେ ଜୀବନ ଆରମ୍ଭ କରି ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରାଜୀ ସ୍ନାତକୋତ୍ତର ବିଭାଗର ପ୍ରଫେସର ଭାବେ ଅବସର ଗ୍ରହଣ କରିଥିଲେ। ଇଂରାଜୀ ସାହିତ୍ୟର ଏକ ବିଶିଷ୍ଟ ବିଦ୍ୱାନ ହେଲେ ବି ଓଡ଼ିଆ ସାହିତ୍ୟର ସେ ପ୍ରାଣ ଥିଲେ। ସେ ତାଙ୍କ ଜୀବନ କାଳରେ କେବଳ ଓଡ଼ିଆ ସାହିତ୍ୟର ଶ୍ରୀବୃଦ୍ଧି ଓ ସୁରକ୍ଷା ପାଇଁ କାମ କରିଯାଇଛନ୍ତି। ଅବହେଳା ଯୋଗେ ଲୁପ୍ତ ହେବାକୁ ବସିଥିବା ଅନେକ ପାଣ୍ଡୁଲିପିର ସୁରକ୍ଷା ପାଇଁ ସେ ସର୍ବଦା ଚିନ୍ତିତ ଥିଲେ।

ଯତୀନବାବୁଙ୍କ ପାଖରେ ଥିଲା ଉପନ୍ୟାସ ପରି ଲୋକପ୍ରିୟ ସାହିତ୍ୟ ସୃଷ୍ଟିପାଇଁ ସୃଜନାତ୍ମକ ଶକ୍ତି ଥିଲା। ତାଙ୍କ ଲିଖିତ ପ୍ରୋଫେସର ଓ କଳ୍ପନା ଭଳି ସଫଳ ଉପନ୍ୟାସ ତାର ପ୍ରମାଣ। କିନ୍ତୁ ସେ ସେଥିରେ ସେ ମନ ନଦେଇ ସମାଲୋଚନାକୁ ନିଜର କ୍ଷେତ୍ର ଭାବେ ବାଛି ନେଇଥିଲେ। ସମାଲୋଚନା କେବେ ଲୋକପ୍ରିୟ ସାହିତ୍ୟ ହୋଇ ପାରେନା। ତେଣୁ ସେ ସାହିତ୍ୟ ଜଗତରେ ବିଶେଷ ଲୋକପ୍ରିୟ ନଥିଲେ। ତାର ଅନ୍ୟତମ କାରଣ ହେଲା ସେ ଅତ୍ୟନ୍ତ ସ୍ପଷ୍ଟବାଦୀ ଥିଲେ। ସେ ଯାହା ଅନୁଭବ କରୁଥିଲେ ସେ କଥା ସ୍ପଷ୍ଟଭାବେ ପ୍ରକାଶ କରୁଥିଲେ- କାହାରି ମନ ରଖିବା ପାଇଁ ପ୍ରୟାସ କରୁନଥିଲେ। ସତ୍ୟ ବ୍ରୁୟାତ୍, ପ୍ରିୟ ବ୍ରୁୟାତ୍, ଅପ୍ରିୟ ସତ୍ୟ ବ୍ରୁୟାନ୍ନାହିଁ ଏହି ଆପ୍ତବାକ୍ୟ ପ୍ରତି ସେ ଧ୍ୟାନ ଦେଉ ନଥିଲେ। ସେ ଯାହା ହେଉ ଦୀର୍ଘକାଳର ସାଧନା ପରେ ସେ ତାଙ୍କ ସାଧନାର ସ୍ୱୀକୃତି ପାଇଥିଲେ। ତାଙ୍କ ରଚିତ ସମାଲୋଚନା ଗ୍ରନ୍ଥ 'ଦୃଷ୍ଟିପ୍ରସାଦ' କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ୨୦୦୩ ମସିହାରେ ପୁରସ୍କୃତ ହୋଇଥିଲା। ଏହାଦ୍ୱାରା ତାଙ୍କର ଅନ୍ୟାନ୍ୟ ସମାଲୋଚନା ପୁସ୍ତକ ଯଥା ସମାଲୋଚନା, ସନ୍ଦର୍ଭରୁ ରଚନାରୁ ମଧ୍ୟ ଅନେକ ଉଚ୍ଚକୋଟୀର ସମାଲୋଚନା ଗ୍ରନ୍ଥ ଓ ତାହା ଓଡ଼ିଆ ସାହିତ୍ୟର ସମାଲୋଚନା କ୍ଷେତ୍ରରେ ଏକ ନୂତନ ଦିଗନ୍ତର ସୂଚନା ପ୍ରଦାନ କରେ।


ଯତୀନ୍ଦ୍ରମୋହନ ଦୀର୍ଘକାଳ କେନ୍ଦ୍ର ସାହିତ୍ୟ ଏକାଡେମୀ ସହ ସଂପୃକ୍ତ ରହିଥିଲେ ଓ ସେହି ଅବସରରେ ଓଡ଼ିଶା ବାହାରେ ଓଡ଼ିଆ ସାହିତ୍ୟ ସୁପରିଚିତ କରାଇବା ପାଇଁ ଉଦ୍ୟମ କରିଥିଲେ। ଏହି ଉଦ୍ୟମରେ ସେ ଦୀର୍ଘ କୋଡ଼ିଏ ବର୍ଷ ସାଧନା କରିବା ପରେ ୨୦୦୬ ମସିହାରେ ଇଂରାଜୀରେ ଓଡ଼ିଆ ସାହିତ୍ୟର ଇତିହାସ 'ହିଷ୍ଟ୍ରି ଅଫ୍ ଓଡ଼ିଆ ଲିଟେରେଚର' ପ୍ରକାଶ କରିଥିଲେ। ଏଥିରେ ସେ ଜଣେ ସତ୍ୟନିଷ୍ଠ ଐତିହାସିକ ଭାବେ ଯେଉଁ ନିର୍ଭୀକ ମତାମତ ପ୍ରଦାନ କରିଛନ୍ତି ତାହା ବହୁ ବ୍ୟକ୍ତିଙ୍କ ଅସନ୍ତୋଷ କରିଥିଲା। କିନ୍ତୁ ସେ ନିଜ ମତରେ ଅଟଳ ରହିଥିଲେ। ଯତୀନ୍ଦ୍ରମୋହନଙ୍କ ଦ୍ୱାରା ୯୦୦୦ପୃଷ୍ଠା ବିଶିଷ୍ଟ ଚାରିଖଣ୍ଡ ବହୁ ଭାଗରେ। ଦୁଷ୍ପ୍ରାପ୍ୟ ରଚନାବଳୀ ସଙ୍କଳିତ ହୋଇଛି। ଏତଦ୍ ବ୍ୟତୀତ ସେ ସ୍ୱର୍ଗତ କାଳୀଚରଣ ମିତ୍ରଙ୍କ ସମଗ୍ର ରଚନାବଳୀ ଉକ୍ତ ଲେଖକଙ୍କ ଏବଂ ସ୍ୱର୍ଗତ ଗୋପୀନାଥ ମୋହନ ଦେଖାଇଦେଇ ସମ୍ପାଦନ ଓ ସଂପାଦନା କରି ପ୍ରକାଶ କରିଥିଲେ। ସେହିପରି ସେ ସ୍ୱର୍ଗତ କୃଷ୍ଣମୋହନ ସାହୁଙ୍କ ଦ୍ୱାରା ସଂଗୃହିତ କବଚୁଆ କବିତ୍ୱ ଭାଗବତ ଓ ଜଗନ୍ନାଥ ଦାସଙ୍କ ରଚିତ ଭାଗବତ ପରମ ... ପ୍ରକାଶ କରିଥିଲେ।

ଯତୀନ ବାବୁ ଜଣେ ଅତି ଦକ୍ଷ ସଂପାଦକ ଥିଲେ। ତାଙ୍କ ସମୟରେ ତାଙ୍କ ଦ୍ୱାରା ସମ୍ପାଦିତ 'ପ୍ରଜ୍ଞା' ସାହିତ୍ୟ ପତ୍ରିକାରେ ସ୍ୱର୍ଗତ ଗୁରୁପ୍ରସାଦ ମହାନ୍ତି, ସ୍ୱର୍ଗତ ଭାନୁଜୀ ରାଓ ଓ ଜଣେ ସୌମ୍ୟ ଆଧୁନିକ ଉତ୍କୃଷ୍ଟ କବିତା ପ୍ରଥମେ ପ୍ରକାଶ କରି ସେମାନଙ୍କୁ ଓଡ଼ିଆ ସାହିତ୍ୟରେ ପରିଚିତ କରାଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ନିଜ ନିଜ ମହିମାରେ ଉଦ୍ଭାସିତ ହୋଇଥିଲେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି।

ସେ ଜଣେ ଅମାୟିକ ବନ୍ଧୁବତ୍ସଳ ଓ ସ୍ନେହୀ ବ୍ୟକ୍ତି ଥିଲେ ଓ ବହୁ ଲେଖକ ଲେଖିକାଙ୍କୁ ଉଚିତ ମାର୍ଗଦର୍ଶନ ଦେଇ ଉତ୍ସାହିତ କରୁଥିଲେ। ମୁଁ ତାଙ୍କର ଅତି ଘନିଷ୍ଠ ସହଯୋଗୀ ଭାବେ କହିବାର ସୁଯୋଗ ପାଇଥିଲି ଓ ତାଙ୍କର ଅତି ନିକଟତର ଥିଲି। ତାଙ୍କ ପ୍ରେରଣା ଯୋଗୁଁ ମୁଁ ଯାହା କିଛି ଲେଖାଲେଖି କରି ପାରିଥିଲି। ଆଜି ତାଙ୍କୁ ମୋର ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ଓ ପ୍ରଣାମ ଜଣାଉଛି।

ଏଚ୧/୨୦ କପିଳପ୍ରସାଦ ବିଡିଏ କଲୋନି,
ଭୁବନେଶ୍ୱର-୨

ପ୍ରଭା ସର୍ଜନା (ସୂର୍ଯ୍ୟପ୍ରଭା)



ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି
(୧୯୩୨ - ୨୦୧୨)



ଆଧୁନିକ ଓଡ଼ିଆ ସାହିତ୍ୟ ଓ ଭାଷାର ଅନ୍ୟତମ ସାରଥୀ ଆଜି ଆମ ଗହଣରେ ନାହାନ୍ତି । ତାଙ୍କ ସ୍ମୃତି ପାଇଁ 'ପ୍ରଭା ସର୍ଜନା'ର ଭକ୍ତିପୂତ ପ୍ରଣାମ ।

- 'ପ୍ରଭା ସର୍ଜନା'



ଓଡିଆ ଭାଷା ସାହିତ୍ୟର ପ୍ରଣମ୍ୟ ପ୍ରଜ୍ଞା ପୁରୁଷ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି



ଦେବେନ୍ଦ୍ର ମହାନ୍ତି

ଓଡିଆ ସାହିତ୍ୟର ବହୁ ଉତ୍‌ଥାନ ଓ ପତନ ଭିତରେ ଯେଉଁ କେତେ ଜଣ ସାମୁହିକ ଭାବେ ଏ ସାହିତ୍ୟର କୀର୍ତିଧ୍ୱଜାକୁ ଉପରକୁ ଉଠାଇ ଏହାକୁ ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠା କରି ଯାଇଛନ୍ତି ସେମାନଙ୍କ ଭିତରେ ଫକୀରମୋହନ, ଗୌରୀଶଙ୍କର, ବିଶ୍ୱନାଥ କର, ବିଚ୍ଛନ୍ଦ ଚରଣ ପଟ୍ଟନାୟକ, ଆର୍ତବଲ୍ଲଭ ମହାନ୍ତି ଇତ୍ୟାଦି କେତେ ଜଣଙ୍କ ନାମ ଚିରସ୍ମରଣୀୟ। ଯଦି ଫକୀର ମୋହନ ଊନ୍ନବିଂଶ ଶତାବ୍ଦୀର ମଧ୍ୟବର୍ତୀକାଳରୁ ଓଡିଆ ଭାଷା ଓ ସାହିତ୍ୟକୁ ବିଦ୍ୱେଷୀ କେତେଜଣ ପ୍ରବାସୀଙ୍କ ଆକ୍ରମଣ ବିରୁଦ୍ଧରେ ଲଢେଇ କରି ବିଜୟଲାଭ କରି ନ ଥାନ୍ତେ ତେବେ ଆଜି ଓଡ଼ିଆ ଭାଷାର ସ୍ଥିତି କିପରି ଥାଆନ୍ତା, ତାହା କଳ୍ପନା କରିବା ମୁସ୍କିଲ୍। ସେହିପରି ବିଚ୍ଛନ୍ଦ ଚରଣ ପଟ୍ଟନାୟକ ଓ ଆର୍ତବଲ୍ଲଭ ମହାନ୍ତିଙ୍କ ସାଧନା ଓ ନିରଳସ ପରିଶ୍ରମ ବିନା ପ୍ରାଚୀନ ଓଡିଆ ସାହିତ୍ୟର ବିଶାଳ ଗନ୍ତାଘରର ସନ୍ଧାନ ହୁଏତ ଦୁରୂହ ହୋଇ ଆଜି ପର୍ଯ୍ୟନ୍ତ ଥାଆନ୍ତା।

ଆମର ମନେହୁଏ ଆର୍ତବଲ୍ଲଭ ମହାନ୍ତିଙ୍କ ପରେ ସାମୂହିକ ଭାବେ ଓଡିଆ ସାହିତ୍ୟର ଉନ୍ନତି, ପ୍ରଚାର ଓ ପ୍ରସାର ପାଇଁ ଯେଉଁ କେତେଜଣ ନିରଳସ ସାଧନା କରିଯାଇଛନ୍ତି, ନିଜକୁ ଉତ୍ସର୍ଗ କରିଯାଇଛନ୍ତି, ସେମାନଙ୍କ ଭିତରେ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି ଥିଲେ ଅଗ୍ରଗଣ୍ୟ। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସର୍ବଭାରତୀୟ ଏପରିକି ବିଶ୍ୱସ୍ତରରେ ପରିଚିତ କରାଇବା ପାଇଁ ଅକ୍ଳାନ୍ତ ପରାଶ୍ରମ କରିଯାଇଛନ୍ତି।

ଇଂରାଜୀ ଭାଷାରେ ଚିତ୍ତରଞ୍ଜନ ଦାସ ଏବଂ ମାୟାଧର ମାନସିଂହଙ୍କ ଦ୍ୱାରା ରଚିତ ଓଡିଆ ସାହିତ୍ୟର ଇତିହାସ ସହିତ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ରଚିତ ଇତିହାସକୁ ତୁଳନା କଲେ ତାହା ସ୍ପଷ୍ଟ ଜଣାପଡ଼େ। କାଳ ବିଭାଜନରେ ମୌଳିକତା ଓ ଯୌକ୍ତିକତା ସହିତ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଉପରେ ସୁଗଭୀର ଆଲୋଚନା ଏହି ପୁସ୍ତକର ଅନନ୍ୟତା ପ୍ରତିପାଦନ କରେ। ଇଂରାଜୀ ଭାଷାରେ ଲିଖିତ ଭାରତୀୟ ସାହିତ୍ୟର ଇତିହାସରେ ସେ ଯେତେବେଳେ ଓଡିଆ ସାହିତ୍ୟର ଇତିହାସ ଦେଖିବାକୁ ପାଇଲେ ନାହିଁ ସେତେବେଳେ ସେ ମର୍ମାହତ ହୋଇଥିଲେ ବୋଲି ଏହି ଲେଖକଙ୍କୁ କହିଥିଲେ। ଇଂରାଜୀରେ ଏକ ପୂର୍ଣ୍ଣାଙ୍ଗ ଓଡିଆ ସାହିତ୍ୟର ଇତିହାସର ଅଭାବ ଏହା କାରଣ ବୋଲି ଯେତେବେଳେ ସେ ଜାଣିବାକୁ ପାଇଲେ, ସେତେବେଳେ ନିଜେ ଇଂରାଜୀରେ ଏହି ଓଡ଼ିଆ ସାହିତ୍ୟର ଇତିହାସ ରଚନାରେ ମନନିବେଶ କରିଥିଲେ। ୭୨୦ ପୃଷ୍ଠା ବିଶିଷ୍ଟ "History of Oriya Literature" ଏକ ଅନନ୍ୟ ସୃଷ୍ଟି।

ଓଡିଆ ସାହିତ୍ୟ ଓ ସଂସ୍କୃତିକୁ ଅଣଓଡ଼ିଆ ପାଠକଙ୍କ ନିକଟରେ ପରିଚିତ କରାଇବା ପାଇଁ ତାଙ୍କର ଦୁଇଟି ଇଂରାଜୀ ପୁସ୍ତକ ହେଲା 'Land Beautiful' ଏବଂ 'Along the Stream'। ଓଡିଶାର କଳା, ସଙ୍ଗୀତ, ନୃତ୍ୟ, ସ୍ଥାପତ୍ୟ ଆଦି ଉପରେ ବିଭିନ୍ନ ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ପ୍ରବନ୍ଧଗୁଡିକର ସଂକଳନ ହେଉଛି 'Land Beautiful' ପୁସ୍ତକ। ସେହିପରି ୧୯୭୬ ରୁ ୧୯୧୯୦ ଭିତରେ ଓଡିଆ ସାହିତ୍ୟର ବିକାଶ ଓ ସମୃଦ୍ଧି ଉପରେ ଇଂରାଜୀ ଭାଷାରେ ଲିଖିତ ୧୬ ଟି ପ୍ରବନ୍ଧର ସମାହାର ହେଉଛି Along the Stream।

ଏହାଛଡ଼ା Theories of Literature ତାଙ୍କର ଅନ୍ୟତମ ଇଂରାଜୀ ପୁସ୍ତକ ଯାହା ଇଂରାଜୀ ଅନର୍ସ ଓ ପୋଷ୍ଟଗ୍ରାଜୁଏଟ୍ ଶ୍ରେଣୀର ଛାତ୍ରମାନଙ୍କ ପାଇଁ ସେ ରଚନା କରି ଯାଇଛନ୍ତି।

ପ୍ରଫେସର ଯତୀନ୍ଦ୍ର ମୋହନ ଇଂରାଜୀ ଭାଷା ଓ ସାହିତ୍ୟର ଅଧ୍ୟାପକ ଓ ପ୍ରଫେସର ଭାବରେ ଜୀବନ ଅତିବାହିତ କରିଥିଲେ। ଏହା ସତ୍ତ୍ୱେ ଇଂରାଜୀ ଭାଷା ଓ ସାହିତ୍ୟ ଉପରେ ତାଙ୍କର ଯେତିକି ଅଧ୍ୟୟନ ଓ ଗବେଷଣା ଥିଲା, ତାହା ଠାରୁ ବହୁ ଗୁଣରେ ଅଧିକ ଅଧ୍ୟୟନ ଥିଲା ଓଡ଼ିଆ ସାହିତ୍ୟ ଉପରେ। ପ୍ରାଚୀନ ଯୁଗର ସାରଳା ସାହିତ୍ୟ ଠାରୁ ଆରମ୍ଭ କରି ସମସାମୟିକ କାଳ ପର୍ଯ୍ୟନ୍ତ ପ୍ରକାଶିତ ଓଡ଼ିଆ ସାହିତ୍ୟ ଉପରେ ତାଙ୍କର ଗଭୀର ଅଧ୍ୟୟନ ଓ ଜ୍ଞାନ ଥିଲା। ଦୀର୍ଘ ୬୦୦ ବର୍ଷର ଓଡ଼ିଆ ସାହିତ୍ୟର ପ୍ରତିନିଧିମୂଳକ ରଚନାଗୁଡ଼ିକୁ ନେଇ ୧୦ ଟି ଭଲ୍ୟୁମ୍‌ରେ ସେ ୮୬୦୦ ପୃଷ୍ଠା ବିଶିଷ୍ଟ ଏକ ବିଶାଳ ସଂକଳନ କରି ଯାଇଛନ୍ତି। ସେଗୁଡ଼ିକ ହେଲା - ୧) ପ୍ରାଚୀନ ଓଡ଼ିଆ କବିତା ସମ୍ଭାର (୧୯୮୯), ୨) ଆଧୁନିକ ଓଡ଼ିଆ କବିତା ସମ୍ଭାର (୧୯୯୮), ୩) ପ୍ରାଚୀନ ଓଡ଼ିଆ ନାଟକ (୨୦୦୫), ୪୦ ଆଧୁନିକ ଓଡ଼ିଆ ନାଟକ (୨୦୦୦), ୫) ଓଡ଼ିଆ ଗଦ୍ୟ ସଂକଳନ (୨୦୦୬), ୬) ଓଡ଼ିଆ ଗଳ୍ପ ସମ୍ଭାର (୨୦୦୫), ୭) ସମକାଳୀନ ଓଡ଼ିଆ ସାହିତ୍ୟ (୧୯୮୦ - ୨୦୦୫), ୮) ଓଡ଼ିଆ ଚଳ୍ପ ସାହିତ୍ୟ (୨୦୦୭), ୯) ଓଡ଼ିଆ ଉପନ୍ୟାସ ସମ୍ଭାର, ୧୦) ଓଡ଼ିଆ କାବ୍ୟ ସମ୍ଭାର।



୨୦୧୧ 'ସୂର୍ଯ୍ୟପ୍ରଭା' ସ୍ୱନକ୍ଷତ୍ର ଉତ୍ସବ ଅବକାଶରେ ପ୍ରଫେସର ମହାନ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ 'ପ୍ରଜ୍ଞା ପ୍ରଣାମ' ଅର୍ପଣ

ଏହାଛଡ଼ା ସାରଳା ସାହିତ୍ୟ ଠାରୁ ପୁଣି ଆଧୁନିକ ଓଡ଼ିଆ କବିତା, ଗଳ୍ପ, ନାଟକ, ଉପନ୍ୟାସ ଇତ୍ୟାଦି ଉପରେ ୨୨ ଟି ଗବେଷଣାମୂଳକ ପ୍ରବନ୍ଧ ରଚନା କରି ୮୬୨ ପୃଷ୍ଠା ବିଶିଷ୍ଟ ଓଡ଼ିଆ ସାହିତ୍ୟର ଆଲୋଚନା 'ସହସ୍ରାଂଶୁ' ନାମକ ଏକ ପୁସ୍ତକ ପ୍ରକାଶ କରି ଯାଇଛନ୍ତି।

ଏହି ସବୁ ଅବଦାନ ଦ୍ୱାରା ସେ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ କେବଳ ଯେ ଋଦ୍ଧିମନ୍ତ କରି ଯାଇଛନ୍ତି ତାହା ନୁହେଁ, ଓଡ଼ିଆ ସାହିତ୍ୟରେ ଅତୁଳନୀୟ ହୋଇଯାଇଛନ୍ତି। ବ୍ୟକ୍ତିଗତ ଉଦ୍ୟମରେ 'ବିଦ୍ୟା' ନାମକ ପ୍ରକାଶନ ସଂସ୍ଥା ଗଠନ କରି ସେ କେବଳ ଯେ ଉପରୋକ୍ତ ପୁସ୍ତକ ସବୁ ପ୍ରକାଶ କରି ଯାଇଛନ୍ତି ତାହା ନୁହେଁ, ପ୍ରଫେସର କୃଷ୍ଣଚନ୍ଦ୍ର ସାହୁଙ୍କ ଦ୍ୱାରା ସଂପାଦିତ ସାରଳା ମହାଭାରତର ପୁନଃ ସଂପାଦନା କରି 'ସାରଳା ଦାସ ରଚନା ସମ୍ଭାର', ଜଗନ୍ନାଥ ଦାସଙ୍କ ଶ୍ରୀମଦ୍ ଭାଗବତ ଏବଂ ବଳରାମ ଦାସଙ୍କ ରାମାୟଣ ଓ ଲକ୍ଷ୍ମୀପୁରାଣର ପୁନଃମୁଦ୍ରଣ କରିଯାଇଛନ୍ତି।

ଓଡ଼ିଶାର ବିଶିଷ୍ଟ କବିମାନଙ୍କ ସୃଷ୍ଟି ଉପରେ କେତେକ ଓଡ଼ିଆ ପ୍ରବନ୍ଧର ଅନ୍ୟ ଏକ ସଂକଳନ ହେଉଛି 'ସୂର୍ଯ୍ୟସ୍ନାତ'। ଏହି ପ୍ରବନ୍ଧ ସଂକଳନ ପାଇଁ ପ୍ରଫେସର ମହାନ୍ତି ୨୦୦୩ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ।

କେବଳ ଯେ ପ୍ରବନ୍ଧ-ସାହିତ୍ୟରେ ସେ ନିଜର ଦକ୍ଷତା ଓ କୃତିତ୍ୱ ପ୍ରଦର୍ଶନ କରି ଯାଇଛନ୍ତି ତାହା ନୁହେଁ ସୃଜନଶୀଳ ସାହିତ୍ୟରେ ମଧ ହାତ ଦେଇଛନ୍ତି। ତାଙ୍କର ଦୁଇଟି ଉପନ୍ୟାସ ପ୍ରକାଶିତ ହୋଇଛି - 'ପ୍ରେମସ୍ୱଦା ଓ ଜନ୍ମାଷ୍ଟମୀ'। ଶ୍ରୀକୃଷ୍ଣଙ୍କ ଜନ୍ମବୃତ୍ତାନ୍ତର ପୃଷ୍ଠଭୂମିରେ ୬୨୫ ପୃଷ୍ଠା ବିଶିଷ୍ଟ ଉପନ୍ୟାସ ଜନ୍ମାଷ୍ଟମୀ। ୨୦୧୨ ଜୁନ୍ ମାସରେ ଏହା 'ବିଦ୍ୟା' ତରଫରୁ ପ୍ରକାଶ କରାଯାଇଥିଲେ। ଏହି ଉପନ୍ୟାସ ହିଁ ତାଙ୍କର ସର୍ବଶ୍ରେଷ୍ଠ ସୃଷ୍ଟି।

ସାହିତ୍ୟ ପତ୍ରିକା ପ୍ରକାଶନରେ ମଧ ତାଙ୍କ କୃତିତ୍ୱ ପ୍ରଦର୍ଶନ କରିଯାଇଛନ୍ତି। ରେଭେନ୍ସା କଲେଜରେ ଇଂରାଜୀ ବିଭାଗର ଅଧ୍ୟାପକ ଥିଲାବେଳେ ୧୯୫୦ ଦଶକରେ 'ପ୍ରଜ୍ଞା' ନାମକ ଏକ ଓଡ଼ିଆ ସାହିତ୍ୟ ପତ୍ରିକାର ସେ ସଂପାଦନା କରୁଥିଲେ। ଏକ ଉଚ୍ଚମାନର ସାହିତ୍ୟ ପତ୍ରିକା ହିସାବରେ ସେତେବେଳେ ବୁଦ୍ଧିଜୀବୀ ମହଲରେ ତାହା ପ୍ରଶଂସିତ ହେଉଥିଲା। ସମକାଳରେ 'Bhubaneswar Review' ନାମକ ଏକ ଇଂରାଜୀ ପତ୍ରିକାର ମଧ ସେ କିଛିଦିନ ସଂପାଦନା କରିଥିଲେ।

'ପ୍ରୟାସ' ନାମକ ଅନ୍ୟଏକ ସାହିତ୍ୟ ପତ୍ରିକା ସେ ୨୦୦୬-୨୦୦୭ ସମୟରେ ସଂପାଦନା କରିଥିଲେ। ଅଳ୍ପ କେତୋଟି ସଂଖ୍ୟା ପ୍ରକାଶିତ ହେଲାପରେ ଏହା ବନ୍ଦ ହୋଇଯାଇଥିଲା। 'ଶ୍ରୀ' ନାମକ ଅନ୍ୟ ଏକ ସାହିତ୍ୟ ପତ୍ରିକା ସେ ଶେଷ ନିଃଶ୍ୱାସ ତ୍ୟାଗ କଲା ପର୍ଯ୍ୟନ୍ତ ସଂପାଦନା କରି ଆସୁଥିଲେ। ବିଭିନ୍ନ ଓଡ଼ିଆ ଓ ଇଂରାଜୀ ପତ୍ରିକାରେ ମଧ ସେ ବହୁ ପ୍ରବନ୍ଧ ରଚନା କରିଯାଇଛନ୍ତି। ରଚନା କରିଯାଇଥିବା ପ୍ରାୟ ୨୦୦ ରୁ ଊର୍ଦ୍ଧ୍ୱ ପ୍ରବନ୍ଧ ଭିତରୁ ଅନେକ ସେ ସଙ୍କଳିତ କରି ଯାଇନାହାନ୍ତି।

ଯୋଗଜନ୍ମା ଏହି ମନିଷୀ ମାତ୍ର ଅଶୀ ବର୍ଷର ଜୀବନ ଅବଧି ଭିତରେ ଓଡ଼ିଆ ସାହିତ୍ୟ ପାଇଁ ଯାହା କରିଯାଇଛନ୍ତି, ତାହା ଅତୁଳନୀୟ।

୧୯୩୨ ମସିହାରେ କେନ୍ଦ୍ରାପଡ଼ା ଜିଲ୍ଲାର ଶ୍ୟାମସୁନ୍ଦରପୁରରେ ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ଜନ୍ମ। ତାଙ୍କ ବାପାଙ୍କ ନାମ ଥିଲା ଜଗମୋହନ ମହାନ୍ତି ଏବଂ ସେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ। ପି. ଏମ୍ ଏକାଡେମୀ, କଟକରୁ ସ୍କୁଲ୍ ଶିକ୍ଷା ସମାପ୍ତ କରି ସେ ରେଭେନ୍ସା କଲେଜ କଟକରେ ଅଧ୍ୟୟନ କରିଥିଲେ, ଯେଉଁଠୁ ସେ ଇଂରାଜୀ ଭାଷା ଓ ସାହିତ୍ୟରେ ଏମ୍.ଏ ପାଶ୍ କରିଥିଲେ। ଏହା ଛଡ଼ା ବ୍ରିଟିଶ କାଉନ୍ସିଲ ବୃତ୍ତି ପାଇ ଇଂଲଣ୍ଡର ଲିଡସ୍ ୟୁନିଭରସିଟି ଓ ହାଇଦ୍ରାବାଦର ସେଣ୍ଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଂଲିଶ ରେ ଇଂରାଜୀ ସାହିତ୍ୟ ଅଧ୍ୟୟନ କରିଥିଲେ। ରେଭେନ୍ସା କଲେଜ, କଟକ, ବି.ଜେ.ବି କଲେଜ , ଭୁବନେଶ୍ୱର, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ଶେଷରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇଂରାଜୀ ଭାଷା ଓ ସାହିତ୍ୟର ପ୍ରଫେସର ଓ ମୁଖ୍ୟ ପଦରୁ ୧୯୯୨ ମସିହାରେ ଅବସର ଗ୍ରହଣ କରିଥିଲେ।

କେନ୍ଦ୍ର ସାହିତ୍ୟ ଏକାଡେମୀର ସଦସ୍ୟ ପଦକୁ ମନୋନୀତ ହୋଇ ସେ ଦୁଇ ଟର୍ମ୍ ଏହାର ଏକଜକ୍ୟୁଟିଭ୍ ବୋର୍ଡର ସଦସ୍ୟ ଥିଲେ। ୨୦୦୩ ମସିହାରେ ସମାଲୋଚନା ପୁସ୍ତକ 'ସୂର୍ଯ୍ୟସ୍ନାତା' ପାଇଁ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

୨୦୧୨ ଜୁନ୍ ୧୬ ତାରିଖରେ ଏହି ଲେଖକଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା ଏବଂ ଘଣ୍ଟାଏ କାଳ ବସି ତାଙ୍କର ସଦ୍ୟ ପ୍ରକାଶିତ ଉପନ୍ୟାସ 'ଜନ୍ମାଷ୍ଟମୀ' ଉପରେ ଆମେ ଆଲୋଚନା କରିଥିଲୁ। ଉପନ୍ୟାସରେ କ'ଣ ଅଛି ବା କିପରି ହୋଇଛି ତାହା ଅଲଗା କଥା। କିନ୍ତୁ ଯେଉଁ ବୟସରେ ୬୨୫ ପୃଷ୍ଠା ବିଶିଷ୍ଟ ଏହି ବିଶାଳ ଉପନ୍ୟାସ ସେ ରଚନା କରିଛନ୍ତି, ତା'ଠାରୁ ବଳି ବିରଳ କୃତିତ୍ୱ ଆଉ ନାହିଁ ବୋଲି ଏହି ଲେଖକ ତାଙ୍କୁ କହିଥିଲେ।

ସେତେବେଳେ ବାମ ଆଣ୍ଠୁରେ ସାମାନ୍ୟ ଦରଜ ଥିଲା ଏବଂ ଚାଲିବା ପାଇଁ ତାଙ୍କୁ ବାଡ଼ିର ସାହାଯ୍ୟ ନେବାକୁ ପଡୁଥିଲା। ସେତିକି ଛାଡ଼ିଦେଲେ ସେ ବେଶ୍ ସୁସ୍ଥ ଥିଲେ, କ୍ଲାନ୍ତି ନ ଥିଲା, ଧୀଶକ୍ତି ସେହିପରି ତୀକ୍ଷ୍ଣ ଥିଲା। କିନ୍ତୁ ୨୦୧୨ ମସିହା ଅଗଷ୍ଟ ୧୪ ତରିଖ ରାତି ଏଗାରଟା ବେଳେ ଭୁବନେଶ୍ୱର ଆପୋଲୋ ହସ୍‌ପିଟାଲ୍‌ରେ ସେ ଶେଷ ନିଶ୍ୱାସ ତ୍ୟାଗ କଲେ। ସେ ହସ୍‌ପିଟାଲ୍‌ରେ ମାତ୍ର ୮/୯ ଦିନ ତଳେ ଭର୍ତ୍ତି ହେବାକଥା ଶୁଣିଥିଲି। କିନ୍ତୁ ଏତେ ଶୀଘ୍ର ସେ ଯେ ଆମମାନଙ୍କୁ ଛାଡ଼ି ଚାଲିଯିବେ ଏହା ଆମେ କଳ୍ପନା ବି କରି ନଥିଲୁ। ରାଜ୍ୟ ଏବଂ ସମଗ୍ର ଭାରତର ଅନେକ ପାଠକ, ବନ୍ଧୁ ଓ ଛାତ୍ରମାନଙ୍କୁ ଶୋକାଭିଭୂତ କରି ଚାଲିଗଲେ।

ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି ଥିଲେ ଜଣେ ଅହଙ୍କାର ଶୂନ୍ୟ, ସରଳ ବ୍ୟକ୍ତି। ଆଡମ୍ବରପୂର୍ଣ୍ଣ ଜୀବନଚର୍ଯ୍ୟା ତାଙ୍କର ନଥିଲା। ଯାହାକୁ ସେ ଭଲ ପାଉଥିଲେ, ଅନ୍ତର ଦେଇ ଭଲ ପାଉଥିଲେ। ସେହିପରି ଅନେକ ଲୋକଙ୍କୁ ସେ ପସନ୍ଦ କରୁ ନଥିଲେ, ଯେଉଁଥିପାଇଁ ଅନେକ ସମୟରେ ସେ ଅହେତୁକ ବିବାଦୀୟ ହୋଇ ପଡୁଥିଲେ।

ଆଗାମୀ ଦିନରେ ତାଙ୍କଠାରୁ ଓଡ଼ିଆ ସାହିତ୍ୟ ଆହୁରି ଅନେକ କିଛି ଆଶା କରୁଥିଲା। କାଳ ହିଁ ଆଉ ତାହା କରାଇବାକୁ ଦେଲା ନାହିଁ।

●

ଆମ ମୁଖ୍ୟ ଅତିଥିଙ୍କ ସହିତ ସୂର୍ଯ୍ୟପ୍ରଭାର ଅନ୍ତରଙ୍ଗ ଆଳାପ

ଶ୍ରଦ୍ଧାଞ୍ଜଳି

ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି

Dear Prof. Satchidanandan,

As per our conversation I am submitting the Mss. of Concept of Indian Literature, to be approved for publication by the Akademi. I feel, this work, which is first of its type, is in line with the Akademi publications, and will be very much beneficial to readers interested in Indian literature. Once the work is approved for publication, I will add to it an introduction, notes and the 20th essay. I am getting them ready, and I hope I will be able to submit the completed Mss. for taking up the printing work etc. in a month's time.

Hope you are fine.

With regards,

Sincerely

(Jatindra Mohan Mohanty)

Bhubaneswar

JM 7/3/04

Concept of Indian Literature

Contents

12. Swapan Majumdar - National Literature in a Multilingual Nation.

13. Umashankar Joshi - Towards a comparative Indian Literature.

14. Prabhakar Padhye - Indian Literature Today.

15. K. S. Srinivasan - Modern Indian Languages ; Their Common Legacy.

16. Sujit Mukherjee - The Idea of an Indian Literature.

17. K. R. Srinivas Iyengar - Indian [illegible] Literature as an Academic discipline.

18. Indranath Choudhury - Development of Indian Literature: Current Trends and Future directions.

19. C Dimmock - The Literatures of India : Introduction

20. K. Satchidanandan - Signing in Different Scripts : Literature in Independent India.

Notes

Index

Jmohanty 7/3/04

Edited by, Jatindra Mohan Mohanty, Professor of English, Utkal University, Bhubaneswar (Retd).

୨୫.୮.୭୪

ବାବା,

[illegible]

ଲିଡ଼ସ ବିଶ୍ୱବିଦ୍ୟାଳୟରୁ ବାପାଙ୍କ ପାଖକୁ ଚିଠି

BY AIR MAIL

345, Shahidnagar
Bhubaneswar-7
21.12.05

Dear Jatin Babu,

Months ago Surendra Babu (Misra) told me that the 5 of the Rachana Sangraha would be out in December at the time of the Rajdhani Pustak Mela. But when, about a couple of months ago, I reminded him about it, he said that he would be able to do so if only he got his dues from the Rammohan Foundation Trust. By then I had become markedly infirm and going downhill faster than ever before. This winter finds me an almost decrepit man. I have hardly any energy left as it were. I dare not even approach the phone! A kind of helpless feeling has overtaken me. This is most unlike me, but it's fact.

[illegible] told me over the phone some time ago to ask Gourpada (Dr. C M Mitra) to ask Surendra Babu squarely about the financial position, but I haven't been able to do so. So far as I am concerned, I recd from Bapti, on 2 occasions, a total sum of Rs 1,02,940/- ($2000 US) and paid to Surendra Misra, on 3 occasions, a total sum of Rs. 1,02,500/-. The balance Rs 440/- is with me. As for transactions between Gourpada and Surendra Misra, I have no idea except that I seem to remember Surendra Misra once told me he had paid some amount to Gourpada as repayment of Bapti's money. Bapti ~~[illegible]~~ hasn't shown any anxiety about repayment.

What I now urgently want is bringing out the 5 Vol. and giving a copy each of the Vol. to every member of the family, plus [illegible] additional copy [illegible] Bapti as [illegible].

Yours sincerely
[illegible]

डाक/BPP/HYD–2008 पोस्ट कार्ड POST CARD

Prof. Dr. J.M. Mohanty
1573, Madhusudan Sarani
Bhakta Madhu Nagar
Gourabanandadas [illegible]
BHUBANESWAR - 30

पिन PIN 7 5 1 0 3 0

ଜେ.ଏମ୍.ଜୋଆରଦାରଙ୍କଠାରୁ ପ୍ରାପ୍ତ ଚିଠି

Dear Sunil Babu,

Probably you do not know me, but I have learnt Bengali language as my second language since my childhood days, and I am fairly conversant with Bengali literature, and I have read many Bengali authors, including yourself with admiration. Therefore when I received Akademy Award in 2003 from your hand I was happy. I was a co-member of Prof. Asit Bandopadhyaya in the Sahitya Akademi Executive Board from 1988 to 1992, and I remember our cordiality with pleasure. To-day I write this letter to you with a purpose, and I would be happy to get your considered views.

This is about my 'History of Oriya Literature' in English, of which I have sent a copy to you in a separate post which I hope you have already received. This is the first book in English about Oriya literature since Dr. Mayadhar Mansinha's book which was published in the beginning of sixties by the Sahitya Akademi. But the book was withdrawn from circulation immediately after its publication, and I find, was reprinted ~~after~~ only a few years ago. But the book ~~had many flaws of~~ judgement was strongly opinionated, and its literary presentation stopped around 1950. Reprinting the same book today ~~is a flavour of~~ only of historical value, and does not meet the purposes of modern Oriya literature nor the taste of modern Oriya reader. My book was published in 2006, ~~and~~ by myself, under the banner of a new publishing house 'Vidya', and apart from a few dissenting voices, it has sold well, reviewed well, and its first edition (1500 copies) is almost exhausted.

'For your information, I choose to submit a few plus points about the book - 1. It is comprehensive, and details the growth of Oriya literature beginning from 14th-15th century [illegible] till today, 2. ~~For clarity of understanding~~ it is divided into 3 sections: a. ancient and mediaeval literature, till early 19th century (264 pages), b. modern period, from the later 19th century till Independence (170 pages); and post-Independence period (272 pages), 3. Copious translations from various authors, both ancient and modern, 4. the whole growth of Oriya literature has been done in the structure of social ~~change and growth~~ growth and change, 5. Major and major trends have been mapped out very clearly, and 5. the whole book has been written out in complete impartiality and fair-mindedness, not a single adverse word

anywhere ~~[illegible]~~ against any author. On the whole the book provides good deal of information and knowledge ~~on~~ about Oriya writers and their books, and I would consider it as a fairly good scholarly book, that would cater not only to intelligent non-Oriya readers, but also to Oriya readers who want to know more adequately about their own language and literature.

. . . . . .

I now take this opportunity to set my purpose. It is to offer my ~~History~~ book to Sahitya Akademi for subsequent publications. It is because the Akademy does not have a good and adequate 'History of Oriya Literature' so far. Though Dr. Mansinha's book (which is completely back-dated now) was published about 50 years ago, the Akademy has not been able to publish a 'History of Oriya Literature' ~~on its own~~ for the modern reader through its own assignment. Hence this offer. I would be happy to know how the Akademy thinks about it.

Hope you are O.K.
With kindest regards,

Yours sincerely,
(Jatindra Mohan Mohanty)

April 15, 1994

ମାନନୀୟେଷୁ ପ୍ରଭୁ,

ନମସ୍କାର ନେବେ। ଅନେକ ଦିନ ହେଲା ମୁଁ ଚିଠି ଲେଖିନାହିଁ। ମଝିରେ, ପ୍ରାୟ ନେଇଥର ଫୋନ୍, ଆପଣଙ୍କ ସହ କଥା ହୋଇ ପାରିନାହିଁ। ଦେଖା ହୋଇ ପାରିଲା ନାହିଁ। [illegible] ଜାଣିଲା। ଆଉ ଲେଖି ନାହିଁ। କ୍ଷମା କରିବେ।

ପରଦେଶୀ ହୋଇ ରହିଗଲୁ। ୪୨ ବର୍ଷ ଶେଷହେଲା ନ [illegible] [illegible] ୪୦ ବର୍ଷ କ୍ଷମା [illegible] ଏବ ଆମେ [illegible] [illegible] ହେଲା। ୪ ଟି ୪୨ଟି [illegible]। ଭାଷା ଓ [illegible] ଦୁଇଟି ନାନାପ୍ରକାର ସମସ୍ୟା [illegible]। [illegible] ଆଉ ଓ [illegible] [illegible] ନାହିଁ। [illegible] [illegible] [illegible] ଓ ରହିଛି।

[illegible], ଆମ୍ଭର, ଆମର Pol Sc ରେ B.A. ପରେ [illegible] [illegible] [illegible] କରିବାକୁ। ତା ପରେ Law ବା Ph.D. କରିବ। [illegible], [illegible], ଆମର March ରେ Georgia Tech ରୁ Constr. Engr. Mgt. ରୁ Degree ପାଇବ। [illegible] [illegible] [illegible] expensive ହେବ ଆମେ ଆମର [illegible]।

Years roll by, do they not?

Retirement ପରେ [illegible] [illegible] ରହୁଛନ୍ତି। ମଝିରେ "[illegible]" ରେ ଆପଣଙ୍କ [illegible] ପଢ଼ିଥିଲି। ଭଲ ଲାଗିଲା। Mrs. P.N. Das ଙ୍କ ସହ [illegible] August ରେ Pittsburg ରେ ଦେଖା ହୋଇଥିଲା। [illegible] [illegible] [illegible] [illegible]।

DIGAMBAR MISHRA
1603 SHADES GLEN CIRCLE
BIRMINGHAM, AL 35226
Tel. (205) 942-5851 —
USA






Prof. J. M. Mohanty
1573 Madhu Nagar
JAGAMARA
Bhubaneswar - 30
ORISSA, INDIA

AEROGRAMME • VIA AIRMAIL • PAR AVION

[2] Second fold



Do not use tape or stickers to seal • No enclosures permitted

[1] Fold first at notches

Additional message area

[illegible] 22 (CANADA) [illegible]
[illegible] ?
[illegible] commute
[illegible]
[illegible]
[illegible]
[illegible]
[illegible]
[illegible]

DEVI P. MISRA, M.D., F.A.C.P.
INTERNAL MEDICINE & CHEST DISEASES
400 WHITESPORT DRIVE, S.W., SUITE 103
HUNTSVILLE, ALABAMA 35801
TEL: 256 880-0455 (O)
256 883 5447
Fax 256 882 6382 (#)

May 14th 2005

ମାନନୀୟେଷୁ ଯତୀନ୍ଦ୍ର ଭାଇ,

ମୋର ନମସ୍କାର ନେବେ । ମୁଁ ଆପଣଙ୍କ ପତ୍ରରେ ୫୦ ଡଲାର୍ସ ଚେକ୍ ପଠାଉଛି । ଗ୍ରହଣ କରିବେ ବୋଲି ଭରସା କରୁଛି ।

ଆପଣ ନିଜ ପୁସ୍ତକରେ ଓଡ଼ିଆ ଜାତିର ଇତିହାସ ବା ସଂସ୍କୃତି ବା ଐତିହ୍ୟର, ଧାରାକୁ [illegible] ଦିଗରେ, [illegible] ଆକାରର ପରିକଳ୍ପନା କରିଛନ୍ତି ଜାଣନ୍ତୁ । ମୁଁ ଓ ମୋର ସହଧର୍ମିଣୀ ପ୍ରତିଷ୍ଠିତ The Orissa foundation ମାଧ୍ୟମରେ ସାହାଯ୍ୟ କରିବୁ ।

ଆପଣଙ୍କ ଠାରେ [illegible] ପ୍ରସ୍ତୁତ [illegible] ଟଙ୍କା ଆବଶ୍ୟକ [illegible] ମୋଟ ଆକଳନ ଦିଅନ୍ତୁ । ଏହି ଅନୁସାରେ ମୁଁ ଆପଣଙ୍କ ପାଖକୁ timely ଏବଂ ପ୍ରସ୍ତୁତରେ ପଠାଇବି । ଆପଣଙ୍କର Project ର [illegible] [illegible] [illegible] [illegible] ଅନ୍ୟ Project ଗୁଡ଼ିକରେ ଅଛି [illegible] । [illegible] Computer [illegible] ଆମର ଐତିହ୍ୟ ବା ସଂସ୍କୃତି [illegible] [illegible] [illegible] ନ [illegible] [illegible] ସମ୍ପୂର୍ଣ୍ଣ [illegible] । ମୁଁ [illegible] [illegible] [illegible] [illegible] "ନିଷ୍ଠା" [illegible] [illegible] ନ [illegible] ଆପଣଙ୍କ [illegible] [illegible] [illegible] [illegible] । ଆପଣ ମୋର [illegible] [illegible] [illegible] ଚିଠି ଦେବାକୁ ମୁଁ [illegible] ।

ମୋର ଚିଠି [illegible] [illegible] ଆପଣଙ୍କ [illegible] ଅସୁବିଧା ହେବନି — [illegible] କ୍ଷମା କରିବେ ।

ଇତି
ଦେବୀ ପ୍ରସାଦ ମିଶ୍ର

THE ORISSA FOUNDATION
~ a nonprofit organization ~
CGP 44710

Devi P. Misra • President
Sarojini Misra • Vice President

TEL: (256)880-0455/880-0456
Fax: (256)882-6382
E-mail: dmisra@bellsouth.net

July 5th '05

To whom it may concern

The Orissa Foundation is pleased to declare a grant award of $2500 to Mr J. M Mohanty for compilation of history of Oriya proze, poems etc for last 25-50 years

Sincerely
D P Misra
(Devi P. Misra)

P. T. RAJASEKHARAN

Bangalore
28th February, 2005

Dear Jatin,

Your letter of 19th and thank you for the same. I am happy that you liked Melarcode, my village. They are simple people, confused with the economic limitation and accumulated cultural and spiritual misbeliefs, trying to cope and living with just hopes and hardly any focus. Things are either left to god - who has shifted to the Alps and Himalayas - or to people like me whom they truly believe, can solve all their problems. How I wish I could.

You are indeed busy and I am truly proud of your commitment to Oriya literature. The 'Crossword' Prize was introduced some 7 to 8 years back in the lines of 'Booker' and receives excellent media coverage. Unfortunately, since the management of Crosswords changed hands, there was a gap of 4 years before it was reintroduced this year. I have nothing to do with it except that I know them well. The award going to an original work dating over 4 decades is disturbing. I will write to Sriram, the Managing Director of Crosswords and a close friend and ask him to try and change the rules covering this aspect from next year. As to hobnobbing and wheeling dealing, that is the way these things work. The judges of any event in this country invariably knows nothing about the subject or are too busy and in too many committees to truly perform their duties.

Aarathi is fine and her landline number is 022 - 24373875. She is in Prabhadevi near Siddhivinayaka Temple.

Sophie conveys her regards to you all.

Sincerely yours

Raj

253, First Main, Koramangala First Block, Jakkasandra Extn, Bangalore 560 034, INDIA
Tel: 08025539 640, 08025522 869



साहित्य अकादेमी
रवीन्द्र भवन, 35, फीरोजशाह मार्ग, नई दिल्ली 110 001
तार साहित्यकार, दूरभाष : 3386626-29
फैक्स 091-11-3382428

K.C. DUTT
General Editor
National Bibliography of Indian Literature
[Second Series 1954-2000]

Sahitya Akademi

(National Academy of Letters)
Rabindra Bhavan, 35, Ferozeshah Road, New Delhi 110 001
Gram : Sahityakar, Phone : 3386626-29
Fax : 091-11-3382428

SA.54/II/ (Oriya) 56246

6 January 2004
8

<u>National Bibliography of Indian Literature 1954-2000</u>
(Second Series) (ORIYA Section)

Dear Prof. J.M. Mohanty,

It was very kind of you to have accepted the position of honorary Language Adviser for this infrastructural project of national importance launched by the Akademi.

As reported by Sri Abakash Jena & Dr. B.P. Mahapatra, the Compiler-Bibliographer for Oriya language, the work of compilation is progressing well and they have assured me that with your active support, the compilation of Oriya section will be completed some time before August 2004.

As a senior scholar and adviser, I on behalf of the Sahitya Akademi would like to request you to kindly keep a watchful eye regarding the proper selection of books for this bibliography, and on the progress of the compilation work.

I am enclosing here with a printed booklet about this project covering the **synopsis** of the project and **directions**, for your kind reference.

A line of acknowledgement and assurance from you will be much appreciated. Soliciting your kind cooperation and support.

With regards and **Greetings for a happy new year**.

P.S. Kindly accept my Congratulations for the Akademi Award 2003
K C Dutt

Yours sincerely,
K C Dutt
(K.C. DUTT)
General Editor

Enclo: one copy of Synopsis & Directions

Professor J.M. Mohanty
1573, Madhuban Sarani
Bhakta madhu Nagar
Bhubane[redacted]

ମୋ ବଡ଼ଭାଇ

ପ୍ରଦୀପ ମହାନ୍ତି

ସାରସ୍ୱତ ସାଧକ ଯତୀନ୍ଦ୍ର ମୋହନ ମହାନ୍ତି ମୋ ବଡ଼ଭାଇ। ଆମ ମୂଳକର ଦେଦୀପ୍ୟମାନ ଜ୍ୟୋତିଷ୍କ ଖାଲି ଆମ ମୂଳକର ନୁହଁ, ମୋ ବଂଶର ଆମ ପରିବାରର ଏକ ଅମଳିନ ଜ୍ୟୋତିଶିଖା। ଚିର ବହ୍ନିମାନ ତାଙ୍କର ତେଜ ଓ ଦିପ୍ତୀ। ଥରୁଟିଏ ବଡ଼ଭାଇଙ୍କ ସାମନାରେ ଖୁଲମ୍‌ଖୁଲା କଥା ହେବାର ସାହସ ଆମ କେଉଁ ଭାଇ ଭଉଣୀଙ୍କର ନଥିଲା। ଏହାଥିଲା ଆମ ପରିବାରରେ ବଡ଼ଙ୍କ ପ୍ରତି ସଂଭ୍ରମ ଆଉ ସମ୍ମାନ। ଆଜି ତାଙ୍କ ଅବର୍ତ୍ତମାନରେ କିଛି ଲେଖିବାର ନିର୍ଦ୍ଦେଶ ଭାଉଜଙ୍କଠାରୁ (ଗୋଟେ ରକମ ତାଗିଦା) ପାଇ କଲମ ଧରିବାର ସାହସ କରିଛି। ମୁଁ ସାହିତ୍ୟିକ ନୁହେଁ, ମାତ୍ର ବଡ଼ଭାଇଙ୍କ ପ୍ରଭାବରେ, ମୋ ଅଜଣାରେ ମୁଁ ସାହିତ୍ୟ ପ୍ରାଣ ମଣିଷଟିଏ ହୋଇପାରିଛି କହିଲେ ହୁଏତ ଠିକ୍ ହେବ।

ତାଙ୍କର ଅନାବିଳ ଭଲ ପାଇବା ଆଗରେ ଶାସନର ଆଖି ଥିଲେ ହେଁ ଆମର ଅଦେଖାନ୍ତରେ ଅଫୁରନ୍ତ ସ୍ନେହ କରିବା, ଉଦାହରଣ ଦେଲାଭଳି ସ୍ମରଣୀୟ। କଲମ ଧରିଲେ ସାମନାକୁ ଚାଲି ଆସନ୍ତି ବଡ଼ଭାଇ। ଶୁଭିଯାଏ ତାଙ୍କରି କଥା- 'କନୁ କେତେବେଳେ ଆସିଲୁ, ଦାଦାଙ୍କ ଦେହ କେମିତି ଅଛି ?' ପରି ଆନ୍ତରିକତା, ଲୁହେଇ ଯାଏ ଆଖି। କେଉଁ ଦିଗରୁ ଆରମ୍ଭ କରିବି, ମୁଁ ବି ଦିଗହରା।

ମୋ ଜନ୍ମର ପଚିଶି ବର୍ଷ ପୂର୍ବରୁ ଅର୍ଥାତ୍ ୧୯୩୨ ମସିହାର ଏକ ଶୁଭ ସକାଳରେ ତାଙ୍କର ସୂର୍ଯ୍ୟସ୍ନାନ ହୋଇଥିଲା। ଆମ ପିଢିର ସେ ଯେହେତୁ ବଡ଼ ଓ ପ୍ରଥମ ପୁଅ ହେବାର ସୌଭାଗ୍ୟ ଲାଭ କରିଥିଲେ, ସମସ୍ତେ ତାଙ୍କୁ ଆମେ ବଡ଼ଭାଇ ବୋଲି ଡାକିଥାଉ। ତାଙ୍କର ସ୍ନେହ ଓ ଶାସନ ଉଭୟ ଥିଲା ଆମ ପାଇଁ ପୁଞ୍ଜି। ତାଙ୍କର ପଦେ ପଦେ କଥା ଆମ ଜୀବନପଥରେ ଗୀତା ଭାଗବତ ପରି ସମ୍ମାନସ୍ପଦ ଓ ସ୍ମରଣୀୟ ଥିଲା, ଅଛି, ରହିବ ଅନ୍ତତଃ ଆମେ ଥିବାଯାଏ।

ସ୍ୱଭାବରେ ସେ ଜଣେ ଶାନ୍ତ, କୋମଳ ପ୍ରକୃତିର ଲୋକଥିଲେ। ମାତ୍ର କୌଣସି ନିଷ୍ପତ୍ତି ନେବା ବେଳେ, ଆବଶ୍ୟକ ହେଲେ ବଜ୍ରଠାରୁ କଠିନ ଓ ଅଟଳ ରହୁଥିଲେ। ଏହା ମଧ ତାଙ୍କର ବ୍ୟକ୍ତିତ୍ୱକୁ ଗାରିମାମୟ କରୁଥିଲା।

ଜନ୍ମ କେନ୍ଦ୍ରାପଡ଼ା, ଶିକ୍ଷା କେନ୍ଦ୍ରାପଡ଼ା, କଟକ ଓ ସୁଦୂର ଲଣ୍ଡନରେ। କର୍ମଭୂମି କଟକ, ସମ୍ବଲପୁର, ଓ ଭୁବନେଶ୍ୱର, ଖ୍ୟାତି ସାରା ଓଡ଼ିଶା ତଥା ଭାରତବର୍ଷର ସୁଧୀ ମହଲରେ। ନିଜର ଅଧ୍ୟବସାୟ, ନିଷ୍ଠା ଓ ସାଧନା ବଳରେ ସରସ୍ୱତୀଙ୍କର ଅପାର କରୁଣା ଲାଭ କରିବା ପାଇଁ ସମର୍ଥ ହୋଇଥିଲେ ସେ।

ଓଡ଼ିଶା ସାହିତ୍ୟାକାଶରେ ଉଜ୍ଜ୍ୱଳ ଧ୍ରୁବତାରା ଭଳି ସଦା ଜାଜ୍ୱଲ୍ୟମାନ ତାଙ୍କର ପ୍ରଜ୍ଞା, ପ୍ରତିଭା। ଅଗଣିତ ସାହିତ୍ୟ ସାଧକମାନଙ୍କର ସେ ଥିଲେ ଜଣେ ଦିଗ୍‌ଦ୍ରଷ୍ଟା। ଓଡ଼ିଆ କବିତାର ନବ ପ୍ରଜନ୍ମକୁ ସତୁରୀ ଦଶକରେ ପ୍ରତିଷ୍ଠା ଦେବାଲାଗି ସେ ଯେଉଁ କ୍ରାନ୍ତିକାରୀ ଉଦ୍ୟମ କରିଥିଲେ ସେଥିରେ ତାଙ୍କୁ ଅସମ୍ଭବ ସଫଳତା ମିଳିଥିଲା ବୋଲି ସେ ବହୁ ଚର୍ଚ୍ଚିତ ଥିଲେ। ନୂଆ ଓଡ଼ିଆ କବିତାର ଅବବୋଧକୁ ଏକ ନିର୍ଦ୍ଦିଷ୍ଟ ସମାଲୋଚକୀୟ ଧାରା ତିଆରି କରିବାରେ ତାଙ୍କର ଅବଦାନକୁ କେହି ଭୁଲିବେ ନାହିଁ।

ବଡ଼ଭାଇଙ୍କର ବୃତ୍ତି ଥିଲା ଇଂରାଜୀ ଅଧ୍ୟାପନା। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ଦୀର୍ଘକାଳ ଇଂରାଜୀ ସାହିତ୍ୟ ଅଧ୍ୟାପନା କରି ଶହଶହ ଛାତ୍ରଛାତ୍ରୀରେ ପ୍ରିୟ ସାର୍ ହୋଇଥିଲେ। ତା'ସତ୍ତ୍ୱେ ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଅନୁରାଗ ଥିଲା ବିଶେଷ ଉଲ୍ଲେଖଯୋଗ୍ୟ। ଇଂରାଜୀ ସାହିତ୍ୟରେ ଅଧ୍ୟାପନା କରି ଓଡ଼ିଆ ସାହିତ୍ୟର ଆଲୋଚନା ପ୍ରତି ମନୋନିବେଶ

କରିବା ସେତେବେଳେ କିଛି କମ୍ କଥା ନଥିଲା । ଜୀବନର ଅନ୍ତିମ ପର୍ଯ୍ୟାୟରେ ବି ଓଡ଼ିଆ ସାହିତ୍ୟର ସର୍ବଶ୍ରେଷ୍ଠ କୀର୍ତ୍ତିମାନଙ୍କୁ ସଂକଳିତ କରାଇବା ଲାଗି ସେ ଯେଉଁ ପ୍ରୟାସ ଆରମ୍ଭ କରିଥିଲେ, ତା'ର ପଟାନ୍ତର ନାହିଁ ।

ସେହିପରି ପ୍ରାଚୀନ କାବ୍ୟ କବିତାର ସମ୍ଭାର ଓ ଗଦ୍ୟ, କଥାଶିଳ୍ପର ସଂକଳନ ମଧ୍ୟ ସେ କରିଛନ୍ତି । ନିଜ ତୁଣ୍ଡରେ ଭାଇର ଗୁଣଗାନ କରିବା ହୁଏତ ଅନେକଙ୍କୁ ଅସ୍ୱାଭାବିକ ଲାଗିପାରେ ମାତ୍ର ଏଥିରେ ତିଳାର୍ଦ୍ଧେ ଦ୍ୱିମତ ନାହିଁ ଯେ ଆମ ରାଜ୍ୟର ସାହିତ୍ୟ ଏକାଡ଼େମୀ କିମ୍ବା ଓଡ଼ିଆ ଭାଷା ପ୍ରତିଷ୍ଠାନ ଭଳି ସଂସ୍ଥା ଯାହା ଯାହା କରିବାକୁ ଏଯାଏ ସମର୍ଥ ହୋଇନାହାନ୍ତି, ଜଣେ ବ୍ୟକ୍ତିବିଶେଷ ଭାବରେ ତାହାକୁ ସେ ସଫଳତାର ସହ କରି ଦେଖାଇଛନ୍ତି । ଏଥିପାଇଁ ଆର୍ଥିକ ଅନୁଦାନ ତାଙ୍କୁ ମିଳିନାହିଁ କାହାଠୁ । ତାଙ୍କ ସଂକଳନର ସଂଖ୍ୟା ଓ ପରିମାଣକୁ ଦେଖିଲେ ବିଶ୍ୱାସ କରିହୁଏନି ଜଣେ ବ୍ୟକ୍ତି ଏତେ କାମ କରିପାରେ କେମିତି ? ଏ ଜାତି ତାଙ୍କ ପାଖରେ ନିଶ୍ଚିତ ରୂପେ କୃତଜ୍ଞ ରହିବ ନିଜ ମାତୃଭାଷା ଓ ପ୍ରାଚୀନ ସାହିତ୍ୟର ବିଭିନ୍ନ ବିଭାଗର ବିଭବକୁ ଏତେ ସୁନ୍ଦର ଭାବରେ ସଂକଳିତ କରି ରଖିଥିବା ଯୋଗୁଁ ।

ଗତ ୨୦୧୨ ଅଗଷ୍ଟ ଚଉଦ ତାରିଖରୁ ସେ ଆମଠାରୁ ଅନ୍ତର୍ହିତ । ଆମେ ହରାଇ ବସିଛୁ ଆମ ବଂଶର, ଆମ ପରିବାରର, ଆମ ପିଢ଼ିର ପ୍ରଥମ ପୁଅକୁ । ଅଶୀ ବର୍ଷ ବୟସ ଯେମିତି ତାଙ୍କ ପାଇଁ କିଛି ନଥିଲା । ଲେଖାପଢ଼ା, ଫୋନ୍‌ରେ କଥାବାର୍ତ୍ତା ସବୁ ଥିଲା ନିରୋଗ ସୁସ୍ଥ ଲୋକଟିଏ ଭଳି । ମାତ୍ର ଭିତରେ ଭିତରେ ଆସ୍ଥାନ ଜମାଇ ବସିଯାଇଥିଲା ଦୁଃସାଧ ରୋଗ । ସେ ଆଜି ଆମ ପାଖରେ ସ୍ୱଦେହରେ ନାହାନ୍ତି ସତ, ମାତ୍ର ତାଙ୍କର ସ୍ନେହ, ସ୍ମୃତି ଭୁଲିବାର ନୁହେଁ । ସମୟର ସୁଅରେ ସମସ୍ତେ ଦିନେ ଭାସିଯିବେ ଆରପାରିକୁ । ସେଇ ନ୍ୟାୟରେ ତାଙ୍କ ଅବର୍ତ୍ତମାନକୁ ଆମେ ମାନି ନେଉଛୁ ସିନା, ମନ ମାନୁନି କି ଆଖି କୂଳ ଧରୁନି ।

ଓଡ଼ିଆ ସାହିତ୍ୟ ପାଇଁ, ଆମ ପରିବାର ପାଇଁ ସେ ଚିର ଅମର । ସେ ଯେଉଁଠି ବି ଥାଆନ୍ତୁ, ଭଲରେ ଥାଆନ୍ତୁ । ତାଙ୍କର ଅମର ଆତ୍ମାର ସଦ୍‌ଗତି ହେଉ । ଏତିକି ଶ୍ରୀଶ୍ରୀ ସିଦ୍ଧ ବଳଦେବଜୀଉ ଓ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ।

ଶ୍ୟାମସୁନ୍ଦରପୁର, କେନ୍ଦ୍ରାପଡ଼ା
ମୋ : ୯୪୩୭୬୦୭୬୧୫







ବିଦ୍ୟା, ଭୁବନେଶ୍ୱର